RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-279 ◆TUESDAY ◆07 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୭୯ ◆ମଙ୍ଗଳବାର ◆୦୭ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ଅଲ୍ଲୀ ଅବ୍ବାସଙ୍କ ଫିଲ୍ମରେ ଅହାନ୍

▶ପୃଷ୍ଠା ୧୧ ଦେଖନ୍ତୁ...

# ହାଜତରେ ବାପା-ପୁଅଙ୍କୁ ମାରିଥିବା ୯ ପୁଲିସ କର୍ମଚାରୀଙ୍କୁ ମୃତ୍ୟୁଦଣ୍ଡ



■ ମଦୁରାଇ, ୬।୪ (ଏଜେନ୍ସି): ତାମିଲନାଡୁରେ ବାପା-ପୁଅ ହାଜତମୃତ୍ୟୁ ମାମଲାରେ ୯ ଜଣ ପୁଲିସ କର୍ମଚାରୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି ମଦୁରାଇର ଏକ ଅଦାଲତ। ୨୦୨୦ର ଏହି ବର୍ବରକାଣ୍ଡ ପାଇଁ ପୁଲିସ କର୍ମଚାରୀଙ୍କୁ ଆଜି ମୃତ୍ୟୁଦଣ୍ଡ ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। କୋଭିଡ୍ ସମୟରେ ମିଛ ମାମଲାରେ ଫସାଇ ପୁଲିସ ଏହି ବ୍ୟବସାୟୀ ବାପା-ପୁଅଙ୍କୁ ଥାନା ଭିତରେ ଅକଥନୀୟ ନିର୍ଯାତନା ଦେବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା ଏବଂ ଏହା ସେତେବେଳେ ଦେଶବ୍ୟାପୀ ଉଦ୍‌ବେଗ ସୃଷ୍ଟି କରିଥିଲା। ଏହାକୁ ବିରଳରୁ ବିରଳତମ ମାମଲା ଦର୍ଶାଇ ମଦୁରାଇର ଜିଲ୍ଲା ଜଜ୍ ଜି. ମୁଥୁକୁମାରନ ୯ ଅଭିଯୁକ୍ତ ପୁଲିସ ଅଧିକାରୀ/କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି।

ମୃତ୍ୟୁ ଦଣ୍ଡାଦେଶ ପାଇଥିବା ପୁଲିସ ମଧ୍ୟରେ ଅଛନ୍ତି ଜଣେ ଇନ୍ସପେକ୍ଟର, ଦୁଇ ଜଣ ସବ୍‌ଇନ୍ସପେକ୍ଟର, ଦୁଇ ଜଣ ହେଡ୍ କନେଷ୍ଟବଳ ଏବଂ ୪ ଜଣ କନେଷ୍ଟବଳ। ଏହି ମାମଲାରେ ୧୦ ଜଣଙ୍କୁ ଗିରଫ କରାଯାଇଥିଲା ବେଳେ ଜଣେ ଅଭିଯୁକ୍ତ ପୁଲିସ ଅଫିସର କୋଭିଡ୍ ରୋଗରେ ଆକ୍ରାନ୍ତ ହୋଇ ୨୦୨୦ରେ ପ୍ରାଣ ହରାଇଥିଲେ। ୨୦୨୧ରେ ମାମଲାର ବିଚାରପ୍ରକ୍ରିୟା ଆରମ୍ଭ ହୋଇଥିଲା।

ସୂଚନାଯୋଗ୍ୟ ଯେ ବାପା ଜୟରାଜ ଏବଂ ପୁଅ ବେନିକ୍ସଙ୍କର ଏକ ମୋବାଇଲ ଦୋକାନ ରହିଛି। ଜୟରାଜ ତାଙ୍କ ପୁଅର ମୋବାଇଲ ଦୋକାନରେ ବସିଥିବା ବେଳେ ୧୯ ଜୁନ୍ ୨୦୨୦ରେ ▶ପୃଷ୍ଠା-୭

# କମିବନି କାଳବୈଶାଖୀ

## ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା, କୁଆପଥର ମାଡ଼



■ ଭୁବନେଶ୍ୱର, ୬।୪ (ସମିସ): ଓଡ଼ିଶା ଆକାଶରୁ ହଟୁନାହିଁ କଳାହାଣ୍ଡିଆ ମେଘ। ବୈଶାଖ ଆଗମନ ପୂର୍ବରୁ ରାଜ୍ୟରେ ଚାଲିଛି ଝମାଝମ୍ ବର୍ଷା। ବର୍ଷାର ପ୍ରଭାବ ବିଶେଷ ରହୁ ନ ଥିଲେ ମଧ୍ୟ ଆକଶରେ ଚକ୍‌ମକ୍ ବିଜୁଳି ଚମକୁଛି। ଘଡ଼ଘଡ଼ି ସାଙ୍ଗକୁ ସ୍ଥାନେ ସ୍ଥାନେ କୁଆପଥର ମାଡ଼ ଲୋକଙ୍କୁ ଭୟଭୀତ କରାଇ ଦେଉଛି। ଗଲା ୩-୪ ଦିନ ହେବ ଉପକୂଳବର୍ତ୍ତୀ ଜିଲ୍ଲା ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ଏହି ସ୍ଥିତି ଲାଗି ରହିଛି। ସୋମବାର ବଲାଙ୍ଗିରରେ କୁଆପଥର ବର୍ଷା କଶ୍ମୀରର ଭ୍ରମ ସୃଷ୍ଟି କରିଛି। ଦିନ ବେଳା ଯାହା ଯେମିତି ଖରାଟିଆ ପାଗ ରହୁଛି; ହେଲେ ଅପରାହ୍ଣ ପରେ ପାଗରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସିବା ସହ ରାଜ୍ୟର ଅଧିକାଂଶ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସ୍ଥିତି ସୃଷ୍ଟି ହେଉଛି। ଏହି ସମୟରେ ଅନେକ ସ୍ଥାନରେ ପବନର ବେଗ ମଧ୍ୟ ବୃଦ୍ଧି ୪୦ରୁ ୫୦ କିମି ପର୍ଯ୍ୟନ୍ତ ରହୁଛି। ସାରା ରାଜ୍ୟରେ ପାଣିପାଗର ଏଭଳି ପ୍ରଭାବ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

▶ ଏପ୍ରିଲରେ ଅସ୍ଥିର ପାଣିପାଗ ସ୍ଥିତି

▶ ମେ' ସାଜିବ ବର୍ଷର ଉତ୍ତପ୍ତ ମାସ

▶ ସ୍ୱାଭାବିକ ଆସିପାରେ ମୌସୁମୀ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମଙ୍ଗଳବାର ରାଜ୍ୟର ୭ ଜିଲ୍ଲା କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜକୁ ବଜ୍ରପାତ ସହ ବର୍ଷା ଓ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଅନ୍ୟପଟେ ପାଣିପାଗ ▶ପୃଷ୍ଠା-୭

## ପୁଣି ଇରାନକୁ ଟ୍ରମ୍ପଙ୍କ ଧମକ

# ଗୋଟିଏ ରାତିରେ ଧ୍ୱଂସ

## ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଉଡ଼ାଇ ଦିଆଯିବ ସମସ୍ତ ଶକ୍ତି କେନ୍ଦ୍ର ଓ ସେତୁ

■ ତେହରାନ/ୱାସିଂଟନ, ୬।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧର ନିଆଁ ଆହୁରି ଭୟଙ୍କର ରୂପ ଧାରଣ କରିଛି। ସୋମବାର ପ୍ରତ୍ୟୁଷରେ ଆମେରିକା ଓ ଇସ୍ରାଏଲର ମିଳିତ ବିମାନ ଆକ୍ରମଣରେ ଇରାନର ଶକ୍ତିଶାଳୀ ସାମରିକ ସଂଗଠନ ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ଗୁଇନ୍ଦା ମୁଖ୍ୟ ମେଜର ଜେନେରାଲ ମଜିଦ ଖାଦେମି ପ୍ରାଣ ହରାଇଛନ୍ତି। ଇରାନ ରାଜଧାନୀ ତେହରାନ ସମେତ ବିଭିନ୍ନ ଆବାସିକ ଅଞ୍ଚଳକୁ ଟାର୍ଗେଟ କରି କରାଯାଇଥିବା ଏହି ଆକ୍ରମଣରେ ଖାଦେମିଙ୍କ ସମେତ ପ୍ରାୟ ୨୫ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏହାକୁ ନେଇ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ହର୍ମୁଜ ଖୋଲିବା ସହିତ ଯୁଦ୍ଧବିରତି ଲାଗି ଆମେରିକା ଦେଇଥିବା ପ୍ରସ୍ତାବକୁ ଇରାନ ପୁଣି ପ୍ରତ୍ୟାଖ୍ୟାନ କରିଛି। ଇରାନ କହିଛି ଯେ ଏହା କେତେକ ସର୍ତ୍ତ ସହିତ ସ୍ଥାୟୀ ଯୁଦ୍ଧବିରତି ଚାହୁଁଛି। ଅସ୍ଥାୟୀ ଯୁଦ୍ଧବିରତି ଇରାନକୁ ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ୪୮ ଘଣ୍ଟିଆ ସମୟସୀମା ମଙ୍ଗଳବାର ସନ୍ଧ୍ୟାରେ ଶେଷ ହେବାକୁ ଯାଉଥିବା ବେଳେ ଯୁଦ୍ଧବିରତି ନେଇ ସହମତି ହୋଇପାରୁ



ନାହିଁ। ତେଣୁ ଯୁଦ୍ଧ ଆହୁରି ଭୟଙ୍କର ଓ ବିଧ୍ୱଂସୀ ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। ଏହି ଆଶଙ୍କା ମଧ୍ୟରେ ରାଷ୍ଟ୍ରପତି

**ଆମେରିକା ଆକ୍ରମଣରେ ଆଇଆର୍‌ଜିସି ଗୁଇନ୍ଦା ମୁଖ୍ୟ ମାଜିଦ ନିହତ**

ଟ୍ରମ୍ପ ଆଜି ପୁଣି ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ସମଗ୍ର ଇରାନକୁ ଧ୍ୱଂସ କରିବା ଲାଗି ଗୋଟିଏ ରାତି ହିଁ ଯଥେଷ୍ଟ। ଏହି ରାତି ଆସନ୍ତାକାଲି ହୋଇପାରେ। ଆମେରିକାର ସେନା ଅନ୍ୟମାନଙ୍କ ଅପେକ୍ଷା ଅଧିକ ଦକ୍ଷ। ଗୋଟିଏ ରାତିରେ ହଜାର ହଜାର କମାଣ୍ଡୋ ଇରାନରେ ଅବତରଣ କରି ଧ୍ୱଂସଲୀଳା ଚଳାଇବେ। ଶକ୍ତିଶାଳୀ କ୍ଷେପଣାସ୍ତ୍ର ମଧ୍ୟ ପ୍ରସ୍ତୁତ ହୋଇରହିଛି। ଇରାନର ସମସ୍ତ ଶକ୍ତି ପ୍ରତିଷ୍ଠାନ ଓ ପୋଲକୁ ଧ୍ୱଂସ କରିଦିଆଯିବ ବୋଲି ସେ ଧମକ ଦେଇଛନ୍ତି।

ଟ୍ରମ୍ପଙ୍କ ଏଭଳି ଧମକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଇରାନ। ଇରାନ ସଂସଦର ବାଚସ୍ପତି କହିଛନ୍ତି ଯେ ଆମେରିକା ଓ ଇସ୍ରାଏଲକୁ କଡା ଜବାବ ଦେବାଲାଗି ଇରାନ ପ୍ରସ୍ତୁତ ଅଛି। ଟ୍ରମ୍ପଙ୍କ ▶ପୃଷ୍ଠା-୭

# ୧୪ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ

■ ଭୁବନେଶ୍ୱର, ୬।୪ (ସମିସ): ରାଜ୍ୟ ସରକାର ସୋମବାର ୧୪ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ଦେଇଛନ୍ତି। ଦୀର୍ଘଦିନ ଧରି ବିଶ୍ୱବିଦ୍ୟାଳୟରେ ଅଚଳାବସ୍ଥା ଜାରି ରହିବା ପରେ କୁଳାଧିପତି ତଥା ରାଜ୍ୟପାଳ ଖାଲି ଥିବା ସମସ୍ତ ପଦରେ ନୂତନ ନିଯୁକ୍ତି ଦେଇଛନ୍ତି।

ସୂଚନାଯୋଗ୍ୟ, ଖାଲି ପଡ଼ିଥିବା ପଦରେ ନିଯୁକ୍ତି ଦେବାରେ ମାତ୍ରାଧିକ ବିଳମ୍ବ କାରଣରୁ ବିରୋଧୀ ସରକାରଙ୍କୁ ଘେରିଥିଲେ। ଏ ସଂକ୍ରାନ୍ତରେ ବିଜେଡି ରାଜ୍ୟପାଳଙ୍କୁ ଭେଟି ତୁରନ୍ତ କୁଳପତି ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିବା ସହ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରସଙ୍ଗକୁ ପ୍ରମୁଖତାର ସହ ଲୋକଲୋଚନକୁ ଆଣିଥିଲା। କୁଳପତି ନିଯୁକ୍ତି ହୋଇ ନ ପାରିବା ସରକାରଙ୍କ ଅପାରଗପଣିଆର ପରିଣାମ ବୋଲି ବିଜେଡି ଅଭିଯୋଗ କରିଥିଲା। ଖାଲି ସେତିକି ନୁହେଁ, ବିଧାନସଭା ଅଧିବେଶନରେ ବି ବିରୋଧୀ ଦଳ ବିଧାୟକମାନେ ବାରମ୍ବାର ଏ ▶ପୃଷ୍ଠା-୭

| ବିଶ୍ୱବିଦ୍ୟାଳୟ | କୁଳପତି |
|---|---|
| ଉତ୍କଳ | ଚଣ୍ଡୀ ପ୍ରସାଦ ନନ୍ଦ |
| ରେଭେନ୍ସା | ଅର୍କ କୁମାର ଦାସ ମହାପାତ୍ର |
| ଧରଣୀଧର | ସଞ୍ଜୟ କୁମାର ପାତ୍ର |
| ଗଙ୍ଗାଧର ମେହେର | ବ୍ୟୋମକେଶ ତ୍ରିପାଠୀ |
| ଖଲ୍ଲିକୋଟ | ଅସୀମା ସାହୁ |
| ମା' ମାଣିକେଶ୍ୱରୀ | ପୱନ କୁମାର ଅଗ୍ରୱାଲ |
| ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ | ଶିବରାମ ତ୍ରିପାଠୀ |
| ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ | ମହେନ୍ଦ୍ର କୁମାର ମହାନ୍ତି |
| ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ | ବିଭୂତି ଭୂଷଣ ମଲିକ |
| ରମାଦେବୀ | ଜ୍ୟୋତ୍ସ୍ନା କେ.ବି ରାଉତ |
| ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ | ପ୍ରଭାତ କୁମାର ମହାପାତ୍ର |
| ବିକ୍ରମଦେବ ବିଶ୍ୱବିଦ୍ୟାଳୟ | ହୃଷୀକେଶ ସେନାପତି |
| ଓଡ଼ିଆ ବିଶ୍ୱବିଦ୍ୟାଳୟ | ସତ୍ୟନାରାୟଣ ଆଚାର୍ଯ୍ୟ |
| ଫକୀର ମୋହନ ବିଶ୍ୱବିଦ୍ୟାଳୟ | ସନ୍ତୋଷ ତ୍ରିପାଠୀ (ଅପରିବର୍ତ୍ତିତ) |






## ସରକାରଙ୍କ 'ୟୁ' ଟର୍ଣ୍ଣ

# ମନ୍ତ୍ରୀ କହିଲେ 'ନା', ସଚିବ କହିଲେ 'ହଁ'

**କେନ୍ଦ୍ର ନିୟମ ନ ଜାଣି ମନ୍ତ୍ରୀ କରିଥିଲେ ମନା**

**ଦିନକ ପରେ ସଚିବଙ୍କ ମୁହଁରେ କୁହାଇଲେ 'ହଁ'**

**୫ କେଜି ଟାଙ୍କି ପାଇଁ ଲୋଡ଼ା କେବଳ ପରିଚୟପତ୍ର**

■ ଭୁବନେଶ୍ୱର, ୬।୪ (ସମିସ): କେନ୍ଦ୍ର ସରକାର, ବିଭିନ୍ନ ପେଟ୍ରୋଲିୟମ କମ୍ପାନୀ ୫ ଲିଟର ଗ୍ୟାସ ସିଲିଣ୍ଡର ପ୍ରଦାନରେ କୌଣସି ପ୍ରତିବନ୍ଧକ ଲଗାଇ ନାହାନ୍ତି। ଗତ ୧୨ ଦିନ ମଧ୍ୟରେ ସାରା ଦେଶରେ ପାଖାପାଖି ୭ ଲକ୍ଷ ୫ ଲିଟର ଗ୍ୟାସ ସିଲିଣ୍ଡର ସଂଯୋଗ ଦିଆଯାଇଛି। କେବଳ ଗତ ୪ ତାରିଖ ଅର୍ଥାତ୍ ଗୋଟିଏ ଦିନରେ ବିଭିନ୍ନ ପେଟ୍ରୋଲିୟମ କମ୍ପାନୀର ଡ଼ିଲରମାନେ ଦେଶରେ ୯୦ ହଜାର ୫ କେଜି ଟାଙ୍କି ଦେଇଛନ୍ତି। ଏ ନେଇ କୌଣସି ପ୍ରତିବନ୍ଧକ ମଧ୍ୟ ଜାରି ହୋଇ ନାହିଁ। ମାତ୍ର ରାଜ୍ୟ ଯୋଗାଣମନ୍ତ୍ରୀ ଦିନକ ତଳେ ସଫାସଫା ରାଜ୍ୟରେ ୫ ଲିଟର ଟାଙ୍କି ବିକ୍ରି ହେବ ନାହିଁ ବୋଲି ମନା କରିଥିଲେ। ଏହାକୁ ନେଇ ରାଜ୍ୟ ସରକାର ଅଡୁଆରେ ▶ପୃଷ୍ଠା-୭

## ଆଜାଦ୍‌ନଗର ବୋମା ବିସ୍ଫୋରଣ ମାମଲା

# ଏନ୍‌ଆଇଏ ନେଲା ତଦନ୍ତ ଭାର

■ ଭୁବନେଶ୍ୱର, ୬।୪ (ସମିସ): ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଆଜାଦ୍‌ନଗର ଅଞ୍ଚଳରେ ବୋମା ବିସ୍ଫୋରଣ ମାମଲାର ତଦନ୍ତ ଭାର ଏନ୍‌ଆଇଏ ହାତକୁ ଯାଇଛି। ଏଣିକି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହାର ତଦନ୍ତ କରିବ। ପୂର୍ବରୁ ଏହି ମାମଲାର ତଦନ୍ତ ଭାର କମିଶନରେଟ୍ ପୁଲିସ ହାତରେ ଥିଲା। ତେବେ ବିସ୍ଫୋରଣ ସ୍ଥଳରୁ ଆର୍‌ଡିଏକ୍ସରେ ବ୍ୟବହୃତ ଏକ ଉପାଦାନ ମିଳିବା ପରେ ଏନ୍‌ଆଇଏ ଏହାର ତଦନ୍ତଭାର ନେଇଛି। ମଫି ଘରେ ହୋଇଥିବା ବିସ୍ଫୋରଣ, ଅପରାଧିକ ଲିଙ୍କ, ଆତଙ୍କୀ ହମଲା ସମ୍ପର୍କରେ ଏନ୍‌ଆଇଏ ତଦନ୍ତ କରିବ। ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦା ଆଜାଦ ନଗର ଅଞ୍ଚଳରେ ଥିବା ଏକ ୫ମହଲା ଘରର ଛାତ ଉପରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ▶ପୃଷ୍ଠା-୭

**ମଫିର କ୍ରାଇମ୍ ନେଟ୍‌ୱର୍କର ଖୋଲତାଡ଼ ହେବ**

# ଗିଳିଦେଲେ ଲଘୁ ଖଣିଜ ଦ୍ରବ୍ୟ

## ଦିନ ଦ୍ୱିପ୍ରହରେ ବେଧଡ଼କ ଲୁଟ୍, ସରକାର ନୀରବଦ୍ରଷ୍ଟା

■ ଭୁବନେଶ୍ୱର, ୬।୪ (ସମିସ): ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ ଚୋରି ସୀମା ଲଂଘିଲାଣି। ୩୦ଟି ଯାକ ଜିଲ୍ଲାରେ ବେଧଡ଼କ ଭାବରେ ବାଲିଠୁ ମୋରମ, ପଥର ଯାଏଁ ଚୋରା ଚାଲାଣ ହେଉଥିଲେ ହେଁ ସରକାର ଏକପ୍ରକାର ମୁହଁରେ ତୁଣ୍ଡି ବାନ୍ଧି ବସିଛନ୍ତି। ସ୍ଥାନୀୟ ସ୍ତରରେ ବିଜେପି ନେତା-ଖଣି ବିଭାଗ ଓ ପୁଲିସର ମଧୁଚନ୍ଦ୍ରିକାରେ ଲଘୁ ଖଣିଜ ଦ୍ରବ୍ୟକୁ ଲୁଟିନିଆଯାଉଛି ବୋଲି ଏବେ ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ହଜାର ହଜାର କୋଟି ଟଙ୍କାର ବାର୍ଷିକ ରାଜସ୍ୱ ହରାଉଥିବା ବେଳେ ସରକାରଙ୍କ ନିରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ରାଜ୍ୟବ୍ୟାପୀ ଏହି ଚୋରି ସୀମା ଲଂଘିଥିବା ବିରୋଧୀ ଦଳ କରିଥିବା ଅଭିଯୋଗ ଯେ ଅସତ୍ୟ ନୁହେଁ ତାହା ପ୍ରମାଣିତ ହୋଇଛି। ଖୋଦ ଖଣିମନ୍ତ୍ରୀ ବିଭୂତି ଜେନା

**ଶାସକ ଦଳ ନେତା-ବିଭାଗ-ପୁଲିସ ମଧ୍ୟରେ ମଧୁଚନ୍ଦ୍ରିକା**

**ସରକାର ହରାଉଛନ୍ତି ଶହଶହ କୋଟି ଟଙ୍କାର ରାଜସ୍ୱ**

ବିଧାନସଭାରେ ବି ଏହାକୁ ସ୍ୱୀକାର କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ସଂପୃକ୍ତ ଥିବା କାରଣରୁ ମୋଟ ୪୬୭୬ଟି ଗାଡ଼ି ଧରା ହୋଇଛି ଓ ସେମାନଙ୍କ ନିକଟରୁ ୪୮ କୋଟି ୧୬ ଲକ୍ଷ ୮୭୦୦୧ ଟଙ୍କା ଜରିମାନା ▶ପୃଷ୍ଠା-୭




## ବଜ୍ରପାତରେ ୫ ବଳଦ ମୃତ

**ଧର୍ମଗଡ଼/ଗୋଲାମୁଣ୍ଡା, ୬।୪(ସମିସ):** ସୋମବାର ଅପରାହ୍ନରେ ପ୍ରବଳବର୍ଷା ସହ ବଜ୍ରପାତ ଫଳରେ ଗୋଲାମୁଣ୍ଡା ଥାନା ଗୁଡ଼ୁଡ଼ଘୁମା ଗାଁର ଚାରିଜଣ ଚାଷୀଙ୍କର ପାଞ୍ଚଟି ବଳଦଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗାଁର ଚାଷୀ ମୁରଲୀ ମାଝୀ, ଘନଶ୍ୟାମ ମାଝୀ, ମକଧ୍ୱଜ ମାଝୀ, ବନି ମାଝୀଙ୍କ ବଳଦମାନଙ୍କୁ ନିକଟସ୍ଥ ପଡ଼ିଆରେ ଚରାଇବା ପାଇଁ ଛାଡ଼ିଥିଲେ। ସନ୍ଧ୍ୟାରେ ହଠାତ୍ ପ୍ରବଳ ବର୍ଷା ଏବଂ ଘଡ଼ଘଡ଼ି ଆରମ୍ଭ ହୋଇଥିଲା।ହଠାତ୍ ବଜ୍ରପାତ ବଳଦମାନଙ୍କ ଉପରେ ପଡ଼ିଥିଲା। ଘଟଣାସ୍ଥଳରେ ହିଁ ପାଞ୍ଚଟି ବଳଦଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକମାନେ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ପ୍ରଶାସନ ତରଫରୁ ଏ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ।

## ୪ ଦିନ ହେଲା କେସିଙ୍ଗାରେ ସବୁ ଏଟିଏମ୍ ଅଚଳ

**କେସିଙ୍ଗା, ୬।୪(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହର ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ସାଙ୍ଗକୁ ପ୍ରମୁଖ ରେଳଷ୍ଟେସନ ରହିଛି। ଅନ୍ୟପକ୍ଷରେ ଆଖପାଖ ଅଞ୍ଚଳର ବହୁ ଲୋକେ ନିତିଦିନିଆ କାମ ପାଇଁ କେସିଙ୍ଗା ଆସିଥାନ୍ତି।ଆଗରୁ ଚୋରି, ରାହାଜାନୀର କେସିଙ୍ଗାରେ ଅନେକ ଉଦାହରଣ ଥିବାରୁ ଲୋକମାନେ ହାତରେ ଟଙ୍କା ନଆଣି ଏଟିଏମ୍ ଧରି ଆସି ଥାଆନ୍ତି। କିନ୍ତୁ ହାତ ଗୁରୁବାର ଦିନ ଠାରୁ କେସିଙ୍ଗାର କୌଣସି ଏଟିଏମ୍‌ରେ ଟଙ୍କା ନ ଥିବାରୁ ଅନେକ ଲୋକ ନାହିନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରକାଶ ଥାଉକି କେସିଙ୍ଗାରେ ଏସବି ଆଇର ୩ଟି ଏଟିଏମ୍ ବ୍ୟତୀତ ଭାରତ ସରକାରଙ୍କ ଅଧିନରେ ଥିବା ପ୍ରାୟ ସମସ୍ତ ବ୍ୟାଙ୍କର ଏଟିଏମ୍ କାଉଣ୍ଟର ରହିଛି। ସହରରେ ପ୍ରାୟ ୧୦ରୁ ୧୨ଏଟିଏମ୍ ଥିଲେ ମଧ୍ୟ ବିଗତ ୪ ଦିନରେ କୌଣସି ଏଟିଏମ୍‌ରେ ଟଙ୍କା ନଥିବା ଅଭିଯୋଗ ହେଉଛି।

## କାର୍-ବାଇକ୍ ଧକ୍କାରେ ଜଣେ ଗୁରୁତର



**ଲାଞ୍ଜିଗଡ଼, ୬।୪ (ସମିସ):** ଲାଞ୍ଜିଗଡ଼ ଥାନା ଛତ୍ରପୁର ପଞ୍ଚାୟତ ଟାଙ୍ଗନକଣା ଛକ ନିକଟରେ କାର୍-ବାଇକ ମୁହାଁମୁହିଁ ଧକ୍କାରେ ଦୁଇ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛି। ଏମାନେ ହେଲେ ଲାଞ୍ଜିଗଡ଼ ଥାନା ଛତ୍ରପୁର ପଞ୍ଚାୟତର ହରେକୃଷ୍ଣପୁର ଗ୍ରାମର ରମେଶ ମାଝୀ (୨୩), ବିଶ୍ୱନାଥପୁର ଥାନା ପନ୍ଧପାରି ପଞ୍ଚାୟତର ରାଜେନ୍ଦ୍ରପୁର ଗ୍ରାମର ହେମନ୍ତ ମାଝୀ (୨୯) ଏବଂ ତରୁଣ ମାଝୀ (୨୩) ଅଟେ ଓ ସୂଚନାନୁସାରେ ସୋମବାର ମଧ୍ୟାହ୍ନରେ ଭାଟଗୁଡା ଠାରୁ ଲାଞ୍ଜିଗଡ଼ ଆଡକୁ ମାରୁତି କାର ନଂ ଓଡି ୦୩-ଏସି-୨୭୪୪ ଆସୁଥିବା ସମୟରେ ଲାଞ୍ଜିଗଡ଼ ଠାରୁ ହରେକୃଷ୍ଣପୁର ଗ୍ରାମକୁ କେଟିଏମ୍ ବାଇକ୍‌ରେ ତିନିଜଣ ବସି ଦ୍ରୁତଗତିରେ ଯାଉଥିବା ସମୟରେ କାର୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତିନିଜଣ ଯାକ ରାସ୍ତା ଉପରେ ଗୁରୁତର ଅବସ୍ଥାରେ ଛିଟିକି ପଡ଼ିଥିଲେ। ଖବରପାଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏସ୍ଆଇ ଡୋଳା ମଣି ବିଶି, ଏଏସ୍ଆଇ ବଳଭଦ୍ର ଗୌଡ଼ ପୁଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଡକାଇ ଲାଞ୍ଜିଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନାରେ ତିନିଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ରମେଶ ମାଝୀଙ୍କ ଅବସ୍ଥା ଗୁରୁତର ଦେଖି ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ।ଉଭୟ କାର୍ ଓ ବାଇକ୍‌କୁ ପୁଲିସ ଜବତ କରି ଥାନାକୁ ଆଣିଥିବା ସୂଚନା ମିଳିଛି।

## କଣ୍ଟେନରରେ ବେଆଇନ ଗୋରୁ ଚାଲାଣ; ୪ ଗିରଫ

**ଭବାନୀପାଟଣା,୬।୪(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦରଥାନା ରିଷଗାଁ ବାଇପାସ ରାସ୍ତାରେ ଏକ କଣ୍ଟେନରରେ ଗୋରୁ ଚାଲାଣ ହେଉଥିବା ଖବର ପାଇ ଗୋରକ୍ଷକ ଏବଂ ସ୍ଥାନୀୟ କିଛି ଯୁବକ ଗାଡ଼ିକୁ ଅଟକାଇ ସମସ୍ତ ଗାଇ ଉଦ୍ଧାର କରିଥିଲେ। ସଦର ଥାନା ପୁଲିସ ପହଞ୍ଚି ୪ ଗୋରୁ ଚାଲାଣକାରୀଙ୍କୁ ଗିରଫ କରିଛି।ପୁଲିସ ବେଆଇନ ଗୋରୁ ଚାଲାଣରେ ସାମିଲ ଥିବା ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖପାଟନାମ ଜିଲ୍ଲାର ମମିଡ଼ି ଶିବା (୪୨), ଆଇ ରାଜୁ (୪୦), କେରଳର ଜୋବିଶ ପି କୁରିଆନ (୪୯) ତାମିଲନାଡୁର ଟି ଶଶୀ କୁମାର (୩୮)କୁ ଏନିମଲ ଆକ୍ଟର ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ବ୍ୟବହୃତ କଣ୍ଟେନର ନଂ କେଏ୫୧-ବି ୮୯୩୮କୁ ପୁଲିସ ଜବତ କରି ଥାନାରେ ଅଟକ ରଖିଛି। ଗିରଫ ଡ୍ରାଇଭରମାନେ ଗୋରୁ ଚାଲାଣ ନିୟମିତ ଚାଲିଥିବା ସ୍ୱୀକାର କରିଛନ୍ତି। ଆଜିର ଏହି ଘଟଣାରେ କଣ୍ଟେନାର ନୂଆପଡ଼ା ଜିଲ୍ଲାରୁ ବାହାରି ଆନ୍ଧ୍ର ପ୍ରଦେଶ ଯାଉଥିବା ଜଣାପଡ଼ିଛି। ଏ ନେଇ ଭବାନୀପାଟଣା ସଦର ଥାନାରେ ମାମଲା ନଂ୧୨୪/୨୬ରେ ମାମଲା ରୁଜୁ ହୋଇଥିବା ସ୍ଥାନୀୟ ଏସ୍‌ଡିପିଓ ନରେଶ ପ୍ରଧାନ ସୂଚନା ଦେଇଛନ୍ତି।

# ତାଣ୍ଡବ ରଚିଲା କାଳବୈଶାଖୀ

## ୫ ମିନିଟରେ ଉପାଡ଼ିଲା ବିପୁଳ ଗଛ

**କଳମପୁର, ୬।୪(ସମିସ)**

ଦିନ ତମାମ ପାଗ ଶୁଖିଲା ଥିଲା, ସମୟ ଅପରାହ୍ନ ୩ଟା ୨୨ମିନିଟ, ଚାହୁଁ ଚାହୁଁ ମାଡି ଆସିଲା ପ୍ରବଳ ବେଗରେ ପବନ, ପବନ ସହିତ ବର୍ଷା ଓ କୁଆପଥର, ୫ମିନିଟରେ କଳମପୁର ସଦରମହକୁମାର ସମଗ୍ର କଳମପୁରବାସୀ। ଇନ୍ଦ୍ରାବତୀ କଲୋନୀରେ ଉପାଡ଼ି ହୋଇ ପଡ଼ିଥିଲା ଏକାଧିକ ଗଛ, ଲୋକଙ୍କ ଯିବା ଆସିବା ରାସ୍ତା ଅବରୋଧ ହୋଇଥିଲା। ଲୋକେ ମିଶି ଗଛ କାଟି ରାସ୍ତା ସଫା କରିଥିଲେ, ଏଥି ସହିତ ଗଛ ବିଦ୍ୟୁତ୍ ତାର ଉପରେ ପଡ଼ିଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ସୁବିଧା ଲାଗି ମଝିରେ ଏକ



ଅଞ୍ଚଳକୁ ଓଲଟପାଲଟ କରିଦେଲା। ବୃକ୍ଷଲତା ସବୁ ଛିନ୍ନଛତ୍ର ହୋଇଗଲା। କାଳବୈଶାଖି କଳମପୁର ଅଞ୍ଚଳକୁ ଗ୍ରାସକରି ତାଣ୍ଡବ ରଚିଥିଲା। ଫଳରେ ବିଭିନ୍ନ ପ୍ରକାରର ଅସୁବିଧାର ସାମ୍ନା କରିଥିଲେ ଗଛ ଲଗାଯାଇଥିଲା। ତାହା ଉପାଡି ହୋଇ ପଡ଼ିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଭିତରକୁ ଯିବା ଆସିବାରେ ବାଧକ ସାଜିଥିଲା, ଅଗ୍ନିଶମବାହାନି ପହଞ୍ଚି ଗଛ କାଟି ବାଟ ସଫା କରିଥିଲେ। ବିଦ୍ୟୁତ୍ ସଂଯୋଗ ହୋଇଥିବା ତାର ଉପରେ ଗଛ ପଡ଼ିବାରୁ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ବ୍ଲକ ରାସ୍ତାରେ ମଧ୍ୟ ଏକାଧିକ ଗଛପଡ଼ି ରାସ୍ତା ଅବରୋଧ ହୋଇଥିଲା। ବ୍ଲକ ପରିସର ଥାନା ପରିସରରେ ଗଛ ଉପାଡି ହୋଇ ପଡ଼ିଯାଇଥିଲା। ପବନର ବେଗ ତୀବ୍ର ଥିବାରୁ ରବୁ କାଳୀନ ଚାଷ ଉଜୁଡି ଯିବା ସହିତ ଧାନ ଚାଷରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। କୁଆପଥର ମାଡ ଏତେ ପ୍ରବଳ ଥିଲା ଯେ ଅନେକ ସ୍ଥାନରେ ଘଣ୍ଟା ଘଣ୍ଟା ଧରି ଆସ୍ତରଣ ଜମି ରହିଥିଲା। ଏଭଳି କୁଆପଥର ଓ ବର୍ଷା ଏକ ଦଶନ୍ଧି ମଧ୍ୟରେ ଏହି ଅଞ୍ଚଳରେ କେବେ ହୋଇ ନ ଥିଲା ବୋଲି ଲୋକମାନେ କହିଛନ୍ତି। କେତେକ ସ୍ଥାନରେ ଘରର ଛାତ ଉଡିଯାଇଥିବା ଅଭିଯୋଗ ହୋଇଛି, ଅଗ୍ନିଶମ ବାହିନୀ ଓ ବିଦ୍ୟୁତ୍ ବିଭାଗ ଲୋକଙ୍କ ସେବା ପାଇଁ ତତ୍ପରତା ପ୍ରକାଶ କରିଥିବା ବେଳେ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ପହଞ୍ଚି ନାହାନ୍ତି। କେବଳ ନିର୍ଦ୍ଦିଷ୍ଟ ପରିଧି ମଧ୍ୟରେ କୁଆପଥର ଝଡ ବର୍ଷା ହୋଇଥିବା ବେଳେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇଥିବା ସୂଚନା ନାହିଁ।

## ସିନାପାଲି ସହର ଜଳାର୍ଣ୍ଣବ

**ସିନାପାଲି,୬।୪(ସମିସ):** ସିନାପାଲିକୁ ସୁନାପାଲି କରିବାର ସ୍ୱପ୍ନନେଇ ଅନେକ ନେତା ଓ ମନ୍ତ୍ରୀ ବିଭିନ୍ନ ମଞ୍ଚରେ ଭାଷଣ ଦେଇଆସୁଛନ୍ତି। ପ୍ରତ୍ୟେକ ନିର୍ବାଚନରେ ସୁନ୍ଦର ସିନାପାଲିର ପରିକଳ୍ପନା କରି ଅନେକ ପ୍ରତିଶ୍ରୁତି ଦେଇ ଭୋଟ ମଗାଯାଉଛି। କିନ୍ତୁ ଯଥାର୍ଥ ପ୍ରତିପାଦିତ ନ ହୋଇ କେବଳ ଆଶ୍ୱାସନର ପ୍ରହେଳିକା ସାବ୍ୟସ୍ତ ହୋଇଛି। ଗତରାତିର ଅଦିନିଆ କାଳବୈଶାଖୀ ବର୍ଷା ପରେ ନୂଆପଡ଼ା ଜିଲ୍ଲାର ସିନାପାଲି ସହରର ଦୃଶ୍ୟ ଅଧିକ ଗଭୀର କରିଦେଇଛି। ତହସିଲ ଅଫିସ ଠାରୁ ଗୁଡିଆଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିଛି। ଯାହା ହେଉଛି ସହରର ମୁଖ୍ୟରାସ୍ତା ଆଜି ଲୋକଙ୍କ ପାଇଁ ଯନ୍ତ୍ରଣାର କାରଣ ହୋଇଯାଇଛି। ଏହି ରାସ୍ତା କେବଳ ଦୁଇରୁ ତିନି ମାସ ପୂର୍ବରୁ ନବୀକରଣ କରାଯାଇଥିଲା। ଶ୍ରୀରାମଛକରୁ ହିମାଂଶୁ କ୍ଲଥ ଷ୍ଟୋର ପର୍ଯ୍ୟନ୍ତ



କାମ ହୋଇଥିଲେ ମଧ୍ୟ ସେଠାରୁ ଗୁଡିଆଛକ ପର୍ଯ୍ୟନ୍ତ ଅଧୁରା ରହିଯାଇଛି। ଏହି ଅଧୁରା କାମର ଫଳ ଆଜି ସାଧାରଣଲୋକଙ୍କୁ ଭୋଗିବାକୁ ପଡୁଛି। ସେହିପରି ସହରର ଅନେକ ଛକ ଓ ଗଳି ରାସ୍ତାର ଅବସ୍ଥା ସଙ୍ଗୀନ ହୋଇ ପଡ଼ିଛି। ବର୍ଷା ପାଣି ବାହାରିବା ପାଇଁ କୌଣସି ଯଥେଷ୍ଟ ବ୍ୟବସ୍ଥା ନଥିବାରୁ ପାଣି ରାସ୍ତାରେ ଜମି ରହିଛି। ଏହାର ପ୍ରଭାବରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାରେ ଅସୁବିଧା ଭୋଗୁଛନ୍ତି ଏପରିକି ବୃଦ୍ଧ ଓ ରୋଗୀମାନେ ଆଗକୁ ବଢ଼ିବାକୁ ଭୟଭୀତ ହେଉଛନ୍ତି। ସାଧାରଣଲୋକଙ୍କ ଦୈନନ୍ଦିନ ଯାତାୟାତ ବାଧାପ୍ରାପ୍ତ ହୋଇଯାଇଛି। ସେଥିପରି ବର୍ଷା ପାଣି ଦୋକାନ ଓ ବଜାର ଭିତରକୁ ପଶି ବ୍ୟବସାୟୀଙ୍କୁ ଭାରି କ୍ଷତି ଦେଇଛି। ଦୋକାନୀମାନେ ନିଜ ଖର୍ଚ୍ଚରେ ମୋଟର ଲଗାଇ ପାଣି ନିଷ୍କାସନ କରୁଛନ୍ତି। ଏହି ଦୃଶ୍ୟ ପ୍ରଶାସନର ଅସମର୍ଥତାକୁ ସ୍ପଷ୍ଟ କରିଦେଉଛି। ରାସ୍ତା କାମ ଆରମ୍ଭ କରାଯାଇଥିଲା ବେଳେ ଏହାକୁ ସମ୍ପୂର୍ଣ୍ଣ କରାଯାଇନଥିଲା।ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଖମାଖିଆଲି ନୀତି ଓ ଅବ୍ୟବସ୍ଥିତ ପରିକଳ୍ପନା ପାଇଁ ଆଜି ସିନାପାଲିର ବିକାଶ ନ ହେବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଦି ଏଭଳି ଅବସ୍ଥା ଚାଲିଥାଏ ତେବେ 'ସୁନାପାଲି'ର ସ୍ୱପ୍ନ କେବଳ ନାମରେ ରହିଯିବ ଏବଂ ଲୋକମାନେ ପ୍ରତିବର୍ଷ ଏଭଳି ସମସ୍ୟାରେ ଜୀବନ କାଟିବାକୁ ବାଧ୍ୟ ହେବେ।

## ସ୍କୁଲରୁ ଉଡିଗଲା ଟିଣ ଆଜବେଷ୍ଟସ୍

**ଥୁଆମୂଲରାମପୁର, ୬।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଲରାମପୁର ବ୍ଲକରେ ରବିବାର ରାତିରେ କାଳବୈଶାଖୀ ଝଡ଼ ଭୟଙ୍କର ରୂପ ନେଇଥିବାରୁ ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷକରି ଅଡ୍ରୀ, ଗୋପୀନାଥପୁର, ଥୁଆମୂଳ ଏବଂ ଗୁଣପୁର ପଞ୍ଚାୟତ ଅଧିକ ପ୍ରଭାବିତ ହୋଇଛି। ଗୋପୀନାଥପୁର ପଞ୍ଚାୟତର କେନ୍ଦୁମୁଣ୍ଡି ସ୍କୁଲର ଏକ କୋଠାର ଛାତକୁ ସୁରକ୍ଷା ଦେବାପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ଟିଣ ଷ୍ଟ୍ରକ୍‌ଚର ଲଗାଯାଇଥିଲା। କିନ୍ତୁ ରବିବାର ରାତି ପ୍ରାୟ ୮ଟା ସମୟରେ ବହୁତ ଜୋର ବାତ୍ୟା ଓ ବର୍ଷା ଯୋଗୁଁ ସମସ୍ତ ଟିଣ ଛାତ ଉପୁଡି ଯାଇ ପ୍ରାୟ ୨୦୦ରୁ ୩୦୦ ମିଟର ଦୂରକୁ ଉଡି ପଡ଼ିଥିଲା। ଏହି ଟିଣ ଖଣ୍ଡ ବସ୍ତି ଓ ଖେଳପଡ଼ିଆ ମଧ୍ୟରେ ପଡ଼ିଥିବା ଦେଖାଯାଇଛି। ସେହିପରି ଗୁଣପୁର ପଞ୍ଚାୟତର ସାଇସୁରୁନୀ ସ୍କୁଲର ମଧ୍ୟ ଆଜବେଷ୍ଟ ଟିଣ ଉଡିଯାଇଛି। ସେହିପରି ପଞ୍ଚାୟତର ଢୋଲପାସ୍ ତେନ୍ତୁଳି ପଡ଼ା ଗ୍ରାମର ନୂଆପଡ଼ା, ଅଡ୍ରୀ, ଟାଙ୍ଗରି, ଗ୍ରାମର ଅନେକ ଘରର ଆଜବେଷ୍ଟ ଛାତ ଭାଙ୍ଗି ପଡ଼ିଛି। କିଛି ଘର ଉପରେ



ଗଛ ଭାଙ୍ଗି ପଡ଼ିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଅନ୍ୟ ପଟରେ ସୋମବାର ଅପରାହ୍ନରେ ଆସିଥିବା କାଳବୈଶାଖୀ ଯୋଗୁଁ ଥୁଆମୂଳ ପଞ୍ଚାୟତର ଭଟାଗୁଡା ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ରହିଛି। କିଛି ଲୋକ ଖଣ୍ଡିଆଖବରା ହୋଇଥିବା ସୂଚନା ମିଳିଛି। ଗଛ ଓ ଡାଳ ହଟାଇବା ପାଇଁ ଥୁଆମୂଳ ରାମପୁର ଅଗ୍ନିଶମ ବିଭାଗ ଦ୍ୱାରା ତତ୍ପରତା ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କୁ ଦାବି କରିଛନ୍ତି ଯେ, ଶୀଘ୍ର କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ପରିବାରମାନଙ୍କୁ ସହାୟତା ଯୋଗାଇବା ସହିତ ବିଦ୍ୟାଳୟ ଭବନର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରାଯାଉ।

### ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ

## ଡ.ପବନ କୁମାର ଅଗ୍ରୱାଲ ନୂତନ ସ୍ଥାୟୀ କୁଳପତି



**ଭବାନୀପାଟଣା, ୬।୪ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ନୂତନ ସ୍ଥାୟୀ କୁଳପତି ଭାବେ ଡ଼.ପବନ କୁମାର ଅଗ୍ରୱାଲ ସୋମବାର ନିଯୁକ୍ତ ହୋଇଛନ୍ତି। ଏ ନେଇ ଓଡ଼ିଶା ଲୋକସଭା ଭବନ ପକ୍ଷରୁ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଡିସେମ୍ବର ୨୦୨୪ ଶେଷରେ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସଞ୍ଜୟ ଶତପଥିଙ୍କ ଦେହାନ୍ତ ପରେ ସ୍ଥାୟୀ କୁଳପତି ପଦବୀ ଖାଲି ପଡ଼ିଥିଲା। ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ଼. ନିବେଦିତା ନାଥ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ତୁଲାଉଥିଲେ। ନୂତନ କୁଳପତି ଡ଼. ଅଗ୍ରୱାଲଙ୍କ ଜନ୍ମ କଳାହାଣ୍ଡି ଜିଲାର ଜୁନାଗଡ଼ ସହର ହୋଇଥିବାବେଳେ ୨୦୧୯ ଠାରୁ ସେ ଭୁବନେଶ୍ୱର କୃଷି ଓ ପ୍ରଯୁକ୍ତି ବିଜ୍ଞାନ ବିଶ୍ୱ ବିଦ୍ୟାଳୟ ର କୁଳପତି ଭାବେ ଦାୟିତ୍ୱ ତୁଲାଉଥିଲେ।

## ମୃତ ୱାଚରଙ୍କ ପରିବାରଙ୍କୁ ଭେଟିଲା କଂଗ୍ରେସ ଟିମ୍

**ସିନାପାଲି, ୬।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବନ ବିଭାଗ ଅଧିନ ବଡ଼ ଦର୍ଲିପଡ଼ା ବିଟ୍ କୁଇଲାଖଲା ଜଙ୍ଗଲରେ ନିଆଁକୁ ଆୟତ୍ତ ବେଳେ ଜଣେ ୱାଚର ପୋଡି ହୋଇ ଗୁରୁତର ହୋଇଥିଲେ। ରାୟପୁରର ଏକ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ମୃତ ୱାଚର ହେଲେ କେନ୍ଦୁମୁଣ୍ଡା ପଞ୍ଚାୟତ କୋଲିଆପାତର ଗ୍ରାମର ମହେଶ୍ୱର ନାଏକ (୩୪)। ତାଙ୍କ ମୃତ୍ୟୁ ପରେ ଖଡିଆଳ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି ପରିବାରଲୋକଙ୍କୁ ଭେଟି ସମବେଦନା ଜଣାଇ ପରିବାର ଲୋକଙ୍କୁ ୧୦ଲକ୍ଷ ଟଙ୍କା, ମୃତକଙ୍କ ସ୍ତ୍ରୀଙ୍କୁ ବନ ବିଭାଗରେ ଚାକିରି ଓ ତାଙ୍କ ୩ ସନ୍ତାନଙ୍କ ପାଠପଢ଼ା ଭବିଷ୍ୟତ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ଦାବି କରିଛନ୍ତି। ପ୍ରକାଶ ଥାଉକି ବଡ଼ ଦର୍ଲିପଡ଼ା ବିଟ୍ କୁଇଲାଖଲା ନିକଟ ଜଙ୍ଗଲରେ ନିଆଁ ଲାଗିଥିଲା। ନିଆଁକୁ ଆୟତ୍ତ କରିବାକୁ ଯାଇଥିବା ୱାଚର୍ ମହେଶ୍ୱର ନିଆଁ ରେ ଲାଗିଯାଇ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ସଙ୍କଟାପନ୍ନ ଥିବାରୁ ରାୟପୁରରେ ଏକ ହସପିଟାଲରେ ଚିକିତ୍ସାଧିନ ବେଳେ ମୃତ୍ୟୁ ହୋଇଥିଲା। ଅତି ଦୁଖର ବିଷୟ- ସ୍ୱାମୀର ଜୀବନ ବଞ୍ଚାଇବାକୁ ଯାଇ ସ୍ତ୍ରୀ ପୁଷ୍ପାଞ୍ଜଳି ନାଏକ ନିଜ ଅଂଶର କିଛି ମାଂସ ସ୍ୱାମୀର ସର୍ଜରୀ ପାଇଁ ପ୍ରଦାନ କରିଥିଲେ। ତଥାପି ସ୍ୱାମୀଙ୍କ ଜୀବନ ରକ୍ଷା ହୋଇ ପାରିନଥିବାରୁ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ପରିବାର କହିଲେ ତାଙ୍କ ଦୁଇଟି ଝିଅ ରହିଥିବା ବେଳେ ଗୋଟିଏ ପୁଅ ଅଛନ୍ତି। ବର୍ତ୍ତମାନ ସେ ଅସହାୟ ହୋଇ ପଡ଼ିଥିବା ବେଳେ ବୁଢା ଦାଦା ତୁଳସିରାମ ଉପରେ ସବୁ ବୋଝ ପଡ଼ିଛି।ସୋମବାର କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱ ରେ ଟିମ୍ ପରିବାରକୁ ଭେଟି ଘଟଣାର ବୁଝାସୁଝା କରିବା ସହ ପ୍ରଶାସନର ଅବହେଳା ପାଇଁ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଥିବା ବେଳେ ପରିବାର ଙ୍କୁ କିଛି ଆର୍ଥିକ ସହଯୋଗ କରିଥିଲେ।ସ୍ଥାନୀୟ ସରପଞ୍ଚ ମଦନଦଣ୍ଡ ସେନା ମଧ୍ୟ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହଯୋଗ କରିଥିଲେ।

### ଦ୍ୱାରକା ହାଇଟ୍ସର ମଡେଲ ଫ୍ଲାଟ ଉଦ୍‌ଘାଟିତ

## ୫୦% ଫ୍ଲାଟ ବୁକିଂ ସରିଲା

**ଭବାନୀପାଟଣା,୬।୪(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରସ୍ଥିତ ରେଳୱେ ଷ୍ଟେସନ ରାସ୍ତାରେ ପ୍ରାଇମ ୱାଲ ଗ୍ରୁପର ଦ୍ୱାରକା ହାଇଟ୍ସର ମଡେଲ ଫ୍ଲାଟ ଉଦ୍‌ଘାଟିତ ହୋଇଯାଇଛି। ଭବାନୀପାଟଣାରେ ପ୍ରଥମ ଥର ପାଇଁ ଅତ୍ୟାଧୁନିକ ମେଟ୍ରୋ ସୁବିଧା ଥିବା ରିଏଲଷ୍ଟେଟ ଫ୍ଲାଟ ପରିଦର୍ଶନ ପାଇଁ ଦର୍ଶକଙ୍କ ଭିଡ ଜମିଥିଲା। ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ କ୍ରେତା ଉଦ୍‌ଘାଟନ ଉତ୍ସବରେ ସାମିଲ ହୋଇଥିଲେ। ମଡେଲ ଫ୍ଲାଟକୁ ଜଗମୋହନ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଇମ ୱାଲ ଗ୍ରୁପର ନିର୍ଦ୍ଦେଶକ ମନୋଜ କୁମାର ଅଗ୍ରୱାଲ, ଅନିଲ କୁମାର ଅଗ୍ରୱାଲ, ବିକାଶ କେଡିଆ ଓ ଦ୍ୱାରକା ହାଇଟ୍ସର ଟିମ୍ ଉପସ୍ଥିତ ଥିଲେ। ଏଥିରେ ୬୩ଟି ଫ୍ଲାଟ ଥିବାବେଳେ ୪୮ଟି ୨ବିଏଚ୍‌କେ, ୧୫ଟି ୩ ବିଏଚ୍‌କେ ଓ ୫ଟି ୪ ବିଏଚ୍‌କେ ଫ୍ଲାଟ ରହିଛି। ପ୍ରଥମ ଦିନରେ ୩୩ରୁ ଉର୍ଦ୍ଧ୍ୱ ଫ୍ଲାଟ ବୁକିଂ ହୋଇଥିଲା। ୧୦ଟି ଅତ୍ୟାଧୁନିକ ସୁବିଧା ଥିବା ଏହି ଫ୍ଲାଟମାନଙ୍କ ବୁକିଂ ନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲାରେ ପ୍ରାଇମ ୱାଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ରିଏଲ ଷ୍ଟେଟ ବ୍ୟବସାୟରେ ପାଦ ଥାପିଛି। ଭବାନୀପାଟଣାରେ ମେଟ୍ରୋ ସୁବିଧା ପାଇଁ ଦ୍ୱାରକା ହାଇଟ୍ସର ଉଦ୍ୟମ ହୋଇଥିବାବେଳେ ସହରରେ ପ୍ରଥମ ଓରେରା ସାର୍ଟିଫାଏଡ ପ୍ରକଳ୍ପ ସହରବାସୀଙ୍କୁ ଭେଟି



ଦେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ନିକଟସ୍ଥ ପରମାନନ୍ଦପୁର ରେଳୱେ ଷ୍ଟେସନ ରାସ୍ତାରେ ପ୍ରାଇମ୍ ୱାଲ୍ଡ ଡେଭଲପର୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପ୍ରଥମ ଓରେରା ସାର୍ଟିଫାଏଡ ପ୍ରକଳ୍ପ ଦ୍ୱାରକା ହାଇଟ୍ସ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ମାଧ୍ୟମରେ ୬୩ଟି ବିଳାସପୂର୍ଣ୍ଣ ଫ୍ଲାଟ ରହିଛି। ଏହା ଭବାନୀପାଟଣା ସହରର ସବୁଠାରୁ ଉଚ୍ଚ ଟାୱାର ଅଟେ। ଏହି ପ୍ରକଳ୍ପରେ ଅତ୍ୟାଧୁନିକ ସୁଇମିଂପୁଲ, ଏଣ୍ଟ୍ରାନ୍ସ ଲବି, ଜିମନାସିୟମ, ମନ୍ଦିର, ଗାରବେଜ ଚ୍ୟୁଟି, ଗାର୍ଡରୁମ, ବ୍ୟାଡମିଣ୍ଟନ କୋର୍ଟ, ଶିଶୁମାନଙ୍କ ପାଇଁ ପ୍ଲେ ଏରିଆ, ସର୍ଭିସ ଲିଫ୍ଟ ସମେତ ସୋସାଇଟି ମ୍ୟାନେଜମେଣ୍ଟ ଆପର ସୁବିଧା ରହିଛି। ହାଇଦ୍ରାବାଦର ବାସ୍ତୁ ବିଶେଷଜ୍ଞ ସାଇ ରାମଜି ଓ ଛତିଶଗଡ଼ ରାୟପୁରର ଅବିନାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଆନନ୍ଦ ସିଂଘାନିଆଙ୍କ ପରାମର୍ଶରେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ନିର୍ମାଣ କାର୍ଯ୍ୟରେ ମଧ୍ୟ ସମସ୍ତ ଗୁଣବତ୍ତାକୁ ପାଳନ କରିବା ସହିତ ସମସ୍ତ ପ୍ରକାର ଓରେରା ଗାଇଡ ଲାଇନକୁ ମାନି କାର୍ଯ୍ୟ ଚାଲିଛି ବୋଲି ପ୍ରାଇମ ୱାଲ ଗ୍ରୁପର ନିର୍ଦ୍ଦେଶକ ମନୋଜ କୁମାର ଅଗ୍ରୱାଲ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଅନିଲ ଅଗ୍ରୱାଲ, ବିକାଶ କେଡିଆ ଓ ପ୍ରକଳ୍ପ ମ୍ୟାନେଜର ଇଂ. ଗୁଞ୍ଜନ ଝା ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ

**ଭବାନୀପାଟଣା, ୬।୪ (ସମିସ):** ଭାରତୀୟ ଜନତା ପାର୍ଟି କଳାହାଣ୍ଡି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ନେତୃତ୍ୱରେ ଜିଲ୍ଲା ପାର୍ଟି କାର୍ଯ୍ୟାଳୟ ଠାରେ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା ଯୋଗଦେଇ ଉପସ୍ଥିତ ନେତୃତ୍ୱ କାର୍ଯ୍ୟକର୍ତ୍ତାଙ୍କୁ ପାର୍ଟିର ପ୍ରତିଷ୍ଠା ଦିବସ ବିଷୟରେ ଅବଗତ କରିଥିଲେ। ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ ପାର୍ଟିର ଇତିହାସ ଓ ବିକାଶ ବିଷୟରେ ବକ୍ତବ୍ୟ ରଖି ପାର୍ଟିର ନୀତି ଆଦର୍ଶ ଓ ବିଭିନ୍ନ ଯୋଜନା ବିଷୟରେ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଲୋକନାଥ ଦୁର୍ଗା ମଞ୍ଚ ପରିଚାଳନା କରିଥିବା ବେଳେ ନଗର ସଭାପତି ଚିତ୍ତରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ଜିଲ୍ଲା ଉପସଭାପତି ରୁପେଶ ଜୈନ, ଜିଲ୍ଲା ସମ୍ପାଦକ ସନ୍ତୋଷ ବିଶି, ଜିଲ୍ଲା କୋଷାଧ୍ୟକ୍ଷ ପ୍ରମୋଦ ଜୈନ, ବିକ୍ରମଜିତ ସିଂ, ପୂର୍ବତନ ବିଧାୟକ ଅନାମ ନାଏକ, ବରିଷ୍ଠ ନେତା ଭବାନୀ ନିଆଲ, ବରିଷ୍ଠ ନେତା ପ୍ରଶାନ୍ତ ସାହୁ, ଜିଲ୍ଲା ସଭାପତି ଯୁବମୋର୍ଚ୍ଚା ବିଜୟଦେବ ସାହୁ, ମିଡ଼ିଆ ସଂଯୋଜକ ନରହରି ପଟ୍ଟନାୟକ, ଶୋଭାଙ୍ଗିନୀ ପାତ୍ର, ପ୍ରଦୀପ ଦାସ, ପ୍ରକାଶ ଧଙ୍ଗଡ଼ାମାଝୀ, ଅନିତା ବିଶ୍ୱାଳ, ରାକେଶ ଶର୍ମା, ଶଙ୍କର ସେନାପତି, ଶର୍ମିଷ୍ଠା ନାଏକଙ୍କ ସହିତ ପାର୍ଟିର ଅନେକ ନେତୃତ୍ୱ ଉପସ୍ଥିତ ଥିଲେ।

### ମ.ରାମପୁର ରାମଲୀଳା ମହୋତ୍ସବ

## ଦ୍ୱିତୀୟ ଦିନରେ ଅଯୋଧ୍ୟା କାଣ୍ଡ

**ମ.ରାମପୁର, ୬।୪(ସମିସ)**

କଳାହାଣ୍ଡି ଜିଲ୍ଲା ମ.ରାମପୁରରେ ଶ୍ରୀରାମ ଜୀଉ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରସିଦ୍ଧ ରାମଲୀଳାର ଅଯୋଧ୍ୟା କାଣ୍ଡ ମଞ୍ଚସ୍ଥ ହୋଇଥିଲା। ସଭାପତି ଜୀବେଶ୍ କୁମାର ପଣ୍ଡାଙ୍କ ପରିଚାଳନା ରେ ଆୟୋଜିତ କର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ସମାଜସେବୀ ଚିତ୍ତ ରଞ୍ଜନ ମଣ୍ଡଳ, ସମ୍ମାନିତ ଅତିଥି ନାଟ୍ୟକାର ଡ଼ ଉମେଶ ଚନ୍ଦ୍ର ଶତପଥୀ, ନାଟ୍ୟକାର ପରମେଶ୍ୱର ମୁଣ୍ଡ ବରିଷ୍ଠ ସଦସ୍ୟ ଚିତ୍ତ ରଞ୍ଜନ ବାଗ, ଅତିଥିଙ୍କ ସହ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ରାମଲୀଳାକୁ ଏକ ପରମ୍ପରା ଭାବରେ ପାଳନ କରି ଆସିବା ଆମ ପାଇଁ ଗର୍ବର କଥା ବୋଲି କହିଥିଲେ। ଏହି ଅବସରରେ କଳାକାର କୁନୁ ଭୋଇଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ମାନପତ୍ର ପଠନ କରିଥିଲେ ଅଧାପିକା ଲିପ୍ସା ମୟୀ ଦୁବେ। ମଞ୍ଚ ପରିଚାଳନା କରିଥିଲେ ହେମନ୍ତ ସାହୁ। ସମ୍ବର୍ଦ୍ଧନା ପ୍ରଦାନରେ ସହଯୋଗ କରିଥିଲେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ନାରାୟଣ ମହାଳିକ। ମଞ୍ଚ ପୂଜନ ଓ ଉଦ୍‌ଘାଟନ ପରେ ସ୍ୱର୍ଗତ ଗୁରୁ ଶୈଳେନ୍ଦ୍ର ପ୍ରସାଦ ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ ଓ ସମ୍ପାଦକ ବୀରେନ୍ଦ୍ର ରଥଙ୍କ ନିର୍ଦ୍ଦେଶନାରେ ଅଯୋଧାକାଣ୍ଡ ମଞ୍ଚସ୍ଥ ହେଇଥିଲା।ଏଥିରେ



ବିକାଶ ଆଚାର୍ଯ୍ୟ, କେଶବ ଦଣ୍ଡିଆ, ମନ୍ତୁ ବାରିକ, ଅମନ ରାୟଗୁରୁ, ଶାଶ୍ୱତ ଦାଣ୍ଡିଆ, ବିପ୍ର ମାଝୀ, ଅରୁଣ ହାତୀ, ସୁରସେନ୍ ମହାରଣା, ଦିଲ୍ଲୀପ ତ୍ରିପାଠୀ, ବିଶେଶ୍ୱର ମହାନ୍ତି, ଡମ୍ବରୁଧର ଭୋଇ, ମହେନ୍ଦ୍ର ଭଏସାଲ, ପପୁ ଅଗ୍ରୱାଲ, ଅମରେଶ ଶତପଥୀ, ବିନୟ ମହାନ୍ତି, ଉପେନ୍ଦ୍ର ମହାଖୁଡ, ପ୍ରଦୀପ ସିଂହ, ଦେବେନ୍ଦ୍ର ମହାନ୍ତି, ସାହିଲ, ନିପୁନ ନାୟକ, ମହାନ୍ ମହାନ୍ତି ଜୀବନ୍ତ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ମହେଶ୍ୱର ସାହୁ ଓ କଣ୍ଠଦାନ କରିଥିଲେ ସନ୍ତୋଷ କୁମାର ଦୁବେ, ସରସ୍ୱତୀ, ଧୀରେନ୍ଦ୍ର ମହାନ୍ତି, ଜଗ ମୋହନ ସାହୁ, ସୌମ୍ୟ ରଞ୍ଜନ, ସ୍ମୃତି ରେଖା ବାଦ୍ୟ ଯନ୍ତ୍ରରେ ଭାରତ ରାଉତ, ଯୁଧିଷ୍ଠିର ବେହେରା, ସୁନିଲ ବିଭାର, ପ୍ରଶାନ୍ତ ସାହୁ। ରୂପସଜ୍ଜା ଦୀନବନ୍ଧୁ ମହାରଣା କରିଥିଲେ। ଉପସଭାପତି ଲଳିତ ମହାଳିକ, ବରିଷ୍ଠ ସଦସ୍ୟ ମିହିର୍ କୁମାର ଦୁବେ, ଗଣେଶ ମହାରଣା, କଳ୍ପତରୁ ନାୟକ ମାର୍ତ୍ତଣ୍ଡ ଧ ମାଝୀ, ଯଶୋବନ୍ତ ବିଶି, ନନ୍ଦ ମହାନ୍ତି, ଶରତ ଗହିର, ଜିତେନ୍ଦ୍ର ବାରିକ, ପିଙ୍କୁ ଧଙ୍ଗଡ଼ା ମାଝୀ, ଅଜିତ ଦେଓ, ସ୍ୱୟଂ ବିଶ୍ୱାଳ, ଭ୍ରମରବର ଧଙ୍ଗଡ଼ାମାଝି, ସହଯୋଗ କରିଥିଲେ। ଏହି ପ୍ରସିଦ୍ଧ ସମ୍ପୂର୍ଣ୍ଣ ରାମଲୀଳାର ତୃତୀୟ ଦିନରେ'ଆରଣ୍ୟକ କାଣ୍ଡ'ଅଭିନୀତ ହେବ ବୋଲି ସହ ସମ୍ପାଦକ ପ୍ରଦୀପ ସିଂହ ସୂଚନା ପ୍ରଦାନ କରିଛନ୍ତି।

### ମାରାଗୁଡା ଲୋକମହୋତ୍ସବ ଉଦ୍‌ଯାପିତ

## ପଲ୍ଲୀଶ୍ରୀମେଳାରେ ରେକର୍ଡ ବ୍ୟବସାୟ

**ନୂଆପଡ଼ା, ୬।୪(ସମିସ):** ନୂଆପଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ ତଥା ମାରାଗୁଡା ଲୋକମହୋତ୍ସବ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଏପ୍ରିଲ ୧ରୁ ୫ ପର୍ଯ୍ୟନ୍ତ ନ୍ୟାସନାଲ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ହୋଇ ଉଦ୍‌ଯାପିତ ହୋଇଛି। ମେଳାରେ ମୋଟ ୧୬୦ଟି ଷ୍ଟଲ ସ୍ଥାପିତ ହୋଇଥିଲା। ୧୪୦ଟି ଷ୍ଟଲରେ ପଲ୍ଲିଶ୍ରୀ ଅନ୍ତର୍ଗତ ଗ୍ରାମୀଣ ଉତ୍ପାଦ, ହସ୍ତଶିଳ୍ପ, ହସ୍ତତନ୍ତ ଓ କୃଷି ଉତ୍ପାଦ ପ୍ରଦର୍ଶିତ ହୋଇଥିବା ବେଳେ ୨୦ଟି ଷ୍ଟଲରେ ପୁସ୍ତକ ମେଳା ଆୟୋଜିତ ହୋଇଥିଲା। ଓଡ଼ିଶା ସହ ଅନ୍ୟାନ୍ୟ ରାଜ୍ୟରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଓ କାରିଗରମାନେ ଯୋଗ ଦେଇଥିଲେ। ପ୍ରତିଦିନ ମେଳା ପରିଦର୍ଶନ ସହ ମାରାଗୁଡା ଉତ୍ସବ ଦେଖିବାକୁ ଜନସମାଗମ ଦେଖିବାକୁ ମିଳିଥିଲା। ପୁସ୍ତକ ମେଳାରେ ମୋଟ ୪, ୮୯, ୮୫୮ ଟଙ୍କାର ବିକ୍ରୟ ହୋଇଥିବା ବେଳେ ପଲ୍ଲିଶ୍ରୀ ମେଳାରେ ୧, ୦୨, ୩୪, ୭୮୭ ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି। ସମୁଦାୟ ଭାବେ ମୋଟ ବ୍ୟବସାୟ ୧, ୦୭, ୨୪, ୬୪୫ ଟଙ୍କାକୁ ପହଞ୍ଚି ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ସୂଚନା ଯୋଗ୍ୟ ଯେ ସ୍ଥାନ ପରିବର୍ତ୍ତନକୁ ନେଇ ପ୍ରାରମ୍ଭରେ କିଛି ଆଶଙ୍କା ରହିଥିଲେ ମଧ୍ୟ, ଚଳିତ ବର୍ଷର ଏହି ରେକର୍ଡସ୍ତରର ବ୍ୟବସାୟ ପୂର୍ବବର୍ଷର ସମସ୍ତ ରେକର୍ଡକୁ ଅତିକ୍ରମ କରିଥିବା କୁହାଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି ଯେ, ସମସ୍ତ ତଥ୍ୟ ଆସିଲେ ବ୍ୟବସାୟର ଆକଳନ ଆହୁରି ବଢ଼ିପାରେ। ମେଳା ଗ୍ରାମୀଣ ଉଦ୍ୟୋଗୀଙ୍କୁ ତାଙ୍କର ଉତ୍ପାଦ ପ୍ରଦର୍ଶନ ଓ ବଜାରୀକରଣ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିଥିବା ସହ ସେମାନଙ୍କ ଆୟ ବୃଦ୍ଧି ଓ ସ୍ଥାୟୀ ଜୀବିକା ସୃଷ୍ଟିରେ ମହତ୍ୱପୂର୍ଣ୍ଣ ଭୂମିକା ରଖିଛି ବୋଲି ଜିଲ୍ଲାପାଳ କିଛନ୍ତି। ଶେଷରେ ଜିଲ୍ଲା ପ୍ରଶାସନ ଓ ଓରମାସ ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀ, ବିଭିନ୍ନ ବିଭାଗ ଓ ପରିଦର୍ଶକମାନଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଯାଇଛି।

ସକାଳ THE SAKALA



www.sakalaepaper.com

# ନାଗପୁର ଓ ମଦରଙ୍ଗରେ ଚାଲିଛି ବେଆଇନ କରତକଳ

ଗୋପ,୬।୪(ସମିସ)



ସବୁ ଜାଣି ବନ ବିଭାଗ ନିରବ

ଗୋପ ବ୍ଲକ୍ ଅଧୀନ କୋଣାର୍କ ବନ ବିଭାଗ ଅଧୀନରେ ଥିବା ନାଗପୁର ଓ ମଦରଙ୍ଗରେ ବେଆଇନ ଭାବେ ଏକାଧିକ କରତ କଳ ଚାଲିଥିବା ନେଇ ଅଭିଯୋଗ ହୋଇଛି। ଦିନରାତି ପ୍ରତ୍ୟହ ଏହି କରତ କଳରେ ବ୍ୟାପକ ପରିମାଣର ମୂଲ୍ୟବାନ କାଠ ଚିରାଯାଉଥିଲେ ମଧ୍ୟ ବନ ବିଭାଗ ନିକଟରେ ଖବର ରହୁଥିଲେ ମଧ୍ୟ ବନ ବିଭାଗ ନିରବଦ୍ରଷ୍ଟା ସାଜିଛି। ରାଜ୍ୟ ସରକାର ବାଲୁଖଣ୍ଡର ୧୫ କି.ମି. ପରିଧି ମଧ୍ୟରେ କୌଣସି କରତ କଳ ଖୋଜିବା ଲାଗି ଅନୁମତି ନ ଥିବାବେଳେ କିଭଳି ଭାବେ ଏହି ସ୍ଥାନରେ ବେଆଇନ କରତ କଳ ଚାଲିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ କେତେକ କାଠ ମାଫିଆ ସକ୍ରିୟ ହୋଇଥିବାବେଳେ ସ୍ପଷ୍ଟ ଦିବାଲୋକରେ ବିଭିନ୍ନ ମୂଲ୍ୟବାନ ଗଛ କାଟି କରତ କଳରେ ପେଡ଼ି ମୋଟା ଅଙ୍କର ମୁନାଫା କମାଉଥିବା ଦେଖିବାକୁ ମିଳିଛି। ସେହିପରି କରତ କଳ ମାଲିକମାନେ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ହାତ କରି ଦିନରାତି କରତ କଳ ଚଳାଉଛନ୍ତି। ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଉଥିଲେ ମଧ୍ୟ ଏହି ଦୁଇଟି ସ୍ଥାନରେ ଆଦୌ ଚଢ଼ଉ କରାଯାଉ ନ ଥିବାରୁ ବନ ବିଭାଗ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅପରପକ୍ଷେ କରତ କଳ ସହ କର୍ମଚାରୀଙ୍କ ସିଧାସଳଖ ସମ୍ପର୍କ ରହିଥିବାବେଳେ ଚଢ଼ଉ ଖବର ଜାଣିବା ମାତ୍ରେ କରତ କଳ ମାଲିକଙ୍କ ନିକଟରେ ଏହି ଖବର ପହଞ୍ଚି ଯାଉଥିବା ଅଭିଯୋଗ ହେଉଛି। ଫଳରେ ଚଢ଼ଉ ପୂର୍ବରୁ କରତ କଳରୁ ମୂଲ୍ୟବାନ ଯନ୍ତ୍ରାଂଶ ଖୋଲାଯାଉଛି। ଫଳରେ ଚଢ଼ଉ କରିବାକୁ ଯାଇ ଅଧିକାରୀମାନେ ବିଫଳ ହୋଇ ଫେରୁଛନ୍ତି। ଚଢ଼ଉ ସମୟରେ କରତ କଳରେ ଗଚ୍ଛିତ ଥିବା ସମସ୍ତ କାଠକୁ ଯଦି ଜବତ କରାଯାଇ ବାହାର ବଜାରରେ ନିଲାମ କରାଗଲେ ସରକାରୀ ଭାବେ ବେଶ୍ ରାଜସ୍ୱ ଆୟ ହେବା ସହ କରତ କଳଗୁଡ଼ିକ ମଧ୍ୟ ଅଧିକ ପରିମାଣରେ କାଠ ଗଚ୍ଛିତ ରଖିବାକୁ ଭୟ କରିବେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହା ଉପରେ ପୁରୀ ଜିଲ୍ଲା ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏହା ଉପରେ ଦାୟିତ୍ୱରେ ଥିବା ରେଞ୍ଜର ସୁଦର୍ଶନ ଦେହୁରିଙ୍କୁ ପଚାରିବାରେ ସେ କୁହନ୍ତି, ଏହା ଉପରେ ଦୃଷ୍ଟି ଦିଆଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୫ ଲିଟର ମଦ ଜବତ; ୨ ଗିରଫ

ଚାରିଛକ,୬।୪(ସମିସ): ଚାରିଛକ ପୁଲିସ ସୋମବାର ଦେଶୀ ଓ ବିଦେଶୀ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୫ ଲିଟର ଚୋରା ମଦ ଜବତ କରିଥିବା ଜଣାପଡ଼ିଛି। ଚାରିଛକ ଥାନା ଏଏସ୍ଆଇ ଇନ୍ଦୁଲତା ମିଶ୍ର ସହକର୍ମୀଙ୍କ ସହିତ ପାଟ୍ରୋଲିଂ କରୁଥିବା ସମୟରେ ଏହି ଥାନା ଅନ୍ତର୍ଗତ ଆଖାପଡ଼ା ଛକ ନିକଟରୁ ନିମାପଡ଼ା ଥାନା ଅନ୍ତର୍ଗତ ରାଜରାସାରୀ ଖଡ଼ିଆ ସାହି ଗ୍ରାମର ଟୁକୁନା ପ୍ରଧାନ ଓ ଲଙ୍କାପଡ଼ା ଛକରୁ ନିମାପଡ଼ା ଥାନା ଅନ୍ତର୍ଗତ ଚେରୁଣ୍ଡିଆ ଗ୍ରାମର ଦାମୋଦର ବେହେରାଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ସେମାନଙ୍କ ବିରୋଧରେ ୬୨/୨୦୨୬/୬୨୬ରେ ଦୁଇଟି ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## ଗୋଟିଏ ରାତିରେ ଦୁଇ ବିଦ୍ୟାଳୟରୁ ଚୋରି

ନୟାହାଟ,୬।୪(ସମିସ): ଦୁଇଟି ସରକାରୀ ସ୍କୁଲରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେଉଳି ପଞ୍ଚାୟତ ସୋହଣା ଗୋପୀବର୍ଣ୍ଣା ତ୍ରିଲୋଚନ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ରବିବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ବିଦ୍ୟାଳୟର ତିନୋଟି ବଖରା ତାଲା ଭାଙ୍ଗି ଗୋଟେ ପାଣି ମଟର, ଏକ ସାଉଣ୍ଡ ବକ୍ସ, ଗ୍ୟାସ୍ ଟାଙ୍କି, କାନ୍ଥ ଘଣ୍ଟା, ଚାଉଳ ଏକ ବସ୍ତା ଓ ନଗଦ ୫୨୦୦ ଟଙ୍କା ଲୁଟି ନେଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ଭୋଇ ସୋମବାର ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେହିପରି ରବିବାର ବିଳମ୍ବିତ ରାତିରେ ଶାସନ ପ୍ରାଥମିକ ବିଦ୍ୟାଳୟରେ କବାଟ ଭାଙ୍ଗି ଆକ୍ୱାଗାର୍ଡ ଯାହାର ମୂଲ୍ୟ ୫୦୦୦ ଟଙ୍କା ହେବ ଚୋରି ହେବା ନୟାହାଟ ଫାଣ୍ଡିରେ ସ୍କୁଲର ପ୍ରଧାନଶିକ୍ଷକ ଶରତ ମୁଦୁଲି ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି।

## ପାଟ୍ରୋଲିଂ କଡ଼ାକଡ଼ି; ବାଣ କାରିଗରଙ୍କ ଘରେ ଚଢ଼ଉ

ନୟାହାଟ,୬।୪(ସମିସ): ନୟାହାଟ ଫାଣ୍ଡି ଅଞ୍ଚଳରେ ବାଣ ତିଆରି କରୁଥିବା କରମଙ୍ଗାର ଜନୈକ ବାଣ କାରିଗରଙ୍କ ଘର ଉପରେ ରବିବାର ରାତିରେ ଗୋପ ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ମିଳିତ ଭାବେ ଚଢ଼ଉ କରି ବାଣ ତିଆରି ହେଉଥିବା ସାମଗ୍ରୀ ଜବତ କରିଥିଲେ। ଏଥିସହିତ ନୟାହାଟ ଗୋପ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହିତ ଗାଡ଼ି ଯାଞ୍ଚ୍ ପାଇଁ ପୁଲିସ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ଚକିଆ ଯାନ ଚାଳକଙ୍କୁ ହେଲ୍‌ମେଟ୍ ପିନ୍ଧିବା ପାଇଁ ପରାମର୍ଶ ଦେଇଥିଲେ।

## କୂଆପଥର ବର୍ଷା; ଚିନ୍ତାରେ ଚାଷୀ

କଣାସ,୬।୪(ସମିସ): ରାଜ୍ୟରେ କିଛି ଦିନ ହେଲା ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ତାଣ୍ଡବ ଲୀଳା ସୃଷ୍ଟି କରି ବହୁ କ୍ଷୟକ୍ଷତି ହେଉଥିବାବେଳେ ରବିବାର ଅପରାହ୍ଣରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ସୋମବାର ମଧ୍ୟ କାଳବୈଶାଖୀ ପ୍ରଭାବରେ ବର୍ଷା, ପବନ, ବଜ୍ରପାତ ସାଙ୍ଗକୁ କୂଆପଥର ମାଡ଼ ହୋଇଥିଲା। ଏହାର ପ୍ରଭାବରେ ଚାଷୀମାନେ ରବି ଋତୁରେ କରିଥିବା ଧାନ ଫସଲ ଓ ପରିବା ଫସଲରେ କୂଆପଥର ବୃଷ୍ଟି ଯୋଗୁଁ ପାଚିଲା ଧାନ ଝଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ବ୍ୟାପକ କ୍ଷୟକ୍ଷତିକୁ ଦେଖି ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

## ବିଜେପିର ପ୍ରତିଷ୍ଠା ଦିବସ ପାଳିତ

ନିମାପଡ଼ା/ଅସ୍ତରଙ୍ଗ,୬।୪(ସମିସ): ସୋମବାର ନିମାପଡ଼ା-ଗୋପ ନିର୍ବାଚନମଣ୍ଡଳୀର ବିଜେପିର ସମସ୍ତ ୭ଟି ମଣ୍ଡଳ, ବୁଥ୍‌ସ୍ତରର ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ଉତ୍ସାହର ସହ ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ, ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପରି ମହାନ ବ୍ୟକ୍ତିତ୍ୱଙ୍କ ଆଦର୍ଶରେ ସ୍ଥାପିତ ଏହି ଦଳର ବିଚାର ବାବଦରେ ବକ୍ତାମାନେ ମତପ୍ରକାଶ କରିଥିଲେ। ସେହିପରି ଅସ୍ତରଙ୍ଗ ବ୍ଲକ୍‌ର ସବୁ ପଞ୍ଚାୟତରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଅସ୍ତରଙ୍ଗ ପଞ୍ଚାୟତ ପକ୍ଷରୁ ବ୍ଲକ୍ ନିକଟସ୍ଥ ଜାଗୁଲେଇ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା କାକଟପୁର ବିଜେପି ନେତା ବାଇଧର ମଲ୍ଲିକ, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନା, ନୂଆଗଡ଼ ମଣ୍ଡଳ ସଭାପତି ନରେଶ ପତି, ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପ୍ରଶାନ୍ତ ନାୟକ, ହେମନ୍ତ ବସ୍ତିଆ ପ୍ରମୁଖ ଯୋଗଦେଇଥିଲେ।

## ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ପୁରୀ,୬।୪(ସମିସ): ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂ ଏବଂ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ୍ ୧୦୦ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ୭୭ଟି ଅଭିଯୋଗ ରହିଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ୍) ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା, ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଷୟ କୁମାର ଶତପଥୀ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁଙ୍କ ସମେତ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇଥିଲେ।

# ମା' ମଙ୍ଗଳାଙ୍କ ଝାମୁଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ



କୁଣ୍ଢେଇ,୬।୪(ସମିସ): ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କର ମଙ୍ଗଳବାର ହେଉଛି ପଞ୍ଚମ ପାଳି ଝାମୁଯାତ୍ରା। ଏହା ଅଧିକାଂଶ ବର୍ଷ ବୈଶାଖ ମାସର ପ୍ରଥମ ମଙ୍ଗଳବାର ଦିନ ପଡ଼ିଥାଏ। ମଙ୍ଗଳବାର କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଝାମୁଯାତ୍ରା ଅନୁଷ୍ଠିତ ହେବ। ସେଥିପାଇଁ ମା' ମଙ୍ଗଳା ମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ ଶେଷ ହୋଇଛି। ସୋମବାର ରାତି ୧ଟା ୩୦ରେ ଦ୍ୱାରଫିଟା, ମଙ୍ଗଳ ଆଳତି, ସ୍ନାନ ମାର୍ଜନା କରାଯାଇ ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହେବ। ୩ଟା ୩୦ରେ ସୂର୍ଯ୍ୟପୂଜା, ୪ଟାରେ ବଲ୍ଲଭ ନୀତି, ୪ଟା ୩୦ରେ ରାଧାକୃଷ୍ଣ ପତିତପାବନ ମନ୍ଦିରକୁ ବିଜେ, ୪ଟା ୪୫ରେ ସକାଳ ଧୂପ ଅନୁଷ୍ଠିତ ହୋଇ ୫ଟା ୩୦ରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲାଯିବ। ମଙ୍ଗଳବାର ଦିନ ୧ଟା ୩୦ରୁ ୨ଟା ମଧ୍ୟରେ ପାଟୁଆମାନେ ପ୍ରାଚୀନଦୀରୁ ଜଳତୋଳି ମା'ଙ୍କ ମନ୍ଦିର ସମ୍ମୁଖରେ ଥିବା ଅଗ୍ନିପୂର୍ଣ୍ଣ ଗର୍ତ୍ତରେ ଖାଲି ପାଦରେ ଚାଲିବେ। ପରେ ମଧ୍ୟାହ୍ନ ଧୂପ ଓ ଭଅଣ୍ଡ ଧୂପ କରାଯାଇ ୫ଟା ୪୫ରେ ପହୁଡ଼ କରାଯିବ। ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି ଓ ରାତି ୧୦ଟାରେ ମା'ଙ୍କୁ ପୁନଃ ବେଶ କରାଯିବା ପରେ ମନ୍ଦିର ବେଢ଼ାରେ ଓ ବାହାରେ କାଳିକା ନୃତ୍ୟ ଅନୁଷ୍ଠିତ ହେବ। ରାତି ୧୨ଟାରୁ ରାତ୍ର ଧୂପ, ବଡ଼ସିଂହାର ନୀତି ଓ ଭ୍ରମଣୀ ନୀତି ପରେ ମା'ଙ୍କ ପହୁଡ଼ ପକାଯିବ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଦର୍ଶନ ନିମନ୍ତେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ମନ୍ଦିରକୁ ବିଭିନ୍ନ ପୁଷ୍ପ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ନିମନ୍ତେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ନିମାପଡ଼ା ଆରକ୍ଷୀ ଉପଖଣ୍ଡ ଅଧିକାରୀଙ୍କ ସମେତ ୨୦ ଜଣ ପୁଲିସ ଅଧିକାରୀ ଓ ୫ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ହୋଇ ଟ୍ରାଫିକ୍ ନିୟନ୍ତ୍ରଣ କରିବା ସହିତ ମନ୍ଦିର ମଧ୍ୟରେ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ନିୟୋଜିତ ରହିବେ।

## ଲୋକନାଥ ମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ପୁରୀ,୬।୪(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ତେଣୁ ପୁରୀ ମହାନଗର ନିଗମ ଦ୍ୱାରା ପ୍ରସିଦ୍ଧ ଶ୍ରୀଲୋକନାଥ ମନ୍ଦିର ପରିସରରେ ସୋମବାର ପ୍ରତ୍ୟୁଷରୁ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ଏଥିରେ ପୁରୀ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ଓ ସାମାଜିକ ଅନୁଷ୍ଠାନ ହାପିନେସ୍ ଫାଉଣ୍ଡେସନର ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତାରେ ସାମିଲ୍ ଥିଲେ। ଏଥିସହ ସମସ୍ତ ବ୍ଲକ୍ ଓ ସହରାଞ୍ଚଳରେ ବିଭିନ୍ନ ଐତିହ୍ୟ, ପର୍ଯ୍ୟଟନସ୍ଥଳୀ ଆଦିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଚନ୍ଦନ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ପୁରୀ,୬।୪(ସମିସ): ଆସନ୍ତା ୨୦ ତାରିଖରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହେବାକୁ ଯାଉଛି। ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସୋମବାର ସନ୍ଧ୍ୟାରେ ସର୍କିଟ୍ ହାଉସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପୂର୍ବରୁ ଶ୍ରୀନ୍ଦିର ପ୍ରଶାସନର ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଚନ୍ଦନ ଯାତ୍ରା ଉପଲକ୍ଷେ ସମସ୍ତ ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ଚାପଖେଳ ପାଇଁ ନରେନ୍ଦ୍ର ପୋଖରୀରେ ସିସିଟିଭି ବ୍ୟବସ୍ଥା କରିବା, ଠାକୁରଙ୍କ ପନ୍ତି ଖାଇବା ସ୍ଥାନରେ ହେବାକୁ ଥିବା ମଞ୍ଚରେ ରେଡିୟମ୍ ଲଗାଇବା, ସମସ୍ତ କାର୍ଯ୍ୟ ଶ୍ରୀମନ୍ଦିର କାର୍ଯ୍ୟାଳୟ ଏବଂ ପୌରସଂସ୍ଥା ମିଳିତ ଭାବରେ କରିବେ ସେ ନେଇ ପୌରସଂସ୍ଥାର କମିଶନର ଅରୁଗୁମ୍ମା ସ୍ନେହାଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଯାତ୍ରା ସମୟରେ ଆତସବାଜି ଉପରେ ରୋକ୍ ଲାଗାଯିବ। ଅଗ୍ନିଶମ ଅଧିକାରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବା ସହ ପୁଷ୍କରିଣୀ ନିକଟରେ ଏକ କ୍ୟାମ୍ପ୍ କରି ଅଗ୍ନିଶମ କର୍ମଚାରୀ ନିୟୋଜିତ ରହିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଜନଗହଳି ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଯାତାୟାତ ଉପରେ ଗୁରୁତ୍ୱ ଦେବାକୁ ପୁଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆବଶ୍ୟକ ପରିମାଣରେ ଓଆର୍‌ଏସ୍ ସହ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ପାଣି ପାଇଁ ଯେପରି ଜନସାଧାରଣଙ୍କୁ ସମସ୍ୟା ନ ହୁଏ, ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଲୋକମାନଙ୍କ ନିମନ୍ତେ ଅସ୍ଥାୟୀ ଶୌଚାଳୟ ସହ ବିଭିନ୍ନ ସୁବିଧା ଯୋଗାଇଦେବା ଉପରେ ବିଭାଗ ସହ ଆଲୋଚନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# କୃଷି ମେଳା ଓ ପ୍ରଦର୍ଶନୀ: ଚାଷୀଙ୍କୁ ଉନ୍ନତ ଚାଷ କୌଶଳ ପରାମର୍ଶ

ସାକ୍ଷୀଗୋପାଳ,୬।୪(ସମିସ): କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ ପରିସରରେ ଚାଷୀ ଭାଇଭଉଣୀଙ୍କ ପାଇଁ ଏକ କୃଷକ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷିଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟରେ ଚାଲୁଥିବା ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଯଥା- ପଶୁ ପାଳନରେ ଯାନ୍ତ୍ରୀକରଣ, କୃଷି ଓ ଅନୁସଙ୍ଗିକ କ୍ଷେତ୍ରରେ ଶ୍ରମ ବିଜ୍ଞାନ ଓ ସୁରକ୍ଷା ଏବଂ ଅମଳ ପରବର୍ତ୍ତୀ ଯାନ୍ତ୍ରିକ ଓ ବୈଷୟିକ ଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ଦ୍ୱାରା ସାକ୍ଷୀଗୋପାଳଠାରେ ଏହି ଚାଷୀ ମେଳାରେ ମହାବିଦ୍ୟାଳୟର କ୍ଷେତ୍ର ଯନ୍ତ୍ରପାତି ଓ ଶକ୍ତି ବିଭାଗର ମୁଖ୍ୟ ପ୍ରଫେସର ମାର୍କଣ୍ଡେୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହା ସହିତ ଅମଳ ପରବର୍ତ୍ତୀ ଯାନ୍ତ୍ରିକ ଓ ବୈଷୟିକ ଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ମୁଖ୍ୟ ପ୍ରଫେସର ଉମାଶଙ୍କର ପାଲ୍ ଖାଦ୍ୟ ପ୍ରକ୍ରିୟାକରଣରେ ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରପାତି ବିଷୟରେ ସୂଚନା ପ୍ରଦାନ କରିଥିଲେ। ବଳଦ ଚାଳିତ ଯନ୍ତ୍ରପାତି ଏବଂ ପଶୁ ପାଳନରେ ଯାନ୍ତ୍ରୀକରଣ ବିଷୟରେ ଇଂ. ଅନୁପ ବେହେରା ବିଶେଷ ଭାବେ ଆଲୋକପାତ କରିଥିଲେ। ଜିଲ୍ଲାର ୩୦୦ରୁ ଊର୍ଦ୍ଧ୍ୱ ଚାଷୀ ଭାଇଭଉଣୀ ଯୋଗଦେଇ ଜଳବାୟୁ ନମନୀୟ କୃଷି ଯାନ୍ତ୍ରୀକରଣ ଏବଂ ଶ୍ରମ ଲାଘବ ଯନ୍ତ୍ରପାତି ବିଷୟରେ ଅବଗତ ହୋଇପାରିଥିଲେ। ଏହି ଚାଷୀ ମେଳାରେ ଏକ କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହା ସହିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସୂର୍ଯ୍ୟ ନାରାୟଣ ମିଶ୍ର ସ୍ୱାଗତ ସମ୍ଭାଷଣ ରଖିବା ସହ କେନ୍ଦ୍ରର ପ୍ରମୁଖ କାର୍ଯ୍ୟକ୍ରମ ବିଷୟରେ ଚାଷୀଙ୍କୁ ସୂଚନା ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର କୃଷି ଯାନ୍ତ୍ରୀକରଣ ବିଭାଗର ବୈଜ୍ଞାନିକ ଡ. ଦୀପଶିଖା ପରମଜିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମତ୍ସ୍ୟ ବିଜ୍ଞାନର ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଚାଷୀମାନେ ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ୍ ଏବଂ କେନ୍ଦ୍ରର ବିଭିନ୍ନ ପ୍ରଦର୍ଶନୀ ୟୁନିଟ୍ ପରିଦର୍ଶନ କରିଥିଲେ। କେନ୍ଦ୍ରରେ କାର୍ଯ୍ୟରତ ଗୃହ ବିଜ୍ଞାନୀ ଡ. ସୁମିତା ଆଚାର୍ଯ୍ୟ, କ୍ଷେତ୍ର ବୈଜ୍ଞାନିକ ଡ. ସାର୍ଥକ ପଟ୍ଟନାୟକ ଓ ଉଦ୍ୟାନ ଫସଲର ବୈଜ୍ଞାନିକ ଡ. ବିଷ୍ଣୁପଦ ଗିରି ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନାରେ ସହାୟତା କରିଥିଲେ।

## ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା

ସାକ୍ଷୀଗୋପାଳ,୬।୪(ସମିସ): ସ୍ଥାନୀୟ ଜୟପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କମାରସାହିରେ ଶ୍ରୀଶ୍ରୀ ମା' ଜାଗେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ୪ ଦିନବ୍ୟାପୀ ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଛତ୍ରୀ, ତ୍ରାସ, ବୈରାଖ, ଘଣ୍ଟ ମର୍ଦ୍ଦଳ, ହରିରାମ ସଂକୀର୍ତ୍ତନ ସହ ୧୦୮ କଳସଯାତ୍ରା ପୂର୍ବାହ୍ଣରେ ମନ୍ଦିର ନିକଟରୁ ବାହାରି ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ପୋଖରୀ ନିକଟରେ ପହଞ୍ଚିଥିଲା। ଚନ୍ଦନ ପୋଖରୀ ବିଜେ ଘାଟରେ ପଣ୍ଡିତ ମଣ୍ଡଳୀ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ସାମିଲ୍ ହୋଇଥିବା ସେନାପତି ସାହି, କମାର ସାହି, ମଠସାହିର ଶତାଧିକ ମହିଳା ଓ ପୁରୁଷ କଳସ ବୁଡ଼ାଇ ଚନ୍ଦନ ପୋଖରୀଠାରୁ ଶୋଭାଯାତ୍ରା ବାହାରି ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ପରିକ୍ରମା କରି ଯଜ୍ଞ ମଣ୍ଡପରେ କଳସ ସ୍ଥାପନା କରିଥିଲେ। କର୍ତ୍ତା ଭାବରେ କୃପାସିନ୍ଧୁ ଜେନା ଓ ଗହଳି ଜେନା ଏବଂ ରଶ୍ମିରଞ୍ଜନ ପଟ୍ଟନାୟକ ଓ ଗାୟତ୍ରୀ ପଟ୍ଟନାୟକ ସପତ୍ନିକ ଯୋଗଦେଇଛନ୍ତି। ପଣ୍ଡିତ ପଦ୍ମନାଭ ଷଡ଼ଙ୍ଗୀ, ପଣ୍ଡିତ ରବିନାରାୟଣ ମହାପାତ୍ର, ଆଚାର୍ଯ୍ୟ ନାରାୟଣ ନନ୍ଦ, ପଣ୍ଡିତ ବସନ୍ତ କୁମାର ମହାପାତ୍ର, ପଣ୍ଡିତ ଶିବାଶିଷ ମହାପାତ୍ର, ପଣ୍ଡିତ ମନୋଜ ପାଣିଗ୍ରାହୀ, ପଣ୍ଡିତ ରଶ୍ମିରଞ୍ଜନ ମିଶ୍ର ପୂଜା କାର୍ଯ୍ୟ କରିଥିଲେ। ଗ୍ରାମର ପବେଇ ସେନାପତି, ରବି ପ୍ରଧାନ, କେଦାର ସେନାପତି, ରାଜକିଶୋର ସେନାପତି, କାହ୍ନୁ ସେନାପତି, ଲବକିଶୋର ଦଳାଇ, ସୌରଭ ପଟ୍ଟନାୟକ, ଜୟକୃଷ୍ଣ ମହାରଣା, କୃଷ୍ଣ ଚନ୍ଦ୍ର ମହାରଣା, ପପୁ ମହାରଣା, ହାଡ଼ିବନ୍ଧୁ ପ୍ରଧାନ, ନବକିଶୋର ସେନାପତି, ସଞ୍ଜୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



## ତିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ବନ୍ଧୁମିଳନ




କଣାସ,୬।୪(ସମିସ): କଣାସ ବ୍ଲକ୍ ଅନ୍ତର୍ଗତ ତିପୁରୀଠାରେ ତିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ୧୯୯୪ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ କିଶୋର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଶିକ୍ଷାବିତ୍ ରାଧା ଚରଣ ସାମନ୍ତରାୟ, ପ୍ରଶାନ୍ତ କୁମାର ମିଶ୍ର, ଦିଗମ୍ବର ମହାପାତ୍ର, କୈଳାସ ଚନ୍ଦ୍ର ନାୟକ, କରୁଣାକର ମହାପାତ୍ର, ଜଳନ୍ଧର ମହାପାତ୍ର, ଭାଗୀରଥି ମହାପାତ୍ର, ଚକ୍ରଧର ମହାପାତ୍ର, ନମିତା ବିଶ୍ୱାଳ, ସିପିଆଇଏମ୍‌ଏଲ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଶିକ୍ଷା କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ହରିବନ୍ଧୁ ମହାପାତ୍ର, ଗଦାଧର ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା କ୍ଷିତିଶ ବିଶ୍ୱାଳଙ୍କୁ ଉପସ୍ଥିତ ଶିକ୍ଷକ, ଶିକ୍ଷା କର୍ମଚାରୀ, ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇ ନିରବ ପ୍ରାର୍ଥନା କରିଥିଲେ। ଛାତ୍ରଛାତ୍ରୀମାନେ ପୂର୍ବତନ ଗୁରୁଜୀ ଓ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପୂର୍ବତନ ହିନ୍ଦୀ ଶିକ୍ଷକ ତଥା ପ୍ରଖ୍ୟାତ ନାଟ୍ୟକାର ପ୍ରଶାନ୍ତ କୁମାର ମିଶ୍ରଙ୍କର ୪ଟି ପୁସ୍ତକ ଏହି ଅବସରରେ ବିଶ୍ୱନାଥ ମହାପାତ୍ର, ପ୍ରଦୀପ ମହାପାତ୍ର, ରବି ନାରାୟଣ ମହାପାତ୍ର, ଦୀପ୍ତିମୟ ମହାପାତ୍ର, ମମତା ମହାପାତ୍ର, ମୋନାଲିସା ମହାପାତ୍ର, ବିଷ୍ଣୁପ୍ରିୟା ନାୟକ ଓ ବିଷ୍ଣୁପ୍ରିୟା ବଳିୟାରସିଂହ ଛାତ୍ରଛାତ୍ରୀମାନେ ଏହି ବନ୍ଧୁ ମିଳନର ନେତୃତ୍ୱ ନେଇଥିଲେ।

# ଶିକ୍ଷକଙ୍କ ସ୍ମୃତିଚାରଣ ସଭା: ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ

ଗୋପ,୬।୪(ସମିସ): ଗୋପ ବ୍ଲକ୍ ଅଧୀନ ଇଶାଣପୁର ପଞ୍ଚାୟତସ୍ଥିତ ମଧୁବନ ଗ୍ରାମର ଆଦର୍ଶ ଶିକ୍ଷକ ବ୍ରଜବନ୍ଧୁ ସାହୁଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ରଜବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ପ୍ରାକ୍ତନ ସଭାପତି ହରିଶ୍ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଲଲାଟେନ୍ଦୁ ମିଶ୍ର, ମୁଖ୍ୟବକ୍ତା ଭାବେ ଦେଶବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ମଲ୍ଲିକ୍, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଅରବିନ୍ଦ ସାହୁ, ପ୍ରାକ୍ତନ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଇଂ. ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଗୁଣଗାନ କରିଥିଲେ। ବିଭିନ୍ନ ବର୍ଗର ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଇଥିବା ବେଳେ ପ୍ରତ୍ୟେକ ବର୍ଷ ମେଧାବୀ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଚଳିତ ବର୍ଷ ସ୍ଥାନୀୟ ଅଞ୍ଚଳର ମେଧାବୀ ଛାତ୍ରୀ ସୋନାଲି ବେହେରା, ସୌମ୍ୟାଶ୍ରୀ ମହାପାତ୍ର, ଚନ୍ଦନ ସାହୁଙ୍କୁ ପଦକ, ପ୍ରମାଣପତ୍ର ଅତିଥିମାନେ ପ୍ରଦାନ କରିଥିବାବେଳେ ବୃତ୍ତି ମଧ୍ୟ ପ୍ରଦାନ କରିଥିଲେ। ସ୍ୱର୍ଗତ ସାହୁଙ୍କ କନିଷ୍ଠା କନ୍ୟା ଶୁଭଲକ୍ଷ୍ମୀ ସାହୁ, ପୁତ୍ର ରାକେଶ ସାହୁ, ଖୁକେଶ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରଜବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ସମ୍ପାଦକ କାହ୍ନୁଚରଣ ସାହୁ, ଶିକ୍ଷାବିତ୍ ସଞ୍ଜୟ କୁମାର ସାହୁ ପରିଚାଳନା କରିଥିବାବେଳେ ବଡ଼ ଝିଅ ମଧୁସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ସିଙ୍ଗାପୁରରେ ଉତ୍କଳ ଦିବସ: ଆକର୍ଷଣ ସାଜିଲା ସୁଦାମଙ୍କ ସ୍ୟାଣ୍ଡ ଆନିମେସନ

ପୁରୀ,୬।୪(ସମିସ)



ସିଙ୍ଗାପୁର ଓଡ଼ିଆ ସମାଜ (ଓଏସ୍ଏସ୍) ପକ୍ଷରୁ ଜିଆଇଆଇଏସ୍ ଅଡିଟୋରିୟମ୍‌ରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ସମୃଦ୍ଧ ସାହିତ୍ୟ, ସଂସ୍କୃତି ଓ ପାରମ୍ପରିକ ଐତିହ୍ୟକୁ ଉଦ୍‌ଘାଟିତ କରାଗଲା। ଓଏସ୍ଏସ୍ ଅଧ୍ୟକ୍ଷ ସୁବ୍ରତ ନାୟକ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ ସିଙ୍ଗାପୁରସ୍ଥିତ ଭାରତର ଉଚ୍ଚାୟୁକ୍ତ ଶିଲପକ୍ ଆମ୍ବୁଲଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର ମାନ୍ୟଗଣ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରର ସବୁଠୁ ଆକର୍ଷଣୀୟ ଥିଲା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ଲାଇଭ୍ ସ୍ୟାଣ୍ଡ ଆନିମେସନ୍ ପ୍ରଦର୍ଶନ। ପ୍ରାୟ ୩୦ ମିନିଟ୍‌ର ଏହି ଅଦ୍ଭୁତ ପ୍ରଦର୍ଶନରେ ସେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ସହିତ ସିଙ୍ଗାପୁରର ଐତିହ୍ୟକୁ ସୁନ୍ଦର ଭାବେ ଦେଖାଇଥିଲେ। ପ୍ରତ୍ୟେକ ଦୃଶ୍ୟ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା ଏବଂ ସମଗ୍ର ହଲ୍ ତାଳିରେ କମ୍ପିଥିଲା। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ସୁଦାମଙ୍କ କଳାକୁ ବିଶେଷ ଭାବେ ପ୍ରଶଂସା କରିଥିଲେ ଏବଂ ଏହାକୁ ଅନ୍ତର୍ଜାତୀୟ ମଞ୍ଚରେ ଭାରତୀୟ ସଂସ୍କୃତିର ସୁନ୍ଦର ପ୍ରତିନିଧିତ୍ୱ ବୋଲି କହିଥିଲେ। ଏହି ଅବସରରେ ସୁଦାମ କୋଣାର୍କ ସୂର୍ଯ୍ୟମନ୍ଦିର ଉପରେ ଆଧାରିତ ଏକ ଛୋଟ ଟେବୁଲ୍‌ଟପ୍ ବାଲୁକା ଶିଳ୍ପ ସୃଷ୍ଟି କରିଥିଲେ, ଯାହାକୁ ଦର୍ଶକମାନେ ବହୁତ ପସନ୍ଦ କରିଥିଲେ। ଶେଷରେ ଓଏସ୍ଏସ୍ ସମ୍ପାଦକ ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଭବ୍ୟ ଉତ୍ସବ ଓଡ଼ିଆ ସମାଜର ସମ୍ପର୍କକୁ ଆହୁରି ମଜଭୁତ୍ କରିଥିବା ସହିତ ବିଶ୍ୱ ମଞ୍ଚରେ ଓଡ଼ିଆ ସଂସ୍କୃତିକୁ ଗର୍ବର ସହ ପ୍ରଦର୍ଶନ କରିଛି।

# ବଦନାମ ହେଉଛି ରେଳପଥ

ବଲାଙ୍ଗିର,୬।୪(ସମିସ)



ବଲାଙ୍ଗିର ଜିଲ୍ଲାରେ ମୃତ୍ୟୁର ସୁରକ୍ଷିତ ପଥ ସାଜିଛି ରେଳପଥ। ସମ୍ବଲପୁର ରେଳ ଡିଭିଜନ ଅଧୀନରେ ବରଗଡରୁ ବଲାଙ୍ଗିର ଜଙ୍କସନ ଦେଇ ବୌଦ୍ଧ, ଟିଟିଲାଗଡ ଜଙ୍କସନ ଦେଇ ରାୟଗଡା ତଥା କଣ୍ଟାବାଞ୍ଜି ଦେଇ ରାୟପୁରକୁ ଲମ୍ବିଥିବା ରେଳପଥରେ ଗତ ୨ ବର୍ଷ ଭିତରେ ଅନେକ ମୁଣ୍ଡ ଗଡି ସାରିଲାଣି। ରେଳପଥ ନିୟମିତ ମଣିଷ ରକ୍ତ ପିଉଥିବା ବେଳେ ବିଶେଷ କରି ଆତ୍ମହତ୍ୟା ତଥା ହତ୍ୟା ମାମଲାକୁ ଚପାଇବା ପାଇଁ ରେଳପଥ ହିଁ ଏକ ସୁରକ୍ଷିତ ପଥ ସାଜିଛି। ଆତ୍ମହତ୍ୟା ମନୋବୃତ୍ତି ନେଇ ରେଳ ଲାଇନରେ ଶୋଇଲେ କିମ୍ବା ଟ୍ରେନ ଆଗକୁ ଡେଇଁଲେ କଥା ସରିଲା। ବଞ୍ଚିବାର ଆଶା ନାହିଁ। ସେହିପରି ହତ୍ୟା କରିବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ମଧ୍ୟ ରେଳପଥକୁ ବଲାଙ୍ଗିର ଜିଲ୍ଲାରେ ବ୍ୟବହାର କରାଯାଇଥିବାର ଉଦାହରଣ ରହିଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଦେଇ ଯାଇଥିବା ରେଳପଥରେ ରବିବାର ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିଲେ। ସ୍ଥାନୀୟ ଧୋବାପଡାର ଶ୍ୟାମ ମହାକୁର ନିଜ ପୁଅ ବିବାହ କାମ ସାରିବା ପରେ ରିସେପସନ ଭୋଜି ଦିନ ସକାଳୁ ହଠାତ୍ ଟ୍ରେନ ଲାଇନରେ ମୁଣ୍ଡ ଥୋଇ ଦେଇ ଆତ୍ମହତ୍ୟା କରିଥିଲେ। ତେବେ ଆର୍ଥିକ ସମସ୍ୟା ଯୋଗୁ ସେ ଏହି ଚରମ ନିଷ୍ପତ୍ତି ନେଇଥିବା ସ୍ଥାନୀୟ ଅଞ୍ଚଳରେ ଅଲୋଚନା ହେଉଥିବା ବେଳେ ଘଟଣାସ୍ଥଳରେ ହିଁ ତାଙ୍କୁ ମୃତ୍ୟୁ ଥିଲା। ସେହିପରି ଏହାର ଦୁଇ ଦିନ ପୂର୍ବରୁ ଏପ୍ରିଲ ୩ ତାରିଖରେ ବଲାଙ୍ଗିର ରେଳଷ୍ଟେସନ ନିକଟସ୍ଥ ଖୁଜେନପାଲି ବ୍ରିଜ ଉପରେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସଂପୃକ୍ତ ଯୁବତୀ ଜଣକ ସ୍ଥାନୀୟ ବିଷ୍ଣୁମୁଣ୍ଡାର ପ୍ରୀତି ସାହୁ ବୋଲି ଜଣାପଡିଥିଲା। ସେ ପ୍ରେମ ସଂପର୍କକୁ ନେଇ ଘରେ ହେଉଥିବା ଝଗଡାରେ ମାନସିକ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ଜଣାପଡିଥିଲା। ସେହିପରି ଏହାର କିଛି ଦିନ ପୂର୍ବରୁ କଣ୍ଟାବାଞ୍ଜି ରେଳଷ୍ଟେସନ ନିକଟସ୍ଥ ରାଉତମୁଣ୍ଡା ଅଞ୍ଚଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସଂପୃକ୍ତ ଯୁବକ ଜଣକ ପାଟଣାଗଡ ବ୍ଲକ୍ ଘସିଏନ ଅଞ୍ଚଳର ବୋଲି ଜଣାପଡିଥିବଲା। ସେ ଆତ୍ମହତ୍ୟା କରିଥିଲେ ନା ତାଙ୍କ ସହ ଆଉ କିଛି ଘଟିଥିଲା ତାହା ଜିଆରପି ସ୍ପଷ୍ଟ କରି ନ ଥିଲା। ଅନ୍ୟପକ୍ଷରେ ୨୦୨୫ ସେପ୍ଟେମ୍ବର ମାସରେ କୁକୁଡାହାଡ ଗାଁ ନିକଟରେ ରେଳ ଲାଇନରେ ଘନଶ୍ୟାମ ସେଠ ନାମକ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଥିଲା। ସେ ରେଳପଥ ଅତିକ୍ରମ କରୁଥିବା ବେଳେ ଦୁର୍ଘଟଣାବଶତଃ ତାଙ୍କ ଜୀବନ ଯାଇଥିବା ଜଣାପଡିଥିଲା। ସେହି ମାସ କଣ୍ଟାବାଞ୍ଜି ରେଳଷ୍ଟେସନରେ ଟ୍ରେନ ଚାଲୁଥିବା ଅବସ୍ଥାରେ ଚଢି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୫ ମେ ମାସରେ ମାଲିଶିରା-ରହେନଭଟା ନିକଟସ୍ଥ ରେଳ ଲାଇନରୁ ବୈଷ୍ଣବ ମହାନନ୍ଦ ନାମକ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଅନଲାଇନ ବେଟିଂ କାରବାରକୁ ନେଇ ଆତ୍ମହତ୍ୟା କରିଥିବା ସେହି ସମୟରେ ଆଲୋଚନା ହୋଇଥିଲା। ଦୁଇ ବର୍ଷ ପୂର୍ବରୁ କଣ୍ଟାବାଞ୍ଜି ରେଳଷ୍ଟେସନ ନିକଟରେ ମାସକ ଭିତରେ ୩ ଜଣ ଅଜଣା ମହିଳାଙ୍କ ମୃତଦେହ ମଧ୍ୟ ଉଦ୍ଧାର ହୋଇଥିଲା।

- କିଏ ଆତ୍ମହତ୍ୟା କରୁଛି ତ କେତେବେଳେ ଦୁର୍ଘଟଣା ଘଟୁଛି
- ହତ୍ୟା ପରେ ଆତ୍ମହତ୍ୟା ରୂପ ଦେବାକୁ ବି ବ୍ୟବହାର ହେଉଛି

ରେଳପଥରେ କେବଳ ଆତ୍ମହତ୍ୟା କିମ୍ବା ଦୁର୍ଘଟଣା ଜନିତ ମୃତ୍ୟୁ ହେଉଛି ତାହା ନୁହେଁ। ବଲାଙ୍ଗିର ଜିଲ୍ଲାରେ ଏହିଭଳି କିଛି ଉଦାହରଣ ମଧ୍ୟ ରହିଛି ହତ୍ୟା କରିବା ପରେ ତାହାକୁ ଆତ୍ମହତ୍ୟାର ରୂପ ଦିଆଯାଉଛି। ହତ୍ୟାକାରୀ ଖସିଯିବାକୁ ଯୋଜନା କରି ରେଳ ଲାଇନକୁ ବ୍ୟବହାର କରିସାରିଛନ୍ତି। ୨୦୨୩ ଜୁଲାଇରେ ଅଏଁଲାତୁଆ ଗାଁର ରଜତ ପଧାନ ନାମକ ଜଣେ ଯୁବକଙ୍କ ମୃତଦେହ ବଲାଙ୍ଗିର ଖୁଜେନପାଲି ନିକଟସ୍ଥ ରେଳ ଲାଇନରୁ ଜବତ ହୋଇଥିଲା। ପ୍ରଥମେ ଏହାକୁ ଜିଆରପି ଆତ୍ମହତ୍ୟା ବୋଲି କହିଥିଲା। ପରେ ତ୍ରିକୋଣୀୟ ପ୍ରେମ ସଂପର୍କକୁ ନେଇ ଏହା ଏକ ହତ୍ୟା ମାମଲା ବୋଲି ଜଣାପଡିଥିଲା। ସେହିପରି ୨୦୨୪ ଡିସେମ୍ବର ମାସରେ ଦେଓଗାଁ ରେଳଷ୍ଟେସନ ନିକଟ ରେଳ ଲାଇନରୁ ସିନ୍ଧାବାହାଲି ଗାଁର ବୁଲୁ ବାଗ ନାମକ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପ୍ରଥମେ ଏହାକୁ ମଧ୍ୟ ଆତ୍ମହତ୍ୟା କୁହାଯାଉଥିଲା। ରେଳ ଲାଇନ ନିକଟରେ ଏକ ଜମିରେ ରକ୍ତ ପଡିଥିବା ଦେଖିବା ପରେ ପୁଲିସ ହତ୍ୟା ସନ୍ଦେହ କରିଥିଲା। ବୁଲୁର ଦୁଇ ବନ୍ଧୁ ହତ୍ୟା କରିବା ପରେ ଆତ୍ମହତ୍ୟା ରୂପଦେବାକୁ ରେଳ ଲାଇନରେ ମୃତଦେହ ଛାଡି ଫେରାର ହୋଇଯାଇଥିଲେ ବୋଲି ଜଣା ପଡିଥିଲା। ଏହିଭଳି ଭାବେ ଗତ ୨/୩ ବର୍ଷରେ ରେଳଲାଇନରୁ ବହୁ ମୃତଦେହ ଜବତ ହୋଇଛି। କିଛି ଆତ୍ମହତ୍ୟା, କିଛି ଦୁର୍ଘଟଣା, କିଛି ହତ୍ୟା ମାମଲା ତ ଆଉ କିଛି ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ରେଳପଥ ଏବେ ବଲାଙ୍ଗିରରେ ମୃତ୍ୟୁର ପଥ ସାଜିଛି ବୋଲି ଆଲୋଚନା ହେଉଛି।

■ ରେଳ ଉପଭୋକ୍ତ ସଂଘ ବଲାଙ୍ଗିର-ବରଗଡ ଜିଲ୍ଲା ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ

## ଡିଆରଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ରେଳରୋକ ଚେତାବନୀ

ବଲାଙ୍ଗିର,୬।୪(ସମିସ): ବରଗଡସ୍ଥିତ ଅଗ୍ରଗାମୀ ଯୁବକ ସଂଘ କାର୍ଯ୍ୟାଳୟରେ ରେଳ ଉପଭୋକ୍ତ ସଂଘ ବଲାଙ୍ଗିର-ବରଗଡ ଜିଲ୍ଲା ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିରରୁ ଭୁବନେଶ୍ୱରକୁ ଯିବା ଆସିବା କଲା ପରି ଏକ ସକାଳୁଆ ଟ୍ରେନ, ବଲାଙ୍ଗିରଠାରେ ପିଟ୍ ଲାଇନ ଏବଂ ବଲାଙ୍ଗିର ବରଗଡ ଦେଇ ଏକ ସିଧାସଳଖ ଦିଲ୍ଲୀ ବା ପ୍ରୟାଗରାଜକୁ ଟ୍ରେନ ଚଳାଇବା ଉପରେ ବରଗଡ ରେଳ ଉପଭୋକ୍ତା ସଂଘ ସଭାପତି ପ୍ରଦୀପ ଦେବତା ଜୋର ଦେଇଥିଲେ। ସେହିଭଳି ବଲାଙ୍ଗିରଠାରେ ପିଟ ଲାଇନ ଓ ଏଡିଆରଏମ୍ ସ୍ଥାପନ କରିବା ଉପରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ ଅଣଦେଖା କରାଯାଉଛି। ପୂର୍ବତଟ ରେଳବାଇ ଖୋର୍ଦ୍ଧା ରେଳ ମଣ୍ଡଳରୁ ପଲାସା, ଇଚ୍ଛାପୁରମକୁ ଦକ୍ଷିଣତଟ ରେଳବାଇର ବିଶାଖାପାଟଣା ମଣ୍ଡଳକୁ ଦିଆଯାଇଛି। ରେଳବାଇ ମନ୍ତ୍ରୀ ନିଜ ରାଜ୍ୟର ହୋଇ ମଧ୍ୟ ବଲାଙ୍ଗିର ବରଗଡ ପରି କେବିକେ ଅଞ୍ଚଳକୁ ଅଣଦେଖା କରୁଛନ୍ତି। ନିଜ ରାଜ୍ୟର ଉନ୍ନତିକୁ ଅଣଦେଖା କରୁଛନ୍ତି ବୋଲି ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତ ସଂଘ ସଭାପତି ପ୍ରଫେସର ତରୁଣ ମିଶ୍ର କହିଥିଲେ। ରାୟଗଡା ମଣ୍ଡଳକୁ ପୂର୍ଣ୍ଣକ୍ଷମ କରାଯାଇ ବଲାଙ୍ଗିରଠାରେ ଏଡିଆରଏମ୍ କାର୍ଯ୍ୟାଳୟ ଓ ପିଟ୍ ଲାଇନ ତୁରନ୍ତ ସ୍ଥାପନ କରାଯାଉ ବୋଲି ସେ ଦାବି ଜଣାଇଥିଲେ। ବୈଠକରେ ବରଗଡ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଯୋଗ ଦେଇଥିଲେ। ଦୀର୍ଘ ୧୫ ବର୍ଷ ହେଲା ରେଳ ବିଭାଗ ବଲାଙ୍ଗିର, ବରଗଡ ପରି ପଛୁଆ ଅଞ୍ଚଳକୁ ଅଣଦେଖା କରୁଛି। ଏଣୁ ଦାବିଗୁଡିକ




କାର୍ଯ୍ୟକାରୀ ନ ହେଲେ ଡିଆରଏମ୍ କାର୍ଯ୍ୟଳୟ ସମ୍ମୁଖରେ ବିକ୍ଷୋଭ ଏବଂ ରେଳରୋକୋ କରାଯିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା।

କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ବିବରଣୀ ପାଠ କରିଥିଲେ। ଉଭୟ ସଂଘର ସଂପାଦକ ବିମଳ ଚକ୍ରବର୍ତ୍ତି ଓ କମଳ ଯୋଷୀ ମଞ୍ଚାସୀନ ଥିଲେ। ବଲାଙ୍ଗିର ରେଳ ଉପଭୋକ୍ତ ସଂଘ ତରଫରୁ କାର୍ଯ୍ୟକାରିଣୀ ସଭ୍ୟ ଗୋପବନ୍ଧୁ ପୁରୋହିତ, ପ୍ରଭାକର ମିଶ୍ର ଓ ଦିବାକର ହୋତା ଉପସ୍ଥିତ ଥିଲେ। ଶେଷରେ ପ୍ରୀତମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ

ମୁରିବାହାଲ,୬।୪(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ସିରୋଲ୍ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଗୁଞ୍ଜିତରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ ପଡ଼ିହାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର ନାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସଫଳା ମିଶ୍ର, ସହକାରୀ ଶିକ୍ଷୟିତ୍ରୀ ଜୟମାଳିନୀ ପଟ୍ଟନାୟକ,



ସରୋଜିନୀ ମିଶ୍ର, ପ୍ରିୟଦର୍ଶିନୀ ସ୍ୱାଇଁ, ସହକାରୀ ଶିକ୍ଷକ ନୀଳମଣି ଦୀପ୍, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁନୁ ସାହୁ, ୱାର୍ଡସଭ୍ୟ ପରମା ଧଙ୍ଗଡ଼ାମାଝୀଙ୍କ ସମେତ ପରିଚାଳନା କମିଟିର ସଭ୍ୟ, ଅଭିଭାବକ ଉପସ୍ଥିତ ଥିଲେ। ନୂତନ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ଚନ୍ଦନ, ତିଳକ ଲଗାଇ ସ୍ନେହ ଶ୍ରଦ୍ଧା ସହକାରେ ବିଦ୍ୟାଳୟକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସିଲେଟ୍, ଚକ୍ ଖଡ଼ି, ବର୍ଣ୍ଣବୋଧ ବହି ପ୍ରଦାନ କରାଯାଇଥିଲା। ବିଇଓ, ଏବିଇଓ, ସିଆରସିସି କୁନି କୁନି ଛୁଆଙ୍କୁ ଖଡ଼ି ଛୁଆଁଇ ଥିଲେ।

● ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଓ ସହରୀ ଜନସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକ

## ନିୟମିତ ଶୁଦ୍ଧ ପାଣି ଯୋଗାଣ ପାଇଁ କଳିକେଶଙ୍କ ନିର୍ଦ୍ଦେଶ

ବଲାଙ୍ଗିର,୬।୪(ସମିସ): ସର୍କିଟ ହାଉସରେ ବଲାଙ୍ଗିର ଜିଲ୍ଲାରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଓ ସହରୀ ଜନସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଅଧ୍ୟକ୍ଷତା କରିଥିଲେ। ଗ୍ରାମ ଓ ସହର ଅଞ୍ଚଳରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା, ପାଇପଲାଇନ ବିସ୍ତାର, ଜଳ ସଂରକ୍ଷଣ ପ୍ରକଳ୍ପ ଓ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଜଳଯୋଗାଣ ସେବାକୁ ଆହୁରି ବ୍ୟାପକ କରିବାକୁ ଆଲୋଚନା ହୋଇଥିଲା। ତାଲପାଲି ବନ୍ଧ କନ୍ଧପାଲି ବନ୍ଧ ଓ ରାଣୀ ବନ୍ଧର ଉନ୍ନତି କାର୍ଯ୍ୟ ଚାଲିଛି। ଏଣୁ ସେଠାକାର ଲୋକଙ୍କୁ ନିୟମିତ ଓ ଶୁଦ୍ଧ ପାଣି ଯୋଗାଇବା ପାଇଁ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରୀଷ୍ମ ପ୍ରବାହକୁ ଆଖିଆଗରେ ରଖି ସହରାଞ୍ଚଳରେ ନିୟମିତ ପାନୀୟ ଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ନିଜ ନିଜ କାର୍ଯ୍ୟର ପ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସମନ୍ୱୟ ରଖି କାମ କରିବାକୁ ଆଶ୍ୱାସନ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ସମେତ ବଲାଙ୍ଗିର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗୁଲାପ ବାଗ ଓ ଲକ୍ଷ୍ମଣ ମେହେର ଉପସ୍ଥିତ ଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଭେଟିଲେ କଳିକେଶ

ବଲାଙ୍ଗିର,୬।୪(ସମିସ): ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ବିଧାୟକ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସମସ୍ୟା ଶୁଣିଥିଲେ। ସେ ଡାକ୍ତର ଓ କର୍ମଚାରୀଙ୍କ ସହ ବୈଠକ କରିଥିଲେ। ଚିକିତ୍ସା ସେବାର ମାନ, ଔଷଧ ଯୋଗାଣ ଓ ପରିଚ୍ଛନ୍ନତା ବ୍ୟବସ୍ଥା ନେଇ ସମୀକ୍ଷା କରିଥିଲେ। ରୋଗୀଙ୍କୁ ସମୟ ମତେ ଓ ଉତ୍ତମ ଚିକିତ୍ସା ସେବା ଦେବା ପାଇଁ ନିର୍ଦ୍ଦେଶ



ଦେଇଥିଲେ। ହସ୍ପିଟାଲରେ କୌଣସି ପ୍ରକାରର ଅବ୍ୟବସ୍ଥା ବରଦାସ୍ତ କରାଯିବ ନାହିଁ। ଯେଉଁ ସମସ୍ୟାଗୁଡିକ ଚିହ୍ନଟ ହୋଇଛି ସେଗୁଡିକୁ ଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ। ପରିଦର୍ଶନ ସମୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ଏବଂ କାଉନସିଲରଙ୍କ ସହ ହସ୍ପିଟାଲ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନର କର୍ମଚାରୀ ଉପସ୍ଥିତ ଥିଲେ।

## ଆଜିଠାରୁ ବନଦୁର୍ଗା ମହୋତ୍ସବ

ବଲାଙ୍ଗିର,୬।୪(ସମିସ): ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ପରିବାରର ମିଳିତ ଉଦ୍ୟମରେ ଏ ଅଞ୍ଚଳର ଆରାଧ୍ୟା ଦେବୀ ମାଁ ବନଦୁର୍ଗାଙ୍କ ପୂଜା ଉତ୍ସବ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ୫ ଦିନ ଧରି ଲୋୟର ସୁକତେଲ ଡ୍ୟାମ୍ ପାଦ ଦେଶରେ ଏହି ମହୋତ୍ସବ ଅନୁଷ୍ଠିତ ହେବ।

ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର, ମହୋତ୍ସବ କମିଟି ସଭାପତି ସଂଜୟ ଗଡତ୍ୟା, ଉପସଭାପତି କୈଳାସ ଚନ୍ଦ୍ର ସିଂଦେଓ, ସଂପାଦକ ଜୟକୃଷ୍ଣ ମିଶ୍ର, ସହ ସଂପାଦକ ବିକାଶ ଚନ୍ଦ୍ର ରଥ, କୋଷାଧ୍ୟକ୍ଷ ନରେନ୍ଦ୍ର ବିଶି, ସହ-କୋଷାଧ୍ୟକ୍ଷ ଭରତ ସାହୁ, ଲମ୍ବୋଦର ପଧାନ, ଗିରିଧାରି ପୁଟା, ପ୍ରମୋଦ ପଟେଲ, ସୁଶିଲ ବେହେରା, ବ୍ୟାସଦେବ ବନଛୋର, ଅଜୟ ଗଡତ୍ୟା, ସଂଜୟ ମହଲା ପ୍ରମୁଖ ଏହି ମହୋତ୍ସବର ନେତୃତ୍ୱ ନେଉଛନ୍ତି। ପ୍ରତ୍ୟେହ ସନ୍ଧ୍ୟାରେ ଲୋକଗୀତ, ଲୋକ ନୃତ୍ୟ, କଂସ ଦରବାର, କବିତା ପାଠୋତ୍ସବ ଆଦି ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଶୁଣୁନାହାନ୍ତି

ପାଟଣାଗଡ଼,୬।୪(ସମିସ): ୧୨ ବର୍ଷ ହେଲା ସ୍ୱାମୀ କୁଆଡେ ଚାଲିଯାଇଛନ୍ତି। ୧୩ ବର୍ଷର ଦିବ୍ୟାଙ୍ଗ ପୁଅକୁ ଧରି ଏ ଦୁଆର ସେ ଦୁଆର ହେଉଛନ୍ତି। ପର ଘରେ ଆଶ୍ରୟ ନେଉଛନ୍ତି। ଭୂମିହୀନଙ୍କ ପାଇଁ ସରକାର ତରଫରୁ ମିଳୁଥିବା ଜାଗା ଖଣ୍ଡିକ ପାଇଁ ବାରମ୍ବାର ପ୍ରଶାସନ ପାଖକୁ ଦୌଡୁଛନ୍ତି। କେବଳ ଚାଉଳ ଓ ପୁଅକୁ ମିଳୁଥିବା ଭତ୍ତାରେ ମା, ପୁଅ ଚଳୁଛନ୍ତି। ଦୁଃଖ ବୁଝିବାକୁ କେହି ନାହାନ୍ତି। ସୋମବାର ସ୍ଥାନୀୟ ଉପଜିଲ୍ଲାପାଳଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଥିବା ଜଣେ ମହିଳା ତାଙ୍କ ଦୁଃଖ କାହାଣୀ ବଖାଣିଥିଲେ।

ଏହି ମହିଳା ଜଣକ ହେଲେ ପାଟଣାଗଡ଼ ବ୍ଲକ୍ ରାମପୁର ଗାଁର ପୁଷ୍ପାଞ୍ଜଳି ମେହେର। ଦିବ୍ୟାଙ୍ଗ ପୁଅକୁ ସାଙ୍ଗରେ ଧରି ସେ ପ୍ରଶାସନକୁ ଗୁହାରି କରିବାକୁ ଆସିଥିଲେ। ସେ ତାଙ୍କ ଜୀବନର ଏଭଳି ଦୁଃଖ ବିଷୟରେ 'ସକାଳ'କୁ କୋହ ଭରା କଣ୍ଠରେ କହିଥିଲେ। ୧୬ ବର୍ଷ ତଳେ ରାମପୁରର ପିଣ୍ଟୁ ମେହେରଙ୍କୁ ସେ ବିବାହ କରିଥିଲେ। ଖୁସିରେ ସଂସାର ଚାଲିଥିଲା। ପୁଅଟିଏ ଜନ୍ମ ହେଲା; କିନ୍ତୁ ବୟସ ବଢ଼ିବାରେ ଜଣାପଡିଲା ଯେ ପୁଅ ଦୀପକ ସମ୍ପୂର୍ଣ୍ଣ ଦିବ୍ୟାଙ୍ଗ। ଠିକ ଭାବେ ଠିଆ ମଧ୍ୟ ହୋଇପାରୁନି କି କଥା ହୋଇପାରୁନି। ଏଥିସହ ଦୀପକ ଘଣ୍ଟା ଘଣ୍ଟା ଧରି ବେହୋସ ହୋଇଯାଏ। ଜ୍ୱର ଲାଗି ରହିଥାଏ। ଏଭଳି ସ୍ଥିତିରେ ୨୦୧୪ରେ ପିଣ୍ଟୁ କୁଆଡେ ଚାଲିଗଲେ ଯେ ଆଉ ଫେରିଲେନି। ସେବେଠୁ ପୁଷ୍ପାଞ୍ଜଳି ବେସାହାରା ହୋଇଗଲେ। ସରକାରଙ୍କ ପକ୍ଷରୁ ମିଳୁଥିବା ୩୫ କେଜି ଚାଉଳ ଓ ବିକଳାଙ୍ଗ ପୁଅର ୧୨୦୦ ଟଙ୍କା ଭତ୍ତାରେ ମା, ପୁଅ କଷ୍ଟରେ ଚଳୁଛନ୍ତି। ସେଥିରେ ପୁଣି ପୁଅର ଚିକିତ୍ସା ବି କରିବାକୁ ପଡୁଛି। ଗାଁର ସୁଶୀଲ ମେହେର ଦେଇଥିବା ଘରେ ମା, ପୁଅ ଆଶ୍ରୟ ନେଉଛନ୍ତି।

୬ ମାସ ତଳେ ରାମପାଲିରେ ସରକାରଙ୍କ ତରଫରୁ ୪ ଡେସିମିଲ ଜାଗା ମିଳିଛି; କିନ୍ତୁ ସମ୍ବଳ ନ ଥିବା ସହ ଖାଲୁଆ



ଜମି ଓ ନିରୋଳା ସ୍ଥାନ ହୋଇଥିବାରୁ ସେଠାରେ ସେ ଘର କରିପାରୁନାହାନ୍ତି। ତଥାପି ମିଳିଥିବା ସ୍ଥାନର ଜାଗା ଚିହ୍ନଟ ଓ ଜନବସତି ସ୍ଥାନରେ ଜାଗା ଦେବା ପାଇଁ ସେ ବାରମ୍ବାର ଆରଆଇ, ତହସିଲଦାର ଓ ଉପଜିଲ୍ଲାପାଳଙ୍କ ନିକଟକୁ ଅଭିଯୋଗ କରି ଆସୁଛନ୍ତି। କେବଳ ପ୍ରତିଶ୍ରୁତି ମିଳୁଛି ସିନା ସମସ୍ୟାର ସମାଧାନ ହେଉନି। ପୁଣି ଏହି ଅଭିଯୋଗ ନେଇ ସେ

- ଦିବ୍ୟାଙ୍ଗ ପୁଅକୁ ଧରି ମହିଳା ପ୍ରଶାସନର ଦ୍ୱାରସ୍ଥ
- ଚାଉଳ, ପୁଅର ଭତ୍ତାରେ ଚଳୁଛନ୍ତି
- ପର ଘରେ ଜୀବନ ବିତୁଛି

ସୋମବାର ଉପଜିଲ୍ଲାପାଳଙ୍କ ନିକଟକୁ ଆସିଥିଲେ। ପାଟଣାଗଡ଼ ତହସିଲଦାରଙ୍କୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପ୍ରତିଶ୍ରୁତି ବାରମ୍ବାର ମିଳିଛି; କିନ୍ତୁ ଫଳପ୍ରଦ ହେଉ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ଏଥିସହ ପୁଅ ଦୀପକ ସମ୍ପୂର୍ଣ୍ଣ ଦିବ୍ୟାଙ୍ଗ; ମାତ୍ର ସାର୍ଟିଫିକେଟରେ ୭୫ ପ୍ରତିଶତ ରହିଛି। ଏଣୁ ୧୨୦୦ ଟଙ୍କା ଭତ୍ତା ମିଳୁଛି। ୮୦ ପ୍ରତିଶତ ହେଲେ ୩ ହଜାର ଟଙ୍କା ଭତ୍ତା ମିଳନ୍ତା। ସେଥିରେ ଚଳିବା ଆଉ ଟିକେ ସହଜ ହୁଅନ୍ତା ବୋଲି ସେ କହିଛନ୍ତି। ସରକାରଙ୍କ ଯୋଜନା କେବେ ବି ଗରିବଙ୍କ ପାଇଁ ନୁହେଁ। ତାଙ୍କ ଭଳି ବେସାହାରା ମହିଳାଙ୍କ ଦୁଃଖ ବୁଝିବାକୁ କେହି ନାହିଁ ବୋଲି ସେ କହିଛନ୍ତି।

## ରାମଲୀଳାରେ ମନ ଛୁଇଁଲା 'ସୀତା ହରଣ'



ବଲାଙ୍ଗିର,୬।୪(ସମିସ): ବଲାଙ୍ଗିର ସହରର ଜଗନ୍ନାଥ ପଡ଼ାରେ ରାମଜୀ ନାଟକ ସଂସଦ ଦ୍ୱାରା ରାମଲୀଳା ନାଟକ ମହୋତ୍ସବ ଚାଲିଛି। ଏହି ଅବସରରେ ନାଟକ ସୀତା ହରଣ ମଞ୍ଚସ୍ଥ ହୋଇଥିଲା। ଡା. ରୁଦ୍ର ନାରାୟଣ ପଟେଲ, ଆନନ୍ଦ ମିଶ୍ର, ମାନସ ସାହୁ, କୁମୁଦ ରଂଜନ ନାଏକ ପ୍ରମୁଖ, ଚୈତନ୍ୟ ମଟାରୀ ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନ ଛୁଇଁଥିଲା।

## ବେଲପଡ଼ାରେ ସିସିଟିଭି ବ୍ୟବସ୍ଥାର ଶୁଭାରମ୍ଭ



ବେଲପଡା,୬।୪(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ସହରରେ ସିସିଟିଭି କ୍ୟାମେରା ଲଗାଯାଇଛି। ସ୍ଥାନୀୟ ବିଧାୟକ ତଥା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ସୋମବାର ଏହାର ଶୁଭାରମ୍ଭ କରି ଉଦ୍‌ଘାଟନ କରିଛନ୍ତି।

ସହରର ମୋଟ ୨୭ଟି ଗଳିକନ୍ଦିରେ କ୍ୟାମେରାଗୁଡିକ ଲଗାଯାଇଛି; ଯାହାର କଣ୍ଟ୍ରୋଲ ରୁମ୍ ଥାନା ପରିସରରେ ରହିଛି। ଏହା ଯୋଗୁଁ ସହରରେ ଅପରାଧ ନିୟନ୍ତ୍ରଣ କରିହେବ। ଅପରାଧୀଙ୍କୁ ସହଜରେ କାବୁ କରିହେବ। ଏହି ଉଦ୍‌ଘାଟନ ଉତ୍ସବରେ ବଲାଙ୍ଗୀର ଜିଲ୍ଲାପାଳ ଶିବାଜୀ ଗୌରବ ଇସଲୱାର, ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି, ପାଟଣାଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ବେଲପଡା ଥାନା ଅଧିକାରୀ ଅନନ୍ତ ପଧାନ, ବେଲପଡା ବିଡ଼ିଓ ରାଜେଶ ମେହେର, ତହସିଲଦାର ଅଭିଷେକ କିସାନ ପ୍ରମୁଖ ଉପସ୍ଥିତ ଥିଲେ।

## ବଲାଙ୍ଗିରରେ କାଳବୈଶାଖୀ ତାଣ୍ଡବ

# ସବୁଆଡ଼େ ଗଦେଇ ହୋଇଗଲା କୁଆପଥର

ବଲାଙ୍ଗିର,୬।୪(ସମିସ)

ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ସୋମବାର କାଳବୈଶାଖୀର ତାଣ୍ଡବ ଦେଖିବାକୁ ମଳିଛି। ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିଲା। ଅପରାହ୍ନରେ ଜିଲ୍ଲାର ପାଟଣାଗଡ ଓ ବେଲପଡ଼ା ଅଞ୍ଚଳରେ ପବନ ବୋହିଥିଲା। ବର୍ଷା ଓ କୁଆପଥର ମାଡ଼ ହୋଇଥିଲା। ଏହାର ପ୍ରଭାବରେ ପାଟଣାଗଡ ଅଞ୍ଚଳରେ ବହୁ ପରିମାଣର ଚାଷ କ୍ଷତିଗ୍ରସ୍ତ ହୋଇଛି। ପାଟଣାଗଡ, ବେଲପଡା ଓ ଖପ୍ରାଖୋଲ ଅଞ୍ଚଳରେ କୁଆପଥର ମାଡ ମଧ୍ୟ ହୋଇଥିଲା। ରାସ୍ତା, ଘର, ଜମି, ପଡିଆ ସବୁଆଡେ କୁଆପଥର ଭରିଯାଇଥଲା। କାଶ୍ମୀରରେ ବରଫପାତ ହେବା ଭଳି ଦେଖାଯାଇଥିଲା। ଏହି





ଅଞ୍ଚଳରେ ହୋଇଥିବା ରବି ଧାନ ଚାଷ ସହ ପନିପରିବା ଓ ଡାଲିଜାତୀୟ ଚାଷ କ୍ଷତିଗ୍ରସ୍ତ ହୋଇଛି। ପ୍ରବଳ ପବନ ବୋହିବା ଯୋଗୁଁ ଅନେକ ସ୍ଥାନରେ ଗଛ ଭାଙ୍ଗି ଘର କ୍ଷତିଗ୍ରସ୍ତ ହୋଇଛି। କିଛି ସ୍ଥାନରେ ରାସ୍ତା ଉପରେ ଗଛ ପଡି ଯାତାୟାତ ବ୍ୟାହତ ହୋଇଛି। ବିଦ୍ୟୁତ ସେବା ମଧ୍ୟ ବ୍ୟାହତ ହୋଇଥିଲା।

ଖପ୍ରାଖୋଲ: ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଚଙ୍ଗରିଆ ଗାଁରେ ସୋମବାର ଅପରାହ୍ନରେ କାଳ ବୈଶାଖୀ ତାଣ୍ଡବ ରଚିଛି। ପ୍ରବଳ କୁଆପଥର ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଗଛ ଡାଳ ଭାଙ୍ଗିଛି। ସ୍ଥାନେ ସ୍ଥାନେ ରାସ୍ତା ଉପରେ ମଧ୍ୟ ଗଛ ପଡ଼ିଛି। ଘରର ଆଜବେଷ୍ଟସ ଓ ମାଟି ଖପର ଭାଙ୍ଗିଛି। ଘର ବାହାରେ ଥିବା ଗାଡ଼ି ମଟରର କାଚ ମଧ୍ୟ ଭାଙ୍ଗି ଯାଇଛି। ସେହିପରି ଘର ବାହାରେ ଥିବା ବିଭିନ୍ନ ଉପକରଣ ଭାଙ୍ଗି ଯାଇଛି। ରବି ଧାନ, ମୁଗ, ପନିପରିବା ଫସଲ ବ୍ୟାପକ ନଷ୍ଟ ହୋଇଛି। ସେହିଭଳି କୁଆପଥର ମାଡରେ ବ୍ୟାପକ ଫସଲ, ମହୁଲ, ଚାର, ଆମ୍ବ, ତେନ୍ତୁଳି, ଲେମ୍ବୁ ଆଦି ନଷ୍ଟ ହୋଇଛି। ଖବର ପାଇ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆନନ୍ଦ ପଣ୍ଡା, ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିବା ସହ କ୍ଷୟକ୍ଷତି ବୁଲି ଦେଖିଛନ୍ତି। କୁଆପଥର ମାଡରେ କିଛି ଲୋକ ଆହତ ହୋଇଥିବା ବେଳେ ଗାଈଛେଳି ଆହତ ହୋଇଛନ୍ତି। ରେଙ୍ଗାଲଜୁରି ଗାଁରେ ମଧ୍ୟ କାଳ ବୈଶାଖୀ ଓ କୁଆ ପଥର ମାଡରେ ଚାଷ ନଷ୍ଟ ହୋଇଛି। ବ୍ଲକର ବିଭିନ୍ନ ଗାଁରେ ପ୍ରବଳ ପବନ ବହିବା ସହିତ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏନେଇ ବିଡ଼ିଓ ଷଡ଼ଙ୍ଗୀଙ୍କୁ ପଚାରିବାରୁ ଦୁଇଟି ଯାକ ଗାଁରେ କୁଆପଥର ମାଡରେ ବ୍ୟାପକ କ୍ଷତି ହୋଇଛି। ଘରର ମାଟି ଖପରା ଓ ଆଜବେଷ୍ଟ ବ୍ୟାପକ କ୍ଷତି ହୋଇଛି। କ୍ଷତିଗ୍ରସ୍ତଙ୍କୁ ଶୁଖିଲା ଖାଦ୍ୟ, ମହମବତି ଆଦି ବଣ୍ଟାଯିବ ବୋଲି ସୂଚନା ଦେଇଛନ୍ତି।

# କାମ କରୁନି ସରକାରଙ୍କ ନିର୍ଦ୍ଦେଶ; ଗ୍ୟାସ୍ ପାଇଁ ଲମ୍ବା ଧାଡ଼ି



ଆସିକା,୬।୪(ସମିସ): ମଧ୍ୟ ପ୍ରାଚ୍ୟରେ ଚାଲିଛି ଯୁଦ୍ଧର ତାଣ୍ଡବ। ଫଳରେ ବହୁ ରାଷ୍ଟ୍ରରେ ତୈଳ ଓ ଗ୍ୟାସ୍ ସଂକଟ ଦେଖାଦେଇଛି। ମାତ୍ର ଭାରତ ସରକାର ଦେଶରେ ଗ୍ୟାସ ଓ ତୈଳର ଅଭାବ ନଥିବା କହୁଥିବାବେଳେ ଅନ୍ୟପଟେ ଗ୍ୟାସ ପାଇଁ ବିଭିନ୍ନ ସ୍ଥାନରେ ଖାଉଟୀ ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ଏପରି ସ୍ଥଳେ ସରକାରଙ୍କ ନୀତିନିୟମ ଖାଉଟୀଙ୍କ ଚିନ୍ତା ବଢ଼ାଇଛି। କେୱାଇସି ନ କଲେ ଖାଉଟି ଗ୍ୟାସ ପାଇ ପାରିବେ ନାହିଁ ବୋଲି ସରକାର ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଗ୍ୟାସ ପାଇଁ ଆସିକା ଅଞ୍ଚଳରେ ଲୋକେ ତାତିବା ସହ ଇଣ୍ଡିଆନ ଗ୍ୟାସ୍ ଡିପୋ ସମ୍ମୁଖରେ ହୋହାଲ୍ଲା କରିଥିଲେ। ଗ୍ୟାସ ଡିପୋ ଖୋଲିବାରେ ବିଳମ୍ବ ଯୋଗୁଁ ଲୋକେ ଗ୍ୟାସ ନ ପାଇ ପାଟିତୁଣ୍ଡ କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଁଚି ଲୋକଙ୍କୁ ବୁଝାଇବା ପରେ ସ୍ୱାଭାବିକ ହୋଇଥିଲା ଗ୍ୟାସ ବିତରଣ କାର୍ଯ୍ୟ। ଗତ କିଛିଦିନ ହେଲା ଘରକୁ ଘର ଗ୍ୟାସ ଯୋଗାଣ ବନ୍ଦ ହୋଇଥିବା କାରଣରୁ ଲୋକେ ଗ୍ୟାସ ଡିପୋ ସମ୍ମୁଖରେ ଭିଡ଼ କରୁଥିବା ଜଣାପଡିଛି।

# 'ସିଲ୍କସିଟି ମହୋତ୍ସବ' ଓ 'ସୁଭଦ୍ରା ଶକ୍ତି ମେଳା' ଉଦ୍‌ଘାଟିତ






ବ୍ରହ୍ମପୁର,୬।୪(ସମିସ)

ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ପରିସରରେ ସିଲ୍କ ସିଟି ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ୍, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବିଇଏମ୍‌ସି କମିଶନର ଏ. ସସ୍ୟ ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିନାଶ କୁମାର, ସ୍ୱଦେଶୀ ଜାଗରଣ ମଞ୍ଚର ଆବାହକ ପ୍ରସନ୍ନ କୁମାର ଛୋଟରାୟ ଓ ଶିଳ୍ପପତି ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ମଞ୍ଚାସିନ ଥିଲେ।

ଅତିଥିମାନେ ରେଶମ ସହର ପାଟଶାଢ଼ିର ମହତ୍ତ୍ୱ ଓ ପ୍ରସିଦ୍ଧି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାସହ ଜିଲ୍ଲା କଳା ଓ ସଂସ୍କୃତି ଲୋକଲୋଚନକୁ ଆଣିବା ସହ ଗଞ୍ଜାମକୁ ଶ୍ରେଷ୍ଠ ଜିଲ୍ଲାରେ ପରିଣତ କରିବାରେ ସହଯୋଗ କାମନା କରିଥିଲେ। ଏହି ମହୋତ୍ସବ ଚଳିତମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଉତ୍ସବରେ ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କର ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ସ୍ୱଦେଶୀ ମେଳା, ପାରମ୍ପରିକ ଖାଦ୍ୟ ମେଳା, କୃଷି ଭିତ୍ତିକ ଯନ୍ତ୍ରପାତି ମେଳା ପ୍ରଦର୍ଶିତ ହୋଇଛି। ପ୍ରଥମ ରଜନୀର ମୁଖ୍ୟ ଆକର୍ଷଣ ଓଡ଼ିଆ ସିନେମା ଜଗତର ପ୍ରସିଦ୍ଧ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ଓ ତାଙ୍କ ସହଯୋଗୀ ଦର୍ଶକଙ୍କୁ ଆକର୍ଷିତ କରିଥିଲେ। ସଂସ୍କୃତି ପରିଷଦ ଆନୁକୁଲ୍ୟରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଦାସକାଠିଆ, ଓଡ଼ିଶୀ ନୃତ୍ୟ, କୁଚିପୁଡ଼ି, ସମ୍ବଲପୁରୀ, ଢେମସା, କାଠପାଦ ନୃତ୍ୟ, ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ।

# ଓଳମ୍ବାରେ ପଞ୍ଚୁଦଣ୍ଡ ମହାମିଳନ

ଧରାକୋଟ,୬।୪(ସମିସ): ଧରାକୋଟ ବ୍ଲକର ଓଳମ୍ବା ଗ୍ରାମରେ ପଞ୍ଚୁଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ଗୋଲିଆ, ଭାମଶିଆଳି, ଗୁଣ୍ଠପଡା, ମୋରାବାଇ ଓ କବିସୂର୍ଯ୍ୟ ନଗର ଦଣ୍ଡଦଳ ଏଥିରେ ଭାଗ ନେଇଥିଲେ। ସନ୍ଧ୍ୟା ଆଳତି ଓ ନିଶାର୍ଦ୍ଧରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ପାଞ୍ଚ ଗୋଟି ଦଣ୍ଡଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବଡଗଡ ଥାନାଅଧିକାରୀ ବିମଳ କୁମାର କହଁରଙ୍କ ନେତୃତ୍ୱରେ ସଫଳତାର ସହ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରାଯାଇଥିବା ବେଳେ ଓଳମ୍ବା ଗ୍ରାମବାସୀ ଓ ଯୁବକ ସଂଘ ସହଯୋଗ ପ୍ରଦାନ କରିଥିଲେ।

# ପୈତୃକ ସମ୍ପତ୍ତିକୁ ନେଇ ଗଣ୍ଡଗୋଳ; ଜେଲ୍ ଗଲେ ୨ ଭାଇ

ଦିଗପହଣ୍ଡି,୬।୪(ସମିସ)

ଦିଗପହଣ୍ଡି ବ୍ଲକ ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ପାରିବାରିକ ହିଂସା ଘଟଣାରେ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ସୁବାସ ବାୟକ ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ରବୀନ୍ଦ୍ର ସାହୁ ଓରଫ ଅଧିକାରୀ ଏବଂ ପ୍ରତିପକ୍ଷ ଗୋବିନ୍ଦ ସାହୁ। ସେମାନଙ୍କୁ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦୁଇ ଭାଇଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

ଶନିବାର ସକାଳ ପ୍ରାୟ ସାଢ଼େ ୯ ଟାରେ ପୈତୃକ ଘର ଓ ଚାଷଜମି ଭାଗବଣ୍ଟାକୁ କେନ୍ଦ୍ରକରି ଘର ସମ୍ମୁଖରେ ବିନୋଦ ସାହୁ ଏବଂ ରବୀନ୍ଦ୍ର ସାହୁ ଓରଫ ଅଧିକାରୀଙ୍କ ମଧ୍ୟରେ ଯୁକ୍ତିତର୍କ କଥା କଟାକଟି ହୋଇଥିଲା। ବଡ଼ଭାଇ ଗୋବିନ୍ଦ ସାହୁ ସେଠାରେ ପହଞ୍ଚି ଛଡ଼ାଛଡ଼ି କରିବା ବେଳେ ରବୀନ୍ଦ୍ର ଉତ୍ତେଜିତ ହୋଇ ଏକ ଠେଙ୍ଗାରେ ଗୋବିନ୍ଦଙ୍କ ମୁଣ୍ଡ ଓ ଡାହାଣ



ଆଣ୍ଠୁକୁ ଶକ୍ତ ପ୍ରହାର ଦେଇଥିଲେ। ପରେ ବିନୋଦ ଏବଂ ରବୀନ୍ଦ୍ରଙ୍କୁ ଗୋବିନ୍ଦ ଆକ୍ରମଣ କରିଥିଲେ। ରବୀନ୍ଦ୍ରଙ୍କ ସ୍ତ୍ରୀ ଡଲି ସାହୁଙ୍କୁ ଗୋବିନ୍ଦ ଅସଦାଚରଣ କରିବା ସହ ଆକ୍ରମଣ କରିଥିଲେ। ଆହାତମାନଙ୍କୁ ବୋମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ହୋଇ ଫେରିବା ପରେ ଗୋବିନ୍ଦ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ପରେ ରବୀନ୍ଦ୍ର ପାଲଟା ଏତଲା ଦେଇଥିଲେ। ଉଭୟଙ୍କ ଏତଲାକୁ ଭିତ୍ତିକରି ଆଇଆଇସି ବିଶ୍ୱଜିତ ନାୟକ ମାମଲା ରୁଜୁ କରି ନୂଆପଡ଼ା ଫାଣ୍ଡି ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବର୍ଷେ ହେଲା ଭାଇମାନଙ୍କ ମଧ୍ୟରେ ଏପରି ବିବାଦ ଲାଗିଥିବାବେଳେ ଗ୍ରାମ ଭଦ୍ରଲୋକ ସମାଧାନ ପାଇଁ ଚେଷ୍ଟା କରିଥିଲେ ମଧ ହୋଇନଥିବା ଜଣାପଡ଼ିଛି।

# କଳିଙ୍ଗ ରୋଡରେ ଦଣ୍ଡନାଚ



ଆସିକା,୬।୪(ସମିସ): ଆସିକା କଳିଙ୍ଗ ରୋଡରେ ଥିବା ମା'ଦଣ୍ଡକାଳୀ ଜଗା ବଳିଆ ଯୁବକ ସଙ୍ଘ ପକ୍ଷରୁ ଦଣ୍ଡନାଚ ଅନୁଷ୍ଠିତ ହୋଇଯାଇଛି। ମା' ଦଣ୍ଡକାଳୀଙ୍କ ୧୩ ଦିନିଆ ଦଣ୍ଡଯାତ୍ରା ପାଇଁ ଗାଁଠୁ ସହର ଚଳଚଞ୍ଚଳ ହୋଇଉଠିଛି। ଦଣ୍ଡୁଆମାନେ ଖାଲି ପାଦରେ ଚାଲି ଚାଲି ମାନସିକଧାରୀଙ୍କ ଘର ସମ୍ମୁଖରେ ଧୂଳିଦଣ୍ଡ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଆଳତୀ ସହ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଯୁବକ ସଂଘର ସଭାପତି ସୁଶାନ୍ତ ବେହେରାଙ୍କ ସମେତ ମ୍ୟାନଜେର ସନ୍ୟାସୀ ଭଞ୍ଜ, ସଞ୍ଜୟ ଭଞ୍ଜ, ଜଗବନ୍ଧୁ ଗୌଡ଼, କାଳିଆ ମହାରଣା, ବିଭୁତି ପାଢ଼ୀ, ପ୍ରସନ୍ନ ତ୍ରିପାଠୀ, ପ୍ରତାପ ଗୌଡ଼ ଓ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ।

# ନୋଳିଆ ନୂଆଗାଁ ବେଳାଭୂମି ସଂଯୋଗୀକରଣ ପ୍ରସ୍ତୁତି



ଛତ୍ରପୁର, ୬।୪ (ସମିସ): ଛତ୍ରପୁର ସହର ନିକଟରେ ଥିବା ତାମ୍ପରା ହ୍ରଦର ପୁନଃରୁଦ୍ଧାର ସହିତ ତାମ୍ପରା ଓ ସମୁଦ୍ର ଭିତରେ ନୋଳିଆନୂଆଗାଁ ବେଳାଭୂମି ରହିଛି। ତାହାର ସଂଯୋଗୀକରଣ ଏବଂ ପାରିପାର୍ଶ୍ୱିକ ଉନ୍ନତିକରଣ ନେଇ ଆଜି ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଇଆରଇଏଲ, ପର୍ଯ୍ୟଟନ, ଜଳ ସେଚନ, କ୍ଷୁଦ୍ର ଜଳସେଚନ, ପୂର୍ତ୍ତ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ଅଧିକାରୀମାନଙ୍କୁ ନେଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଉପସ୍ଥିତରେ ଏକ ପ୍ରସ୍ତୁତି ବୈଠକ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଋଷିକୁଲ୍ୟାରୁ ପାଣି କିପରି ଆସିବ ଏବଂ ସବୁବେଳେ ତାମ୍ପରାରେ ପାଣି ଭର୍ତ୍ତି ହୋଇ ରହିବ ସେଥିପାଇଁ ଜଳ ସେଚନ ବିଭାଗ ପକ୍ଷରୁ ଏକ ଡ଼ିପିଆର ପ୍ରସ୍ତୁତି କରିବାକୁ କୁହାଯାଇଛି। ଲୋକେ କିପରି ସୁରକ୍ଷିତ ଭାବେ ବେଳାଭୂମିର ମଜା ନେବେ ସେଥିପାଇଁ ନୋଳିଆ ନୂଆଗାଁ ବେଳାଭୂମିକୁ ବ୍ରିଜ ମାଧ୍ୟମରେ ଯାତାୟତ କରିବେ। ଏହାକୁ ଦୃଷ୍ଟିରେ ରଖି ଆଜି ଏହି ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଛି ବୋଲି ବିଧାୟକ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ବୈଠକରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ଆଇଆରଇଏଲ କମ୍ପାନୀର ବରିଷ୍ଠ ଅଧିକାରୀ ଗଣ, ଏମଆଇ, ଇରିକେସନ, ପିବ୍ଲୁଡ଼ି ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହୀରକ ଜୟନ୍ତୀ




ବ୍ରହ୍ମପୁର,୬।୪(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ହୀରକ ଜୟନ୍ତୀ ପାଳିତ ହୋଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଡ଼ାକ ବିଭାଗର ଜେନରାଲ କର୍ଣ୍ଣଲ ବିନୋଦ କୁମାର, ବ୍ରହ୍ମପୁର ଡ଼ାକ ଶାଖା କାର୍ଯ୍ୟାଳୟର ବିରିଷ୍ଠ ସୁପରଟେଣ୍ଡେଣ୍ଟ ବସନ୍ତ କୁମାର ପଣ୍ଡା, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପ୍ରଫେସର ସାରଦା ପ୍ରସାଦ ସାହୁ ମଂଚାସୀନ ଥିଲେ। ଏ ଅବସରରେ ଡ଼ାକ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ପୋଷ୍ଟାଲ କଭରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା, ନାଲକୋ ଗେଟ ଓ ବିଶ୍ୱବିଦ୍ୟାଳୟ ଲୋଗ ସହ ଏକ ସ୍ୱତନ୍ତ୍ର ଷ୍ଟାମ୍ପ, ନାକ ଏ ଗ୍ରେଡ଼ ଫଟୋ ରହିଥିବା ଏକ ସ୍ୱତନ୍ତ୍ର କଭରକୁ ଉନ୍ମୋଚନ କରିଥିଲେ। ଏହି କଭର ଭାରତ ବର୍ଷର ବିଭିନ୍ନ ସ୍ଥାନକୁ ପଠା ଯାଇପାରିବ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ସ୍ମୃତି ଉପରେ ଲୋକ ଜାଣିପାରିବେ ବୋଲି ଜଣାପଡ଼ିଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା ଏବଂ ସାଂସ୍କୃତିକ ସହଭାଗୀତାର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବାରୁ ଏହି ଭଳି ସ୍ୱତନ୍ତ୍ର କଭର ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ଏହି କାର୍ଯକ୍ରମରେଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୬।୪(ସମିସ): ଗଜପତି ନଗର ଓ ବାସୁଦେବ ନଗର ହନୁମାନ ମନ୍ଦିରର ସିଂହଦ୍ୱାର ମୁଖଶାଳା ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ହେବ। ସ୍ଥାନୀୟ ପାଠାଗାରରେ ପ୍ରସ୍ତୁତି ବୈଠକ ହୋଇଯାଇଛି। ଆସନ୍ତା ୩ରୁ ୬ ତାରିଖ ୪ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଘୃତଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ଏଥିପାଇଁ ଗଠିତ ସ୍ୱତନ୍ତ୍ର କମିଟିର ଆବାହକ ସର୍ବଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡା, କର୍ପୋରେଟର ତଥା ଯଜ୍ଞ ଆୟୋଜନ କମିଟି ଅଧ୍ୟକ୍ଷ ସମୀର କୁମାର ମିଶ୍ରଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିନୋଦ ମହାପାତ୍ର, ଶରତ ମହାପାତ୍ର, ସୁରେନ୍ଦ୍ର ମହାନ୍ତି, ରବୀନ୍ଦ୍ର ପଟ୍ଟନାୟକ, ନବୀନ ବିଶୋଇ, କାଳୀ ଚରଣ ପଣ୍ଡା, ନିରଞ୍ଜନ ଦାଶ, ପ୍ରଫୁଲ୍ଲ ପଶୁପାଳକ, ପ୍ରଦୀପ ପଟ୍ଟନାୟକ, ଶ୍ରୀକାନ୍ତ ଚୌଧୁରୀ, ବାବୁ ପାଣିଗ୍ରାହୀ, ତୋଫାନ ପଟ୍ଟନାୟକ, ଚନ୍ଦ୍ରଶେଖର ସାମନ୍ତ, ସନ୍ତୋଷ ଦାସ, ନାଗେଶ୍ୱର ପାତ୍ର, ସତ୍ୟନାରାୟଣ ସୁବୁଦ୍ଧି, ରାମ ମୋହନ ପଟ୍ଟନାୟକ, ରବି ପାତ୍ର, ଡ଼ାକ୍ତର ମହାରଣା, ଦଣ୍ଡପାଣି ବେହେରା, ନିର୍ମଳ ପାଢ଼ୀ, ଗଜପତି ନଗର ଉନ୍ନୟନ କମିଟି ସମ୍ପାଦକ ରାଜେଶ କୁମାର ସାହୁ ଓ ଦେବୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ବୃଦ୍ଧାଙ୍କୁ ଆକ୍ରମଣ

ଦିଗପହଣ୍ଡି,୬।୪(ସମିସ): ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ ଝରିପଦର ଗ୍ରାମର ଏନ. କସ୍ତୁରୀ ରେଡ୍ଡୀ (୭୦) ଙ୍କୁ ତାଙ୍କ ପଡୋଶୀ ଭି. ଭିକି ରେଡ୍ଡୀ, ଭି. ମାମି ରେଡ୍ଡୀ ଓ ମାମିଙ୍କ ଭଉଣୀ ଘରୁ ଟାଣି ନେଇ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ରବିବାର ମଧ୍ୟାହ୍ନରେ ବୃଦ୍ଧା ଜଣକ ଘରେ ଏକୁଟିଆ ଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏପରି ଆକ୍ରମଣ କରାଯାଇଥିଲା। ବୃଦ୍ଧାଙ୍କ ଝିଅ ଏନ. ପଦ୍ମା ରେଡ୍ଡୀ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ଘଟଣାର ତଦନ୍ତ ଚଳାଇଛନ୍ତି। ଘରର କାନ୍ଥ ନିର୍ମାଣକୁ କେନ୍ଦ୍ରକରି ଦୁଇ ପଡୋଶୀଙ୍କ ମଧ୍ୟରେ ଦୀର୍ଘବର୍ଷ ଧରି ଶତ୍ରୁତା ଲାଗିରହିଛି। ରବିବାର ମଧ୍ୟାହ୍ନରେ ଜଣେ ଅଚିହ୍ନା ଯୁବକ ମାମିଙ୍କ ଘରକୁ ଆସିଥିଲେ। କସ୍ତୁରୀ ଯୁବକଙ୍କ ପରିଚୟ ମାଗିବାକୁ କେନ୍ଦ୍ରକରି ମାମିଙ୍କ ପୁଅ ଭିକିଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଭିକି, ମାମି ଓ ଭୁଡୁକି ଗ୍ରାମର ମାମିଙ୍କ ଭଉଣୀ ବୃଦ୍ଧାଙ୍କୁ ଆକ୍ରମଣ କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ଦୁଇ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।


10001/18/2627

## ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ୍/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0001

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

**ଅଙ୍ଗନବାଡ଼ି କେନ୍ଦ୍ରରେ ନିମ୍ନମାନର ଛତୁଆ ପ୍ରଦାନ ପ୍ରସଙ୍ଗ**

# ଖବର ପ୍ରକାଶ ପରେ ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ବନ୍ତ/ଆଗରପଡ଼ା,୬।୪(ସମିସ)

ଗତ ୫ ତାରିଖ 'ଅଙ୍ଗନବାଡ଼ି କେନ୍ଦ୍ରରେ ନିମ୍ନମାନର ଛତୁଆ ପ୍ରଦାନ ଅଭିଯୋଗ; ଖାଦ୍ୟ ଓଜନରେ ଠକାମୀକୁ ନେଇ ତଦନ୍ତ ଦାବି' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଘଟଣାର ତଦନ୍ତ ନିମନ୍ତେ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଶିଶୁ, ଗର୍ଭବତୀ, କିଶୋରୀ ଓ ପ୍ରସୂତିଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଛତୁଆ, ବାଦାମ ଲଡୁ, ସୁଜି, ମୁଢ଼ି, ବେସନ, ସୋଲା ଓ ଖଜୁରୀ ସମେତ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ବଣ୍ଟନ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥାଏ। ବନ୍ତ ବ୍ଲକ୍‌ରେ ରାଜ୍ୟ ସରକାରଙ୍କ ତରଫରୁ ଉକ୍ତ ଖାଦ୍ୟ ବଣ୍ଟନ ଦାୟିତ୍ୱ ଆଲମଙ୍ଗାର ମା' ମନ୍ତ୍ରବାସୁଳୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। ଏହି ମନ୍ତ୍ରବାସୁଳୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରାୟ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଦାୟିତ୍ୱରେ ଥିବାବେଳେ ବିଭିନ୍ନ ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ଏହି ଗୋଷ୍ଠୀକୁ କିଛି ମାସ ପାଇଁ ଦାୟିତ୍ୱରୁ ନିବୃତ ରଖାଯାଇଥିଲା। ପରେ ଅନ୍ୟ ଦୁଇଟି ଗୋଷ୍ଠୀକୁ ବନ୍ତ ବ୍ଲକ୍ ବଣ୍ଟନ ଦାୟିତ୍ୱ ଦିଆଯାଇଥିଲା। ୬ ମାସ ପରେ ଉକ୍ତ ଦୁଇ ଗୋଷ୍ଠୀକୁ କାଟି ପୁନର୍ବାର ମନ୍ତ୍ରବାସୁଳୀ ଗୋଷ୍ଠୀ ଦାୟିତ୍ୱ ନେଇଛି। ଏବେ ମଧ୍ୟ ମାଳମାଳ ଅଭିଯୋଗ ଆସିଛି ଏହି ଗୋଷ୍ଠୀ ବିରୋଧରେ। ହଳଦିଆ ରଙ୍ଗର ଜରି ପ୍ୟାକ୍ ଥିବା ଛତୁଆରେ ଗହମ ୨.୫ କେଜି, ବୁଟ ୫୦୦ ଗ୍ରାମ୍, ଚିନାବାଦାମ ୩୭୫ ଗ୍ରାମ୍, ଚିନି ୬୨୫ ଗ୍ରାମ୍ ମିଶ୍ରିତ ହୋଇ ଛତୁଆ ୪ କେଜି ପ୍ରସ୍ତୁତ ହେବା ପାଇ ରାଜ୍ୟ ସରକାରଙ୍କ ତରଫରୁ ନିୟମ ଅଛି। ବନ୍ତ ବ୍ଲକ୍‌ରେ ଦାୟିତ୍ୱରେ ଥିବା ମନ୍ତ୍ରବାସୁଳୀ ଗୋଷ୍ଠୀ ୪ କେଜି ଛତୁଆ ଦେବା ବଦଳରେ ୩ କେଜି ୪୯୦ ଗ୍ରାମ୍ ଛତୁଆ ପ୍ରଦାନ କରୁଛି। ଏହା ସହିତ ଏହାର ମାନ ନିମ୍ନମାନର ଥିବା ସହିତ ଖାଇବା ଅନୁପଯୋଗୀ ବୋଲି ଅଭିଯୋଗ ଆସିଛି। ସୁଜି ଓ ବେସନରେ ଲମ୍ବା ଧଳା ପୋକ, ବାଦାମ ଲଡୁରେ ପୋକରା ବାଦାମ ବ୍ୟବହାର, ମୁଢ଼ିରେ ବାଲି ବାହାରୁଥିବାବେଳେ ପୋକରା ସୋଲା, ନିମ୍ନମାନର ଖଜୁରୀ ପ୍ରଦାନ ନେଇ ସାଧାରଣରେ ଅଭିଯୋଗ ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି।



**ସକାଳ ପ୍ରଭାବ**

ଅନ୍ୟପକ୍ଷରେ ରାଜ୍ୟ ସରକାର ମାଣ୍ଡିଆ ଉପରେ ଗୁରୁତ୍ୱ ଦେଉଥିବାବେଳେ ଏହି ଗୋଷ୍ଠୀ ମାଣ୍ଡିଆ ଦେଉନାହିଁ। ନିମ୍ନମାନର ଖାଦ୍ୟ ହୋଇଥିବାରୁ ଏହାକୁ ଛୋଟ ଛୁଆ, ଗର୍ଭବତୀ, ପ୍ରସୂତି ଓ କିଶୋରୀ ଖାଇପାରୁ ନାହାନ୍ତି। ଉକ୍ତ ଗୋଷ୍ଠୀ ବିରୋଧରେ ଆଗରୁ ଅନେକବାର ପ୍ରଶାସନ ପାଖରେ ଅଭିଯୋଗ ହୋଇଥିଲେ ମଧ୍ୟ କ'ଣ ପାଇ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି ଓ ବିଭାଗୀୟ ଅଧିକାରୀ କ'ଣ ପାଇଁ ଜାଣିଶୁଣି ଚୁପ୍ ରହୁଛନ୍ତି ତାହା ସାଧାରଣରେ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ଦାୟିତ୍ୱରେ ଥିବା ଉକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବହିଷ୍କାର କରିବା ସହିତ ତା' ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ବନ୍ତ ବ୍ଲକ୍ ସିଡିପିଓଙ୍କୁ ଏହି ଘଟଣା ବିଷୟରେ ପଚାରିବାରୁ ବିଭିନ୍ନ କଥା କହି ଆସିଥିବା ଅଭିଯୋଗକୁ ଆଡ଼େଇ ଦେଇଥିଲେ। ପରେ ଅଭିଯୋଗ ଉପରେ ତଦନ୍ତ କରାଯିବା ସହ ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

## ନୂତନ ଶିକ୍ଷା ବର୍ଷ ଆରମ୍ଭ; ପର୍ଯ୍ୟାପ୍ତ ପାଠ୍ୟପୁସ୍ତକ ଅଭାବ

ବାରିକପୁର,୬।୪(ସମିସ): ନୂତନ ଶିକ୍ଷା ବର୍ଷ ଆରମ୍ଭ ହୋଇ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପ୍ରବେଶ କଲେଣି। ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳନ କରାଯାଇ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ପରିତାପର ବିଷୟ ଏଯାଏଁ ପିଲାମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ପାଠ୍ୟପୁସ୍ତକ ମିଳୁନାହିଁ।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପ୍ରାୟ ୧୨ ହଜାରରୁ ଅଧିକ ପିଲା ଅଧ୍ୟୟନ କରୁଛନ୍ତି। ଏଯାବତ୍ ଅଷ୍ଟମ ଶ୍ରେଣୀ ପାଇଁ ୨ଟି, ସପ୍ତମ ଶ୍ରେଣୀ ପାଇଁ ୨, ଷଷ୍ଠ ଶ୍ରେଣୀ ପାଇଁ ୫, ପଞ୍ଚମ ଶ୍ରେଣୀ ପାଇଁ ୫ଟି ବହି ଆସିଛି। ଅନୁରୂପ ଭାବେ ଚତୁର୍ଥ ଶ୍ରେଣୀ ପିଲାଙ୍କ ପାଇଁ ୩ଟି, ତୃତୀୟ ଶ୍ରେଣୀ ପାଇଁ ୪ଟି, ଦ୍ୱିତୀୟ ଶ୍ରେଣୀରେ ୧ ଓ ପ୍ରଥମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଇଁ ୧ଟି ଲେଖାଏଁ ବହି ଆସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶିକ୍ଷା ବିଭାଗ ପକ୍ଷରୁ ୫ମରୁ ଅଷ୍ଟମ ଶ୍ରେଣୀ ଯାଏଁ ଅଧିକାଂଶ ବହି ଆସିନାହିଁ। ଏପରି ସ୍ଥଳେ ପିଲାମାନେ କେଉଁଭଳି ବିଦ୍ୟା ଅଧ୍ୟୟନ କରିବେ ତାକୁ ନେଇ ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି।

## ଭଦ୍ରକ ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି



ଭଦ୍ରକ,୬।୪(ସମିସ): ଭଦ୍ରକ ଜିଲ୍ଲା ବ୍ଲକ୍ କାର୍ଯ୍ୟାଳୟଠାରେ ସୋମବାର ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ୍ ୧୭୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୨୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ, ମୁଖ୍ୟମନ୍ତ୍ରୀ ସହାୟତା ନିଧି ଅଧୀନସ୍ଥ ୪ଟି ଓ ରେଡ୍‌କ୍ରସ ଅଧୀନସ୍ଥ ୪ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୪୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସହାୟତା ନିଧି ଓ ଜିଲ୍ଲା ରେଡ୍‌କ୍ରସ ନିଧି ମାଧ୍ୟମରେ ୮ ଜଣ ଅଭିଯୋଗକାରୀଙ୍କୁ ମୋଟ୍ ୩୩ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଭଦ୍ରକାଳୀଙ୍କ ମନ୍ଦିରରୁ ଚୋରି

ଭଦ୍ରକ,୬।୪(ସମିସ): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ମନ୍ଦିର(ପୀଠ)ରେ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବାର ଅଭିଯୋଗ ହୋଇଛି। ସୋମବାର ଭୋର୍ ସମୟରେ ମା'ଙ୍କ ପୂଜା କରିବାକୁ ଆସିଥିବା ପୂଜକ ମନ୍ଦିର ଭିତରେ ହୁଣ୍ଡି ବାକ୍ସ ଭଙ୍ଗା ହେବାର ଦେଖିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଓ ମନ୍ଦିର ଟ୍ରଷ୍ଟି ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କୁ ସୂଚନା ଦେଇଥିଲେ। ତେବେ ମା'ଙ୍କର କେତେ ସୁନା ଗହଣା ଓ ଟଙ୍କା ପଇସା ଚୋରି ହୋଇଛି, ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ମା'ଙ୍କ ପୀଠକୁ ଯାଇ ତଦନ୍ତ କରିଛନ୍ତି। ତାଙ୍କ ନିର୍ଦ୍ଦେଶରେ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ପହଞ୍ଚି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛି। ଅନ୍ୟପଟେ ମା'ଙ୍କ ମନ୍ଦିରରେ ବାରମ୍ବାର ଏହିପରି ଘଟଣା ଘଟୁଥିବାବେଳେ ସେବାୟତମାନେ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ସିସିଟିଭି ଲଗାଇବା ସହ ମନ୍ଦିରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉ ନ ଥିବା କହିଛନ୍ତି। ଯାହାକୁ ନେଇ ସେବାୟତଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ମା'ଙ୍କ ମନ୍ଦିରରେ ବାରମ୍ବାର ଏହିପରି ଘଟଣା ଘଟୁଥିବାବେଳେ ସେବାୟତମାନେ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ସିସିଟିଭି ଲଗାଇବା ସହ ମନ୍ଦିରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉ ନ ଥିବା କହିଛନ୍ତି। ଯାହାକୁ ନେଇ ସେବାୟତଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିର ଭିତରେ କିଛି କାର୍ଯ୍ୟ ଚାଲୁଥିବାରୁ ସିସି କ୍ୟାମେରା ଖୋଲାଯାଇଥିଲା। ଏହାର ସୁଯୋଗରେ ମନ୍ଦିରରୁ ଚୋରି ହୋଇଥିବା ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟି ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ଚୋରଙ୍କୁ ଧରାଯିବ ବୋଲି ଏସ୍‌ପି ଶ୍ରୀ ରାଉତ ସୂଚନା ଦେଇଛନ୍ତି।



## ଖବର ପ୍ରକାଶ ପରେ ଶୌଚାଳୟରେ ଲାଗିଲା କବାଟ

ଧାମନଗର,୬।୪(ସମିସ): ଧାମନଗର ମେଡିକାଲରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବା ସହିତ ପରିବେଶ ପ୍ରଦୂଷଣ ସୃଷ୍ଟି ଓ ଅପରିଷ୍କାର ବୃଦ୍ଧି ପାଉଥିବାରୁ ରୋଗୀ ଓ ତାଙ୍କ ସହଯୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ରୋଗୀଙ୍କ ୱାର୍ଡ ଭିତରେ ଥିବା ଶୌଚାଳୟ ଓ ପରିସ୍ରାଗାର ଗୃହରେ କବାଟ ଭାଙ୍ଗିଯାଇଥିବା ଯୋଗୁଁ ମହିଳା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରିଷ୍କାର ଶୌଚାଳୟକୁ ବ୍ୟବହାର କରିବା ପାଇଁ ରୋଗୀମାନେ ଡରୁଥିଲେ। ରୋଗୀ ଓ ସେମାନଙ୍କ ସହିତ ଆସୁଥିବା ସହଯୋଗୀମାନେ ପରିସ୍ରା ପାଇଁ ଗଲେ ପୁଣି ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ବୋଲି ଚିକିତ୍ସାଧୀନ କେତେକ ରୋଗୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ଉକ୍ତ ସଫେଇ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିକିତ୍ସାଧୀନ ରୋଗୀ ଦାବି କରିଥିଲେ। ରବିବାର ରୋଗୀଙ୍କ ଅଭିଯୋଗ ପରେ ସୋମବାର ଦୈନିକ ଖବର କାଗଜ "ସକାଳ'ରେ ଉକ୍ତ ଘଟଣାର ସମାଧାନ ପାଇଁ ଜିଲ୍ଲାପାଳ ଏବଂ ଜିଲ୍ଲା ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନ୍ମୟ ସାମନ୍ତସିଂହାରଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୋଗ ଅନୁସାରେ ଶୌଚାଳୟରେ କବାଟ ଲାଗିବା ସହିତ ଅପରିଷ୍କାର ପରିସ୍ରାଗାର ଗୃହକୁ ସଫାସୁତରା କରାଯାଇଛି। ତେବେ ଡାକ୍ତର ଡ୍ୟୁଟି ରୁମ୍‌ରେ ଅପରିଷ୍କାର ଓ ଏହାର ସଫାସୁତରା କେବେ ହେବ ବୋଲି ସହକାରୀ ଡାକ୍ତରମାନେ ସାମ୍ବାଦିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗକୁ ଯେକୌଣସି ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ଦେଖିଲେ ବା ଶୁଣିଲେ ଖବର ପରିବେଷଣ ପୂର୍ବରୁ ମୋତେ ସୂଚନା ଦେବେ ବୋଲି ଅଧିକାରୀ ଶ୍ରୀ ସାମନ୍ତସିଂହାର ଆମ ପ୍ରତିନିଧିଙ୍କୁ ଅନୁରୋଧ କରିଛନ୍ତି।

**ସକାଳ ପ୍ରଭାବ**



## ସ୍ୱଚ୍ଛ ଓଡ଼ିଶା ଦିବସ ଉପଲକ୍ଷେ ସଫେଇ ଅଭିଯାନ



ସହିଦ ନଗର,୬।୪(ସମିସ): ଓଡ଼ିଆ ପକ୍ଷ ଅବସରରେ ମା' ବରୁଣେଇ ପୀଠରେ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ ବ୍ଲକ୍ ସଂଯୋଜକ ଲକ୍ଷ୍ମୀଧର ରାଉଳ, ଏବିଡିଓ ତଥା ବ୍ଲକ୍ ପରିମଳ ନୋଡାଲ ଅଫିସର ସୁଶ୍ରୀଶର୍ମିଷ୍ଠା ମଲ୍ଲିକ, ଅସୁରାଳି ସରପଞ୍ଚ ମିନତୀ ସାହୁ, ସହିଦ୍ ମଣ୍ଡଳ ସାଧାରଣ ସମ୍ପାଦକ ରଜତ ଲେଙ୍କା, ମଣ୍ଡଳ ସଭାପତି ରାଜେନ୍ଦ୍ର କୁମାର ସାହୁ, ପ୍ରତାପ ପରିଡ଼ା, ସୁରଜ ସାହୁ, କ୍ଷୀରୋଦ ସ୍ୱାଇଁ, ପ୍ରଶାନ୍ତ ଜେନା, ଶ୍ରୀକାନ୍ତ ସାହୁ, ମାନସ ପରିଡ଼ା ପ୍ରମୁଖ ମନ୍ଦିର ପରିସରରେ ସଫେଇ କରିଥିଲେ। ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ସୋମବାର ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ସ୍ୱଚ୍ଛ ଭାରତ ବ୍ଲକ୍ ସଂଯୋଜକ ଉଦୟନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଓ ବିଡିଓ ଦେବଦତ୍ତ ଦାଶ ଯୋଗଦେଇ ସ୍ୱଚ୍ଛତା ଦିବସ ସମ୍ପର୍କରେ ମତ ଦେଇଥିଲେ। ବ୍ଲକ୍ ପରିସର ସହିତ ଶନି ମନ୍ଦିର ଆଖପାଖ ଅଞ୍ଚଳରେ ସଫେଇ ହୋଇଥିଲା। ସ୍ୱେଚ୍ଛାସେବୀମାନଙ୍କୁ କିଟ୍ ବଣ୍ଟନ ହୋଇଥିଲା। ଏଥିରେ ବ୍ଲକ୍ ପ୍ରଶାସନର ସମସ୍ତ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସଫେଇ କରିଥିଲେ।

ବାରିକପୁର : ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ସୋମବାର ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ସ୍ୱଚ୍ଛ ଭାରତ ବ୍ଲକ୍ ସଂଯୋଜକ ଉଦୟନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଓ ବିଡିଓ ଦେବଦତ୍ତ ଦାଶ ଯୋଗଦେଇ ସ୍ୱଚ୍ଛତା ଦିବସ ସମ୍ପର୍କରେ ମତ ଦେଇଥିଲେ। ବ୍ଲକ୍ ପରିସର ସହିତ ଶନି ମନ୍ଦିର ଆଖପାଖ ଅଞ୍ଚଳରେ ସଫେଇ ହୋଇଥିଲା। ସ୍ୱେଚ୍ଛାସେବୀମାନଙ୍କୁ କିଟ୍ ବଣ୍ଟନ ହୋଇଥିଲା। ଏଥିରେ ବ୍ଲକ୍ ପ୍ରଶାସନର ସମସ୍ତ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସଫେଇ କରିଥିଲେ।

## 'ଲୋକକଳା ଧର୍ମ ସଂସ୍କୃତିର ବାର୍ତ୍ତାବହ'



ବାରିକପୁର,୬।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ହାଇସ୍କୁଲ ପଡ଼ିଆଠାରେ ନୂତନ ପାଲା ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ବାର୍ଷିକ ବାଦୀ ପାଲା ଉତ୍ସବ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ନୂତନ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଲୋକକଳା ପାଲା ଧର୍ମ ସଂସ୍କୃତିର ବାର୍ତ୍ତା ବହନ କରିଥାଏ ବୋଲି ଶ୍ରୀ ମଲ୍ଲିକ ମତବ୍ୟକ୍ତ କରିଥିଲେ। ପ୍ରାକ୍ତନ ସରପଞ୍ଚ ମୋହନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ଯୁବ ନେତା ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡ଼ା, ଦୀପ୍ତି ରଞ୍ଜନ ଦାସ, ପୟୋଧର ନାୟକ ପ୍ରମୁଖ ଯୋଗଦେଇ ପାଲା ଉତ୍ସବ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁବ ସଂଗଠକ ଦେବେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୁଇ ମହିଳା ଗାୟିକା କୁମୁଦିନୀ ନାୟକ ଓ ଅମ୍ରିତା ସାମଲଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ବାର୍ଷିକ ଉତ୍ସବକୁ ରାମଚନ୍ଦ୍ର ମହାନ୍ତି, କୃତିବାସ ଜେନା, ନକୁଳ ଜେନା, ଜଡ଼ା ଜେନା, ହେମନ୍ତ ଜେନା, ଅନାଦି ଜେନା, ଶ୍ରୀରାମ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ



ବନ୍ତ/ଆଗରପଡ଼ା,୬।୪(ସମିସ): ବନ୍ତ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ କୁମ୍ଭକରାଳ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ପାଳିତ ହୋଇଯାଇଛି। ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରିଣୀ ଡ. ସୁକିର୍ତ୍ତୀ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼ାଇ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ବିଆର୍‌ସିସି ହରେକୃଷ୍ଣ ଆପଟ, ଏବିଇଓ ଭାଗିରଥି ପାତ୍ର, ବୈଲୋଚନ ସାହୁ, ପ୍ରଧାନଶିକ୍ଷକ ଗଜେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ସରକାରଙ୍କ ଶିକ୍ଷା ବିଭାଗର ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚପ୍ରଶଂସା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ ଦାସ, ନିରଞ୍ଜନ ଖିଲାର, ପ୍ରଦୀପ ପଲାଇ, ଉତ୍ତମ ଦାସ, ସୁଧାଂଶୁ ଦାସ, ପ୍ରଫୁଲ୍ଲ ଦାସ, ପରମେଶ୍ୱର ପୃଷ୍ଟି, ଶୁଭ୍ରପ୍ରକାଶ ରାଉଳ, ଜଗନ୍ନାଥ ଖୁଣ୍ଟିଆ, ସନ୍ତୋଷ ମଲ୍ଲିକ, ରାଜେନ୍ଦ୍ର ପାତ୍ର, ପ୍ରଫୁଲ୍ଲ ସାହୁ, ଗିରିଜା ଶଙ୍କର ଲେଙ୍କା, ଗୌତମ ଭୂୟାଁ, ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ଉକ୍ତ ବିଦ୍ୟାଳୟରେ ନାମ ଲେଖାଇଥିବା ବାଲ୍‌ବାଟିକାରେ ୮ ଜଣ ଛାତ୍ରଛାତ୍ରୀ ଓ ପ୍ରଥମରେ ୪ ଛାତ୍ରଛାତ୍ରୀଙ୍କୁ ବୈଦିକ ରୀତିନୀତି ଅନୁସାରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆରମ୍ଭ କରି ସମ୍ପାଦନ କରାଯାଇଥିଲା। ଅତିଥିମାନେ ଗୋଲାପ ଫୁଲ, ସ୍ଲେଟ୍, ଖଡ଼ି, ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ କରି ସ୍ୱାଗତ କରିଥିଲେ।

## ଗ୍ୟାସ୍ ଅଭାବର ଶିକାର ହେଉଛନ୍ତି ଜଳଖିଆ ଦୋକାନୀ

ଅସୁରାଳି,୬।୪(ସମିସ): କିଛି ଦିନ ହେଲା କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ପାଇଁ ଜଳଖିଆ ଦୋକାନୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁଠାରୁ ସହର ଯାଏଁ ସବୁଠି ଗ୍ୟାସ୍ ପାଇଁ ଧାଁ ଦୌଡ଼। ବୁକିଂ ପରେ ଗୋଟିଏ ସିଲିଣ୍ଡର ପାଇଁ ଲୋକେ ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହେଉଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ଗ୍ୟାସ୍ ମହଜୁଦ ଥିବା କୁହାଯାଉଥିଲେ ବି ଧୂଷୁରୀ ଓ ଏହାର ଆଖପାଖ ଅଞ୍ଚଳର ଅନେକ ଲୋକ ସିଲିଣ୍ଡର ପାଇବାରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ଏଭଳି କିଛି ଅଭିଯୋଗ ଧାମନଗର ବ୍ଲକ୍ ଧୂଷୁରୀ ଅଞ୍ଚଳରୁ ଆସିଛି। ସୂଚନା ମୁତାବକ, ଧୂଷୁରୀ, ବେତାଳିଗାଁ, ଆରଡ଼ି, କୋଠାର, ନଦୀଗାଁ, ସହିଦ ନଗର, ଅସୁରାଳି ଆଦି ବଜାରରେ ହୋଟେଲ ଓ ଜଳଖିଆ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଗ୍ୟାସ୍ ସଙ୍କଟ ପାଇଁ ନିଜର ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ କରିଦେଲେଣି। ରାସ୍ତାକଡ଼ରେ ଛୋଟମୋଟ ଜଳଖିଆ ଦୋକାନ ଆଉ ଚା' ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀ ଗ୍ୟାସ୍ ସିଲିଣ୍ଡର ନ ପାଇବାରୁ ତାଙ୍କର ଦୋକାନ ବନ୍ଦ କରିଦେଉଛନ୍ତି। ଏହା ଉପରେ ଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

**ବନ୍ଦ ହେଲାଣି ମିଠା ଦୋକାନ**

## ବାବା ଜଗତେଶ୍ୱରଙ୍କ ବାର୍ଷିକୋତ୍ସବ

ଦୋବଲ,୬।୪(ସମିସ): ଦୋବଲ ନିକଟସ୍ଥ ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ଥିବା ବାବା ଜଗତେଶ୍ୱର ମହାଦେବଙ୍କ ୪ର୍ଥ ବାର୍ଷିକ ଉତ୍ସବ ଓ ହୋମ ଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାବା ଜଗତେଶ୍ୱରଙ୍କ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ, ଅଙ୍କୁରାରୋପଣ, ଯଜ୍ଞ, ଜଗତେଶ୍ୱରଙ୍କ ସତ୍ ରୁଦ୍ର ଅଭିଷେକ, ବଡ଼ସିଂହାର ବେଶ, ପୁଷ୍ପାଞ୍ଜଳି ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ସନ୍ଧ୍ୟାରାଣୀ ଆଦିଆ ଓ ଦେବେନ୍ଦ୍ର ଆଦିଆ ଦାୟିତ୍ୱ ସମ୍ପାଦନ କରିଥିଲେ। ପୂଜକ ଭାବେ ଆଚାର୍ଯ୍ୟ ରବିନାରାୟଣ ଦୀକ୍ଷିତ, ପଣ୍ଡିତ ଶତ୍ରୁଜିତ୍ ଦାଶ, ପୁସ୍ତକାଚାର୍ଯ୍ୟ ହରିଶଙ୍କର ଦୀକ୍ଷିତ, ଚରୁ ଆଚାର୍ଯ୍ୟ ବାବି ନନ୍ଦ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ବାଲିପାଟଣା ଗ୍ରାମବାସୀମାନେ ପରିଚାଳନା କରିଥିଲେ। ପୂର୍ଣ୍ଣାହୁତିରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ।



## ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

ଆରଡ଼ି,୬।୪(ସମିସ): ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ି ଧାମରେ ଅବସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅଷ୍ଟମ ବାର୍ଷିକ ଉତ୍ସବ ଗତ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ବିବେକାନନ୍ଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ସାମଲ ଓ ଅଧ୍ୟାପକ ନିକୁଞ୍ଜ କିଶୋର ଶିକ୍ଷାବିତ୍ ବବ୍ରୁବାହାନ ଭୋଇଙ୍କୁ "ମାଟିର ମହକ' ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର ପାଢ଼ୀଙ୍କୁ "ଗୁରୁ ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଦର୍ଶ ପରୀକ୍ଷାରେ ୩ ଜଣ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ତଥା ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ପ୍ରତି ଶ୍ରେଣୀରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ "ବାବାଜୀ ଚରଣ ମହାଳିକ ଛାତ୍ରବୃତ୍ତି' ପ୍ରଦାନ କରାଯାଇଛି। ଏଥିସହିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଶିକ୍ଷାକେନ୍ଦ୍ରର ସ୍ଥାୟୀ ସଭାପତି ତ୍ରିଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶ୍ରୀକ୍ଷେତ୍ର ପୁରୀ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶମ୍ଭୁନାଥ ମହାଳିକ, ସମ୍ମାନିତ ଅତିଥି ଭାବେ ଧାମନଗର ଥାନା ଅଧିକାରୀ ଗୋପାଳକୃଷ୍ଣ ଜେନା, ମୁଖ୍ୟବକ୍ତା ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ସମ୍ବଲପୁର ଜିଲ୍ଲା ତଥା ରାଜ୍ୟ ଶିକ୍ଷକ ସଂଘର ପାଦାଧିକାରୀ ବବ୍ରୁବାହନ ଭୋଇ, ଅଧ୍ୟାପକ ବିଜୟ କୁମାର ଦାଶ, ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ, ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି, ପ୍ରଧାନଆଚାର୍ଯ୍ୟା ରେଣୁବାଳା ସାମଲ, ବରିଷ୍ଠ ସଭ୍ୟ ସଞ୍ଜୟ ଦାଶ, ସମ୍ପାଦକ ବାବାଜୀ ଶଙ୍କର ପାଢ଼ୀ, ଟ୍ରଷ୍ଟି ଆଶିଷ ପାଢ଼ୀ, ପ୍ରଶାନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପାରଦର୍ଶିତା କ୍ଷେତ୍ରରେ ଆଜିର ଛାତ୍ରଛାତ୍ରୀ ଆଗରେ ବୋଲି ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନୃତ୍ୟଗୁରୁ ଦିପୁଙ୍କ ସହ ଲୋପାମୁଦ୍ରା, ଇତିଶ୍ରୀ, ମାମନ, ତନୁଜା, ଶିକ୍ଷକ ଉମାକାନ୍ତ ମଲ୍ଲିକ, ତଥାଗତ ବିଶ୍ୱାଳ, ଜଗବନ୍ଧୁ ବାରିକ, ସୁନିତା ବାରିକ, ଲିପି ରାୟ, ଦିପା, ସ୍ୱପ୍ନାରାଣୀ ଖଟୁଆ, ବିଜୟଲକ୍ଷ୍ମୀ, ସ୍ୱାଗତିକା, ବନ୍ଦନା ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ନୃତ୍ୟ ଓ ପୁରସ୍କାର ବିତରଣରେ ସହଯୋଗ କରିଥିଲେ।



**ରାସ୍ତା ଉପରେ ବସ୍ ରଖି ମେଡିକାଲ ଗଲେ ଡ୍ରାଇଭର**

## ଭଦ୍ରକ-ଆରଡ଼ି ରାସ୍ତାରେ ୩ ଘଣ୍ଟା ଯାଏଁ ଯାତାୟାତ ଠପ୍

ଭଦ୍ରକ,୬।୪(ସମିସ)

ଭଦ୍ରକ ଆରଡ଼ି ଛକ ନିକଟରେ ଜାତୀୟ ରାଜପଥ ସର୍ଭିସ୍ ରୋଡ୍‌ରେ ଅଭାବନୀୟ ଘଟଣା ଘଟି ସୋମବାର ପୂର୍ବାହ୍ନରେ ୩ ଘଣ୍ଟା କାଳ ଭଦ୍ରକ-ଆରଡ଼ି ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ଏକ ଘରୋଇ ବସ୍ ଡ୍ରାଇଭର ଓ ଫଳ ଦୋକାନୀ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ହାତାହାତି ଭଳି ପରିସ୍ଥିତି ଉପୁଜିଥିଲା। ପ୍ରଥମେ ଯୁକ୍ତିତର୍କ ଏବଂ ପରେ ହାତାହାତି ଯାଏ କଥା ଯାଇଥିଲା। ଯାତ୍ରୀବାହୀ ବସ୍ ରାସ୍ତାରେ ରହିଥିବାରୁ ଅସମ୍ଭାଳ ଭିଡ଼ ଲାଗି ରହିଥିଲା। ଜାମ୍‌ରେ ଫସି ରହିଥିଲେ ଅନେକ ଲୋକ। ପ୍ରାୟ ୩ ଘଣ୍ଟା ଧରି ଶହଶହ ଲୋକ ଜାମ୍‌ରେ ଫସିରହିଥିଲେ।

ସୂଚନା ମୁତାବକ, ରାସ୍ତାକଡ଼ ଏକ ଫଳ ଦୋକାନ ଆଗରେ ଏକ ବାଇକ୍ ପାର୍କିଂ ହୋଇଥିଲା। ରୋଜାଲିନ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍‌ର ଚାଳକ ବାଇକ୍ ଦୋକାନ ସାମ୍ନାରେ ରହିଥିବାରୁ ଫଳ ଦୋକାନୀ ସହ ଯୁକ୍ତିତର୍କ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କରୁ ହାତାହାତି ହୋଇଥିଲା। ଉଭୟେ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚାଳକ ମେଡିକାଲ ଯାଇଥିବାବେଳେ ବସ୍‌ଟି ରାସ୍ତାରେ ଠିଆ ହୋଇ ରହିଥିଲା। ଫଳରେ ରାସ୍ତା ଜାମ୍ ହୋଇଥିଲା। ପୁଲିସ ପହଞ୍ଚି ଭିଡ଼ ହଟାଇଥିଲା। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

**ଦୋକାନ ଆଗରେ ପାର୍କିଂକୁ ନେଇ ବସ୍ ଡ୍ରାଇଭର ଓ ଫଳ ଦୋକାନୀ ହାତାହାତି**



## ବାଲିକୁଦା ବିଜୟ ସ୍ୱାଇଁ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ

# ଅନୈତିକ ସମ୍ପର୍କରୁ ହତ୍ୟାକାଣ୍ଡ; ପତ୍ନୀ ଓ ପ୍ରେମିକ ଗିରଫ

ଜଗତସିଂହପୁର,୬।୪(ସମିସ)



ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ କପିଳତୋଟା ନିକଟ କେନାଲ ରାସ୍ତା ନିକଟରେ ଗତ ୪ ତାରିଖ ରାତିରେ ସଂଗଠିତ ବିଜୟ ସ୍ୱାଇଁ ହତ୍ୟାକାଣ୍ଡ ମାମଲାର ପର୍ଦ୍ଦାଫାସ କରିଛି ପୁଲିସ। ବିଜୟ ସ୍ୱାଇଁଙ୍କ ପତ୍ନୀ ବବିତା ସ୍ୱାଇଁ ଏବଂ ଆଲୋକ ବିଶ୍ୱାଳ ନାମକ ଜଣେ ଡାକ କର୍ମଚାରୀଙ୍କ ମଧ୍ୟରେ ଅନୈତିକ ସମ୍ପର୍କରୁ ଏହି ହତ୍ୟାକାଣ୍ଡ ଘଟିଥିବା ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି। ଆଜି ସନ୍ଧ୍ୟାରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂରା ଘଟଣା ସମ୍ପର୍କରେ ଏସପି ଶ୍ରୀ ବର୍ମା ସୂଚନା ଦେଇଥିଲେ। ବାଲିକୁଦା ଥାନା ତଲକୁସୁମା ଗ୍ରାମର ବିଜୟ ସ୍ୱାଇଁ ଜଣେ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ଘରେ ତାଙ୍କର ପତ୍ନୀ ବବିତା ସ୍ୱାଇଁ ଏବଂ ଏକମାତ୍ର ୧୭ ବର୍ଷୀୟ ପୁତ୍ର ଓମପ୍ରକାଶ ରହନ୍ତି। ତେବେ ନିକଟସ୍ଥ ସୋଗଲ ଗ୍ରାମର କାଳିଆ ଓରଫ ଆଲୋକ କୁମାର ବିଶ୍ୱାଳ ବିଜୟଙ୍କ ଘରକୁ ଯିବା ଆସିବା କରୁଥିବା ବେଳେ ତାଙ୍କ ପତ୍ନୀ ବବିତାଙ୍କ ସହିତ ଅନୈତିକ ସମ୍ପର୍କ ଗଢି ଉଠିଥିଲା। ଡାକ ବିଭାଗରେ କାମ କରୁଥିବା ଆଲୋକଙ୍କ ପତ୍ନୀ ଦୁଇବର୍ଷ ତଳେ ମୃତ୍ୟୁବରଣ କରିବା ପରେ ଏହି ସମ୍ପର୍କ ଅଧିକ ନିବିଡ଼ ହୋଇଥିଲା। ଏହାକୁ ନେଇ ବିଜୟ ଓ ତାଙ୍କ ପତ୍ନୀ ବବିତାଙ୍କ ମଧ୍ୟରେ ପ୍ରାୟ ସମୟରେ ଝଗଡ଼ା ହେଉଥିଲା। ସେହିପରି ଆଲୋକ ଓ ବିଜୟଙ୍କ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା। ଗତ ୪ ତାରିଖ ରାତିରେ ବିଜୟ ଗାରିଆ ଗ୍ରାମକୁ ଭୋଜି ଖାଇବାକୁ ଯାଇଥିଲେ। ରାତି ୯.୪୫ମିନିଟ ସମୟରେ ଘରକୁ ଫେରୁଛନ୍ତି ବୋଲି ଫୋନ୍‌ରେ ପୁଅକୁ କହିଥିଲେ। ତେବେ ରାତି ୧୧ ଘଣ୍ଟା ପର୍ଯ୍ୟନ୍ତ ବିଜୟ ଘରକୁ ନ ଆସିବାରୁ ପୁଅ ଓମପ୍ରକାଶ ଫୋନ କରିଥିଲେ। ବାରମ୍ବାର ଫୋନ କରିଥିଲେ ମଧ୍ୟ ବିଜୟ ଫୋନ ଧରି ନଥିଲେ। ଖୋଜାଖୋଜି କରିବା ପରେ ତାଙ୍କ ପିତାଙ୍କ ମୃତ ଶରୀର କପିଳତୋଟା ନିକଟ କେନାଲ ରାସ୍ତାରେ ପଡିଥିବା ଦେଖିଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ ଓମପ୍ରକାଶ। ଗତ ୫ ତାରିଖ ସକାଳେ ଓମପ୍ରକାଶ ଘଟଣା ସମ୍ପର୍କରେ ଏତଲା ଦେବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତାଙ୍କ ମାଆ ବବିତା ସ୍ୱାଇଁ ଏବଂ ଆଲୋକ ବିଶ୍ୱାଳକୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଉଭୟଙ୍କ ଅନୈତିକ ସମ୍ପର୍କରେ ବାଧା ଦେଉଥିବାରୁ ବିଜୟ ସ୍ୱାଇଁଙ୍କୁ ହତ୍ୟା କରିଥିବା ସ୍ପଷ୍ଟ ହେବା ପରେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ଘଟଣାସ୍ଥଳରୁ ମୃତ ବିଜୟଙ୍କ ସାଇକଲ, ଗାମୁଛା ଏବଂ ଚପଲ ପୁଲିସ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସାଇଣ୍ଟିଫିକ ଟିମ ମଧ୍ୟ ଘଟଣା ସ୍ଥଳକୁ ଯାଇ ଅନୁସନ୍ଧାନ କରିଛନ୍ତି।

## ପଞ୍ଚାୟତିରାଜ ସ୍ୱତନ୍ତ୍ର ସଚିବ ମନୁନାଥ ସେଠୀଙ୍କୁ ଗାଁରେ ବିଦାୟ କାଳୀନ ସମ୍ବର୍ଦ୍ଧନା



ନାଉଗାଁ,୬।୪(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ଗ୍ରାମ ପଞ୍ଚାୟତର ଗଙ୍ଗଦା ରାଜସ୍ୱ ଗ୍ରାମ ଗୋବରୀକୂଳ ଗ୍ରାମର ବରିଷ୍ଠ ପ୍ରଶାସନିକ ଅଧିକାରୀ ମନୁନାଥ ସେଠୀ, ସ୍ୱତନ୍ତ୍ର ସଚିବ, ଅର୍ଥ ଓ ପରାମର୍ଶଦାତା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାରଙ୍କ ଚାକିରିରୁ ମାର୍ଚ୍ଚ ୩୧ ଦିନ ଅବସର ଗ୍ରହଣ କରିଛନ୍ତି। ଏଥି ନିମନ୍ତେ ଶ୍ରୀ ସେଠୀଙ୍କୁ ତାଙ୍କ ଗ୍ରାମ ଗୋବରୀକୂଳ ଗ୍ରାମବାସୀଙ୍କ ଦ୍ୱାରା ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏହି ସଭା ନାଉଗାଁ ବ୍ଲକ ଉପାଧ୍ୟକ୍ଷ ସୁଜିତ କୁମାର ପୁହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ସେଠୀଙ୍କୁ ଗଙ୍ଗଦାହାଟରୁ ଏକ ଶୋଭାଯାତ୍ରାରେ ଆଣି ଗୋବରୀକୂଳ ଗ୍ରାମସ୍ଥିତ ମା' ପ୍ରଚେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ନିଲୁରାମ ଜେନା, ବୈରାଗୀ ସ୍ୱାଇଁ, ମଉଳା ଭଣ୍ଡାଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଧିକାର ଲେଙ୍କା ଓ ଛାତ୍ରନେତା ସୁନୀଲ ମାଟିଆ ସମେତ ଅନ୍ୟାନ୍ୟ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ।

### ପିସିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୦ମ ଦିନ

## ଶ୍ରୀରାମ ସ୍ପୋର୍ଟିଂ ଓ ଜିଡିସି ବ୍ଲାଷ୍ଟର ବିଜୟୀ




ପାରାଦୀପ,୬।୪(ସମିସ): ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦଶମ ଦିନରେ ପହଞ୍ଚିଛି। ଏନେଇ ସ୍ଥାନୀୟ ଏନ୍‌ଏସି ଫିଲ୍ଡ ଠାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୋଟ ୨ଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍‌ଟି ଶ୍ରୀରାମ ସ୍ପୋର୍ଟିଂ ଓ ବାବାସାଇ ଡାଇମଣ୍ଡସ୍ ମଧ୍ୟରେ ମଧ୍ୟରେ ଖେଳାଯାଇଥିଲା। ଡାଇମଣ୍ଡସ୍ ଟିମ୍ ଟସ୍ ଜିତି ବ୍ୟାଟିଂକରି ୧୯.୫ ଓଭରରେ ତାର ସମସ୍ତ ଉଇକେଟ୍ ହରେଇ ମୋଟ୍ ୧୨୮ ରନ୍ ସଂଗ୍ରହ କରିଥିଲା। ଦିତୀୟ ଇନିଂସ୍‌ରେ ଶ୍ରୀରାମ ସ୍ପୋର୍ଟିଂ ୧୬.୫ଟି ବଲରେ ମାତ୍ର ୨ ଉଇକେଟ୍ ହରାଇ ୧୨୯ ରନ୍ କରି ମ୍ୟାଚ୍‌କୁ ଜିତି ନେଇଛି। ଅମିତ୍ ସାହୁ ୪୮ ବଲରେ ୫୮ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦିତୀୟ ମ୍ୟାଚ୍‌ଟି ଜିଡିସି ବ୍ଲାଷ୍ଟର ଓ ମହାକାଳ ୱାରିଅର୍ସ ମଧ୍ୟରେ ଖେଳାଯାଇଥିଲା। ଜିଡିସି ବ୍ଲାଷ୍ଟର ଟସ୍ ଜିତି ନିର୍ଦ୍ଧାରିତ ଓଭରରେ ତାର ମୂଲ୍ୟବାନ ଉଇକେଟ୍ ହରାଇ ୧୫୭ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସ୍ ରେ ମହାକାଳ ୧୩.୫ ବଲ ରେ ୭ ଉଇକେଟ୍ ହରାଇ ମାତ୍ର ୮୪ ରନ୍ କରି ମ୍ୟାଚ୍ ଟିକୁ ହାରିଯାଇଥିଲା। ମ୍ୟାଚ ଶେଷରେ ଆଜିର ଅତିଥି ଭାବେ ଏସିଇ କମରସିଆଲର ମୁଖ୍ୟ ଅକ୍ଷୟ କୁମାର ସୁତାର ଓ ଧର୍ମେନ୍ଦ୍ର ପତି ଯୋଗଦେଇ ପ୍ରତିଯୋଗି ମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଦୁଇଟି ମ୍ୟାଚ୍‌କୁ ଦେବେନ୍ଦ୍ର ନାୟକ, ନିହାର ରଞ୍ଜନ ପାଲ୍ଲି, ରଞ୍ଜନ ଦାସ ଓ ରବିନ୍ଦ୍ର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ନାଉଗାଁରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର/ନାଉଗାଁ,୬।୪(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଉପରିସ୍ଥ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୧ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ୨ଟି, ଆବାସ ଯୋଜନା ସମ୍ପର୍କୀୟ୮ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୨ ଟି, ପୁଲିସ୍ ସହାୟତା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୮ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ପିଲ୍ଲେ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ମାଣେ, ମଣ୍ଡଳ ଉନ୍ନୟନ ଅଧିକାରୀ ନାଉଗାଁ, ନିରଞ୍ଜନ ପରିଡ଼ା, ତହସିଲଦାର ନାଉଗାଁ, ଅକ୍ଷୟ କୁମାର ବଡୁ, ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।




## ଅଲଣାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଜଗତସିଂହପୁର/ନାଉଗାଁ,୬।୪(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଅଲଣାହାଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବସନ୍ତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଲଣା ଗ୍ରାମପଞ୍ଚାୟତର ସରପଞ୍ଚ ଚନ୍ଦ୍ରମଣି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବ ପାଳନର ତତ୍ପର୍ଯ୍ୟ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି, ପାଞ୍ଚସଖା ଶିକ୍ଷାସେତୁ ଯୋଜନାର ସଦସ୍ୟ, ଶିକ୍ଷକ/ଶିକ୍ଷୟିତ୍ରୀ, ଅନ୍ୟତମ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କୁ ଅବଗତ କରାଇଥିଲେ। ଲକ୍ଷ୍ମୀପ୍ରିୟା ଦାସ, ସୁଚିସ୍ମିତା ମଲ୍ଲିକ, ମେନକା ପୁହାଣ, ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ମଧୁସ୍ମିତା ମଲ୍ଲିକ, ଶୁଭସ୍ମିତା ନାୟକ, ରୋଜାଲିନ ସ୍ୱାଇଁ, ମଧୁସ୍ମିତା ବେହେରା ପ୍ରଭୃତି ଶିକ୍ଷୟିତ୍ରୀଙ୍କ ସୁନ୍ଦର ରଙ୍ଗୋଲି ପ୍ରବେଶ ଉତ୍ସବକୁ ଆକର୍ଷଣୀୟ କରି ଗଢିତୋଳିଥିଲା। ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରୀତିରଞ୍ଜନ ସାହୁ, ଅମ୍ବିକା ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମକୁ ଦିନେଶ କୁମାର ବେହେରା, ଚିତ୍ତରଞ୍ଜନ ନାୟକ, ସରୋଜ କୁମାର ମଲ୍ଲିକ, କିଶୋରୀମୋହନ ଦାସ, ସଞ୍ଜୟ କୁମାର ନାୟକ, ସତ୍ୟନାରାୟଣ ଶିବସୁନ୍ଦର ସ୍ୱାଇଁ, ଲିଙ୍ଗରାଜ ସାହୁ, ସୁଧୀର କୁମାର ବେହେରା ପ୍ରଭୃତି ଅଧ୍ୟାପକ ଓ ଶିକ୍ଷକ ପରିଚାଳନା କରିଥିଲେ।



## ଜନଗଣନା ସଚେତନତା ରଥର ଶୁଭାରମ୍ଭ

ଜଗତସିଂହପୁର,୬।୪(ସମିସ): ଜଗତସିଂହପୁର ଜିଲ୍ଲାରେ ଆସନ୍ତା ଜନଗଣନାର ପ୍ରଥମ ପର୍ଯ୍ୟାୟ ହାଉସ ଲିଷ୍ଟିଂ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜନଗଣନା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଦ୍ୱାରା ଏହି ସଚେତନତା ରଥକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ସମସ୍ତ ସହର ଓ ଗ୍ରାମାଞ୍ଚଳକୁ ରଥଟି ପରିଭ୍ରମଣ କରି ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱଗଣନା ପ୍ରକ୍ରିୟାରେ ଏପ୍ରିଲ ୧ରୁ ୧୫ ତାରିଖ ସମୟସୀମା ମଧ୍ୟରେ ଭାଗନେବା ସହିତ ସଠିକ୍ ତଥ୍ୟ ପ୍ରଦାନର ଗୁରୁତ୍ୱ ବିଷୟରେ ସଚେତନ ସୃଷ୍ଟିକରିବ। ତେଣୁ ଗଣନା କାରୀମାନଙ୍କୁ ସଠିକ ତଥ୍ୟ ପ୍ରଦାନ କରିବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଜନଗଣନା ହେଉଛି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ, ଯାହାକୁ ଆଧାର କରି ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ ନୀତି ଗଠନ କରାଯାଏ। ତେଣୁ ସମସ୍ତ ନାଗରିକଙ୍କୁ ନିଷ୍ଠାର ସହ ଜନଗଣନାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୌମ୍ୟରଂଜନ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତୀଚୀ ତନୟା ମହାନ୍ତି, ସିଦ୍ଧାର୍ଥ ବେହେରା, ସମ୍ରାଟ କିଶୋର ମହାନ୍ତି ଏବଂ ତୁଷାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ବନ୍ଦରରେ ନୌବାଣିଜ୍ୟ ଦିବସ




ପାରାଦୀପ,୬।୪(ସମିସ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୬୩ତମ ଜାତୀୟ ନୌବାଣିଜ୍ୟ ଦିବସ ପାଳନ କରାଯାଇଛି। ସ୍ଥାନୀୟ ମେରାଇନ ଓଏଟ ବେସିନ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବନ୍ଦର ଟ୍ରାଫିକ ପରାମର୍ଶଦାତା ଏକେ ବୋଷ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦରର ଉପସଂରକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ଇନ୍ଦ୍ରନିଲ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅନୁସାରେ ନାବିକମାନଙ୍କ ସହ ଜଡ଼ିତ କେତେକ ପ୍ରତିଯୋଗିତା ରଶି ପକାଇପାଣିରୁ ଉଦ୍ଧାର କୌଶଳ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ନାବିକ ମାନଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱ ଯୋଗାଣ ଶୃଙ୍ଖଳର ମେରୁଦଣ୍ଡ ହେଲେ ନାବିକ ବୋଲି କହିଥିଲେ। ପ୍ରେମାନନ୍ଦ ରାଉତ ଓ ପିସି ମାଝୀ ୨ ଜଣ ଅବସରପ୍ରାପ୍ତ କ୍ୟାପଟେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାରାଦୀପ ବନ୍ଦର ଗତ ଆର୍ଥିକ ବର୍ଷରେ ୨୫୨୬ଟି ଜାହାଜରୁ ପଣ୍ୟ କାରବାର କରିଛି। ଏଥିସହ ନାବିକଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଦୃଢ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବୋଷ କହିଥିଲେ। ଶେଷରେ କୃତି ପ୍ରତିଯୋଗିମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ମନୋଜ କୁମାର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ନବାଡ଼ିଆରେ ରାମ ଚରିତ ମାନସ ଉଦ୍‌ଯାପିତ

କୁଜଙ୍ଗ,୬।୪(ସମିସ): ଆଧ୍ୟାତ୍ମିକ ଚେତନା ମଣିଷକୁ ସତ୍‌ପଥରେ ଚାଲିବାର ମାର୍ଗ ଦର୍ଶନ କରେ। ତେଣୁ ଗୋଟିଏ ଉତ୍ତମ ଚରିତ୍ର ସମ୍ପନ୍ନ ମଣିଷ ହେବାକୁ ହେଲେ ଆମ୍ଭକୁ ରାମାୟଣ ଓ ଗୀତା ଭଳି ପବିତ୍ର ଗ୍ରନ୍ଥ ଅଧ୍ୟୟନ ସହ ତାର ମର୍ମ ବୁଝିବାକୁ ପଡ଼ିବ। ଏଥିପାଇଁ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମା'ମାନେ ସେମାନଙ୍କ ପିଲାମାନଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିବା ଜରୁରୀ। ପ୍ରଥମେ ପିତାମାତାଙ୍କ ପ୍ରତି ସମର୍ପଣ ଓ ଭକ୍ତି କରିବା ପାଇଁ ମା'ମାନେ ପ୍ରେରଣାର ଉତ୍ସ ହେବା ଉଚିତ ବୋଲି କୁଜଙ୍ଗ ନବାଡିଆ ସ୍ଥିତ ଗ୍ରାମଦେବତୀ ମନ୍ଦିର ପରିସରରେ ଅନୁଷ୍ଠିତ ରାମଚରିତ ମାନସ ପାଠ ଓ ଭାଗବତ ପରାୟଣ ଯଜ୍ଞର ଉଦ୍‌ଯାପନୀ ଉତ୍ସବରେ ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଥିଲେ। ନବାଡିଆ ଗ୍ରାମର ମା'ମାନଙ୍କ ଦ୍ୱାରା ଗତ ୨୭ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ନଅ ଦିନ ବ୍ୟାପୀ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଗ୍ରାମର ମୁରବୀ ଶ୍ରୀଧର ସ୍ୱାଇଁ, ପ୍ରବୀର ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଅଶୋକ ପ୍ରଧାନ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଚନ୍ଦନ ସ୍ୱାଇଁ ଓ ମା'ମାନଙ୍କ ପକ୍ଷରୁ ଅନୁପମା ସ୍ୱାଇଁ, ମମତା ସ୍ୱାଇଁ, ଶକ୍ତିମୟୀ ସ୍ୱାଇଁ, ରୋଜାଲିନ ପ୍ରଧାନ, ନିଳେନ୍ଦ୍ରି ସ୍ୱାଇଁ, ରେଣୁବାଳା ଦାସ ଓ ସୁଚିତ୍ରା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ବିଜେପିର ପ୍ରତିଷ୍ଠା ଦିବସ




ଜଗତସିଂହପୁର,୬।୪(ସମିସ): ଜଗତସିଂହପୁର ସହରର ଶାରଦା ମଣ୍ଡପ ଠାରେ ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପରେ ଆୟୋଜିତ ସଭାରେ ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ସାମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୌଭାଗ୍ୟ ମହାନ୍ତି, ସୁଶାନ୍ତ ରଞ୍ଜନ ସ୍ୱାଇଁ, ସୁରେଶ ନନ୍ଦ, ଅକ୍ଷୟ ପାତ୍ର, ଶ୍ରୀକାନ୍ତ ଚୌଧୁରୀ, ନିଲୁରାମ ଜେନା, ବରୋଦା ପ୍ରସାଦ ରାୟ, ଦେବୀ ପ୍ରସାଦ ସାହାଣୀ, ଲିଙ୍ଗରାଜ ଲେଙ୍କା, ସମୀର ପଟ୍ଟନାୟକ, ଦେବୀ ପାଢ଼ୀ, ପାରିଷଦ ଦେବାଶିଷ ସ୍ୱାଇଁ, ଗୋଲାମ ଅଲ୍ଲୀ ଖାଁ, ସରପଞ୍ଚ ଭ୍ରମରବର ସ୍ୱାଇଁ, ଅଞ୍ଜନ ସାମଲ, ପୁଷ୍ପଲତା ଦାସ, ସୁଶାନ୍ତ ମଲ୍ଲିକ, ଦେବୀ ପାଢ଼ୀ, ସ୍ୱସ୍ତିମୟୀ ରାୟ, ଯୋଗମାୟା ନନ୍ଦଙ୍କ ସମେତ ନାଉଗାଁ ଓ ଜଗତସିଂହପୁରର ସହସ୍ରାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ଉଦ୍‌ଯାପିତ

ଜଗତସିଂହପୁର,୬।୪(ସମିସ)




ଗତ ଏପ୍ରିଲ ୧ ତାରିଖରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଉଦ୍‌ଘାଟିତ ହୋଇଥିବା ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ଡ. ବିଭୁପ୍ରସାଦ ତରାଇ ଯୋଗଦେଇ ଭାରତ ଇତିହାସରେ ଜଗତସିଂହପୁର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିଥିବା ବେଳେ କଳା, ସାହିତ୍ୟ, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ସମଗ୍ର ଓଡ଼ିଶାରେ ଆମ ଜିଲ୍ଲାର ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଛି ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା କଲ୍ଲୋଳ ମହୋତ୍ସବ ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିଛି। ଆମେ ଏକତ୍ରିତ ହୋଇ ଆମ ଜିଲ୍ଲାର ଉନ୍ନତି ପାଇଁ ଚେଷ୍ଟା କରିଲେ ୨୦୩୬ରେ ଭାରତ ମାନଚିତ୍ରରେ ଆମ ଜିଲ୍ଲା ସ୍ୱତନ୍ତ୍ର ସ୍ଥାନ ନିଶ୍ଚିତ ହାସଲ କରିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ କହିଲେ ଯେ ଓଡ଼ିଶାର ମାନଚିତ୍ରରେ ଜଗତସିଂହପୁର ଜିଲ୍ଲା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଜିଲ୍ଲାର ମହତ୍ତ୍ୱ, ମହକ ଓ ମୂଲ୍ୟବୋଧକୁ ବିଶ୍ୱ ଦରବାରରେ ସ୍ଥାନ ଦେବା ପାଇଁ ଆମେ ସର୍ବଦା ଚେଷ୍ଟିତ ହେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଜେ. ସୋନାଲ ଯୁବଶକ୍ତିକୁ ସତ୍ୟନିଷ୍ଠ, ନୀତି ପରାୟଣ ଓ ସାଧୁତାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଭବିଷ୍ୟତରେ ଜିଲ୍ଲା ପାଇଁ ଗର୍ବ ଆଣିବା ପାଇଁ ଯୁବପିଢ଼ିଙ୍କୁ ସେ ପ୍ରୋତ୍ସାହିତ କରିଥିଲେ। ସଭାର ପ୍ରାରମ୍ଭରେ ବ୍ଲକ୍ ଉନ୍ନୟନ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓରମାସ ପଲ୍ଲୀଶ୍ରୀ ମେଳାରେ ସର୍ବୋଚ୍ଚ ବିକ୍ରୟ ପାଇଁ ବରଗଡ଼ ଜିଲ୍ଲାର ମା' ଚମ୍ପେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, ଶ୍ରେଷ୍ଠ ଇନୋଭେଟିଭ ପ୍ରଡକ୍ଟ ପାଇଁ କଳାହାଣ୍ଡିର ନୀଳମାଧବ ପିଜି, ସୁନ୍ଦର ପ୍ରଦର୍ଶନ ପାଇଁ ମା' ସାରଳା ଟେଲରିଂ ପିଜି, ଶ୍ରେଷ୍ଠ ଖାଦ୍ୟ ଷ୍ଟଲ ପାଇଁ ରାଜସ୍ଥାନୀ ଖାଦ୍ୟ ଷ୍ଟଲ, ବେଷ୍ଟ ଡିସିପ୍ଲିନ ପାଇଁ ସୁନ୍ଦରଗଡ଼ର ବାବା ନାଗେଶ୍ୱର ଦିବ୍ୟାଙ୍ଗ ଗୋଷ୍ଠୀ, ବେଷ୍ଟ ସେଲ୍ସ ପାଇଁ ସମ୍ବଲପୁରର ସାଇରାମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। କଲ୍ଲୋଳ ମହୋତ୍ସବ ଉପଲକ୍ଷେ ପାରମ୍ପରିକ ଝୋଟି, ହୁଳହୁଳି, ପିଠା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କଲ୍ଲୋଳ ମହୋତ୍ସବର ସଫଳତା ପାଇଁ ପ୍ରଶାସନିକ ଅଧିକାରୀ ଏବଂ ପୁଲିସ ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲୁକା କଳାକାରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କଲ୍ଲୋଳ ମହୋତ୍ସବର ସଫଳତାରେ ଅଂଶ ଗ୍ରହଣ କରିଥିବା କର୍ମକର୍ତ୍ତା, ଉତ୍ସବ ଆୟୋଜନରେ ସହଯୋଗ କରିଥିବା ପୌର ପରିଷଦର କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ପରେ ଓଲିଉଡ ମ୍ୟୁଜିକାଲ୍ ନାଇଟ କାର୍ଯ୍ୟକ୍ରମରେ ଅନ୍ତରା ଚକ୍ରବର୍ତ୍ତୀ ଓ ସାଥୀଙ୍କ ଦ୍ୱାରା ମେଲୋଡି ପରିବେଷଣ କରାଯାଇଥିଲା।

### ● ପରଲୋକଗତ ସାମ୍ବାଦିକଙ୍କ ପରିବାରକୁ ସହାୟତା

## ଝିଅର ୬ ମାସର ଖାଦ୍ୟପେୟ ଖର୍ଚ୍ଚ ଦେଲେ ବାପି ସର୍ଖେଲ

ପାରାଦୀପ,୬।୪(ସମିସ): ଦୁର୍ଘଟଣାରେ ମୃତ ପାରାଦୀପ ଅଞ୍ଚଳର ସାମ୍ବାଦିକ ରଶ୍ମିରଞ୍ଜନ ରାଉତରାୟଙ୍କ ପରିବାରକୁ ସହାୟତାରେ ହାତ ବଢ଼ାଇଛନ୍ତି ଶ୍ରମିକ ନେତା ବାପି ସର୍ଖେଲ। ରଶ୍ମିଙ୍କ ଦେହାନ୍ତର ଗୋଟିଏ ଦିନ ପରେ ଶ୍ରୀ ସର୍ଖେଲ ତାଙ୍କ ନିଜ ଘର କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ପ୍ରଧାନଟିକିରା ଗ୍ରାମରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେବା ସହିତ ରଶ୍ମିଙ୍କ ଏକମାତ୍ର ୪ ବର୍ଷର ଝିଅର ପାଠପଢା ସହିତ ଅନାନ୍ୟ ଖର୍ଚ୍ଚ ବହନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ତା' ସହିତ ରଶ୍ମିଙ୍କ ପତ୍ନୀଙ୍କୁ ବନ୍ଦର ଅଧକ୍ଷଙ୍କ ସହିତ ଆଲୋଚନା କରି ରୋଜଗାରକ୍ଷମର ବ୍ୟବସ୍ଥା କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ତେବେ ରଶ୍ମିଙ୍କ ପରିବାର ଲୋକେ ତାଙ୍କର ସମସ୍ତ କାର୍ଯ୍ୟ ଗାଁରୁ ସାରି ଆଜି ପାରାଦୀପରେ ପହଞ୍ଚିବା ପରେ ଖବର ପାଇ ଶ୍ରୀ ସର୍ଖେଲ ଆଜି ପୂର୍ବାହ୍ନରେ ତାଙ୍କ ଭଞ୍ଜକଲୋନୀ ସ୍ଥିତ ବାସଭବନରେ ପହଞ୍ଚି ସହାୟତା ଯୋଗାଇ ଦେଇଥିଲେ। ଝିଅର ୬ ମାସର ଖାଦ୍ୟପେୟ ଖର୍ଚ୍ଚ ପ୍ରଦାନ କରିଥିଲେ। ପାଠପଢା ଖର୍ଚ୍ଚ ପାଇଁ ସ୍କୁଲ ସହିତ ଯୋଗାଯୋଗ କରି ଟଙ୍କା ଦେବା ନେଇ କହିଥିଲେ। ଝିଅର ସ୍କୁଲରେ ରିଆଡ୍‌ମିସନ କରାଯିବା ସହିତ ତାର ଟ୍ୟୁସନ ଓ ଖାଦ୍ୟପେୟର ସୁବନ୍ଦୋବସ୍ତ ପାଇଁ ଯାହା ଅଧିକ ଖର୍ଚ୍ଚ ହେବ ସେ ଦେବା ନେଇ କହିଥିଲେ। ଶ୍ରୀ ସର୍ଖେଲଙ୍କ ସହିତ ବିଜୁ ଜନତା ଦଳର ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡା, ପୌର ଉପାଧକ୍ଷା ଛବିଳତା ରାଉତ, କାଉନସିଲର ମନୋଜ ନାୟକ ଓ ପ୍ରଭାତୀ ପରିଡା, ସମୀର ବିଶ୍ୱାଳ, ଅନୁପ ସହାଣୀ, ଲପନ ପରିଡା, ସୁଶୀଲ ମହାପାତ୍ର, ରମାକାନ୍ତ ସ୍ୱାଇଁ, ମାନସ ବିଶ୍ୱାଳ ଓ ଦୀପକ ସ୍ୱାଇଁ ପ୍ରମୁଖ ତାଙ୍କ ସହିତ ଥିଲେ।



ସକାଳ THE SAKALA
ମଙ୍ଗଳବାର ୭ ଏପ୍ରିଲ୍, ୨୦୨୬



# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗ; ଯୁବକ ଗିରଫ

ଟିକାବାଲି,୬।୪(ସମିସ): ନାବାଳିକାକୁ ପ୍ରେମ ଜାଲରେ ଫସାଇ ଅପହରଣ ଓ ପରେ ଦୁଷ୍କର୍ମ ଅଭିଯୋଗରେ ଟିକାବାଲି ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଏନେଇ ଟିକାବାଲି ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଦାରିଙ୍ଗବାଡ଼ି ଅଞ୍ଚଳର ଉକ୍ତ ଯୁବକ ଜଣକ ଟିକାବାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। କିଛିଦିନ ତଳେ ସେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ କରିନେଇଥିଲେ। ଝିଅର ବାପା ଟିକାବାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଅଭିଯୁକ୍ତ ଯୁବକଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରି ଉଭୟ ନାବାଳିକା ଓ ଯୁବକଙ୍କୁ ଉଦ୍ଧାର କରିଥିଲା। ଆଜି ନାବାଳିକାଙ୍କ ଡାକ୍ତରୀ ମାଇନା କରାଯିବା ସହ ଅଭିଯୁକ୍ତ ଯୁବକ ବିରୋଧରେ ଅପହରଣ ଓ ଦୁଷ୍କର୍ମ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଏଡ୍ସ ସଚେତନତା ଓ ଚିକିତ୍ସା ଶିବିର




ମୋହନା,୬।୪(ସମିସ): ଆର.ଉଦୟଗିରି ବ୍ଲକ୍ ଗଡ଼ର ଗ୍ରାମରେ ୱିଙ୍ଗ୍ ଇଣ୍ଡିଆ ଫାଉଣ୍ଡେସନ ତରଫରୁ ଏଡ୍ସ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୱିଙ୍ଗ୍ ଇଣ୍ଡିଆ ପକ୍ଷରୁ ଡ଼ା. ସନ୍ତୋଷ ଆଚାର୍ଯ୍ୟ ଉପସ୍ଥିତ ରହି ସାଧାରଣ ଲୋକଙ୍କୁ ଏଡ୍ସ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଗଡର ଓ ପାଖପାଖି ଅଞ୍ଚଳର ଶତାଧିକ ଗ୍ରାମବାସୀ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ମାଗଣା ଔଷଧ ବଣ୍ଟନର ଲାଭ ନେଇଥିଲେ। ଏହାସହିତ ଜନସାଧାରଣଙ୍କୁ ବିଭିନ୍ନ ରୋଗ ବିଷୟରେ ସଚେତନ କରାଯିବା ସହ ସରକାରଙ୍କ ସ୍ୱାସ୍ଥ୍ୟଯୋଜନା ବିଷୟରେ ମଧ୍ୟ ଅବଗତ କରାଯାଇଥିଲା। ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସୋସାଇଟି ଗୁରୁତ୍ୱପୂର୍ଣ୍ଣ ସହଯୋଗ କରିଥିଲା। ଡ଼ା. ସତ୍ୟପ୍ରକାଶ ମିଶ୍ର, ଅଭିନାଶ ପ୍ରଧାନ ଓ ମହେଶ ପାଇକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବନବିଭାଗର ଜଙ୍ଗଲ ଅଗ୍ନି ନିରୋଧ କର୍ମଶାଳା




ମୋହନା,୬।୪(ସମିସ): ମୋହନା କଲ୍ୟାଣ ମଣ୍ଡପରେ ବନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ନିରୋଧ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଶିକ୍ଷାବିତ ମଧୁସୁଦନ ପାଢ଼ୀ ଯୋଗ ଦେଇ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟବକ୍ତା ଅଗ୍ନିଶମ ଅଧିକାରୀ ରୋହିତ କୁମାର ସାହୁ ନିଆଁକୁ କିଭଳି ଭାବେ ଆୟତ୍ତ କରାଯାଇପାରିବ ସେନେଇ ତାଲିମ ଦେଇଥିଲେ। ସମ୍ମାନିତ ଅତିଥି ମୋହନା ପ୍ରେସ୍ କ୍ଲବ ସମ୍ପାଦକ ବାବୁଲା ସେଠୀ ଓ ପାଣିଗଣ୍ଡା ବନପାଳ ରମାକାନ୍ତ ରଇତ ଯୋଗ ଦେଇଥିଲେ। କର୍ମଶାଳାରେ ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲ ନିଆଁ ନିରୋଧ ଉପରେ ତାଲିମ ପ୍ରଦାନ କରାଯାଇଥିଲା।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



ପାରଳାଖେମୁଣ୍ଡି, ୬।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନୀଲ କାନ୍ତ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ ଓ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଉପସ୍ଥିତ ରହି ମୋଟ ୬୦ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୪୯ ଓ ଗ୍ରାମ ଭିତ୍ତିକ ସମସ୍ୟା ୧୧ ରହିଥିଲା। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣିରେ ସାମାଜିକ ସୁରକ୍ଷା, ଜମିପଟ୍ଟା, ମନରେଗା, ଗୃହନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍ଓ ଡା. ଶାନ୍ତନୁ ପାଢୀ, ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ, ଓ ସ୍ଥାନୀୟ ତହସିଲଦାର ନାରାୟଣ ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କଲ୍ୟାଣମଣ୍ଡପ ଜମି ଚିହ୍ନଟରେ ଅନିୟମିତତା ଅଭିଯୋଗ

## ରାୟଗଡ଼ଠାରୁ ୨ କିମି ଦୂରରେ ନିର୍ମାଣକୁ ନେଇ ଅସନ୍ତୋଷ

ରାୟଗଡ,୬।୪(ସମିସ)

ରାୟଗଡ଼ ବ୍ଲକ ସଦରମହକୁମାରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପ ପାଇଁ ଜମି ଚିହ୍ନଟରେ ଅନିୟମିତତା ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନ ପ୍ରକଳ୍ପ ମଞ୍ଜୁର କରି ଭିତ୍ତିଭୂମି ନିର୍ମାଣ ପାଇଁ ଅଣ୍ଟା ଭିଡ଼ିବା ବେଳେ ଜମି ଚିହ୍ନଟ ଅନେକ ବାଧକ ସାଜୁଥିବା ଦେଖିବାକୁ ମିଳୁଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପ ଜମି ଚିହ୍ନଟ। ବ୍ଲକ ସଦରରେ କୌଣସି ଶୁଭ କାର୍ଯ୍ୟ, ସଭା କି ଜନଗହଳି କାର୍ଯ୍ୟକ୍ରମ ପାଇଁ ୬୦ ଲକ୍ଷ ଟଙ୍କା ଅଟକଳ ବିଶିଷ୍ଟ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜାଗା ଚିହ୍ନଟ ବିବାଦୀୟ ବିଷୟର ରୂପ ନେଉଛି। ଉକ୍ତ ନିର୍ମାଣ ପାଇଁ ରାୟଗଡ଼ଠାରୁ ଦୁଇ କିମି ଦୂରରେ ଥିବା ଜାଗାକୁ ତହସିଲଦାର ଚିହ୍ନଟ କରିଛନ୍ତି। ଏହା ସାନତୁଣ୍ଡି ପଞ୍ଚାୟତ କାର୍ଯ୍ୟାଳୟର ନିକଟରେ ରହିଛି। ତେଣୁ ଉକ୍ତ ମଣ୍ଡପ କାହା ସ୍ୱାର୍ଥରେ ନିର୍ମାଣ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ପ୍ରକାଶଯୋଗ୍ୟ ଯେ, ରାୟଗଡ଼ ପଞ୍ଚାୟତ ପକ୍ଷରୁ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଦୀର୍ଘଦିନ ଧରି ଦାବି କରାଯାଉଥିଲା। ଇତିମଧ୍ୟରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦୁଇ ଥର ସରକାରୀ ଅନୁଦାନ ଆସିଥିଲେ ମଧ୍ୟ ଜମିର ଅଭାବ ଦର୍ଶାଇ ଦୀର୍ଘଦିନ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ହୋଇ ପାରିନଥିବା ଅଭିଯୋଗ ହେଉଥିଲା। ଏନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ପରେ ବ୍ଲକ ପକ୍ଷରୁ ତରବରିଆ ଭାବେ ଗ୍ରାମଠାରୁ ପ୍ରାୟ ଦୁଇ କିମି ଦୂର ମିନି ଷ୍ଟାଡିୟମ ନିକଟସ୍ଥ ଜାଗା ଚିହ୍ନଟ କରାଯାଇଥିବା ଜଣାପଡିଥିଲା। ଯାହାକୁ ସାଧାରଣରେ ନାପସନ୍ଦ କରାଯାଉଛି। ଯେହେତୁ ରାୟଗଡ଼ ଗ୍ରାମରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ଏଠାରେ ବିଭିନ୍ନ ସମୟରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏତେ ଦୂରରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଗଲେ ତାହା ସାଧାରଣରେ ଅଲୋଡ଼ା ହୋଇଯିବା ଆଶଙ୍କା କରାଯାଉଛି। ତେଣୁ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ନିରୂପଣ ହୋଇଥିବା ସ୍ଥାନକୁ ତହସିଲଦାର ସୁବିଚାର କରି ରାୟଗଡ଼ର ଅନ୍ୟ ଏକ ଗ୍ରାମ ମଧ୍ୟରେ କିମ୍ବା ନିକଟରେ ଚିହ୍ନଟ କରନ୍ତୁ ବୋଲି ରାୟଗଡ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ତହସିଲଦାର ସୁକାନ୍ତ କୁମାର ପ୍ରଧାନଙ୍କ ସହ ଯୋଗଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନଥିଲା।



# ମହେନ୍ଦ୍ରଗିରିରେ ନିଖୋଜ ପର୍ଯ୍ୟଟକଙ୍କ ମୃତଦେହ ଉଦ୍ଧାର

ରାୟଗଡ,୬।୪(ସମିସ): କାଳବୈଶାଖୀ ପ୍ରଭାବରେ ପ୍ରସିଦ୍ଧ ପର୍ଯ୍ୟଟନ ଓ ଧାର୍ମିକସ୍ଥଳୀ ମହେନ୍ଦ୍ରଗିରି ଶିଖରରୁ ନିଖୋଜ ଥିବା ପର୍ଯ୍ୟଟକଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ମୃତକ ହେଲେ କଟକ ଜିଲ୍ଲା ନିଆଳି ବ୍ଲକ ଓଲଟପୁର ଗ୍ରାମର ବିନୋଦ ଜେନା (୪୭)। ରବିବାର ବିନୋଦ ତାଙ୍କ ୪ଜଣ ସାଙ୍ଗଙ୍କ ସହ ମିଶି ପାରଳାଖେମୁଣ୍ଡିସ୍ଥିତ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ତାଙ୍କ ଘରେ ମଧ୍ୟାହ୍ନଭୋଜନ ସାରି ପାରଳାଖେମୁଣ୍ଡିରୁ ଏକ କାର୍ ଭଡ଼ାରେ ନେଇ ମହେନ୍ଦ୍ରଗିରି ବୁଲିବାକୁ ଯାଇଥିଲେ। ସେଠାରେ କୁନ୍ତୀ ମନ୍ଦିର, ଯୁଧିଷ୍ଠିର ମନ୍ଦିର ଏବଂ ଅର୍ଜୁନ ଗୁମ୍ଫା ବୁଲିବା ପରେ ଭୀମ ମନ୍ଦିର ଅଭିମୁଖେ ପାହାଡ଼ ଚଢ଼ି ଯିବାବେଳେ ହଠାତ୍ କାଳବୈଶାଖି ପ୍ରଭାବରେ ବର୍ଷାପବନ ମାଡ଼ି ଆସିବା ସହ ଜୋର୍‌ରେ ଘଡ଼ଘଡ଼ି ମଧ୍ୟ ମାରିଥିଲା। ଜୀବନ ବଞ୍ଚାଇବାକୁ ସମସ୍ତେ ସୁରକ୍ଷିତ ସ୍ଥାନକୁ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ୩ ଜଣ ସେଠାରେ ଥିବା ଭୀମ ମନ୍ଦିର ଭିତରେ ଆଶ୍ରୟ ନେଇଥିବାବେଳେ ବିନୋଦ ପାହାଡ଼ ତଳପଟକୁ ଦୌଡ଼ିଥିଲେ। ବର୍ଷା ଛାଡ଼ିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ୩ ବନ୍ଧୁ ନିଖୋଜ ବିନୋଦଙ୍କୁ ଖୋଜିଥିଲେ। ପରବର୍ତ୍ତୀ ସମୟରେ ସେଠାରେ ଥିବା ୱାଚ୍ ଟାୱାର ଏବଂ ରିସର୍ଟରେ ନିୟୋଜିତ ବନବିଭାଗ କର୍ମଚାରୀଙ୍କୁ ଭେଟି ଜଣାଇଥିଲେ। ବନ କର୍ମଚାରୀଙ୍କ ସହ ମିଶି ଭୀମ ମନ୍ଦିର ପାହାଡ଼ର ସମସ୍ତ ଅଞ୍ଚଳକୁ ଖୋଜାଖୋଜି କରିଥିଲେ। ରବିବାର ଅପରାହ୍ନ ସାଢେ ୩ ଘଣ୍ଟା ଠାରୁ ପ୍ରାୟ ତିନି ଘଣ୍ଟା ଖୋଜାଖୋଜି କରି କୌଣସି ସନ୍ଧାନ ନପାଇବାରୁ ଗାରାବନ୍ଧ ପୁଲିସର ସହାୟତା ନେଇଥିଲେ। ଗାରାବନ୍ଧ ପୁଲିସ ଓ ରାମଗିରି ରେଞ୍ଜର ବନ କର୍ମଚାରୀ ମିଶି ରାତିସାରା ଖୋଜାଖୋଜି କରିଥିଲେ ବି ସନ୍ଧାନ ମିଳିନଥିଲା। ହେଲେ ଆଜି ଭୋରରେ ବିନୋଦଙ୍କ ମୃତଦେହ ଭୀମମନ୍ଦିରରୁ ସହଦେବ ମନ୍ଦିର ମଧ୍ୟରେ ଥିବା ପାହାଡ ଉପରୁ ଗାରାବନ୍ଧ ପୁଲିସ ଉଦ୍ଧାର କରିଛି। ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକଙ୍କ ସମେତ ସାଇଣ୍ଟିଫିକ ଟିମ ପହଞ୍ଚି ତନ୍ନତନ୍ନ ଯାଞ୍ଚ କରିଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାକୁ ନେଇ ଗାରାବନ୍ଧ ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ଲୋକନାଥ ବେହେରା ସୂଚନା ଦେଇଛନ୍ତି।

# ବାଘୁଆ ମହୁମାଛି ଆକ୍ରମଣରେ ୫ ଆହତ




ମୋହନା,୬।୪(ସମିସ): ବାଘୁଆ ମହୁମାଛି ଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ଅଡ଼ବା ଥାନା ଅନ୍ତର୍ଗତ ପାଣିଗଣ୍ଡା ଗ୍ରାମରେ। ଗ୍ରାମର ଜଣେ ବୃଦ୍ଧ ଗୋବିନ୍ଦ ପାତ୍ର ନିଜ ଘର ପାଖରେ ଥିବା ଆମ୍ବତୋଟାରୁ ଘରକୁ ଫେରିବାବେଳେ ପାଣିଗଣ୍ଡା ଚର୍ଚ୍ଚ ନିକଟରେ ଥିବା ଏକ ଗଛରୁ ବାଘୁଆ ମହୁମାଛି ବାହାରି ଅତର୍କିତ ଭାବରେ ତାଙ୍କୁ ଆକ୍ରମଣ କରିଥିଲେ। ବୃଦ୍ଧ ଜଣକୁ ରକ୍ଷା ପାଇଁ ପ୍ରୟାସ କରୁଥିବା ଗ୍ରାମର କ୍ରିଷ୍ଣା ମାଝୀ, ପପୁ ପାତ୍ର, ଚନ୍ଦ୍ର ପାଇକ ଏବଂ ମୁକେଶ ପାତ୍ର ମହୁମାଛି ଆକ୍ରମଣର ଶିକାର ହୋଇ ମଧ୍ୟ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ପରେ ଗ୍ରାମବାସୀଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଆହତଙ୍କୁ ଅଡବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

● ଘୋଷଣା ହେଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ

# କାମଦେବ ଏସ୍‌ଡିସି ଅଧ୍ୟକ୍ଷ, ପଙ୍କଜିନୀ ଉପାଧ୍ୟକ୍ଷା

ମୋହନା,୬।୪(ସମିସ): ସରକାର ଗଠନର ୨ ବର୍ଷ ପରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସଡିସି) ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନାମ ଘୋଷଣା କରିଛନ୍ତି ସରକାର। ଗଜପତି ଜିଲ୍ଲା ଏସଡିସି ଅଧ୍ୟକ୍ଷ ଭାବେ ବରିଷ୍ଠ ବିଜେପି ନେତା କାମଦେବ ବଡ଼ନାୟକଙ୍କ ନାମ ଘୋଷଣା ହୋଇଥିବା ବେଳେ ମହିଳା ନେତ୍ରୀ ପଙ୍କଜିନୀ ଦଳାଇଙ୍କ ନା ଉପାଧ୍ୟକ୍ଷା ଭାବେ ଘୋଷଣା ହୋଇଛି। ମୋହନା ବ୍ଲକ ରାଇପୁର ଗାଁରେ ଥିବା କାମଦେବଙ୍କ ବାସଭବନ ଯାଇ ବରିଷ୍ଠ ବିଜେପି ନେତା ମନୋଜ ସାହୁ, ସୁଧୀର ପାଇକ, ମାନସ ରଞ୍ଜନ ପଟ୍ଟନାୟକ, ଅଂଶୁମାନ ପଣ୍ଡା, ଦିବାକର ପ୍ରଧାନ ଓ ରା.ଉଦୟଗିରି ମଣ୍ଡଳ ସଭାପତି ତପନ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ନୂତନ ଅଧ୍ୟକ୍ଷ କାମଦେବ ଆରଏସଏସର ଜଣେ ବହୁ ପୁରାତନ ବରିଷ୍ଠ କାର୍ଯ୍ୟକର୍ତ୍ତା ଥିବାବେଳେ ଗତ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ସାଙ୍ଗଠନିକ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଦୁଇଥର ଜିଲ୍ଲା ସାଧାରଣ ସମ୍ପାଦକ ଥିବାବେଳେ ବର୍ତ୍ତମାନ ବିଜେପି ଜିଲ୍ଲା ଉପସଭାପତି ଦାୟିତ୍ୱରେ ଅଛନ୍ତି। ଗଜପତି ଜିଲ୍ଲା ଏକ ଜନଜାତି ବହୁଳ ଜିଲ୍ଲା ହୋଇଥିବା ବେଳେ ଏହାର ବିକାଶ ପାଇଁ ଉଦ୍ୟମ ଜାରି ରଖିବି ବୋଲି କାମଦେବ କହିଛନ୍ତି। ସେହିପରି ଉପାଧ୍ୟକ୍ଷକ୍ଷ ପଙ୍କଜିନୀ ମଧ ଜଣେ ଆଗଧାଡ଼ିର କର୍ମୀ।



# ଅଟୋ ଧକ୍କାରେ ଜଣେ ଗୁରୁତର

ବ୍ରାହ୍ମଣୀଗାଁ, ୬।୪(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ସୋମବାର ସାପ୍ତାହିକ ହାଟରେ ଏକ ଅଟୋ ଜଣକୁ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ୮ ପଞ୍ଚାୟତ ନିମନ୍ତେ ଏହି ହାଟ ପଡୁଥିବାରୁ ଅଧିକ ଭିଡ଼ ହୋଇଥାଏ। ଏଭଳି ସ୍ଥିତିରେ ଅଲାଞ୍ଜୁରି ଗ୍ରାମର ସଚିନ ସିଂ(୨୪)ଙ୍କୁ ଏକ ଅଜଣା ଅଟୋ ଧକ୍କା ଦେଇ ଚମ୍ପଟ ମାରିଥିଲା। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥନାନ୍ତର କରାଯାଇଛି।

# ଶ୍ରୀ ଅଭୟ ଆଞ୍ଜନେୟ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ଗୋଷାଣି,୬।୪(ସମିସ): ଗୋଷାଣି ବ୍ଲକ ବୋମିକା ପଞ୍ଚାୟତ ସାଇଲଡା ଗ୍ରାମରେ ଥିବା ଶ୍ରୀ ଅଭୟ ଆଞ୍ଜନେୟଙ୍କ ବିଗ୍ରହ ପ୍ରତିଷ୍ଠାର ୧୩ ତମ ବାର୍ଷିକୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଆଜି ସକାଳେ ଅଭୟ ଆଞ୍ଜନେୟଙ୍କ ପୂଜାର୍ଚ୍ଚନା ସହ ହନୁମାନ ଶାଳିସା ପଠନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ପୂଜାରେ କର୍ତ୍ତା ଭାବେ ବୋମିକା ସରପଞ୍ଚ ଜି.ବିମଳାବତୀ ଓ ଜି.ଲକ୍ଷ୍ମଣ ରେଡ୍ଡୀ, କୁର୍ମା ରେଡ୍ଡୀ ଓ ହେମଲତାଙ୍କ ସମେତ ରମେଶ ରେଡ୍ଡୀ ଯୋଗ ଦେଇ ପୂଜାର୍ଚ୍ଚନା କରିଥିଲେ। ପୂଜକ ଭାବେ ଶ୍ରୀନିବାସ ଆଚାରୀ ଓ ଅମରନାଥ ଆଚାରୀ କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇ ଭକ୍ତିର ସହ ପୂଜାର୍ଚ୍ଚନା କରିଥିଲେ। ଆଜିର ୧୩ତମ ବାର୍ଷିକ ଉତ୍ସବରେ ପୂର୍ବତନ ପାରଳାଖେମୁଣ୍ଡି ବିଧାୟକ ତଥା ବିଜେପି ରାଜ୍ୟ ଉପସଭାପତି କେ. ନାରାୟଣ ରାଓ, ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସରକାରୀ ଓକିଲ ମଣ୍ଡଳୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# ଦୁର୍ଘଟଣା ଶୂନ୍ୟ ସପ୍ତାହରେ ପୁଲିସର ସଚେତନତା



ଫିରିଙ୍ଗିଆ,୬।୪(ସମିସ): ରାଜ୍ୟରେ ବଢ଼ି ଚାଲିଛି ସଡ଼କ ଦୁର୍ଘଟଣା। ଏହା ଉପରେ ରୋକ୍ ପାଇଁ ବ୍ୟାପକ ସଚେତନତା ସହ ଅମାନିଆ ଗାଡ଼ି ଚାଳକଙ୍କ ଠାରୁ ଫାଇନ ମଧ୍ୟ ଆଦାୟ କରାଯାଉଛି। ତଥାପି ଥମିବାର ନା ଧରୁନି ସଡ଼କ ଦୁର୍ଘଟଣା। ଏହି ପରିପେକ୍ଷୀରେ ଫିରିଙ୍ଗିଆ ଥାନା ତରଫରୁ ଦୁର୍ଘଟଣା ରୋକିବାକୁ ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନେତୃତ୍ୱରେ ସୋମବାର ଫିରିଙ୍ଗିଆ ବ୍ଲକ ଛକରୁ ଆରମ୍ଭ କରି ବିଭିନ୍ନ ଜନଗହଳି ରାସ୍ତାରେ ସଦଳବଳ ରାସ୍ତାରେ ହେଲମେଟ ପିନ୍ଧି ବାଇକ ଚଳାଇ ଆସୁଥିବା ଚାଳକଙ୍କୁ ଅଟକାଇ ଗୋଲାପ ଫୁଲ ଓ ଚକଲେଟ ଦେଇ ଉତ୍ସାହିତ କରାଯାଇଥିଲା। ଏଥିସହ ବିନା ହେଲମେଟରେ ଗାଡି ଚଳାଇ ଆସୁଥିବା ଚାଳକଙ୍କ ଫାଇନ୍ କଟାଯାଉଥିଲା। ଦ୍ରୁତ ଗତିରେ ଆସୁଥିବା ଓ ମଦ୍ୟପ ଚାଳକଙ୍କୁ ମଧ୍ୟ 'ବ୍ରେଦ୍ ଆନାଲାଇଜର'ରେ ପରୀକ୍ଷା କରି ଫାଇନ କଟାଯାଇଥିଲା। ପ୍ରଥମ ଥର ପାଇଁ ଫିରିଙ୍ଗିଆ ପୁଲିସ ତରଫରୁ ଏଭଳି କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସଆଇ ଦିବ୍ୟଜ୍ୟୋତି ସାମଲ ଓ କୃଷ୍ଣଚନ୍ଦ୍ର ଗୌଡ଼ଙ୍କ ସହ ଆଇଆରବି ଯବାନ ଉପସ୍ଥିତ ଥିଲେ। ପୁଲିସର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଅଜଣା ରୋଗ ଉଜାଡୁଛି ଲିଚି ଫସଲ

ଜି.ଉଦୟଗିରି, ୬।୪(ସମିସ): ଜି.ଉଦୟଗିରି ଅଞ୍ଚଳରେ ଅଜଣା ରୋଗରେ ଲିଚି ଫସଲ ନଷ୍ଟ ହେବାରେ ଲାଗିଛି। ଏକର ଏକର ଫସଲ ଏମିତି ନଷ୍ଟ ହେବାକୁ ଯାଉଛି। ଆଗକୁ ଲିଚି ଅମଳ ସମୟ ଆସୁଥିବା ବେଳେ ଏବେ କଷିରୁ ନଷ୍ଟ ହେବାରେ ଲାଗିଛି। ଚାଷୀ କେଉଁ ରୋଗ ହେଉଛି ଏବଂ ଏହାର ଔଷଧ କ'ଣ କିଛି ଜାଣି ପାରୁନଥିବା ବେଳେ ନିରୁପାୟ ହୋଇ ନଷ୍ଟ ହେଉଥିବା ଡାଳକୁ ଭାଙ୍ଗି ଦେଉଛନ୍ତି। ପ୍ରଥମେ ପତ୍ରରେ ପୋକ ଲାଗିଲା ଭଳି ଶୁଖି ମୋଡ଼ି ହୋଇଯାଉଥିବା ବେଳେ ତାହାରି ଉପରେ ଏକ ମାଟିର ସ୍ତର ଲାଗି ପୁରା ଡାଳର ଓଜନ ବଢି ଯାଉଛି। ଏଥିଯୋଗୁଁ ଡାଳ ଭାଙ୍ଗିବାକୁ ପଡୁଛି। ଏମିତି ଅଭିଯୋଗ କରିଛନ୍ତି ଜି.ଉଦୟଗିରିର ଦୁଇ ଏକର ଜମିରେ ଲିଚି ଚାଷ କରୁଥିବା ଚାଷୀ ବୁଦ୍ଧ ଶଙ୍କର ସାହୁ। ଜି.ଉଦୟଗିରି ଏବଂ କଳିଙ୍ଗାର ଅନେକ ଚାଷୀ ଏହି ସମସ୍ୟା ରହିଥିବା ବେଳେ କ'ଣ କରିବେ କେମିତି ଏଥିରୁ ରକ୍ଷା ମିଳିବ ତାହାକୁ ନେଇ ଚିନ୍ତା ବଢିଯାଇଛି। ଚାଷୀ ଏଥିରେ ଭୟଭୀତ ନ ହୋଇ ବିଭାଗୀୟ କର୍ମଚାରୀଙ୍କ ସହ ଯୋଗାଯୋଗ କରି ରୋଗ ନିରାକରଣ କରିପାରିବେ।

# 'ଅପରାହ୍ନ' ଓ 'ସିଦ୍ଧାନ୍ତ'ର ମିଳିତ ସାରସ୍ୱତ ସମାରୋହ

ପାରଳାଖେମୁଣ୍ଡି,୬।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡ଼େମୀର ଗଜପତି ଜିଲ୍ଲା ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଭାପତିତ୍ୱରେ ଆଲୋଚନା, ସମ୍ବର୍ଦ୍ଧନା, କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ରାଜେନ୍ଦ୍ର ରଥଙ୍କ ଦ୍ୱାରା ଅତିଥିଙ୍କୁ ମଞ୍ଚ ଆହ୍ୱାନ, ଦୀପ୍ତିରଞ୍ଜନ ପଟ୍ଟନାୟକ ଓ ଦେବୀ ପ୍ରସାଦ ପଟ୍ଟନାୟକ, କରୁଣାନିଧି ପଟ୍ଟନାୟକ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସ୍ୱାଗତ ସମ୍ଭାଷଣ ଇଂ.ଶ୍ୱେତା ପଟ୍ଟନାୟକ ଦେଇଥିବା ବେଳେ ସ୍ନେହା ବେହେରା ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସଂଯୋଜିକା ତଥା କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ କାର୍ଯ୍ୟକ୍ରମର ପ୍ରାକ୍ ସୂଚନା ଦେଇଥିଲେ। ଏହି ଆଲୋଚନାରେ ବିଶିଷ୍ଟ ଗବେଷକ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ବଂଶୀଧର ଜେନା ସଂପାଦକ ତଥା ସଂସ୍ଥାପକ ଅପରାହ୍ନ ସଂସ୍ଥା ଲକ୍ଷ୍ମୀପ୍ରିୟା ଦାସ ସ୍ୱତନ୍ତ୍ର ଅତିଥି, ସୁଲତା ଶୁଭଦର୍ଶିନୀ ମୁଖ୍ୟବକ୍ତା, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଅସ୍ମିତା ସୁରକ୍ଷା କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଭୂମିକା ସଂପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ଓଡ଼ିଶା ଓ ଓଡ଼ିଆ ଭାଷୀଙ୍କ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ନିଜର ବହୁମୁଖୀ ପ୍ରତିଭାର ପରିଚୟ ସହ ବିରତ୍ୱ ଏବଂ ଐତିହାସିକ ସଫଳତାର ଗରିମାୟ ଓ ପ୍ରାସଙ୍ଗୀକ ଅଧ୍ୟାୟ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଏବଂ କବି ସ୍ନିଗ୍ଧା ମିଶ୍ରଙ୍କ ସଂଯୋଜନାରେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ସ୍ୱରଚିତ କବିତା ଆବୃତ୍ତି ହୋଇଥିଲା। ଏହି ଅବସରରେ କବି ଶଶିଭୂଷଣ ପଟ୍ଟନାୟକ, କବି ସ୍ନିଗ୍ଧା ମିଶ୍ରଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ସାରସ୍ୱତ ଅପରାହ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ କବି ବବିତା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ମୁରଲୀଧର ପରିଛା, ତ୍ରିପତି ପ୍ରସାଦ ପଣ୍ଡା, ରାଜେଶ୍ୱରୀ ସ୍ୱାଇଁ, ନୟନା ପଟ୍ଟନାୟକ, ଗାୟତ୍ରୀ ପଟ୍ଟନାୟକ, କରୁଣାନିଧି ପଟ୍ଟନାୟକ ଓ ମନୀଷା ପାତ୍ର ପରିଚାଳନା କରିଥିଲେ।




# ଓଡ଼ିଆ ପକ୍ଷରେ ଐତିହ୍ୟ ସ୍ଥଳୀରେ ସ୍ୱଚ୍ଛତା ଅଭିଯାନ

ପାରଳାଖେମୁଣ୍ଡି,୬।୪(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଷଷ୍ଠ ଦିନରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଜିଲ୍ଲାର ବିଭିନ୍ନ ଦେବାଳୟ, ଐତିହ୍ୟ ସ୍ଥଳୀ ଓ ପର୍ଯ୍ୟଟନ ସ୍ଥଳୀର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଐତିହ୍ୟ ସ୍ଥଳୀ, ପର୍ଯ୍ୟଟନ ସ୍ଥଳୀ ମହେନ୍ଦ୍ରଗିରି ଶୈବପୀଠ, ଗୁଦ୍ରୁଗୁଦା, ଖସଡ଼ା, ଗଣ୍ଡାହାତୀ, ମାଙ୍କଡ଼ଆଁ, ଦେବଗିରି ଓ ବିଏନ ରାଜପ୍ରାସାଦ ଭଳି ସମସ୍ତ ବ୍ଲକ ଓ ପଞ୍ଚାୟତ ରେ ଥିବା ସମସ୍ତ ଐତିହ୍ୟସ୍ଥଳୀରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାରଳାଖେମୁଣ୍ଡି ସ୍ଥିତ ସ୍ଥାନୀୟ ବି.ଏନ. ପ୍ୟାଲେସ୍‌ରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାରେ ଐତିହ୍ୟ ସ୍ଥଳୀ ଓ ପର୍ଯ୍ୟଟନ ସ୍ଥଳୀ ସଫା କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ଓଡ଼ିଶାର ଐତିହ୍ୟ ଏବଂ ସଂସ୍କୃତିର ପ୍ରତି ଗର୍ବ ସୃଷ୍ଟି କରିବା, ଜିଲ୍ଲା ଓ ରାଜ୍ୟର ସାଂସ୍କୃତିକ ଓ ବିବିଧତାକୁ ପାଳନ କରିବା , ଜିଲ୍ଲାର ସମସ୍ତ ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳୀର ସ୍ୱଚ୍ଛତା ରଖିଲେ ବହୁ ପର୍ଯ୍ୟଟକ ଏଠାକୁ ଆସିବା ପାଇଁ ଆଗ୍ରହ ପ୍ରକାଶ କରିପାରିବେ ବୋଲି ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ କହିଛନ୍ତି। ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ବ୍ଲକ ଓ ତହସିଲର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପଞ୍ଚାୟତର ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ସାମିଲ ହୋଇ ସ୍ୱଚ୍ଛତା ଅଭିଯାନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।



## କେସିସିଏଲ୍ ପ୍ରୋଜେକ୍ଟ ଅଧିକାରୀଙ୍କ ଦାଦାଗିରି

# ପ୍ରତିବାଦରେ କାର୍ଯ୍ୟାଳୟରେ ଶ୍ରମିକ ସଂଗଠନର ଧାରଣା

ଇବଥର୍ମାଲ,୬।୪(ସମିସ)



ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ଆଇଏଲ୍‌ବିଏଲ୍ କୋଇଲା ଖଣିରେ କାମକରୁଥିବା କେସିସିଏଲ୍ ଠିକା କମ୍ପାନୀର ମନମୁଖୀ ଶାସନ ଓ ଏହାର ପ୍ରୋଜେକ୍ଟ ମୁଖ୍ୟଙ୍କ ଦାଦାଗିରି ବିରୁଦ୍ଧରେ ଆଜି ଓସିଏମଏସ୍ ଓ ବିସିଏମଡବ୍ଲ୍ୟୁ ଶ୍ରମିକ ସଂଗଠନ ପକ୍ଷରୁ ଲଖନପୁର ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଏ ସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗ ପତ୍ର ଶ୍ରମିକ ସଂଗଠନ ପକ୍ଷରୁ ଆଇଏଲ୍‌ବିଏଲ୍ ପ୍ରୋଜେକ୍ଟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ପ୍ରୋଜେକ୍ଟ ଅଧିକାରୀଙ୍କୁ ତୁରନ୍ତ ହଟାଯିବା ଓ କେସିସିଏଲ ଶ୍ରମିକମାନଙ୍କୁ ଏଚ୍‌ପିସି ହାରରେ ଦରମା ପ୍ରଦାନ କରିବାକୁ ଏଥିରେ ଦାବି କରାଯାଇଛି। ସୋମବାର ସକାଳୁ ଶ୍ରମିକ ସଂଗଠନର ନେତୃବୃନ୍ଦ ଆଇଏଲବିଏଲ ପ୍ରୋଜେକ୍ଟ କାର୍ଯ୍ୟାଳୟରେ ପହଞ୍ଚି ଧାରଣାରେ ବସିଛନ୍ତି। ଏଠାରେ କାମକରୁଥିବା ସ୍ଥାନୀୟ ଶ୍ରମିକଙ୍କୁ ଠିକ୍ ଭାବରେ କାମ କରୁନଥିବା ଦର୍ଶାଇ ଠିକା କମ୍ପାନୀର ପ୍ରୋଜେକ୍ଟ ଅଧିକାରୀଙ୍କ ନିର୍ଦ୍ଦେଶରେ ସୁପରଭାଇଜରମାନେ ମାଡ଼ ମାରୁଛନ୍ତି। କେହି ସାମାନ୍ୟ ପ୍ରତିବାଦ କଲେ ସେମାନଙ୍କୁ ମିଛ କେସରେ ଫସେଇବା, ଏମସିଏଲ ଅଥରିଟି, ପୁଲିସ ପ୍ରଶାସନ ତଥା ଜିଲ୍ଲାପାଳଙ୍କ ପାଖରେ ସେମାନଙ୍କ ବିରୁଦ୍ଧରେ ମିଛ ଅଭିଯୋଗ ଆଣି ହଇରାଣ କରିବା, ଶ୍ରମ ଆଇନର ଖୋଲା ଉଲ୍ଲଂଘନ କରିବା ସହ ଶ୍ରମିକମାନଙ୍କ ଉପରେ ଅମାନବିକ ଅତ୍ୟାଚାର କରାଯାଉଛି ବୋଲି ଅନ୍ଦୋଳନରତ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏପରିକି ନିଯୁକ୍ତି କ୍ଷେତ୍ରରେ ଠିକା କମ୍ପାନୀ କର୍ତ୍ତୃପକ୍ଷ ବ୍ୟାପକ ଲାଞ୍ଚ କାରବାର କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

ଏ ସମସ୍ତ ଅନିୟମିତତା କେବଳ କେସିସିଏଲ୍ ପ୍ରୋଜେକ୍ଟ ଅଧିକାରୀଙ୍କ ଯୋଗୁଁ ଘଟୁଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ତାଙ୍କୁ ଏଠାରୁ ତୁରନ୍ତ ହଟାଯିବାକୁ ଓସିଏମଏସ୍ ଏରିଆ ସମ୍ପାଦକ ରବୀନ୍ଦ୍ର ପ୍ରସା, ବିସିଏମଡବ୍ଲ୍ୟୁ ଶ୍ରମିକ ସଂଗଠନର ଏରିଆ ସମ୍ପାଦକ ସଞ୍ଜୟ ଗିରି, ସାଗର ପ୍ରଧାନ, ଲକ୍ଷ୍ମଣ ଭଞ୍ଜ, ରତନେସ୍ ସିଂହ, ଟଙ୍କା ପ୍ରଧାନ, ବୁଲୁ ପାଣିଗ୍ରାହୀ, ସୁନ୍ଦର ଲାଲ ଟାର୍ଜନ, ରାଜକୁମାର ମହାନନ୍ଦ, ଭାଗ୍ୟ ଚନ୍ଦ୍ର ବର୍ଦ୍ଧନ, ଅଗସ୍ତି ପଟେଲ ପ୍ରମୁଖ ଦାବି କରିଛନ୍ତି। ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଧାରଣା ପ୍ରତ୍ୟାହୃତ ହେବ ନାହିଁ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ସେହିପରି ପ୍ରାୟ ସମାନ ଦାବି ନେଇ ଖଏରକୁନି, ଭୁଲାମାଲ, ଟିଙ୍ଗିସମାଲ, ବୁଢ଼ା ଗ୍ରାମର ଖଣି ପ୍ରଭାବିତ ଲୋକମାନେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଦେଇଥିବା ଧାରଣା ଆଜି ଷଷ୍ଠ ଦିନରେ ପହଞ୍ଚିଛି। ଗତ ୪ ତାରିଖରେ ଏଠାରେ ତ୍ରିପାକ୍ଷିକ ଆଲୋଚନା ବିଫଳ ହେବାପରେ ଧାରଣା ଚାଲୁ ରହିଛି। ଧାରଣା ସ୍ଥଳରୁ ୪ ଜଣ ଅନଶନକାରୀଙ୍କୁ ଗୁରୁତର ଅବସ୍ଥାରେ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ● ଅଖିଳ ଭାରତୀୟ କବାଡି ପ୍ରତିଯୋଗିତା

# ପୁରୁଷରେ ଶକ୍ତି ଓ ମହିଳାରେ ସମ୍ବଲପୁର ଚାମ୍ପିଅନ



ବ୍ରଜରାଜନଗର,୬।୪(ସମିସ): ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ରାମପୁର କବାଡି ଖେଳ ପଡିଆରେ ଚାଲିଥିବା ୫ମ ରାମପୁର ଅଖିଳ ଭାରତୀୟ କବାଡି ପ୍ରତିଯୋଗିତା ଶନିବାର ବିଳମ୍ବିତ ରାତ୍ରିରେ ଶେଷ ହୋଇଛି। ପୁରୁଷ ବିଭାଗରେ ଅନ୍ତିମ ଖେଳ ବିଳାସପୁର ଓ ଶକ୍ତି ମଧ୍ୟରେ ଖେଳା ଯାଇଥିଲା। ଶକ୍ତି ବିଳାସପୁର କୁ ହରାଇ ଚାମ୍ପିଅନ ହୋଇଥିଲା। ସେହିପରି ମହିଳା ବିଭାଗରେ ଫାଇନାଲ ଖେଳ ଖୋର୍ଦ୍ଧା ଓ ସମ୍ବଲପୁର ମଧ୍ୟରେ ଖେଳାଯାଇଥିଲା। ଏହି ଖେଳରେ ସମ୍ବଲପୁର ଚାମ୍ପିଅନ ହୋଇଥିଲା। ଉଦଯାପନୀ ସମାରୋହରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଭୟ ବିଭାଗରେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଆୟୋଜକ କମିଟି ସଭାପତି ତଥା ବ୍ରଜରଜନଗର ଭାରପ୍ରାପ୍ତ ପୌରାଧ୍ୟକ୍ଷ ଗୋପାଳ ଶୀତନୀ, ସମ୍ପାଦକ ବାବୁଲା ମିଶ୍ର, ସମାଜସେବୀ ରାହୁଲ ପାଣ୍ଡେ, ସୋନୁ ପରିଡା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଯୁଗ୍ମ ଜନଶୁଣାଣି ଶିବିର

ଝାରସୁଗୁଡ଼ା,୬।୪(ସମିସ): ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଯୁଗ୍ମ ଜନଶୁଣାଣିରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି. ଆର ରାଘବେନ୍ଦ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଏହି ଶିବିରରେ ମୋଟ ୮୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୨୯ଟି ସାମୂହିକ ଏବଂ ୬୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରୁ ୭ଟି ସମସ୍ୟାର ତତ୍‌କ୍ଷଣାତ ସମାଧାନ କରାଯାଇଥିବା ବେଳେ ବାକି ଅଭିଯୋଗ ଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ୬ ଜଣ ଆବେଦନକାରୀଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଶିବିରରେ ବିଶେଷ କରି ଜମିବାଡ଼ି ବିବାଦ ଏବଂ ଆର୍ଥିକ ସହାୟତା ପାଇଁ ଅଧିକାଂଶ ଆବେଦନ ଆସିଥିଲା। ଏଥିସହିତ ଏନଏଲସି ସମ୍ପର୍କିତ ସମସ୍ୟା, ଶିଳ୍ପାଞ୍ଚଳରେ ବଢୁଥିବା ପ୍ରଦୂଷଣ ନିୟନ୍ତ୍ରଣ, ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା ଏବଂ ପାନୀୟ ଜଳ ସମସ୍ୟା ନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ଅଭିଯୋଗର ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଓଡ଼ିଆ ପକ୍ଷରେ ସ୍ୱଚ୍ଛତା ଅଭିଯାନ; ଝାଡୁ କଲେ ଜିଲ୍ଲାପାଳ

ଦେବଗଡ଼,୬।୪(ସମିସ): ପର୍ଯ୍ୟଟନ ବିଭାଗ,ଜିଲ୍ଲା ସଂସ୍କୃତି ବିଭାଗ ଓ ପୌରପରିଷଦ ପକ୍ଷରୁ ଓଡିଆ ପକ୍ଷ ପାଳନ ଷଷ୍ଠ ଦିବସରେ ପ୍ରଧାନପାଟ ସ୍ଥିତ ପ୍ରଧାନ ପାଟେଶ୍ୱରି ମନ୍ଦିର ଓ ଐତିହ୍ୟ ସ୍ଥଳୀ ଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ଝାଡୁ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲାପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୱାର୍ଡ ନଂ ୯ କାଉନସିଲର ସରୋଜିନୀ ମୁଣ୍ଡା, ୱାର୍ଡ ନଂ ୧୦ କାଉନସିଲର ଇତିଶ୍ରୀ ମିଶ୍ର, ୱାର୍ଡ ନଂ ୧୧ କାଉନସିଲର କାର୍ତ୍ତିକ ମହାକୁଳ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ଉପନିବନ୍ଧକ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ, ଅନ୍ୱେଷା ବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ, ପୌର ପରିଷଦର କର୍ମଚାରୀ ଓ ଜନ ସାଧରଣ ପ୍ରମୁଖ ଯୋଗ ଦେଇଥିଲେ।



# ପ୍ରଶାନ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ, ପ୍ରମିଳା ଉପାଧ୍ୟକ୍ଷା





ଦେବଗଡ,୬।୪(ସମିସ): ରାଜ୍ୟ ସରକାର ୨୩ ଗୋଟି ଜିଲ୍ଲା ପାଇଁ ଆଜି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ନାମ ଘୋଷଣା କରିଛନ୍ତି। ଦେବଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ବିଜେପି ଦଳର ଯୁବନେତା ପ୍ରଶାନ୍ତ କୁମାର ବେହେରା ଏବଂ ଉପାଧ୍ୟକ୍ଷା ଭାବେ ଲଇମୁରା ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରମିଳା କିସାନଙ୍କୁ ମନୋନୀତ କରାଯାଇଛି। ଆଦିବାସୀ ସଂସ୍କୃତି, ପରମ୍ପରା, ଭାଷା ସୁରକ୍ଷା ସହିତ ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏବଂ ଆଦିବାସୀଙ୍କର ଜୀବନ ଜୀବିକା ବୃଦ୍ଧି ଦିଗରେ କାମ କରାଯିବ ବୋଲି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜୟହିନ୍ଦ କ୍ଲବ୍‌ର ବନ୍ଧୁ ମିଳନ

ଝାରସୁଗୁଡ଼ା,୬।୪(ସମିସ): ଜୟହିନ୍ଦ କ୍ଲବର ନୂତନ ଗୃହର ଶୁଭ ପ୍ରଦାନ ଅବସରରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ସୁରେଶ ବୁଦିଆ କ୍ଲବ୍‌ର ନୂତନ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କାର ଚେକ୍ ସଂପାଦକ କାଜଲ ଗୁଆଙ୍କୁ ପ୍ରଦାନ କରିଥିଲେ। ଜୟହିନ୍ଦ କ୍ଲବ ପକ୍ଷରୁ ପୁରାତନ ସଭ୍ୟ ଓ ଫୁଟବଲ ଖେଳାଳି ତାପସରାୟ ଚୌଧୁରୀ, ବାଳଗୋବିନ୍ଦ ମିଶ୍ର, କୁଳଦୀପ ହୋରା, ଦିନେଶ ଜଏନ, ହରିଶ ଠକର, ଜିବନ ମହାନ୍ତି, ଅଶୋକ ଗାନ୍ଧି, ସନ୍ଦିପ ଅଗସ୍ତି, ସୁରେଶ କୁମାର ଲୋକ ନାନ୍ଦିନିଙ୍କୁ ସମ୍ମାନୀତ କରାଯାଇଥିଲା। ମନୋଜ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଭ୍ୟ ରାଜୁ ଶ୍ରୀବାସ୍ତବ, ରାଧେ ସିଂ, ବସନ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ସର୍ବଭାରତୀୟ ବେଦାନ୍ତ ଓପନ୍ ନ୍ୟାସନାଲ୍ କରାଟେ ଚାମ୍ପିଅନ୍‌ସିପ୍



ଝାରସୁଗୁଡା,୬।୪(ସମିସ): ଝାରସୁଗୁଡା ସ୍ପୋର୍ଟସ୍ କମ୍ପ୍ଲେକ୍ସ ଅଡିଟୋରିୟମ୍‌ଠାରେ ୪ ଓ ୫ ଅପ୍ରେଲ ଦୁଇଦିନ ଧରି ୨ୟ ଅଲ୍ ଇଣ୍ଡିଆ ବେଦାନ୍ତ ଓପେନ୍ ନ୍ୟାସନାଲ୍ କାରାଟେ ଚାମ୍ପିଅନ୍‌ସିପ୍ ଆୟୋଜିତ ହୋଇଯାଇଛି। ବେଦାନ୍ତା ମାର୍ଶାଲ୍ ଆର୍ଟସ୍ ଟ୍ରେନିଂ ସେଣ୍ଟର୍ ପକ୍ଷରୁ ନ୍ୟାସନାଲ୍ କାରାଟେ ଫାଉଣ୍ଡେସନ୍ ସହ ଯୁଗଳ ସହଯୋଗରେ ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ଆସାମ, ବିହାର, ଝାରଖଣ୍ଡ, ଓଡ଼ିଶା, ଛତିଶଗଡ଼, ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ର ସହ ବିଭିନ୍ନ ରାଜ୍ୟରୁ ୩୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଦିବସରେ ବେଦାନ୍ତର ଚିଫ୍ ସେକ୍ରେଟାରୀ ଓମ୍ ପ୍ରକାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାର ମାଧ୍ୟମରେ ଯୁବପୀଢ଼ିର ଶାରୀରିକ ସୁସ୍ଥତା, ମାନସିକ ସମତୋଳନ ଓ ନୈତିକ ମୂଲ୍ୟବୋଧର ବିକାଶ ବିଷୟରେ ମତ ପ୍ରକାଶ କରିଥିଲେ। ସମାପନୀ ଅବସରରେ ବେଦାନ୍ତ ଆଲୁମିନିଅମ୍ ସେକ୍ଟରର ସିଏସଆର୍ ହେଡ୍ ହରମିତ ସେହରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟା ବିକାଶ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ପ୍ରିନ୍ସିପାଲ୍ ସୁଭୋଜିତ ଘୋଷ, ଡା. ପ୍ରକାଶ ଚନ୍ଦ୍ର ରାଣା, ନ୍ୟାସନାଲ୍ କାରାଟେ ଫାଉଣ୍ଡେସନ୍‌ର ସାଧାରଣ ସମ୍ପାଦକ ବିଶ୍ୱଲୋଚନ ଭୋଇ ଓ ସେଣ୍ଟ୍ ଜୋସେଫ୍ ସ୍କୁଲ୍‌ର ପ୍ରିନ୍ସିପାଲ୍ ପୁଷ୍ପିକା ଟୀନାନ୍ ଉପସ୍ଥିତ ଥିଲେ। ଶିହାନ୍ ସୁଶାନ୍ତ ଗୁପ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କଣ୍ଢେଲ ଆଞ୍ଚଳିକ ଚଷା ସମାଜର ବାର୍ଷିକ ଅଧିବେଶନ

ଦେବଗଡ଼,୬।୪(ସମିସ): କଣ୍ଢେଲ ହାଇସ୍କୁଲ ପଡିଆଠାରେ କଣ୍ଢେଲ ଆଞ୍ଚଳିକ ଚଷା ସମାଜର ୨୬ତମ ବାର୍ଷିକ ଅଧିବେଶନ ଶଶିଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟଅତିଥିଭାବେ କେନ୍ଦ୍ରୀୟ କମିଟି ଅଧ୍ୟକ୍ଷ ଡମ୍ବରୁଧର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସମ୍ପାଦକ ଚୂଡ଼ାମଣି ପ୍ରଧାନ, ସମ୍ମାନିତ ଅତିଥିଭାବେ କାଉଁସିବାହାଲ ଆଞ୍ଚଳିକ ସଭାପତି ଅନିରୁଦ୍ଧ ନାୟକ, ଚକୁଳିଆ ଆଞ୍ଚଳିକ ସମାଜର ସଭାପତି ସୁରେଶ ଚନ୍ଦ୍ର ପ୍ରଧାନ ମଞ୍ଚାସିନ ଥିଲେ। କଣ୍ଢେଲ ଆଞ୍ଚଳିକ ଚଷା ସମାଜର ସମ୍ପାଦକ ବିରଞ୍ଚି ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଭିକାରି ଚରଣ ବିଶ୍ୱାଳ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ଉପଦେଷ୍ଟା ବସନ୍ତ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମାଜର ବୟୋଜ୍ୟାଷ୍ଠ ନାଗରିକ ଭାବେ ପଞ୍ଚାନନ ସାହୁ ଓ ପ୍ରାଣବନ୍ଧୁ ସାହୁଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗତ ମାଟ୍ରିକ ପରୀକ୍ଷାରେ ୯୦ ଶତକଡାରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ସୁଶ୍ରୀ ପ୍ରତିଜ୍ଞା ସାହୁ, ବେଦମତି ସାମଲ, ପ୍ରେରଣା ସାମଲ, ଈଶାନ୍ତ କୁମାର ପ୍ରଧାନ, ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ କେନ୍ଦୁଝର ସ୍ଥିତ ଧରଣୀଧର ଭେଷଜ ଭେଷଜ ମହାବିଦ୍ୟାଳୟରେ ଅଧ୍ୟୟନରତ ମେଘନାଦ ପ୍ରଧାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## କୃଷକ ସଂଘର୍ଷ ସଂଘର ଆନ୍ଦୋଳନ ପରେ ଚେତିଲା ବିଭାଗ

# ଦନ୍ତାରିବାହାଲ ପଞ୍ଚାୟତରେ ଭିଏଡବ୍ଲ୍ୟୁ ନିଯୁକ୍ତି



ଦେବଗଡ଼,୬।୪(ସମିସ)

କୃଷକ ସଂଘର୍ଷ ସଂଘର ଆନ୍ଦୋଳନ ପରେ କୃଷି ବିଭାଗ ଦନ୍ତାରିବାହାଲ ପଞ୍ଚାୟତରେ ଭିଏଡବ୍ଲ୍ୟୁ ନିଯୁକ୍ତି କରିଛନ୍ତି। ବାରକୋଟ ବ୍ଲକ ଅନ୍ତର୍ଗତ ଦନ୍ତାରିବାହାଲ ପଞ୍ଚାୟତରେ ଦୀର୍ଘ ବର୍ଷ ଧରି ଭିଏଡବ୍ଲ୍ୟୁ ପଦବୀ ଖାଲି ପଡିଥିବାରୁ ଉକ୍ତ ପଞ୍ଚାୟତର ଚାଷୀମାନେ କୃଷି ବିଭାଗର ବିଭିନ୍ନ ଯୋଜନାରୁ ଦୀର୍ଘ ସମୟ ଧରି ବଞ୍ଚିତ ହୋଇଆସୁଥିଲେ। ଜଣେ ଭିଏଡବ୍ଲ୍ୟୁ ନିଯୁକ୍ତି ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଉକ୍ତ ଅଞ୍ଚଳର ଚାଷୀ ବାରମ୍ବାର ଦାବି କରିବା ସତ୍ତ୍ୱେ ଚାଷୀଙ୍କ ଦାବି ପ୍ରତି ପ୍ରଶାସନ କର୍ଣ୍ଣପାତ କରିନଥିଲେ। ଫଳରେ ଜିଲ୍ଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରାମଙ୍କ ନେତୃତ୍ୱରେ ଚାଷୀମାନେ ଗତ ମାର୍ଚ୍ଚ ୨୦ରେ ଦନ୍ତାରିବାହାଲ ପଞ୍ଚାୟତରେ ଅପ୍ରେଲ ୫ ସୁଦ୍ଧା ଜଣେ ଭିଏଡବ୍ଲ୍ୟୁଙ୍କୁ ନିଯୁକ୍ତି ପ୍ରଦାନ ନ କଲେ ଅପ୍ରେଲ ୬ରେ ଜିଲ୍ଲା କୃଷି କାର୍ଯ୍ୟାଳୟ ଘେରଉ କରିବାକୁ ଚେତାବନୀ ଦେଇଥିଲେ। ଏନେଇ ଜିଲ୍ଲା କୃଷି ବିଭାଗ, କୃଷି ମନ୍ତ୍ରୀ ସମେତ ବିଭିନ୍ନ ଫୋରମରେ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଜିଲ୍ଲା କୃଷକ ସଂଘର୍ଷ ସଂଘର ନିର୍ଦ୍ଧାରିତ କଣ୍ଟ ମଧ୍ୟରେ ଉକ୍ତ ପଞ୍ଚାୟତରେ କୌଣସି ଭିଏଡବ୍ଲ୍ୟୁ ନିଯୁକ୍ତି ନ କରାଯିବାରୁ ଆଜି ପୂର୍ବାହ୍ନରେ ସଂଘର ସଭାପତି ସେମ ହେମ୍ବ୍ରାମ, ସମ୍ପାଦକ ଗୁଣନିଧି ବେହେରା ଓ ଗୋବିନ୍ଦ ଚନ୍ଦ୍ର ବାଘଙ୍କ ସମେତ ସଂଘର ବହୁ ସଦସ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ ଧାରଣା ଦେଇଥିଲେ। ଜିଲ୍ଲା ପ୍ରଶାସନର ବହୁ ଅନୁରୋଧ ପରେ ମଧ୍ୟ ଧାରଣା ପ୍ରତ୍ୟାହୃତ ନ ହେବାରୁ ଶେଷରେ ବଳମ ପଞ୍ଚାୟତରେ ନିଯୁକ୍ତ ମହିଳା ଭିଏଡବ୍ଲ୍ୟୁ ମୋନାଲିସା ମହାପାତ୍ରଙ୍କୁ ଦନ୍ତାରିବାହାଲ ଭିଏଡବ୍ଲ୍ୟୁ ଭାବେ ଅବସ୍ଥାପିତ କରାଯିବା ନେଇ ନିଯୁକ୍ତି ପତ୍ରର ନକଲ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଆନ୍ଦୋଳନକାରୀଙ୍କୁ ପ୍ରଦାନ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

10001/18/2627

ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ୍/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0001

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

## କୁଟୁଣିଆ ପୁଷ୍କରିଣୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ



ଢେଙ୍କାନାଳ,୬ ।୪(ସମିସ): ସ୍ଥାନୀୟ ୯ନଂ ୱାର୍ଡ କଣ୍ଟାନାଳୀ ଛକ ନିକଟ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ପାଖରେ ଥିବା କୁଟୁଣିଆ ପକ୍ଷରିଣୀର ପୁନରୁଦ୍ଧାର ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସୋମବାର ଶୁଭାରମ୍ଭ ହୋଇଛି । ପୁଷ୍କରିଣୀ ଚତୁଃପାଶ୍ୱର୍ ହୁଡ଼ାର ପ୍ରଶସ୍ତୀକରଣ, ପୁଷ୍କରିଣୀର ଗଭୀରତା ବୃଦ୍ଧି, ସ୍ନାନଘାଟ ନିର୍ମାଣ, ଚତୁଃପାଶ୍ୱର୍ରେ ଭ୍ରମଣ ପାଇଁ ପେଭର ରୋଡ ନିର୍ମାଣ, ସିମେଣ୍ଟ ବେଞ୍ଚ ସ୍ଥାପନ ସାଙ୍ଗକୁ ଛାୟାପ୍ରଦ ଫଳ ଓ ପୁଷ୍ପ ବୃକ୍ଷ ରୋପଣ ଆଦି କାର୍ଯ୍ୟ କରାଯିବ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ, ୯ନଂ ୱାର୍ଡ କାଉନସିଲର ସୂର୍ଯ୍ୟପ୍ରତାପ ରାଉତ, ଠିକାଦାର ସଞ୍ଜୟ ପ୍ରଧାନ, ସହକାରୀ ଶିକ୍ଷକ ଚନ୍ଦ୍ରକାନ୍ତି ପଣ୍ଡା, ସରୋଜ ସାମଲ, ସମରେନ୍ଦ୍ର ସାହୁ, କର୍ମଚାରୀ ପ୍ରକାଶ ପାଣିଗ୍ରାହୀ, ଆଲୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ପାଇଁ ୭ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ୫ଲକ୍ଷ ୯୩ହଜାର ଟଙ୍କାର ଟେଣ୍ଡର କରାଯାଇଛି। ଏଥିପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଥ ପୌରାଧକ୍ଷା ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର, ପୌରଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ପୁଷ୍କରିଣୀର ଜଳାଶୟ ସଂଲଗ୍ନ ହୁଡ଼ାର ଭିତର ପାଶ୍ୱର୍ ଚାରିପଟେ ମାଙ୍କଡ଼ା ପଥର ଆଚ୍ଛାଦନ କରିବାକୁ ସେ ପୌର କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



କଙ୍କଡ଼ାହାଡ଼,୬ ।୪(ସମିସ): କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ କହିଲେ, ପିଲାଙ୍କ ଭବିଷ୍ୟତ ପାଇଁ ପିତାମାତା, ଶିକ୍ଷକ, ଶିକ୍ଷୟତ୍ରୀଙ୍କ ବିଶେଷ ଭୂମିକା ରହିଛି। ପିଲାମାନେ ଭଲ ପାଠପଢ଼ି ସଂସ୍କାରୀ ହେବା ସହ ସମାଜ ଗଠନରେ ପ୍ରମୁଖ ଭୂମିକା ନେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ମଧ୍ୟ ସମ୍ଭାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା, ବିଡିଓ ଯଶୋବନ୍ତ ଦେହୁରୀ, ବିଇଓ ସାଗର ଟୁଡୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଦେବାଶିଷ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

## ‘ରାଜଯୋଗ ଦ୍ୱାରା ବିଶ୍ୱରେ ସ୍ଥିରତା ଆସିବ’



ଢେଙ୍କାନାଳ,୬ ।୪(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ହରିପୁର ପକ୍ଷରୁ ବିଶ୍ୱରେ ସ୍ଥିରତା ଆଣିବା ପାଇଁ ଏକ ରାଜଯୋଗ ଶିବିର ଆୟୋଜନ କରାଯାଇଥିଲା। ବିଶ୍ୱରେ ସନ୍ତୁଳନ ରଖିବା ପାଇଁ ରାଜଯୋଗ ଏକାନ୍ତ ଆବଶ୍ୟକ। ଆଜି ମାନବ ସମାଜ ଭୟାତୁର ଶୋକାକୁଳ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ସ୍ରଷ୍ଟାଙ୍କ ସୃଷ୍ଟିରେ ଆନନ୍ଦମୟ ଜୀବନଯାପନ କରିବା ମାନବର ଧର୍ମ, କିନ୍ତୁ ଆଜିର ପରିବେଶ ପରିସ୍ଥିତି ଏଭଳି ତିଆରି ହୋଇଛି, ଏଠାରେ ମାନବ ସୁଖମୟ ଜୀବନଯାପନ କରିବା ତ ଦୂର କଥା ବଞ୍ଚିବା ପାଇଁ ସଂଘର୍ଷ କରୁଛି। ଭାରତବର୍ଷ ହେଉଛି ଭଗବାନଙ୍କ ଭୂମି। ଭଗବାନଙ୍କ ମହାବାକ୍ୟ ହେଉଛି ସୁଖଶାନ୍ତିରେ ଜୀବନଯାପନ କରିବା ଜୀବନର ଅଧିକାର। ଅଧିକାର ପ୍ରାପ୍ତି କରିବା ଅର୍ଥ ଭଗବାନଙ୍କ ଶ୍ରୀମତରେ ଚାଲିବା। ମାନବ ସମାଜ ବିପଥଗାମୀ ହେବା କାରଣରୁ ନିଜେ ଅସନ୍ତୁଷ୍ଟ ରହିବା ସହ ବିଶ୍ୱରେ ଅଶାନ୍ତି ଆଣିବାର ରାସ୍ତା ନିର୍ମିତ ହେଉଛି ବୋଲି ରାଜଯୋଗିନୀ ପ୍ରଭା ଦିଦି କହିଥିଲେ। ଆଜି ବିଶ୍ୱରେ ବିନାଶ କାର୍ଯ୍ୟ ଚାଲୁଛି। ମହାବିନାଶକୁ ପ୍ରତିରୋଧ କରିବା କଷ୍ଟସାଧ୍ୟ ହୋଇପଡ଼ିଛି। ମାତ୍ର ରାଜଯୋଗ ଅଭ୍ୟାସ ଦ୍ୱାରା ଶାନ୍ତିର ବାତାବରଣ ଆଣିପାରିବା ବୋଲି ହରିପୁର ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ରୀତା ମତବ୍ୟକ୍ତ କରିଥିଲେ। ବ୍ରହ୍ମାକୁମାରୀ ସଖି ରାଜଯୋଗ ଅଭ୍ୟାସ କରାଇଥିଲେ। ବ୍ରହ୍ମାକୁମାର ବସନ୍ତ ରାଜଯୋଗକୁ ପରିଚାଳନା କରିଥିଲେ।

# ଯୁଦ୍ଧର ଅବସାନ ଓ ବିଶ୍ୱ ଶାନ୍ତିପାଇଁ ଭାରତ ମଧ୍ୟସ୍ଥତା କରୁ

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ୧୪୩ ଗୁରୁଛାତ୍ରଛାତ୍ରୀ

ଢେଙ୍କାନାଳ,୬ ।୪(ସମିସ)



ପ୍ରଧାନମନ୍ତ୍ରୀ ମୋଦି, ନମସ୍କାର ଗ୍ରହଣ କରିବେ। ସାମ୍ପ୍ରତିକ ରୁଷ-ୟୁକ୍ରେନ ଓ ଆମେରିକା-ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସମଗ୍ର ବିଶ୍ୱ ଲାଗି ବିପଦ ସୃଷ୍ଟି କରିଛି। ଅକାରଣରେ ବହୁ ଧନଜୀବନ ନଷ୍ଟ ହେଉଛି। ଯୁଦ୍ଧର ଭୟାବହ ପରିଣତି ସମଗ୍ର ବିଶ୍ୱ ଭୋଗୁଛି। ଖଣିଜ ତୈଳ, ପ୍ରାକୃତିକ ଗ୍ୟାସ ପରି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅଭାବ ଦେଖାଦେଇଛି। ଖାଦ୍ୟ ଓ ପାନୀୟ ଜଳର ସଙ୍କଟ ସହ ମାନବିକ ଅଧିକାର ଉଲ୍ଲଙ୍ଘନ ହେଉଛି। ପ୍ରତି ମୁହୂର୍ତ୍ତରେ ଯୁଦ୍ଧର ବିଭୀଷିକା ଦେଖିବାକୁ ମିଳୁଛି। ବିଶ୍ୱ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଏପରି ସ୍ଥଳେ ଅନ୍ତଃ ରାଷ୍ଟ୍ର ବିବାଦର ସମାଧାନ ଓ ଶାନ୍ତି ତଥା ସ୍ଥିରତା ବଜାୟ ରଖିବା ଲାଗି ଭାରତ ନେତୃତ୍ୱ ନେଉ। ଆନ୍ତର୍ଜାତିକ ପ୍ରେକ୍ଷାପଟରେ ଭାରତର ହସ୍ତକ୍ଷେପ ଯୁଦ୍ଧ ପରିସ୍ଥିତିରେ ଯବନିକା ଆଣିପାରିବ। ଦାୟିତ୍ୱବାନ ଛାତ୍ର ତଥା ନାଗରିକ ହିସାବରେ ଅନୁରୋଧ ଯେ ଆପଣ ଯୁଦ୍ଧରତ ଦେଶମାନଙ୍କ ଲାଗି ଶାନ୍ତି ପ୍ରସ୍ତାବ ରଖନ୍ତୁ। ଏହା ଆପଣଙ୍କ ବ୍ୟକ୍ତିତ୍ୱକୁ ଅଧିକ ଶାଣିତ କରିବ। ଆପଣଙ୍କର ସୂର୍ଯ୍ୟକାନ୍ତ ବେହେରା। ଏ ଥିଲା ଦ୍ୱିତୀୟ ବାର୍ଷିକ ଗୁରୁଛାତ୍ର ସୂର୍ଯ୍ୟକାନ୍ତ ବେହେରାଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି।

ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ୧୪୩ ଗୁରୁ ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଏପରି ଅନୁରୋଧ କରିଛନ୍ତି। ଯୁଦ୍ଧର ଭୟାବହତା, ଅତୀତରେ ବିଶ୍ୱ ଶାନ୍ତି ଦିଗରେ ଭାରତର ଉଦ୍ୟମ ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ଭାରତର ନେତୃତ୍ୱ ଆଗଭର ହେବା ଉଚିତ ବୋଲି ଛାତ୍ରଛାତ୍ରୀମାନେ ଲେଖିଛନ୍ତି। ପ୍ରତିଷ୍ଠାନର ପ୍ରଶିକ୍ଷିକା ସ୍ୱାଗତିକା ଶରଣ ଓ ସୁଦୀପ୍ତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାମାନେ ଚିଠି ଲେଖି ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କୁ ପ୍ରଦାନ କରିବା ପରେ ଆବଶ୍ୟକ ଡାକ ଟିକେଟ ଯୋଡ଼ି ଅଧ୍ୟକ୍ଷ ସାହୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏହି ଚିଠି ପ୍ରେରଣ କରିଛନ୍ତି।

## ରାସ୍ତା, ଆଲୋକୀକରଣ ଓ ଡ୍ରେନେଜ ବ୍ୟବସ୍ଥା କରିବାକୁ ଦାବି



ଢେଙ୍କାନାଳ,୬ ।୪(ସମିସ): ଢେଙ୍କାନାଳ ପୌର.ପରିଷଦ ଅନ୍ତର୍ଗତ ରାମେଶ୍ୱରପୁର ୱାର୍ଡ ନଂ-୧୮ର ରାସ୍ତା ନିର୍ମାଣ, ଆଲୋକୀକରଣ ଓ ଡ୍ରେନେଜ୍‌ର ଉନ୍ନତୀକରଣ ନିମନ୍ତେ କପିଳାସ ନଗରବାସିନ୍ଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାମେଶ୍ୱରପୁର ରାଜ୍ ଫ୍ୟାମିଲି ହୋଟେଲ ପଛପାଖ କପିଳାସ ନଗରରେ ୨୦୨୦ରୁ ବହୁ ଲୋକ ଘର କରି ରହୁଛନ୍ତି। ପୌରପରିଷଦର ସମସ୍ତ କର ଠିକ୍ ସମୟରେ ପଇଠ କରୁଛନ୍ତି। ମାତ୍ର ମୌଳିକ ସୁବିଧାରୁ ସେମାନେ ବଞ୍ଚିତ ରହିଛନ୍ତି। କଲୋନୀରେ ରାସ୍ତା, ଆଲୋକୀକରଣ ଓ ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ଫଳରେ ଲୋକେ ବହୁ ଅସୁବିଧାରେ ଚଳପ୍ରଚଳ କରୁଛନ୍ତି। ଏ ବିଷୟରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ତେଣୁ ଏହାର ସମାଧାନ କରିବାକୁ ସମସ୍ତ ଅଧିବାସୀ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ମହିମା ତପୋବନ ପୀଠ ପରିଦର୍ଶନ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ଢେଙ୍କାନାଳ,୬ ।୪(ସମିସ): ମହିମାଧର୍ମର ଉତ୍ପତ୍ତିସ୍ଥଳ କୁହାଯାଉଥିବା କପିଳାସ ପର୍ବତାଞ୍ଚଳର ମହିମା ତପୋବନ ପୀଠରେ ମହିମା ଧର୍ମର ପ୍ରତିଷ୍ଠାତା ମହିମା ସ୍ୱାମୀ ଦୀର୍ଘ ୨୪ବର୍ଷ କାଳ ଆତ୍ମଯୋଗ ସାଧନାରେ ମଗ୍ନ ରହିଥିଲେ। ଔଷଧୀୟ ଝରଣା ଜଳ ସାଙ୍ଗକୁ ୧୨ବର୍ଷ ଧରି କେବଳ ଜଙ୍ଗଲରୁ ଫଳ ଆହାର ଓ ଗୋ-ଦୁଗ୍ଧ ସେବନ ପୂର୍ବକ ତପସ୍ୟାରତ ଥିଲେ। ମହାବାଳ ବାଘ, ଭାଲୁ, ଗଧିଆ, ହେଟାବାଘ, କଲରାପତରିଆ ବାଘ ସାଙ୍ଗକୁ ଅହିରାଜ, ଗୋଖର, ନାଗ, ତମ୍ପ ଆଦି ବିଷଧର ସାପ ପ୍ରବଣ କପିଳାସର ଘନ ଜଙ୍ଗଲ ମଧ୍ୟରେ ୨୪ବର୍ଷ କାଳ ତପଶ୍ଚର୍ଯ୍ୟା କରିବା ଏକ ଅଲୌକିକ ମହିମାର ପ୍ରତିଫଳନ। ଏହି ପୀଠକୁ ନିଜ ସୁବିଧା ଅନୁଯାୟୀ ପରିଦର୍ଶନରେ ଆସିବା ପାଇଁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ମହିମା ଜ୍ୟୋତିଯାତ୍ରା ପରିଚାଳନା ପରିଷଦ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ପରିଚାଳନା ପରିଷଦ ପକ୍ଷରୁ ଏହାର ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ ପତ୍ରଯୋଗେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପାଳନ ଅବସରରେ ଢେଙ୍କାନାଳ ସଂସ୍କୃତି ଭବନରେ ଭେଟି ନିମନ୍ତ୍ରଣ କରିଛନ୍ତି।

## ଭାରତ ବିକାଶ ପରିଷଦର କର୍ମକର୍ତ୍ତା ନିର୍ବାଚନ

ଢେଙ୍କାନାଳ,୬ ।୪(ସମିସ): ସ୍ଥାନୀୟ ବସଷ୍ଟାଣ୍ଡସ୍ଥିତ ଭାରତ ବିକାଶ ପରିଷଦ ସହିଦ ବାଜିରାଉତ ଶାଖାର ଅସ୍ଥାୟୀ କାର୍ଯ୍ୟାଳୟ ଢେଙ୍କା ନୀଳୟମରେ ସଭାପତି ବାବୁଚାନ୍ଦ ମହାଲିକଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ ପାଳନ ସହ କର୍ମକର୍ତ୍ତା ନିର୍ବାଚନ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ସମ୍ପାଦିକା ଉଷାରାଣୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ପ୍ରାନ୍ତର ସଙ୍ଗଠନ ସମ୍ପାଦକ ରାମଚନ୍ଦ୍ର ଦଳାଇ ଓ କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ ଯୋଗଦେଇଥିଲେ। ଆର୍‌ଏସ୍‌ଏସ୍‌ର ଆଜୀବନ ସଦସ୍ୟ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ ହରେକୃଷ୍ଣ କର, ସମ୍ପର୍କ ସଚିବ ଡ. କବିତା ମହାନ୍ତି, ପରିଷଦର ମିଡିଆ ପ୍ରଭାରୀ ଡ. ଦେବୀପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବାବୁଚାନ୍ଦ ମହାଲିକ ସଭାପତି, ଉଷାରାଣୀ ଦାସ ସମ୍ପାଦକ ଓ ମୋନାଲିସା ମାହୁନ୍ତ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପର୍କ ସଚିବ ଡ. କବିତା ମହାନ୍ତି, ପର୍ଯ୍ୟାବରଣ ସଚିବ ସବ୍ୟସାଚୀ ପଟ୍ଟନାୟକ, ସଂସ୍କାର ସଚିବ ଅନିଲ କୁମାର ରାଉତ, ସେବା ସଚିବ ନବଦୀପ ନାୟକ, ମହିଳା ସହଭାଗିତା ସଚିବ ଭାବେ ସବିତା ଧୀର ପ୍ରମୁଖଙ୍କୁ ଚୟନ କରାଯାଇଛି।




● କାଳବୈଶାଖୀର ପ୍ରଭାବ

## ଘର ଉପରେ ମାଡ଼ିବସିଲା ବିରାଟ ବୃକ୍ଷ



ହିନ୍ଦୋଳ,୬ ।୪(ସମିସ): ରବିବାର ହିନ୍ଦୋଳ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ଫଳରେ ମଧ୍ୟରାତ୍ରିରେ ଏକ ବିରାଟ ବେଲଗଛ ୱାର୍ଡ ନଂ-୮ ଗୁଣ୍ଡିଚାମଣ୍ଡପ ସାହିର ବସନ୍ତ ପ୍ରଧାନଙ୍କ ଚାଳଛପର ଘର ଉପରେ ପଡ଼ିଯାଇଛି। ଫଳରେ ଘର ସହ ଆସବାବପତ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେବେ ରାତିରେ ବସନ୍ତଙ୍କ ପରିବାର ଲୋକେ ଅନ୍ୟତ୍ର ଥିବାରୁ ସୌଭାଗ୍ୟକୁ ବର୍ତ୍ତି ଯାଇଛନ୍ତି। ଅଗ୍ନିଶମ ବିଭାଗ ଓ ଏନଏସି କର୍ମଚାରୀ ସକାଳେ ଆସି ଗଛ କାଟି ସଫା କରିଥିଲେ। ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ଉପାଧ୍ୟକ୍ଷା ପ୍ରତିମା ରାଉତ, ୱାର୍ଡ ନଂ-୮ କାଉନସିଲର ରୁଦ୍ରନାରାୟଣ ପ୍ରସାଦ ଦାସ, ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ପୂର୍ବତନ ସରପଞ୍ଚ ବିଶ୍ୱେଶ୍ୱର ସେଠୀ ପ୍ରମୁଖ ପହଞ୍ଚି ବସନ୍ତଙ୍କ ପରିବାର ଲୋକଙ୍କୁ ଭେଟିବା ସହ ତହସିଲ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

**ଅଳ୍ପକେ ବର୍ତ୍ତିଲେ ପରିବାର**

## ଓଡ଼ିଆ ପକ୍ଷରେ ସଫେଇ କାର୍ଯ୍ୟକ୍ରମ

ଖଜୁରିଆକଟା,୬ ।୪(ସମିସ): ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ସ୍ୱଚ୍ଛ ଓଡ଼ିଶା ଦିବସରେ ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜୀବନଖୋଲ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ାପଡ଼ା ବିଡିଓ ଦିଲୀପ କୁମାର ଷଡଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀ, ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବ୍ଲକ କର୍ମଚାରୀ ଯୋଗଦେଇ ମନ୍ଦିର ପରିସର ସଫେଇ କରିଥିଲେ।

## ଆଇପିଏଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଢେଙ୍କାନାଳ,୬ ।୪(ସମିସ): ସହର ଉପକଣ୍ଠ କୋରିଆଁ ବାଇପାସ ନିକଟରେ ଥିବା ଇଣ୍ଡିଆନ ପୋଟାସ ଲିମିଟେଡ (ଆଇପିଏଲ୍)ର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଛି। ଏଥିରେ ଆଇପିଏଲ୍‌ର ଜେନେରାଲ ମ୍ୟାନେଜର ଏବଂ ୟୁନିଟ ମୁଖ୍ୟ ବିକାଶ କୁମାର ଚୌଧୁରୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶୃଙ୍ଖଳିତ ଜୀବନଯାପନରେ ସହାୟତା କରିଥାଏ ବୋଲି ଏହି ଅବସରରେ ସେ କହିଥିଲେ। ଭଲିବଲ, ବ୍ୟାଡମିଣ୍ଟନ, କ୍ରିକେଟ ଏବଂ ଦଉଡ଼ିଟଣା ଆଦି ପ୍ରତିଯୋଗିତା ହୋଇଥିଲା। ବୈଷୟିକ ଏବଂ ପ୍ରଶାସନିକ ବିଭାଗ ଯୁଗ୍ମ ବିଜେତା ହୋଇ ଟ୍ରଫି ହାସଲ କରିଛି। ଏଥିରେ ସମସ୍ତ ବିଭାଗର ଅଧିକାରୀ, ସହଯୋଗୀ କର୍ମଚାରୀ ଏବଂ ଶ୍ରମିକ ଉପସ୍ଥିତ ଥିଲେ।

■ ପୂର୍ବତନ ସିମିନଈ ସରପଞ୍ଚଙ୍କ ନାମରେ ସଙ୍ଗୀନ ଅଭିଯୋଗ

## ଜଙ୍ଗଲ ଜମିରେ ବେଆଇନ ଘର ନିର୍ମାଣ

**ଭଡ଼ାରେ ଦେଇ ମାଲାମାଲ**

ଓଡ଼ାପଡ଼ା,୬ ।୪(ସମିସ): ଓଡ଼ାପଡ଼ା ବ୍ଲକ ସିମିନଈ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ନାୟକ ଜୋରଜବରଦସ୍ତ ଜଙ୍ଗଲ ଜମିକୁ ଅକ୍ତିଆର କରି ଘର ନିର୍ମାଣ କରି ଭଡ଼ାରେ ଲଗାଇଥିବା ଅଭିଯୋଗ ହୋଇଛି। ଅଙ୍କରାନ୍ତିପୁର ମୌଜାରେ ଥିବା ଏହି ଜାଗାର କିସମ ସଂରକ୍ଷିତ ଜଙ୍ଗଲ ହୋଇଥିବା ବେଳେ କିପରି ପ୍ରମୋଦ ସେଠାରେ ଘର ନିର୍ମାଣ କଲେ ତାହା ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଏନେଇ ଅଙ୍କରାନ୍ତିପୁର ଗ୍ରାମବାସୀ ଇ-ମେଲେ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବନଖଣ୍ଡ ଅଧିକାରୀ, ଗଦାଶିଳା ଫରେଷ୍ଟର, ଆରଡିସି ସମ୍ବଲପୁର ଓ ଢେଙ୍କାନାଳ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ପ୍ରମୋଦ ଅଙ୍କରାନ୍ତିପୁର ଗ୍ରାମ ଖେଳପଡ଼ିଆକୁ ଲାଗି ପଶ୍ଚିମରେ ପ୍ରାୟ ୫ ଗୁଣ୍ଠ ଜାଗାରେ ପାଚେରି ବୁଲାଇ ଜୋର ଜବରଦସ୍ତ ଆବଦ୍ଧ କରି ଘର କରିଛନ୍ତି। ଜଙ୍ଗଲ ଜମି ଜବରଦଖଲ କରିବା ଧର୍ତ୍ତବ୍ୟ ଅପରାଧ ହୋଇଥିବା ବେଳେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଏହା ପ୍ରମୁଖ ବାଧକ ସାଜିଛି। ତେବେ ଅଙ୍କରାନ୍ତିପୁର ଗ୍ରାମଠାରୁ ମାତ୍ର କିଛି ମିଟର ଦୂରରେ ଗଦାଶିଳା ଫରେଷ୍ଟ ଅଫିସ ରହିଥିବା ବେଳେ ଏ ବାବଦରେ କିଛି ସୂଚନା ନ ଥିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଆଇନଗତ ପ୍ରଦେକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଲକ୍ଷ୍ୟଠୁ ବହୁ ଦୂରରେ ଗାଁ କଲ୍ୟାଣ ସମିତି

ଗଁଦିଆ,୬ ।୪(ସମିସ)



ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ମଞ୍ଜୁର କରୁଥିବା ବେଳେ ବାସ୍ତବରେ ତାହାର ସୁଫଳ ଲୋକମାନେ ପାଇପାରୁନାହାନ୍ତି। ପ୍ରତି ଗାଁରେ ଗାଁ କଲ୍ୟାଣ ସମିତି ରହିଥି?ବା ବେଳେ ଏହା କେବଳ କାଗଜକଲମରେ ସୀମିତ ରହିଛି। ସମିତି ତାର କାର୍ଯ୍ୟ କରୁନଥିବା ବେଳେ ଗାଁ ପରିବେଶ ଦିନକୁ ଦିନ ବିଗିଡିବାରେ ଲାଗିଛି। ଅସ୍ୱାସ୍ଥ୍ୟକର ପରିବେଶରେ ଲୋକେ ବସବାସ କରୁଛନ୍ତି। ଗାଁ ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ନଦେଇ କାଗଜପତ୍ରରେ ଚଞ୍ଚକତା କରି ଅନୁଦାନ ରାଶିକୁ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଗଁଦିଆ ବ୍ଲକର ପ୍ରତ୍ୟେକ ଗାଁରେ ରହିଛି ଗାଁ କଲ୍ୟାଣ ସମିତି। ଗ୍ରାମର ୩ ଜଣ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସହ ୱାର୍ଡସଭ୍ୟ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ପ୍ରମୁଖଙ୍କୁ ନେଇ ସମିତି ଗଠନ ହୋଇଛି। ଗ୍ରାମାଞ୍ଚଳର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଆଦି କଲ୍ୟାଣମୂଳକ କାର୍ଯ୍ୟ ନିମନ୍ତେ ସମିତି ଗଠନ ହୋଇଛି। ଏସବୁ କାର୍ଯ୍ୟ ନିମନ୍ତେ ସରକାରଙ୍କ ପକ୍ଷରୁ ଅର୍ଥ ମଧ୍ୟ ଯୋଗାଇ ଦିଆଯାଉଛି। ବାସ୍ତବରେ ସେହି ଅର୍ଥକୁ କଲ୍ୟାଣମୂଳକ କାର୍ଯ୍ୟରେ ବିନିଯୋଗ କରାଯାଉ ନ ଥିବା ଦେଖୁବାକୁ ମିଳୁଛି। ପ୍ରତି ମାସରେ ସମିତିର ବୈଠକ ବସୁନାହିଁ। ସମିତିକୁ ବାର୍ଷିକ ୧୦ ହଜାର ଟଙ୍କା ଅନୁଦାନ ମିଳୁଥିବା ବେଳେ ପ୍ରତି ମାସିକ ବୈଠକ ପ୍ରାପ୍ୟ ବାବଦରେ ଆଶାକର୍ମୀ ୧୫୦ ଟଙ୍କା, ଅଙ୍ଗନବାଡ଼ି କର୍ମୀ ୧୦୦ ଟଙ୍କା ଓ ୱାର୍ଡସଭ୍ୟଙ୍କୁ ୫୦ ଟଙ୍କା ମିଳିଥାଏ। ବାକି ଅର୍ଥ ଗ୍ରାମ ପରିବେଶ ଓ ରାସ୍ତାଘାଟ . ସଫେଇ, କୂଅ, ପୋଖରୀ ତୁଠ ଓ ନଳକୂପରେ ବ୍ଲିଚିଂ ପାଉଡର୍ ସିଞ୍ଚନ, ଅଳିଆ କୁଣ୍ଡ ନିର୍ମାଣ, ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ପ୍ରଚାରରେ ଖର୍ଚ୍ଚ ହେବା କଥା। ମାତ୍ର ଅଧିକାଂଶ ଗ୍ରାମରେ ଏହି ଅନୁଦାନ ବାସ୍ତବରେ ଖର୍ଚ୍ଚ ନହୋଇ କାଗଜପତ୍ରରେ ଚଞ୍ଚକତା କରି ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଗଁଦିଆ ପଞ୍ଚାୟତ ଗଁଦିଆ ଗାଁ। ଗାଁର ରାସ୍ତା ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ଅନାବନା ଘାସଲତା ଅଧାରାସ୍ତାକୁ ମାଡ଼ି ଆସିଲାଣି। ନଳକୂପ ଚାରିପାଖ ଅନାବନା ଗଛଲତାରେ ଭର୍ତ୍ତି ହୋଇଛି। କୌଣସି ଗୋଟିଏ ଦିନ ବି ବ୍ଲିଚିଂ ପାଉଡର ସିଞ୍ଚନ ହେବା କେହି ଦେଖୁନାହାନ୍ତି ଓ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ପ୍ରଚାର କରିବା ଦୂର କଥା ମାସିକ ବୈଠକ ମଧ୍ୟ ବସୁନାହିଁ। ଘରକୁ ଘର ରେଜିଷ୍ଟର ବୁଲାଇ ବୈଠକ ହୋଇଥିବା ନେଇ ଦସ୍ତଖତ କରି ନିଆଯାଉଛି। ମିଥ୍ୟା ବିଲ୍ କରାଯାଇ ସରକାରୀ ଅର୍ଥ ହଡ଼ପ ହେଉଛି। ଏହାର ଅନୁଧ୍ୟାନ କରିବାକୁ କେହି ନାହିଁ। ଜିଲ୍ଲାପାଳ ଏହାର ତଦନ୍ତ କରି ପଦକ୍ଷେପ ନେବା ସହ ଗାଁ କଲ୍ୟାଣ ସମିତି ଯେପରି ଠିକ୍ ଭାବେ କାର୍ଯ୍ୟ କରିବ ସେ ନେଇ ନିର୍ଦ୍ଦେଶ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଗ୍ରୀଷ୍ମ ଆରମ୍ଭରୁ ପାଣି ପାଇଁ ହାହାକାର

ଖଜୁରିଆକଟା,୬ ।୪(ସମିସ): ଏପ୍ରିଲ ଆରମ୍ଭରୁ ପ୍ରବଳ ଖରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଲୋକଙ୍କ ଜୀବନକୁ ଦୁର୍ବିସହ କରିଛି ଜଳ



ସମସ୍ୟା। ହିନ୍ଦୋଳର ପୁରପଲ୍ଲୀ ସବୁଠି ପାଣି ସମସ୍ୟା ଦେଖାଦେଇଛି। ସକାଳୁ ପାଣି ପାଇଁ ଲୋକେ ଦୁଇ କିଲୋମିଟର ଚାଲୁଥିବା ଦେଖିବାକୁ ମିଳୁଛି। ଯେଉଁଠି ପାଣି ଅଛି ସେଠି ଲମ୍ବା ଲାଇନ। ବହୁ ସ୍ଥାନରେ ନଳକୂପରୁ ଲୁହାଗୁଣ୍ଡ ମିଶା ପାଣି ବାହାରୁ ଥିବାରୁ ତାକୁ ମଧ୍ୟ ଲୋକ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜଳସ୍ରୋତ କମିଯିବାରୁ ନଈ ପୋଖରୀର ପାଣି ମଧ୍ୟ ଅଧିକ ଦୂଷିତ ହେଉଛି। ସେହି ଦୂଷିତ ଜଳକୁ ମଧ୍ୟ ହିନ୍ଦୋଳବାସୀ ବାଧ୍ୟ ହୋଇ ବ୍ୟବହାର କରୁଛନ୍ତି। ଏ ସବୁକୁ ଉପଲବ୍ଧି କରି ପୂର୍ବ ସରକାର ହିନ୍ଦୋଳବାସୀଙ୍କୁ ବିଶୁଦ୍ଧ ଜଳ ଯୋଗାଣ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରିଥିଲେ। ଏହାର କାର୍ଯ୍ୟ ୨୦୧୮ ରେ ଆରମ୍ଭ ହୋଇ ଶେଷ ହୋଇସାରିଛି। ହିନ୍ଦୋଳର ୧୮ ୯ ରାଜସ୍ୱ ଗ୍ରାମରେ ପାଇପ ବିଛା ଓ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ମଧ୍ୟ ବିଜେଡି ସରକାର ସମୟରେ ଶେଷ ହୋଇଛି। ମାତ୍ର ଗତ ସାଧାରଣ ନିର୍ବାଚନରେ ବିଜେଡି କ୍ଷମତାଚ୍ୟୁତ ହୋଇ ବିଜେପି ସରକାର ଗଠନ କରିବା ପରଠାରୁ ଏହି ମେଗା ପାନୀୟ ଜଳ ପ୍ରକଳ୍ପ କୋମାକୁ ଚାଲିଯାଇଥିବା ପରି ମନେ ହେଉଛି। ଠିକାଦାର, ପ୍ରଶାସନ ଏବଂ ହିନ୍ଦୋଳର ରାଜନେତା କେହି ବି ହିନ୍ଦୋଳବାସୀଙ୍କ ଏ ଗୁରୁତର ସମସ୍ୟା ପ୍ରତି ସମ୍ବେଦନଶୀଳ ନାହାନ୍ତି। ସମସ୍ତେ ନିଜ ସ୍ୱାର୍ଥ ଜଗି ରହିଥିବା ବେଳେ ଲୋକଙ୍କ ଅସୁବିଧା ପ୍ରତି ଆଖି ବୁଜିଦେଇଥିବା ଅଭିଯୋଗ ହୋଇଛି। ପାଣି ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ ହେବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ଆର୍‌ଏସ୍‌ଏସ୍‌ର ବୁଦ୍ଧିଜୀବୀ ସମ୍ମିଳନୀ

ଭୁବନ,୬ ।୪(ସମିସ): ଭୁବନ ହିଙ୍ଗୁଳା ପୀଠରେ ଆର୍‌ଏସ୍‌ଏସ୍‌ର ଭୁବନ, କାମାକ୍ଷାନଗର, ପରଜଙ୍ଗ ଓ କଙ୍କଡ଼ାହାଡ଼ ଖଣ୍ଡର ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଭୁବନ ଖଣ୍ଡ ଚାଳକ ପ୍ରଭାତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଓଡ଼ିଶା ପୂର୍ବ ପ୍ରାନ୍ତର ସମ୍ପର୍କ ପ୍ରମୁଖ ଅଧିବକ୍ତା ସର୍ବେଶ୍ୱର ବେହେରା ଯୋଗଦେଇ କହିଲେ, ସଂଘର ଶତବାର୍ଷିକୀ ଅବସରରେ ସଂଘ ସମାଜକୁ ଯୋଡ଼ିବାର ପ୍ରୟାସ ସଫଳ କରିପାରିଛି। ନାଗରିକ ଅଧିକାର ସହ କର୍ତ୍ତବ୍ୟ ପାଳନ କଲେ ଦେଶ ବୈଭବଶାଳୀ ହୋଇପାରିବ। ଶହେବର୍ଷ ଉପଲକ୍ଷି ଉପରେ ଆଲୋକପାତ କରି ବୁଦ୍ଧିଜୀବୀଙ୍କୁ ରାଷ୍ଟ୍ରରେ ଏକତା ରକ୍ଷା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଦିଲୀପ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ନଗର କାର୍ଯ୍ୟବାହ ସିଲୁ ମିଶ୍ର ଧନ୍ୟବାଦ ଦେଇଥିଲେ।

# ବେଆଇନ ଇଟାଭାଟିରେ ବୁଲିଲା ବୁଲ୍‌ଡୋଜର୍

ବାଲେଶ୍ୱର, ୬।୪(ସମିସ)



'ସକାଳ' ପ୍ରଭାବ

● ଖବର ପ୍ରକାଶ ପରେ ଆକ୍ସନ ମୋଡ଼ରେ ଉପ ଜିଲ୍ଲାପାଳ
● ମାଟିରେ ମିଶିଲା ୨ଭାଟି ସହ ୧ ଲକ୍ଷ ଇଟା

ଦୀର୍ଘଦିନ ଧରି ବାଲେଶ୍ୱର ଜିଲ୍ଲାରେ ବେଆଇନ ଭାବେ ଶହ ଶହ ଇଟା ଭାଟି ଚାଲୁଥିବା ବେଳେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏହାକୁ ରୋକିବା ପରିବର୍ତ୍ତେ ଦେଖଣାହାରି ସାଜିଥିଲା। ବିଭିନ୍ନ ବିଭାଗ ପରସ୍ପର ମଧ୍ୟରେ ଦୋଷ ଲଦା ଲଦି ହେଉଥିବା ବେଳେ ଜିଲ୍ଲାରେ ଇଟାଭାଟି ମାଫିଆଙ୍କ ରାଜ କ୍ରମଶଃ ବଢ଼ି ଚାଲିଥିଲା। ବିଶେଷ କରି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୨ ରୁ ୫ କିମି ପରିଧିରେ ଥିବା ରେମୁଣା ତହସିଲର ଦହପଦା, ହରିପୁର, ବେଗୁନିଆ ଛକ ଆଦି ଅଞ୍ଚଳରେ ଖୋଲାଖୋଲି ଭାବେ ଇଟା ଭାଟି ଚାଲୁଥିବା ନେଇ ଗତ ମାର୍ଚ୍ଚ ୨୩ ତାରିଖରେ ଦୈନିକ 'ସକାଳ'ରେ 'ବଢ଼ୁଛି ବେଆଇନ ଇଟାଭାଟି; ପ୍ରଶାସନ ନିରବ' ଶୀର୍ଷକ ଖବର ଏବଂ ଏପ୍ରିଲ ୪ ତାରିଖରେ 'ବାଲେଶ୍ୱର ଜିଲ୍ଲାରେ ମାଳ ମାଳ ବେଆଇନ ଇଟାଭାଟି...' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ସକାଳରେ ଖବର ପ୍ରସାରଣ ପରେ ଚେଇଁ ଶୋଇଥିବା ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗିଲା। ଉପଜିଲ୍ଲାପାଳ ଶିବ ମାଲବ୍ୟ ନିଜେ ଆକ୍ସନ ମୋଡ୍‌କୁ ଆସି ସଦର ଓ ରେମୁଣା ତହସିଲ ପ୍ରଶାସନ, ଅଗ୍ନିଶମ ବିଭାଗ ଓ ପୁଲିସ ଟିମ ସହାୟତାରେ ଦହପଦାର ବେଗୁନିଆ ଛକସ୍ଥିତ ହରିପୁର ଓ କାଳୀପୁର ଅଞ୍ଚଳରେ ଚଢ଼ଉ କରିଥିଲେ। ଏହି ଚଢ଼ଉରେ ରେମୁଣା ତହସିଲ ହରିପୁରର 'ଗୋଲ୍ଡ' ଓ ସଦର ତହସିଲର କାଳୀପୁର ସ୍ଥିତ 'ଷ୍ଟିଲ' ନାମକ ବେଆଇନ ଇଟାଭାଟିକୁ ଟାର୍ଗେଟ କରାଯାଇ ଉକ୍ତ ଚିମିନିକୁ ବୁଲଡୋଜରରେ ଭାଙ୍ଗି ଦିଆଯାଇଛି। ପୋଡ଼ା ଯାଇଥିବା ଏବଂ ପୋଡ଼ିବା ପାଇଁ ରଖାଯାଇଥିବା ପ୍ରାୟ ୧ ଲକ୍ଷ ଇଟାକୁ ପାଣି ପକାଇବା ସହ ଜେସିବି ମଡ଼ାଇ ନଷ୍ଟ କରାଯାଇଥିଲା। ଜେସିବି ମେସିନ ସାହାଯ୍ୟରେ ସମ୍ପୂର୍ଣ୍ଣ ଭାଟିକୁ ମାଟିରେ ମିଶାଯାଇଥିଲା। ଏହି ଅପରେସନ ସମୟରେ ଅଞ୍ଚଳର ମାଫିଆଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଯେଉଁଠାରେ ଜିଲ୍ଲାପାଳ କାର୍ଯ୍ୟାଳୟରୁ କେବଳ କିଛି କିମି ଦୂରରେ ୧୦ ରୁ ଊର୍ଦ୍ଧ୍ୱ ବେଆଇନ ଇଟାଭାଟି ଚାଲୁଥିଲା ଏବଂ ପ୍ରଶାସନ ସବୁ ଜାଣି ଚୁପ୍ ବସିଥିଲା, ସେଠାରେ ଏବେ ହଠାତ୍ ଏପରି କଠୋର କାର୍ଯ୍ୟାନୁଷ୍ଠାନ ନିଆ ଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପୂର୍ବରୁ 'ଇଟାଭାଟି ଚାଲୁନାହିଁ' ବୋଲି ଦାବି କରୁଥିବା ଉପଜିଲ୍ଲାପାଳଙ୍କ ମନ୍ତବ୍ୟ ଏବେ ସନ୍ଦେହରେ ପରିଣତ ହୋଇଛି, ଯାହା ପ୍ରଶାସନର ଭୂମିକାକୁ ମିଛ ବୋଲି ପ୍ରମାଣିତ କରିଛି। ଏହି ବେଆଇନ ଇଟାଭାଟି ମାଧ୍ୟମରେ ବୁଢ଼ାବଳଙ୍ଗ ନଦୀରୁ ମାଟି ଓ ବାଲି ଲୁଟ, ଟନ ଟନ କୋଇଲା ପୋଡ଼ି ପ୍ରଦୂଷଣ ବୃଦ୍ଧି ଓ ଭୂଗର୍ଭ ଜଳସ୍ତର କମିବା ଭଳି ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା ସତ୍ତ୍ୱେ ଦୀର୍ଘଦିନ ଧରି ତହସିଲ ପ୍ରଶାସନ ଓ ଖଣି ବିଭାଗ ନିଷ୍କ୍ରିୟ ରହିଥିବା ଅଭିଯୋଗ ଏବେ ଅଧିକ ଗମ୍ଭୀର ହୋଇଛି। ଗଣମାଧ୍ୟମ ଚାପ ପଡ଼ିବା ପରେ ମାତ୍ର ଆକ୍ସନ ନିଆଯାଇଥିବାରୁ ସ୍ପଷ୍ଟ ହେଉଛି ଯେ ପୂର୍ବରୁ କୌଣସି ନା କୌଣସି ଚାପ କିମ୍ବା ପ୍ରଶାସନର ମଧୁଚନ୍ଦ୍ରିକା ଯୋଗୁଁ ଏଠାରେ ବର୍ଷବର୍ଷ ଧରି ଚାଲିଥିଲା ବେଆଇନ ଇଟା ଭାଟି। ଏବେ ପ୍ରଶ୍ନ ଉଠୁଛି କେବଳ କିଛି ଭାଟି ଭାଙ୍ଗିଲେ କି ମାଫିଆ ରାଜ ଶେଷ ହେବ, ନା ପୁଣି କିଛି ଦିନ ପରେ ପୁରୁଣା ଖେଳ ଆରମ୍ଭ ହେବ? କେବଳ ୨ ଗୋଟି ବେଆଇନ ଇଟାଭାଟି ଭାଙ୍ଗି ଜିଲ୍ଲା ପ୍ରଶାସନ ବାଃ ବାଃ ନେଉଥିବା ବେଳେ ଅନ୍ୟ ବେଆଇନ ଇଟା ଭାଟି ଉପରେ କେବେ ନିଆଯିବ କାର୍ଯ୍ୟାନୁଷ୍ଠାନ ବୋଲି ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ମତ ଅନୁସାରେ, ଯଦି ପ୍ରଶାସନ ବେଆଇନ ଇଟା ଭାଟିକୁ ପ୍ରଶ୍ରୟ ଦେଉନାହିଁ, ତେବେ ସମସ୍ତ ବେଆଇନ ଇଟାଭାଟିକୁ ବନ୍ଦ କରି ମାଫିଆ ଓ ସେମାନଙ୍କ ସହ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

● ପୌରପାଳିକାର ୧୭ ନମ୍ବର ୱାର୍ଡ

# ୬ କୋଟି ବ୍ୟୟରେ ହେବ ମଲଟି ପରପଜ୍ ବିଲଡିଂ

## ମିଳିବ ଫୁଡ୍ କୋର୍ଟ, ଲାଇବ୍ରେରୀ ଓ ଅଡିଟୋରିୟମ ସୁବିଧା

ବାଲେଶ୍ୱର,୬।୪(ସମିସ): ନିର୍ମାଣ ହେବ ମଲ୍ ପରି ଚାରି ମହଲା ବିଶିଷ୍ଟ ବିଲଡିଂ। ରାଜଧାନୀରେ ଥିବା ବଡ଼ ବଡ଼ ମଲ୍ ଭଳି ସମସ୍ତ ସୁବିଧା ମିଳିବ। ଫୁଡ୍ କୋର୍ଟ, ଲାଇବ୍ରେରୀ ଓ ଅଡିଟୋରିୟମର ସୁବିଧା ପାଇବେ ଜନସାଧାରଣ। ସେହିପରି ବିଲଡିଂ ଭିତରେ କଲଚୁରାଲ ସେଣ୍ଟର ମଧ୍ୟ ରହିବ। ଏହି ବଡ଼ ପ୍ରକଳ୍ପର ସମ୍ପୂର୍ଣ୍ଣ କାମ ପାଇଁ ୪ କୋଟି ମଞ୍ଜୁର ହୋଇଥିବାବେଳେ ଆହୁରି ୨ କୋଟି ଆବଶ୍ୟକ। ଅର୍ଥାତ୍ ୬ କୋଟି ଟଙ୍କା ହେଲେ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇପାରିବ। ବାଲେଶ୍ୱର ପୌରପାଳିକାର ୧୭ ନମ୍ବର ୱାର୍ଡରେ ହେବାକୁ ଥିବା ଏହି ପ୍ରକଳ୍ପ କାମ କିନ୍ତୁ କେବେ ଆରମ୍ଭ ହେଉଛି ତାହା ଦେଖିବାକୁ ବାକି ରହିଛି। ଏଥିପାଇଁ ଏଡିଏମ୍ ଛକ ନିକଟରେ ଥିବା ଏକ ପୁରୁଣା ଅସୁରକ୍ଷିତ ବିଲଡିଂକୁ ଭଙ୍ଗାଯାଇଛି। ଏବାବଦରେ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ କହିଛନ୍ତି,' ଏଡିଏମ୍ ଛକରେ ଥିବା ପୌରପାଳିକାର ପ୍ରାୟ ୮୦ ଡିସିମିଲ ଜାଗା ରହିଛି। ସେଠାରେ ଏକ ବଡ଼ ପ୍ରକଳ୍ପର କାମ ଆରମ୍ଭ ପାଇଁ ଯୋଜନା ହୋଇଛି। ପ୍ରାୟ ଦେଢ଼ କୋଟି ଟଙ୍କା ଆସିଯାଇଛି। ବାକି ଟଙ୍କା ଆସିବ। ଟଙ୍କା ଆସିଗଲେ ଆମେ କାମ ମଧ୍ୟ ଖୁବଶୀଘ୍ର ଆରମ୍ଭ କରିବା। ସେଠାରେ ମଲଟି ପରପଜ୍ ବିଲଡିଂ ନିର୍ମାଣ ହେବ ଏଡିଏମ୍ ଛକର ରାସ୍ତା କଡ଼ରେ ଥିବା ଦୋକାନ ଘର ସବୁ ଉଠିଯିବ। ଫୁଡ୍ କୋର୍ଟ, ଲାଇବ୍ରେରୀ, ଅଡିଟୋରିୟମ ହେବା ନେଇ ଯୋଜନା ହୋଇଛି। ସେଠାରେ ଫୁଡ୍ କୋର୍ଟ ହେଲେ ଏଡିଏମ୍ ଛକରେ ଥିବା ଦୋକାନୀମାନଙ୍କୁ ସେଠାରୁ ସ୍ଥାନାନ୍ତର କରାଯିବ'। ଏବାବଦରେ ୧୭ ନମ୍ବର ୱାର୍ଡ କାଉନସିଲର ସତ୍ୟ ଶିବ ସୁନ୍ଦର ଦାସ କହିଛନ୍ତି, ରାଜଧାନୀର ବଡ଼ ମଲ୍ ଭଳି ସବୁ ସୁବିଧା ମିଳିବ। ଏଠାରେ ୱାର୍ଡର ଏସ୍ଏଚଜି ଗ୍ରୁପ୍, ଗରିବ ବେରୋଜଗାର ଯୁବପିଢ଼ିଙ୍କୁ ଏଥିରେ ଅଧିକ ଗୁରୁତ୍ୱ ଦିଆଯିବ।

# କିଡ୍‌ନୀ ରୋଗ ଆକ୍ରାନ୍ତ ମହିଳାଙ୍କ ସହାୟତା ନିବେଦନ

ବାଲେଶ୍ୱର, ୬।୪(ସମିସ): ରେମୁଣା ବ୍ଲକ ଅର୍ନ୍ତଗତ ନିଜାମପୁର ଅଞ୍ଚଳର ଦିଲ୍ଲୀପ କୁମାର ଜେନାଙ୍କ ପତ୍ନୀ ସୁନିତା ଜେନାଙ୍କର ଦୁଇଟି ଯାକ କିଡନି ୯୦ ପ୍ରତିଶତ ଖରାପ ହୋଇଯାଇଛି। ଆବଶ୍ୟକୀୟ ଚିକିତ୍ସା ପାଇଁ ଅର୍ଥ ଅଭାବ ହେତୁ ଆଜି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ପତ୍ନୀ ସୁନିତାଙ୍କର ୫ମାସ ହେବ ଦୁଇଟି ଯାକ କିଡ୍‌ନୀ ଖରାପ ହୋଇଯାଇଛି। ୨୦୨୫ମସିହା ନଭେମ୍ବର ମାସରେ ହୋଇଥିବା ଅଲଟ୍ରାସାଉଣ୍ଡ ରିପୋର୍ଟରୁ ଏହା ଜଣାପଡ଼ିଥିଲା। ଏପରିକି ଡାକ୍ତର କିଡନୀ ପ୍ରତ୍ୟାରୋପଣ କରିବା ପାଇଁ କହୁଛନ୍ତି। ଏପରିକି ପ୍ରତି ସପ୍ତାହରେ ଦୁଇଥର ଡାଏଲୋସିସ କରିବାକୁ ମଧ୍ୟ ଡାକ୍ତର ପରାମର୍ଶ ଦେଇଛନ୍ତି। ଯଦି କିଡନି ଶିଘ୍ର ପ୍ରତ୍ୟାରୋପଣ କରାନଯିବ ତେବେ ରୋଗୀ ବଞ୍ଚିବା ମୁସକିଲ ହୋଇପଡ଼ିବ ବୋଲି ଡାକ୍ତର ସତର୍କ କରାଇ ଦେଇଛନ୍ତି। ଏଣୁ ଏଥିପାଇଁ ପ୍ରାୟ ୪୦ରୁ ୫୦ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ସେ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ମାଟିଘରେ ସେ ରହୁଛନ୍ତି। ତାଙ୍କର ଜଣେ ୫ବର୍ଷର ଝିଅ ଥିବା ବେଳେ ଦେଢ଼ବର୍ଷର ପୁଅଟିଏ ରହିଛି। ଏହାଛଡା ତାଙ୍କ ଉପରେ ବାପା ଓ ମା ମଧ୍ୟ ନିର୍ଭର କରୁଛନ୍ତି। ଏପରିକି ତାଙ୍କର ଅନ୍ୟ କିଛି ଜମିବାଡ଼ି ମଧ୍ୟ ନାହିଁ। ଏପରିସ୍ଥିତିରେ ସେ ଏତେ ଟଙ୍କା କେମିତି ଆଣିବେ ସେ ଚିନ୍ତାରେ ରହିଛନ୍ତି। ଏପରିକି ସପ୍ତାହରେ ଦୁଇଥର ଡାଏଲିସିସ ହେଉଥିବା ଯୋଗୁଁ ସେ ସଠିକ ଭାବେ କାମକୁ ମଧ୍ୟ ଯାଇ ପାରୁ ନାହାନ୍ତି। ଯାହାଫଳରେ ସେ ତାଙ୍କ ପରିବାରର ଦୈନିକ ଖର୍ଚ୍ଚ ମଧ୍ୟ ଚଳାଇପାରୁ ନାହାନ୍ତି। ଏଣୁ ତାଙ୍କୁ ସରକାରୀ ସ୍ତରରେ ସାହାଯ୍ୟ କରାଗଲେ ସେ ତାଙ୍କ ପତ୍ନୀଙ୍କର କିଡନୀ ପ୍ରତ୍ୟାରୋପଣ କରିପାରିବେ। ଏଣୁ ତାଙ୍କୁ ସାହାଯ୍ୟ କରିବାକୁ ସେ ନିବେଦନ କରିଛନ୍ତି।

# ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ବାଣିଜ୍ୟିକ କୋର୍ଟ ଉଦ୍‌ଘାଟିତ

ବାଲେଶ୍ୱର,୬।୪(ସମିସ): ବାଲେଶ୍ୱରର ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ଆଜି ଏକ ବାଣିଜ୍ୟିକ ଅଦାଲତ ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଉଦ୍‌ଘାଟନ କରିଛନ୍ତି। ସେଠାରେ ତାଙ୍କ ସହ ଉଚ୍ଚ ନ୍ୟାୟାଳୟର ବିଚାରପତି ବିଭୁ ପ୍ରସାଦ ରାଉତରାୟ ଏବଂ ଅନେକ ବିଚାରପତିମାନେ ଉପସ୍ଥିତ ଥିଲେ। ଏହି ଉଦ୍‌ଘାଟନୀ ଉତ୍ସବ ଅବସରରେ ଜିଲ୍ଲା ଓ ଦୌରାଜଜ୍ ସତ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକଙ୍କ ସମେତ ଅନ୍ୟ ବିଚାରପତି ଏବଂ ଆଇନଜିବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବାଣିଜ୍ୟିକ ଅଦାଲତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେଉଁଝର ଜିଲ୍ଲା ପାଇଁ ବାଣିଜ୍ୟିକ ନ୍ୟାୟ ପ୍ରଦାନ କରିବ। ଏହି ଚାରିଟି କ୍ଲଷ୍ଟର ଜିଲ୍ଲାରୁ ବିଭିନ୍ନ ବର୍ଗର ୧୮୩୧ ମାମଲା ଚିହ୍ନଟ କରାଯାଇ ନୂତନ ଭାବରେ ଉଦଘାଟିତ ଅଦାଲତକୁ ସ୍ଥାନାନ୍ତର କରାଯାଇଛି। ଯେଉଁଥିରେ ବାଲେଶ୍ୱର ଜଜସିପରୁ ୬୭୫ ମାମଲା ସ୍ଥାନାନ୍ତରିତ ହୋଇଥିବା ବେଳେ ମୟୂରଭଞ୍ଜ ଜଜସିପରୁ ୧୭୫ମାମଲା, ଭଦ୍ରକ



ଜଜସିପରୁ ୩୭୪ ମାମଲା ଏବଂ କେନ୍ଦୁଝର ଜଜସିପରୁ ୬୦୭ ମାମଲା ସ୍ଥାନାନ୍ତରିତ ହୋଇଛି। ବାଲେଶ୍ୱରରେ ଏହି ବାଣିଜ୍ୟିକ ଅଦାଲତ ପ୍ରତିଷ୍ଠା ହେବା ଦ୍ୱାରା ନିୟମିତ ଅଦାଲତରେ ବିଚାରାଧୀନ ମାମଲା ହ୍ରାସ ପାଇବା ସହ ବାଣିଜ୍ୟିକ ବିବାଦର ସମୟସୀମା ମଧ୍ୟରେ ସମାଧାନ ପାଇଁ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରଦାନ କରାଯିବ। ଏହା ମକଦ୍ଦମାକାରୀଙ୍କ ପାଇଁ ନ୍ୟାୟ ପାଇବାକୁ ବୃଦ୍ଧି କରିବା ସହ ନ୍ୟାୟିକ ଦକ୍ଷତା ଉନ୍ନତ କରିବ। ବାଣିଜ୍ୟିକ ଅଦାଲତ ଆଇନ୨୦୧୫ର ଉଦ୍ଦେଶ୍ୟକୁ ଆଗକୁ ବଢାଇବା ପାଇଁ ବାଲେଶ୍ୱରରେ ନୂତନ ଭାବେ ଉଦଘାଟିତ ହୋଇଥିବା ଏହି ଅଦାଲତର ପ୍ରତିଷ୍ଠା ଏକ ଆବଶ୍ୟକୀୟ ଏବଂ ନୀତି ଚାଳିତ ପଦକ୍ଷେ ଯାହା ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବା ପାଇଁ ବାଣିଜ୍ୟିକ ବିବାଦର ଦ୍ରୁତ ସମାଧାନ ହୋଇପାରିବ। ଏହି ଉଦଘାଟନୀ ଉତ୍ସବକୁ ଅଦାଲତର ରେଜିଷ୍ଟ୍ରାର ସିତିକାନ୍ତ ପ୍ରଧାନ ପରିଚାଳନା କରିଥିବା ବେଳେ ଅଦାଲତର ମୁଖ୍ୟ ପ୍ରଶାସନିକ ଅଧିକାରୀ ମଳୟ କୁମାର ରାଉତ ଓ କୋର୍ଟ ମ୍ୟାନେଜର ସୁଶ୍ରୀ ପ୍ରିୟଙ୍କା ମିଶ୍ର ଏଥିରେ ସହଯୋଗ କରିଥିଲେ।

# ପ୍ରଭାକୁମୁଦିନୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ବାଲେଶ୍ୱର,୬।୪(ସମିସ): ପ୍ରଭାକୁମୁଦିନୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ସହ ପାଠାଗାର ଉଦଘାଟନ ହେବା ସହ ପତ୍ରିକା 'ପଲ୍ଲୀ ମହକ ପ୍ରଭାକୁମୁଦିନି' ଓ ପ୍ରଭାକର ସାହୁଙ୍କ ବ୍ୟଙ୍ଗ କବିତା ପୁସ୍ତକ ନୀଳପରୀ ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କୁମୁଦିନି ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିମଳ ଜେନା ଯୋଗଦେଇଥିଲେ।

ମୁଖ୍ୟ ବକ୍ତା ଭାବେ ଡ. ନରୋତ୍ତମ ପରିଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ. ଭାଗବତ ପ୍ରସାଦ ଦାସ, ଡ. ସାରଙ୍ଗଧର ତ୍ରିପାଠୀ,ଡ ରତ୍ନାକର ସିଂହ, ପ୍ରଶାନ୍ତ କୁମାର ବରାଳ ପ୍ରମୁଖ ଯୋଗଦେଇ ପାଠାଗାର ଓ ପତ୍ରିକା ଗୋଟିଏ ଯୁଗର ଇତିହାସକୁ ଧରିରଖିଥାଏ ବୋଲି କହିଥିଲେ। ଏଥିରେ ନିରଞ୍ଜନ ସାହୁ କବିତା ପୁରସ୍ତକଟିକୁ ସମୀକ୍ଷା କରିଥିବା ବେଳେ ଡ କାଳୀପଦ ପଣ୍ଡା ପ୍ରକାଶକୀୟ ତଥ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଓ କବିତା କବି ପ୍ରଭାକର ସାହୁ ବାର୍ଷିକ ବିରବଣୀ ପାଠ କରିଥିଲେ। ପ୍ରଦୀପ ମିଶ୍ର ମଂଚ ଆହ୍ୱାନ କରିଥିବା ବେଳେ ଦିପ୍ତୀମୟୀ ସାହୁ ସ୍ୱାଗତ ସଙ୍ଗିତ ଗାନ କରିବା ସହ ପ୍ରାଚୀପ୍ରଜ୍ଞା ପାତ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ମଧୁସୂଦନ ମିଶ୍ର,ଡ ତାନଶ୍ରୀ ପାଣିଗ୍ରାହୀ ଓ ଗଗନ ସେଠୀଙ୍କ ସଂଯୋଜନାରେ କବିତା ପାଠ କାର୍ଯ୍ୟକ୍ରମରେ ଜୁମରନାଥ ପାତ୍ର,ତୁଳସୀ ବେହେରା,ସମରବଲ୍ଲଭ ଭୋଇ, କଲ୍ୟାଣୀ ନନ୍ଦ, ମାଳତୀ ଧଳ, ଦୀନବନ୍ଧୁ ପଣ୍ଡା, ଅରୁଣକାନ୍ତ ନାୟକ, କୃଷ୍ଣା ପ୍ରଧାନ, ଡ ରାମଚନ୍ଦ୍ର ମାଝୀ, ମୋହିତ କୁମାର ସାହୁ, ମଧୁସୂଦନ ମାଝୀ, ଗିରିଶଚନ୍ଦ୍ର ଷଡଙ୍ଗୀ, ଦିବ୍ୟଲୋଚନ ମହାପାତ୍ର, ସୁନାମଣି ଜେନା, ଯୋଗେଶଚନ୍ଦ୍ର ବେହେରାଙ୍କ ସମେତ ୪୦ରୁ ଅଧିକ କବି କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତନ୍ମୟ କୁମାର ସାହୁ,ପଂଚାନନ ଜେନା, ପ୍ରଶାନ୍ତ ସାହୁ, ତୃପ୍ତିମୟୀ ସାହୁ, ରବୀନ୍ଦ୍ର ନାୟକ, ତାପସ ଭୋଇ ପ୍ରମୁଖ ସହଯୋଗ କରିଥିବା ବେଳେ ଶୁଭଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ।

# ଚନ୍ଦ୍ରମୋହନ ମହାରଣାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ବାଲେଶ୍ୱର,୬।୪(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରେମୁଣା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଗୁଡୁଦା ପଞ୍ଚାୟତ ଅଧୀନସ୍ଥ ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ସୁସାହିତ୍ୟିକ ଚନ୍ଦ୍ର ମୋହନ ମହାରଣାଙ୍କ ୧୫୭ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପୂର୍ବତନ ସଭାପତି ଫକୀରମୋହନ ସାହିତ୍ୟ ପରିଷଦ,ମୁଖ୍ୟ ବକ୍ତା ବ୍ୟାକରଣବିତ୍ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଚନ୍ଦ୍ର ମୋହନଙ୍କ ଅଣନାତି ନାମଦେବ କମିଲା, ଅବସରପ୍ରାପ୍ତ ଅଧକ୍ଷ ଡ. ଶ୍ୟାମ ସୁନ୍ଦର ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ ପ୍ରମୁଖ ଯୋଗଦେଇ ଚନ୍ଦ୍ର ମୋହନଙ୍କ ସାହିତ୍ୟକୃତି, ତାଙ୍କର ନୀତିନିଷ୍ଠ ଜୀବନ ଉପରେ ଆଲୋକପାତ କରିଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିବାବେଳେ ରାଧା ଗୋବିନ୍ଦ ମହାର୍ଣ୍ଣା ସ୍ୱାଗତ ଭାଷଣ ଦେଇଥିଲେ। ବିନିସ୍ମିତା ଖଟୁଆ ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସଭା ପରେ ଚନ୍ଦ୍ରମୋହନଙ୍କ ସ୍ୱରଚିତ କବିତାକୁ ନେଇ ଏକ କବିତା ପାଠୋତ୍ସବ କବୟିତ୍ରୀ ସତ୍ୟଭାମା ମୁଦୁଲି ଓ କଲ୍ୟାଣୀ ନନ୍ଦଙ୍କ ସଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବାସନ୍ତୀ ଦେ, ବିକର୍ତ୍ତନ ନାୟକ, ରାଜକିଶୋର ମିଶ୍ର, ସୁନାମଣି ଜେନା, ମହେନ୍ଦ୍ର ପ୍ରସାଦ ପାଣଗ୍ରାହୀ, ସଞ୍ଜୟ ପ୍ରଧାନ, ସଇଦିନ ବିବି, ଶ୍ରୀଧର ଘୋଷ, ଗିରିଶ କୁମାର ଷଡ଼ଙ୍ଗୀ, ପ୍ରଭାକର ସାହୁ, ଯୋଗେନ୍ଦ୍ର ନାଥ ସିଂହ, ଅଜୟ ବାରିକ, ସନ୍ତୋଷ ଦାସ, ହିରାଲାଲ ପାକଳ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।




# ସମ୍ମାନିତ ହେଲେ ଶିକ୍ଷକ ଭକ୍ତବନ୍ଧୁ ନାୟକ



ବାଲେଶ୍ୱର, ୬।୪(ସମିସ) : ଅଦମ୍ୟ ଇଚ୍ଛା ଶକ୍ତି ତଥା କଠିନ ଶିକ୍ଷାଦାନ ଦ୍ୱାରା ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପଣପଣା କହ୍ନେଇକର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ନାୟକଙ୍କୁ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗଣିତ ପ୍ରତିଭାରେ ସମ୍ମାନିତ କରାଯାଇଛି। ଗଣିତ ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କୁ ଆଗକୁ ନେବା ପାଇଁ ଶିକ୍ଷକ ଭକ୍ତବନ୍ଧୁ ନାୟକଙ୍କ ଅଦମ୍ୟ ଚେଷ୍ଟା ଆଜି ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଛି। ଆଲମାଟିରେ ପୁରସ୍କୃତ ହୋଇ ସାରା ଦେଶ, ରାଜ୍ୟ ତଥା ଜିଲ୍ଲା ଏବଂ ବ୍ଲକ ପାଇଁ ସୁନାମ ଅର୍ଜନ କରିଛନ୍ତି। ଆଜିର ସମାଜରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ। ସେହି ପରିପ୍ରେକ୍ଷିରେ ଜଣେ ପ୍ରତିଭାବାନ ଶିକ୍ଷକଙ୍କ ଗୁଣକୁ ଚିହ୍ନି ତାଙ୍କୁ ଚୟନ କରି ରାଜ୍ୟ ସ୍ତରରେ ସମାନ୍ନିତ କରାଯାଇଥିବା ବ୍ୟକ୍ତି ବିଶେଷ ହେଉଛନ୍ତି ଶିକ୍ଷକ ଭକ୍ତବନ୍ଧୁ ନାୟକ। ଭୁବନେଶ୍ୱରରେ ଆୟୋଜିତ ଜ୍ଞାନଦାନ ହୋନେରାରୀ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ଶିକ୍ଷକ ଭକ୍ତବନ୍ଧୁ ନାୟକଙ୍କୁ ଗଣିତ ପ୍ରତିଭାରେ ସମାନ୍ନିତ କରାଯାଇଛି। ଭକ୍ତବନ୍ଧୁ ନାୟକ ପଣପଣା କହ୍ନେଇକର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ଏହି ସମ୍ମାନ ସମସ୍ତ ଶିକ୍ଷକଙ୍କ ମନୋବଳକୁ ଦୃଢ଼ କରିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୀଳଗିରି,୬।୪(ସମିସ): ସୋମବାର ଛେଳି ଚରାଇବାକୁ ଯାଇଥିବା ବେଳେ ଜୈନିକ ମହିଳାଙ୍କୁ ଭାଲୁ ଆକ୍ରମଣ କରି ଗୁରୁତର କରିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ନିଳଗିରି ଥାନା ଅନ୍ତର୍ଗତ ବାଡ଼ଉଁଶ ବଣିଆ ପଞ୍ଚାୟତର ମାନଗଡ ଗ୍ରାମର ଗୟାଧର ନାୟକଙ୍କ ସ୍ତ୍ରୀ ସୁଭାସିନୀ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ଅତର୍କିତ ଭାବେ ଆକ୍ରମଣ କରିବାରୁ ହାତ, ଗୋଡ଼ରେ ଗଭୀର ଆଘାତ ଲାଗିଅଛି। ପରିବାର ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ଏବେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ସମାଜସେବୀ ରଂଜିତ ପଣ୍ଡିତ ମେଡିକାଲରେ ପହଞ୍ଚି ଆଶୁ ଆରୋଗ୍ୟ କାମନା କରିବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ।

# ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ହେଲେ ଅପର୍ଣ୍ଣା ସେଠୀ

ବାଲେଶ୍ୱର, ୬।୪(ସମିସ): ଡ. ସୋନାଲିସା ମହାନ୍ତିଙ୍କ ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଭାବେ କାର୍ଯ୍ୟକାଳ ସରିବା ପରେ ପରିସଂଖ୍ୟାନ ବିଭାଗର ମୁଖ୍ୟ ଅପର୍ଣ୍ଣା ସେଠୀ ସର୍ବ କନିଷ୍ଠ ଅଧକ୍ଷା ଭାବେ ଦାୟିତ୍ୱ ନେଇଛନ୍ତି। ପୂର୍ବରୁ ପରୀକ୍ଷା ବିଭାଗ ସମେତ ବିଭିନ୍ନ ବିଭାଗର ସଦସ୍ୟ ଭାବେ ଶ୍ରୀମତୀ ସେଠୀଙ୍କ ଖୁବ୍ ଅଭିଜ୍ଞତା ରହିଛି। ପୂର୍ବତନ ଅଧକ୍ଷା ଡ. ସୋନାଲିସା ମହାନ୍ତି, ସହକାରୀ ପ୍ରଫେସର ଡ. ଅଞ୍ଜନା ବେହେରା, ଡ. ସନ୍ତୋଷ କୁମାର ରାଉତଙ୍କ ସମେତ କାର୍ଯ୍ୟାଳୟ ମୁଖ୍ୟ ବଳରାମ ନାୟକ ନୂତନ ଅଧକ୍ଷାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କାର୍ଯ୍ୟକର୍ତ୍ତା ଅପର୍ଣ୍ଣା ସେଠୀଙ୍କୁ ସ୍ୱାଗତ କରିବା ସହ ସୋନାଲିସା ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଛନ୍ତି। ରାଜ୍ୟ ପିଜିଟି ସଂଘର ମହା ସଚିବ ତଥା ମହା ବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ସୁଜିତ୍ ଦାସ ନୂତନ ଅଧକ୍ଷାଙ୍କ ନେତୃତ୍ୱରେ ମହା ବିଦ୍ୟାଳୟର ଉନ୍ନତି ପାଇଁ ଖୁବ୍ ଆଶାବାଦୀ ଥିବା ମତ ରଖିଛନ୍ତି।

ଭାଗବତ ଟୁଙ୍ଗି ନାଁରେ ଅସାମାଜିକ କାର୍ଯ୍ୟକଳାପ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ ଓ ଅଭିଭାବକ

ବାଲେଶ୍ୱର,୬।୪(ସମିସ)



ବିଦ୍ୟାଳୟ ହେଉଛି ଜ୍ଞାନର ମନ୍ଦିର। କିନ୍ତୁ ବାଲେଶ୍ୱର ସଦର ବ୍ଲକ ଅର୍ନ୍ତଗତ ଇଶାଣୀ ସରକାରୀ ପଉଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏବେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ସ୍କୁଲ ପରିସରରେ ଜୋର ଜବରଦସ୍ତ ଏକ ଭାଗବତ ଟୁଙ୍ଗି ନିର୍ମାଣ କରାଯାଇ ସେଠାରେ ମଦ ଓ ଗଞ୍ଜେଇ ଆସର ଜମୁଛି। ଯାହା ଫଳରେ ସେଠାରେ ଏକ ଶୈକ୍ଷିକ ବାତାବରଣ ନଷ୍ଟ ହେବାରେ ଲାଗିଛି। ଏହାକୁ ନେଇ ଗ୍ରାମବାସୀ ଓ ଅଭିଭାବକ ଗୁରୁତର ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଠାରେ ଏକ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ଶିକ୍ଷା ଅଧିକାରୀ ଓ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ଠାରେ ମଧ୍ୟ ଅଭିଯୋଗ କରାଯାଇଛି। ଏହାଛଡା ଜିଲ୍ଲାପ୍ରଶାସନ ଏକ ଗୁରୁତର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ମଧ୍ୟ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁସାରେ, ଇଶାଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ଦୀର୍ଘ ଦୀର୍ଘ ୧୯ବର୍ଷରୁ ଅଧିକ ସମୟ ଧରି ନିଜସ୍ୱ ପରିସର ମଧ୍ୟରେ ପାଠ ପଢ଼ା ଚାଲିଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଛନ୍ତି। ଏହି ପରିସର ମଧ୍ୟରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ରହିଛି। ଗ୍ରାମର ହରିହାଟ ଧୋବା ପଡା ଠାରେ ପୂର୍ବରୁ ଏକ ଭାଗବତ ଟୁଙ୍ଗି ରହିଥିବା ସତ୍ତ୍ୱେ କିଛି ବ୍ୟକ୍ତି ସ୍କୁଲ ପରିସରରେ ଥିବା ସରକାରୀ ଜମିକୁ ଜବରଦଖଲ କରି ଏଠାରେ ଅନ୍ୟ ଏକ ଭାଗବତ ଟୁଙ୍ଗି ନିର୍ମାଣ କରିଛନ୍ତି। ଯାହାଫଳରେ ସ୍କୁଲ ପରିସରର ପରିବେଶ ନଷ୍ଟ ହେବାରେ ଲାଗିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏପରିକି ରାତିରେ ମଧ୍ୟ ଭାଗବତ ଟୁଙ୍ଗି ବ୍ୟବହାର କରି ନିଶାସେବନ ଏବଂ ଗଞ୍ଜେଇ ପିଇବା ଭଳି ସମସ୍ତ ପ୍ରକାରର ବେଆଇନ କାର୍ଯ୍ୟ କରାଯାଉଛି। ଏହାଛଡା ରାତିର ଅନ୍ଧାର ସମୟରେ ଅସାମାଜିକ ତତ୍ତ୍ୱମାନେ ଭାଗବତ ଟୁଙ୍ଗୀକୁ ମନୋରଞ୍ଜନର ସ୍ଥାନ ଭାବରେ ବ୍ୟବହାର କରାଯାଉଛି। ହେଲେ ଏହାକୁ ନେଇ ଗ୍ରାମବାସୀମାନେ ପ୍ରତିବାଦ କରିବାରୁ ସେମାନଙ୍କୁ ବିଭିନ୍ନ ପ୍ରକାର ଖରାପ ବ୍ୟବହାର ମଧ୍ୟ କରୁଛନ୍ତି। ଭାଗବତ ଟୁଙ୍ଗି ନାମରେ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ମାଇକ ବାଜୁଛି। ଯାହାଫଳରେ ସ୍କୁଲରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ବେଳେ ବାଧ୍ୟ ହୋଇ ଅଭିଭାବକମାନେ ବିଦ୍ୟାଳୟରୁ ପିଲାମାନଙ୍କର ଟିସି ନେବାକୁ ବସିଛନ୍ତି। ଏଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଇଶାଣୀ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ସୁକାନ୍ତି ଦାସଙ୍କ ସମେତ ସଦସ୍ୟ ବଂଶୀଧର ଦାସ, ସୁଶାନ୍ତ ଶତପଥି, ପ୍ରଭାକର ବେହେରା, ମିଥୁନ ଦାସ, ଭାଗବତ ଦାସ, ଗୌରୀ ମହାଳିକ, ଗଣେଶ ଦାସ, ରାକେଶ ଦାସ, କୁନ୍ତଳା ମାଝୀ ପ୍ରମୁଖଙ୍କ ସହ ଅନ୍ୟମାନେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।

ସକାଳ THE SAKALA



# ଭେଣ୍ଡିଂଜୋନ୍‌କୁ କାର୍ଯ୍ୟକ୍ଷମ ପାଇଁ ସାମ୍ବାଦିକ ସଂଘର ଦାବିପତ୍ର ପ୍ରଦାନ



ଗୁଡ଼ାରୀ,୬।୪(ସମିସ) ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳ ପରିଷଦର ମୁଖ୍ୟ ରାସ୍ତାରେ ଅବସ୍ଥାପିତ ଭେଣ୍ଡିଙ୍ଗ ଜୋନକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି ଗୁଡାରୀ ସାମ୍ବାଦିକ ସଂଘ। ସୂଚନା ମୁତାବକ ଲକ୍ଷ ଲକ୍ଷ ଟଙ୍କା ପାଣି ପରି ଖର୍ଚ୍ଚ କରି ନିର୍ମାଣାଧୀନ ଭେଡିଙ୍ଗ ଜୋନ୍ ଆଜି ପର୍ଯ୍ୟନ୍ତ କୌଣସି କାମରେ ଆସୁନି। ସେଠାରେ ପରିବା ବିକାଳି ଯାଉଛନ୍ତ , ନା ମାଛ ମାଂସ ବିକ୍ରି କରୁଥିବା ବ୍ୟବସାୟୀ। ବାରମ୍ବାର ଦାବି ସତ୍ତ୍ୱେ ଏହି ଭେଡିଙ୍ଗ ଜୋନ୍ ଜିଲ୍ଲା ପରିଷଦର ଉଚ୍ଚପଦସ୍ଥ ଅଧିକାରୀ ଦାୟିତ୍ୱ ନେଇ କାର୍ଯ୍ୟକ୍ଷମ କରିପାରିଲେ ନାହିଁ। ଏଣୁ ଏହାକୁ ସାପ୍ତାହିକ ହାଟ କରିବା ନିମନ୍ତେ ପ୍ରେସ୍ ୟୁନିଅନ ଗୁଡ଼ାରୀ ତରଫରୁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ୍ ଅଲୋଡା ହୋଇ ପଡିରହିଛି। ସାପ୍ତାହିକ ହାଟ କଲେ ଗୋଟିଏ ଦିନ ପରିଷଦ ତରଫରୁ ସମସ୍ତ ଉଠା ଦୋକାନୀ ସେଠାକୁ ଯାଇ ସମସ୍ତ ସାମାଗ୍ରୀ ବିକ୍ରି କରିବେ। ଏଥିପାଇଁ ପରିଷଦ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇବ। ସାପ୍ତାହିନ୍ଦ ହାଟ କରିବା ଦ୍ୱାରା ଏହା ବ୍ୟବହାରିକ କାର୍ଯ୍ୟରେ ଆସିବା ବୋଲି ଅନୁମାନ କରାଯାଇଛ। ତେଣୁ ଗୁଡ଼ାରୀ ପ୍ରେସ ୟୁନିଅନର ସମସ୍ତ ସାମ୍ବାଦିକ ସଦସ୍ୟ ଏକତ୍ରିତ ହୋଇ ସାପ୍ତାହିକ ହାଟ କରିବା ନିମନ୍ତେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢୀ ଦାବିପତ୍ର ସୋମବାର ଦିନ ପ୍ରଦାନ କରିଥିଲେ।

# ଗୁମିଦୋରା ଗାଁରେ ମଦ ବନ୍ଦ ଅଭିଯାନ



ପାପଡାହାଣ୍ଡି, ୬।୪(ସମିସ): ଆଜି ଗୁମିଦୋରା ଗ୍ରାମ ଠାରେ ସକାଳ ୧୦ଘଣ୍ଟା ସମୟରେ ଗ୍ରାମରେ ମଦ ବିକ୍ରି କରୁଥିବା ଲୋକଙ୍କ ଘରେ ପାପଡାହାଣ୍ଡି ଅବକାରୀ ବିଭାଗ, ଗୁମିଦୋରା ଓ ନୁଆଁଗୁଡା (କ) ର ମହିଳାମାନେ ମିଶି ଯାଞ୍ଚ କରିଥିଲେ। ସେମାନଙ୍କ ଘରୁ ମଦ ବାହାରିନଥିଲା । ମାତ୍ର ମଦ ତିଆରି ସରଞ୍ଜାମ ଓ ମଦ ପୋଚ ପାଇଁ ବ୍ୟବହୃତ ଡ୍ରମ ଆଣି ସର୍ବସମ୍ମୁଖରେ ନଷ୍ଟ କରାଗଲା। ଏଥିସହ ଗ୍ରାମରେ ମଦ ନ ବିକିବାକୁ ସମସ୍ତଙ୍କୁ ତାଗିତ କରାଗଲା । ଏଥିରେ ପାପଡାହାଣ୍ଡି ଅବକାରୀ ବିଭାଗର ଏସ୍‌ଆଇ ସମୀର କୁମାର ସ୍ୱାଇଁ ନାରାୟଣ ମୁଦୁଲି, ପ୍ରସାଦ ବଳ ସାମନ୍ତରାୟ, ଉତ୍ତମ କୁମାର ମହାଙ୍କୁଡ ଭାଗ ନେଇଥିଲେ ଏଥିରେ ଦୁଇ ଗ୍ରାମର ସୁଜତା ପାଇକ, ବୁଧୁବାରୀ ନାୟକ, ଦ୍ରୁପଦୀ ବେହେରା, କୁସୁମା ପାଇକ ଉଆସି ମାଝୀ, ସୁବର୍ଣ୍ଣ ନାୟକ, ଉଆସି ପାଇକ, ଖଗମଣୀ ଜାନି,କୌଶଲ୍ୟା ପାଇକ, କମଳା ବେହେରା, ସୁରେଖା ବେହେରା, ତୁଳାବତୀ ନାୟକ, ହୀରା ନାୟକ ଧନେଇ ଜାନି, ପଦ୍ମ ଜାନି, କୁସୁମା ପୂଜାରୀ, ସୁବର୍ଣ୍ଣ ପୂଜାରୀ, ଉର୍ମିଳା ବାଘ, କୁନ୍ତଳା ବାଘ, ଗୁରୁବାରୀ ପାଇକ, ଲକ୍ଷ୍ମୀ ପାଇକ, ଖଗମଣୀ ପାଇକ ଉର୍ମିଳା ବିଶ୍ୱାସରାୟ, ଜେମା ପାଇକ, କମଳା ପାଇକ, ଯମୁନା ପାଇକ, ମଇନା ପାଇକ ଓ ଜମୁ ପାଇକ ପ୍ରମୁଖ ମହିଳା ଅଂଶଗ୍ରହଣ କରିଥିଲେ।

## ସାରର କଳାବଜାର ଉପରେ ଚଢ଼ଉ

# ୩ ଦିନରେ ୬ଟି ସାର ଦୋକାନ ଲାଇସେନ୍ସ ରଦ୍ଦ



ଜୟପୁର,୬।୪ (ସମିସ): କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ସାରର କଳାବଜାର କରାଯାଇ ଯେଉଁ ଭଳି ଭାବେ କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି। ଏଥିନେଇ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ମାନଙ୍କୁ ନେଇ ଗଠିତ ଏନଫୋର୍ସମେଣ୍ଟ ଦଳ ପକ୍ଷରୁ ଗତ ଶନିବାର ଠାରୁ ଲଗାତାର ୩ ଦିନ ଧରି ପ୍ରାୟ ୧୨ରୁ ଅଧିକ ସମବାୟ ଓ ଘରୋଇ ସାର ବିକ୍ରି କେନ୍ଦ୍ର ଉପରେ ଚଢଉ କରାଯାଉଛି। ଏଥିରେ ସମୁଦାୟ ଜିଲ୍ଲାର ୬ଟି ସାର ଦୋକାନ ପକ୍ଷରୁ ବିକ୍ରିରେ ବେଆଇନ ଓ ଅସତ କାର୍ଯ୍ୟ ଏବଂ କାଗଜପତ୍ର ସଠିକ ନଥିବା ନେଇ ସାମୁହିରକ ଭାବେ ଲାଇସେନ୍ସ ରଦ୍ଦ କରାଯାଇଛି। ଲାଇସେନ୍ସ ରଦ୍ଦ ହୋଇଥିବା ସାର ଏବଂ କୀଟନାଶ ଔଷଧ ବିକ୍ରି ଦୋକାନ ମାନଙ୍କ ମଧ୍ୟରେ କୁନ୍ଦୁରାର ଭାରତୀ ସିଡସ ଏବଂ ଫେରର୍ଟି ଲାଇଜର୍ସ, ବୈପାରୀଗୁଡାର ଦଳାଇ ଆଗ୍ରୋ କେର, ପଟାଙ୍ଗି ଲ୍ୟାମ୍ପସ, ଜୟପୁରର ଶ୍ରୀକ୍ରିଷ୍ଣା ଫର୍ଟିଲାଇଜର୍ସ, ଅର୍ଣ୍ଣପୂର୍ଣ୍ଣା ଆଗ୍ରୋ ଏବଂ କୋଟପାଡର କୋଠାରୀ ଫର୍ଟିଲାଇଜର୍ସ ରହିଛି। ଏହି ଏନଫୋର୍ସମେଣ୍ଟ ଦଳ ପକ୍ଷରୁ ଜିଲ୍ଲାର ବିଭିନ୍ନ ଖୁଚୁରା ଓ ପାଇକାରୀ ସାର ଦୋକାନ ସମେତ ବିକ୍ରିକେନ୍ଦ୍ର ଭାବେ ସମବାୟ ସଂସ୍ଥା ଏବଂ ଲ୍ୟାମ୍ପ ଗୁଡିକ ଉପରେ ମଧ ଚଢ଼ଉ କରାଯାଇଛି। ଆଜି ଏହି ଦଳ ପକ୍ଷରୁ ଆଜି ଜୟପୁର ସହର ଏବଂ ଗ୍ରାମାଞ୍ଚଳରେ ରହିଥିବା ଆଞ୍ଚଳିକ ସମବାୟ ବଜାର ସମିତି, ମାର୍କଫେଡ କେନ୍ଦ୍ର ଏବଂ ସାହା ସିଡ୍‌ସ, ମା' ଭୈରବୀ ସିଡ୍‌ସ ଦୋକାନ ଏବଂ ଡିଲର ଲକ୍ଷ୍ମୀ ଟ୍ରେଡିଂ ଉପରେ ଚଢ଼ଉ କରାଯାଇଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ଏହି ଏନଫୋର୍ସମେଣ୍ଟ ଦଳରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା, ଜୟପୁର ସହକାରୀ ଜିଲ୍ଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କୋରପୁଟ ଭାରପ୍ରାପ୍ତ ସହକାରୀ ଜିଲ୍ଲା କୃଷି ଅଧଇକାରୀ କାହ୍ନୁ ଚରଣ ଦାସ, ବ୍ଲକ କୃଷି ଅଧିକାରୀ ସୀତାକାନ୍ତ ଦାସ, ସହକାରୀ କୃଷି ଅଧିକାରୀ ସ୍ମିତା ପାଢୀ, ପ୍ରଶାନ୍ତ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲ। ଏହି ଏନଫୋର୍ସମେଣ୍ଟ ଦଳରେ ଉପଜିଲ୍ଲାପାଳ, ସମବାୟ ବିଭାଗର ଅଧିକାରୀ ଏବଂ କୃଷି ବିଭାଗ ଅଧିକାରୀ ରହିଥିବା ବେଳେ ପ୍ରତ୍ୟୋକ ଦିନର ରିପୋର୍ଟ ଜିଲ୍ଲାପାଳଙ୍କ ପ୍ରଦାନ କରାଯାଇଛି। ଗତ ୩ ଦିନ ମଧ୍ୟରେ ଜୟପୁର, କୁନ୍ଦୁରା, ବୈପାରୀଗୁଡା, କୋଟପାଡ ଏବଂ ବୋରିଗୁମ୍ମା ବ୍ଲକର ବିଭିନ୍ନ ସାର ଦୋକାନ ଏବଂ ବିକ୍ରୟ କେନ୍ଦ୍ର ଭାବେ ସମବାୟ ସଂସ୍ଥା ଉପରେ ଚଢ଼ଉ ଜାରି ରହିଥିବା ବେଳେ ଏହା ଆଗାମୀ ଦିନରେ ଚଢଉ ଜାରି ରହିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ବୃଦ୍ଧଙ୍କୁ ହତ୍ୟା ଘଟଣାରେ ଯୁବକକୁ କୋର୍ଟ ଚାଲାଣ

ବନ୍ଧୁଗାଁ,୬।୪ (ସମିସ): ବନ୍ଧୁଗାଁ ବ୍ଲକ କୁଟ୍ରାବେଡ଼ା ପଞ୍ଚାୟତ ଦେବଦଳା ଗାଁର ଶୁକ୍ରବାର ଦିନ ଦେବଦଳା ଗ୍ରାମରେ ଆଦିବାସୀଙ୍କ ହୀରେଇ ପରବ ଚାଲିଥିଲା,। ଏଥିପାଇଁ ଗାଁର ଗାଙ୍ଗାନା ମେଲେକା (୬୦) ପରମ୍ପରା ଅନୁସାରେ ଗାଁର କିଛି ଲୋକଙ୍କ ସହିତ ମିଶି ଜାଗୁଗୁଡା ଗ୍ରାମକୁ ଚାଉଳ ମାଗିବାକୁ ଯାଇଥିଲେ। ସନ୍ଧ୍ୟାରେ ସେ ନିଜ ଘରକୁ ଫେରି ଆସିବା ବେଳେ ଦେବଦଳା ଗାଁରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା କଣ୍ଡାମାତା ସ୍ଥାନରେ ଗାଙ୍ଗାନା ମେଲେକାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ପୁଅ ମେଲେକା ମାଚାନା ବନ୍ଧୁଗାଁ ଥାନାକୁ ଆସି ଲିଖିତ ଅଭିଯୋଗ କରିବା ପରେ ଥାନା ଆଇଆଇସି ସିନ୍ଧୁ ସାରାକା ଓ ନାରାୟଣପାଟଣା ଥାନା ଆଇଆଇସି ମମତା ପଣ୍ଡା ଘଟଣାସ୍ଥଳରେ ଥିଲେ। ପୁଲିସ ତଦନ୍ତ ପରେ ରଞ୍ଜିତ ମେଲେକା (୩୫) ର୍ ପୂର୍ବ ଶତ୍ରୁତା ନେଇ ହତ୍ୟା କରିଥିବା ସ୍ୱୀକାର କରିବା ପରେ ଆଜି ତାକୁ କୋର୍ଟକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

# ଏନ୍‌ବିଡବ୍ଲୁରେ ୮ ଅଭିଯୁକ୍ତ ଗିରଫ

ଜୟପୁର, ୬।୪ (ସମିସ): ଜୟପୁର ସଦରଥାନା ପୁଲିସ ପକ୍ଷରୁ କୋର୍ଟର ଜାମିନ ବିହିନୀ ଫରୱାନ (ଏନବିଡବ୍ଲୁ) ବଳରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ସଦରଥାନାର ହାଡିଆ ଗ୍ରାମର ଯବେଶ ହରିଜନ, ଭତ୍ରା ଗ୍ରାମର ପ୍ରକାଶ ନାଗ, ପଲକାପୁଟ ଗ୍ରାମର ଗୁରୁବନ୍ଧୁ ନାଗ ଓରଫ ଖ୍ରୀଷ୍ଟିଆନ, କଳାଗୁଡା ଗ୍ରାମର ମଧୁ ପୁଜାରି, ଅନ୍ତା ଗ୍ରାମର ଉଦ୍ଧବ ହରିଜନ, ଭତ୍ରା ଗ୍ରାମର ରିତିକ ହରିଜନ ଏବଂ ଦୁଇ ମହିଳା ଅଭିଯୁକ୍ତ ଖଣ୍ଡିଆଗୁଡା ଗ୍ରାମର ଡମାଣି ଖାତି ଓ ଚନ୍ଦ୍ରମା ଖାତି ରହିଛି।

# ଏଡିଇଓଙ୍କୁ ମାଡ, ଥାନରେ ଏତଲା

ନନ୍ଦାହାଣ୍ଡି, ୬।୪(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଝାରବନ୍ଧଗୁଡା ପଞ୍ଚାୟତରେ କାର୍ଯ୍ୟରତ ଏଡିଇଓ କୃପାସିନ୍ଧୁ ହିଆଲଙ୍କୁ ସେହି ପଞ୍ଚାୟତ ଅନ୍ତର୍ଗତ କକଟିସିଲ ଗ୍ରାମର ତ୍ରିନାଥ ସାନ୍ତା ମାଡ଼ ମାରିଥିବା ନେଇ ଡ଼ଙ୍ଗରଭେଜା ଫାଣ୍ଡିରେ ଅଭିଯୋଗ ହୋଇଛି । ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଫାଣ୍ଡି ଅଧିକାରୀ ଗୁଣନିଧି ବାଘ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ଝାରବନ୍ଧଗୁଡା ପଞ୍ଚାୟତର କାର୍ଯ୍ୟରତ ଏଡିଇଓ କୃପାସିନ୍ଧୁ ହିଆଲ ବ୍ଲକ କାର୍ଯ୍ୟାଳୟରେ କାମ କରୁଥିବା ସମୟରେ ତ୍ରିନାଥ ସାନ୍ତା ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ନିଜର ଜୀବନ ପ୍ରତି ବିପଦ ଥିବାରୁ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି କୃପାସିନ୍ଧୁ। ଏନେଇ କେସ ନମ୍ବର ୧୨୩/୨୬ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଗୁଣନିଧି ବାଘ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ଼ା,୬।୪(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସଦ୍‌ଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ , ଆରକ୍ଷୀ ଅଧିକ୍ଷକ ଗୋସେନ ବାର୍ଲା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି. ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଚନ୍ଦ୍ରକାନ୍ତ ମାଝୀ ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୬୮ ଟି ଅଭିଯୋଗ ଜିଲ୍ଲାପାଳଙ୍କ ପାଖକୁ ଆସିଥିଲା। ସେଥି ମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୧୫ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

# ଟ୍ରାକ୍ଟର ଧକ୍କାରେ ଜଣେ ମୃତ

ଉମରକୋଟ,୬।୪(ସମିସ): ଟ୍ରାକ୍ଟର ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣକ ହେଲେ ଉମରକୋଟ ବ୍ଲକ ନେହୂରା ଗ୍ରାମର ମସାନ ଭତରା (୬୦)। ସୂଚନା ଅନୁସାରେ ମସାନ ଆଜି ସକାଳ ୮ ଘଣ୍ଟା ସମୟରେ ଘର ଠାରୁ ପ୍ରାୟ ୧୦୦ ମିଟର ଦୂରରେ ଥିବା ନଳକୂପରେ ସେ ପାଣି ଧରୁଥିଲେ। ଏହି ସମୟରେ ଏକ ଟ୍ରାକ୍ଟର ବେପରୁଆ ଭାବେ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଡ୍ରାଇଭର ଫେରାଇ ହୋଇଯାଇଥିଲା। ଘଟଣାସ୍ଥଳରୁ ପୋଲିସ ଦୁର୍ଘଟଣା ଗ୍ରସ୍ତ ଟ୍ରାକ୍ଟରକୁ ଜବତ କରିଛନ୍ତି। ଏଏସଆଇ ମଳୟ ମିଶ୍ର ତଦନ୍ତ ଚଳାଇଛନ୍ତି।

# ଏସୟୁସିଆଇ କର୍ମୀ ସମ୍ମିଳନୀ

ବୈପାରୀଗଡ଼ା,୬।୪(ସମିସ): ବୈପାରୀଗୁଡା ସଦର ମହକୁମା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ପାଠାଗାରରେ କର୍ମି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏସୟୁସିଆଇ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମ୍ପାଦକ କାହ୍ନୁଁଚରଣ ବିଶ୍ୱାଳ ପରିଚାଳନା କରିଥିଲେ। ଏଥିରେ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକ, ସହରରୁ ଶତାଧିକ କର୍ମୀ ଦରଦୀ ଓ ସମର୍ଥକ ଯୋଗ ଦେଇଥିଲେ। ସମ୍ମିଳନୀରେ ଏସୟୁସିଆଇ ରାଜ୍ୟ କମିଟି ସଭ୍ୟ ସଦାଶିବ ଦାସ ଓ ରାଜ୍ୟ ସମ୍ପାଦକ ଶଙ୍କର ଦାସ ଗୁପ୍ତ ଯୋଗ ଦେଇଥିଲେ। ଦେଶର ସମ୍ପ୍ରତି ସାମାଜିକ, ସାଂସ୍କୃତିକ ,ଆର୍ଥିକ ଓ ରାଜନୈତିକ ବ୍ୟବସ୍ଥା ର ବିଶଦ ଆଲୋଚନା କରିଥିଲେ । ସମସ୍ୟାର ସମାଧାନ ପାଇଁ ଦୁର୍ବାର ଗଣତାନ୍ତ୍ରିକ ଗଣ ଅନ୍ଦୋଳନର ଜୁଆର ସୃଷ୍ଟି ପାଇଁ ଏସୟୁସିଆଇକୁ ସୁଦୃଢ଼ କରିବାକୁ ବୁଝାଇଥିଲେ। ଶେଷରେ ଆନ୍ତଜାତିକ ସଙ୍ଗୀତ ଗାନ ପରେ ସମ୍ମିଳନୀ ଶେଷ ହୋଇଥିଲା।

# ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ ଗୌରୀଶଙ୍କର ମାଝୀ

ନବରଙ୍ଗପୁର,୬।୪(ସମିସ): ନବରଙ୍ଗପୁର ଜିଲ୍ଲା ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀଙ୍କ ସୋମବାର ନୂତନ ପ୍ରକୋଷ୍ଠର ଶୁଭ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜିଠାରୁ ନବରଙ୍ଗପୁର ଜିଲ୍ଲା ନୂତନ ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରିଶଙ୍କର ମାଝୀ। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ, ବିଧାୟକ ଝରିଗାଁ ନରସିଂ ଭତରା , ଜିଲ୍ଲାପାଳଡ. ମହେଶ୍ୱର ସ୍ୱାଇଁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବାସନ୍ତୀ ମାଝୀ ,ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା,ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ଚନ୍ଦ୍ର ବର୍ମନ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଶ୍ରୀ ମାଝୀ ଙ୍କ ପ୍ରକୋଷ୍ଠ ଶୁଭ ପ୍ରବେଶ କାର୍ଯ୍ୟକ୍ରମ ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଏକ ବୈଠକ ଆୟୋଜନ ହୋଇଥିଲା। ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ବିଧାୟକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର



ମାଝୀ ନିଜ ବକ୍ତବ୍ୟରେ ଜିଲ୍ଲାର ଭିତ୍ତିଭୂମି ଓ ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ସମସ୍ତ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରଥମେ ନବରଂଗପୁର ବିଧାୟକଙ୍କୁ ରାଜ୍ୟ ସରକାର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରୂପେ ନିଯୁକ୍ତି ଦେଇଥିବା ହେତୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଲେ। ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ,ବି ଡି ଓ,ତହସିଲଦାର , ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ବୈପାରୀଗୁଡ଼ାରେ କାଳବୈଶାଖୀ ତାଣ୍ଡବ



ବୈପାରୀଗୁଡ଼ା,୬।୪(ସମିସ): ବୈପାରୀଗୁଡା ବ୍ଲକର ବିଭିନ୍ନ ସ୍ଥାନରେ ହଠାତ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଥିଲା। ପବନରେ ଗଛ ଭାଙ୍ଗିଯିବା ସହ ଆଜବେଷ୍ଟସ ଉଡ଼ିଥିଲା। ବଜ୍ରପାତରେ ଗଛ ତଳେ ଥିବା ଗାଈର ମୃତ୍ୟୁ ଘିଟିଛି । ସୋମବାର ଅପରାହ୍ନ ପ୍ରାୟ ସାଢେ ତିନିଟା ସମୟରେ ହାଠାତ କାଳବୈଶାଖୀ ସହ ପ୍ରବଳ ବେଗରେ ପବନ ଓ ଝିପି ଝିପି ବର୍ଷା ହୋଇଥିଲା। ପବନ ପ୍ରଭାବରେ ବହୁ ଗଛ ଭାଙ୍ଗିଯିବା ସହ କେତେକ ଘରର ଆଜବେଷ୍ଟସ ଉଡିଯାଇଥିଲା। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚେରକା ପଞ୍ଚାୟତ କାଙ୍ଗୁଗୁଡ଼ା ଗାଁର ଧାନୁ ସାନ୍ତା ଓ ୱାନ ସାନ୍ତାଙ୍କ ଘର ଉପରେ ତେନ୍ତୁଳି ଗଛ ପଡି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସେହି ସମୟରେ ଘରେ ଭିତରେ ଥିବା ପରିବାର ଲୋକେ ଗଛ ଭାଙ୍ଗିବା ଶବ୍ଦ ଶୁଣି ସଙ୍ଗେ ସଙ୍ଗେ ବାହାରକୁ ଦୌଡ଼ି ଆସିବା ଯୋଗୁଁ ଅଳ୍ପକେ ବର୍ତ୍ତିଯାଇଛନ୍ତି । ସେହିପରି ବାଲିଗାଁ ପଞ୍ଚାୟତର ଲାଖମାଲିଆ ଗୁଡା ଗାଁ ନିକଟରେ କମଲ ଲୋଚନ ପାଙ୍ଗି ଗାଈ ଚରାଇବା ସମୟରେ ହଠାତ ବିଜୁଳି ମାରମାରିବାରୁ ବିଜୁଳି ସଂସ୍ପର୍ଶରେ ଆସି ଗାଈର ମୃତ୍ୟୁ ଘଟିଛ। ସେହିପରି କାଳବୈଶାଖୀ ପ୍ରବାହରେ ବ୍ଲକର ଅନେକ ସ୍ଥାନରେ ମଧ ଗଛ ଭାଙ୍ଗିବା ସହ ରାସ୍ତା ଅବରୋଧ ହୋଇଥିଲା

## ତାଡ଼ମା ପଞ୍ଚାୟତରେ ପକ୍କା ରାସ୍ତା ନାହିଁ

# ୬ ଖଣ୍ଡ ଗ୍ରାମବାସୀଙ୍କ ଦୁର୍ଦ୍ଦଶା, ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ





ରାୟଗଡ଼ା, ୬।୪(ସମିସ): ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲା ସଦର ବ୍ଲକ ସଦର ମହକୁମା ଠାରୁ ମାତ୍ର ୮କିମି ଦୂରରେ ଥିବା ଗ୍ରାମପଞ୍ଚାୟତ ଅଧିନସ୍ଥ କିଛି ଗ୍ରାମରେ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ସ୍ୱପ୍ନ ହୋଇ ରହିଛି। ବିଶେଷ କରି ୬ଖଣ୍ଡ ଗ୍ରାମର ଲୋକମାନେ ରାସ୍ତା ସୁବିଧା ନ ଥିବାରୁ ଏବଂ ଶିକ୍ଷା,ସ୍ୱାସ୍ଥ୍ୟ,ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଂଚିତ ହୋଇ ନିଶିଦିନ ଜୀବନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଆଜି ତାଡମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡବା, ରୁପା, ହିର୍ସାମୁହିଁ, ଉଲକି, ଉଜାଗୁଡା,ପାଦୁକାପାଡୁ ଗ୍ରାମର ଲୋକେ ଜିଲ୍ଲାପାଳଙ୍କୁ ନିଜ ସମସ୍ୟା ସମ୍ପର୍କରେ ଅବଗତ କରିବା ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସିଥିଲେ। ଅତିରିକ୍ତ ଜିଲ୍ଲାପାଳ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ପ୍ରଥମେ ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଗ୍ରାମବାସୀମାନେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ବେଳେ ଯଥାଶୀଘ୍ର ରାସ୍ତା ନିର୍ମାଣ କାମ ଆରମ୍ଭ ପାଇ ବିଭାଗୀୟ ପ୍ରକ୍ରିୟା ଆରମ୍ଭ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିବା ଗ୍ରାମର ସୁନ୍ଦରରାଓ କାଡ୍ରକା ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ପ୍ରକାରେ ତାଡମା ଗ୍ରାମପଞ୍ଚାୟତ ସଦର ତାଡମା ଗ୍ରାମ ଠାରୁ ଗଡବା ୫କିମି ହୋଇଥିବା ବେଳେ ସେଠାରୁ ୨କିମି ଦୂରରେ ରୁପା ଓ ପରେ ପ୍ରାୟ ୧୪କିମି ବ୍ୟବଧାନରେ ହିର୍ସାମୁହିଁ, ଉଲକି,ଉଜାଗୁଡା ଓ ପାଦୁକାପାଡୁ ଗ୍ରାମ ରହିଛି। ଗଡବା ଗ୍ରାମରେ ୫୦ଟି,ରୁପା ଗ୍ରାମରେ ୧୦୦ଟି, ହିର୍ସାମୁହିଁରେ ୫୦ଟି, ଉଲକି ଗ୍ରାମରେ ୩୦ଟି, ଉଜାଗୁଡା ଗ୍ରାମରେ ୫୦ ଏବଂ ପାଦୁକାପାଡୁ ଗ୍ରାମରେ ୩୫ଟି ପରିବାରର ମୋଟ ଦୁଇ ହଜାରରୁ ଉର୍ଦ୍ଧ ଗ୍ରାମବାସୀ ବସବାସ କରୁଛନ୍ତି। ଉକ୍ତ ଅଞ୍ଚଳରେ ଥିବା ୬ଟି ଗ୍ରାମକୁ ସଂଯୋଗ କରୁଥିବା ପକ୍କା ରାସ୍ତାଟିଏ ନାହିଁ। ତାଡମା ଠାରୁ ଗଡବା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇ ପଡିଥିବା ବେଳେ ଗଡବା-ରୁପା-ହିର୍ସାମୁହିଁ-ଉଲକି-ଉଜାଗୁଡା-ପାଦୁକାପାଡୁ ଗ୍ରାମ ପର୍ଯ୍ୟନ୍ତ ସଂଯୋଗ ହେଉଥିବା ମାଟି ରାସ୍ତାର ଅବସ୍ଥା ଅଧିକ ଶୋଚନୀୟ ହୋଇଥିବାରୁ ଏଠାକୁ ଜରୁରୀକାଳନୀ ସେବା ଯୋଗାଉ ଥିବା ଆମ୍ବୁଲାନ୍ସ ମଧ୍ୟ ପହଞ୍ଚି ପାରୁନ ଥିବା ଗ୍ରାମବାସୀ କହିଛନ୍ତି। ଯାତାୟାତ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅନନ୍ତ କାଡ୍ରକା, ସାନି ମିଣିଆକା, ଦେବରାଜୁ କାଡ୍ରକା,ହରି ମେଲାକା, ମୁନା କାଡ୍ରକା, ବାଲଦାସ ,କିମ୍ଭୁ କାଡ୍ରକା ଓ ଅନ୍ୟମାନେ ପ୍ରକାଶ କରିଛନ୍ତି। ସେହିପରି ଗଡବା ଠାରୁ ହିର୍ସାମୁହିଁ ମଧ୍ୟରେ ଗୋଟିଏ, ହିର୍ସାମୁହିଁରୁ ଉଲକି ମଧ୍ୟରେ ୪ଟି ଏବଂ ଉଲକିରୁ ଉଜାଗୁଡା ଗ୍ରାମ ମଧ୍ୟରେ ଗୋଟିଏ ମୋଟ ୬ଟି ଇଙ୍ଗ ନାଳ ପାର କରି ଗ୍ରାମବାସୀମାନେ ଯାତାୟାତ କରୁଛନ୍ତି। ବର୍ଷା ଦିନରେ ପରିସ୍ଥିତି ଅଧିକ ଜଟିଳ ହୋଇ ପଡୁଥିବା ବେଳେ କାଦୁଅରେ ଭରିଥିବା କଚା ରାସ୍ତା ଚାଲିବାରେ ମଧ ଅସମ୍ଭବ ହୋଇଥାଏ ବୋଲି ଗ୍ରାମର ରଥ ମିଣିଆକା,କୈଳାଶ କାଡ୍ରକା, ଦରା ମେଲକା, ଡିଓ କାଡ୍ରକା ପ୍ରମୁଖ କହିଛନ୍ତି। ଏପରିକି ଉଲକି,ଉଜାଗୁଡା ଓ ପାଦୁକାପାଡୁ ଗ୍ରାମବାସୀମାନେ ଜିଲ୍ଲା ସୀମାନ୍ତ ପଡୋଶୀ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ଜାରପା, ସୋଡାବାଡି ଗ୍ରାମ ଦେଇ ଦୀର୍ଘ ୫୦କିମି ଦୂର ଅତିକ୍ରମ କରି ଜିଲ୍ଲା ସଦର ମହକୁମାକୁ ଯାତାୟାତ କରୁଛନ୍ତି। ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ପ୍ରକୃତରେ ରାସ୍ତା କାମ ପାଇଁ କାହାରିକୁ ଆନ୍ତରିକତା ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏହିପରି ସ୍ଥିତିରେ ଶୀଘ୍ର ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।ଯ

# ଜୟପୁର କ୍ରିକେଟ୍ ଲିଗ୍ ମ୍ୟାଚ



ଜୟପୁର, ୬।୪ (ସମିସ): ଜୟପୁର ଦଶହରା ପଡ଼ିଆ ଠାରେ ଜୟପୁର କ୍ରିକେଟ ଲିଗର ଦ୍ୱିତୀୟ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ଇଭିନିଂ କ୍ଲବ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେରେ ୧୪୫ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ଇନିଂସରେ ବିଜୟ ଲକ୍ଷ୍ୟ ନେଇ ବିଶ୍ୱନାଥ ସୁପର ଷ୍ଟ୍ରାଇକର୍ସ ଦଳ ୧୩.୨ ଓଭରରେ ୬ଟି ୱିକେଟ ହରାଇ ୧୪୬ ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ଏହି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ସାଗର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅପରାହ୍ନରେ ଦ୍ୱିତୀୟ ମ୍ୟାଚରେ ଦେଓମାଳୀ ରାଇଡର୍ସ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେ ୧୪୭ ରନ ସଂଗ୍ରହ କରିଥିଲେ। ବିଜୟ ଲକ୍ଷ୍ୟ ନେଇ ବ୍ରାଣ୍ଡେଡ୍ ବୟସ ଦଳ ୭ଟି ୱିକେଟ ହରାଇ ୧୪୮ ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ଏହି ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ଏସ.ଲୋହିତ ଶ୍ରେଷ୍ଠ ଖେଳାଳି ଭାବେ ମ୍ୟାନ ଅଫଦି ମ୍ୟାଚ ହୋଇଥିଲେ। ପ୍ରଥମ ମ୍ୟାଚରେ ମୁଖ୍ୟଅତିଥି ଭାବେ ଜୟପୁର ବିଡିଓ ଶକ୍ତି ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ସହରର ବିଶିଷ୍ଟ ବ୍ୟବସାୟୀ ସଞ୍ଜୟ କୁମାର ଜୈନ ଯୋଗଦେଇଥିଲେ ଦ୍ୱିତୀୟ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟର ସଭାପତି ରୂପକ ତୁରକ ଯୋଗ ଦେଇଥିଲେ। ଏଥିରେ ଏମ୍ପାୟର ଭାବେ ଦେବ ଚୌଧୁରୀ, ଅନୀଲ କୁମାର ଓ ଲିଟୁ ମ୍ୟାଚକୁ ପରିଚାଳନା କରିଥିଲେ ଏବଂ ଆୟୋଜକ ଇଭିନିଂ କ୍ଲବର କର୍ମକର୍ତ୍ତା ଓ ସଦସ୍ୟ ମାନେ ଦୁଇଟି ମ୍ୟାଚ ପରିଚାଳନ କରିଥିଲେ। ଗତକାଲି ପ୍ରଥମ ଦିବସ ଏହି ଲିଗ୍ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ଜୟପୁର ଏସଡିପିଓ ଅର୍ପିତା ମିତ୍ତଲ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଥମ ଦିବସରେ ଜଗନ୍ନାଥ ସୁପର ଜିଆଣ୍ଟସେ ଠାରୁ ବ୍ରାଣ୍ଡେଡ୍ ବୟସ ଦଳ ପରାଜିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ଜିକେସିଇଟି ସ୍ପାର୍କିଙ୍ଗ ସ୍ୱର୍ଟସ ଦଳକୁ ପରାଜିତ କରି ଜୟପୁର ଜାଗୁଆର ଦଳ ବିଜୟୀ ହୋଇଥିଲେ।

● ବେଲୁନ ବିକାଳିର ଶେଷ ମହୋତ୍ସବ

# ଆଜିଠାରୁ ଆନନ୍ଦପୁର ମହୋତ୍ସବ

ଆନନ୍ଦପୁର,୬।୪(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ ମହୋତ୍ସବ ପାଳନ ୨୦୦୮ରେ ଆରମ୍ଭ ହୋଇଥିଲା। ତତ୍କାଳୀନ ଉପଜିଲ୍ଲାପାଳ ସୁରଥ ଚନ୍ଦ୍ର ମଲିକଙ୍କ ପରିକଳ୍ପନାରୁ ଏହା ସଫଳତା ଅର୍ଜନ କରିପାରିଥିଲା। ତେବେ ଏହି ମହୋତ୍ସବ ସମୟରେ ଘଟି ଯାଇଥିବା ଏକ ଘଟଣା ଏବେ ବି ମୋ ମନକୁ ଆନ୍ଦୋଳିତ କରୁଛି। ପ୍ରଶାସନିକ ଅବହେଳା ଯୋଗୁ ଆଉ ୨ବର୍ଷ ହେଲା ମହୋତ୍ସବ ପାଳନ ହୋଇ ପାରୁ ନ ଥିବାବେଳେ ପୁଣି ଚଳିତ ବର୍ଷ ଏପ୍ରିଲ ୭ତାରିଖଠାରୁ ୧୨ତାରିଖ ପର୍ଯ୍ୟନ୍ତ ଆନନ୍ଦପୁର ମହୋତ୍ସବ ଅନୁଷ୍ଠିତ ହେଉଛି। ତେବେ ଏହି ମହୋତ୍ସବ ପାଳନ ସମୟରେ ୧୭ବର୍ଷ ତଳର ଏହି ଘଟଣା ପୁଣି ଉଦଜୀବିତ ହୋଇଉଠିଛି। ଏହା ଜଣେ ଅତି ସାଧାରଣ ବେଲୁନ ବିକାଳିର ହୃଦୟ ବିଦାରକ କାହାଣୀ। ଭଦ୍ରକ ଜିଲ୍ଲାର ବନ୍ତ ଅଞ୍ଚଳର ଜଣେ ବ୍ୟକ୍ତି ବେଲୁନ ବିକ୍ରି କରିବାକୁ ୨୦୦୯ରେ ଆନନ୍ଦପୁର ମହୋତ୍ସବକୁ ଆସିଥିଲେ। ସାଙ୍ଗରେ ତାଙ୍କର ଛୋଟ ୧୩/୧୪ ବର୍ଷର ପୁଅ ସହାୟତା କରିବାକୁ ଆସିଥିଲା। ଶେଷ ଦିନର ମହୋତ୍ସବ ରାତି ସାଢେ ୯ଟା ବେଳକୁ ଆଉ ବେଲୁନ ସେତେ ବିକ୍ରି ହେଉନଥିଲା। ତେଣୁ



ବେଲୁନ ବିକାଳି ଜଣକ ଘସିପୁରା ବ୍ଲକ ଖାଳିଆମେଣ୍ଟା ଗ୍ରାମରେ ହେଉଥିବା ଅଗ୍ନି ଉତ୍ସବରେ କିଛି ବେପାର ଆଶାରେ ବାହାରିଥିଲେ। ବେପାରୀ ଜଣକ ନିଜ ସାଇକଲରେ ପଛରେ ପୁଅକୁ ବସାଇ କିଟିମିଟି ଅନ୍ଧାରରେ ଖାଳିଆମେଣ୍ଟା ଅଭିମୁଖେ ବାହାରିଥିଲେ। ତେବେ କିଏ ଜାଣିଥିଲା ରାସ୍ତାରେ ମୃତ୍ୟୁ ଜଗି ବସିଥିଲା। ଘସିପୁରା ଭଙ୍ଗାପୋଲ ନିକଟରେ ଜାତୀୟ ରାଜପଥରେ ସାମ୍ନାରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ବେପାରୀ ଜଣଙ୍କୁ ଗଭୀର ଆଘାତ ଲାଗିଥିବା ବେଳେ ପଛରେ ବସିଥିବା ପୁଅ ରାସ୍ତା କଡ଼କୁ ଛିଟିକି ପଡିଥିଲା। ଆଉ ସେହି ଲୌହ ଦାନବଟି ଦୁର୍ଘଟଣା ଘଟାଇ ସେଠାରୁ ଯାଜପୁର ଆଡକୁ ଦ୍ରୁତ ଗତିରେ ପଳାଇଥିଲା। ମହୋତ୍ସବରୁ ମୁଁ ଫେରୁଥିବା ସମୟରେ ଦମକଳର ଘଣ୍ଟି ମୋତେ ଆଉ ଘରକୁ ଯିବାକୁ ଦେଇନଥିଲା। ସଙ୍ଗେସଙ୍ଗେ ଚାଲିଲି ମେଡିକାଲ ଆଡକୁ। ଆଉ ସେହି ଛୋଟ ପିଲାର କାନ୍ଦ ବୋବାଳି ଆଉ ଚିତ୍କାରରେ ମେଡିକାଲ ଅଞ୍ଚଳ ଫାଟି ପଡୁଥାଏ। ମଉଛବ ଆସିଥିଲି ବାବୁ ମୋ ବାପାକୁ କିଏ ମାରିଦେଲା, କହି କୋହ ଭରା କଣ୍ଠରେ ପିଲାଟି ବାହୁନି ବାହୁନି କାନ୍ଦୁଥିଲା। ପ୍ରଥମେ କିଛି ବୁଝି ହେଉନଥିଲା ହେଲେ ପରେ ସବୁକିଛି ଜାଣିହେଲା। ତାଙ୍କ ଘରକୁ ଖବର ଦେବାକୁ ଭାବି ପିଲାଠୁ ନମ୍ବର ଆଣି ପଡୋଶୀ ଘରକୁ ଫୋନ କଲି। ତେବେ ପଡୋଶୀଙ୍କୁ କେବଳ ଦୁର୍ଘଟଣା ହୋଇଛି ବୋଲି ଜଣାଇ ଡାକ୍ତରଖାନା ଆସିବାକୁ କହୁଥିଲି। ଫୋନ ଧରିଥିବା ପଡ଼ୋଶୀଙ୍କ ନିକଟକୁ ସେତେବେଳେ ଖବର ସମ୍ପର୍କରେ ଜାଣିବା ପାଇଁ ପରିବାର ଲୋକ ଆସି ଯାଇଥାନ୍ତି। ଛୋଟ ପିଲାଟି ମୋ ଠାରୁ ହଠାତ ମୋବାଇଲ ନେଇଯାଇ ବାପା ମରି ଯାଇଥିବା ନେଇ କାନ୍ଦି କାନ୍ଦି ଜଣାଇ ଦେଇଥିଲେ। ଆଉ ସେପଟେ ଗାଁରେ ତାର ମା ଆଉ ତିନି ଭଉଣୀଙ୍କ ସେହି ସମୟର ଅବସ୍ଥା ସମ୍ପର୍କରେ ଏପଟେ ଫୋନରେ ସ୍ପଷ୍ଟ ଜଣା ପଡୁଥିଲା। ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇ ପରିବାରର ଅବସ୍ଥା କଣ ହେଇଥିବ ସହଜେ ଜାଣି ହେଉଥିଲା। ସେଦିନର ଦୁଃଖଦ ମୁହୂର୍ତ୍ତକୁ ବିଦାୟ ଦେଇ ଘରକୁ ଆସିଥିଲି ହେଲେ ରାତିରେ ଠିକରେ ନିଦ ହୋଇନଥିଲା। ମହୋତ୍ସବ ଯିବ ଆଉ ଆସିବ ହେଲେ ସେ ବେଲୁନ ବାଲା ଆଉ ଆସିବନି। କାରଣ ଏହା ଥିଲା ବେଲୁନ ବିକାଳିର ଶେଷ ମହୋତ୍ସବ।

# ଦୁର୍ଘଟଣା ପରେ ଫେରାର ଗାଡ଼ି ଜବତ



ଚମ୍ପୁଆ,୬।୪(ସମିସ): ଚମ୍ପୁଆ ଥାନା ଅଧୀନ ପତଳା ଗ୍ରାମରେ ଗତ ୫ ତାରିଖ ଦିନ ଘଟିଯାଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ୨୪ ଘଣ୍ଟା ନପୂରୁଣୁ ଚମ୍ପୁଆ ପୁଲିସ ଦୁର୍ଘଟଣା ପରେ ଫେରାର ଥିବା ଟ୍ରକ୍‌କୁ ଜବତ କରିବାରେ ସଫଳ ହୋଇଛନ୍ତି। ସୂଚନା ଅନୁସାରେ ଗତ ୫ ତାରିଖ ପୂର୍ବାହ୍ନରେ ରଜିଆ ଗ୍ରାମର ପତଳା - ଶଶାଙ୍ଗ ରାସ୍ତାରେ ଟ୍ରକ୍ ଓ ସ୍କୁଟର ମଧ୍ୟରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ସୁଭମ ମୁହାଲୁଡ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣ ଗୁରତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଟ୍ରକ ଚାଳକ ଟ୍ରକ୍ ନେଇ ଫେରାର ହୋଇଯାଇଥିବା ବେଳେ ପୁଲିସ ମାମଲା ରୁଜୁ କରାଯାଇଥିଲା। ଏହାସହ ବିଭିନ୍ନ ଅଞ୍ଚଳର ସିସିଟିଭି ଫୁଟେଜକୁ ଆଧାର କରି ଟ୍ରକ୍‌ଟିକୁ ଧରିବାରେ ସଫଳ ହୋଇଛି ପୁଲିସ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୪୪ ଅଭିଯୋଗର ତୁରନ୍ତ ସମାଧାନ

କେନ୍ଦୁଝର,୬।୪(ସମିସ):



କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ମୋଟ ୨୭୯ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି। ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୨୪୮ ଟି, ସାମୂହିକ ଅଭିଯୋଗ ୩୧ଟି, ରେଡକ୍ରସ୍ ସହାୟତା ପାଇଁ ୧୧ଟି ଆବେଦନ ଗ୍ରହଣ କରାଯାଇଛି। ୪୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଏପ୍ରିଲ ମାସର ପରବର୍ତ୍ତି ଅଭିଯୋଗ ଶୁଣାଣିଗୁଡ଼ିକ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ରେ ନିମ୍ନମତେ ଅନୁଷ୍ଠିତ ହେବ। ୧୩ ତାରିଖ ପଞ୍ଚାୟତ ସମିତି କାର୍ଯ୍ୟାଳୟ ହାଟଡିହି, ୨୦ରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଘଟଗାଁ, ଏବଂ ୨୭ ତାରିଖରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରିଚନ୍ଦନପୁର ଅଞ୍ଚଳବାସୀ ଏହି ସୁଯୋଗର ସଦୁପଯୋଗ କରି ନିଜ ନିଜର ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି।

# ବାର୍‌ହା ମାରି ଖାଇବା ଘଟଣାରେ ଫେରାର ଶିକାରୀ ଗିରଫ

ତୁରୁମୁଙ୍ଗା,୬।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ପୋଇପାଣି ବିଟ୍ କୁମୁଳାବାହାଳୀ ଗାଁ ନିକଟ ପୋଇପାଣି ଜଙ୍ଗଲରେ ଗତ ୧୫ ତାରିଖ ରାତିରେ ବାର୍‌ହା ମାରିବା ଫେରାର ହେବା ଅଭିଯୋଗରେ ବୁଧଦେବ ମୁଣ୍ଡା ଓରଫ ବୁଢୁରୁ ମୁଣ୍ଡା (୨୮)ଙ୍କୁ ସୋମବାର ବନ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ବାର୍‌ହା ମାରିବା ଅପରାଧରେ ପୂର୍ବରୁ ପୋଇପାଣି ଗ୍ରାମ ଭଣ୍ଡାରିପୋଷି ସାହି ବିରବଲ ମହାନ୍ତ(୪୭)ଙ୍କୁ ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତାଙ୍କଠାରୁ ୧୧ଶହ ଗ୍ରାମ ବାର୍‌ହା ମାଂସ ବନବିଭାଗ ଜବତ କରିଥିଲା।

● ବର୍ଷେ ହେଲା ମିଳୁଛି ମିଥ୍ୟା ପ୍ରତିଶ୍ରୁତି

# ଜଳକଷ୍ଟ ଲାଘବ ପାଇଁ ଉପଜିଲ୍ଲାପାଳଙ୍କୁ ଫେରାଦ

ଆନନ୍ଦପୁର,୬।୪(ସମିସ):



ଆନନ୍ଦପୁର ବ୍ଲକ୍ ବାଇଲୋ ପଞ୍ଚାୟତ ଖଡ଼ବିଲ ଗ୍ରାମରେ ଜଳକଷ୍ଟ ଲାଗି ରହିଛି। ଏହି ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସମାଧାନ ହୋଇପାରି ନାହିଁ। ପ୍ରତିବାଦରେ ଖଡ଼ବିଲ ଗ୍ରାମର ଶତାଧିକ ମହିଳା ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ଆନନ୍ଦପୁର ବିଡିଓ ବିକ୍ଷୋଭସ୍ଥଳରେ ପହଁଚି ମହିଳାଙ୍କୁ ବୁଝାସୁଝା କରି ଖୁବଶୀଘ୍ର ପାଣି ସମସ୍ୟାର ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ଗାଁକୁ ମେଗାଜଳ ଯୋଗାଣ ପକଳ୍ପର ପାଇପ ବିଛା କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଜଳ ଯୋଗାଣ ହୋଇ ପାରିନାହିଁ। ପୂର୍ବରୁ ଥିବା ନଳକୂପ ଅଚଳ ହୋଇ ପଡ଼ିଥିବାରୁ ଲୋକେ ଗଡ଼ିଆ ପୋଖରୀର ଦୂଷିତ ପାଣି ବ୍ୟବହାର କରି ବିଭିନ୍ନ ସଂକ୍ରମକ ରୋଗରେ ଆକ୍ରାନ୍ତ ହେବା ସହିତ ଜଣ୍ଡିସ ଭଳି ଭୟାବହ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡ଼ିବା ଘଟଣାରେ ଉଦ୍‌ବେଗ ପ୍ରକାଶ ପାଇଛି।

# ଝୁମ୍ପୁରା ଶିଶୁ ବିଦ୍ୟା ମନ୍ଦିର ପ୍ରବେଶ ଉତ୍ସବ

ଝୁମ୍ପୁରା,୬।୪(ସମିସ): ଝୁମ୍ପୁରା ଶିଶୁ ବିଦ୍ୟା ମନ୍ଦିର ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଡମ୍ବରୁଧର ମହାନ୍ତଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଦୋଳଗୋବିନ୍ଦ ପ୍ରଧାନ ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ। ମନୋଜ ମହାନ୍ତ ବାଟିକା ବିଭାଗ ପ୍ରମୁଖ ଯଜ୍ଞକୁଣ୍ଡରେ ଆହୁତି ଦେଇ ସମସ୍ତ ଶିଶୁ ଭାଇଭଉଣୀଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଚାରିଜଣ ମା ଓ ବାପା ଙ୍କୁ ବସାଇ ଯଜ୍ଞ କରାଯାଇ ଥିଲା। ଯଜ୍ଞପରେ ସମସ୍ତ ନୂତନ ଶିଶୁମାନଙ୍କୁ ଖଡିଛୁଆଁର ବ୍ୟବସ୍ଥା କରାଯାଇଥିଲା।

# କେମୁଣ୍ଡିଆରେ ୧୦୨ତମ ଚବିଶ ପ୍ରହର ନାମଯଜ୍ଞ



ଚମ୍ପୁଆ,୬।୪(ସମିସ): ଚମ୍ପୁଆ ବ୍ଲକ୍ ଉଚ୍ଚବାଲି ପଞ୍ଚାୟତ ଅଧୀନ କେମୁଣ୍ଡିଆ ଗ୍ରାମବାସୀ ବୃନ୍ଦଙ୍କ ଆନୁକୂଲ୍ୟରେ ୧୦୨ ତମ ଚୈତନ୍ୟ ମହାପ୍ରଭୁଙ୍କ ମହାମନ୍ତ୍ର ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପୂଜାବିଧି ସ୍ଥାନୀୟ ଦେହୁରୀ କୁନନ୍ଦ ନାଏକଙ୍କ ଦ୍ୱାରା ହୋଇଥିବାବେଳେ ଆଖ ପାଖ ଅଞ୍ଚଳରୁ ପ୍ରାୟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗଦେଇ ଥିଲେ। କମିଟି ସଦସ୍ୟ ଜନ୍ମେଞ୍ଜୟ ନାଏକ, ସୀତାରାମ ନାଏକ, ସୂର୍ଯ୍ୟକାନ୍ତ ନାଏକ, ମୋହତ ନାଏକ, ଅରୁଣ ନାଏକ, କ୍ଷିତୀଶ ନାଏକଙ୍କ ସହିତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

# 'ବିକଶିତ ଗାଁ' ନିର୍ମାଣ କାମ ନିମ୍ନମାନର

ଆନନ୍ଦପୁର,୬।୪(ସମିସ): ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବଡ଼ ଅନିୟମିତତା ଅଭିଯୋଗ। ମନଇଚ୍ଛାରେ ହେଉଛି କାମ, ସରପଞ୍ଚଙ୍କ ମତାମତକୁ ଉପେକ୍ଷା କରି ଚାଲିଛି ନିମ୍ନମାନର ନିର୍ମାଣ କାମ। ଏମିତି ଅଭିଯୋଗ ଆସିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ମଦନପୁର ପଞ୍ଚାୟତ ଅଧୀନ ବାଙ୍ଗିଡି ଗ୍ରାମରୁ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଏକ କଂକ୍ରିଟ୍ ରାସ୍ତା ନିର୍ମାଣ କାମକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ପ୍ରାୟ ୩ ଲକ୍ଷ ୨୧ ହଜାର ୭୦୪




ଟଙ୍କା ବ୍ୟୟ ବରାଦରେ ରତ୍ନାକର ପତିଙ୍କ ଘରଠାରୁ ରୁଦ୍ର ବନ୍ଧ ପର୍ଯ୍ୟନ୍ତ ରାସ୍ତା କାମ ଆରମ୍ଭ ହୋଇଛି। କିନ୍ତୁ ଅଭିଯୋଗ ହେଉଛି ଯେ, ଏହି ରାସ୍ତା କାମ ନିମ୍ନମାନର ହେଉଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହାଲେ କାର୍ଯ୍ୟସ୍ଥଳରେ ଲାଗିଥିବା ଫଳକରେ କାମ ଆରମ୍ଭ ତାରିଖ ଉଲ୍ଲେଖ ନଥିବା ବେଳେ, କାମ କିପରି ଚାଲିଛି ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହାସହ ଏହି କାମ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିବାରୁ ସେ କହିଛନ୍ତି ଏହି କାମ ବାବଦରେ ମୋତେ କିଛି ଜଣାନାହିଁ। ଏନେଇ କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କାର୍ଯ୍ୟସରିବା ପରେ ଫଳକରେ ଆରମ୍ଭ ଶେଷ ଲେଖାଯାଏ ଏବଂ କାର୍ଯ୍ୟସ୍ଥଳକୁ ଯାଇ ତଦନ୍ତ କରିବି ବୋଲି କହିଛନ୍ତି।

# ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟସ୍ଥଳୀରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ତୁରୁମୁଙ୍ଗା,୬।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ରାଜନଗର ରଘୁନାଥ ଜୀଉ ମଠ, ଟାଙ୍ଗରପଡ଼ା ମଠ, ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀ, ପାଟଣା ଆନନ୍ଦେଶ୍ୱର ଶିବ ମନ୍ଦିର ସହ ବ୍ଲକ୍ ର ବିଭିନ୍ନ ଐତିହ୍ୟସ୍ଥଳୀ ଓ ଦେବାଳୟ ଗୁଡିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି। ରାଜନଗର ରଘୁନାଥ ଜୀଉ ମଠରେ ସ୍ଥାନୀୟ ସରପଞ୍ଚ ସୁଧାଂଶୁ ନାଏକ, ବିଡିଓ ମାନସ କୁମାର ଦଣ୍ଡ ପାଟ, ପ୍ରୋଗ୍ରାମ ଅଫିସର୍ ଜମାଲ ଉଦ୍ଦିନ୍ ଖାନ, ପିଇଓ ଲଲାଟେନ୍ଦୁ ବିଦ୍ୟାଧର ମହାନ୍ତ, ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀରେ ସ୍ଥାନୀୟ ସରପଞ୍ଚ ଗୌରହରି ନାଏକ, ପଞ୍ଚାୟତ




କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ପାଇକରାୟ, ଯଦୁ ମଣି ମହାନ୍ତ, ଡମ୍ବରୁଧର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ଆନନ୍ଦେଶ୍ୱର ଶିବ ମନ୍ଦିରରେ ବଡ଼ ପାଟଣା ସରପଞ୍ଚ ବିନତୀ ବାନାରା, ନୋଡାଲ ଅଫିସର ସିପ୍ରା ରାଣୀ ମହାନ୍ତ, ପିଇଓ ଅଶୋକ ମହାନ୍ତ, ଟାଙ୍ଗର ପଡ଼ା ମଠରେ ସରପଞ୍ଚ ଅନୁରୁଦ୍ଧ ନାଏକ, ପିଇଓ ଅଭିଳାଷ ରାଜଙ୍କ ସହ ଅଞ୍ଚଳର ସାମାଜିକ କର୍ମୀ, ସ୍ଥାନୀୟ ଏସ୍‌ଏଚଜି ଗ୍ରୁପ୍ର ମହିଳା, ଏମ୍‌ବିକେ, ସିଆରପି ଉପସ୍ଥିତ ଥିଲେ।

● ସେଣ୍ଟ୍ରାଲ ଏସିଆ ହ୍ୟାଣ୍ଡବଲ ଚାମ୍ପିଅନସିପ୍

# ପ୍ରଣୟ କୁମାର ପାଣିଙ୍କ ପ୍ରଶିକ୍ଷଣରେ ଭାରତର ବ୍ରୋଞ୍ଜ ପଦକ ହାସଲ



କେନ୍ଦୁଝର,୬।୪(ସମିସ): ଉଜବେକିସ୍ତାନର ତାସକେଣ୍ଟଠାରେ ଗତ ମାର୍ଚ୍ଚ ୩୧ ରୁ ଆରମ୍ଭ ହୋଇଥିବା ସେଣ୍ଟ୍ରାଲ ଏସିଆ ହ୍ୟାଣ୍ଡବଲ ଚାମ୍ପିଅନସିପ୍‌ରେ ଭାରତୀୟ ଦଳ ଉଚ୍ଚକୋଟୀର ଖେଳପ୍ରଦର୍ଶନ କରି ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଭାରତ ତାର ପ୍ରଥମ ଲିଗ୍ ମ୍ୟାଚ ଉଜବେକିସ୍ତାନ ଠାରୁ ହାରି ଥିଲା। ତା ପରେ କାଜାକିସ୍ଥାନ, ତୁର୍କମେନିସ୍ଥାନ ଓ ଆସ୍ଥାନୀୟା ଠାରୁ ଜିତି କ୍ୱାର୍ଟର ଫାଇନାଲକୁ ଯାଇଥିଲା। ସେଠାରେ କୋଚଙ୍କ ସଠିକ ରଣନିତୀ ଓ ଖେଳାଳୀଙ୍କ ଅଦଳ ବଦଳ ଯୋଗୁ ଟିମ୍ ସେମିଫାଇନାଲରେ ପହଞ୍ଚିଥିଲା। ସେମିଫାଇନାଲ ରେ ପୁଣି ଥରେ ଘରୋଇ ଦଳଠାରୁ ହାରିଥିଲା ଭାରତ। ହେଲେ ପଦକ ପାଇଁ କାଜାକିସ୍ଥାନ ସହ ଭଲ ଖେଳପ୍ରଦର୍ଶନ କରି ୩ଟି ଗୋଲ ରେ ଜିତି ବ୍ରୋଞ୍ଜ ପଦକ ହାସଲ କରିଛି ଭାରତ। ଏହି ଭାରତୀୟ ଦଳରେ ଓଡ଼ିଶା ତଥା କେନ୍ଦୁଝରର ଖେଳାଳି ରାଜାରାମ ପଣ୍ଡା ନିଜ ଖେଳ ନୈପୁନ୍ୟକତା ଦେଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ୬ଟି ମ୍ୟାଚ ରେ ସର୍ବାଧିକ ୨୯ ଟି ଗୋଲ କରିଥିଲେ। ଉଜବେକିସ୍ତାନ ଅଲମ୍ପିକ ସଂଘର ସଭାପତି ସମସ୍ତଙ୍କୁ ପଦକ ପ୍ରଦାନ କରିଥିଲେ। ଏହି ଖବର ଶୁଣିବା ପରେ ଭାରତୀୟ ହ୍ୟାଣ୍ଡବଲ ସଂଘ ତଥା ରାଜ୍ୟ ସଂଘର କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଭାରତୀୟ ହ୍ୟାଣ୍ଡବଲ ସଂଘ ପକ୍ଷରୁ ପ୍ରଶିକ୍ଷିକ ପ୍ରଣୟ କୁମାର ପାଣିଙ୍କୁ ଆଗାମୀ ଜୁଲାଇରେ ବାଙ୍ଗଲାଦେଶ ରେ ହେବାକୁ ଥିବା ଜୁନିୟର ଆନ୍ତଃଜାତୀୟ ହ୍ୟାଣ୍ଡବଲ ଟ୍ରଫି ଟିମ ର ପ୍ରଶିକ୍ଷକ ହେବାକୁ ନିମନ୍ତ୍ରଣ ଦେଇଛି। ଏହାକୁ ନେଇ ଜିଲା ହ୍ୟାଣ୍ଡ ବଲ୍ ସଂଘର ସଭାପତି ଇଂ ବସନ୍ତ କୁମାର ଦାନି, ସମ୍ପାଦକ ରିତିକ ଅଧିକାରୀ ତଥା କ୍ରିଡା ସଂସ୍ଥାର ସମ୍ପାଦକ ସଂଗ୍ରାମ ପଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ବିଧାୟକ

କେନ୍ଦୁଝର,୬।୪(ସମିସ):



ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଧିବଦ୍ଧ ବିଜ୍ଞପ୍ତି ଅନୁଯାୟୀ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକଙ୍କ କେନ୍ଦୁଝର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୮ ମସିହାର ଓଡ଼ିଶା ଜିଲ୍ଲା ଯୋଜନା କମିଟି ଅଧିନିୟମ ଅନୁସାରେ ରାଜ୍ୟ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଶ୍ରୀ ନାୟକ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି। ସେ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ୍ କଲେଜ ଏବଂ ହସ୍ପିଟାଲରୁ ଡାକ୍ତରୀ ଡିଗ୍ରୀ ହାସଲ କରିବା ପରେ ଦୀର୍ଘ ସମୟ ଧରି ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ୨୦୨୪ ଓଡ଼ିଶା ବିଧାନସଭା ନିର୍ବାଚନରେ ଜୟଲାଭ କରି ତେଲକୋଇ ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇବା ପରେ ଡାକ୍ତର ନାୟକ ଜିଲ୍ଲାବାସୀଙ୍କ ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିବେ ବୋଲି କହିଛନ୍ତି। ସେ କହିଛନ୍ତି ଯେ, କେନ୍ଦୁଝର ଜିଲ୍ଲାର ଉନ୍ନତି ପାଇଁ ସେ ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟଧାରା ଗ୍ରହଣ କରିବେ। ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନାର ସଠିକ୍ ସମୀକ୍ଷା କରି ଏହାର ସୁଫଳ ଯେପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ, ସେଥିପ୍ରତି ସେ ଧ୍ୟାନ ଦେବେ। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ବିଶେଷ କରି ଖଣି ଅଞ୍ଚଳର ବିକାଶକୁ ପ୍ରାଥମିକତା ଦିଆଯିବ। ଲୋକଙ୍କ ସମସ୍ୟାକୁ ବୁଝି ସେଗୁଡ଼ିକର ସମାଧାନ ପାଇଁ ଏକ ସ୍ୱଚ୍ଛ ଓ ସୁସଂଗଠିତ ଯୋଜନା ପ୍ରସ୍ତୁତ କରାଯିବ। ନୂତନ ଅଧ୍ୟକ୍ଷ କାର୍ଯ୍ୟାଳୟରେ ପହଞ୍ଚିବା ପରେ ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ ଏବଂ ଉପ-ନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦୁଝରକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

● ୩ୟ ଡିପିଏଲ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ରୋହିତ ଷ୍ଟାରକୁ ହରାଇ ଏମ୍‌ଆର. କନ୍‌ଷ୍ଟ୍ରାକ୍ସନ ଚାମ୍ପିଅନ



ଚମ୍ପୁଆ,୬।୪(ସମିସ): ଚମ୍ପୁଆ ଗୋଲ୍ଡେନ୍ ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ୭ନଂ ୱାର୍ଡ ଖେଳପଡ଼ିଆଠାରେ ୩ଦିନ ଧରି ଚାଲିଥିବା ଡିପିଏଲ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଏମ୍‌ଆର କନ୍‌ଷ୍ଟ୍ରକସନ ରୋହିତ ଷ୍ଟାର୍ ହରାଇ ଚାମ୍ପିଅନ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଚମ୍ପୁଆ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଓ ଭାଜପା ନେତା ସୁଧୀର ସର୍ଦ୍ଦାର ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ରନର୍ସ ଅପ୍ ଦଳକୁ ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ଲୁଚି ଯାଉଥିବା ଖେଳ ପ୍ରତିଭାମାନଙ୍କୁ ଆଗକୁ ଆଣିବାର ପ୍ରୟାସ ଜାରିରଖିବା ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ବୋଲି କ୍ଲବ ସଭାପତି ସାନୱାର ଆଲାମ ଓ ସମ୍ପାଦକ ସତ୍ୟଜିତ ମହାଲୁଡ଼ ସୂଚନା ଦେଇଛନ୍ତି।

**● ଅଗ୍ରୀମ ଭତ୍ତା ଟଙ୍କା ପାଖରେ ରଖିବା ଘଟଣା**

# ୧, ୧୮, ୯୦୦ ଟଙ୍କା ଫେରାଇଲେ ପୂର୍ବତନ ସରପଞ୍ଚ

**‘ସକାଳ’ ପ୍ରଭାବ**

ମହାକାଳପଡ଼ା, ୬।୪(ସମିସ): ମହାକାଳପଡ଼ା ବ୍ଲକରେ ଅଗ୍ରୀମ ଭତ୍ତା ଟଙ୍କାକୁ ନେଇ ତୁମ୍ବୀ ତୋଫାନ ଉଠିଥିଲା। ଭତ୍ତା ପ୍ରଦାନ ବାବଦକୁ ଅଗ୍ରୀମ ନେଇ ପଞ୍ଚାୟତର କିଛି ପିଇଓ, ଏଡିଇଓ ଓ ପୂର୍ବତନ ସରପଞ୍ଚ ଲକ୍ଷାଧିକ ଟଙ୍କା ନ ଫେରାଇ ନିଜ ପାଖରେ ରଖିଥିଲେ। ଏ ନେଇ ସୂଚନା ଅଧିକାର ଆଇନରେ ତଥ୍ୟ ସାମ୍ନାକୁ ଆସିବା ପରେ ପୂରା ବିଭାଗୀୟ ଅବହେଳାର ଚିତ୍ର ସାମ୍ନାକୁ ଆସିଥିଲା। ଏହି ଘଟଣା ‘ସକାଳ’ରେ ନିରନ୍ତର ଖବର ପ୍ରକାଶ ପରେ ହଟଚମଟ ଆରମ୍ଭ ହୋଇଥିଲା। ବରକନ୍ଧା ପଞ୍ଚାୟତର ପୂର୍ବତନ ସରପଞ୍ଚ ବାଦଲ ସେନାପତିଙ୍କ ପାଖରେ ୧, ୧୮, ୯୦୦ ଟଙ୍କା ରହିଥିବା ସୂଚନା ମିଳିଥିଲା। ଏ ନେଇ ବିଭୂତିଭୂଷଣ ରାଉତ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ବିଭୂତିଙ୍କ ଅଭିଯୋଗ ଆଧାରରେ ବାଦଲ ସେନାପତି ତାଙ୍କ ପାଖରେ ରଖିଥିବା ଏକ ଲକ୍ଷ ଅଠର ହଜାର ନଅ ଶହ ଟଙ୍କା ପଞ୍ଚାୟତର ଭତ୍ତା ଆକାଉଣ୍ଟରେ ଦାଖଲ କରିଥିବା ମହାକାଳପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି। ବାଦଲ ସେନାପତି ଅଗ୍ରୀମ ଭତ୍ତା ଟଙ୍କା ଫେରାଇଥିବାବେଳେ ତେବେ ଅନ୍ୟ ସରକାରୀ ଅଧିକାରୀ ପିଇଓ, ଏଡିଓ, ଗ୍ରାମୀଣ ରୋଜଗାର ସେବକ କେବେ ଭତ୍ତା ଟଙ୍କା ଫେରାଇବେ, ତାହା ଦେଖିବାକୁ ବାକି ରହିଲା।

# ଓଡ଼ିଆ ପକ୍ଷ ଅବସରରେ ସ୍ୱଚ୍ଛତା ଅଭିଯାନ

ପଟ୍ଟାମୁଣ୍ଡାଇ, ୬।୪(ସମିସ): ରାଜ୍ୟ ସରକାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ପାଇଁ ଓଡ଼ିଆ ପକ୍ଷ ପାଳନ କରିଛନ୍ତି। ଏ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର ରଘୁରାମ ଆୟାର ଓଡ଼ିଆ ପକ୍ଷ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପରିସର ସଫେଇ କରିବା ସହିତ ସ୍ୱଚ୍ଛ, ନିର୍ମଳ ଓ ସୁନ୍ଦର ପରିବେଶ ସହ ସୁସ୍ଥ ସମାଜ ଗଠନ ପାଇଁ ପ୍ଲାଷ୍ଟିକ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ



ତହସିଲଦାର ପଞ୍ଚାନନ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୀତଲ ଅଗ୍ରୱାଲ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ବ୍ଲକ ସହ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଳିକ, କାଉନସିଲର ବିଦ୍ୟାଧର ସେଠୀ, ବଣିକ ସଂଘ ଉପସଭାପତି ମୋହନ ଦାସ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଦୋଖିଆ ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନ, କାଉନସିଲର ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢ଼ୀ, ଗୋପୀବଲ୍ଲଭ ନାୟକ ପ୍ରମୁଖଙ୍କ ସମେତ ସ୍ୱଚ୍ଛସାଥୀ ଓ ସଫେଇ କର୍ମଚାରୀ ସାମିଲ ଥିଲେ। ସନ୍ଧ୍ୟାରେ ଜନସଚେତନତା ପାଇଁ ପୋଖରୀଆପଡ଼ା ହରପାର୍ବତୀ ମନ୍ଦିରରେ ସମୂହ ଦୀପ ଦାନ କରାଯାଇଥିଲା।

# ଦେଉଳପଡ଼ା ପଞ୍ଚାୟତରେ ସ୍ୱଚ୍ଛତା ଅଭିଯାନ

ମହାକାଳପଡ଼ା, ୬।୪ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡ଼ା ପଞ୍ଚାୟତରେ ଆଜି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶ୍ରୀମତୀ ନିବେଦିତା ଦାସଙ୍କ ନେତୃତ୍ୱରେ ଗଜେଶ୍ୱର



ମହାଦେବ ମନ୍ଦିର ସାମ୍ନାରେ ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂରଞ୍ଜନ ସାହୁ, ପ୍ରତାପ ରଞ୍ଜନ ତ୍ରିପାଠୀଙ୍କ ସହିତ ବହୁ ସ୍ଥାନୀୟ ମହିଳା ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ସରପଞ୍ଚ ଶ୍ରୀମତୀ ଦାସ କହିଥିଲେ ଯେ, ପରିବେଶ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ସାମୂହିକ ସହଭାଗିତା ବୃଦ୍ଧି ପାଉଛି। ସ୍ଥାନୀୟ ଲୋକ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ।

**ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

# ୯୮ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ପଟ୍ଟାମୁଣ୍ଡାଇ, ୬।୪(ସମିସ)

ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଶୀତଲ ଅଗ୍ରୱାଲ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ଯୋଗ ଦେଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ୯୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା।

ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସ୍ଥାନ ନିରୂପଣ ସତ୍ତ୍ୱେ ପଞ୍ଚାୟତରେ ଏଏନଏମ ସେଣ୍ଟର ଖୋଲାଯାଇନାହିଁ। ଫଳରେ ପଞ୍ଚାୟତବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟାରେ କ୍ଷତିଗ୍ରସ୍ତ ଜଳସମ୍ପଦ ବିଭାଗ ପୋଲ ନିର୍ମାଣ ଓ ଏଲପିଜି ଗ୍ୟାସ କଳା ବଜାରୀ ରୋକିବା, ବାଦ ପଡ଼ିଥିବା ଯୋଗ୍ୟ



ହିତାଧିକାରୀଙ୍କୁ ରାସନକାର୍ଡ ଓ ଭତ୍ତା ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ ଅଣ୍ଟରା ପଞ୍ଚାୟତର ୧୩ନଂ ଓ ୧୪ନଂ ୱାର୍ଡରେ ଦୀର୍ଘ ୨୦ ବର୍ଷ ପଞ୍ଚାୟତ ଫଣ୍ଡରୁ କୌଣସି ଅନୁଦାନ ଖର୍ଚ୍ଚ କରା ନ ଯିବାରୁ ୱାର୍ଡର ବିକାଶ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ଯୁବନେତା ସଂଗ୍ରାମ ସ୍ୱାଇଁ ଦୁର୍ଘଟଣା ରୋକିବା ପାଇଁ କଟକ-ଚାନ୍ଦବାଲି ରାସ୍ତାର ମୂଳବସନ୍ତ ପଦ୍ମନାଭ ସେବା ସଂସ୍ଥା ବାଳିକା ଉଚ୍ଚ ବିଦ୍ୟାଳୟ ଛକ, ମୂଳବସନ୍ତ ଛକ ଓ ପୋହଳ ନିତାଇ ଚୈତନ୍ୟ ସରକାରୀ ଉଚ୍ଚ ବିଦ୍ୟାଳୟ ଛକରେ ହମ୍ପସ ନିର୍ମାଣ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ପଟ୍ଟାମୁଣ୍ଡାଇ ବ୍ଲକର ଭିନ୍ନକ୍ଷମଙ୍କୁ ଅନ୍ତୋଦୟ ଯୋଜନାରେ ସାମିଲ କରିବା ସହିତ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରିବାକୁ ଦାବି କରିଥିଲେ। ଦିହୁଡିପୁର ସରପଞ୍ଚ ନରେଶ ମଲିକ ଦିହୁଡିପୁର ସାଆନ୍ତପୁର କଲଭର୍ଟ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବାରୁ ପୁନଃନିର୍ମାଣ, ସାହୁପଡ଼ା ଷ୍ଟ୍ରକଚରଠାରୁ ବଡ଼ମୋହନପୁର ପଞ୍ଚାୟତ ଦେଇ ଯାଇଥିବା ୧୧ କେଭି ପୁରୁଣା ତାର ଓ ଖୁଣ୍ଟ ପରିବର୍ତ୍ତନ କରିବାକୁ ଦାବି କରିଥିଲେ। ଏହି ଜନଶୁଣାଣି ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ବାରିକ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା ମନୋରଞ୍ଜନ ରାଉତ, ଜିଲ୍ଲା କୃଷି ଅଧିକାରୀ ଦେବଦାସ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେହେରା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ପଟ୍ଟାମୁଣ୍ଡାଇ ସହକାରୀ ଯନ୍ତ୍ରୀ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ସବଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା ନିରାକାର ପରିଡ଼ା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଦୁଇ ବିପନ୍ନ ପରିବାରକୁ ରେଡକ୍ରସ ପାଣ୍ଠିରୁ ସହାୟତା

ପଟ୍ଟାମୁଣ୍ଡାଇ, ୬।୪(ସମିସ): ଆଜି ପଟ୍ଟାମୁଣ୍ଡାଇ ବ୍ଲକରେ ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଞ୍ଚାୟତର ରତ୍ନାକର ସେଠୀଙ୍କ ଘର ନିକଟରେ ଅଗ୍ନିକାଣ୍ଡ ଯୋଗୁଁ ପୋଡି ଯାଇଥିବାରୁ ଜିଲ୍ଲାପାଳ ଆର ରଘୁରାମ ଆୟାର ଅଗ୍ନିବିପନ୍ନ ରତ୍ନାକର



ସେଠୀଙ୍କୁ ଜିଲ୍ଲା ରେଡକ୍ରସରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସେହିପରି ନିକଟରେ ବ୍ରାହ୍ମଣୀ ନଦୀରେ ବୁଡି ଯାଉଥିବା ଦୁଇ ବାଳିକାଙ୍କୁ ନିଜ ଜୀବନକୁ ବାଜି ଲଗାଇ ଉଦ୍ଧାର କରିବାକୁ ଯାଇଥିବା ଶ୍ରୀରାମପୁର ଗ୍ରାମର ପୀତବାସ ପରିଡ଼ା ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ତାଙ୍କ ବିଧବା ପତ୍ନୀ ତିଳୋତ୍ତମା ପରିଡ଼ାଙ୍କୁ ଜିଲ୍ଲାପାଳ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏ ଅବସରରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବିଡିଓ ଶୀତଲ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଡାମରପୁର ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ମାଝୀ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ଶ୍ରୀରାମପୁର ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

ଡେରାବିଶ, ୬।୪(ସମିସ): ଡେରାବିଶ ଶିକ୍ଷା ସର୍କଲ ଅଧୀନ ଚାନ୍ଦୋଳ ପଞ୍ଚାୟତ ବାଙ୍କିମୁଣ୍ଡେଇ ଆଞ୍ଚଳିକ ସାଧନକେନ୍ଦ୍ର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକ, ସମିତିସଭ୍ୟା



ମଞ୍ଜୁଲତା ମିଶ୍ର ଓ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ ଅତିଥି ଭାବେ ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ପରେ ଖଡ଼ିଛୁଆଁଇ ବିଦ୍ୟାରମ୍ଭ କରିଥିଲେ। ଏହି ସାଧନକେନ୍ଦ୍ର ଅନ୍ତର୍ଗତ ନୂଆପଡ଼ା ପ୍ରକଳ୍ପ ଉନ୍ନତି ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଓରଗଳା ପ୍ରାଥମିକ ବିଦ୍ୟାଳୟ, ବାଙ୍କିମୁଣ୍ଡେଇ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗଣେଶପୁର ପ୍ରାଥମିକ ବିଦ୍ୟାଳୟ, ଭଣଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଖରିଦାସାହି ପ୍ରାଥମିକ ବିଦ୍ୟାଳୟ ଓ ଚାନ୍ଦୋଳ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଏହି ଉତ୍ସବ ପାଳନ କରାଯାଇଥିଲା।

# ରାସ୍ତା କଡ଼ରେ ବିପଦସଙ୍କୁଳ ମଲା ଚାକୁଣ୍ଡା ଗଛ

ପଞ୍ଚୁପାଣ୍ଡବ, ୬।୪(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ଏକ କେନାଲ ବନ୍ଧ ରାସ୍ତା କଡ଼ରେ ବିପଦସଙ୍କୁଳ ମଲା ଚାକୁଣ୍ଡା ଗଛ ଥିବା ଦେଖିବାକୁ ମିଳିଛି। ଏହି ମଲା ଚାକୁଣ୍ଡା ଗଛଟି ପଟ୍ଟାମୁଣ୍ଡାଇ ୮ ନମ୍ବର କେନାଲ ବନ୍ଧ ରାଉତ ସାହି ନିକଟ ରାସ୍ତାକୁ ଲାଗି ରହିଥିବାରୁ ବାଟୋଇ ଆତଙ୍କିତ ଅବସ୍ଥାରେ ଯାତାୟାତ କରୁଥିବା ଅଞ୍ଚଳବାସୀ କହିଛନ୍ତି। ଏହି ଗଛ ବିଜୁଳି ମାରି ପ୍ରାୟ ଏକ ବର୍ଷ ହେବ ମରିଯାଇଥିବାବେଳେ ପ୍ରଶାସନିକ ଅଧିକାରୀ



ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହାର ତଦନ୍ତ କରାଯାଇ ସରକାରୀ ମଲା ଗଛକୁ ନିଲାମ କରିବା ସହ ଗଛକୁ ତୁରନ୍ତ କାଟିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏମିତିକି କେତେକ ଜାଗାରେ ପବନରେ ଗଛ ଉପୁଡ଼ି ଯାଇଥିବା ଓ କେତେକ ଜାଗାରେ ସରକାରୀ ଜମି ଚିହ୍ନଟ କରିବା ବିଳମ୍ବ ହେଉଥିବାବେଳେ ସରକାରୀ ଗଛ ନିଲାମ ହୋଇପାରୁନାହିଁ।

# ବିକେବି ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ



ଗୋବିନ୍ଦପୁର, ୬।୪(ସମିସ): ହାବଳଗଣ୍ଡପାଟଣାସ୍ଥ ବିକେବି ଉଚ୍ଚବିଦ୍ୟାଳୟରେ ୧୯୯୪ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ମଠାଧିଶ ବାବା ବିଷ୍ଣୁ ଗୋସାଇଁଙ୍କ ବିଜେସ୍ଥଳୀ ବାଞ୍ଛାପାଳ ମଠରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପୁରାତନ ଛାତ୍ରୀ ହେନାରାଣୀ ନାୟକଙ୍କ ସଂଯୋଜନା ଓ ପ୍ରଧାନଶିକ୍ଷକ ସଞ୍ଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷାବିତ ମାଧବାନନ୍ଦ ନାୟକ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ରାହାସ ବିହାରୀ ମହାନ୍ତି, ସମ୍ମାନିତ ବକ୍ତା ଭାବେ ମିହିର ବିଶ୍ୱାଳ ଓ ହୃଷିକେଶ ସାହୁ, ସମ୍ମାନିତ ଅତିଥି ଭାବେ ପଣ୍ଡିତ ଦିବାକର ଦାଶ, ଶିକ୍ଷାବିତ ପ୍ରଫୁଲ୍ଲ ସୂତାର, ରତିକାନ୍ତ ଦାସ, ଅଭିମନ୍ୟୁ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରୋଦ ପରିଡ଼ା, ଶିକ୍ଷୟିତ୍ରୀ ରାଜଶ୍ରୀ ପ୍ରିୟଦର୍ଶିନୀ ବେହେରା, ରୋଜି ଦେହେରୀ, ପ୍ରଜ୍ଞାରାଣୀ ଦାସ ପ୍ରମୁଖ ଯୋଗ ଦେଇ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ। ଛାତ୍ର ରବୀନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ତପନ ନାଥ ସ୍ୱାଗତ ଭାଷଣ ଦେଇଥିଲେ। ଜନ୍ମେଜୟ ନାୟକ, ନରୋତ୍ତମ ପଣ୍ଡା, ଦେବେନ୍ଦ୍ର ବାରିକ, ପ୍ରମୋଦ ମହାନ୍ତି, ବିଜୟ ସାହୁ, ନରୋତ୍ତମ ଖଟୁଆ, ଶଙ୍କର ନାୟକ, ସରୋଜିନୀ ନାୟକ, ବବିତା ଦାସ, ବେବିନା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଗୌତମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପୀତାମ୍ବର ରାଉତ, ଅନୁପ ପରିଡ଼ା, ଆଲୋକ ବାରିକ, ଝୁନତି ପରିଡ଼ା, ଆରତ ନାୟକ, ଅଟଳ ନାୟକ, ରଶ୍ମିତା ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍କର୍ପିଓ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଗରଦପୁର, ୬।୪(ସମିସ): କୁଦାନଗରୀ-ନରେନ୍ଦ୍ରପୁର ରାସ୍ତାରେ ସ୍କର୍ପିଓ ଧକ୍କାରେ ୬୦ ବର୍ଷୀୟ ମହିଳା କୁନି ଦାସଙ୍କ ମୃତ୍ୟୁ ଘଟିଛି। ସେ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ ଏକ ଦ୍ରୁତଗାମୀ ସ୍କର୍ପିଓ ତାଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ମେଡିକାଲକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୁର୍ଘଟଣା ପାଇଁ ଦାୟୀ ଗାଡ଼ି ଚାଳକଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଲୋକମାନେ ଦାବି କରିଥିଲେ।

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ରାଜନଗର, ୬।୪(ସମିସ): ରାଜନଗର ଥାନା ଅଞ୍ଚଳରେ ଚୋରି ଥମିବାର ନା ଧରୁନି। ପଞ୍ଚୁପଲ୍ଲୀ ଗାଁରେ ଦୁର୍ବୃତ୍ତ ସନ୍ଧ୍ୟା ସମୟରେ ଘରେ କେହି ନ ଥିବା ସୁଯୋଗ ନେଇ ୫୦ ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିଲେ। ପୁଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇ ନ ଥିବାବେଳେ ଗତକାଲି ରାତିରେ ରାଜପୁର ଗାଁରେ ଦୁର୍ବୃତ୍ତ ଗୋଟିଏ ପରିବାରର ତାଲା ଓ ଗଡ଼ରେଜ କାଟି ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ରାଜପୁର ଗାଁର ବଳରାମ ସିଂହଙ୍କ ପତ୍ନୀ ରୂପାଲୀ ସିଂହ ଅଭିଯୋଗ ମୁତାବକ, ତାଙ୍କ ସ୍ୱାମୀ ବାହାରେ ରୁହନ୍ତି। ଘର ପାଖରେ ଏକ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଗତକାଲି ରାତିରେ ଗାଁରେ ହେଉଥିବା ଯାତ୍ରା ନିକଟରେ ପାନ ଦୋକାନ ପକାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତ ଘରର ତାଲା କାଟି ପଶି ଗଡ଼ରେଜକୁ ତାଡି ଗୋଟିଏ ସୁନା ହାର, କାନ ଫୁଲ ଏକ ହଳ, ଗୋଟିଏ ମଙ୍ଗଳ ସୂତ୍ର ଗୋଟିଏ ଓ ନଗଦ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏଥିସହ ଦୋକାନ ଘରେ ପଶି ୧୫ ଶହ ଟଙ୍କା, ୫ ଲିଟର ପେଟ୍ରୋଲ ନେଇଯାଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ଆଇଆଇସି ନରେଶ ସାହୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

**ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ବେଆଇନ ଗ୍ୟାସ୍ ବିକ୍ରେତାଙ୍କ ଉପରେ ଚଢ଼ଉ**

# ବନ୍ଦ ଘରୁ ସଟର ତାଲା ଭାଙ୍ଗି ୩୯ ସିଲିଣ୍ଡର ଜବତ

ଡେରାବିଶ, ୬।୪(ସମିସ): ଡେରାବିଶ ବ୍ଲକର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳ ଚାନ୍ଦୋଳ ବଜାରର ଖରିଦାସାହି ଛକରେ ଆଜି ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବେଆଇନ ବିକ୍ରି ପାଇଁ ମହଜୁଦ ଥିବା ୩୯ଟି ଗ୍ୟାସ୍ ସିଲିଣ୍ଡରକୁ ଜବତ କରାଯାଇଛି।



ସୂଚନା ମୁତାବକ, ମଧ୍ୟପ୍ରାଚ୍ୟରେ ହେଉଥିବା ଯୁଦ୍ଧ ଯୋଗୁଁ ଏବେ ସମଗ୍ର ଦେଶରେ ରନ୍ଧନ ଗ୍ୟାସ୍ ବ୍ୟାପକ ସଙ୍କଟ ଦେଖାଦେଇଛି। ଏ ସମୟରେ କଳାବଜାରୀ ରୋକି ଗ୍ୟାସ୍ ବ୍ୟବହାରକାରୀଙ୍କୁ ସୁରୁଖୁରୁରେ ଗ୍ୟାସ୍ ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇ ଚୋରା ବେପାରୀ, ବେଆଇନ ମହଜୁଦକାରୀ ଓ ବେଆଇନ ବ୍ୟବହାରକାରୀଙ୍କ ଉପରେ ଚଢ଼ଉ ଜାରି ରହିଛି। ଆଜି କୌଣସି ସୂତ୍ରରୁ ଖବର ପାଇ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରୀତମ ଦାସ, ପ୍ରଦୀପ ଦାଶ, ଡେରାବିଶ ଯୋଗାଣ ନିରୀକ୍ଷକ ସ୍ୱରୁପ ଦାସ, ସହାୟକ ଯୋଗାଣ ଅଧିକାରୀ ପୁନମ ଜେନା, ଦେବଶ୍ରୀ ମାର୍ଥା ଓ ଚନ୍ଦନ କୁମାର ମାଣିକ ପ୍ରମୁଖ ଚାନ୍ଦୋଳ ବଜାରରେ ଚଢ଼ଉ କରିଥିଲେ। ବଜାରର ଖରିଦାସାହି ଛକରେ ଦୁଇ ବନ୍ଦ ଘରେ ବେଆଇନ ଗ୍ୟାସ୍ ସିଲିଣ୍ଡର ମହଜୁଦ ଥିବା ଖବର ପାଇ ଅପରାହ୍ନ ୨ଟାରୁ ଦୋକାନ ସମ୍ମୁଖରେ ଜଗି ରହିଥିଲେ। ହେଲେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସେଠାରେ କେହି ଦୋକାନୀ ଦୋକାନ ଖୋଲିବାକୁ ନ ଆସିବାରୁ ବାଧ ହୋଇ ଏହି ଟିମ୍ ଡେରାବିଶ ତହସିଲର ସହାୟତା ନେଇଥିଲେ। ଘଟଣାସ୍ଥଳରେ ଡେରାବିଶର ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା ମାଜିଷ୍ଟ୍ରେଟ ଉପସ୍ଥିତ ରହି ଦୁଇଟି ଦୋକାନ ସଟରରେ ପଡ଼ିଥିବା ତାଲା ଭାଙ୍ଗାଯାଇଥିଲା। ଏହି ଦୁଇଟି ଘରୁ ୩୩ଟି ଖାଲି ଘରୋଇ ଗ୍ୟାସ୍ ଟାଙ୍କି ସହିତ ୬ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଜବତ କରାଯାଇଥିଲା। ଜବତ ସିଲିଣ୍ଡରକୁ ନିକଟସ୍ଥ ଅଧିକୃତ ଗ୍ୟାସ ବିକ୍ରେତାଙ୍କ ଜିମାଦେବା ସହିତ ଦୋକାନ ଦୁଇଟିକୁ ସିଲ୍ କରାଯାଇଥିଲା।


10001/18/2627

## ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0001

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# କଟକ ସିଟି



## ବିଜେପିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ



**କଟକ, ୬।୪(ସମିସ):** ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ସୋମବାର କଟକ ସହରରେ ପାଳିତ ହୋଇଯାଇଛି। ବିଜେପି ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାରୋହରେ ଦଳର ଗୌରବମୟ ଇତିହାସ ଓ ଜନସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ଗୌରିଶଙ୍କର ପାର୍କଠାରେ ଦଳୀୟ ପତାକା ଉତ୍ତୋଳନ କରାଯିବା ସହ ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଶ୍ରୀମତୀ ପଟ୍ଟନାୟକ କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରିଥିଲେ। ବରିଷ୍ଠ ନେତା ବିନୋଦ ଦାସ ବୁଥ୍ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଘରେ ଘରେ ପହଞ୍ଚାଇବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ବରିଷ୍ଠ ନେତା ପ୍ରଦୀପ ସ୍ୱାଇଁ, ପୂର୍ବତନ ଜିଲ୍ଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ମିଶ୍ର, ଉପସଭାପତି ଦେବାଶିଷ ଘୋଷ ଏବଂ ଜିଲ୍ଲା ସଭାନେତ୍ରୀ ପ୍ରବୀଣା ମହାପାତ୍ର, ବିଜୟ ଦଳେଇଙ୍କ ସମେତ ବହୁ କର୍ପୋରେଟର ଓ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

## ରୌପ୍ୟନଗରୀରେ ଅପରାଧ ଉପରମୁହାଁ } ବଢୁଛି ଦୁଷ୍କର୍ମ, ରାହାଜାନୀ ଓ ଚୋରି

କଟକ, ୬।୪(ସମିସ)

ଦିନକୁ ଦିନ ଅଶାନ୍ତ ହେଉଛି ରୌପ୍ୟନଗରୀ। ପୂର୍ବ ଅପେକ୍ଷା ଏବେ କଟକ ସହରର ଅପରାଧ ଉପରମୁହାଁ ହେବାରେ ଲାଗିଛି। ବଢ଼ି ଚାଲିଛି ଦୁଷ୍କର୍ମ, ରାହାଜାନୀ, ଛିନ୍‌ତାଇ ଓ ଚୋରି। ଗତ୨ମାସ ଭିତରେ କଟକ ୟୁପିଡ଼ିରେ ୯୪ଟି ଠକେଇ, ୫୫ଟି ଚୋରି ଏବଂ ୯ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଛି। ଏହାକୁ ବାଦ ଦେଲେ ସହର ମଧ୍ୟରେ ମଦ୍ୟପାନ ଯୋଗୁଁ ଦୁର୍ଘଟଣା ସଂଖ୍ୟା ୧୦୦ଟପିଛି। ଗୋଟିଏ ହତ୍ୟାକାଣ୍ଡ ମାମଲା ମଧୁପାଟଣା ଥାନାରେ ପଞ୍ଜିକୃତ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁସାରେ, ଗତ ୨ବର୍ଷରେ ପ୍ରତ୍ୟେକ ଥାନାରେ ମାମଲା ସଂଖ୍ୟା ହୁ ହୁ ହୋଇ ବଢୁଛି। ପୁଲିସ ଉପରେ ଅପରାଧିଙ୍କ ଡର ପୂର୍ବଭଳି ରହୁନଥିବା ବେଳେ ନିର୍ଭୟରେ ଅପରାଧିମାନେ ପୁଣି ଆଧିପତ୍ୟ ବିସ୍ତାର କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଟକ ୟୁପିଡିରେ ଗତ ୬ ବର୍ଷ ମଧ୍ୟରେ ସମୁଦାୟ ୩୭୧ଜଣ ଦୁଷ୍କର୍ମକାରୀଙ୍କୁ ଗିରଫ କରି ପୁଲିସ ଜେଲ୍ ପଠାଇସାରିଲାଣି। ଗତ ୨୦୨୦, ୨୦୨୧, ୨୦୨୨, ୨୦୨୩, ୨୦୨୪ ଓ ୨୦୨୫ ମସିହାରେ କଟକ ୟୁପିଡି ଅଧିନରେ ହୋଇଥିବା ୯୫ପ୍ରତିଶତ ଦୁଷ୍କର୍ମ ମାମଲାର ତଦନ୍ତ ଶେଷ ହୋଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ୨୦୨୦ ମସିହାରେ କଟକ ସହରର ବିଭିନ୍ନ ଥାନାରେ ୫୩ଟି ଦୁଷ୍କର୍ମ ମାମଲା ହୋଇଥିବା ବେଳେ ସମସ୍ତ ମାମଲାର ତଦନ୍ତ ଶେଷ କରାଯାଇ ୫୧ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ୨୦୨୧ରେ ୭୮ଟି ଦୁଷ୍କର୍ମ ମାମଲାରେ ୭୯ଜଣଙ୍କୁ ଗିରଫ, ୨୦୨୨ରେ ୮୨ଟି ଦୁଷ୍କର୍ମ




ମାମଲାରେ ୭୮ଜଣଙ୍କୁ ଗିରଫ ଏବଂ ୨୦୨୩ମସିହାରେ ୯୭ଟି ଦୁଷ୍କର୍ମ ମାମଲାରେ ମୋଟ୍ ୭୬ଜଣଙ୍କୁ ଗିରଫ କରାଯାଇଛି, ୨୦୨୪ ମସିହିରେ ୫୧ଟି ଦୁଷ୍କର୍ମ ମାମଲାରେ ମୋଟ୍ ୪୮ଜଣଙ୍କୁ ଗିରଫ କରାଯାଇଥିଲା। ୨୦୨୫ ମସିହାରେ ୩୭ଟି ଦୁଷ୍କର୍ମ ମାମଲାରେ ୨୨ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପୁଲିସର ଗିରଫଦାରୀ ଓ ମାମଲା ପରିସଂଖ୍ୟାନରୁ ବସ୍ତିରେ ହେଉଥିବା ଦୁଷ୍କର୍ମ ସର୍ବାଧିକ ବୋଲି ଦର୍ଶାଯାଇଛି। କଟକ ସହରର ବସ୍ତି ଅଞ୍ଚଳରେ ୭୦% ନାବାଳିକା ଅତ୍ୟାଚାରର ଶିକାର ହେଉଛନ୍ତି। ଏଠାରେ ଶିକ୍ଷାର ଅଭାବ, ଅସାମାଜିକଙ୍କ ଆଡ୍ଡାସ୍ଥଳୀ, ପାରିବାରିକ ଅନଗ୍ରସରତା ଭଳି କାରଣକୁ ପୁଲିସ ଦର୍ଶାଉଛି। ପୁଲିସ

- **୨ମାସରେ ୯୪ଟି ଠକେଇ, ୫୫ଟି ଚୋରି, ୯ଟି ଦୁଷ୍କର୍ମ**
- **୬ ବର୍ଷରେ ସମୁଦାୟ ୩୭୧ଟି ଦୁଷ୍କର୍ମ**
- **ନିର୍ଭୟରେ ଚାଲୁଛି ଅପରାଧିଙ୍କ ରାଜ୍**

ପକ୍ଷରୁ ପରୀ, ମୁସ୍କାନ୍ ଭଳି ଡ୍ରାଇଭ୍ ଚାଲୁଥିବା ବେଳେ ଏଭଳି ସ୍ଥିତି ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ମର୍କତନଗର, ଫେଜ୍-୨, ପୁରୀଘାଟ, କ୍ୟାଣ୍ଟନମେଣ୍ଟ, ମାଲଗୋଦାମ, ମଧୁପାଟଣା, ମଙ୍ଗଳାବାଗ ଭଳି ଥାନାରେ ପୂର୍ବରୁ ନାବାଳିକା ନିର୍ଯାତନା ମାମଲା ବଢ଼ିଥିଲା। ପୁଲିସ ଏହାକୁ ଗୁରୁତର ସହିତ ବିଚାରକୁ ନେଇ ଏହି ଥାନା ଗୁଡ଼ିକରେ ନାବାଳିକା ଓ ମହିଳା ନିର୍ଯ୍ୟାତନାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗତ ୧୦ମାସ(୨୦୨୬) ମଧ୍ୟରେ ୩୪ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଛି। ଗତ ୨୦୨୪ ମସିହାରେ କେବଳ ବସ୍ତି ଅଞ୍ଚଳରୁ ୫୨ଟି ଦୁଷ୍କର୍ମ ମାମଲା ହୋଇଥିବା ବେଳେ ୬୨ଜଣଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା। ଦୁଷ୍କର୍ମ ମାମଲାରେ ତ୍ୱରିତ ତଦନ୍ତ ଶେଷ କରି ଅଭିଯୁକ୍ତଙ୍କୁ ଜେଲ୍ ପଠାଇବାରେ ଯଦିଓ କମିଶନରେଟ୍ ପୁଲିସ ସଫଳ ହେଉଛି, ତଥାପି ବସ୍ତି ଅଞ୍ଚଳର ସ୍ଥିତି ଉଦ୍‌ବେଗଜନକ ରହିଛି। ଏହା ପୁଲିସ ପାଇଁ ମଧ୍ୟ ଚିନ୍ତାଜନକ ବିଷୟ ହୋଇଛି। ମାତ୍ରାଧିକ ନିଶା କାରବାର, ଶିକ୍ଷାର ଅଭାବ ଏବଂ କୁସଂସ୍କାର ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟୁଥିବା ପୁଲିସ କହୁଛି। ଅନ୍ୟପଟେ ସହରର ମଧୁପାଟଣା, ଲାଲବାଗ, ବାଦାମବାଡ଼ି, ଦରଘାବଜାର, କ୍ୟାଣ୍ଟନମେଣ୍ଟ, ବିଡ଼ାନାସୀ, ମହିଳା ଥାନା, ମର୍କତନଗର, ଫେଜ୍-୨, ଚୌଦ୍ୱାର ଓ ଜଗତପୁର ଥାନାରେ ମହିଳା ଓ ଶିଶୁ ଡେସ୍କକୁ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଅଧିକ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସହରରେ ଆଇଶୃଙ୍ଖଳା ପରିସ୍ଥିତିରେ ସୁଧାର ଅଣାଯିବା ପାଇଁ ଶତପ୍ରତିଶତ ଚେଷ୍ଟା କରାଯାଉଛି ବୋଲି ଡିସିପି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ସିଏମ୍‌ସି ଦୁର୍ନୀତିକୁ ନେଇ ଓଡ଼ିଶା ଜନତା କଂଗ୍ରେସର ବିକ୍ଷୋଭ

**କଟକ, ୬।୪(ସମିସ):** କଟକ ମହାନଗର ନିଗମ (ସିଏମସି)ର କାର୍ଯ୍ୟଶୈଳୀ ଓ ବ୍ୟାପକ ଦୁର୍ନୀତି ବିରୋଧରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏକ ପ୍ରକାର ଯୁଦ୍ଧଂଦେହୀ ଡାକରା ଦିଆଯାଇଛି। ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନ କ୍ରମେ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ବିଶାଳ ଜନ ସଚେତନତା ରାଲି ଓ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। ନୟାସଡ଼କଠାରୁ ବାହାରି ଏହି ରାଲି ସିଏମସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଦଳୀୟ କର୍ମକର୍ତ୍ତାମାନେ ନିଗମ କର୍ତ୍ତୃପକ୍ଷଙ୍କ ବିରୋଧରେ ନାରାବାଜି କରିବା ସହ ଐତିହାସିକ ସହରକୁ ଦୁର୍ନୀତିର ଗନ୍ତାଘରରେ ପରିଣତ କରାଯାଇଥିବା ଅଭିଯୋଗ କରିଛନ୍ତି। ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲେ ମଧ୍ୟ ଘରୋଇ ସଂସ୍ଥାଗୁଡ଼ିକୁ ମୋଟା ଅଙ୍କର ଅର୍ଥ ପ୍ରଦାନ, ସତିଚଉରା ଡମ୍ପିଂ ୟାର୍ଡରେ ଆବର୍ଜନା ଓଜନ ବାବଦରେ ଜାଲିଆତି ଏବଂ ମଶା ତେଲ କିଣାରେ ସ୍ୱଚ୍ଛତା ନ ଥିବା ଭଳି ସଂଗୀନ ଅଭିଯୋଗ ଉଠାଇଛି ଦଳ। ଆୟୋଜିତ ପ୍ରତିବାଦ ସଭାରେ ଦଳୀୟ ନେତାମାନେ ବର୍ଷା ପୂର୍ବରୁ ଡ୍ରେନେଜ୍ ସଫେଇ ନ ହେବା, ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ଶିଥିଳତା ଏବଂ ବିନା ଟେଣ୍ଡରରେ ବେଆଇନ ହୋର୍ଡିଂକୁ ଅନୁମତି ଦେବା ଭଳି ଘଟଣାକୁ କଡ଼ା ସମାଲୋଚନା କରିଛନ୍ତି। ଶ୍ରୀମତୀ ବେହେରା କହିଛନ୍ତି ଯେ, କଟକବାସୀ କଷ୍ଟ ଅର୍ଜିତ ଟଙ୍କାରେ ଟିକସ ଦେଉଥିବା ବେଳେ ନିଗମ କେବଳ କିଛି ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଜନସାଧାରଣଙ୍କ ପଇସା ହରିଲୁଟ୍ କରୁଛି। ବିକ୍ଷୋଭ ପରେ କମିଶନରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବା ସହ ତୁରନ୍ତ ଏହିସବୁ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଦଳ ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମରେ ବିରେନ୍ଦ୍ର ଦାସ, ଶରତ ଚନ୍ଦ୍ର ସେଠୀ, ଅଜିତ ବେହେରା, ଲକ୍ଷ୍ମୀପ୍ରକାଶ ମହାପାତ୍ର, ନିକୁଞ୍ଜ ପସାୟତ, ଶୈଳବାଳା ଜେନା ଓ କେଦାର ପୃଷ୍ଟିଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ପ୍ରଶାସନିକ ନିଷ୍କ୍ରିୟତାକୁ ଘୋର ବିରୋଧ କରିଛନ୍ତି।

- ସତୀଚଉରା ଡମ୍ପିଂ ୟାର୍ଡରୁ ମଶା ତେଲ ପର୍ଯ୍ୟନ୍ତ ସବୁଠି ଅନିୟମିତତା ଅଭିଯୋଗ
- ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ



## ଜିଲ୍ଲାରେ ୨୨ଲକ୍ଷ କ୍ୱିଣ୍ଟାଲ ଖରିଫ ଧାନ ସଂଗ୍ରହ, ୧ହଜାର ଚାଷୀ ବଞ୍ଚିତ

**କଟକ, ୬।୪(ସମିସ):** କଟକ ଜିଲ୍ଲାରେ ଚଳିତ ଖରିଫ ୨୦୨୫-୨୬ ବର୍ଷର ଧାନ ସଂଗ୍ରହ ସମାପନ ହେବାକୁ ଯାଉଛି। ଧାନ କିଣା ପାଇଁ ପୂର୍ବରୁ ମାର୍ଚ୍ଚ ୩୧ ତାରିଖ ଶେଷ ଦିବସ ସ୍ଥିର କରାଯାଇଥିଲେ ସୁଦ୍ଧା ପରେ ସରକାର ଆଉ ୭ଦିନ ବଢ଼ାଇଥିଲେ। ଯାହା ଆସନ୍ତାକାଲି ଶେଷ ହେବ। ଗତବର୍ଷ ଠାରୁ ଏଥର ଅଧିକ ଚାଷୀ ଧାନ ବିକ୍ରି କରିଥିବା କୁହାଯାଉଥିଲେ ମଧ୍ୟ ଏଥର ଶେଷ ଆଡକୁ ଟୋକନରେ ମିଳିଥିବା ବିକ୍ରି ପରିମାଣ କମାଇ ଧାନ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ଫଳରେ ଆହୁରି ୩୦ହଜାର କ୍ୱିଣ୍ଟାଲ ଧାନ ବିକ୍ରି ହୋଇପାରି ନ ଥିବା ଅଭିଯୋଗ କରାଯାଉଛି। ଧାନ ସଂଗ୍ରହ ସରୁଥିବା ବେଳେ ଆହୁରି ଏକ ହଜାର ପଞ୍ଜିକୃତ ଚାଷୀଙ୍କ ଧାନ ଉଠିପାରି ନ ଥିବା ଜଣାପଡ଼ିଛି। ଗତ ବର୍ଷ ୬୬୫୦୬ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ, ୬୨୮୮୮ ଜଣ ଚାଷୀ ୧୯୭୧୩୯୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ। ଚଳିତ ବର୍ଷ ଚାଷୀ ପଞ୍ଜୀକରଣ ବୃଦ୍ଧି ହୋଇ ୭୨୪୫୪ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି ଓ ତନ୍ମଧ୍ୟରୁ ୭୧୩୮୪ ଜଣ ଚାଷୀ ୨୨୨୬୫୦୩ କ୍ୱିଣ୍ଟାଲ ଧାନ ୨୫୦ଟି ଧାନ ମଣ୍ଡିରେ ବିକ୍ରୟ କରିଛନ୍ତି। ସମବାୟ ବିଭାଗ ତରଫରୁ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ସମସ୍ତ ମଣ୍ଡିରେ ବିଶ୍ରାମ ସ୍ଥାନ, ପାନୀୟ ଜଳ, ଶୌଚାଳୟ ଆଦି ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ ଇସ୍ମିତା ପ୍ରିୟଦର୍ଶିନୀ ମିଶ୍ର ଜିଲ୍ଲାର ଧାନ ସଂଗ୍ରହ ପକ୍ରିୟାର ବିବରଣୀ ପ୍ରତିଦିନ ନେବା ଓ ସୁବିଧା-ଅସୁବିଧା ବୁଝିଥିଲେ। ସମସ୍ତ ମଣ୍ଡି ସିସିଟିଭି ନିରୀକ୍ଷଣରେ ରହି ଧାନ ସଂଗ୍ରହ ପକ୍ରିୟା ସମାପନ କରିଛନ୍ତି। ମଣ୍ଡି ସୁପରିଚାଳନା ଓ ତଦାରଖ କରିବା ପାଇଁ ସରକାରୀସ୍ତରରେ ମଣ୍ଡି ନୋଡାଲ ଅଫିସର, ମଣ୍ଡି ସୁପରଭାଇଜର, ଏରିଆ ଅଫିସର ଓ ତଦାରଖ ଦଳଙ୍କୁ ନିଯୁକ୍ତ କରାଯାଥିଲା।

**ଟୋକନରେ ବିକ୍ରି ପରିମାଣ କମାଇଲେ**

## ଶିକ୍ଷାବିତ୍ ଡ. ନିରଞ୍ଜନ ତ୍ରିପାଠୀଙ୍କ ପରଲୋକ



**କଟକ, ୬।୪(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ପୂର୍ବତନ ମୁଖ୍ୟ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ନିରଞ୍ଜନ ତ୍ରିପାଠୀଙ୍କର ରବିବାର ପରଲୋକ ଘଟିଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି। ଡ. ତ୍ରିପାଠୀ ନିଜର ଦୀର୍ଘ ଶିକ୍ଷକତା ଜୀବନ ମଧ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ। ବିଶେଷ କରି ଗଣିତ ଶିକ୍ଷା କ୍ଷେତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଓ ଛାତ୍ରବତ୍ସଳ ଗୁଣ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନି ପୁତ୍ର, ତିନି କନ୍ୟା, ଜାମାତା ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ଅନେକ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## କ୍ରିମିନାଲ କୋର୍ଟସ ବାର୍ ଆସୋସିଏସନ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ



କଟକ, ୬।୪(ସମିସ): ଆଜି କ୍ରିମିନାଲ କୋର୍ଟସ ବାର ଆସୋସିଏସନର ୨୦୨୬-୨୭ ମସିହା ପାଇଁ ହୋଇଥିବା କର୍ମକର୍ତ୍ତା ନିର୍ବାଚନରେ କ୍ରିମିନାଲ କୋର୍ଟସ୍ ବାର ଆସୋସିଏସନର ସଭାପତି ଭାବେ ନିର୍ବାଚିତ ହୋଇଥିବା ବାଦଲ ଚନ୍ଦ୍ର ରାୟ, ଉପ ସଭାପତି ତାପସ କୁମାର ନାୟକ, ସମ୍ପାଦକ ଗଦାଧର ସାହୁ, ଯୁଗ୍ମ ସମ୍ପାଦକ ଭାବେ ଲକ୍ଷ୍ମୀପ୍ରିୟା ସାହୁ, କୋଷାଧ୍ୟକ୍ଷ ଭାବେ ସମରେନ୍ଦ୍ର ମହାନ୍ତି, ପାଠାଗାର ସମ୍ପାଦକ ଭାବେ ସନ୍ଧ୍ୟାରାଣୀ ଦାସଙ୍କ ସହିତ ୭ଜଣ କାର୍ଯ୍ୟନିର୍ବାହୀ ସଭ୍ୟ ଭାବରେ ଶପଥ ଗ୍ରହଣ କରିଛନ୍ତି। ନିର୍ବାଚନ ଅଧିକାରୀ ଆଡ଼ଭୋକେଟ ପ୍ରଭାତ କୁମାର ବିଶ୍ୱାଳ ଶପଥପାଠ ଉତ୍ସବକୁ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ସମ୍ମାନୀତ ଅତିଥିଭାବେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ, ପରିଷଦର ସଭ୍ୟ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଆଇନଜୀବୀ ଅକ୍ଷୟ କୁମାର ପତି ଯୋଗ ଦେଇ ନବ ନିର୍ବାଚିତ କର୍ମକର୍ତା ମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଉପଦେଷ୍ଟା କମିଟିର ସଭ୍ୟ ବରିଷ୍ଠ ଆଇନଜୀବୀ ପରିକ୍ଷିତ ପଣ୍ଡା, କୈଳାଶ ଚନ୍ଦ୍ର ବରାଳ ଓ ଆଇନଜୀବୀ ଜଗବନ୍ଧୁ ରାଉତଙ୍କ ସମେତ ଆଇନଜୀବୀ ନରେନ୍ଦ୍ର କୁମାର ସାହୁ, ପ୍ରକାଶ କୁମାର ପ୍ରତାପ, ମନୋରମା ମହାନ୍ତି, ସଞ୍ଜିତ କୁମାର ଦାସଙ୍କୁ ସମ୍ମାନୀତ କରାଯାଇଥିଲା। ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ କେଶବ କୁମାର ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ମିଡ୍‌ଭର୍ସରେ ଚଢ଼ିଗଲା ବସ୍ ▸ ଚାଳକ ଗୁରୁତର; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

କଟକ, ୬।୪(ସମିସ)



ବାଦାମବାଡି ପାଲାମଣ୍ଡପ ନିକଟରେ ଏକ ଯାତ୍ରିବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ମିଡଭର୍ସ ଉପରେ ଚଢିଯାଇଥିଲା। ଏଥିଯୋଗୁଁ ମିଡଭର୍ସର ଲୁହା ବାଡ ଗୁଡିକ ଭାଙ୍ଗି ବସ ଭିତରେ ପଶିଯାଇଥିଲା। ଏଥିରେ କେହି ମୃତାହତ ହୋଇନାହାନ୍ତି। ବକ୍ସିବଜାର ଅଗ୍ନିଶମ ଟିମ ପହଞ୍ଚି ଉଦ୍ଧାରକାର୍ଯ୍ୟ କରିଥିଲା।

ପୁଲିସ ସୂଚନା ଅନୁସାରେ, ଓଏସ୍ଆରଟିସିର ଏକ ବସ ରବିବାର ରାତିରେ ରାଉରକେଲାରୁ ଯାତ୍ରୀ ନେଇ କଟକ ଆସୁଥିଲା। ବସ୍‌ରେ ପ୍ରାୟ ୩୦ ଜଣ ଯାତ୍ରୀ ଥିଲେ। ରାତି ପ୍ରାୟ ୪ଟା ୪୦ ମିନିଟରେ ବସଟି ମଧୁପାଟଣା ଛକରୁ ବାଦାମବାଡି ଛକ ଆଡକୁ ଆସୁଥିଲା ବେଳେ ପାଲାମଣ୍ଡପ ପାଖରେ ହଠାତ ଚାଳକଙ୍କ ଆଖି ଲାଗିଯାଇଥିଲା। ଫଳରେ ଚାଳକ ଜଣକ ଭାରସାମ୍ୟ ହରାଇପଡ଼ିବାରୁ ବସଟି ରାସ୍ତା ମଝିରେ ଥିବା ମିଡଭର୍ସ ଉପରେ ଚଢିଯାଇଥିଲା। ଏହି ସମୟରେ ବେଗ ସାମାନ୍ୟ ଠାରୁ ଅଧିକ ଥିବାରୁ ହଠାତ ଗାଡିକୁ ନିୟନ୍ତ୍ରଣ କରାଯାଇପାରିନଥିଲା। ଫଳରେ ବସଟି ମିଡଭର୍ସ ଉପରେ ଲାଗିଥିବା ଲୁହା ବାଡା ବା ବ୍ୟାରିକେଡକୁ ଧକ୍କା ଦେଇ ପ୍ରାୟ ୨୦ ଫୁଟ ପର୍ଯ୍ୟନ୍ତ ମାଡ଼ି ଯାଇଥିଲା। ପାଖରେ ଥିବା ଷ୍ଟ୍ରିଟ୍ ଲାଇଟ୍‌ଟି ଭାଙ୍ଗିଯାଇଥିଲା। ଏହା ଭିତରେ ଲୁହା ବ୍ୟାରିକେଡ ଗୁଡିକ ବସର ସମ୍ମୁଖ କାଚ ଭାଙ୍ଗି ଭିତରକୁ ପଶିଯାଇଥିଲା। ଫଳରେ ବସ ଭିତରେ ଚାଳକ ଜଣକ ଫଶିରହିଥିଲେ। ଖବର ପାଇ ବାଦାମବାଡି ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। କିଛି ସମୟ ଭିତରେ ବକ୍ସିବଜାର ଦମକଳ କେନ୍ଦ୍ରରୁ ଅଗ୍ନିଶମ ଟିମ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ସ୍ୱତନ୍ତ୍ର କଟର ମେସିନ ସାହାଯ୍ୟରେ ଲୁହା ବ୍ୟାରିକେଡ ଗୁଡିକୁ ଗୋଟି ଗୋଟି କରି କଟାଯିବା ପରେ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାପରେ ଗାଡି ଗନ୍ତବ୍ୟସ୍ଥଳ ଅଭିମୁଖେ ପୁଣି ଗଡ଼ିଥିଲା। ଦୁର୍ଘଟଣାରେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ବେଳେ ଚାଳକ ଜଣକ ଗୁରୁତର ହୋଇଥିବା ସୂଚନା ମିଳିଛି। ଏନେଇ ସୋମବାର ସନ୍ଧ୍ୟା ସୁଦ୍ଧା କୌଣସି ଅଭିଯୋଗ ହୋଇନଥିବା ବାଦାମବାଡି ଥାନା ଅଧିକାରୀ ଅଜୟ କୁମାର ରାଉଳ ସୂଚନା ଦେଇଛନ୍ତି।


10001/18/2627

**ଅଂଶୁଘାତ ସତର୍କତା**

**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ



OIPR-10001/10003/2/26-27/0001

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

## ୩ ସଡ଼କ ଦୁର୍ଘଟଣାରେ ୪ ମୃତ

# ଢାବା ଭିତରକୁ ପଶିଗଲା କାର୍; ୨ ମୃତ

**ରାଉରକେଲା, ୬।୪(ସମିସ)**



ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାନାକିଠାରେ ୧୪୩ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏକ ଢ଼ାବା ଭିତରେ ଗତକାଲି ବିଳମ୍ବିତ ରାତି ଏକ ଦ୍ରୁତଗାମୀ କାର ନିୟନ୍ତ୍ରଣ ହରାଇ ପଶିଯିବାରୁ ଘଟଣା ସ୍ଥଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ଦୁଇ ଜଣ ହେଲେ କୁନାଲ ନାୟକ ଓ ମୋହିତ ମହାନ୍ତ। କୁନାଲ ନାୟକଙ୍କ ଘର ରାଉରକେଲା ଛେଣ୍ଡ କଳିଙ୍ଗ ନଗର ଅଞ୍ଚଳରେ ହୋଇଥିବା ବେଳେ ମୋହିତ ମହାନ୍ତଙ୍କ ଘର ରଘୁନାଥପାଲି ଥାନା ତରକେରା ଅଞ୍ଚଳରେ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ରବିବାର ବିଳମ୍ବିତ ରାତିରେ ଉକ୍ତ କାରଟି କୁଆଁରମୁଣ୍ଡାରୁ ରାଉରକେଲା ଯାଉଥିବା ବେଳେ ୧୪୩ ନଂ ଜାତୀୟ ରାଜପଥ କଡରେ ଯମୁନାନାକିଠାରେ ଥିବା ସୋନୁ ଢ଼ାବା ଭିତରେ ନିୟନ୍ତ୍ରଣ ହରାଇ ପଶି ଯାଇଥିଲା। ଖବର ପାଇ କୁଆଁରମୁଣ୍ଡା ପାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ତିନି ଜଣ ବ୍ୟକ୍ତିଙ୍କୁ କାରରୁ ବାହାର କରିଥିଲେ। ଦୁର୍ଘଟଣାରେ କୁନାଲ ଓ ମୋହିତଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସମୀର ଗୋପଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ଡାକ୍ତରଖାନାକୁ ପଠାଯାଇଥିଲା।

# ହାଇୱା ଧକ୍କାରେ ମହିଳା ମୃତ

## କ୍ଷତିପୂରଣ ଦାବିରେ ଥାନା ଘେରଉ



**ରାଉରକେଲା, ୬।୪(ସମିସ):** ଉଦିତନଗର ଥାନା ଡିଏଭି ଛକଠାରେ ହାଇୱା ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଏହାପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଉତ୍ତେ୍ୟକ୍ତ ଲୋକମାନେ ଉଦିତନଗର ଥାନାକୁ ଘେରଉ କରିଥିଲେ। ସୂଚନା ମୁତାବକ, ସୋମବାର ସକାଳେ ସେକ୍ଟର -୬ ଜାମଟୋଲି ବସ୍ତିର ପୂଜା ନାଏକ (୨୩) ସାଇକଲ ଯୋଗେ କାମକୁ ଯାଉଥିଲେ। ଉକ୍ତ ଛକଠାରେ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ଗାଡ଼ି ଓ ଚାଳକକୁ ଲୋକେ କାବୁ କରି ପୁଲିସ ଜିମା ଦେଇଥିଲେ। ଘଟଣାକୁ ନେଇ ଉକ୍ତ ବସ୍ତିର ବାସିନ୍ଦା ଓ ପରିବାର ଥାନାରେ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ଘଣ୍ଟା ଘଣ୍ଟା ଧରି ଥାନା ଘେରଉ କରିଥିଲେ। ପୁଲିସ ବୁଝାସୁଝା କରିବା ସତ୍ତ୍ୱେ ଉତ୍ତେଜନା ଲାଗି ରହିଥିଲା। ଖବର ଲେଖା ହେବା ଯାଏଁ କୌଣସି ସମାଧାନ ହୋଇନଥିବା ଜଣାପଡ଼ିଛି। ମୃତିକାଙ୍କ ୭ ବର୍ଷର ଝିଅ ଓ ୫ ବର୍ଷର ପୁଅ ଥିବା ସୂଚନା ମିଳିଛି।

## କଲଭର୍ଟକୁ ଧକ୍କା ଦେଲା ବାଇକ୍; ଜଣେ ମୃତ, ୩ ଗୁରୁତର

**ବଣାଇଁ, ୬।୪(ସମିସ):** ଟିକାୟତପାଲି ଥାନା ଅନ୍ତର୍ଗତ ବକୁଲିଡ଼ିହି ନିକଟରେ ସୋମବାର ସକାଳେ ଏକ ବାଇକ ଭାରସାମ୍ୟ ହରାଇ କଲଭର୍ଟକୁ ଧକ୍କା ଦେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ମଙ୍ଗଳ ମୁଣ୍ଡା (୨୫) ହୋଇଥିବା ବେଳେ ଆହତ ୩ ଜଣ ହେଲେ ଜଗନ୍ନାଥ ମୁଣ୍ଡା (୨୬), ମନୋଜ ମୁଣ୍ଡା (୨୮) ଓ ସୁକାନ୍ତି ମୁଣ୍ଡା (୨୪)। ସମସ୍ତେ ସାନ ଭାଲୁପାଣି ଗ୍ରାମର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଓଡି ୧୪ ଏଡି ୧୩୫୩ ନମ୍ବରର ବାଇକରେ ଜଗନ୍ନାଥ ମୁଣ୍ଡା ଓ ମଙ୍ଗଳ ମୁଣ୍ଡା କୌଣସି କାମରେ ଟିକାୟତପାଲି ଥାନାକୁ ଯାଇ ଫେରୁଥିଲେ। ପରେ ଟୁଣିଆପାଲି ଛକରୁ ସେମାନେ ସମ୍ପର୍କୀୟ ମନୋଜ ମୁଣ୍ଡା ଓ ସୁକାନ୍ତି ମୁଣ୍ଡାଙ୍କୁ ସାଙ୍ଗରେ ନେଇ ଗ୍ରାମକୁ ଫେରୁଥିବା ସମୟରେ ବକୁଲିଡ଼ିହି ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି କଲଭର୍ଟକୁ ଧକ୍କା ଦେଇଥିଲା। ଏଥିରେ ମଙ୍ଗଳ ମୁଣ୍ଡାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ଥିବାରୁ ତିନି ଜଣଙ୍କୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ରଖିଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**ରାଉରକେଲା, ୬।୪(ସମିସ):** ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶରେ ଓଡ଼ିଆ ପକ୍ଷ ଅବସରରେ ଆଜି ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ବେଉରାଙ୍କ ମାର୍ଗଦର୍ଶନ ଏବଂ ୱାଇଆରସି, ଏନଏସଏସ ଓ ଏନସିସି ସହାୟତାରେ ଅନୁଷ୍ଠିତ ଏହି ଶିବିରରେ ଅତିଥିଭାବେ ତବସ୍ସୁମ ବାନୋ ଯୋଗ ଦେଇଥିଲେ। ୱାଇଆରସି ସଂଯୋଜକ ପ୍ରତାପ ବାଗଙ୍କ ସହିତ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ସସ୍ମିତା ଦାଣ୍ଡସେନା, ହେମକାନ୍ତି ମେହେର ଏବଂ ଏନସିସି ଅଧିକାରୀ ସୁଶ୍ମିତା ଟୋପ୍ପୋ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୁନ୍ଦରଗଡ଼ ସରକାରୀ ହସ୍ପିଟାଲର ଚିକିତ୍ସକ ଦଳ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଥାନା ଅଧିକାରୀଙ୍କୁ ଟ୍ରକ୍‌ମାଲିକ ସଂଘର ସମ୍ବର୍ଦ୍ଧନା

**କୁତ୍ରା, ୬।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାସଙ୍କୁ ୧୯ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସରେ ସର୍ବଶ୍ରେଷ୍ଠ ଥାନା ଅଧିକାରୀ ଭାବେ 'ବ୍ରଜ ବିହାରୀ ମିଶ୍ର ମେମୋରିଆଲ ଟ୍ରଫି' ପ୍ରଦାନ କରାଯାଇଥିବାରୁ ସମଗ୍ର ସହରରେ ଖୁସିର ଲହରୀ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଥାନା ଅଧିକାରୀ ବିଜୟ କିଶୋର ଦାସଙ୍କୁ ରାଜଗାଙ୍ଗପୁର ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରକ୍‌ମାଲିକ ସଂଘର ସଭ୍ୟ ଏମ୍‌ଡି ନାସିର, ତନବୀର ଆଲାମ, ଏମ୍‌ଡି ହନିଫ, ଅଜୟ ଠାକୁର, ଚନ୍ଦନ ସିଂ ପ୍ରମୁଖ ଉପସ୍ଥିତ ରହି ଥାନା ଅଧିକାରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଏବଂ ଅଭିନନ୍ଦନ ଜ୍ଞାପନ କରିଥିଲେ।



## ଜନତା ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ

**ବଣାଇଁ, ୬।୪(ସମିସ):** ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଶନିବାର ବଣାଇଁ ବ୍ଲକ ଅନ୍ତର୍ଗତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ରୁଗୁଡ଼ାର ପ୍ରଧାନ ଶିକ୍ଷକ ମୁରଲୀଧର ବାଙ୍କଙ୍କ ଅଧ୍ୟକ୍ଷତାରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ପାଳିତ ହୋଇଛି। ଏହି ପ୍ରବେଶ ଉତ୍ସବରେ ଅବସରପ୍ରାପ୍ତ ବିଇଓ ଝସ କେତନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୱାର୍ଡ ମେମ୍ବର ସଞ୍ଜୀବ ସାହୁ ଓ ଶିକ୍ଷା କମିଟି ସଭାପତି ରାଜକିଶୋର ବିଶ୍ୱାଳ ଓ ଅନ୍ୟ ସମସ୍ତ ସଦସ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମିଳିତ ଭାବେ ନୂତନ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଫୁଲ ଚନ୍ଦନ ଓ ଅରୁଆ ଚାଉଳ ଦେଇ ସ୍ୱାଗତ କରିଥିଲେ। ପରେ ସମସ୍ତଙ୍କ ଶିଶୁଙ୍କ ଖଡ଼ି ଛୁଆଁଇଥିଲେ। ସମସ୍ତ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ଲେଟ୍, ଖଡ଼ି ଓ ମ୍ରିନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ତନୁଜ କୁମାର ପ୍ରଧାନ, ରୂପକ ରାଜହଂସ, ଲିଙ୍ଗରାଜ ପାତ୍ର, ସୀମା ପ୍ରଧାନ, ମାମିନି ସାହୁ, ରାଜଶ୍ରୀ ପ୍ରଧାନ, ଦ୍ରୌପଦୀ ସାହୁ, ଦମୟନ୍ତୀ କୈବର୍ତ୍ତ, ଅଜୟ ସ୍ୱାଇଁ, ବସନ୍ତ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟ ତରଫରୁ ରଙ୍ଗର ଦୁନିଆଁ, ଗପ ପସରା ଯାଦୁ ପେଡ଼ି, କ୍ରୀଡ଼ା ସାମଗ୍ରୀ ଇତ୍ୟାଦି ଛାତ୍ରଛାତ୍ରୀଙ୍କୁ ପ୍ରଦର୍ଶନ କରାଯାଇଥିଲା। ହିନ୍ଦୀ ଶିକ୍ଷକ ମୁକେଶ ମାଝୀଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଶିକ୍ଷାଧର୍ମୀ ନାଟକ 'ମୋ ସ୍ୱପ୍ନର ବିଦ୍ୟାଳୟ' ପରିବେଷଣ କରାଯାଇଥିଲା। ସଂସ୍କୃତ ଶିକ୍ଷକ ମୁରଲୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଜିଏଚ୍‌ରେ ନବଜାତକର ଜଟିଳ ଅସ୍ତ୍ରୋପଚାର



**ରାଉରକେଲା, ୬।୪(ସମିସ):** ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍)ର ଡାକ୍ତରୀ ଦଳ ମାତ୍ର ଦୁଇଦିନ ପୂର୍ବେ ଜନ୍ମିତ ୨.୫ କିଗ୍ରା ଓଜନର ଏକ ନବଜାତ ଶିଶୁର ଜୀବନ ରକ୍ଷାକାରୀ ପ୍ରଥମ ଥର ପାଇଁ ଅସ୍ତ୍ରୋପଚାରକୁ ସଫଳ କରିଛନ୍ତି। ସୁଚିତ୍ରା ସିନ୍ହିଆଙ୍କ ଏହି ଶିଶୁ ଆଇଜିଏଚରେ ସିଜରିଆନ୍ ସେକ୍ସନ୍‌ରେ ଦୁଇଟି ଗୁରୁତର ଜନ୍ମଗତ ଅସ୍ୱାଭାବିକତା - ହାଇଡ୍ରୋସେଫାଲସ୍ ଏବଂ ମେନିଙ୍ଗୋମାଇଲୋସିଲ୍ ନେଇ ଜନ୍ମ ନେଇଥିଲା। ଜନ୍ମ ସମୟରେ କମ୍ ଓଜନ, ଅସ୍ୱାଭାବିକ ମୁଣ୍ଡ ଗଠନ ଏବଂ ପିଠି ପୃଷ୍ଠରେ ଏକ ଜନ୍ମଗତ କ୍ଷତ ଯୋଗୁଁ ଶିଶୁଟିର ଆଶୁ ଚିକିତ୍ସା ଆବଶ୍ୟକତା ଥିଲା। ନବଜାତ ଶିଶୁକୁ ତୁରନ୍ତ ଆଇସିୟୁକୁ ସ୍ଥାନାନ୍ତର କରାଯିବା ସହ ସିଏମଓ ଇନ୍‌ଚାର୍ଜ ଡା. ଜୟନ୍ତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଶିଶୁରୋଗ ବିଭାଗର ଅତିରିକ୍ତ ସିଏମ୍‌ଓ ଡା. ଅର୍ଚ୍ଚନା ବେହେରାଙ୍କ ସହିତ ଏକ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଶିଶୁର ଗୁରୁତର ଅବସ୍ଥାକୁ ଦୃଷ୍ଟିରେ ରଖି ପିତାମାତାଙ୍କ ସମ୍ମତି ସହିତ ତୁରନ୍ତ ଏକ ଅସ୍ତ୍ରୋପଚାର କରାଯାଇଥିଲା। ଶିଶୁଟିର ପର୍ଯ୍ୟାପ୍ତ ଓଜନ ଏବଂ ଶକ୍ତି ବୃଦ୍ଧି କରିବା ନିମନ୍ତେ ମେନିଙ୍ଗୋମାଏଲୋସିଲର ଅସ୍ତ୍ରୋପଚାର କରାଯାଇଥିଲା। ଏହି ଅସ୍ତ୍ରୋପଚାରକୁ ସ୍ନାୟୁରୋଗ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓ ସଫଳତାର ସହ ସମ୍ପାଦିତ କରିଥିବା ବେଳେ ଅତିରିକ୍ତ ସିଏମ୍‌ଓ (ନିଶ୍ଚେତକ) ଡା. ସଞ୍ଜୁକ୍ତା ପାଣିଗ୍ରାହୀ ଆନାସ୍ଥେସିଆ ସହାୟତା ପ୍ରଦାନ କରିଥିଲେ। ଅସ୍ତ୍ରୋପଚାର ପରେ ଶିଶୁଟି ସୁସ୍ଥ ହେବାର ଉତ୍ସାହଜନକ ଲକ୍ଷଣ ଦେଖା ଦେଇଥିବା ବେଳେ ମୁଣ୍ଡର ଆକାର ମଧ୍ୟ ସ୍ୱାଭାବିକ ହେବାକୁ ଲାଗିଥିଲା। ଆଇଜିଏଚର ଏହି ସଫଳତା ଉନ୍ନତ ସ୍ୱାସ୍ଥ୍ୟସେବା କ୍ଷମତା ଏବଂ ଅଭିଜ୍ଞ ତଥା ଉତ୍ସର୍ଗୀକୃତ ଡାକ୍ତରୀ ଦଳଙ୍କ ସମର୍ପଣ ଯୋଗୁଁ ସମ୍ଭବପର ହୋଇପାରିଛି। ଏହା ଆଇଜିଏଚର ରାଉରକେଲା ଏବଂ ପାର୍ଶ୍ୱାଞ୍ଚଳ ବାସିନ୍ଦାଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି।

## ଘର ଝରକା ଭାଙ୍ଗି ଗହଣା ଲୁଟ୍

**ରାଉରକେଲା, ୬।୩(ସମିସ):** ବନ୍ଦ ଘରର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ସୁନାଗହଣା ଲୁଟି ଫେରାର ହୋଇଯାଇଥିବା ଛେଣ୍ଡ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, କଳିଙ୍ଗ ବିହାର ଏସ୍‌ଆଇଏଚ୍୨/୪ରେ ରହୁଥିବା ଭାସ୍କର ଶର୍ମା ମାର୍ଚ୍ଚ ୧ ରୁ ପରିବାର ସହ କଲିକତା ଯାଇଥିଲେ। ସୋମବାର ଫେରିବା ପରେ ଘରେ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନେ ଆଲମାରି ଭାଙ୍ଗି ସୁନା ଚେନ୍, ସୁନା ଲକେଟ୍, ୪ଟି ସୁନା କାନ ଫୁଲ, ୫୯ଟି ରୁପା ମୁଦ୍ରା, ସୁନା ମୁଦି, ନାକ ଫୁଲ, ୩ଟି ରୁପା ପାଉଁଜି, ୩ଟି ରୁପା ଗୋଡ ମୁଦି, ରୁପା ମୁଦି, ସୁନା ଥାଳି, ୩ଟି ରୂପା ଚୁଡ଼ି, ୧୬ଟି ରୂପା ଲୋଟା ଚୋରି କରି ନେଇଥିବା ଏତଲାରେ ଦର୍ଶାଇଛନ୍ତି।

# ଟାଙ୍ଗରପାଲିରେ ଅଭିଯୋଗ ଶୁଣାଣି



**ରାଉରକେଲା, ୬।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ କୌର ଏବଂ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ ଉପସ୍ଥିତ ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୭୦ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହିସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୪ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଏସ୍‌ଡିପିଓ ନିର୍ମଳ ମହାପାତ୍ର ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସେଲ୍‌ର ସ୍ୱତନ୍ତ୍ର ଗ୍ରେଡ୍ ଷ୍ଟିଲ୍ ପ୍ରସ୍ତୁତ 'ଆଇଏନ୍‌ଏସ୍ ତାରାଗିରି'ର ଜଳାବତରଣ




**ରାଉରକେଲା, ୬।୪(ସମିସ)**

ଇସ୍ପାତ ମନ୍ତ୍ରଣାଳୟ ଅଧୀନସ୍ଥ ଦେଶର ସର୍ବବୃହତ୍ତ ଇସ୍ପାତ ଉତ୍ପାଦନକାରୀ ମହାରତ୍ନ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ (ସେଲ୍) ଏପ୍ରିଲ ୩ ତାରିଖରେ ନୀଳଗିରି (ପ୍ରୋଜେକ୍ଟ ୧୭ଏ) ଷ୍ଟେଲଥ୍ ଫ୍ରିଗେଟ୍ସର ଚତୁର୍ଥ ଜାହାଜ 'ଆଇଏନଏସ୍ ତାରାଗିରି'କୁ ଭାରତୀୟ ନୌସେନାରେ ସାମିଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେଲ୍‌ଫ ଦ୍ୱାରା ଯୋଗାଇ ଦିଆଯାଇଥିବା ପ୍ରାୟ ୪, ୦୦୦ ଟନ୍ ସ୍ୱତନ୍ତ୍ର ଗ୍ରେଡ୍ ଷ୍ଟିଲ୍ ପ୍ଲେଟ୍‌ର ସମ୍ପୂର୍ଣ୍ଣ ବ୍ୟବହାରରେ ନିର୍ମିତ ଏହି ଯୁଦ୍ଧଜାହାଜ ମାଜାଗାଁ ଡକ୍ ସିପ୍ ବିଲ୍ଡର୍ସ ଲିମିଟେଡ୍ ଦ୍ୱାରା ପ୍ରସ୍ତୁତ ହୋଇଛି। ଏହି ସ୍ୱତନ୍ତ୍ର ଇସ୍ପାତ ସେଲ୍‌ଫ ନିଜର ଉନ୍ନତ ଧାତୁ ନିର୍ମାଣ କ୍ଷମତା ଏବଂ ଉଚ୍ଚ ଗୁଣବତ୍ତା ମାନଦଣ୍ଡ ପ୍ରଦର୍ଶନରେ ବୋକାରୋ, ଭିଲାଇ ଏବଂ ରାଉରକେଲା ଭଳି ବିଭିନ୍ନ ସମନ୍ୱିତ ଇସ୍ପାତ କାରଖାନାରେ ଉତ୍ପାଦନ କରିଛି। ସେଲ୍‌ଫ ଭାରତର ପ୍ରତିରକ୍ଷାକୁ ସ୍ୱଦେଶୀକରଣ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବା ସହିତ ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆର ପ୍ରମୁଖ ପଦକ୍ଷେପଗୁଡ଼ିକରେ ଅଗ୍ରଣୀ ରହି ଆସିଛି। କମ୍ପାନୀ ପୂର୍ବରୁ ନୌସେନାର ସ୍ୱଦେଶୀ ବିମାନ ବାହକ ଯୁଦ୍ଧ ଜାହାଜ ଆଇଏନଏସ ବିକ୍ରାନ୍ତ ଏବଂ ପ୍ରୋଜେକ୍ଟ ୧୭ଏ ଶ୍ରେଣୀର ପ୍ରଥମ ତିନୋଟି ଜାହାଜ- ଆଇଏନଏସ ନୀଳଗିରି, ଆଇଏନଏସ ହିମଗିରି ଏବଂ ଆଇଏନଏସ ଉଦୟଗିରି ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନୌଭେଳା ନିମନ୍ତେ ସ୍ୱତନ୍ତ୍ର ଇସ୍ପାତ ଯୋଗାଣ କରିଛି। ସୂଚନାଯୋଗ୍ୟ ଆଇଏନଏସ ତାରାଗିରିର ଏହି ସଫଳ ପ୍ରବେଶ ପ୍ରତିରକ୍ଷା ଉତ୍ପାଦନରେ ଭାରତର ଆତ୍ମନିର୍ଭରଶୀଳତା ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ହେବା ସହ ଦେଶର ସାମୁଦ୍ରିକ ସମର କ୍ଷମତାକୁ ସୁଦୃଢ଼ କରୁଛି।

10001/18/2627

ଅଂଶୁଘାତ ସତର୍କତା



**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0001

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ବଂଶଧାରା ଉପରମୁଣ୍ଡରେ ପ୍ରକଳ୍ପ ପାଇଁ ଜୋର ଧରିଲା ଦାବି



ଗୁଣୁପୁର,୬।୪ (ସମିସ ): ରାୟଗଡ଼ା ଜିଲ୍ଲାର ପ୍ରମୁଖ ଚିରସ୍ରୋତା ନଦୀ ବଂଶଧାରା ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ପାଇଁ ଦାବି ଜୋର ଧରିଛି। ଏହି ନଦୀ ଦୀର୍ଘଦିନ ଧରି ଅଞ୍ଚଳର ଜଳସମ୍ପଦର ମୂଳ ଆଧାର ହୋଇଥିବା ସତ୍ତ୍ୱେ ଏହାର ସଠିକ୍ ବ୍ୟବହାର ହୋଇପାରୁନଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବଂଶଧାରା ନଦୀ ଉତ୍ପତ୍ତି ସ୍ଥଳରୁ ପ୍ରାୟ ୧୫୪ କିଲୋମିଟର ପର୍ଯ୍ୟନ୍ତ ପ୍ରବାହିତ ହୋଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମାଧ୍ୟମରେ ଗତି କରୁଛି। ଏଥିରୁ ପ୍ରାୟ ୧୨୫ କିମି ଓଡିଶା ଭିତରେ ଓ ଶେଷ ଅଂଶ ଆନ୍ଧ୍ର ପ୍ରଦେଶ ସହ ସୀମା ଅଞ୍ଚଳ ଦେଇ ପ୍ରବାହିତ ହୋଇ କଙ୍ଗୋପସାଗରରେ ମିଶିଯାଉଛି। ଏପରି ସ୍ଥିତିରେ ଆନ୍ଧ୍ର ପ୍ରଦେଶ ସରକାର ପକ୍ଷରୁ ବଂଶଧାରା ନଦୀ ଉପରେ ଗୋଟିଏ ପରେ ଗୋଟିଏ ପ୍ରକଳ୍ପ କାର୍ଯ୍ୟକରିତ ହୋଇଥିବା ବେଳେ ଓଡିଶା ପକ୍ଷରୁ ଏପର୍ଯ୍ୟନ୍ତ ଉପରମୁଣ୍ଡରେ କୌଣସି ପ୍ରକଳ୍ପ ନିଷ୍ପାଦନ ହୋଇନଥିବାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲିପଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମିତି ପକ୍ଷରୁ ଶୀଘ୍ର ଏହି ନଦୀର ଉପରମୁଣ୍ଡରେ ପ୍ରକଳ୍ପ ଗଠନ କରି ଅଞ୍ଚଳର ସିଚାଇ ଓ ପାନୀୟଜଳ ସମସ୍ୟା ସମାଧାନ କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ଓକିଲ ଉମାଚରଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, ରମେଶ ଲିମା, ପ୍ରମୋଦ ସାହୁ, ଅକ୍ଷୟ ଦାସ ଓ ଉମା ପ୍ରସାଦ ଦାସ ସହିତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# କୂଅକୁ ଡେଇଁ ଶିକ୍ଷକଙ୍କ ଆତ୍ମହତ୍ୟା



- ମୃତ୍ୟୁ ପୂର୍ବରୁ ପୁଅକୁ ଦେଇଥିଲେ ମୋବାଇଲ୍ ମେସେଜ୍
- କାରଣ ଅସ୍ପଷ୍ଟ, ପୁଲିସ ତଦନ୍ତ ଜାରି

ଗୁଣୁପୁର,୬।୪(ସମିସ): ପୁଅକୁ ମେସେଜ କରି କୂଅ ମଧ୍ୟକୁ ଡେଇଁ ପଡିଲେ ଶିକ୍ଷକ। ଏଭଳ ହୃଦୟ ବିଦାରକ ଘଟଣା ଘଟିଛି ରାୟଗଡା ଜିଲ୍ଲା ଗୁଣୁପୁର ସହରର ଶିବଶକ୍ତି ନଗର ଲେନ୍-୨ ଅଞ୍ଚଳରେ। ପୁଅ ଅତୁଲ ସେନାପତି ବାପାଙ୍କୁ ଖୋଜାଖୋଜି କରିଥିଲେ। ସାହିରେ ଥିବା ଜନୈକ ବ୍ୟକ୍ତିଙ୍କ କୂଅ ପାଖରେ ଚପଲ ଦେଖିଥିଲେ। କୂଅ ଭିତରେ ପଡିଥିବା ଦେଖି ପାଟି କରିଥିଲେ। ସ୍ଥାନୀୟ ଲୋକେ ଗୁଣୁପୁର ଦମକଳବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀର ହାବିଲଦାର୍ ପବିତ୍ର ସିଂ ଓ ବିକ୍ରମ ପାତ୍ର, ରବିନ୍ଦ୍ର ପ୍ରଧାନ ଅକ୍ଷୟ ମହାପାତ୍ର, ରଞ୍ଜିତ କର ପ୍ରମୁଖ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରିୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ସେଠାରେ ଡାକ୍ତର ଶିକ୍ଷକଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶିକ୍ଷକ ଜଣକ ହେଲେ କୃଷ୍ଣ ସେନାପତି (୫୩)। ସେ ଗୁଡାରି ବ୍ଲକ୍ ଡିମିରିଗୁଡା ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ ଆସି ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ।। କିଛି ମାସ ତଳେ ତାଙ୍କ ଶରୀରର ଅସୁସ୍ଥତା ହେତୁ ସେ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଘଟଣାସ୍ଥଳରେ ଗୁଣୁପୁର ପୁଲିସ୍ ପହଞ୍ଚି ଶବକୁ ଜବତ କରବା ସହ ଅପମୃତ୍ୟୁ ମାମାଲା ରୁଜୁ କରି ତଦନ୍ତ କରୁଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ପୁଲିସ ଅନୁମାନ କରୁଛି। ଶିକ୍ଷକଙ୍କ ଶବ୍‌ ବ୍ୟବଛେଦ ପରେ ପୁଲିସ ପରିବାର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି।

ସୂଚନା ମୁତାବକ କିଛିମାସ ଧରି କୃଷ୍ଣ ସେନାପତି ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ରୋଗାକ୍ରାନ୍ତ ହୋଇ ମାନସିକ ଚାପ ଭିତରେ ରହୁଥିଲେ। ତାଙ୍କ ପତ୍ନୀ ଗୌରୀ ତୁଳ ରାମନାଗୁଡ଼ାର ଡାଙ୍ଗୁବାଡିର ଶିକ୍ଷକ। ସେ ଶିକ୍ଷାଦାନ ନିମନ୍ତେ ବିଦ୍ୟାଳୟକୁ ଯାଇଥିଲେ। ପୁଅ ଅତୁଲଙ୍କ ସହ ବାହାରେ ବୁଲାବୁଲି କରିବା ପରେ ସାହିରେ ଥିବା ଏକ ଜଳଖିଆ ହୋଟେଲ ନିକଟରେ କିଛି ସମୟ ବସିଥିଲେ। ପୁଅକୁ ଘରକୁ ଯିବାକୁ କହିଥିଲେ। ପୁଅ ଘରକୁ ଯିବା ମାତ୍ରେ କିଛି ସମୟ ମଧ୍ୟରେ ହୋଟେଲ ନିକଟରେ ଥିବା କୂଅ ମଧ୍ୟକୁ ଡେଇଁ ପଡିଥିଲେ। ଡେଇଁବା ପୂର୍ବରୁ ପୁଅର ହ୍ୱାଟସ୍ ଆପ୍‌କୁ ଭଏସ୍ ମେସେଜ୍ କରି କହିଥିଲେ। ଶିକ୍ଷକଙ୍କ ଗୋଟିଏ ପୁଅ ଗୋଟିଏ ଝିଅ ରହିଥିବା ଜଣାପଡିଛି। ଝିଅ ଡାକ୍ତରୀ ପାଠପଢିବା ପାଇଁ ବାହାରେ ରହୁଛନ୍ତି। ସେ କେବଳ ଜଣେ ଆଦର୍ଶ ଶିକ୍ଷକ ନଥିଲେ, ସେ ଗୁଣପୁରର ଭାଷା ସାହିତ୍ୟ ସଂସ୍କୃତି ଓ ପରମ୍ପରାକୁ ଭାଇଚାରା ଭାବରେ ଉଜ୍ଜୀବିତ ରଖିବାକୁ ଚେଷ୍ଟା କରିବା ସହ ଅନ୍ୟକୁ ପ୍ରେରଣା ଦେଉଥିଲେ। ସେ ଥିଲେ ମଧ ଜଣେ ଦକ୍ଷ କ୍ରୀଡ଼ାବିତ୍। ଉଦ୍‌ଘୋଷକ, ଭାଷା ସଂଯୋଜକ, ଶିକ୍ଷାବିତ୍, ଶିକ୍ଷା ସଂସ୍କାରକ ଓ ଜଣେ ଦକ୍ଷ ସଂଗଠକ। ତାଙ୍କ ବିୟୋଗରେ ଗୁଣପୁର ସହରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଆର୍ଯ୍ୟନ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ




ପଦ୍ମପୁର,୬।୪(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ସ୍ଥିତ ଆର୍ଯ୍ୟନ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ସିନେ ଜଗତର ବିଶିଷ୍ଟ ହାସ୍ୟ ଅଭିନେତା ହରିହର ମହାପାତ୍ର , ଗୁଣପୁର ଡେପୁଟୀ କଲେକ୍ଟର ଶୁଭ୍ରସ୍ନାତ ରାଉତ, ଡାକ୍ତର ଚନ୍ଦନ ଚୈଧୁରୀ, ଅନୁଷ୍ଠାନର ସମ୍ପାଦିକା ସ୍ୱର୍ଣ୍ଣ ମଞ୍ଜୁରୀ ଦାଶ, ଆର୍ଯ୍ୟନ ପ୍ରତିଷ୍ଠାତା ହରିଶରଣ ଦାଶ, ପ୍ରଶାସନିକ ଅଧିକାରୀ ମନୋଜ କୁମାର ପାତ୍ର, ଅଧ୍ୟକ୍ଷ ଯଶସ୍ୱୀ ଦାଶ ପ୍ରମୁଖ ମଞ୍ଚାସୀନ ଅତିଥି ମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ଅତିଥି ମାନେ ଶିକ୍ଷା ବିନା ମନୁଷ୍ୟ ଶିଖରରେ ପହଞ୍ଚିବା ଅସମ୍ଭବ ବୋଲି କହିବା ସହ ଗୁରୁଶିଷ୍ୟ ପରମ୍ପରା ଓ ପିତାମାତାଙ୍କ ଭୂମିକା କିଭଳି ହେଲେ ପିଲାମାନେ ସମାଜରେ ପ୍ରତିଷ୍ଠିତ ହୋଇ ଦେଶର ଓ ସମଗ୍ର ଜାତିର ଉନ୍ନତି କରିବେ ସେ ସମ୍ପର୍କରେ ବୁଝାଇଥିଲେ। ମଞ୍ଚର ପରିଚାଳନା ଇଂରାଜୀ ଅଧ୍ୟକ୍ଷ ସତ୍ୟନାରାୟଣ ରାୟ କରିଥିବା ବେଳେ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ଇନ୍ଦ୍ରାବତୀ ହାଉସ୍ ଚାମ୍ପିଅନ ରୂପେ ପୁରସ୍କୃତ ହୋଇଥିଲା। ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜ୍ଞାନଜ୍ୟୋତି ଯୁକ୍ତ ଦୁଇ କଲେଜରେ ଅଧ୍ୟକ୍ଷ ଜନ୍ମେଜୟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର



ନନ୍ଦପୁର, ୬।୪ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଶିବିରରେ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ୍, ଉପ ଜିଲ୍ଲାପାଳ ଆପାତକାଳୀନ ଶାଖା ସୌରଞ୍ଜିତା ମାଝୀ, ସହାୟକ ଶିକ୍ଷା ଅଧିକାରୀ ଗଣେଶ୍ୱର କନ୍‌ୱର୍, ପୁଲିସ ଅଧୀକ୍ଷକ ରୋହିତ୍ ବର୍ମା ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଶିବ ସାଇ ସ୍ୱରୂପ, ନନ୍ଦପୁର ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ନନ୍ଦପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ବିଡିଓ ଦୁର୍ଗା ପ୍ରସାଦ ଦୋରା, ତହସିଲଦାର ଦେବବ୍ରତ ମହାରଣା ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ଶିବିରରେ ପଞ୍ଜୀକୃତ ମୋଟ ୩୦ଟି ଅଭିଯୋଗ ମଧ୍ୟରୁ ୫ଟି ବ୍ୟକ୍ତିଗତ ସମସ୍ୟା ରହିଥିବା ବେଳେ ୨୫ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ସାମୂହିକ ସମସ୍ୟା ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ରାସ୍ତା ଘାଟ, ବିସ୍ଥାପିତ, ବୁଡ଼ି ଅଞ୍ଚଳ ସମସ୍ୟା, ପାନୀୟ ଜଳ ସମସ୍ୟା ଇତ୍ୟାଦି ରହିଥିଲା। ଏହି ସବୁ ଅଭିଯୋଗ ଶୁଣିବା ପରେ ଜିଲ୍ଲା ସ୍ତରୀୟ ଗୋଷ୍ଠୀ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସଙ୍ଗେ ସଙ୍ଗେ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ସମାଧାନର ବାଟ କାଢ଼ିବାକୁ ନିର୍ଦ୍ଦେଶ ଦେଇଥିଲେ।

● ଛାତ୍ରଙ୍କୁ ମାଡ଼ ଘଟଣାରେ ଶିକ୍ଷକ ନିଲମ୍ବନ ଦାବି

# ଅଭିଭାବକଙ୍କ ରାସ୍ତା ଅବରୋଧ

- ପୁଲିସ ଓ ପ୍ରଶାସନର ହସ୍ତକ୍ଷେପ
- ପ୍ରଧାନ ଶିକ୍ଷକଙ୍କ ଭୂମିକା ନେଇ ପ୍ରଶ୍ନ

ମୁନିଗଡ଼ା/ଅମ୍ବାଦଳା, ୬।୪(ସମିସ):

ରାୟଗଡ଼ା ଜିଲ୍ଲା ଅମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇ ଛାତ୍ରଙ୍କୁ ମାଡ଼ ଘଟଣାକୁ କେନ୍ଦ୍ର କରି ଅଞ୍ଚଳରେ ଚାପା ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାର ପ୍ରତିବାଦରେ ଅଭିଭାବକମାନେ ଏକ ଘଣ୍ଟା ଧରି ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ମାଡ଼ ମାରିଥିବା ଛାତ୍ରମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ସମ୍ପୃକ୍ତ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ଦାବି ଉଠିଥିଲା ପରେ ଅମ୍ବାଦଳା ଥାନାର ଆଇଆଇସି ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହଟାଇବା ସହିତ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ତଥାପି ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ପୁନର୍ବାର ଧାରଣାରେ ବସି ନିଜ ଦାବି ଜାରି ରଖିଥିଲେ। ପରେ ମୁନିଗୁଡା ଆଡିଶନାଲ ତହସିଲଦାର ବ୍ରଜ ଗୋପାଳ ଦାସ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ ଏବଂ ଲିଖିତ ଅଭିଯୋଗ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶାସନର ଆଶ୍ୱାସନ ପରେ ଅଭିଭାବକମାନେ ଧାରଣା ହଟାଇଥିବା ବେଳେ ପରିସ୍ଥିତି ଶାନ୍ତ ହୋଇଥିଲା। ଅନ୍ୟପଟେ ଘଟଣାକୁ ନେଇ ପ୍ରଧାନ ଶିକ୍ଷକଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଶନିବାର ସକାଳେ ଘଟଣା ଘଟିଥିବା ବେଳେ ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତି ବିଦ୍ୟାଳୟରେ ଉପସ୍ଥିତ ଥିଲେ। କିନ୍ତୁ ପରେ ମଧ୍ୟାହ୍ନ ସମୟରେ ସେ ଛୁଟି ନେଇ ଘରକୁ ଯାଇଥିବା କଥା ସ୍କୁଲ କର୍ତ୍ତୃପକ୍ଷ ପକ୍ଷରୁ ଜଣାପଡ଼ିଛି। ଏହାକୁ ନେଇ ସେ ଘଟଣା ବିଷୟରେ ଅବଗତ ଥିଲେ କି ନାହିଁ କିମ୍ବା ଦାୟିତ୍ୱ ଏଡ଼ାଇବା ପାଇଁ ଛୁଟି ନେଇଥିଲେ କି, ଏନେଇ ଅନେକ ସନ୍ଦେହ ଅଭିଭାବକ ମହଲରେ ସୃଷ୍ଟି ହୋଇଛି।

# ସ୍ତ୍ରୀକୁ ପ୍ରସବ ପାଇଁ ଡାକ୍ତରଖାନା ଆଣିଥିବା ସ୍ୱାମୀଙ୍କ ମୃତ୍ୟୁ

ପଟ୍ଟାଙ୍ଗି,୬।୪(ସମିସ): ସ୍ତ୍ରୀକୁ ପ୍ରସବ ନିମନ୍ତେ ଆଣିଥିବା ସ୍ୱାମୀଙ୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। କୋରାପୁଟ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁନ୍ଦୁଲି ଠାରେ ନନ୍ଦପୁର ଥାନା ଅନ୍ତର୍ଗତ ଗୁଣ୍ଡାପୁଟ ପଞ୍ଚାୟତ ହାରଡାପୁଟ ଗ୍ରାମର ଲଇଛନ ଖିଲଙ୍କ ମୃତ୍ୟୁ ହୋଇଥିବା ନେଇ ଜଣାପଡିଛି। ସ୍ତ୍ରୀ ଡାଳିମ୍ବ ଖିଲଙ୍କ ପ୍ରସବ ବେଦନା ଆରମ୍ଭ ହୋଇଥିବା ଯୋଗୁ ତାଙ୍କୁ ରବିବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାମୀ ଆଣିଥିଲେ। ସ୍ତ୍ରୀ ଏକ ଶିଶୁ ପୁତ୍ରକୁ ଜନ୍ମ ଦେବାପରେ ଡାକ୍ତର ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଥିଲେ। ସ୍ତ୍ରୀଙ୍କ କହିବା ଅନୁଯାୟୀ, ରାତିରେ ସ୍ୱାମୀ ନ ଖାଇ ନ ପିଇ ସ୍ତ୍ରୀକୁ ରଖାଯାଇଥିବା ବେଡ ନିକଟରେ ଶୋଇ ପଡ଼ିଥିଲେ। ସୋମବାର ସକାଳେ ସ୍ତ୍ରୀ ସ୍ୱାମୀଙ୍କୁ ଉଠାଇବା ନିମନ୍ତେ ପ୍ରୟାସ କରିଥିଲେ। କିନ୍ତୁ ସେ ଉଠି ନଥିଲେ । ତେଣୁ ସେ ଡାକ୍ତରଙ୍କୁ ସୂଚନା ଦେଇଥିଲେ। ଡାକ୍ତର ଆସି ଯାଞ୍ଚ କରି ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘଟଣା ସ୍ଥଳରେ ପଟ୍ଟାଙ୍ଗି ପୁଲିସ ଆସି ପହଞ୍ଚିଥିଲେ। ତାଙ୍କ ଘର ନନ୍ଦପୁର ଅଞ୍ଚଳରେ ହୋଇଥିବାରୁ ତାହାର ସୂଚନା ସେଠାକାର ଥାନାକୁ ପଟ୍ଟାଙ୍ଗି ପୁଲିସ ପ୍ରଦାନ କରିଥିଲେ। ଉକ୍ତ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି।



# ବିଜେପି ଦଳର ସ୍ଥାପନା ଦିବସ

ପଟ୍ଟାଙ୍ଗି,୬।୪(ସମିସ): କୋରାପୁଟ ଜିଲ୍ଲା ଓଡ଼ିଶା ଆନ୍ଧ୍ର ସୀମାନ୍ତ ସୁଙ୍କି ମଣ୍ଡଳ ଦୋଲପଡି ଗୁଡା ଠାରେ ବିଜେପି ଦଳର ୪୭ ତମ ସ୍ଥାପନ ଦିବସ ପାଳିତ ହୋଇଯାଇଛି। ସୁଙ୍କି ମଣ୍ଡଳ ସଭାପତି ଜିତେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ମଣ୍ଡଳ ପ୍ରଭାରୀ କୃଷ୍ଣଚନ୍ଦ୍ର ଜାନୀ ଯୋଗ ଦେଇଥିଲେ। ଏଥିସହ ବଳରାମ ପେଦାକାପୁ, ଖଗପତି ମାଛ, ଜଗନ୍ନାଥ ବେହେରା, ପୂର୍ବତନ ମଣ୍ଡଳ ସଭାପତି ମୋହନ ରାଓ ଖିନିବୁଡି, ତମଲ ତ୍ରିନାଥ, ପାଦି ପକିର, ସୁରେନ୍ଦ୍ର ହନ୍ତାଳ, କୈଳାସ ଗୋଲରୀ, ଗୋପୀ ପେଦାକାପୁ, ମୋହନ ଖରା, ମହେଶ ଜେଟି ପ୍ରମୁଖ ସଦସ୍ୟ ବୃନ୍ଦଙ୍କ ଉପସ୍ଥିତିରେ ବିଜେପି ଦଳର ସ୍ଥାପନ ଦିବସ ପାଳନ ହୋଇଥିଲା।

# ଓଡ଼ିଆ ପକ୍ଷ ପାଳିତ; ରାୟଗଡ଼ ପୌର ପରିଷଦର ସ୍ୱଚ୍ଛତା ଅଭିଯାନ



ରାୟଗଡ଼ା,୬।୪(ସମିସ): ରାୟଗଡ଼ା ଜିଲ୍ଲା ସଂସ୍କୃତି ବିଭାଗର ପତ୍ର ଅନୁସାରେ ସମଗ୍ର ଜିଲ୍ଲାରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ "ଓଡ଼ିଆ ପକ୍ଷ' ବହୁ ଆଡ଼ମ୍ବରରେ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ଆଜି ରାୟଗଡ଼ା ପୌର ପରିଷଦ ପକ୍ଷରୁ ସ୍ଥାନୀୟ ପ୍ରେମ ପାହାଡ଼ ପର୍ଯ୍ୟଟନ ସ୍ଥଳୀଠାରେ ଏକ ବୃହତ୍ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ ପୌର ପରିଷଦର ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ ଏବଂ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା କାର୍ଯ୍ୟର ନେତୃତ୍ୱ ନେବା ସହ ସହରବାସୀଙ୍କୁ ପରିବେଶ ସୁରକ୍ଷା ଓ ଓଡ଼ିଆ ଅସ୍ମିତାର ବାର୍ତ୍ତା ଦେଇଥିଲେ। ଏହି ଅଭିଯାନରେ ପୌର ପରିଷଦର ସମସ୍ତ ୱାର୍ଡ କାଉନ୍‌ସିଲର, ଜିଲ୍ଲାସ୍ତରୀୟ ପଦାଧିକାରୀ, ପୌରକର୍ମଚାରୀ, ସ୍ୱଚ୍ଛ ସାଥୀ, ସୁପରଭାଇଜର ଏବଂ ସଫେଇ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗ ଦେଇଥିଲେ। ସହରର ବରିଷ୍ଠ ନାଗରିକ, ୱାକର୍ସ କ୍ଲବର ସଦସ୍ୟ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଶ୍ରମଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଆମର ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଉଦ୍ଦେଶ୍ୟରେ ଆଜିର ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗରୁ ଯୋଗଦେଇଥିବା ନାଗରିକ ତଥା ସଫେଇକର୍ମୀ ମାନଙ୍କୁ ପୌରାଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସାଧୁବାଦ ଜଣାଇଥିଲେ। ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ଉପସ୍ଥିତ ଜନସାଧାରଣଙ୍କୁ ପ୍ରେମ ପାହାଡ଼ ଭଳି ଏକ ପ୍ରାକୃତିକ ସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ ଏବଂ ପରିଷ୍କାର ରଖିବା ପାଇଁ ଅନୁରୋଧ କରିଥିଲେ।

# ଓଡ଼ିଆ ପକ୍ଷରେ ସମୂହ ସଫେଇ କାର୍ଯ୍ୟକ୍ରମ

ସେମିଳିଗୁଡ଼ା,୬।୪ (ସମିସ): ଓଡ଼ିଆ ପକ୍ଷ ପାଳନ ଅବସରେ ଜିଲ୍ଲା ପ୍ରଶାସନ ଆଦେଶରେ ସେମିଳିଗୁଡା ବ୍ଲକ୍ ପକ୍ଷରୁ ଏକ ସମୂହ ସଫେଇ କାର୍ଯକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ସିମିଳିଗୁଡା ବ୍ଲକର ବିଲାପୁଟରେ ଥିବା ଜଗନ୍ନାଥ ମନ୍ଦିରରେ ଆୟୋଜିତ କାର୍ଯକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର୍ ପ୍ରଧାନ ଆରମ୍ଭ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା , ସୁବାଇ ସରପଞ୍ଚ ହେମାଲତା ପାଙ୍ଗି, ବ୍ଲକ କୋର୍ଡିନେଟର ଦିବ୍ୟ ଜ୍ୟୋତି ରାୟ, ପିଇଓ ସନ୍ଦୀପ ମହାପାତ୍ର, ସହ ଜନ ପ୍ରତିନିଧି, ବିଭିନ୍ନ ବିଭାଗ ଅଧିକାରୀ, କର୍ମଚାରୀମାନେ ଯୋଗ ଦେଇଥିଲେ। ମନ୍ଦିର ପରିସରରେ ଅଳିଆ ଆବର୍ଜନାକୁ ସଫା କରିଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ

କୋରାପୁଟ,୬।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ କୋରାପୁଟ ସହରରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। କୋରାପୁଟ ଜଗନ୍ନାଥ ମନ୍ଦିର, ମା' ମୁତ୍ୟାଲୁମା ମନ୍ଦିର ଏବଂ ବିଭିନ୍ନ କାର୍ଯ୍ୟାଳୟରେ ସମୂହ ସଫେଇ କାର୍ଯ୍ୟ କରାଯାଇଛି। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧ୍ୟକ୍ଷା ସବିତା ପଣ୍ଡା, କୋରାପୁଟ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଡେପୁଟି କଲେକ୍ଟର ସୌରଞ୍ଜିତା ମାଝୀ କାଉନ୍‌ସିଲର ଏବଂ ପୌର ପରିଷଦ କାର୍ଯ୍ୟାଳୟର କର୍ମଚାରୀ ମାନେ ଯୋଗଦେଇ ପରିବେଶକୁ ସଫା କରିଥିଲେ। ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ସହ ପରିବେଶ ସ୍ୱଚ୍ଛ ଓ ସୁନ୍ଦର କରିବା ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନର ଲକ୍ଷ୍ୟ ବୋଲି କୁହାଯାଇଛି।



## ଚିକିତ୍ସାରେ ଅର୍ଥ ସାଜିଛି ବାଧକ

# ଆୟୁଷ୍ମାନ କାର୍ଡ ରହିଛି; କିନ୍ତୁ କାମରେ ଆସୁନି

ଜୟପୁର,୬।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ଟାଙ୍ଗୁଆ ଗ୍ରାମପଞ୍ଚାୟତର ସଦର ଗ୍ରାମର ହରି ହରିଜନ(୭୬) କ୍ୟାନସର ଏବଂ ଯକୃତ ରୋଗରେ ପୀଡ଼ିତ। ତାଙ୍କର ଆୟୁଷ୍ମାନ କାର୍ଡ ମଧ୍ୟ ରହିଛି। କିନ୍ତୁ ବିଭିନ୍ନ ପରୀକ୍ଷା ଯାହା ଚିକିତ୍ସାଳୟ ବାହାରେ ହେବ, ଏହି ପରୀକ୍ଷା ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ। ଆୟୁଷ୍ମାନ କାର୍ଡ ଏଥିରେ କୌଣସି ବ୍ୟବହାର ହେବ ନାହିଁ ବୋଲି ପରୀକ୍ଷାଗାରର କର୍ମଚାରୀ କହିବା ପରେ ଏବେ ଚିନ୍ତାରେ ପତ୍ନୀ ସୁନାମଣି ଏବଂ ପରିବାର। ରୋଗୀ ହରି ଗତ ୨ ମାସ ପୂର୍ବରୁ ପରିସ୍ରା ନ ହେବା ଯୋଗୁଁ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିଲେ। କିନ୍ତୁ ଡାକ୍ତର ଯାଞ୍ଚ ପରେ ତାଙ୍କୁ ଜିଲ୍ଲା ଚିକିତ୍ସାଳୟରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଚିକିତ୍ସାଳୟରୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ କେତେକ ଯାଞ୍ଚ ପରେ ତାଙ୍କର ପେଟରେ କ୍ୟାନସର ହୋଇଥିବା ବେଳେ ଯକୃତ ଜନିତ ସମସ୍ୟା ରହିଥିବା ନେଇ ଜଣାପଡିଥିଲା। ଏଥିନେଇ ଅଧିକ ଚିକିତ୍ସାପାଇଁ ବ୍ରହ୍ମପୁର ସ୍ଥିତ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ରୋଗୀ ହରିଙ୍କୁ ଗତ ଫେବୃୟାରୀ ମାସ ୯ ତାରିଖରେ ବ୍ରହ୍ମପୁର ମେଡିକାଲ କଲେଜରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। କିନ୍ତୁ ବିଭିନ୍ନ ପରୀକ୍ଷା ବାହାରେ ହେଉଥିବାରୁ ଆୟୁଷ୍ମାନ କାର୍ଡ କୌଣସି କାମରେ ଆସ ନଥିବା ପତ୍ନୀ ସୁନାମଣି କହିଛନ୍ତି। ଦୁଇଦିନ ସେଠାରେ ରଖିବା ପରେ ତାଙ୍କ ଫେରାଇ ଦିଆଯାଇଥିଲା। ପରିବାର ଲୋକେ ହରିଙ୍କୁ ନେଇ ନିଜ ଗ୍ରାମକୁ ଫେରିଆସିଥିଲେ। ବର୍ତ୍ତମାନ ରୋଗୀ ହରି କଷ୍ଟ ପାଉଥିବା ବେଳେ ଏକ ପ୍ରକାର ମୃତ୍ୟୁକୁ ଅପେକ୍ଷା କରିଛନ୍ତି। ସରକାରଙ୍କ କିମ୍ବା କୌଣସି ସଂସ୍ଥା ପକ୍ଷରୁ ସହାୟତା ମିଳିଲେ ହରିଙ୍କୁ ଅଧିକ ଚିକିତ୍ସା ପାଇଁ କଟକ କିମ୍ବା ରାଜ୍ୟ ବାହାରକୁ ନିଆଯାଇ ପାରିବ ବୋଲି ପତ୍ନୀ ସୁମାମଣି ଏବଂ ପରିବାର ଲୋକ ଆଶା ବାନ୍ଧିଛନ୍ତି।



# ଡିପିସି ଅଧ୍ୟକ୍ଷ ଭାବେ ବିଧାୟକଙ୍କ ଦାୟିତ୍ୱ ଗ୍ରହଣ



କୋରାପୁଟ,୬।୪(ସମିସ): କୋରାପୁଟ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଉପସ୍ଥିତିରେ ସେ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି। କୋରାପୁଟ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲିଙ୍କ ସହ କୋରାପୁଟ ବିଧାୟକଙ୍କ ପ୍ରତିନିଧି ସୌମ୍ୟ ରଞ୍ଜନ ମାଛ, ନାରୀ ନେତ୍ରୀ ସବିତା ପ୍ରଧାନ,ପୂର୍ବତନ ଜିଲ୍ଲା ସଭାପତି ବିଜୟ କୁମାର ମିଶ୍ର, ମହିପାଳ ସିଂ, ମାଧବ ମାଳି, ନରସିଂହ ପଟ୍ଟନାୟକ, ଅଶ୍ୱନୀ କୁମାର ପଟ୍ଟନାୟକ, ସାହେବ ଖିଲ, ତ୍ରିନାଥ ପଣ୍ଡା, ଶ୍ରୀଧର ପଟ୍ଟନାୟକ,କୋରାପୁଟ ନଗର ସଭାପତି ୱାଇ ସତ୍ୟ ନାରାୟଣ, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ରଙ୍କ ସହ ଅନ୍ୟ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏଥି ପୂର୍ବରୁ ନିଜ ବାସଭବନରୁ ସଂକୀର୍ତ୍ତନ ମଣ୍ଡଳୀ ସହ ବିଧାୟକ ଶ୍ରୀ ମାଛ ପଦଯାତ୍ରାରେ ବାହାରି ଆଖଣ୍ଡଳମଣି ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ପଦଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ବିଜ୍ଞପ୍ତିକୁ ପ୍ରଦାନ କରିଥିଲେ। କୋରାପୁଟ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଯୋଗାଯୋଗ ଉପରେ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବ ବୋଲି ଜିଲ୍ଲା ଯୋଜନା କମିଟିର ନୂତନ ଅଧ୍ୟକ୍ଷ ଶ୍ରୀ ମାଛ କହିଛନ୍ତି। ଲୋକଙ୍କ ବିକାଶକୁ ପ୍ରାଧାନ୍ୟ ଦେବାକୁ ସରକାର ବଦ୍ଧପରିକର। ପୂର୍ବ ଦୁଇ ବର୍ଷର ଆର୍ଥିକ ଅନୁଦାନ ସହ ଚଳିତ ଆର୍ଥିକ ବର୍ଷର ଅନୁଦାନକୁ ମିଶାଇ କମିଟି କାର୍ଯ୍ୟ ଖସଡା ପ୍ରସ୍ତୁତ କରିବ। ଖୁବ ଶୀଘ୍ର ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ ବୋଲି ସେ କହିଛନ୍ତି।

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭିଜିଲାନ୍ସ ଦ୍ୱାରା ଗିରଫ



ଟାଙ୍ଗୀ,୬।୪(ସମିସ): ରାଜ୍ୟ ଭିଜିଲାନ୍ସ ବିଭାଗ ଆଜି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ରତନପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ପ୍ରଧାନ ଗିରଫ ହୋଇଛନ୍ତି। ସରକାରଙ୍କ ୧୧ ଲକ୍ଷ ୨୮ ହଜାର ୬୦୦ ଟଙ୍କା ଆତ୍ମସାତ ଘଟଣାରେ ସେ ଗିରଫ ହୋଇଥିବା ଜଣାପଡିଛି। ରତନପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ ୨୦୨୩ ମସିହା ଜାନୁୟାରୀ ମାସ ଠାରୁ ୨୦୨୪ ମସିହା ଜୁଲାଇ ମାସ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ଏହି ସମୟରେ ସରକାରଙ୍କ ୧୧ ଲକ୍ଷ ୨୮ ହଜାର ୬୦୦ ଟଙ୍କା ଆତ୍ମସାତ କରିଥିବା ଜଣାପଡ଼ିଥିଲା। ମଧୁବାବୁ ପେନସନ ଯୋଜନାର ଏହି ଅର୍ଥ ତୋଷରପାତ ହୋଇଥିବା ଜଣାପଡ଼ିବା ପରେ ତଦନ୍ତ ଜାରି ରହିଥିଲା। ବାଲିପାଟଣା ବ୍ଲକ ପାମ୍ପାଲୋ ଓ ରାଜସ ପଞ୍ଚାୟତର ମଧୁବାବୁ ପେନସନ ଯୋଜନାର ହିତାଧିକାରୀଙ୍କୁ ପ୍ରଦାନ ପରିବର୍ତ୍ତେ ଅନ୍ୟ କାର୍ଯ୍ୟକୁ ଅନୈତିକ ଭାବେ ପରିବର୍ତ୍ତନ କରାଯାଇଥିଲା। ରାଜ୍ୟ ଭିଜିଲାନ୍ସ ଘଟଣାର ସତ୍ୟାସତ୍ୟ ଜାଣିବା ପରେ ସମ୍ପୃକ୍ତ ରତନପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନଙ୍କୁ ଗିରଫ କରିବା ସହ ଭୁବନେଶ୍ୱର ଭିଜିଲାନ୍ସ କେସ ନମ୍ବର ୬ରେ ଏକ ମୋକଦମା କରି ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସଙ୍କ ନିକଟରେ ହାଜର କରାଯାଇଥିଲା।

# ଆଲମିରା ଭାଙ୍ଗି ସୁନା ଗହଣା ଓ ଟଙ୍କା ଲୁଟ୍

ନିରାକାରପୁର,୬।୪(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଓଲସିଂହ ଗ୍ରାମରେ ଏକ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଘର ଭିତରେ ପଶି ଆଲମିରାରୁ ସୁନା, ରୁପା ଗହଣା ସହ ନଗଦ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ଗତ ୩ ତାରିଖ ବିଳମ୍ବିତ ରାତିରେ ଓଲସିଂହ ଗ୍ରାମର ନାରାୟଣ ବଳିୟାରସିଂହଙ୍କ ପରିବାର ଶୋଇଥିବା ସମୟରେ ଏହି ଲୁଟ୍ ହୋଇଛି। ଅଭିଯୋଗ ଅନୁଯାୟୀ ୨ଟି ସୁନା ହାର, ୨ଟି ଚେନ୍, ୫ଟି ରୁଦ୍ରାକ୍ଷ ସୁନା ଚେନ୍, ୧ ହଳ କାନଫୁଲ, ୧ ହଳ କାନ ଝୁମୁକା, ୧ ହଳ କାନଫାସି, ୨ଟି ମାଳି ଏବଂ ୧୦ଟି ସୁନା ମୁଦି, ୨ ହଳ ରୁପା ପାଉଜି ଏବଂ ୪ ହଳ ଚୁଡି ସହ ୬୦ ହଜାର ଟଙ୍କା ଚୋରି ହୋଇଛି। ଲୁଟ୍ କରିବା ପରେ ଦୁର୍ବୃତ୍ତମାନେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଘର ଭିତରେ ନିଆଁ ଲଗାଇବାକୁ ଚେଷ୍ଟା କରିଥିଲେ। ତେବେ ଘର ଭିତରେ ଅଧିକ ଧୂଆଁ ହେବା ଯୋଗୁଁ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ। ଯାହାଫଳରେ ଏକ ବଡ଼ ଅଘଟଣ ଟଳି ଯାଇଛି। ଏ ନେଇ ଗୃହକର୍ତ୍ତା ନାରାୟଣ ବଳିୟାରସିଂହ ଜଙ୍କିଆ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



# ଆଇନ ମନ୍ତ୍ରୀଙ୍କୁ ଭେଟିଲେ ବାଣପୁର ଓକିଲ ସଂଘର ନୂଆ ସଭାପତି



ବାଣପୁର,୬।୪(ସମିସ): ବାଣପୁର ଓକିଲ ସଂଘର ନବନିର୍ବାଚିତ ସଭାପତି ଜଗନ୍ନାଥ ଭୋଳଙ୍କ ସହ ଓକିଲ ସଂଘର ଅନେକ ସଦସ୍ୟ ରବିବାର ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଓଡ଼ିଶାର ମହାଧିବକ୍ତା ପିତାମ୍ବର ଆଚାର୍ଯ୍ୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଓକିଲ ସଂଘର ଆଇନଜୀବୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିବା ସହ ବାଣପୁର କୋର୍ଟର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ତତ୍‌ସହିତ ଆଗାମୀ ଦିନରେ ବାଣପୁରରେ ଖୋଲିବାକୁ ଥିବା ନୂତନ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ କୋର୍ଟ ତଥା ଏଡିଜେ କୋର୍ଟ ସମ୍ପର୍କରେ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ଚଳିତ ବର୍ଷ ବାଣପୁରରେ ଏଡିଜେ କୋର୍ଟ ଖୋଲିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମନ୍ତ୍ରୀ। ଏଥିରେ ବାଣପୁର ଓକିଲ ସଂଘର ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା, ପୂର୍ବତନ ଉପ ସଭାପତି ପଦ୍ମଜା ପଟ୍ଟନାୟକ, ଆଇନଜୀବୀ ସନ୍ଦୀପ କୁମାର ମହାପାତ୍ର, ଅଜିତ କୁମାର ସ୍ୱାଇଁ, ଅଖିଳ କୁମାର ସ୍ୱାଇଁ, ସୀତାରାମ ଅଗ୍ରୱାଲ, ରାମଚନ୍ଦ୍ର ପଲାଇ, ପ୍ରଦୋଷ ପ୍ରଧାନ, ଅନୀଲ ବାରିକ ଓ ସ୍ୱର୍ଣ୍ଣଲତା ଜେନା ପ୍ରମୁଖ ବହୁ ଆଇନଜୀବୀ ସାମିଲ ଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶରେ ଫାଷ୍ଟଫୁଡ୍ ଦୋକାନ; ବଢ଼ୁଛି ପେଟରୋଗ

ଖୋର୍ଦ୍ଧା,୬।୪(ସମିସ): ଖୋର୍ଦ୍ଧା ସଦର ମହକୁମାରେ ଅସ୍ୱାସ୍ଥ୍ୟକର ପରିବେଶରେ ଲୋକଙ୍କୁ ଖାଦ୍ୟ ରନ୍ଧାଯାଇ ବିକ୍ରି କରାଯାଉଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଆଖି ବୁଜିଦେଇଛି। ଖୋର୍ଦ୍ଧା ସହର ଏବଂ ଏହାର ଉପକଣ୍ଠରେ ବହୁ ଇଞ୍ଜିନିୟରିଂ ଏବଂ ମ୍ୟାନେଜମେଣ୍ଟ କଲେଜ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବହୁ ଘରୋଇ ଚିକିତ୍ସାଳୟ, କୋର୍ଟ ପ୍ରଭୃତି ରହିଥିବାରୁ ଗ୍ରାମାଞ୍ଚଳରୁ ଲୋକେ ଆସି ସହରରେ ରହିବା ପାଇଁ ପସନ୍ଦ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅନେକ ଲୋକ ସହରର ବିଭିନ୍ନ ସ୍ଥାନରେ ହୋଟେଲ ଓ ଫାଷ୍ଟଫୁଡ ସେଂଟରମାନ ଖୋଲି ଏହାକୁ ଏକ ଲାଭଜନକ ବ୍ୟବସାୟ ରୂପେ ଚଳାଉଛନ୍ତି। କିନ୍ତୁ ଏହି ହୋଟେଲ ବ୍ୟବସାୟୀମାନେ ଅସ୍ୱାସ୍ଥ୍ୟକର ପରିବେଶରେ ନିମ୍ନମାନର ଖାଦ୍ୟ ରାନ୍ଧି ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ବେଳେ ବେଳେ ବଳକା ବାସି ଖାଦ୍ୟ ପଦାର୍ଥ ମଧ୍ୟ ଦେଉଥିବା ଅଭିଯୋଗ ହେଉଛି। ସହରରେ ଅଧିକାଂଶ ହୋଟେଲ ର ପରିବେଶ ଅପରିଷ୍କାର ରହୁଛି। ଏପରିକି ସହରର ଅନେକ ସ୍ଥାନରେ ନାଳ ଉପରେ ବ୍ୟବସାୟୀମାନେ ହୋଟେଲ ଓ ଫାଷ୍ଟଫୁଡ ସେଂଟରମାନ ଖୋଲିଥିବା ଦେଖିବାକୁ ମିଳିଛି। ନାଳ ନର୍ଦ୍ଦମାର ମଶା, ମାଛି, ପୋକ ଖାଦ୍ୟଦ୍ରବ୍ୟରେ ବସୁଛନ୍ତି। ପିଇବାକୁ ଅତ୍ୟନ୍ତ ଦୂଷିତ ଜଳ ଦେଉଥିବା ମଧ୍ୟ ଅଭିଯୋଗ ହେଉଛି।

କିଛି ହୋଟେଲ ଓ ଜଳଖିଆ ଦୋକାନରେ ଲୋକ ଦେଖାଣିଆ ଚଢ଼ଉ କରି ବିଭାଗ ଚୁପ ହୋଇ ବସିଛି। ଫଳରେ ଅସ୍ଥାୟୀ ହୋଟେଲ ଓ ଉଠାଦୋକାନୀଙ୍କୁ ଏହା ବେଶ ସୁହାଇଛି। ୨୦୦୮ ମସିହାରେ ଖାଦ୍ୟ ପାନୀୟର ଗୁଣାତ୍ମକ ମାନ ଯାଂଚ ଓ ପରୀକ୍ଷା କରିବା ଲାଗି ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ପ୍ରଣୟନ ହୋଇଛି। ଖରାପ ଓ ଅପମିଶ୍ରିତ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀ ଧରାପଡିଲେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଓ ୪ବର୍ଷ ଜେଲ ଦଣ୍ଡାଦେଶ ପାଇଁ ଆଇନର ବ୍ୟବସ୍ଥା ରହିଛି। ମାତ୍ର ଖୋର୍ଦ୍ଧା ସହର ଓ ଏହାର ଉପକଣ୍ଠ ଲାଗି ଏହି ଆଇନ କେବଳ କାଗଜପତ୍ରରେ ସୀମିତ ରହିଛି। ଅନେକ ବ୍ୟବସାୟୀ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବାବେଳେ ନଷ୍ଟ ହୋଇଯାଇଥିବା ପନିପରିବା ବ୍ୟବହାର କରିବାକୁ ମଧ୍ୟ ପଛାଉନଥିବା ଜଣାଯାଇଛି। ଏମିତିକି ଅନେକ ସ୍ଥାନରେ ବେଆଇନଭାବେ ହୋଟେଲ, ଜଳଖିଆ ଦୋକାନ ଚାଲିଛି, ମାତ୍ର ଦେଖିବାକୁ କେହି ନାହାନ୍ତି। କେବଳ ହୋଟେଲ କି ଜଳଖିଆ ଦୋକାନୀ ନୁହେଁ, ବରଂ ଠେଲା ଗାଡିରେ ବିକ୍ରି କରୁଥିବା ଖାଦ୍ୟ ପଦାର୍ଥର ମଧ୍ୟ ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ଓ ବିକ୍ରୀ ହେଉଛି। ନିମ୍ନମାନର ଖାଦ୍ୟ ଖାଇବା ଦ୍ୱାରା ଫୁଡ ପଏଜନିଂ, ଡିସେଂଟ୍ରି, ବିଭିନ୍ନ ଜଳବାହିତ ରୋଗ, ନାଳଝାଡା, ଜଣ୍ଡିସ ପ୍ରଭୃତି ରୋଗ ବ୍ୟାପିଥାଏ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଓ ଯାଂଚ ଅଧିକାରୀ ନିବେଦିତା ଭଞ୍ଜଙ୍କ କହିବା କଥା ଯେ କୌଣସି ହୋଟେଲ ରେ ନିମ୍ନମାନର ଖାଦ୍ୟ ଖାଇବାକୁ ଦିଆଯାଉଥିଲେ କେହି ଲିଖିତଭାବେ ଜଣାଇଲେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



## ବିଜେପିର ପ୍ରତିଷ୍ଠା ଦିବସ

ନିରାକାରପୁର,୬।୪(ସମିସ): ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରିଆସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ମଣ୍ଡଳ ସଭାପତି ମାଧବ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦଳର ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ଦଳର ପ୍ରତିଷ୍ଠା ବିଷୟରେ ଉଦ୍‌ବୋଧନ ଦେବା ସହିତ ବିଜେପିର ପତାକା ଉତ୍ତୋଳନ କରିଥିଲେ।

# ବରୁଣେଇ ପୀଠରେ ସ୍ୱଚ୍ଛତା ଅଭିଯାନ

ଖୋର୍ଦ୍ଧା,୬।୪(ସମିସ): ଓଡ଼ିଆ ପକ୍ଷ ୨୦୨୬ ଅବସରରେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ମା'ବରୁଣେଇ ପୀଠରେ ସ୍ୱଚ୍ଛତା ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୂର୍ଣ୍ଣିମା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ସିନିୟର ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ସାମଲ, ବରିଷ୍ଠ ଆକାଉଣ୍ଟସ୍ ବର୍ଗର ଡକ୍ଟର ଅନୀଲ୍ କୁମାର ରାୟ ଏବଂ ଅଧ୍ୟାପକ ସୁବୋଧ ଜଗଦେବ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତାର ଉପାଦାୟତା ସମ୍ପର୍କରେ ଅବଗତ କରାଇ ଉତ୍ସାହିତ କରାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍, ଯୁବ ରେଡ କ୍ରସ, ରୋଭର୍ସ-ରେଞ୍ଜର ଏବଂ ଏନ୍‌ସିସି ତରଫରୁ ୬୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ମାନେ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ଅଧ୍ୟାପକ ଟି. ଅକ୍ଷୟ କୁମାର ଏବଂ ରୋଭର୍ସ-ରେଞ୍ଜର ଅଧିକାରିଣୀ ତରୁଲତା ମଲ୍ଲିକ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।




# ଫସଲ ନଷ୍ଟ କଲା ହାତୀ

ବେଗୁନିଆ,୬।୪(ସମିସ): ବେଗୁନିଆ ବ୍ଲକ୍ ଦେଉଳି ପଞ୍ଚାୟତ ଅନ୍ତର୍ଗତ ପରିଚ୍ଛଳ ଆଦିବାସୀସାହି ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଦେଉଳି ପଞ୍ଚାୟତ ଦଳକ ଗ୍ରାମର ଅନନ୍ତ ବାସୁଦେବ ମଠର ପ୍ରାଚୀର ସହ ପରିବା ଫସଲ, କଦଳୀ ଆମ୍ବ ଓ ପଣସ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ରବିବାର ଦିନ ରାତିରେ ଦୁଇଟି ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇ ଫକୀର ବଡ଼ଜେନା, ପ୍ରକାଶ ଶ୍ରୀ ଚନ୍ଦନ, ନିତ୍ୟାନନ୍ଦ ବଡ଼ଜେନା, ସାଗର ବଡ଼ଜେନା, ପ୍ରମୋଦ ଶ୍ରୀ ଚନ୍ଦନ, ନିରଞ୍ଜନ ବାରିକଙ୍କ ଆମ୍ବ ଓ ପଣସ, ରଙ୍କନିଧି ବଳିୟାରସିଂହ, କଦଳୀ ଓ ପରିବା ଚାଷ ହୋଇଥିବା କିଆରୀକୁ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ଏହି ଘଟଣା ସମ୍ପର୍କରେ ଗ୍ରାମବାସୀ ତୁରନ୍ତ କ୍ଷତି ପୂରଣ ଦେବା ପାଇଁ ବନ ବିଭାଗ କର୍ମଚାରୀଙ୍କୁ ଅବଗତ କରିଛନ୍ତି।



## ଉପନିବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଖଣ୍ଡଯୁଦ୍ଧ

ବେଗୁନିଆ,୬।୪(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଉପ ନିବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଜମି ରେଜିଷ୍ଟ୍ରିକୁ ନେଇ ଖଣ୍ଡଯୁଦ୍ଧ ହୋଇଛି। ବେଗୁନିଆ ଥାନା ଅଧିକାରୀଙ୍କ ସୂଚନା ଅନୁଯାୟୀ ବେଗୁନିଆ ଅଞ୍ଚଳର ଜମି ରେଜିଷ୍ଟ୍ରି କରିବା ପାଇଁ ଉପ ନିବନ୍ଧକ କାର୍ଯ୍ୟାଳୟକୁ ଯାଇଥିଲେ। କୌଣସି କାରଣକୁ ନେଇ ଉପ ନିବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ମାମୁ ଓ ଭାଣିଜୀ ମଧ୍ୟରେ ଖଣ୍ଡଯୁଦ୍ଧ ଆରମ୍ଭ ହୋଇଥିଲା। ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସମାଧାନ କରିବା ପାଇଁ ଥାନାର ଦ୍ୱାରସ୍ଥ ହୋଇ ଉଭୟ ପକ୍ଷରୁ ଅଭିଯୋଗ କରାଯିବା ପରେ ଦୁଇଟି କେସ ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଚିଲିକାରେ ଡଙ୍ଗାରୁ ଖସି ମତ୍ସ୍ୟଜୀବୀ ମୃତ

ବାଲୁଗାଁ,୬।୪(ସମିସ) : ଚିଲିକା ହ୍ରଦରେ ମାଛ ଧରୁଥିବା ବେଳେ ସୋମବାର ସକାଳେ ଡଙ୍ଗାରୁ ଖସି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ବାଲୁଗାଁ ଥାନା ଚନ୍ଦ୍ରାପୁଟ ଗ୍ରାମର ରାମଚନ୍ଦ୍ର କେଉ (୫୫) ବୋଲି ଜଣାପଡ଼ିଛି। ଚନ୍ଦ୍ରାପୁଟ ଗ୍ରାମର ମତ୍ସ୍ୟଜୀବୀ ରାମଚନ୍ଦ୍ର ଗ୍ରାମର କିଛି ମତ୍ସ୍ୟଜୀବୀଙ୍କ ସହ ମିଶି ସୋମବାର ସକାଳେ ଚିଲିକାକୁ ମାଛ ମାରିବା ପାଇଁ ଯାଇଥିଲେ। ବାଲୁଗାଁ ନିକଟସ୍ଥ କଳିଯୁଗେଶ୍ୱର ପାହାଡ଼ ପାର୍ଶ୍ୱରେ ମାଛ ଧରିବା ପାଇଁ ରାମଚନ୍ଦ୍ର ଜାଲ ପକାଇ ଭିଡୁଥିବା ବେଳେ ଅସାବଧାନତାବଶତଃ ଡଙ୍ଗାରୁ ଖସିପଡ଼ି ବୁଡ଼ିଯାଇଥିଲେ। ମାତ୍ର ଅନତି ଦୂରରେ ମାଛ ମାରୁଥିବା ସାଥୀମାନେ ବହୁ ସମୟ ଧରି ରାମଚନ୍ଦ୍ରଙ୍କୁ ନ ପାଇ ଖୋଜାଖୋଜି କରି ଗଭୀର ପାଣିରୁ ରାମଚନ୍ଦ୍ରଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ ବାଲୁଗାଁ ଡାକ୍ତରଖାନାରେ ନେଇ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ରାମଚନ୍ଦ୍ରଙ୍କୁ ମୃତ ଘୋଷଣା କରି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ବାଲୁଗାଁ ପୁଲିସ ପହଞ୍ଚି ଶବକୁ ଜବତ କରି କେସ ନଂ ୬/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

# କାଶୀପୁରରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ: 'ପାନ୍ଥର ସ୍କ୍ୱାଡ୍' ବିଜୟୀ



ନିରାକାରପୁର,୬।୪(ସମିସ): ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ କାଶୀପୁର ଗ୍ରାମଠାରେ ଏକ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ପାନ୍ଥର ସ୍କ୍ୱାଡ୍ ଚମତ୍କାର ପ୍ରଦର୍ଶନ କରି ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟର ଚିତ୍ତାକର୍ଷକ ଫାଇନାଲ ମ୍ୟାଚ୍ ପାନ୍ଥର ସ୍କ୍ୱାଡ୍ ଏବଂ ବଡ଼ପାଟଣା ତ୍ରିଶୂଳ ଷ୍ଟ୍ରାଇକର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲେ ହେଁ ଶେଷରେ ପାନ୍ଥର ସ୍କ୍ୱାଡ୍ ବିଜୟୀ ହୋଇ ଟ୍ରଫି ହାତେଇଥିଲା। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଦ୍ୟୁଭୂଷଣ ମହାରଣା, ସଂଯୁକ୍ତା ମିଶ୍ର ଏବଂ ନକୁଳ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଖେଳକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ରେଫରି ଭାବେ ପ୍ରମୋଦ କୁମାର ଦାସ ଏବଂ ବିଭୁ ଛୋଟରାୟ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କମିଟିର ସଦସ୍ୟ ରାକେଶ ପରିଡ଼ା, ଆଲୋକ ପଲାଇ ଏବଂ ରଞ୍ଜନ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର ଟୁର୍ଣ୍ଣାମେଣ୍ଟଟି ସଫଳତାର ସହ ସମ୍ପନ୍ନ ହୋଇଛି।

# ଜବରଦଖଲରେ ବାଲୁଗାଁ-ଚିଲିକା ରୋଡ୍; ବଢ଼ୁଛି ଟ୍ରାଫିକ୍ ସମସ୍ୟା

ବାଲୁଗାଁ,୬।୪(ସମିସ): ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଏକ ପ୍ରମୁଖ ସହର ହୋଇଥିବା ବେଳେ ବାଲୁଗାଁ ସହର ନିକଟରେ ମରାଳ ମାଳିନୀ ନିଳାମ୍ବୁ ଚିଲିକା ରହିଛି। ଦୈନନ୍ଦିନ ଏଠାକୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଯାତାୟାତ ରହିଛି। ଫଳରେ ଜନଗହଳିପୂର୍ଣ୍ଣ ରହୁଛି ବାଲୁଗାଁ ବଜାରର ରାସ୍ତାଘାଟ। ଏଠାରେ ସର୍ବଦା ଟ୍ରାଫିକ୍ ସମସ୍ୟା ଲାଗି ରହୁଛି। ସେଥିଲାଗି ବାଲୁଗାଁ ସହରକୁ ସରସ ସୁନ୍ଦର କରିବା ସହ ଟ୍ରାଫିକ୍ ସମସ୍ୟା ଦୂରୀକରଣ ନିମନ୍ତେ ବାଲୁଗାଁ ବଜାର ମୁଖ୍ୟ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଅନ୍ୟପକ୍ଷେ ବାଲୁଗାଁ ଗାନ୍ଧୀ ଛକରୁ ଚିଲିକା କୂଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ଭିଆଇପି ରୋଡ ଭାବେ ପରିଗଣିତ। କାରଣ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବାଲୁଗାଁ ମହାବିଦ୍ୟାଳୟ ଓ ବାଲୁଗାଁ ମତ୍ସ୍ୟ ବ୍ୟବସାୟ କେନ୍ଦ୍ର ସମେତ ବିଭିନ୍ନ ଗ୍ରାମକୁ ଯାତାୟତ ନିମନ୍ତେ ଏହା ହିଁ ମୁଖ୍ୟ ରାସ୍ତା। ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବାଲୁଗାଁ ସହ ଆଖପାଖ ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟ ଗତ ସମସ୍ୟା ପାଇଁ ସମ୍ପୂର୍ଣ୍ଣ ନିର୍ଭର କରୁଥିବାରୁ ଦୈନନ୍ଦିନ ହଜାରରୁ ଉର୍ଦ୍ଧ୍ୱ ରୋଗୀ ଓ ବହୁ ଆମ୍ବୁଲାନ୍ସ ଏହି ରାସ୍ତା ଦେଇ ଯାତାୟତ କରୁଥିବା ବେଳେ ବାଲୁଗାଁ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ହଜାର ହଜାର ଛାତ୍ରଛାତ୍ରୀଙ୍କ ଯାତାୟତ ଲାଗି ଏହି ରାସ୍ତା ହିଁ ଏକ ପ୍ରମୁଖ ରାସ୍ତା। ଏଥିସହ ଏହି ଚିଲିକା ରୋଡ ଦେଇ ବାଲୁଗାଁ ସହରର ଚିଲିକା ଜେଟି ସ୍ଥିତ ମତ୍ସ୍ୟ ବ୍ୟବସାୟ କେନ୍ଦ୍ରକୁ ଦୈନିକ ହଜାର ହଜାର ମତ୍ସ୍ୟ ବ୍ୟବସାୟୀ ଯା ଆସ କରନ୍ତି। ସର୍ବଦା ଶତାଧିକ ବଡ଼ ବଡ଼ କଣ୍ଟେନର ଓ ଟ୍ରକ ମାଛ ନେବା ଆଣିବା କରୁଥିବା ବେଳେ ଏହି ରାସ୍ତାଟି ବିଭିନ୍ନ ଗ୍ରାମ ଓ ବାଲୁଗାଁ ମୁଖ୍ୟ ବଜାରକୁ ସଂଯୋଗ କରୁଥିବାରୁ ପ୍ରତ୍ୟେକ ସମୟରେ ଏହି ରାସ୍ତା ଭିଡ଼ ରହୁଛି। ତେବେ ଏହି ଚିଲିକା ରୋଡ ତଥା ମୁଖ୍ୟ ରାସ୍ତାଟିକୁ କିଛି ବ୍ୟକ୍ତି ରାସ୍ତାର କିଛି ଅଂଶକୁ ଜବର ଦଖଲ କରି ରଖି ରାସ୍ତାକୁ ମଡାଇ ନିଜର ଗୃହ ଓ ଦୋକାନ ନିର୍ମାଣ କରିଥିବାରୁ ଏହି ରାସ୍ତାଟି ଏବେ ସଂକୀର୍ଣ୍ଣ ହୋଇପଡ଼ିଛି। ଫଳରେ ସକାଳ ୯ଟାରୁ ୧୧ଟା ମଧ୍ୟରେ ଏବଂ ସନ୍ଧ୍ୟା ସମୟରେ ପ୍ରାୟତଃ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଛି। ଅନେକ ସମୟରେ ଛାତ୍ରଛାତ୍ରୀ ଟ୍ରାଫିକ୍ ସମସ୍ୟା ଯୋଗୁଁ ହଇରାଣ ହେଉଛନ୍ତି। ସେହିପରି ଡାକ୍ତରଖାନାକୁ ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକେ ମଧ୍ୟ ଏଥିଯୋଗୁଁ ଅସୁବିଧାରେ ପଡୁଛନ୍ତି। ଏପରିକି ଏହି ରାସ୍ତା କଡ଼ରେ ନିର୍ମାଣ ହୋଇଥିବା ଡ୍ରେନ ଓ ପାଦ ଚଲା ରାସ୍ତାକୁ ମଧ୍ୟ ଜବର ଦଖଲ କରି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ, ପ୍ରଶାସନ ତଥା ନେତା ମନ୍ତ୍ରୀ ଏଥିପ୍ରତି କର୍ଣ୍ଣପାତ କରୁ ନଥିବା ଜଣାପଡ଼ିଛି। ଏହି ସମସ୍ୟାକୁ ଦେଖି ନ ଦେଖିଲା ପରି ଚୁପ ରହୁଥିବା ବେଳେ ଲୋକେ ଏହି ରାସ୍ତାରେ ଟ୍ରାଫିକ ସମସ୍ୟାରେ ଫସି ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସମୟରେ ଏହି ମୁଖ୍ୟ ରାସ୍ତାରେ ପିଏଚ୍‌ଡି ତରଫରୁ ପାନୀୟ ଜଳଯୋଗାଣ ନିମନ୍ତେ ବହୁ ସ୍ଥାନରେ ରାସ୍ତା ଖୋଳି ପାଇପ ଲାଇନ ବିଛାଉଥିବା ବେଳେ ତାହା ପଥଚାରୀଙ୍କ ପାଇଁ ସମସ୍ୟା ହେଉଛି। ଏହାକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏବଂ ଚିଲିକା ବିଧାୟକ ତଥା ଖୋଦ ରାଜ୍ୟର ପ୍ରମୁଖ ବିଭାଗର ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ଏହି ରାସ୍ତାରୁ ଜବର ଦଖଲ ଉଚ୍ଛେଦ କରିବା ସହ ଉକ୍ତ ମୁଖ୍ୟ ରାସ୍ତାକୁ ସମ୍ପ୍ରସାରଣ କରିବାକୁ ସ୍ଥାନୀୟ ବାସିନ୍ଦା ତଥା ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି।




## ଖୋର୍ଦ୍ଧାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



ଖୋର୍ଦ୍ଧା,୬।୪(ସମିସ): ସୋମବାର ଖୋର୍ଦ୍ଧା ପଞ୍ଚାୟତ ସମିତିର ଅଭିଯୋଗ ଶୁଣାଣି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ପେନସନ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା, ବିଦ୍ୟୁତ ସମସ୍ୟା, ପାଣି ସମସ୍ୟା ଭଳି ମୋଟ ୧୧୮ଟି ବିଭିନ୍ନ ସଂକ୍ରାନ୍ତୀୟ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧୧୨ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ମାତ୍ର ୬ଟି ସାମୁହିକ ଥିଲା। ଘଟଣାସ୍ଥଳରେ ୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ବଣିଆଟାଙ୍ଗି ସୁଜାତା ସାହୁଙ୍କୁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ୧୦ ହଜାର ଟଙ୍କା ଆର୍ଥିକ ସାହାଯତା ରାଶି ପ୍ରଦାନ କରିଥିଲେ। ଅନଲାଇନ୍‌ରେ ଆସୁଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ଅଧିକାରୀମାନେ ଯତ୍ନବାନ ହୋଇ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

### ଗଛ ଓ ମାଟିରେ ପୋତି ହୋଇଗଲାଣି ମହାନାଳ

# ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ବି ହେଉନି ପୁନରୁଦ୍ଧାର

ବାରିପଦା, ୬ ।୪(ସମିସ)



ବାରିପଦା ସହରକୁ ସୌନ୍ଦର୍ଯ୍ୟକରଣ କରିବା ନେଇ ମନ୍ତ୍ରୀ ଓ ବିଧାୟକ ବାରମ୍ବାର ସମୀକ୍ଷା ବୈଠକ କରୁଥିବାବେଳେ ସହରର ନାଳ ଓ ମହାନାଳର ପୁନରୁଦ୍ଧାର ହେଉନାହିଁ। ଏପରିକି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ ବି ନାଳ ଓ ମହନାଳର ପୁନରୁଦ୍ଧାର କାର୍ଯ୍ୟ ହେଲା ନାହିଁ। ଏପଟେ କାଳ ବୈଶାଖୀ ବର୍ଷା ଆରମ୍ଭ ହେଲାଣି। ଆଗକୁ ପରିସ୍ଥିତି ଅଣାୟତ୍ତ ହେବା ନିଶ୍ଚିତ। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି।

ବାରିପଦା ସହର ମଧ୍ୟରେ ପ୍ରବାହିତ ହେଉଥିବା ନାଳ, ମହାନାଳର ସ୍ଥିତି ଶୋଚନୀୟ ହୋଇ ପଡ଼ିଲାଣି। କ୍ଷୁଦ୍ର ଜଳସେଚନ ବିଭାଗ ନିଜର ବାସ୍ତବତା କାର୍ଯ୍ୟଠାରୁ ଦୁରେଇ ଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୩ ଅକ୍ଟୋବର ଫାଇଲିନ ବାତ୍ୟାଜନିତ ବର୍ଷା ଓ ବନ୍ୟାରେ ବାରିପଦା ସହର ଜଳମୟ ହୋଇ ଉବୁଟୁବୁ ହୋଇଥିଲା। ମାଷ୍ଟର ପ୍ଲାନ ଅନୁଯାୟୀ ନିର୍ମିତ ମହାନାଳ ଓ ଜରାଳୀ, ସରାଳୀ ନଦୀ ସଫେଇ କାର୍ଯ୍ୟ ହେବାର ପ୍ରାୟ ୧୨ ବର୍ଷ ମଧ୍ୟରେ ପୋତି ହୋଇଗଲାଣି। କ୍ରମାଗତ ଭାବେ ବିଭାଗ ପକ୍ଷରୁ ଅନବନା ଗଛଲଟା କଟା, ଅଳିଆ ଆବର୍ଜନା, ଦଳ ସଫେଇ ଓ ପଙ୍କ ଉଦ୍ଧାର ନ ହେବା, ଜବରଦଖଲ ଉଚ୍ଛେଦ ନ ହେବା ଫଳରେ ବର୍ତ୍ତମାନ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଉକ୍ତ ମହାନାଳରେ ସମସ୍ତ ଡ୍ରେନ୍ ପାଣି ମିଶୁଛି। ସହର ସାରାର ଅଳିଆ ପାଣି ଗୋଟିଏ ସ୍ଥାନରେ ମାସ ମାସ ଧରି ଜମି ରହୁଥିବାବେଳେ ମଶା ବଂଶ ବୃଦ୍ଧି କରିବାରେ ସହାୟକ ହେଉଛି। ଯଦ୍ଵାରା ଏହାର ଆଖପାଖ ଅଞ୍ଚଳରେ ରହୁଥିବା ଲୋକଙ୍କ ଘରେ ମଶା, ମାଛି, ସରୀସୃପ ଆଦି ପଶୁଛନ୍ତି। ଯାହାକି ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗ ସୃଷ୍ଟି କରିବା ପାଇଁ ସହାୟକ ହେଉଛି। ଏଥିସହିତ ବର୍ତ୍ତମାନ ସମୟରେ କିଛି ଜମି ମାଫିଆ ଓ ସ୍ୱାର୍ଥବାଦୀ ଲୋକଙ୍କ ଲୋଲୁପ ଦୃଷ୍ଟି ମଧ୍ୟ ପଡ଼ିଛି। ଧୀରେ ଧୀରେ ଜଳସ୍ରୋତକୁ ସଙ୍କୁଚିତ କରି ଜବରଦଖଲ କରି ନିଜ ଆୟତ୍ତକୁ ନେଇ ସାରିଲେଣି। ଫଳରେ ସାମାନ୍ୟ ବର୍ଷା ହେଲେ ନାଳ ଓ ମହାନାଳର ପାଣି ପ୍ରବାହିତ ହେବାରେ ଅସୁବିଧା ହେବା ସହ ନଦୀ ସଂଲଗ୍ନ ଅଞ୍ଚଳର ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି।

**ପୁଣି ବେହାଲ ହେବ ବାରିପଦା ସହର**

ବାରିପଦା ପୌରପାଳିକା ଅଧୀନରେ ରହିଛି ୨୮ଟି ୱାର୍ଡ। ଏସବୁ ୱାର୍ଡରୁ ନିଷ୍କାସିତ ଦୂଷିତ ଜଳ, ବର୍ଷାଜଳ ସମସ୍ତ ଡ୍ରେନରେ ଯାଇ ନାଳ, ମହାନାଳ ଓ ଜରାଳୀ-ସରାଳୀ ନଦୀରେ ମିଶିଛନ୍ତି। ସହରର ଉତ୍ତର ଦେଇ ଯାଇଥିବା ୧୮ନଂ ଜାତୀୟ ରାଜପଥର ଅପରପାର୍ଶ୍ୱରୁ ୪ଟି ମହାନାଳ ବହିଯାଇଛି। ସହରର ଦକ୍ଷିଣ ପାର୍ଶ୍ୱରେ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରେ ଏହି ସବୁ ମିଶିଛନ୍ତି। ଫାଇଲିନ ସମୟରେ ବୁଢ଼ାବଳଙ୍ଗର ବନ୍ୟା ଜଳ ଓଲଟା ଦିଗରେ ପଶି ବ୍ୟାପକ କ୍ଷତି ପହଞ୍ଚାଇବା ପରେ ସେତେବେଳେ ମାଷ୍ଟର ପ୍ଲାନ ଜରିଆରେ ସମସ୍ତ ନଦୀ ନାଳ ଖନନ ସହିତ ଗାର୍ଡୱାଲ, ପୋଲ, ପଥର ପ୍ୟାଚିଂ ସମ୍ପନ୍ନ ହୋଇଥିଲା। ତେବେ ସେତେବେଳେ ଜବରଦଖଲ ଉଚ୍ଛେଦ ପ୍ରତି ପ୍ରଶାସନର ସ୍ଥାଣୁତା ପାଇଁ ନାଳ ଓ ନଦୀ ଶଯ୍ୟା ସଙ୍କୁଚିତ ହେଲାଣି। ପରେ ନାଳ ନଦୀର ଉପରମୁଣ୍ଡରୁ ବୋହି ଆସୁଥିବା ମାଟି ଓ ବାଲିରେ ଶଯ୍ୟା ପୋତିବା ସହିତ ବୁଦା ଓ ଗଛ ଉଠି ପ୍ରବାହ ଜଳରାଶିର ବାଧକ ସାଜିଛି। ଫଳରେ ସାମାନ୍ୟ ବର୍ଷାରେ ସ୍ଥିତି ବେହାଲ ହେଉଛି। ପୌରପାଳିକା ଡ୍ରେନ ସଫେଇ କାର୍ଯ୍ୟ ଜାରି ରଖିଥିବାବେଳେ ମହାନାଳ ଓ ନଦୀଗୁଡ଼ିକ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବାରୁ ସେଗୁଡ଼ିକର ସଫେଇ କାର୍ଯ୍ୟ ହେଉନାହିଁ। ମହାନାଳ ୨୮ଟି ଯାକ ୱାର୍ଡ ଦେଇ ପ୍ରବାହିତ ହେଉଥିବାବେଳେ ସହରବାସୀଙ୍କ ନର୍ଦ୍ଦମା ଜଳ ଏଠାରେ ମିଶୁଛି। ଖନନ ଓ ସଫେଇ କାର୍ଯ୍ୟ ହେଉ ନ ଥିବାରୁ ଉଦବୃତ୍ତ ଦୂଷିତ ଜଳ ଓଲଟି ସାମାନ୍ୟ ବର୍ଷାରେ ଘରକୁ ଫେରୁଛି। କେତେକ ସ୍ଥାନରେ ଜନସାଧାରଣ ବାଧ୍ୟ ହୋଇ ନିଜେ ନିଜେ ନାଳ ସଫା କରିବାକୁ ବାଧ୍ୟ ହେଉଛନ୍ତି। କ୍ଷୁଦ୍ର ଜଳସେଚନ ବିଭାଗର ଅପାରଗତା ପାଇଁ ସମସ୍ତେ ନାକେଦମ ହେଉଛନ୍ତି।

ଅନ୍ୟପକ୍ଷରେ ୨୦୨୫ ଜୁଲାଇ ୨୮ ତାରିଖରେ ମନ୍ତ୍ରୀ ଡା ମହାପାତ୍ର ବାରିପଦା ସହରର ବିଭିନ୍ନ ସ୍ଥାନରେ ମହାନାଳ ପରିଦର୍ଶନ କରିଥିଲେ। ସମସ୍ୟା ପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜରାଳି ଓ ସରାଳି ମହାନାଳ ଗଛଲତାରେ ପୋତି ହୋଇଯାଇଥିବାରୁ ବାରିପଦା ସହରରେ ବର୍ଷା ଦିନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ତେଣୁ ଏହାର ସମାଧାନ ପାଇଁ ନଦୀ ପରିସରକୁ ସଫା କରି ରଖିବା ପାଇଁ ମନ୍ତ୍ରୀ ଡା ମହାପାତ୍ର ନିର୍ଦ୍ଦେଶ ଦେଇଥିବା ଗଣମାଧ୍ୟମକୁ କହିଥିଲେ। କିନ୍ତୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ତିଳେ ହେଲେ ଖାତିର ନାହିଁ। ଏହା ଏକ ଗମ୍ଭୀର ସମସ୍ୟା ହୋଇଥିବାବେଳେ ଏ ନେଇ ସ୍ଥାନୀୟ ଜନପ୍ରତିନିଧି ତିଳେ ହେଲେ ନିଘା ଦେଉନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରି ନାଳ, ମହାନାଳ ପୋତି ହେବା କାରଣରୁ ଫାଇଲିନ ସମୟରେ ବାରିପଦା ସହର ମଧ୍ୟ ଭାଗକୁ ବନ୍ୟା ପାଣି ପ୍ରବେଶ କରିଥିଲା। ଯାହାକୁ ନେଇ ବହୁ ଲୋକେ କ୍ଷତିଗ୍ରସ୍ତ ହେବା ସହ ବହୁ କଷ୍ଟ ପାଇଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା ମହାପାତ୍ରଙ୍କ ଜିଲ୍ଲାରେ ମଧ୍ୟ ଏଭଳି ଅବସ୍ଥା ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ। ବିଭାଗୀୟ ପକ୍ଷରୁ ବାହାର ରାଜ୍ୟର ଏକ ସଂସ୍ଥା ପକ୍ଷରୁ ୨୮ଟି ୱାର୍ଡର ବର୍ଷାଜଳ ନିଷ୍କାସନ ନେଇ ମାଷ୍ଟର ପ୍ଲାନ ନିମନ୍ତେ ସର୍ଭେ ଓ ଡିପିଆର ପ୍ରସ୍ତୁତ କରାଯାଇଛି। ବିଭାଗୀୟ ଅନୁମୋଦନ ମିଳିଲେ ଖୁବଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ କହିଛନ୍ତି।

## ବାଲି ବୋଝେଇ ୨ ହାଇୱା ଜବତ



**ମହୁଲଡିହା, ୬।୪(ସମିସ):** ଠାକୁରମୁଣ୍ଡା ବ୍ଲକ ଆନନ୍ଦପୁର ଆଡ଼ୁ ବୈତରଣୀ ନଦୀର ବାଲି ଚୋରାରେ ବୋଝେଇ କରି ଆସୁଥିବା ଦୁଇଟି ହାଇୱାକୁ ଖଣି ବିଭାଗ ପକ୍ଷରୁ ଜବତ କରି ମହୁଲଡିହା ଥାନାରେ ଅଟକ ରହିଛି। ୬ ତାରିଖ ସକାଳେ ଖଣି ବିଭାଗ ହାଇୱା ଦୁଇଟିକୁ ଠାକୁରମୁଣ୍ଡା-ଶରତ ରାସ୍ତାରେ ଯାଉଥିବାବେଳେ ଜବତ କରିଥିଲା। ଗାଡ଼ି ନମ୍ବର ଓଡି ୧୧ ଜେ ୯୪୦୧କୁ ଉଦୁବେଡା ଛକ ଓ ଅନ୍ୟଟି ଓଡି ୦୯ ଏଜି ୮୨୮୯କୁ ଚମ୍ପାଝରରେ ବାଲି ଖାଲି କରିବା ସମୟରେ ଅଧା ବାଲି ସହ ଜବତ କରାଯାଇଛି। ଏହି ରାସ୍ତାରେ ପୂର୍ବରୁ ମହୁଲଡିହା ଓ ଠାକୁରମୁଣ୍ଡା ଥାନା ପୁଲିସ ସହିତ ଖଣି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ବହୁତ ଚୋରା ବାଲି ବୋଝେଇ ଗାଡ଼ି ଜବତ ହୋଇଛି। ସେଥିମଧ୍ୟରୁ ଅଧିକାଂଶ ଜରିମାନା ଦେଇଥିବାବେଳେ ଆଉ କେତେ ଗାଡ଼ିର କେଶ ରୁଜୁ ହୋଇଛି। ସେହିପରି ୪ ତାରିଖ ସକାଳେ ମହୁଲଡିହା ଥାନା ପୁଲିସ ପାଟ୍ରୋଲିଂ ସାରି ଫେରୁଥିବାବେଳେ ଗୋଟିଏ ବାଲି ଗାଡ଼ିର କାଗଜ ପତ୍ର ଯାଞ୍ଚ କରି କେଶ ରୁଜୁ କରିଥିବାବେଳେ ଆଜି ଦୁଇଟି ହାଇୱା ଖଣି ବିଭାଗ ଅଧିକାରୀ ଜବତ କରି ମହୁଲଡିହା ଥାନାରେ ଅଟକ ରଖିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଓ ଗୁରୁ ପୂଜନ



**ଶୁକ୍ଲି, ୬।୪(ସମିସ):** ବିଦ୍ୟାଳୟ ଏକ ଅନୁଷ୍ଠାନ ନୁହେଁ। ଏହା ଏକ ମଣିଷ ଗଢ଼ା କାରଖାନା। ଯେଉଁଠି ସମାଜର ଶ୍ରେଷ୍ଠ ପ୍ରାଣୀ ମଣିଷ ଶାରୀରିକ, ମାନସିକ ଓ ନୈତିକ ଦୃଷ୍ଟିକୋଣରୁ ଉତ୍ତମ ହୋଇ ଗଢିଉଠେ। ଯେଉଁ ଗୁରୁମାନଙ୍କ ଅକ୍ଳାନ୍ତ ନିରନ୍ତର ସାଧୁ ଉଦ୍ୟମ ଓ ଆଶିଷ ଫଳରେ ଶିଶୁଟିଏ ପୂର୍ଣ୍ଣାଙ୍ଗ ରୂପ ପାଇଥାଏ, ସେହି ଗୁରୁଙ୍କୁ ପୂଜନ, କୃତଜ୍ଞତା ଜ୍ଞାପନ ତଥା ସମ୍ମିଳନୀ ଉଦ୍ଦେଶ୍ୟରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇସାରିଥିବା ୨୦୧୧ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିଲେ। ବିଦ୍ୟାଳୟରେ ଗୁରୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ନିଜ ନିଜ ବ୍ୟକ୍ତିଗତ ସ୍ଥିତି ଓ ସମାଜର ପ୍ରଗତି ଦିଗରେ ନିଜର କାର୍ଯ୍ୟଧାରା ଉପସ୍ଥାପନ କରିଥିଲେ। ବିଦ୍ୟାଳୟକୁ ଆଧୁନିକ ଯୁଗରେ ଡିଜିଟାଲ ଦୁନିଆଁ ସହିତ ଯୋଡ଼ିବା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ ଛାତ୍ରଛାତ୍ରୀ ମତବ୍ୟକ୍ତ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଘଣା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରଛାତ୍ରୀ ମଧ୍ୟରୁ ଅମରେଶ ରାଉତ ଓ ହିତେଶ ବାରିକ ନେତୃତ୍ୱ ନେଇ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ ଉଦ୍‌ଯାପିତ




**ରାସଗୋବିନ୍ଦପୁର, ୬।୪(ସମିସ):** ସୋମବାର ମୃଷାମାରୀ ସାଇକ୍ରିଷ୍ଣା କଲ୍ୟାଣ ମଣ୍ଡପଠାରେ ବିଜେପି ପକ୍ଷରୁ ତିନି ଦିନ ଧରି ଚାଲିଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଉଦଯାପିତ ହୋଇଯାଇଛି। ଏହି ପରିପେକ୍ଷୀରେ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସରକାରଙ୍କ କାର୍ଯ୍ୟକଳାପ ଓ ଯୋଜନା ବିଷୟରେ ବିଶେଷ ଭାବେ ପ୍ରଶିକ୍ଷଣ ଦେଇଥିଲେ। ତିନିଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଅଭିଯାନର ପ୍ରଥମ ଓ ଦ୍ୱିତୀୟ ଦିନରେ ୪୮ ନଂ ମଣ୍ଡଳ, ଦ୍ୱିତୀୟ ଓ ତୃତୀୟ ଦିନରେ ୪୭ ନଂ ମଣ୍ଡଳର ନେତୃ ମଣ୍ଡଳୀଙ୍କୁ ବିଜେପିର ବ୍ୟଚାରିକ ପୃଷ୍ଠଭୂମି, ବିଜେପିର ଇତିହାସ ଓ ବିକାଶ, ବୁଥ ପରିଚାଳନ ଓ ମନ କି ବାତ, ନିଜ ସରକାରଙ୍କ କର୍ଯ୍ୟକଳାପ, ଯୋଜନା, କାର୍ଯ୍ୟ ବିସ୍ତାର, ସୋସିଆଲ ମିଡିଆ ଓ ସମନ୍ୱୟତା ବିଷୟ ଉପରେ ବିଶେଷ ଭାବରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ଜିଲ୍ଲା ସମ୍ପାଦକ ପୁରୁଷୋତ୍ତମ ଦେ, ଜିଲ୍ଲା ଉପସଭାପତି ସରୋଜିନୀ କିସ୍କୁ, ପ୍ରଶିକ୍ଷକ ପ୍ରଦୀପ କୁମାର ପରିଡ଼ା, ୪୮ନଂ ମଣ୍ଡଳ ସଭାପତି ଅବିନାଶ କୁଣ୍ଡୁ, ୪୭ନଂ ମଣ୍ଡଳ ସଭାପତି ରଣଜିତ ବାରିକ, ସାଧାରଣ ସମ୍ପାଦକ ଦେବାଶିଷ ମହାନ୍ତି, ଆଦିତ୍ୟ ମାହାଳା, ପ୍ରଭାରୀ ସୋରେଜ ଭୋଇ, ବରିଷ୍ଠ ସଦସ୍ୟ ନରୋତ୍ତମ ମହାନ୍ତି, ଦେବଶୋଳ ସରପଞ୍ଚ ଲକ୍ଷ୍ମୀ ହାଁସଦା, ଝାଟିଅଡା ସରପଞ୍ଚ ବୁଦ୍ଧିଆ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ଦଳର ନିୟମାବଳୀ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

### ଗ୍ୟାସ୍ ଉପଭୋକ୍ତା ପାଇଁ ଇ-କେୱାଇସି ବାଧ୍ୟତାମୂଳକ

## ଗ୍ୟାସ୍ ଏଜେନ୍ସୀ ଆଗରେ ଲାଗିଛି ଲୋକଙ୍କ ଭିଡ଼

**ଉଦଳା, ୬।୪(ସମିସ):** ବର୍ତ୍ତମାନ ଗ୍ୟାସକୁ ନେଇ ସାରା ଦେଶର ଲୋକଙ୍କ ମନରେ ଛନକା ପଶିଥିବାବେଳେ ସରକାରଙ୍କ ନୂତନ ନିୟମ ଲାଗୁ ହୋଇଛି। ତେଣୁ ଇ-କେୱାଇସି କରିବାକୁ ଗ୍ୟାସ୍ ଏଜେନ୍ସୀ ଆଗରେ ଲୋକଙ୍କ ଲମ୍ବା ଲାଇନ ହେଉଥିବା ଦେଖିବାକୁ ମିଳିଛି। ଇନ୍ଧନ ଗ୍ୟାସରେ ଏବେ କଳାବଜାର ରୋକିବା ପାଇଁ ସରକାର ନୂଆ ନିୟମ କରିଛନ୍ତି। ଇନ୍ଧନ ଉପଭୋକ୍ତାଙ୍କ ପାଇଁ ଏବେ ଇ- କେୱାଇସି ବାଧ୍ୟତାମୂଳକ ହୋଇଛି। ଉପଭୋକ୍ତା ଇ-କେୱାଇସି କରି ନ ଥିଲେ ଆଉ ମିଳିବନି ଇନ୍ଧନ ଗ୍ୟାସ ବୋଲି ସରକାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯଦ୍ଵାରା ଠିକ୍ ସମୟରେ ଇନ୍ଧନ ଗ୍ୟାସ ମିଳିପାରିବ ବୋଲି ସରକାର ପ୍ରକାଶ କରିଛନ୍ତି। ତେବେ ଏହି ଇ-କେୱାଇସି ନିୟମକୁ ଉପଭୋକ୍ତା ସ୍ୱାଗତ କରିଥିବାବେଳେ ସରକାର ଏ ଦିଗରେ ଆହୁରି କଡ଼ା ନିଷ୍ପତ୍ତି ନେବାରେ ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଉପଭୋକ୍ତା ଗ୍ୟାସ ନ ପାଉଥିବାବେଳେ ଗ୍ୟାସ କଳାବଜାରୀ ସକ୍ରିୟ ହେଉଥିଲେ। ଉକ୍ତ ନିୟମକୁ ସରକାର ଉଚିତ୍ ଦୃଷ୍ଟାନ୍ତ ଦେବା ଦରକାର ବୋଲି ଜନସାଧାରଣ ମତବ୍ୟକ୍ତ କରିଛନ୍ତି।

## ନୂତନ ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ

### ଖାଲିପଡ଼ିଛି ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ପଦ



**ରାଇରଙ୍ଗପୁର, ୬।୪ (ସମିସ):** ନୂତନ ତହସିଲଦାର ଭାବେ ଭବାନୀପ୍ରସାଦ ସାହୁ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ରାଇରଙ୍ଗପୁରସ୍ଥ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଭୂମି ସୁଧାର ଅଧିକାରୀ ଭାବେ ନିଯୋଜିତ ଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଓଏଏସ ସ୍ତରରେ ଅଦଳବଦଳ ହୋଇଥିଲା। ରାଇରଙ୍ଗପୁରର ପୂର୍ବତନ ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କୁ ମୟୂରଭଞ୍ଜ ସହକାରୀ ଜିଲ୍ଲାପାଳ ଭାବେ ବଦଳି କରାଯାଇଥିବାବେଳେ ଉକ୍ତ ସ୍ଥାନରେ ଶ୍ରୀ ସାହୁଙ୍କୁ ନିଯୁକ୍ତ କରାଯାଇଥିଲା। ଯାହାକୁ ନେଇ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ନୂତନ ତହସିଲଦାରଙ୍କୁ ରାଜସ୍ୱ କର୍ମଚାରୀ କାର୍ଯ୍ୟାଳୟଠାରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ରାଇରଙ୍ଗପୁର ଅଞ୍ଚଳ ପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ରହିଛି। ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ପ୍ରଚେଷ୍ଟା ଜାରି ରହିବ। ଏ ନେଇ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ତେବେ ବାମନଘାଟି ଉପଖଣ୍ଡର ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ପଦବୀ ଅନେକ ଦିନ ହେବ ଖାଲିପଡ଼ିଛି। ପୂର୍ବରୁ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଅନ୍ୟତ୍ର ବଦଳି ସହ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହାପରେ ଉକ୍ତ ସ୍ଥାନରେ କେହି ଯୋଗଦାନ କରିନାହାନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଉପ ଜିଲ୍ଲାପାଳ ଭାବେ ଧର୍ମଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଅଜୟପ୍ରକାଶ ତିର୍କୀଙ୍କୁ ନିଯୁକ୍ତ କରାଯାଇଛି। କିନ୍ତୁ ବଦଳି ହୋଇଥିବା ସତ୍ତ୍ୱେ ସେ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦାନ କରିନାହାନ୍ତି। ସେହିପରି ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ମଧ୍ୟ କାହାକୁ ନିଯୁକ୍ତି ପ୍ରଦାନ କରାଯାଇନାହିଁ। ରାଇରଙ୍ଗପୁର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ହୋଇଥିବାବେଳେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ। କିନ୍ତୁ ଉପଖଣ୍ଡର ଦୁଇଟି ବରିଷ୍ଠ ଅଧିକାରୀ ପଦବୀ ଖାଲି ପଡ଼ିବା ସଠିକ ନୁହେଁ। ଉକ୍ତ ଦୁଇଟି ପଦବୀରେ ଅଧିକାରୀ ନିଯୁକ୍ତ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ନିହାତି ଆବଶ୍ୟକ ଅଟେ।

## ଚୋର ଗ୍ୟାଙ୍ଗର ୪ ଗିରଫ

**ରାଇରଙ୍ଗପୁର/କରଞ୍ଜିଆ, ୬।୪(ସମିସ):** କରଞ୍ଜିଆ ଥାନା ଅଞ୍ଚଳରେ ବିଭିନ୍ନ ଚୋରି ଘଟଣାରେ ଜଡ଼ିତ ଥିବା ଚୋର ଗ୍ୟାଙ୍ଗ ପୁଲିସ ହାବୁଡ଼ରେ ପଡ଼ିଛନ୍ତି। ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବିଭିନ୍ନ ସମୟରେ ହୋଇଥିବା ଗୋରୁଗାଇ ଚୋରି, ଗୋଚାଲାଣ ଓ ଆଲୁମିନିୟମ ଫ୍ୟାକ୍ଟ୍ରିରୁ ଚୋରି ଘଟଣାରେ ଉକ୍ତ ଗ୍ୟାଙ୍ଗର ସମ୍ପୃକ୍ତ ଥିଲା। ଫେରାର ଥିବା ଚୋରଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛନ୍ତି। ଗିରଫ ଅଭିଯୁକ୍ତ ଚଢ଼େଇଭୋଳ ଗ୍ରାମ ନୂଆସାହିର ମହମ୍ମଦ ଜାବାର, ମହମ୍ମଦ ମୁସ୍ତାକ, ମହାଦେବ ଦେଉଳି ଗ୍ରାମର ବିଟୁ ଓରଫ ମହମ୍ମଦ ମୁସ୍ତାକିନ ଓ ଜାହିର ଖାନ। ୨୦୨୩ ଅଗଷ୍ଟ ୫ ତାରିଖରେ କରଞ୍ଜିଆ ସହର ଅଙ୍କୁରା ଗ୍ରାମରେ ଥିବା ଏକ ଆଲୁମିନିୟମ ଫ୍ୟାକ୍ଟ୍ରିରୁ ଚୋରି ଘଟଣାରେ ମୁସ୍ତାକିନ ଓ ମୁସ୍ତାକ ସମ୍ପୃକ୍ତ ଥିଲେ। କରଞ୍ଜିଆ, ଆନନ୍ଦପୁର, ଯଶିପୁର, କେନ୍ଦୁଝର, ଗୋରୁମହିଷାଣୀ ଓ ଠାକୁରମୁଣ୍ଡା ଅଞ୍ଚଳରେ ଘଟିଥିବା ବିଭିନ୍ନ ଗୋରୁଗାଇ ଚୋରି ଓ ଗୋଚାଲାଣ ଘଟଣାରେ ମଧ୍ୟ ଏହି ୪ ଜଣଙ୍କ ସମ୍ପୃକ୍ତି ଥିବା ନେଇ ପୁଲିସ ତଦନ୍ତରେ ଜଣାପଡ଼ିଥିଲା। ଖବର ପାଇ କରଞ୍ଜିଆ ପୁଲିସ ଚଢ଼ଉ କରି ସମସ୍ତଙ୍କୁ ଗିରଫ କରିଛି।

### ଉଦଳାରୁ ବାଲେଶ୍ୱର ବସ୍ ଚଳାଚଳ ବନ୍ଦ

## ତିନିଦିନ ଧରି ଯାତ୍ରୀ ହନ୍ତସନ୍ତ




**ଉଦଳା, ୬।୪(ସମିସ):** ତିନିଦିନ ହେବ ଉଦଳାରୁ ବାଲେଶ୍ୱର ଯାଉଥିବା ବସ୍‌ଗୁଡ଼ିକ ଉଦଳା ବସଷ୍ଟାଣ୍ଡ ନିକଟରେ ଠିଆ ହୋଇ ରହିଥିବା ଦେଖିବାକୁ ମିଳିଛି। ବସ୍ ଚଳାଚଳ ସମୟକୁ ନେଇ ଉପୁଜିଛି ବିବାଦ ଉପୁଜିଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି।

ସୂଚନା ମୁତାବକ, ବସ ଚଳାଚଳ ସମୟ ବିବାଦକୁ ନେଇ ବାଲେଶ୍ୱର ବସ ମାଲିକ ସଂଘ ଉଦଳାର ଦୁଇଟି ବସ୍‌କୁ ଅଟକାଇ ଦେଇଥିଲେ। ଏହା ପ୍ରତିଉତ୍ତରରେ ଉଦଳା ବସ୍ ମାଲିକ ସଂଘ ମଧ୍ୟ ବାଲେଶ୍ୱରର ଦୁଇଟି ବସକୁ ଅଟକାଇ ଥିଲେ। ପରବର୍ତ୍ତୀ ସମୟରେ ଦୁଇ ବସ ମାଲିକ ସଂଘ ମଧ୍ୟରେ ଆଲୋଚନା ହୋଇଥିବା ସତ୍ତ୍ୱେ କୌଣସି ସମାଧାନର ରାସ୍ତା ବାହାରି ନ ଥିଲା। ବର୍ତ୍ତମାନ ଖରାର ପ୍ରକୋପରେ ଲୋକମାନେ ଅସହ୍ୟ ଯନ୍ତ୍ରଣା ଭୋଗ କରୁଥିବାବେଳେ ଉକ୍ତ ଘଟଣା ପାଇଁ ଶହ ଶହ ଯାତ୍ରୀ ହୀନସ୍ତା ହେଉଛନ୍ତି। ସାଧାରଣତଃ ଉଦଳାରୁ ବାଲେଶ୍ୱର ଗମନାଗମନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବସ୍ ଉପରେ ନିର୍ଭର କରିଥା'ନ୍ତି। ଏଭଳି ଘଟଣା ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ସମ୍ପୃକ୍ତ ହେବାର ଆବଶ୍ୟକତା ଥିବାବେଳେ ସମାଧାନର ରାସ୍ତା ଖୁବ୍‌ଶୀଘ୍ର ବାହାର କରିବାକୁ ସାଧାରଣରେ ଦାବି ହେଉଛି।

### ଜନଗଣନା କାର୍ଯ୍ୟରେ ଶିକ୍ଷକ/ଶିକ୍ଷୟିତ୍ରୀ ନିୟୋଜିତ

## ଶିକ୍ଷାବର୍ଷ ଆରମ୍ଭରୁ ପାଠପଢ଼ା ହେବ ଠପ୍, ଚିନ୍ତାରେ ଅଭିଭାବକ

**ମୋରଡ଼ା, ୬।୪(ସମିସ):** ଆରମ୍ଭ ହୋଇଛି ନୂତନ ଶିକ୍ଷାବର୍ଷର ପାଠପଢ଼ା। ତେବେ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ସମସ୍ତ ସ୍କୁଲ ସକାଳୁଆ ଖୋଲୁଛି। ମାତ୍ର ଶିକ୍ଷାବର୍ଷ ଆରମ୍ଭରୁ ଛାତ୍ରଛାତ୍ରୀଙ୍କୁ ପଢ଼ାଇବାକୁ ସ୍କୁଲରେ ଆବଶ୍ୟକତାଠାରୁ ବହୁତ କମ ଶିକ୍ଷକ/ଶିକ୍ଷୟିତ୍ରୀ ରହିଛନ୍ତି। ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପ୍ରଶାସନ ପକ୍ଷରୁ ସରକାରଙ୍କ ଜନଗଣନା କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଛି। ଅନ୍ୟପକ୍ଷରେ ପରୀକ୍ଷା ଖାତା ମୂଲ୍ୟାୟନରେ ସ୍କୁଲର ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି। ଏବେ ଜନଗଣନା କାର୍ଯ୍ୟରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନିୟୋଜିତ କରାଯିବା ଦ୍ୱାରା ସ୍କୁଲରେ ନୂତନ ଶିକ୍ଷାବର୍ଷ ଆରମ୍ଭରୁ ପାଠପଢ଼ା ସମସ୍ୟା ଗୁରୁତର ହୋଇଛି। ତେବେ ପିଲାଙ୍କ କ୍ଲାସ୍ ନେବାକୁ ସ୍କୁଲରେ ଶିକ୍ଷକ/ଶିକ୍ଷୟିତ୍ରୀ ନ ରହିବାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ବିଭିନ୍ନ ଘରୋଇ ସଂସ୍ଥାର କର୍ମଚାରୀଙ୍କୁ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯିବାକୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ତେବେ ମୋରଡା ବ୍ଲକରେ ପିଲାଙ୍କ ଅନୁପାତରେ ଶିକ୍ଷକ ବହୁତ କମ୍ ରହିଛନ୍ତି। ଫଳରେ ସରକାରୀ ସ୍କୁଲରୁ ମୁହଁ ଫେରାଉଛନ୍ତି ଅଭିଭାବକ। ତେଣୁ ବିଭିନ୍ନ ଆଉଟ ସୋର୍ସିଂ ସଂସ୍ଥାକୁ ସରକାର ବିଭିନ୍ନ କାର୍ଯ୍ୟ କରାଉଛନ୍ତି। ଠିକ ସେହିପରି ଉକ୍ତ ଜନଗଣନା କାର୍ଯ୍ୟ ଘରୋଇ ସଂସ୍ଥାକୁ ପ୍ରଦାନ କରାଗଲେ ଅଳ୍ପ ଖର୍ଚ୍ଚରେ ବହୁତ ଶୀଘ୍ର ସମସ୍ତ କାର୍ଯ୍ୟ ସମ୍ପାଦନ ହେବ ବୋଲି ମତ ପ୍ରକାଶ ପାଉଛି।

# ରକ୍ତଦାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୬ ।୪(ସମିସ)




ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ସମ୍ପ୍ରତି ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଆସନ୍ତା ୮ ତାରିଖରେ ରକ୍ତଦାନ ଦିବସ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୮ ତାରିଖ ରକ୍ତଦାନ ଦିବସରେ ରକ୍ତଦାନ କରିବା ପାଇଁ ଛାତ୍ରୀଙ୍କ ମଧ୍ୟରେ ଥିବା ସମସ୍ତ ଅନ୍ଧବିଶ୍ୱାସ ବା ଆଶଙ୍କାକୁ ଦୂର କରିବାକୁ ଏକ ସଚେତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସ ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଡ. ନିରୋଜ କୁମାର ପୁଥାଳ, ସୁମିତା ଚୌବେ, ସେବାନିବୃତ୍ତ ଶିକ୍ଷକ ସୋମନାଥ ସିଂହ, ବାରିପଦା ରକ୍ତଭଣ୍ଡାର ଅଧିକାରୀ ଡା ସୌମ୍ୟରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ରକ୍ତଦାନ ମହତ ଦାନ ଓ ରକ୍ତଦାନ ଫଳରେ ଅମୂଲ୍ୟ ଜୀବନ ରକ୍ଷା ସହ ଆମେ କେତେଗୁଡ଼ିଏ ରୋଗରୁ ମଧ୍ୟ ରକ୍ଷା ପାଇପାରିବା ବୋଲି କହିଥିଲେ। ଡ. ନିରୋଜ କୁମାର ପୁଥାଳ ବର୍ତ୍ତମାନ ସୁଦ୍ଧା ୧୩୪ ଥର ରକ୍ତଦାନ କରିଛନ୍ତି ଓ ସୁସ୍ଥ ଅଛନ୍ତି ବୋଲି କହିଥିଲେ।

ସେହିପରି ସୋମନାଥ ସିଂହ ୭୧ ଥର ରକ୍ତଦାନ କରିଛି ବୋଲି କହିବା ସହିତ ଭଗବାନଙ୍କୁ ଧନ୍ୟବାଦ ସେ ଆମକୁ ରକ୍ତଦାନ କରିବାର ସାମର୍ଥ୍ୟ ଦେଇଛନ୍ତି। ଡ ସୌମ୍ୟରଞ୍ଜନ ନାୟକ ଓ ସମାଜସେବୀ ସୁମିତା ଚୌବେ ରକ୍ତଦାନ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରିବା ସହ ବହୁ ସଂଖ୍ୟାରେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ବୁଝାଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଲମ୍ବୋଦର ନାଏକ, ଡ ଚନ୍ଦ୍ରଶେଖର ଦାସ ନିଜ ନିଜ ଅନୁଭୂତି ବ୍ୟକ୍ତ କରିବା ସହ ରକ୍ତଦାନର ବିକଳ୍ପ ନାହିଁ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ସାଗରିକ ସିଂହ ସଭାପତି ଅଭିଭାଷଣରେ ଝିଅମାନେ ସବୁ କାର୍ଯ୍ୟରେ ଆଗୁଆ ଓ ଏହି କ୍ରମରେ ଆମ ଝିଅମାନେ ନିଜେ ସଚେତନ ହେବା ସହିତ ଅନ୍ୟକୁ ସଚେତନ କରିବେ ଓ ରକ୍ତଦାନ କାର୍ଯ୍ୟକ୍ରମରେ ଭାଗନେଇ ଏହାକୁ ସଫଳ କରିବେ ବୋଲି କହିଥିଲେ। ଯୁବ ରେଡକ୍ରସର ସହ ପରାମର୍ଶଦାତା ତଥା ଇଂରାଜୀ ବିଭାଗର ସହକାରୀ ପ୍ରଫେସର ରଜନୀକାନ୍ତ ଶଙ୍ଖୁଆ ସ୍ୱାଗତ ଭାଷଣ ଦେଇଥିଲେ। ଯୁବ ରେଡ଼କ୍ରସର ପରାମର୍ଶଦାତା ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ତପସ୍ୱିନୀ ନାଏକ ସଭା ପରିଚାଳନା କରିଥିବାବେଳେ ଜାତୀୟ ସେବା ଯୋଜନାର ସଂଯୋଜିକା ତଥା ରସାୟନ ବିଭାଗର ସହକାରୀ ପ୍ରଫେସର ମନୀଷା ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନସ୍ଥଳୀରେ ମଦ ବିକ୍ରିକୁ ବିରୋଧ

ଜଳେଶ୍ୱର ବ୍ଲକ, ୬।୪(ସମିସ)




ସୋମବାର ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଜଳେଶ୍ୱର ଶାଖା ପକ୍ଷରୁ ପର୍ଯ୍ୟଟନସ୍ଥଳୀରେ ମଦ ବିକ୍ରିକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପତ୍ର ଦିଆଯାଇଛି। ସଭାପତି ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ସମ୍ପାଦକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଅଧ୍ୟକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ସଭା ସଞ୍ଚାଳନ କରିଥିଲେ। ସେ କହିଥିଲେ ଯେ ନିକଟରେ ସରକାର ଘୋଷଣା କରିଛନ୍ତି ପର୍ଯ୍ୟଟନସ୍ଥଳୀରେ ମଦ କୁଡ଼ିଆ ଖୋଲା ଯିବା ପାଇଁ। ଏହି ଘୋଷଣାକୁ ସେ ବିରୋଧ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଶ୍ୟାମା ଚରଣ ଦାସ, ଶରତଚନ୍ଦ୍ର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି, ଉତ୍ତର ଓଡ଼ିଶା ସଂଯୋଜକ ସୁକୁମାର ରଣା, ବରିଷ୍ଠ ନାଗରିକ ପରିଷଦ, ଜଳେଶ୍ୱରର ସଭାପତି ଲଳିତ ରଞ୍ଜନ ସେନାପତି, ସମାଜସେବୀ ସିତାସୁ ଶେଖର ସେନାପତି, ସୁନୀଲ କୁମାର ନାୟକ, ସମରେଶ ଦିନ୍ଦା, ସବିତା ଭୂୟାଁ, ଗୌରୀ ଶଙ୍କର ମହାନ୍ତି, ଅଜିତ କୁମାର ପାଳ, ଜ୍ୟୋତିଷ ଚନ୍ଦ୍ର କର, କୃଷି ବୈଜ୍ଞାନିକ ଡଃ ବିଜୟ କୁମାର ମିଶ୍ର, ନିତ୍ୟାନନ୍ଦ ଗିରି, ସୁରତୋଷ ରଥ, ପ୍ରବୀର କୁମାର କୁଇଲା, ଅନୀଲ୍ କୁମାର ଚାନ୍ଦ, ମନୋରଞ୍ଜନ ଦାସ, ଅଶୋକ କୁମାର ଦାସ, ଭାସ୍କର ଚନ୍ଦ୍ର ମିଶ୍ର, ପ୍ରଶାନ୍ତ କୁମାର ପାତ୍ର, ଉକ୍ତ ପଥପ୍ରାନ୍ତ ସଭାରେ ଆପତୋଷ ପାଳ, ସବିତା ଭୂୟାଁ, ସୂର୍ଯ୍ୟ କୁମାର ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସରକାର ସମସ୍ତ ପର୍ଯ୍ୟଟନସ୍ଥଳୀ ଯଥା ସମୁଦ୍ର, ନଦୀ, ହ୍ରଦ ଓ ବିଭିନ୍ନ ଜଳାଶୟ ପାଖରେ ମଦ କୁଡିଆ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜନସାଧାରଣ ପରିବାର ସହ କିଛି ସମୟ ବିତାଇବା ପାଇଁ ସେଠାକୁ ଯାଉଥିବାବେଳେ ସେମାନଙ୍କ ଉପରେ କୁପ୍ରଭାବ ପଡ଼ିବ, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ, ଚୋରି, ଡକାୟତି, ଦୁଷ୍କର୍ମ ପ୍ରଭୃତି ବଢ଼ି ଚାଲିବ ବୋଲି ମୋନା ପକ୍ଷରୁ କୁହାଯାଇଛି। ଏଣୁ ଏହି ନିଷ୍ପତ୍ତିରୁ ସରକାର ଓହରିବାକୁ ସେମାନେ ଦାବି କରିଛନ୍ତି।

# ନଗର ମଣ୍ଡଳ ପକ୍ଷରୁ ବିଜେପିର ପ୍ରତିଷ୍ଠା ଦିବସ

ଜଳେଶ୍ୱର, ୬।୪(ସମିସ): ଭାରତୀୟ ଜନତା ପାର୍ଟିର ୪୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନଗର ମଣ୍ଡଳର ସଭାପତି ଶିବନାରାୟଣ ମହାପାତ୍ର କାର୍ଯ୍ୟାଳୟ ସମ୍ମୁଖରେ କର୍ମକର୍ତ୍ତାଙ୍କ ଗହଣରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ସଭାରେ ଉତ୍ତର ବାଲେଶ୍ୱର ସଂଗଠନିକ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍ଗୁନି ପାଣିଗ୍ରାହୀ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ ସହିତ ଦଳୀୟ ପରାକାଷ୍ଠା ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। ଆୟୋଜିତ ସଭାରେ ସମ୍ପାଦକ ବରେନ୍ଦ୍ର ପରିଡ଼ା, ଆଦିତ୍ୟ ନାରାୟଣ ପାତ୍ର, କାଉନସିଲର ଚନ୍ଦନ ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ଅନନ୍ତ ଦାସ, ସତ୍ୟନାରାୟଣ କର, ରାଜୀବ ଘୋଷ, ରଞ୍ଜନ ପାଳ, ହେମନ୍ତ ଦାସ, ମହିଳା ସଭାନେତ୍ରୀ ଦେବଯାନୀ ଅଣ୍ଡିଆ, ମଞ୍ଜୁଲିକା ଘୋଷ, ମୁକ୍ତା ପାଲ, ମାଳତୀ ଦତ୍ତ, ଯୁବ ସଙ୍ଗଠକ ରାଜେଶ ଖଟୁଆ, ପ୍ରମୁଖ ଯୋଗଦେଇ ଦଳର, ଅତିତ, ନୀତି ଆଦର୍ଶ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ନଗର ମଣ୍ଡଳର କର୍ମକର୍ତ୍ତା ଉପସ୍ଥିତ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସଫଳ ରୂପାୟନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ସଭାପତି ଶିବନାରାୟଣ ମହାପାତ୍ର ମହାନ ପାର୍ଟିକୁ ଗଠନ କରିବାରେ ଜନ ନାୟକଙ୍କ ତ୍ୟାଗ, ନିଷ୍ଠାକୁ ସମ୍ମାନ ଜଣାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବଜ୍ରପାତରେ ଜଣେ ଗୁରୁତର



କାଳିପଦା, ୬।୪(ସମିସ): ଗତକାଲି ଶ୍ରୀରାମପୁର ପଞ୍ଚାୟତ ଯାମଲା ଗ୍ରାମର ଅଜୟ କୁମାର ଦେ ବାଡ଼ିରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ବଜ୍ରପାତ ଯୋଗୁଁ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ଅଜୟଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇ ଥିଲେ। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କାଳ ବୈଶାଖୀ ଯୋଗୁଁ ବିଦ୍ୟୁତ ସରବରାହ ବନ୍ଦ ରହୁ ଥିବାରୁ ଗ୍ରାମାଞ୍ଚଳ ଲୋକଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି।

# ଜଳେଶ୍ୱରରେ ସ୍ୱଚ୍ଛ ଓଡ଼ିଶା ଦିବସ ପାଳିତ

ଜଳେଶ୍ୱର, ୬।୪(ସମିସ): ଓଡିଆ ପକ୍ଷ ପାଳନ ଅବସରରେ ଜଳେଶ୍ୱର ପୌରପାଳିକା ତରଫରୁ ଆଜି ସ୍ୱଚ୍ଛ ଓଡ଼ିଶା ଦିବସ ଭାବେ ପାଳନ କରାଯାଇଛି। ଏହି ଉପଲକ୍ଷେ ପୌରାଞ୍ଚଳର ୧୭ଟି ୱାର୍ଡରେ ଥିବା ସମସ୍ତ ମନ୍ଦିର ଓ ଦେବାଳୟ ପରିସରକୁ ପରିଷ୍କାର ଓ ପରିଚ୍ଛନ୍ନ କରିବା ପାଇଁ ଝାଡୁ ମାରିବା, ଅଳିଆ ଆବର୍ଜନା ସଫା କରିବା ସହିତ ଚୂନ ଓ ବ୍ଲିଚିଂ ପକାଯାଇଥିଲା। ଜଳେଶ୍ୱର ୯ନଂ ୱାର୍ଡ ସ୍ଥିତ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ପାଳିତ ସ୍ୱଚ୍ଛ ଦିବସ ଉତ୍ସବରେ ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ସମସ୍ତ କାଉନସିଲର, ପୌରପାଳିକାର ସମସ୍ତ କର୍ମଚାରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ କର୍ମୀ, ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ସେହିପରି ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ନୂଆ ବଜାର ଜି.କେ. ଭଞ୍ଜର ହସପିଟାଲ ପରିସରରେ ସ୍ୱଚ୍ଛତା ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହସ୍ପିଟାଲ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯିବା ସହିତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶାଖାର ଉପ ସଭାପତି ଅଜିତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଶାଖାର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ସୁନୀଲ କୁମାର ନାୟକ, ଉପ ସଭାପତି ଅଶୋକ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଦିବସ ପାଳନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ଦିବସ ପାଳିତ




ଲଙ୍ଗଳେଶ୍ୱର, ୬।୪(ସମିସ): ବାଲିଆପାଳ ବ୍ଲକ ପଞ୍ଚୁପାଲିସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସୋମବାର ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ଅପ୍ରେଲ ୧ ତାରିଖ ଠାରୁ ଆରମ୍ଭ କରାଯାଇ ଗଣଦୌଡ଼, ରକ୍ତ ଦାନ ଶିବିର, ପାରମ୍ପରିକ ଖାଦ୍ୟ, ପୋଷାକ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କଲେଜ ଅଧ୍ୟକ୍ଷ ରାଜକିଶୋର ବାରିକ କହିଛନ୍ତି। ଏହି ଅବସରରେ କଲେଜ ପରିସର, ପଞ୍ଚୁପାଲିସ୍ଥିତ ମନ୍ଦିର, ଆୟୁଷ ହସ୍ପିଟାଲ, ରାଜସ୍ୱ ନିରୀକ୍ଷକଙ୍କ ଅଫିସ ସାମ୍ନାରେ ଛାତ୍ର ମାନେ ସଫେଇ କରିଥିଲେ। କଲେଜ ଅଧ୍ୟାପକ ଡ଼କ୍ଟର ଲକ୍ଷ୍ମୀକାନ୍ତ ପାତ୍ର, ସୁଧୀର କୁମାର ନନ୍ଦ, କୃଷ୍ଣାନନ୍ଦ ପାତ୍ର, ବନମାଳୀ ପରିଡ଼ା, ଚନ୍ଦନ କୁମାର ନନ୍ଦ, ଅଧ୍ୟାପିକା ସୁପ୍ରୀୟା ପରିଡ଼ା, ସରୋଜିନୀ ପରିଡ଼ା, ସବିତା ସାହୁ, ବୁଦ୍ଧିମଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଏସିଏଫ୍‌ଙ୍କ ବର୍ବରତା ପ୍ରତିବାଦରେ ଧାରଣା




ନୀଳଗିରି, ୬।୪(ସମିସ): କୁଳଡିହା ଭାରପ୍ରାପ୍ତ ଅଧିକାରୀ ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ଗତ ମାର୍ଚ୍ଚ ୨୫ତାରିଖ ରାତ୍ରିରେ ଜଣେ ନିଲମ୍ବିତ ଫରେଷ୍ଟଗାର୍ଡ ଏବଂ ତାଙ୍କର ସାଥିଙ୍କୁ ନିର୍ମମଭାବରେ ମାଡ଼ମାରି ସଞ୍ଜ୍ଞାହୀନ କରିଦେଇଥିଲେ। ଏଥିଷର ଫରେଷ୍ଟଗାର୍ଡଙ୍କ ହାତ ମଧ୍ୟ ଭାଙ୍ଗିଯାଇଥିଲା। ତେବେ ଏହି ଘଟଣା ନେଇ ପୁଲିସରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନନେବାରୁ ବାଧହୋଇ ଗାର୍ଡଙ୍କ ସ୍ତ୍ରୀ ଦୀପ୍ତିମୟୀ ଏବଂ ପରିବାର, ବନ୍ଧୁବାନ୍ଧବ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁକାନ୍ତ କୁମାର ନାୟକଙ୍କ ସମେତ ନୀଳଗିରି ଅଞ୍ଚଳର ବହୁ ବୁଦ୍ଧିଜୀବୀ ଆଜି ନୀଳଗିରି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଧାରଣା ଜାରିରହିଥିବା ବେଳେ ନୀଳଗିରି ଉପଖଣ୍ଡ ପୁଲିସ ଅଧୀକ୍ଷକ ପ୍ରମୋଦ କୁମାର ମଲ୍ଲିକ ଧାରଣାସ୍ଥଳକୁ ଆସି ଧାରଣାରତଙ୍କ ସହିତ ଆଲୋଚନା କରିବାସହିତ ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ନିବେଦିତା ପ୍ଲେ ସ୍କୁଲ ଉଦ୍‌ଘାଟିତ



ରାଜଘାଟ, ୬।୪(ସମିସ): ବସ୍ତା ଠାରେ ପ୍ରଥମ ଥର ପାଇଁ ଏକ ସମ୍ପୂର୍ଣ୍ଣ ଇଂରାଜୀ ମାଧ୍ୟମ 'ସିଷ୍ଟର ନିବେଦିତା ଇଂଲିଶ ମିଡିୟମ ନର୍ସରୀ ଏଣ୍ଡ ପ୍ଲେ ସ୍କୁଲ' ଉଦ୍‌ଘାଟିତ ହୋଇଯାଇଛି। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଏହି ନବଗଠିତ ବିଦ୍ୟାଳୟକୁ ଆଜି ବସ୍ତା ବିଡିଓ ମିହିର କୁମାର ବେହେରା ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀପତି ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଲଗ୍ନା +୨ ବିଜ୍ଞାନ ମହାବିଦ୍ୟାଳୟର ଚେୟାରମ୍ୟାନ ଘନଶ୍ୟାମ ବିଶ୍ୱାଳ ବସ୍ତା ଭଳି ଏକ କ୍ରମବର୍ଦ୍ଧିଷ୍ଣୁ ସହରାଞ୍ଚଳରେ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ୨୪ ବର୍ଷ ଧରି ଶିକ୍ଷାର ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପରିଚାଳନା ପରିଷଦ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସହଯୋଗରେ ଏହା ବାଲେଶ୍ୱର ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଉପଦେଷ୍ଟା ଶ୍ୟାମା ପ୍ରସାଦ ବେହେରା ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ସିଷ୍ଟର ନିବେଦିତା ଉର୍ଫ ମାର୍ଗାରେଟ ନୋବେଲଙ୍କ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଇଂରାଜୀ ଅଧ୍ୟାପକ ମୟୁଖ ମଣ୍ଡଳ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ପାଠର ସରଳୀକରଣ ବ୍ୟାଖ୍ୟାନ ଦେଇଥିଲେ ଓ ଅଭିଭାବକଙ୍କ ଦାୟିତ୍ୱ ସମ୍ବନ୍ଧରେ ସତର୍କ କରାଇଥିଲେ। ପୂର୍ବତନ ଏବିଡିଓ ଶଙ୍କର କୁମାର କର, ସମ୍ପାଦକ ରାମଚନ୍ଦ୍ର ଦେବ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ବାୟୁ ସେନାର ଅବସର ପ୍ରାପ୍ତ ଅଧିକାରୀ ତଥା କୋଷାଧ୍ୟକ୍ଷ ପ୍ରଦୀପ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେରେ ପରିଚାଳିତ ହୋଇଥିଲା। ଭାଇସ ପ୍ରିନ୍ସିପାଲ ରଞ୍ଜିତା ପାଢ଼ୀ ସମସ୍ତ ପ୍ରକାର ସୂଚନା ପ୍ରଦାନ କରିଥିଲେ।

# ଜାମଶୂଳୀ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗରେ ବିଦାୟ ସମ୍ବର୍ଦ୍ଧନା



କାଳିପଦା, ୬।୪(ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ତିନି ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କଲେଜର ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଗଣିତ ବିଭାଗ ମୁଖ୍ୟ ଡ଼ ସୁକାନ୍ତ କୁମାର ଗିରି ଅତିଥି ଭାବରେ ଯୋଗ ଦେଇ ବିଦାୟ ସମ୍ବର୍ଦ୍ଧନା ଉତ୍ସବର ପରମ୍ପରା ଓ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ କାର୍ଯ୍ୟ ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତ ତିନି ପ୍ରଥମ ଓ ଦ୍ୱିତୀୟ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀ ତୃତୀୟ ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ଥିଲେ। ବିଭାଗୀୟ ମୁଖ୍ୟ ପ୍ରଧ୍ୟାପକ ଡ଼ ଶିବନାରାୟଣ ମହାପାତ୍ର ଅତିଥି ପରିଚୟ ଓ ବିଭାଗୀୟ ଅଧ୍ୟାପକ ଆଶୁତୋଷ ଯତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚତୁର୍ଥ ଶ୍ରେଣୀ କର୍ମଚାରୀ ରାଧାକୃଷ୍ଣ ପ୍ରଧାନ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ଡେମୋନଷ୍ଟ୍ରେଟର ସୁନାଲିକା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜି କେ ଭଞ୍ଜର ହସ୍ପିଟାଲରେ ସ୍ୱଚ୍ଛତା ଅଭିଯାନ



ଜଳେଶ୍ୱର ବ୍ଲକ, ୬।୪(ସମିସ): ସୋମବାର ଜଳେଶ୍ୱର ନୂଆ ବଜାରସ୍ଥିତ ଜି କେ ଭଞ୍ଜର ହସ୍ପିଟାଲ ପରିସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ଉପ ସଭାପତି ଶିକ୍ଷାବିତ ଡଃ ଅଜିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଆମ ସଂଗଠନର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ସୁନୀଲ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଜି ଟିକେ ଭଞ୍ଜର ହସ୍ପିଟାଲରେ ସଫେଇ କରାଯାଇଥିଲା। ପରେ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜଳେଶ୍ୱର ଶାଖା ଉପସଭାପତି ଅଶୋକ କୁମାର ଦାସ, ସ୍ୱଚ୍ଛତା ଅଭିଯାନ ପାଳନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ସୁନୀଲ କୁମାର ନାୟକ, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ହସ୍ପିଟାଲରେ ସଫେଇ କର୍ମଚାରୀ କାଳୀଚରଣ ପ୍ରଧାନ ଏବଂ ଜଳେଶ୍ୱର ମ୍ୟୁନିସିପାଲିଟିର ସଫେଇ କର୍ମଚାରୀ ରବି ବାସ୍କେ ଓ କାହ୍ନୁ ଚରଣ ମାରାଣ୍ଡିଙ୍କୁ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ବାରିକ।

# ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ସାଂସଦ



ନୀଳଗିରି, ୬।୪, (ସମିସ): ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ବାଘମରା ଗାଁ ତଳସାହିରେ ରବିବାର ବିଦ୍ୟୁତ୍ ସର୍ଟସର୍କିଟ କାରଣରୁ ଲାଗିଥିବା ନିଆଁରେ ୭ବଖରା ଘର ସମ୍ପୂର୍ଣ୍ଣ ଜଳିପୋଡ଼ି ଭସ୍ମ ହୋଇଯାଇଥିଲା। ନୀଳଗିରି ତହସିଲଦାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଆର.ଆଇ ତଦନ୍ତ କରି କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ପଲିଥିନ ସହିତ ଶୁଖିଲାଖାଦ୍ୟ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲାପାଳ ମଧ୍ୟ ତିନିଦିନ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରିଥିଲେ। ସୂଚନାପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆଜି ଅଗ୍ନିବିପନ୍ନ ପରିବାରଙ୍କୁ ଭେଟିବାସହିତ ସାହାଯ୍ୟର ହାତବଢ଼ାଇ ଥିଲେ। ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ କରି କିପରି ପ୍ରତି ପରିବାର ୧ଲକ୍ଷ ଟଙ୍କାର ନିଶ୍ଚିତ ଅନୁଦାନ ପାଇବେ ସେଥିପ୍ରତି ଦୃଷ୍ଟିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସ୍ଥାନୀୟ ଜନସାଧାରଣ ଏହି ଆଦିବାସୀ ବିପନ୍ନ ପରିବାରଙ୍କୁ ଅକୁଣ୍ଠ ସାହାଯ୍ୟ କରିବାକୁ ନିବେଦନ କରିଥିଲେ।

# ୧୨୭ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ବାଲେଶ୍ୱର, ୬।୪(ସମିସ): ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ମିଳିତ ଅଧ୍ୟକ୍ଷତାରେ ଏହି ଜନଶୁଣାଣି ଅଭିଯୋଗ ଅନୁଷ୍ଠିତ ହୋଇଛି। ବିଶେଷ କରି ଏହି ଶିବିରରେ ମୋଟ ୧୨୭ଟି ଅଭିଯୋଗ ଗ୍ରହଣ କରାଯାଇ ତା ଉପରେ ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୧୧୧ଟି ମାମଲା ବ୍ୟକ୍ତିଗତ ରହିଥିବା ବେଳେ ୧୦ଟି ସାମୁହିକ ସମସ୍ୟା ଉପରେ ରହିଥିଲା। ଏହାବ୍ୟତିତ ୬ଟି ମାମଲା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଥିଲା। ଏହାବ୍ୟତିତ ୨୧ଟି ମାମଲାକୁ ତତକ୍ଷଣାତ ଫଇସଲା କରାଯାଇଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଉପଜିଲ୍ଲାପାଳ ଶିବ ମାଳବ୍ୟ, ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ ପ୍ରଭାତ କୁମାର ବେହେରା ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ବିଶେଷ କରି ଆଜି ଆର୍ଥିକ ସହାୟତା ହେଉ, ନୂତନ ବାର୍ଦ୍ଧକ୍ୟ ଭତା ହେଉ କିମ୍ବା ଆର୍ଥିକ ସହାୟତା ହେଉ ଆଦି ଉପରେ ଅଭିଯୋଗ ହୋଇଥିଲା।

## ସମବାୟ ସମିତି ସମ୍ପାଦିକାଙ୍କ ଦୁର୍ବ୍ୟବହାର ଅଭିଯୋଗ

# ଜିଲ୍ଲାପାଳଙ୍କୁ ଫେରାଦହେଲେ ସରପଞ୍ଚ

ବାଲେଶ୍ୱର, ୬।୪(ସମିସ)



ସଦର ବ୍ଲକ ହଳଦୀପଦା ପଞ୍ଚାୟତର ସରପଞ୍ଚ ବରେନ୍ଦ୍ର ସେଠୀଙ୍କୁ ଉକ୍ତ ପଞ୍ଚାୟତରେ ଥିବା ହଳଦୀପଦା ସେବା ସମବାୟ ସମିତିର ସମ୍ପାଦିକା ନମିତା ବାରିକ ଦୁର୍ବ୍ୟବହାର କରିଥିବା ନେଇ ଆଜି ସେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଏହାଛଡ଼ା ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସରପଞ୍ଚ ଶ୍ରୀ ସେଠୀଙ୍କ ଅଭିଯୋଗ ଅନୁସାରେ, ଧାନର କଟ୍‌ନି ଛଟ୍‌ନି ସମ୍ପର୍କରେ ବୁଝିବା ପାଇଁ ସେ ଗତ ମାର୍ଚ୍ଚ ମାସ ୩୧ତାରିଖରେ ସନ୍ଧ୍ୟା ୭ଟାରେ ସୋସାଇଟିକୁ ଯାଇଥିଲେ। ଏପରିକି କିଛି ଚାଷୀଙ୍କ ଅଭିଯୋଗ ଅନୁସାରେ ସୋସାଇଟିରେ ୧୪ରୁ ୧୬କେଜି ପର୍ଯ୍ୟନ୍ତ ମନଇଚ୍ଛା ଧାନ କଟାଯାଉଛି। ଏହାକୁ ପ୍ରତିବାଦ କରି ସେ ସୋସାଇଟିକୁ ଯାଇ ସଭାପତିଙ୍କ ସହ ଆଲୋଚନା କରୁଥିବା ବେଳେ ସମ୍ପାଦିକା ନମିତା ବାରିକ ସେଠାକୁ ଆସି ସେ ପଚାରିବାକୁ କିଏ ଏବଂ ଆପଣ କାହିଁକି ଏଠାକୁ ଆସିଛନ୍ତି ବୋଲି ଖରାପ ବ୍ୟବହାର କରିଥିଲେ। ଏପରିକି ଉକ୍ତ ସୋସାଇଟିକୁ ଧାନ ବେପାରୀମାନେ ଆସି ମନଇଚ୍ଛା ଧାନ କାଟୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେ ପ୍ରତିବାଦ କରିବାରୁ ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ସରପଞ୍ଚ ଜଣେ ଜନପ୍ରତିନିଧି ହୋଇ ଚାଷୀଙ୍କ କଥାକୁ ବୁଝିବା ପାଇଁ ଯିବାକୁ ସମ୍ପାଦିକା ଏଭଳି ବ୍ୟବହାର କରୁଛନ୍ତି ଯାହାକି ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଉକ୍ତ ଦିନ ସେ ଜିଲ୍ଲାପାଳଙ୍କୁ ଇମେଲ ଯୋଗେ ଚିଠି କରିଥିଲେ। ଆଜି ଜିଲ୍ଲାପାଳଙ୍କ ଜନଶୁଣାଣୀ ରହିଥିବା ବେଳେ ଏଠାକୁ ଆସି ଲିଖିତ ଭାବେ ତାଙ୍କୁ ଜଣାଇଛନ୍ତି। ଏପରିକି ସମ୍ପାଦିକା ସବୁବେଳେ ଚାଷୀମାନଙ୍କୁ ବିଭିନ୍ନ ସମୟରେ ଖରାପ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଏଣୁ ସରପଞ୍ଚଙ୍କୁ ଯେଉଁଭଳି ଖରାପ ବ୍ୟବହାର କଲେ ଚାଷୀଙ୍କୁ ଠିକ ସେଇଭଳି ଖରାପ ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି। ଏପରିକି ଜିଲ୍ଲାପାଳ ତୁରନ୍ତ ତାଙ୍କ ଅଭିଯୋଗକୁ ଗ୍ରହଣ କରିବା ସହ ଡିଆରସିଏସଙ୍କୁ ଏନେଇ ତଦନ୍ତ କରିବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ବୋଲି କହିଛନ୍ତି। ଅନ୍ୟପଟେ ସେ ଅନ୍ୟ କାହାକୁ ଏମତି ଖରାପ ବ୍ୟବହାର ନକରନ୍ତୁ ଏଣୁ ତାଙ୍କୁ କିଛି ଦିନ ପାଇଁ ନିଲମ୍ବିତ କରାଯାଉ ବୋଲି ଦାବି କରିଛନ୍ତି। ଯଦି ଜିଲ୍ଲାପାଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ଆଗାମୀ ଦିନରେ ଏ ନେଇ ଧାରଣା ଦିଆଯିବ ବୋଲି କହିଛନ୍ତି। ଜିଲ୍ଲାପାଳଙ୍କୁ ଅଭିଯୋଗ ପ୍ରଦାନ ବେଳେ ସାମଜସେବୀ ଦିଲ୍ଲୀପ ସାହୁ, ଅଜୟ ଜେନା, ନମିତା ରାଉତ, ଦୁର୍ଗା ସେଠୀ, ୱାର୍ଡ ମେମ୍ବର ସନାତନ ରାଉତ, ନରେନ୍ଦ୍ର ମହାଳିକ, ଅହଲ୍ୟା ସେଠୀ, ଲକ୍ଷ୍ମୀ ସେଠୀ, ବାସନ୍ତୀ ସେଠୀ, କଣ୍ଢେଇ ମହାଳିକ, ପୁଷ୍ପଲତା ମହାଳିକ, ବାସନ୍ତୀ ମୁର୍ମୁ, ସୋମବାରୀ ମୁର୍ମୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ଏସ୍‌ଡିପିଓଙ୍କ ହସ୍ତକ୍ଷେପ

# ଆତ୍ମାହୁତି ନିଷ୍ପତ୍ତିରୁ ଓହରିଲେ ସରୋଜ

- ଆତ୍ମାହୁତି ନେଇ ଆଗୁଆ ସୂଚନା ସତ୍ତ୍ୱେ ହାଲୁକା ଭାବେ ନେଉଛି ପୁଲିସ
- ନିଆଯାଇନଥିଲା କୌଣସି ଆଗୁଆ ପଦକ୍ଷେପ କିମ୍ବା ହୋଇନଥିଲା ପ୍ରସ୍ତୁତି
- ଦୁଇପକ୍ଷ ମଧ୍ୟରେ ସୋସିଆଲ ମିଡିଆରେ ଧମକ ଓ ଗାଳିଗୁଲଜରୁ ଘଟଣାର ସୂତ୍ରପାତ

ବ୍ରହ୍ମପୁର/ପାତ୍ରପୁର, ୬।୪(ସମିସ): ରାଜନୈତିକ ଚାପରେ ବଶବର୍ତ୍ତି ପୁଲିସ ଦ୍ୱାରା ହଇରାଣ ହରକତ ହେଉଥିବା ଅଭିଯୋଗ କରି ଜୟନ୍ତୀପୁରର ଯୁବ ସମାଜସେବୀ ସରୋଜ କୁମାର ପଣ୍ଡା ଜରଡ଼ା ଥାନାରେ ସୋମବାର ଦିନ ୧୧ଟାରୁ ୧୨ଟା ମଧ୍ୟରେ ଆତ୍ମାହୂତି ଦେବାକୁ ଧମକ ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ଏହି ଧମକପୂର୍ଣ୍ଣ ଭିଡିଓ ସମସ୍ତଙ୍କୁ ଚକିତ ଓ ଆନ୍ଦୋଳିତ କରିଥିଲା। ସରୋଜ ଜଣେ ବିଜେଡି ସମର୍ଥକ ଓ ବିଜେଡି ଆଇଟି ସେଲର ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ଓ ତାଙ୍କ ସହଯୋଗୀ ବନ୍ଧୁମାନଙ୍କୁ ପୁଲିସ ଆକ୍ରୋଶମୂଳକ ଭାବେ ହଇରାଣ ହରକତ କରିବା ସହିତ ମିଥ୍ୟା ମାମଲା ରୁଜ୍ଜୁ କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ସରୋଜ ଉଭୟ ପୁଲିସ ଓ ଜିଲ୍ଲା ପ୍ରଶାସନକୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରି ଆସୁଥିଲେ ହେଁ ବିଧାୟକଙ୍କ ସମର୍ଥକଙ୍କ ଦ୍ୱାରା ସେମାନେ ନିର୍ଯାତିତ ହେଉଥିବା ଅଭିଯୋଗ କରିଛନ୍ତି। ନିକଟ ଅତିତରେ ଜରଡ଼ା ଥାନା ଅନ୍ତର୍ଗତ ଷୋଳଭାଗ ପେଣ୍ଠ, ଜଗନ୍ନାଥପୁର, ବରଙ୍ଗ ପାର୍ବତିପୁର ଓ ତାଳପଡ଼ା ଆଦି ସ୍ଥାନରେ ଏକାଧିକ ଅପରାଧିକ କାର୍ଯ୍ୟକଳାପ ହୋଇଥିଲେ ହେଁ ପୁଲିସ ଆଖିବୁଜିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ସ୍ଥାନୀୟ ବିଜେପି ଓ ବିଜେଡିର ନେତା ଓ ସମର୍ଥକଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ଚାଟିଂ ଓ ପୋଷ୍ଟିଂ ଯୁଦ୍ଧ ଜାରି ରହିଛି। ଉଭୟେ ଉଭୟ ପକ୍ଷର ସମର୍ଥକଙ୍କୁ ଗାଳିଗୁଲଜ ସହିତ ଧମକ ଦେଉଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ନିକଟରେ ଗତ ୩ତାରିଖରେ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ପାଲଟା ଏତଲା ମଧ୍ୟ ହୋଇଥିଲା। ତେବେ ପୁଲିସ ଶାସକ ଦଳର ଚାପରେ ଆସି ବିଜେଡି କର୍ମୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ପୁଲିସର ଅତ୍ୟାଚାରରେ ଅତିଷ୍ଠ ହୋଇ ସରୋଜ ଆତ୍ମାହୂତି ଦେବାକୁ ଧମକପୂର୍ଣ୍ଣ ଭିଡିଓ ପୋଷ୍ଟିଂ କରିଥିଲେ। ତେବେ ପୂର୍ବ ନିର୍ଦ୍ଧାରିତ ଧମକ ଅନୁଯାୟୀ ସେଭଳି କିଛି ଘଟଣା ଘଟିନଥିଲା। ବରଂ ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରିପାଲଙ୍କ ହସ୍ତକ୍ଷେପ ଓ ପ୍ରତିଶ୍ରୁତି ଓ ପରାମର୍ଶ କ୍ରମେ ସରୋଜ ଆତ୍ମାହୂତି ନିଷ୍ପତ୍ତିରୁ ଓହରିଥିବା ସୂଚନା ଦେଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ' ପାତ୍ରପୁର ଓ ଚିକିଟି ଭଳି ଦୁଇଟି ବ୍ଲକକୁ ନେଇ ଗଠିତ ଚିକିଟି ନିର୍ବାଚନ ମଣ୍ଡଳୀରେ ସବୁବେଳେ ରାଜନୈତିକ ଉଷ୍ମତା ଲାଗି ରହିଥାଏ। ପରସ୍ପର ବିରୋଧୀ ଦୁଇ ରାଜନୈତିକ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ବିବାଦ କିଛି ନୂଆ ନୁହେଁ। ପାତ୍ରପୁରରେ ଦ୍ୟାନସାମନ୍ତରା ଓ ଚିକିଟିରେ ରାଜ ପରିବାର ହାତରେ ନିୟମିତ ବ୍ୟବଧାନରେ ରହି ଆସିଛି କ୍ଷମତା। ଏହି ନିର୍ବାଚନ ମଣ୍ଡଳୀରେ ଉଭୟ ପରିବାର ଓ ଦୁଇ ବିରୋଧୀ ରାଜନୈତିକ ଗୋଷ୍ଠୀ ମଧ୍ୟରେ ତିକ୍ତତା ଏତେ ତୀବ୍ର ଯେ, ଦୁଇ ବ୍ଲକରେ ଚାଲି ଆସିଥିବା 'ଗାର କଟା' ରାଜନୀତି କାହାକୁ ଅଛପା ନୁହେଁ।

ସେପଟେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ବିଜେଡି ନେତ୍ରୀ ମିନାକ୍ଷୀ ମିଶ୍ରଙ୍କ ଆତ୍ମାହୂତି ଓ ପରବର୍ତ୍ତି ସମୟରେ ମୃତ୍ୟୁ ଭଳି ଘଟଣା ମନରୁ ଲିଭି ନଥିବା ବେଳେ ସରୋଜଙ୍କ ଆତ୍ମାହୂତି ଧମକକୁ ପୁଲିସ ହାଲୁକା ଭାବେ ନେବା ସମସ୍ତଙ୍କୁ ଚକିତ କରିଛି। ଦିନ ୧୧ଟାରୁ ୧୨ଟା ମଧ୍ୟରେ ଥାନାରେ ଆତ୍ମାହୂତି ଦେବାକୁ ଧମକ ଥିବା ସତ୍ତ୍ୱେ ପୁଲିସ ସରୋଜଙ୍କୁ ଉଠାଇ ନେଇ ବୁଝାସୁଝା କରିବା କଥା। ଯାହା ପୁଲିସ ପକ୍ଷରୁ କରାଯାଇନଥିଲା। ସେପଟେ ଆତ୍ମାହୂତି ଭଳି ଧମକ ଥିଲେ କୌଣସି ଅଘଟଣକୁ ଏଡ଼ାଇବାକୁ ଯାଇ ପୁଲିସ ପକ୍ଷରୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତ ସହିତ ଆଗୁଆ ଆମ୍ବୁଲାନ୍ସ, ଅଗ୍ନିଶମ କର୍ମଚାରୀ ଓ ମାଜିଷ୍ଟ୍ରେଟଙ୍କୁ ନିୟୋଜିତ କରିବା କଥା। କିନ୍ତୁ ଏଥି ମଧ୍ୟରୁ କୌଣସି ଆଗୁଆ ତଥା ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଏନେଇ ସେଠାରେ ଉପସ୍ଥିତ ସାମ୍ବାଦିକମାନେ ସାମାଜିକ ଗଣମାଧ୍ୟମରେ ପୋଷ୍ଟିଂ କରିବା ପରେ ବହୁ ବିଳମ୍ବରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। କିଛି ଘଟଣା ଘଟୁ କି ନଘଟୁ ଯେକୌଣସି ଧମକକୁ ପୁଲିସ ପ୍ରଶାସନ ଏତେ ଖାମଖିଆଲି ବା ହାଲୁକା ଭାବେ ନେବା ଆଦୌ ଉଚିତ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି।





● ସ୍ୱତନ୍ତ୍ର ଉନ୍ନୟନ ପରିଷଦ

## ନୀଳମାଧବ ଅଧ୍ୟକ୍ଷ, ଲଳିତା ଉପାଧ୍ୟକ୍ଷା





ବ୍ରହ୍ମପୁର, ୬।୪(ସମିସ): ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଗଞ୍ଜାମ ଜିଲ୍ଲା ଅଧ୍ୟକ୍ଷ ଭାବେ ନୀଳମାଧବ ପାତ୍ର ନିଯୁକ୍ତ ହୋଇଥିବା ବେଳେ ଉପାଧ୍ୟକ୍ଷା ଭାବେ ଲଳିତା ପ୍ରଧାନଙ୍କୁ ଦାୟିତ୍ୱ ମିଳିଛି। ନୀଳମାଧବ ସମ୍ପ୍ରତି ଭାରତୀୟ ଜନତା ପାର୍ଟିର ଘୁମୁସୁର ସାଂସଗଠିକ ଜିଲ୍ଲାର ସଭାପତି ରହିଥିବା ବେଳେ ନୂତନ ଦାୟିତ୍ୱ ମିଳିଥିବାରୁ ଉତ୍ସାହିତ ଅଛନ୍ତି। ସେହିଭଳି ଲଳିତା ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଆଙ୍କୁଲି ପଞ୍ଚାୟତର ଜଣେ ଆଦିବାସୀ ନେତ୍ରୀ। ସଂଗଠନ ଓ ସେବା କ୍ଷେତ୍ରରେ ତାଙ୍କ ଦକ୍ଷତା ରହିଛି। ଏନେଇ ଉଭୟ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ବ୍ରହ୍ମାନଗରରେ ପଞ୍ଚୁଦଣ୍ଡ ମହାମିଳନ

## ଢୋଲ ଓ ମହୁରୀ ତାଳରେ ଅଞ୍ଚଳ ପ୍ରକମ୍ପିତ



ବ୍ରହ୍ମପୁର, ୬।୪(ସମିସ): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଗଣପର୍ବ 'ଦଣ୍ଡନାଚ' ଲାଗି ସମଗ୍ର ଜିଲ୍ଲା ଉତ୍ସବମୁଖର ହୋଇଛି। ବ୍ରହ୍ମା ନଗର ଜ୍ୟୋତି ନଗର ପୂଜା କମିଟି ପକ୍ଷରୁ ସୋମବାର ପଞ୍ଚୁଦଣ୍ଡ ମହାମିଳନ ଆୟୋଜନ କରାଯାଇଛି। ଦୁର୍ବନ୍ଧ ଗ୍ରୁପ୍-ଏ, ଦୁର୍ବନ୍ଧ ଗ୍ରୁପ୍-ବି, ଭାବିନିପୁରୁ, ଗୋଳାବନ୍ଧ ଓ ତାଳପଡ଼ା ଦଣ୍ଡଦଳ ଏଥିରେ ଭାଗ ନେଇଥିଲେ। ପ୍ରଥମେ ମାନସିକଧାରିମାନେ ପାଞ୍ଚ ଗୋଟି ଦଣ୍ଡକୁ ନିମନ୍ତ୍ରଣ କରି ବରଣ କରିଥିଲେ। ଏହାପରେ ମଧ୍ୟାହ୍ନରେ ଧୂଳିଦଣ୍ଡ ସାରି ପୁଷ୍କରିଣୀରେ ପାଣିଦଣ୍ଡ କାର୍ଯ୍ୟ ସମାପନ କରି ଅଗ୍ନିଦଣ୍ଡ ଓ ମେଳଣ ପଡ଼ିଆରେ ସନ୍ଧ୍ୟା ଆଳତୀ ସହ ପଞ୍ଚୁଦଣ୍ଡ ଓ ପଞ୍ଚୁ ପଞ୍ଚୁଶମ୍ଭୁଙ୍କ ମହାମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ନିଶାର୍ଦ୍ଧରେ ସାମୂହିକ ପ୍ରସାଦ ସେବନ ଜ୍ୟୋତି ନଗର ସ୍ଥିତ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତିରେ ସମ୍ପୃକ୍ତ ଦଣ୍ଡଦଳ ପକ୍ଷରୁ କାଳୀବିଧାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଢୋଲ ଓ ମହୁରୀ ଶବ୍ଦ ସାଙ୍ଗକୁ ରୁଦ୍ରକାଳୀଙ୍କୁ ଭଜହେ ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା ସ୍ଥାନୀୟ ଅଞ୍ଚଳ ସମେତ ନିକଟବର୍ତ୍ତୀ ଅଞ୍ଚଳର ସହସ୍ରାଧିକ ଭକ୍ତଙ୍କ ଭିଡ ଜମିଥିଲା।

## ବିଜେପି ପ୍ରତିଷ୍ଠା ଦିବସରେ ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର



ବ୍ରହ୍ମପୁର, ୬।୪(ସମିସ): ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ଅବସରରେ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହେଇଯାଇଛି। ଏଠାରେ ୧୦୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବ୍ରହ୍ମପୁର ଏମକେସିଜି ରକ୍ତଭଣ୍ଡାର କର୍ତ୍ତୃପକ୍ଷଙ୍କ ସାହାଯ୍ୟରେ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ସୋମନାଥ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଜିଲ୍ଲା ସଭାପତି ସରୋଜ ସାବତ ଓ ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ତୁତୁନ୍ ପାତ୍ର ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଜିଲ୍ଲା ଉପ ସଭାପତି ପ୍ରଭାତ ଷଡ଼ଙ୍ଗୀ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅନୀଲ ତ୍ରିପାଠୀ, ରାଜ୍ୟ ସଂଯୋଜକ ସୁରେଶ ରେଡ଼ି, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବି ରବି ରଓ, ଜିଲ୍ଲା ସମ୍ପାଦକ କମଲ ପାତ୍ର, କିଶୋର ସାହୁ, କୃଷ୍ଣ ପୋଲାଇ ଓ ଶକ୍ତି ପଟ୍ଟନାୟକ, ଗୋପୀନାଥ ମହାରଣା, ସାଇ ପ୍ରାସାଦ, ଅମର ସାହୁ, ସୁନିଲ ଦୋରା, ସ୍ୱାଗତ ତ୍ରିପାଠୀ, ଜଗଦୀଶ ପାଢ଼ୀଙ୍କ ସହ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ମହାବିଦ୍ୟାଳୟ ସଫେଇ



ବ୍ରହ୍ମପୁର, ୬।୪(ସମିସ): ହରିଡ଼ାଖଣ୍ଡି ସ୍ଥିତ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସର ସଫେଇ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବରାଜ ସ୍ୱାଇଁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷାର ପ୍ରାଚୀନତା ଓ ଆମ ସାହିତ୍ୟର ସ୍ୱାତନ୍ତ୍ର୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଫେସର୍ ଡ. ସଦାନନ୍ଦ ନାୟକ ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଆଞ୍ଚଳିକ ଉଚ୍ଚଶିକ୍ଷା ଉପ-ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ତ୍ରିପାଠୀ ଯୋଗ ଦେଇଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଭିତ୍ତି-ବକ୍ତବ୍ୟ ଉପସ୍ଥାପନ ପୂର୍ବକ ଏହି ଆଲୋଚନା ଚକ୍ରର ସଂଯୋଜନା କରିଥିଲେ। ଶେଷରେ ଡ. ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋଚନାରେ ଇଂରାଜୀ ବିଭାଗ ମୁଖ୍ୟ ଡ. ଆନନ୍ଦ ସେଠୀ, ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ବେହେରା, ବାଣିଜ୍ୟ ବିଭାଗ ମୁଖ୍ୟ କମଳାକାନ୍ତ ନାୟକ, ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ରବୀନ୍ଦ୍ର କୁମାର ପଣ୍ଡା, ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ସୁଶାନ୍ତ କୁମାର ପରିଡ଼ା, ପଦାର୍ଥ ବିଜ୍ଞାନ ସହକାରୀ ପ୍ରଫେସର୍ ଡ. ଅଚ୍ୟୁତ ବିଶ୍ୱାଳ, ବାଣିଜ୍ୟ ବିଭାଗ ସହକାରୀ ପ୍ରଫେସର୍ ଡ. ମଧୁମିତା ନାୟକ, ଡ. ଶାରଦା ପ୍ରସାଦ ଦାସ, ବାଲ୍ମୀକି ସାହୁ, ମହେଶ୍ୱର ମହାନ୍ତି, ଅଧ୍ୟାପକ ଟି. ସୀମାଞ୍ଚଳ ପାତ୍ର, ଅଧ୍ୟାପିକା ରୋଜାଲିନ୍ ତ୍ରିପାଠୀ, ଅଧ୍ୟାପକ ଶ୍ୱେତେକ ପଲକ, ଅଧ୍ୟାପକ ଶିବଶଙ୍କର ପାଳ, ଅଧ୍ୟାପିକା ରିଙ୍କି ଡାକୁଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ୨ବର୍ଷ ପରେ ମିଳିଲା ସ୍ଥାୟୀ କୁଳପତି

## ନୂତନ କୁଳପତି ହେଲେ ପ୍ରଫେସର ଅସୀମା ସାହୁ



ବ୍ରହ୍ମପୁର, ୬।୪(ସମିସ): ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଅସୀମା ସାହୁ ନିଯୁକ୍ତି ପାଇଛନ୍ତି। ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ପ୍ରଶାସନିକ କ୍ଷେତ୍ରରେ ନୂଆ ଅଧ୍ୟାୟ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ପ୍ରଫେସର ଅସୀମା ସାହୁ ଜଣେ ଅନୁଭବୀ ଶିକ୍ଷାବିତ ଭାବେ ପରିଚିତ। ସେ ଦୀର୍ଘଦିନ ଧରି ଉଚ୍ଚଶିକ୍ଷା କ୍ଷେତ୍ରରେ ଜଡିତ ରହି ଶିକ୍ଷାଦାନ ଓ ପ୍ରଶାସନରେ ନିଜ ଦକ୍ଷତା ପ୍ରମାଣ କରିଛନ୍ତି। ସେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟର ଶିକ୍ଷାର ମାନ, ଗବେଷଣା କାର୍ଯ୍ୟକଳାପ ଓ ପ୍ରାଣାଳୀଗତ ଉନ୍ନତି ଅଧିକ ସୁଦୃଢ଼ ହେବ ବୋଲି ଶିକ୍ଷାଜଗତରେ ଆଶା ବ୍ୟକ୍ତ କରାଯାଉଛି। ପ୍ରଫେସର ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳର ରାଜନୈତିକ ବିଜ୍ଞାନ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟ କରୁଥିବା ବେଳେ ନିକଟରେ ଅବସର ଗ୍ରହଣ କରିଥିଲେ। ଏହି ନିଯୁକ୍ତି ପରେ ବିଶ୍ୱବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ପ୍ରଫେସର ଅସୀମା ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ତାଙ୍କ ନେତୃତ୍ୱରେ ସଂସ୍ଥା ଅଧିକ ଉନ୍ନତି କରିବ ବୋଲି ଆଶା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରେଫେସର ପ୍ରଫୁଲ କୁମାର ମହାନ୍ତିଙ୍କ ଅବସର ପରେ ଗତ ୨୦୨୪ ଜାନୁୟାରୀ ୩୧ ତାରିଖ ଠାରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଖାଲି ପଡ଼ିଥିଲା। କାମ ଚଳାଇବା ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନଥିବାରୁ ବିଭିନ୍ନ ସମୟରେ ଶିକ୍ଷା ଦାନ ଓ ପ୍ରଶାସନିକ କାର୍ଯ୍ୟରେ ବହୁ ସମସ୍ୟା ରହୁଥିବା ନଜିର ରହିଛି। ଦୀର୍ଘ ଦୁଇ ବର୍ଷ ପରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ଏକ ନୂତନ ସ୍ଥାୟୀ କୁଳପତିଙ୍କୁ ନିଯୁକ୍ତ ପ୍ରଦାନ କରାଯାଇଛି।

## ବ୍ରହ୍ମପୁରରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି



ବ୍ରହ୍ମପୁର, ୬।୪(ସମିସ): ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଗଞ୍ଜାମ ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୯ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୯୮ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ଗୋଟିଏ ସାମୂହିକ ଅଭିଯୋଗ ରହିଥିଲା। ରେଡକ୍ରସ ପାଣ୍ଠିରୁ ୧୦ଜଣଙ୍କୁ ସହାୟତା ରାଶି ବାବଦରେ ୬୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍, ଆରକ୍ଷୀ ଅଧିକ୍ଷକ ଡ଼ା. ସର୍ବଣା ବିବେକ ଏମ୍, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମ କମିଶନର ଏ. ସସ୍ୟ ରେଡ୍ଡୀ ଓ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ଉପସ୍ଥିତିରେ ଥିଲା। ଜନଶୁଣାଣିରେ ମୁଖ୍ୟତଃ ମଧୁବାବୁ ପେନସନ, ପିଏମ ଆବାସ ଓ ଅନ୍ତୋର୍ଦୟ ଗୃହ ଯୋଜନାରେ ଗୃହ ବଣ୍ଟନ, ରାସନ କାର୍ଡ, ଜମିଜମା, ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା ସହାୟତା ଆଦିର ଦରଖାସ୍ତ ହସ୍ତଗତ ହୋଇଥିଲା। ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର ଶୁଭଶ୍ରୀ ମିଶ୍ର ଓ କର୍ମଚାରୀ ଉପସ୍ଥିତ ରହି ଜନଶୁଣାଣୀ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରକ୍ ଚକା ତଳେ ପଡ଼ି ମହିଳା ମୃତ

ପୁରୁଷୋତ୍ତମପୁର, ୬।୪(ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର-ଭୂତସରସିଙ୍ଗ ରାସ୍ତାରେ ରବିବାର ରାତିରେ ଏକ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟିଆ ତୋଟା ଗ୍ରାମର ଗୁରୁବାରିଆ ଶବରଙ୍କ ସ୍ତ୍ରୀ ସୁଷମା ଶବର(୩୬)। ସେହିପରି ୩ ଗୁରୁତର ହେଲେ ସୁଷମାଙ୍କ ସ୍ୱାମୀ ଗୁରୁବାରିଆ, ପୁଅ ନିଖିଲ(୮) ଓ ୬ ବର୍ଷର ଝିଅ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାନୁସାରେ, ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ଗୁରୁବାରିଆ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ସହ ଏକ ବାଇକ୍ ଯୋଗେ ବ୍ରହ୍ମପୁରରୁ ପୋଲସରା ଯାଉଥିଲେ। ପୁରୁଷୋତ୍ତମପୁର-ଭୂତସରସିଙ୍ଗ ରାସ୍ତାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣି ପାଇପ୍ ବିଛାଇବାକୁ ରାସ୍ତା ଖୋଳାଯାଇଥିଲା। ବର୍ଷା ହୋଇଥିବାବେଳେ ଦେଖି ନପାରିବାରୁ ବାଇକ୍ ସ୍ଲିପ୍ କରିଥିଲା।

# ଯୁବକକୁ ସଂଘବଦ୍ଧ ଆକ୍ରମଣ; ୪ ଗିରଫ



ବ୍ରହ୍ମପୁର, ୬।୪(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମୋଚି ସାହି ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ପ୍ରାଣାନ୍ତକ ଆକ୍ରମଣ ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୁଲିସ ୪ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୋଚି ସାହି ଚମଡା ଗୋଦାମ ଅଞ୍ଚଳର ପି. ମନୋଜ କୁମାର(୨୧), ଏସ. ଅଜୟ କୁମାର(୨୫), ଏସ. ଆକାଶ(୨୫) ଏବଂ ଖାଲାସୀ ସହିର ଏମ. ଭରଦ୍ୱାଜ(୨୧)। ଏପ୍ରିଲ ୩ ତାରିଖ ରାତି ପ୍ରାୟ ୮ଟା୩୦ ସମୟରେ ମୋଚି ସାହିର କେ. ବାବୁଲା (୩୬) ଙ୍କୁ ଉପରୋକ୍ତ ଅଭିଯୁକ୍ତମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଉଭୟଙ୍କ ପରିବାର ମଧ୍ୟରେ ଥିବା ପୂର୍ବ ବିବାଦକୁ ନେଇ ଅଭିଯୁକ୍ତମାନେ ବାବୁଲାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗଲଜ କରିବା ସହ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଏଭଳି ଆକ୍ରମଣ କରିଥିଲେ। ଆକ୍ରମଣରେ ବାବୁଲାଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହେବା ପରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା(୧୩୨/୨୬) ରୁଜୁ ହୋଇଥିଲା। ଆଜି ଅପରାହ୍ନ ପ୍ରାୟ ୩ଟା ୩୦ ସମୟରେ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଚାରି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଗିରଫ ପରେ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି।



# ତପନ ସାହୁ ହେଲେ ମାରୁତି ସୁଜୁକିର ସିନିୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



କଣିହାଁ,୬।୪(ସମିସ): ଭାରତର ଅଗ୍ରଣୀ କାର୍ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ୨୦୨୬ ଏପ୍ରିଲ ୧ରୁ ଡ. ତପନ ସାହୁଙ୍କୁ ବରିଷ୍ଠ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ପଦୋନ୍ନତି ଦେଇଛି। ଡ. ସାହୁ ବର୍ତ୍ତମାନ ସମଗ୍ର ଡିଜିଟାଲ୍ ଷ୍ଟାକ୍‌ର ତଦାରଖ କରିବେ। ଡ. ସାହୁ ଆଇଆଇଟି ଦିଲ୍ଲୀର ପୂର୍ବତନ ଛାତ୍ର (ଏମବିଏ ଏବଂ ପିଏଚଡି) ଏବଂ ଭିଏସଏସୟୁଟି (ୟୁସିଇ)-ବୁର୍ଲାର ପୂର୍ବତନ ଛାତ୍ର। ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ଇଣ୍ଡିଆନ୍ ନ୍ୟାସନାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଆଇଏନଏଇ) ଏବଂ ସୋସାଇଟି ଫର୍ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ (ଏସଟିଇଏମ) ଦ୍ୱାରା ଫେଲୋ ମାନ୍ୟତା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଡ. ସାହୁ ହେଉଛନ୍ତି ଅନୁଗୋଳ ଜିଲ୍ଲା ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମ ବାସିନ୍ଦା।

**● ଗୋଣ୍ଡ ଭବନ ପାଇଁ ୨ କୋଟି ଟଙ୍କା ମଞ୍ଜୁର**

# ଗୋଣ୍ଡ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା



କିଶୋରନଗର,୬।୪(ସମିସ): ଭୁବନେଶ୍ୱର ଶ୍ରୀବିହାରଠାରେ ଗୋଣ୍ଡ ସମାଜ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଭବନ ନିର୍ମାଣ ହେଲେ ଦେଶର ୨୩ ରାଜ୍ୟ ଓ ଓଡ଼ିଶାର ୨୦ ଜିଲ୍ଲାରେ ବାସ କରୁଥିବା ଅନୁସୂଚିତ ଜନଜାତିର ବ୍ୟକ୍ତି ଉପକୃତ ହେବେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୋଣ୍ଡ ସମାଜ ରାଜ୍ୟ ସଭାପତି ତଥା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ମହାସଚିବ ପ୍ୟାରୀମୋହନ ନାୟକ, ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ, ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଖାମ ସିଂ ମାଝୀଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

**● ହିଙ୍ଗୁଳା ଯାତ୍ରାରେ ଦୋଳି ଛିଣ୍ଡିବା ଘଟଣା**

# ଦୋଳିକୁ ଅନୁମତି ଦେଲା କିଏ?




ତାଳଚେର,୬।୪(ସମିସ): ଓଡ଼ିଶା ପ୍ରସିଦ୍ଧ ତାଳଚେର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ଲୋକମହୋତ୍ସବ ଆରମ୍ଭ ହୋଇଥିବା ବେଳେ ରବିବାର ସନ୍ଧ୍ୟାରେ ଏକ ଡ୍ରାଗନ ଦୋଳି ହଠାତ୍ ଛିଣ୍ଡି ପଡ଼ିବାରୁ ୩ରୁ ଊର୍ଦ୍ଧ୍ୱ ଲୋକ ଗୁରୁତର ହୋଇଛନ୍ତି। ଏହି ଅଘଟଣ ଘଟିବା ପରେ ସେଠାରେ ଭୟର ବାତାବରଣ ସୃଷ୍ଟି ହେବା ସହ ମହୋତ୍ସବ ଫିକା ପଡ଼ିଯାଇଥିଲା। ଏହି ଘଟଣା ପରେ ପୁଲିସ୍ ଦୋଳିର ମ୍ୟାନେଜରଙ୍କୁ ଗିରଫ କରିଛି। ତେବେ ଏହି ବିପଦପୂର୍ଣ୍ଣ ଦୋଳିଗୁଡ଼ିକୁ ଏଠାରେ ପକାଇବାକୁ କିଏ ଅନୁମତି ପ୍ରଦାନ କରିଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ କାଗଜପତ୍ର ଯାଞ୍ଚ ନ କରି ଏପରି ଅନୁମତି ଦିଆଯାଇଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

**● ଗଛକଟା ବେଳେ ସୁରକ୍ଷାକୁ ଗୁରୁତ୍ୱ**

# ୨ଘଣ୍ଟା ବନ୍ଦ ରହିବ ଥାନା ଛକ-ସର୍କିଟ ହାଉସ୍ ରାସ୍ତା



ଅନୁଗୋଳ,୬।୪(ସମିସ): ଅନୁଗୋଳ ପୌରପାଳିକା ସହାୟତାରେ ମଙ୍ଗଳବାର ସକାଳେ ବନ ବିଭାଗ ପକ୍ଷରୁ ଥାନା ଛକରୁ ସର୍କିଟ ହାଉସ ରାସ୍ତାରେ କିଛି ଗଛ କଟାଯିବାକୁ ସ୍ଥିର ହୋଇଛି। ଅନୁଗୋଳ ଏସ୍‌ପିଙ୍କ ବଙ୍ଗଳା ନିକଟସ୍ଥ କିଛି ଗଛକୁ କାଟି ପରିଷ୍କାର କରାଯିବ। ସକାଳ ୬ଟାରୁ ୮ଟା ମଧ୍ୟରେ ଗଛ କଟାଯିବ। ସୁରକ୍ଷା ଦୃଷ୍ଟିରୁ ଏହି ସମୟରେ ସର୍ବସାଧାରଣଙ୍କ ପାଇଁ ରାସ୍ତା ବନ୍ଦ ରହିବ। ତେଣୁ ଜନସାଧାରଣ ସେହି ସମୟରେ ଅନ୍ୟ ରାସ୍ତା ବ୍ୟବହାର କରିବାକୁ ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି।

**ମହିଳା ହାବିଲଦାରଙ୍କୁ ଦୁର୍ବ୍ୟବହାର ଘଟଣା**

# ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡିର ଦାବି

ଅନୁଗୋଳ,୬।୪(ସମିସ):





କିଛିଦିନ ତଳେ ଅନୁଗୋଳ ରିଜର୍ଭ ପୁଲିସରେ କାର୍ଯ୍ୟରତ ମହିଳା ହାବିଲଦାର ସୁମିତ୍ରା ବିଶ୍ୱାଳ ରିଜର୍ଭ ଇନ୍ସପେକ୍ଟର ଗୋବିନ୍ଦ ମାହାର ଏବଂ ଫୋର୍ସ ରାଇଟର ଶୁଭକାନ୍ତ ସାହୁଙ୍କ ବିରୋଧରେ ଶାରୀରିକ ଏବଂ ମାନସିକ ନିର୍ଯାତନା ଅଭିଯୋଗ ଆଣିଥିଲେ। ବାରମ୍ବାର ଉପରିସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ପରବର୍ତ୍ତୀ ସମୟରେ ଆଉ ସହି ନ ପାରି ସୁମିତ୍ରା ଚାକିରିରୁ ଇସ୍ତଫା ଦେଇଥିଲେ। ରାଜ୍ୟ ସରକାର ଏବଂ ପୁଲିସ ପ୍ରଶାସନର ଏଭଳି ଦାୟିତ୍ୱହୀନ କାର୍ଯ୍ୟ ଏବଂ ବେପରୁଆ ମନୋଭାବ ଓ ତଦନ୍ତ ବିଳମ୍ବ ଘଟଣାକୁ ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳ (ବିଜେଡି) ଦୃଢ଼ ନିନ୍ଦା କରିଛି। ୨୨ ମାସର ଡବଲ ଇଞ୍ଜିନ ସରକାରରେ ନାରୀ ଅସୁରକ୍ଷିତ। ଦୈନନ୍ଦିନ ନାରୀ, ଛାତ୍ରୀଙ୍କ ଉପରେ ଅତ୍ୟାଚାର ନିର୍ଯ୍ୟାତନା ବଢ଼ି ଚାଲିଛି। ଏହାର ପ୍ରତିବାଦ ତଥା ହାବିଲଦାର ସୁମିତ୍ରାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଅନୁଗୋଳ

## ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ

ବିଜେଡି ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳ ପକ୍ଷରୁ ବିଶାଳ ଶୋଭାଯାତ୍ରା ବାହାରି ଏସପିଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବତନ ବିଧାୟକ ସୁଶାନ୍ତ ବେହେରା, ପୂର୍ବତନ ବିଧାୟକ ମୁକେଶ ପାଳ, ଜିଲ୍ଲା ପରିଷଦ ଅଧକ୍ଷା ତଥା ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବବିତା ପ୍ରଧାନ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ନଗରପାଳ ଅକ୍ଷୟ କୁମାର ସାମନ୍ତ ପ୍ରମୁଖ ବକ୍ତବ୍ୟ ରଖି ସରକାରଙ୍କ ଉପରେ ବର୍ଷିଥିଲେ। ଏଥିରେ ଦଳର ବହୁ ପଦାଧିକାରୀ, ବିଭିନ୍ନ ବ୍ଲକ ଓ ନଗର ଅଧକ୍ଷ/ଅଧକ୍ଷା, ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ଓ ନଗର ବିଜେଡି ସଭାପତି, ଦଳୀୟ କାଉନସିଲର ପ୍ରମୁଖ ସାମିଲ ହୋଇଥିଲେ। ଯୁବ ବିଜେଡି ନେତା ଅରୁଣାଭ ସିଂହ, ଜିଲ୍ଲା ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ ଏବଂ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**■ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି**

# ୮୩ ଅଭିଯୋଗ ଗ୍ରହଣ, ୯ଟିର ତୁରନ୍ତ ସମାଧାନ



କଣିହାଁ,୬।୪(ସମିସ): କଣିହାଁ ବ୍ଲକ ପବିତ୍ର ମୋହନ ସଭାଗୃହରେ ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ ଏମ୍ ଅଖତରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମିଳିତ ଜନଶୁଣାଣି ଶିବିରରେ ମୋଟ ୮୩ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୫୭ଟି ବ୍ୟକ୍ତିଗତ ଓ ୨୬ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗ ଥିଲା। ୯ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ପାଞ୍ଚ ଜଣ ଅସହାୟ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବୁରୁକୁନା ପଞ୍ଚାୟତର ରାଜେନ୍ଦ୍ର ବେହେରାଙ୍କୁ ୧୫,୦୦୦ ଟଙ୍କା ଓ କୁମ୍ବାରିକଙ୍କୁ ୭,୫୦୦ ଟଙ୍କା କର୍କଟ ରୋଗ ଚିକିତ୍ସା ପାଇଁ ଦିଆଯାଇଥିଲା। ସେହିପରି ବଜ୍ରକୋଟ ପଞ୍ଚାୟତର ନିରଞ୍ଜନ ନାଏକ ଓ ତ୍ରିଲୋଚନ ବିଶିଙ୍କୁ କିଡନୀ ରୋଗ ଚିକିତ୍ସା ପାଇଁ ୧୫,୦୦୦ ଟଙ୍କା ଲେଖାଏଁ ଦିଆଯାଇଥିଲା। ବିଜିଗୋଳ ପଞ୍ଚାୟତର କାଳନ୍ଦୀ ଚରଣ ଦାସଙ୍କୁ ଚିକିତ୍ସା ସହାୟତା ଭାବେ ୫,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଶିବିରରେ ମୁଖ୍ୟତଃ ଗ୍ରାମ୍ୟ ସମସ୍ୟା, କଳକାରଖାନା ଦ୍ୱାରା କ୍ଷତିଗ୍ରସ୍ତଙ୍କ ନିଯୁକ୍ତି ଓ ଥଇଥାନ ସମସ୍ୟା, ଜମିଜମା, ରାସ୍ତାଘାଟ ମରାମତି, ପିଇବା ପାଣି, ଭତ୍ତା, ରାସନ, ଘର ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା। କାର୍ଯ୍ୟକ୍ରମରେ ଅନୁଗୋଳେ ଏସ୍‌ପି ରାହୁଲ ଜୈନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବଶିଷ୍ଠ ହେଲେ ଏସଟି ଉନ୍ନୟନ ଅଧ୍ୟକ୍ଷ



କିଶୋରନଗର,୬।୪(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ ଗୋରାତୋପା ଗ୍ରାମର ବିଜେପି ଅନୁସୂଚିତ ଜନଜାତି ନେତା ବଶିଷ୍ଠ ନାୟକଙ୍କୁ ଜିଲ୍ଲା ଅନୁସୁଚିତ ଜନଜାତି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ଏହି ପଦବୀ ମିଳିଥିବାରୁ ବଶିଷ୍ଠ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜଣାଇବା ସହ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ମୌଳିକ ସମସ୍ୟା ପ୍ରତି ବିଶେଷ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି। ବଶିଷ୍ଠଙ୍କୁ ରବିବାର କିଶୋରନଗରର ସାଧୁପାଳ କଲ୍ୟାଣ ମଣ୍ଡପଠାରେ ବିଜେପି ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ବିଜେପି ନେତା ରତ୍ନାକର ପ୍ରଧାନ, ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନ, ସୁଧାସାଗର ପ୍ରଧାନ, କୁମୁଦ ଚନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ସାହୁ, ଚିକୁନ ବିଶ୍ୱାଳ, ପ୍ରହଲ୍ଲାଦ ସାହୁ ପ୍ରମୁଖ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍



ଅନୁଗୋଳ,୬।୪(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଅଗ୍ନିଶମ ବିଭାଗ ମିଳିତ ସହଯୋଗରେ ସୋମବାର ପୂର୍ବାହ୍ନରେ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ମକ୍‌ଡ୍ରିଲ୍ କରାଯାଇଛି। ଚିକିତ୍ସାଳୟ ପରିସରରେ ନିଆଁ ସମ୍ବନ୍ଧିତ ଆପାତକାଳୀନ ପରିସ୍ଥିତି ସମୟରେ ସମସ୍ତେ କିପରି ରକ୍ଷା ପାଇପାରିବେ ସେ ସମ୍ପର୍କରେ ଉଭୟ ରୋଗୀ ଓ ଡାକ୍ତରଖାନା କର୍ମଚାରୀଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଜିଲ୍ଲା ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ଚିକିତ୍ସାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଅନୁଗୋଳ ଜିଲ୍ଲା କିଷାନ କଂଗ୍ରେସ କମିଟି ଗଠିତ

ଅନୁଗୋଳ,୬।୪(ସମିସ): ଅନୁଗୋଳ ଜିଲ୍ଲା କିଷାନ କଂଗ୍ରେସ କମିଟି ଜିଲ୍ଲା ସଭାପତି ସୌମେନ୍ଦ୍ର ଦେହୁରୀଙ୍କ ଦ୍ୱାରା ଗଠିତ ନୂତନ କମିଟି ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅଭୟ କୁମାର ସାହୁଙ୍କ ଅନୁମୋଦନ ଲାଭ କରିଛି। ନୂତନ କମିଟିରେ ଉପସଭାପତି ଭାବେ ପ୍ରାଣବନ୍ଧୁ ପ୍ରଧାନ, ପ୍ରଦୀପ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ଦିଲୀପ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ବସନ୍ତ କୁମାର ବିଶୋୟୀ, ଶିଶିର କୁମାର ପାଳ, ମନୋଜ କୁମାର ଦାସ, ଅଶୋକ କୁମାର ବିଶୋୟୀ, ବିରଞ୍ଚି ସାହୁ, ବିଭୂତି ଭୂଷଣ ସାହୁ, ବିପିନ ପାତ୍ର, ଆଲୋକ ଦେହୁରୀ, ଜୟନ୍ତ କୁମାର ପ୍ରଧାନ, ବିମଳ ପ୍ରଧାନ, ସୁମିତ କୁମାର ସାହୁ, ହେମନ୍ତ ଦେହୁରୀ, ଧୀରେନ ପ୍ରଧାନ, ମିହିର କୁମାର ପାଳ, ପ୍ରମୋଦ କୁମାର ସାହୁ, ଭାଗୀରଥି ନାୟକ, ଗୋପିନାଥ ସାହୁ ଓ କୋଷାଧ୍ୟକ୍ଷ ଭାବେ ଲୋକନାଥ ସାହୁଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଅନୁଗୋଳ ବ୍ଲକ ପାଇଁ ବନବିହାରୀ ପ୍ରଧାନ, ଆଠମଲ୍ଲିକ ପାଇଁ ଜୟଲାଲ ବିଶ୍ୱାଳ, ବଅଁରପାଳ ପାଇଁ ସୁଶାନ୍ତ ମହାପାତ୍ର, ଛେଣ୍ଡିପଦା ପାଇଁ ତ୍ରିନାଥ ସାହୁ, କିଶୋରନଗର ପାଇଁ କନ୍ଦର୍ପ ପ୍ରଧାନ, କଣିହାଁ ପାଇଁ ସୁଶାନ୍ତ ଶଶିକାନ୍ତ ସାମଲ, ପାଲଲହଡ଼ା ପାଇଁ ପ୍ରଶାନ୍ତ କୁମାର ପ୍ରଧାନ, ତାଳଚେର ପାଇଁ ସୁଧୀର କୁମାର ବେହେରା, ଅନୁଗୋଳ ନଗର ପାଇଁ କସିଦା ଖାନ, ଆଠମଲ୍ଲିକ ନଗର ପାଇଁ ମନୋଜ ପ୍ରଧାନ, ପାଲଲହଡ଼ା ନଗର ପାଇଁ ପ୍ରତାପ କୁମାର ପାଳ ଓ ତାଳଚେର ନଗର ପାଇଁ ସନ୍ତୋଷ ମହାରଣାଙ୍କୁ ନିଯୁକ୍ତ କରାଯାଇଛି। କମିଟିରେ ନିମନ୍ତ୍ରିତ ସଭ୍ୟ ଭାବେ ସସ୍ମିତା ବେହେରା, ସୁନୀଲ କୁମାର ପ୍ରଧାନ, ଅମ୍ବିକା ପ୍ରସାଦ ଭଟ୍ଟ, ପ୍ରଫୁଲ୍ଲ କୁମାର ଦାସ, ଫକୀର ମୋହନ ସାମଲ, ନରୋତ୍ତମ ନାଏକ, ହିମାଂଶୁ ଚାଉଳିଆ, ଭଜମନ ଦାସ, ସନତ କୁମାର ପ୍ରଧାନ ରହିଥିବା ଦଳ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଓଡ଼ିଆ ପକ୍ଷ ଅବସରରେ ସ୍ୱଚ୍ଛ ଓଡ଼ିଶା ଦିବସ

ଅନୁଗୋଳ,୬।୪(ସମିସ): ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଅନୁଗୋଳ ପୌରପାଳିକା ତରଫରୁ ଜଗନ୍ନାଥ ମନ୍ଦିର ଏବଂ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ସାମ୍ନାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ନଗରପାଳ ଅକ୍ଷୟକୁମାର ସାମନ୍ତ, ନିର୍ବାହୀ ଅଧିକାରୀ, ସତ୍ୟପ୍ରକାଶ ତ୍ରିପାଠୀଙ୍କ ସମେତ ସମସ୍ତ କାଉନସିଲର, ବରିଷ୍ଠ ନାଗରିକ, ସାମ୍ବାଦିକ, ସ୍ୱଚ୍ଛସାଥୀ, ସୁପରଭାଇଜର, ପୌର ପାଳିକା କର୍ମଚାରୀ ଏବଂ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ।




# ବିଭିନ୍ନ ସ୍ଥାନରେ ବିଜେପି ପ୍ରତିଷ୍ଠା ଦିବସ

କିଶୋରନଗର,୬।୪(ସମିସ): କିଶୋରନଗର ବ୍ଲକ ଅଙ୍ଗପଡ଼ାଠାରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଆଠମଲ୍ଲିକ ଏନଏସି ପ୍ରତିନିଧି ସନ୍ତୋଷ ହୋତା, ଜିଲ୍ଲା ଉପସଭାପତି ଅଞ୍ଜଳି ପ୍ରଧାନ, ବରିଷ୍ଠ ନେତା ପ୍ରବୋଧ ବେହେରା, ନିର୍ବାଚନ ମଣ୍ଡଳୀ ସଂଯୋଜକ ଡା. ଅଲେଖ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

**ପାଲଲହଡ଼ା:** ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ମଣ୍ଡଳସ୍ତରୀୟ ବିଜେପି ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପାଲଲହଡ଼ା ଶରତ ଚନ୍ଦ୍ର କ୍ଲବରେ ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ ଦାସ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତନ୍ମୟ ସାହୁ, ଜିଲ୍ଲା ଉପସଭାପତି ସୌଭାଗିନୀ ପ୍ରଧାନ, ଈଶ୍ୱରନଗର ସରପଞ୍ଚ ହୃଦାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଖେମଳା ମଣ୍ଡଳ ସଭାପତି ଛନ୍ଦାଚରଣ ସାହୁଙ୍କ ଅଧ୍ୟକ୍ଷତାରେ ତିରବ ପଶ୍ଚିମେଶ୍ୱର ଶିବମନ୍ଦିରଠାରେ ବିଜେପି ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ବରିଷ୍ଠ ନେତା ଧର୍ମେନ୍ଦ୍ର ସାହୁ, ଇଂ ନୀଳାମ୍ବର ପ୍ରଧାନ, ବଡିସ୍ୱାଆଁ ସମିତି ସଭ୍ୟ ମଧୁସୂଦନ ସାହୁ ଅତିଥି ରୂପେ ଯୋଗଦେଇଥିଲେ।

**କଣିହାଁ:** ପବିତ୍ରନଗରସ୍ଥିତ ବିଜେପି କାର୍ଯ୍ୟାଳୟରେ ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପବିତ୍ରନଗର ମଣ୍ଡଳ ସଭାପତି ମନୋଜ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳୀୟ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବରିଷ୍ଠ କାର୍ଯ୍ୟକର୍ତ୍ତା ମଦନ ମୋହନ ସାହୁ, କନ୍ଦର୍ପ ପ୍ରଧାନ, କପିଳେଶ୍ୱର ପ୍ରଧାନ, ପବିତ୍ର ବେହେରା, ଗିରୀଶ ଚନ୍ଦ୍ର ପ୍ରଧାନ, ବାବୁଲି ପ୍ରଧାନ, ବିଦ୍ୟାଧର ସାହୁ, ପ୍ରଶ୍ନ ସାମଲ, ଲମ୍ବୋଦର ବେହେରା, ବଂଶୀଧର ସାହୁ ଓ ଯୋଗେଶ୍ୱର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ସମ୍ପାଦକ ପ୍ରହଲ୍ଲାଦ ସାମଲ, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା, ବିରୁ ସରପଞ୍ଚ ଧରଣୀଧର ବେହେରା, କର୍ଣ୍ଣପାଳ ସରପଞ୍ଚ ହୃଷୀକେଶ ସାମଲ, କୁଲେଇ ସମିତି ସଭ୍ୟ ପ୍ରିୟରଞ୍ଜନ ମହାନ୍ତି ଓ ପରାବିଲ ସରପଞ୍ଚଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# ଲଙ୍ଗୁଳିଆବେଡ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ; କୋଶଳା ଚାମ୍ପିଅନ

ବଅଁରପାଳ,୬।୪(ସମିସ):

ବଅଁରପାଳ ବ୍ଲକ ଲଙ୍ଗୁଳିଆବେଡ଼ା ଗ୍ରାମରେ ପ୍ରିନ୍ସ କ୍ଲବ ପକ୍ଷରୁ ତିନିଦିନ ଧରି ଚାଲିଥିବା ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ସୁନୀତା ସେଠୀ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ କର୍ଣ୍ଣ ଗୋଛାୟତ ଓ ଗ୍ରାମ ସଭାପତି ବ୍ରଜେନ୍ଦ୍ର ନାରାୟଣ ବିଶ୍ୱାଳ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ କୋଶଳା ଓ ଘଣ୍ଟପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋଶଳା ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଅଭିମନ୍ୟୁ ସାହୁ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସଞ୍ଜୟ କୁମାର ବିଶୋଇ, ଆଞ୍ଚଳିକ ବହୁଜନ ସମିତି ସଭାପତି ମହେଶ ବେହେରା, ଉପସଭାପତି ମୁନା ନାୟକ ଓ ସରପଞ୍ଚଙ୍କ ପ୍ରତିନିଧି ଅଭୟ ସେଠୀ ପ୍ରମୁଖ ଯୋଗଦେଇ ପ୍ରଥମେ ନିକଟରେ ସ୍ୱର୍ଗାରୋହଣ କରିଥିବା କ୍ଲବର ସକ୍ରିୟ ସଦସ୍ୟ ଲକ୍ଷ୍ମୀକାନ୍ତ ଦେହୁରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନିରବ ପ୍ରାର୍ଥନା କରିଥିଲେ। ଅତିଥିମାନେ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଦୀନେଶ ବାରିକ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ମାନସ ଜେନା ଓ ଗଣେଶ୍ୱର ସାହୁ ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ଦୁଷ୍ମନ୍ତ ସାହୁ, ସମ୍ପାଦକ ପ୍ରଦୀପ ସେଠୀ, ସୂରଜ ବାରିକ, ଭବାନୀ ସେଠୀ, ସୁଜିତ ସେଠୀ, ପପୁନ ବିଶୋଇ, ଚିକୁ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଠେଲକନାଳୀ ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୬।୪(ସମିସ): କିଶୋରନଗର ବ୍ଲକ ଠେଲକନାଳୀ ପଞ୍ଚାୟତରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶୁଭକାନ୍ତ ନାୟକ ଯୋଗଦେଇ ପଞ୍ଚାୟତର ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅମିତ ସାହୁ, ବିଏସଏସଓ ଝସକେତନ ସାହୁ, ବିପିସି (ଆରଏଚ) ସୌମ୍ୟ ରଞ୍ଜନ ପ୍ରଧାନ, ବିପିସି (ଓଏଲଏମ୍) ସୁଜିତ ପ୍ରଧାନ, ଡିଇଓ (ଆରସିଏମ) ସରୋଜ ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷରେ ସ୍ୱଚ୍ଛତା ଅଭିଯାନ

ଯାଜପୁର,୬।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଷଷ୍ଠ ଦିବସରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାସ୍ତରୀୟ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡ଼ିକର ସାମୂହିକ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ପୁରାଣ ପ୍ରସିଦ୍ଧ ଦଶାଶ୍ୱମେଧ ଘାଟ ଓ ଜଗନ୍ନାଥ ମନ୍ଦିର ପରିସରରେ ସକାଳ ୬.୩୦ ମିନିଟ୍‌ରେ ଏହି କାର୍ଯ୍ୟକ୍ରମ ଯାଜପୁର ପୌରପାଳିକା ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟ ରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏହି ଐତିହ୍ୟ ସ୍ଥଳୀ ଗୁଡିକରେ ସାମୂହିକ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ଓଡ଼ିଆ ଜାତୀୟତା ଏବଂ ଓଡ଼ିଆ ପରମ୍ପରା ବଜାୟ ରଖିବାରେ ଏହି ଐତିହ୍ୟ ସ୍ଥଳୀ ଗୁଡ଼ିକର ଭୂମିକା ଅତୁଳନୀୟ ବୋଲି ଏକ ବାର୍ତ୍ତା ସାଧାରଣ ନାଗରିକମାନଙ୍କୁ ଦିଆଯାଇଥିଲା। ଏହି କ୍ରମରେ ଜିଲ୍ଲାବ୍ୟାପୀ ବିଭିନ୍ନ ମନ୍ଦିର ଏବଂ ଧାର୍ମିକ ପୀଠ ଗୁଡ଼ିକରେ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧିମାନଙ୍କୁ ନେଇ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ଦେବାଦେବୀ ପୀଠ ସ୍ଥଳରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



● 'ଶତରୂପା'ର ବାର୍ଷିକ ଉତ୍ସବ ଉଦ୍‌ଯାପିତ

# ପିତାମ୍ବର ତରାଇଙ୍କୁ 'ଶତରୂପା ସାହିତ୍ୟ ପୁରସ୍କାର'



କୁଆଖିଆ,୬।୪(ସମିସ): ଯାଜପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ଶତରୂପା ସାହିତ୍ୟାୟନ'ର ୭ମ ବାର୍ଷିକ ଉତ୍ସବ ଓଡ଼ିଶୋ ଅଣ୍ଡେଇଗୋଡ଼ା ଗ୍ରାମ ସ୍ଥିତ ସ୍ୱପ୍ନେଶ୍ୱର ହାଇସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରତାପରୁଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସଭାରେ ବିଶିଷ୍ଟ ପ୍ରାବନ୍ଧିକ ଡ. ଚିତ୍ତରଞ୍ଜନ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ରୂପେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଏବଂ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟକାରିଣୀ ସଦସ୍ୟା ଡ. ବୈଜୟନ୍ତୀମାଳା ଶତପଥୀ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖପତ୍ର 'ଶତରୂପା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। 'ଶତରୂପା'ର ସଂପାଦକ ମନୋଜ କୁମାର ନାୟକ ବିବରଣୀ ଓ ମାନପତ୍ର ପାଠ କରିଥିଲେ। ବ୍ରହ୍ମବରଦା କଲେଜର ଅଧ୍ୟକ୍ଷ ଡ. ମହେଶ୍ୱର ପାଢ଼ି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସଂଗଠନ ସଂପାଦକ ରମାକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନ କବିତା ପାଠୋତ୍ସବରେ ମୁଖ୍ୟଅତିଥି ଭାବେ 'ଗୋକର୍ଣ୍ଣିକା'ର ସଂପାଦକ ଡ. ରମାକାନ୍ତ ଜେନା, ପ୍ରାବନ୍ଧିକ ଡ. ମହେଶ୍ୱର ପାଢ଼ି ମୁଖ୍ୟବକ୍ତା, 'ମେଘମହ୍ଲାର'ର ସଂପାଦିକା ପ୍ରଭାତି ମାଝୀ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କବୟିତ୍ରୀ ସୁରଭି ଦ୍ୱିବେଦୀ, ବ୍ରଜେଶ୍ୱରୀ ସିଂହ, ସରୋଜିନୀ ପତି, ଅରୁଣା ଦ୍ୱିବେଦୀ କବିତା ସଂଯୋଜନା କରିଥିଲେ। ଏହି ଅବସରରେ ବିଶିଷ୍ଟ କବି ପିତାମ୍ବର ତରାଇଙ୍କୁ 'ଶତରୂପା ସାହିତ୍ୟ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ବରିଷ୍ଠ ସାମ୍ବାଦିକ ଦୁର୍ଗା ଚରଣ ଦାଶଙ୍କୁ 'ଶତରୂପା ସାମ୍ବାଦିକ ରତ୍ନ ସମ୍ମାନ' ଏବଂ ବିଶିଷ୍ଟ ସାହିତ୍ୟିକ ଡ. ସୁଶିଲ କୁମାର ବାଗ, ଦେବେନ୍ଦ୍ର ବାଉରୀ, ଯୋଗୀନ୍ଦ୍ରନାଥ ସାହୁ, ଦୟାନିଧି ନାୟକ, ମିନତୀ ମିଶ୍ର, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସନ୍ଧ୍ୟାରାଣୀ ମିଶ୍ରଙ୍କୁ 'ଶତରୂପା ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଯୁବ ଲେଖକ ଗୌରୀଶଙ୍କର ଦାଶଙ୍କୁ 'ଶତରୂପା ଯୁବ ଲେଖକ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଦସ୍ୟ ଭାଗବତ ଦତ୍ତ ସଭାକାର୍ଯ୍ୟରେ ସହଯୋଗ କରିଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର,୬।୪(ସମିସ): ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୨୫୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୦୨ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୬ଟି ଏବଂ ରେଡ୍‌କ୍ରସ ପାଣ୍ଠିରୁ ୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଉପ ଜିଲ୍ଲାପାଳ, ଯାଜପୁର ତାପସ ରଂଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବି ନାରାୟଣ ପାଢ଼ୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ପୂର୍ବତନ ବିଧାୟକଙ୍କ ଘରେ ପଶି ଆକ୍ରମଣ ଘଟଣାରେ ପୁଲିସ ନିରବ

# ଏସ୍‌ପିଙ୍କୁ ଭେଟିଲା ଧର୍ମଶାଳା ବିଜେଡି ପ୍ରତିନିଧି ମଣ୍ଡଳୀ



ପାଣିକୋଇଲି,୬।୪(ସମିସ):

ଧର୍ମଶାଳାରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ମିଥ୍ୟା ମାମଲା ବଢ଼ିବାରେ ଲାଗିଛି। ଏମିତିକି ଏକାଧିକ ମିଥ୍ୟା ମାମଲା ଜଣଙ୍କ ନାମରେ କରାଯାଇ ହାଡ୍‌କୋର କ୍ରିମିନାଲ ଭଳି ଉଠାଯାଇ ଅନ୍ୟ ଥାନାକୁ ନେଇ କାଗଜ ପ୍ରସ୍ତୁତ କରି କୋର୍ଟ ଚାଲାଣ କରାଯାଉଛି। ଗତ ମାସ ୨୭ ତାରିଖରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଜାରକା ଘରେ କେତେକ ଦୁର୍ବୃତ୍ତ ପଶି ଆକ୍ରମଣ ଓ ଭଙ୍ଗାରୁଜା କରିଥିଲେ। ସେହି ଆକ୍ରମଣ ଓ ଭଙ୍ଗାରୁଜା ସମୟର ସିସିଟିଭି ଫୁଟେଜ ପଲିସକୁ ଦିଆଯାଇଛି। କିନ୍ତୁ ପୁଲିସ ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଓଲଟି ପୂର୍ବତନ ବିଧାୟକଙ୍କ ସହଯୋଗୀ ପ୍ରଦୋଷ ନାୟକଙ୍କୁ ମିଥ୍ୟା ମକଦ୍ଦମାରେ କୋର୍ଟଚାଲାଣ କରିଥିବା ଅଭିଯୋଗ କରିଛି। ପୂର୍ବତନ ବିଧାୟକଙ୍କ ରୋଷେଇଆ କୁଆଖିଆ ଥାନା ମସୁଦପୁର ଗ୍ରାମର ସୁଶାନ୍ତ କୁମାର ଦାସଙ୍କୁ ଧର୍ମଶାଳା ଥାନା ବଡମଙ୍ଗଳପୁର ଗ୍ରାମର ସଂଜୟ ମହାନ୍ତି, ନାଉପାଳ ଗ୍ରାମର ହୃଷୀକେଶ ରାଉତ କିଛି ଅସାମାଜିକ ବ୍ୟକ୍ତିମାନଙ୍କୁ ଧରି ମରଣାନ୍ତକ ଆକ୍ରମଣ କରିବା ସହ ଭୟଭୀତ କରି ଧର୍ମଶାଳାକୁ ଅଶାନ୍ତ କରୁଛନ୍ତି। ବିଜେଡି ମିଡିଆ ସେଲ୍‌ର ଇନଚାର୍ଯ୍ୟ ପ୍ରଦୋଷ ନାୟକଙ୍କ ନାମରେ ଧର୍ମଶାଳା ଥାନାରେ ଦୁଇଟି ମାମଲା ୧୩୧ ଓ ୧୩୪/୨୬ କୁଆଖିଆ ଥାନାରେ ଦୁଇଟି ମାମଲା ୧୫୨ ଓ ୧୫୩/୨୬ ମିଥ୍ୟା ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅଶାନ୍ତ ଧର୍ମଶାଳା ଶାନ୍ତ କରିବା ପାଇଁ ଏଭଳି ଅସାମାଜିକ କାର୍ଯ୍ୟକଳାପକୁ ବିଜେଡି ନିନ୍ଦା କରିବା ସହ ଆଜି ଏସ୍‌ପିଙ୍କୁ ଦାବିପତ୍ର ଦେଇଛି। ମିଥ୍ୟା ମାମଲା ରୁଜୁ ବନ୍ଦ କରିବା, ପ୍ରତ୍ୟେକ ମାମଲାକୁ ସଠିକ ଭାବେ ତଦନ୍ତ କରିବା, ଅଭିଯୁକ୍ତ ମାନଙ୍କୁ ଅବିଳମ୍ବେ ଗିରଫ କରିବା ସହ ପୁଲିସ ଜନସାଧାରଣଙ୍କ

### ଧର୍ମଶାଳାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ଶ୍ରଦ୍ଧାଭାଜନ ହେବା ଦିଗରେ କାମ କରିବାକୁ ଦାବି କରାଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେଶ ମହାନ୍ତି, ସନ୍ତୋଷ କୁମାର ଜେନା, ସୁରେନ୍ଦ୍ର କୁମାର ପଣ୍ଡା, ଉତ୍କଳମଣି ଦାସ, ଅଭିନ ମଲିକ, ଆଶିଷ କୁମାର ରାଉତ, ଅର୍ପିତା ସିଂହ, ମମତା ଦଣ୍ଡପାଟ, ପ୍ରଣତୀ ଲେଙ୍କା, ଉର୍ମିଳା ପଲେଇ ସମତେ ବହୁ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଅରଖପୁର ବିଜେଡିର କର୍ମୀ ସମ୍ମିଳନୀ



ବଡଚଣା,୬।୪(ସମିସ): ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅରଖପୁର ପଞ୍ଚାୟତ ବାଇଶିମୌଜା ମେଳଣ ପଡ଼ିଆ ଠାରେ ଅରଖପୁର ପଞ୍ଚାୟତ ସଭାପତି ରବୀନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଜେଡି ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟ, ଜ୍ଞାନରଞ୍ଜନ ସାହୁ, ପ୍ରଦୀପ୍ତ ମହାନ୍ତି, ଧୁଳେଶ୍ୱର ଦାସ, ନିରଞ୍ଜନ ବିଶ୍ୱାଳ, ସ୍ନେହାଶିଷ ମହାପାତ୍ର, ସଞ୍ଜୟ କୁମାର ସ୍ୱାଇଁ, ପୁଷ୍ପଲତା ସିଂ, ରଶ୍ମିତା ଦାସ ପ୍ରମୁଖ ଯୋଗ ଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି ବୈଠକରେ ସଚ୍ଚିଦାନନ୍ଦ ସିଂ, ଉମେଶ ଚନ୍ଦ୍ର ସାମଲ, ଗୌତମ ସିଂ, ମଳୟ ସିଂ, ପ୍ରକାଶ ଚନ୍ଦ୍ର ନାୟକ, ସଞ୍ଜୟ ଦାସ, ଦେବାଶିଷ ସ୍ୱାଇଁ, ଚିନ୍ମୟ ଖୁଣ୍ଟିଆ, ବିଳାସ ଘଡେଇ, ବିଜୟ କୁମାର ସିଂ, ମହେନ୍ଦ୍ର ଦାସ, ସୋନାଲି ସ୍ୱାଇଁ, ସଂଗ୍ରାମ ସାମଲ, ଦ୍ୱିବେନ୍ଦୁ ସ୍ୱାଇଁ, ସନାତନ ଜେନା, ହିମାଂଶୁ ଶେଖର ସ୍ୱାଇଁ, ଶ୍ରୀକାନ୍ତ ସେଠୀ, ଗୟାଧର ବିଶ୍ୱାଳ, ଅମରେନ୍ଦ୍ର ସିଂ, ମନୋରଞ୍ଜନ ସାହୁ, ମାଳତୀ ସ୍ୱାଇଁ, ସନ୍ଧ୍ୟାରାଣୀ ସ୍ୱାଇଁ, ମାନସ ନାୟକ, ଗୋପାଳ ଜେନା, ସୁଶାନ୍ତ କୁମାର ସାମଲଙ୍କ ସମେତ ପାଞ୍ଚଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇ ବୈଠକରେ ସାମିଲ ହୋଇଥିଲେ।

## ଦୁବକଣ-ନାରିଙ୍ଗା ପୂର୍ତ୍ତ ବିଭାଗ ରାସ୍ତା

# ମାଟି ସଫା ନକରି କରାଯାଉଛି ପିଚୁକାର୍ଯ୍ୟ

ମଙ୍ଗଳପୁର,୬।୪(ସମିସ): ରାସ୍ତା ଘାଟର ଉନ୍ନତି କରଣ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅସାଧୁ ଠିକାଦାରମାନଙ୍କ ସାଙ୍ଗକୁ ବିଭାଗୀୟ ଅଧିକାରୀ ମାନଙ୍କ ପାଇଁ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଗୁଡିକର ସଫଳ ରୂପାୟନ ହୋଇପାରୁନଥିବା ନେଇ ଅଭିଯୋଗ ହୋଇଛି। ଏପରି ଏକ ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ନାରିଙ୍ଗା ଠାରୁ ଦୁବକଣ ଭାୟା ଗରବନ୍ଧ ଜୁନ୍ଦୁପୁର ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କ୍ଷେତ୍ରରେ। ୧୧ କିମି ଏହି ରାସ୍ତା ନିର୍ମାଣ ପାଇଁ ୨୨.୦୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ୧-୦୩-୨୪ ରିଖରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ୧-୦୪-୨୫ ରିଖ ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ରହିଥିଲା। ମାତ୍ର ଇତି ମଧ୍ୟରେ ୧ ବର୍ଷ ହେବ ଅବଧି ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉକ୍ତ ରାସ୍ତା କାର୍ଯ୍ୟ ଶେଷ ହୋଇନଥିବା ଦେଖିବା ପାଇଁ ମିଳିଛି। ବିହାର ରାଜ୍ୟର ଠିକାଦାର ସମ୍ପୂର୍ଣ୍ଣ ଦାୟିତ୍ୱ ସୁପରଭାଇଜର ଉପରେ ନ୍ୟସ୍ତ କରିଦେଇ ଆଦୌ କାର୍ଯ୍ୟସ୍ଥଳକୁ ଆସୁନଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏହି ରାସ୍ତାଟି ନୂତନ ଭାବେ ନିର୍ମାଣ ହେଉଥିବା ବେଳେ ପ୍ରଶସ୍ତୀକରଣ କାର୍ଯ୍ୟ ହେଉଥିବା ଦେଖିବା ପାଇଁ ମିଳିଛି। ନିୟମ ଅନୁଯାଇ ପ୍ରଥମେ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଦୁଇ ପାଶ୍ୱର୍ରୁ ଅବରୋଧ ହଟେଇବା ସହ ରାସ୍ତା କଡ଼ରେ ଥିବା ଗଛ ଗୁଡିକୁ ବନ ବିଭାଗର ଅନିମତି ନେଇ କାଟିବା ସହ ରାସ୍ତା ଉପରେ ଥିବା ବିଦ୍ୟୁତ ଖୁଣ୍ଟ ଗୁଡିକୁ ମଧ୍ୟ ସ୍ଥାନାନ୍ତର କରିବା କଥା। ମାତ୍ର ଏବେ ରାସ୍ତାର ଅଧିକାଂଶ ସ୍ଥାନ ପିଚୁ ଓ ଢଳେଇ ହୋଇସାରିଥିବା ବେଳେ ରାସ୍ତା ଉପରୁ ବିଦ୍ୟୁତ ଖୁଣ୍ଟ କିମ୍ବା ଗଛ ଗୁଡିକୁ ଉଠା ନଯିବା ଫଳରେ ଅନେକ ସମୟରେ ଲୋକ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ରାସ୍ତା କାର୍ଯ୍ୟ କରିବା ପୂର୍ବରୁ ରାସ୍ତା ମଝିରେ ଥିବା ପୁରୁଣା କଲଭର୍ଟ ଗୁଡିକ ଭାଙ୍ଗି ନୂତନ ଭାବେ ପ୍ରଶସ୍ତୀକରଣ କାର୍ଯ୍ୟ କରିବା କଥା। ମାତ୍ର ଠିକାଦାର ପୁରୁଣା କଲଭର୍ଟ ଗୁଡିକ ନଭାଙ୍ଗି କେବଳ ହୋମ୍‌ପାଇପ ଯୋଡ଼ିଦେଇ କାର୍ଯ୍ୟ ଶେଷ କରୁଥିବା ଦେଖିବା ପାଇଁ ମିଳିଛି। ସୁପରଭାଇଜର ନିଜର ଇଛା ମୁତାବକ କାର୍ଯ୍ୟ କରୁଥିବାରୁ ଏହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଢଳେଇ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବାଲି ଗୁଡିକ ମାଟି ମିଶା ବାଲି ସାଙ୍ଗକୁ ଧୂଳି ବାଲିରେ ଢଳେଇ କରାଯାଉଥିବା ଦେଖିବା ପାଇଁ ମିଳିଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ରାସ୍ତା କାର୍ଯ୍ୟ ହେଉଥିବା ସମୟରେ କୌଣସି ବିଭାଗୀୟ ଅଧିକାରୀ କିମ୍ବା ଯନ୍ତ୍ରୀ ଆଦୌ କାର୍ଯ୍ୟ ସ୍ଥଳକୁ ଆସୁନଥିବା ନେଇ ଜନସାଧାରଣରେ ଅଭିଯୋଗ ହେଉଛି। ସେହିପରି ଜୁନ୍ଦୁପୁର ଗାଁ ନିକଟରେ ଏକ ବଡ଼ ବ୍ରିଜ କାର୍ଯ୍ୟ କରାଯାଇଥିବା ବେଳେ ବ୍ରିଜକୁ ଲାଗି କରାଯାଇ ଥିବା ଗାର୍ଡ ୱାଲ ଫାଟି ଆଁ କରିଛି। ସେହିପରି ଏହି ବ୍ରିଜକୁ ଲାଗି ଆଜି ପିଚୁ କାର୍ଯ୍ୟ କରାଯାଉ ଥିବା ବେଳେ ରାସ୍ତା ଉପରୁ ମାଟି ସଫା ନକରି ମାଟି ଉପରେ ପିଚୁ କାର୍ଯ୍ୟ କରାଯାଉଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ତୀବ୍ର ବିରୋଧ କରିଥିଲେ। ମାତ୍ର ଠିକାଦାର କିଛି ସ୍ଥାନୀୟ ମୁଷ୍ଟିମେୟ ଲୋକଙ୍କ ସହଯୋଗରେ ଉକ୍ତ ରାସ୍ତାରୁ ମାଟି ସଫା ନକରି ମାଟି ଉପରେ ପିଚୁ କାର୍ଯ୍ୟ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ରାସ୍ତାର ଗରବନ୍ଧ ଠାରୁ ହଳୁପଡା ପର୍ଯ୍ୟନ୍ତ ୨ ମାସ ପୂର୍ବରୁ କରାଯାଇ ଥିବା ପିଚୁ ଏବେ ରାସ୍ତାରୁ ଫଡା ଫଡା ହୋଇ ଉଠିଯାଉଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ରାସ୍ତା କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ସହିଦ ରଘୁନାଥ ମହାନ୍ତଙ୍କ ତିରୋଧାନ ଦିବସ

ସୁକିନ୍ଦା/ଦାନଗଦି,୬।୪(ସମିସ): ସୁକିନ୍ଦା ବ୍ଲକ ସଂସାଇଲୋ ପଞ୍ଚାୟତ ଅଧୀନ ଟାଟା କଲୋନୀ ଠାରେ ସହିଦ ରଘୁନାଥ ମହାନ୍ତଙ୍କ ୨୪୮ ତମ ସହିଦ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସହିଦ୍ ରଘୁନାଥ ମହାନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସଭାରେ ଝାଡଖଣ୍ଡର ଜେଏଲ୍‌କେଏମ୍ ପ୍ରବକ୍ତା ମାଧବ ମହତୋ,



ଜେଏଲ୍‌କେଏମ୍ ନେତା ପ୍ରେମକୁମାର ମାରାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ସ୍ମୃତି କମିଟିର ସଭାପତି ଭୀମସେନ ମହାନ୍ତ, ସଂପାଦକ ତ୍ରିଲୋଚନ ମହାନ୍ତ, ବରିଷ୍ଠ ସଭ୍ୟ ଦୋଳଗୋବିନ୍ଦ ମହାନ୍ତ, ସୁକିନ୍ଦା ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ବିବେକାନନ୍ଦ ବୋଷ, ସୁକିନ୍ଦାଗଡ ସରପଞ୍ଚ ସ୍ୱାଧୀନ ଦାସ, ଲକ୍ଷ୍ମୀଧର ବେହୁରା, ଦିପ୍ତିରଂଜନ ବେହୁରା, ଜୟନ୍ତ କୁମାର ରାଉତ, ବାରାଗାଡିଆ ସମିତି ସଭ୍ୟ ମୃତ୍ୟୁଞ୍ଜୟ ଦେଓ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ।

# ଦଶରଥପୁର ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ଦଶରଥପୁର,୬।୪(ସମିସ): ଦଶରଥପୁର ବ୍ଲକ୍ ଉଦୟପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାବିତ ସୁରେଶ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ଶିକ୍ଷାନୁଷ୍ଠାନର ସମ୍ପାଦକ ଦୀନବନ୍ଧୁ ନାୟକ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ ପିଲାମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପରିଚାଳନା ସମିତି ସଭ୍ୟା ସ୍ମିତାରାଣୀ ମିଶ୍ର ଉପସ୍ଥିତ ଥିଲେ। ସରୋଜ କୁମାର ମହାପାତ୍ର, ବ୍ରହ୍ମାନନ୍ଦ ସାମଲ, ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସଙ୍କ ସମେତ ବହୁ ଅଭିଭାବକ, ଶିକ୍ଷାବିତ୍, ସମାଜସେବୀ ଉତ୍ସବରେ ସାମିଲ ହୋଇଥିଲେ। ଇତିଶ୍ରୀ ଗୁରୁମା ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ପ୍ରାରମ୍ଭରେ ଶିଶୁ ମନ୍ଦିର ଛାତ୍ରଛାତ୍ରୀ ବନ୍ଦନା ସ୍ୱାଗତ ସଙ୍ଗୀତ, ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ପ୍ରଦୀପ କୁମାର ନାଥ,ଗୁରୁଜୀ ଅନନ୍ତ ଚରଣ ପୋଥାଲ,ଗୁରୁମା ମିନାକ୍ଷୀ ଦାଶ, ପ୍ରଜସ୍ୱିନୀ ଦେବତା, ଇତିଶ୍ରୀ ଗୋସ୍ୱାମୀ, ଗୀତାରାଣୀ ପଣ୍ଡା, ସଂତୋଷୀ ମହାଳିକ, ଦେବସ୍ମିତା ପଲାଇ, ଅର୍ପିତା ସାହୁ,ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିଜେପିର ପ୍ରତିଷ୍ଠା ଦିବସ

ଧର୍ମଶାଳା,୬।୪(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡିଆରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଧର୍ମଶାଳା ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ଗିରିଧାରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ବିଧାୟକ ହିମାଂଶୁ ଶେଖର ସାହୁଙ୍କ ମାତା ତଥା ସମାଜସେବୀ ମିନତୀ ସାହୁ, ପୁର୍ବତନ ସାଂସଦ ରୀତା ତରେଇ, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ସାଂସଦ ପ୍ରତିନିଧି କାହ୍ନୁଚରଣ ଦାଶ, ଅରୁହା ଜୋନ ସଭାପତି ଜିତେନ୍ଦ୍ର ରାଉତ, ଜାରକା ଜୋନ ସଭାପତି ଦେବଦତ ପଣ୍ଡା, ଜେନାପୁର ମଣ୍ଡଳ ସଭାପତି ଶ୍ରୀବତ୍ସ ଧିର, ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, କୋତପୁର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେପି ଦଳ ଶୁଭାରମ୍ଭ ଓ ଆଜିପର୍ଯ୍ୟନ୍ତ ଦଳର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ବିଜେପି ଯୁବ ସଙ୍ଗଠକ ରାଜେଶ କୁମାର ପାଳ, ଦେବରାଜ ମିଶ୍ର, ପ୍ରଦୀପ ପରିଡା, ଉପେନ୍ଦ୍ର କର, ଆଲୋକ ଲେଙ୍କା, ଚନ୍ଦ୍ରମଣି ପଣ୍ଡିତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ତେବେ ବିଧାୟକ ନିର୍ବାଚନ ପ୍ରଚାରରେ ରାଜ୍ୟ ବାହାରେ ଥିବାରୁ ଏଥିରେ ଯୋଗଦେଇପାରିନଥିଲେ।

# କସବାରେ ପାଲା ଓ ନୃତ୍ୟ ପ୍ରତିଯୋଗିତା

କୟାଁଗୋଲା,୬।୪(ସମିସ): ଦଶରଥପୁର ବ୍ଲକ ଥାଲକୁଡ଼ି ଗ୍ରାମ ପଞ୍ଚାୟତ ଅଧୀନ କସବା ଗ୍ରାମରେ ପୀରବାବାଙ୍କ ପାଖରେ ବିଗତ ତିନି ରାତି ଧରି ବାଦିପାଲା ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ସନ୍ଧ୍ୟାରେ ସଞ୍ଜୁ ଡାନ୍ସ ଆଣ୍ଡ ସ୍କୁଲ ଗ୍ରୁପ୍ ତରଫରୁ ଏକ ନୃତ୍ୟ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଏଥିରେ ଭାଗ ନେଇଥିବା ଅନେକ ଶିଶୁ କଳାକାରଙ୍କୁ ଟ୍ରଫି ପୁରସ୍କାର ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ସଞ୍ଜୟ ଦାଶ (ସଞ୍ଜୁ), ପରିଚାଳକ ଗୋଲେଖ ଦାସ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ସା ସାହେବଙ୍କ ବାର୍ଷିକ ଉତ୍ସବ

ଧର୍ମଶାଳା,୬।୪(ସମିସ): ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ମୁସ୍ତଫାନଗରସ୍ଥିତ ସା ସାହେବ ବାବା (ପୀର)ଙ୍କ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଚହଟା ମୁସ୍ତଫାନଗର ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ଆଶିର୍ବାଦ ନେଇଥିଲେ। ଆଜି ସକାଳୁ ବାବାଙ୍କ ଆସ୍ଥାନରେ ଗୋସଲ କରାଯାଇ ନୂତନ ଚାଦର ପକାଯାଇଥିଲା। ପରେ ସେଠରୁ ଏକ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ଧର୍ମଶାଳା ବଜାରଦେଇ ଚୋରମୁହାଁସ୍ଥିତ ମଲାନା ସହେବ ବାବାଙ୍କ ଆସ୍ଥାନକୁ ଆସି ସେଠାରେ ଚାଦର ଚଡାଇଥିଲେ। ଯୁବସଙ୍ଗଠକ ରାଜେଶ ପାଲ ଯୋଗଦେଇ ବାବାଙ୍କ ଆଶୀର୍ବାଦ ନେବା ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆସିଥିବା ଧର୍ମଗୁରୁମାନେ ମୁସ୍ତଫାନଗରରେ ଧର୍ମବାଣି ଶୁଣାଇଥିଲେ।

# ଚୋରମୁହାଁରେ ଫ୍ଲଡ୍‌ଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଧର୍ମଶାଳା,୬।୪(ସମିସ):



ଧର୍ମଶାଳା ବ୍ଲକ ଚୋରମୁହାଁ ସ୍ଥିତ ପଡିଆରେ ରବିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଚୋରମୁହାଁ ୟୁଥ କ୍ଲବ ଆନୁକୂଲ୍ୟରେ ଦିବଙ୍ଗତ ସଙ୍ଗଠକ ମଧୁସୂଦନ ରାଉତ ଓ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ସ୍ମୃତିରେ ଅନୁଷ୍ଠିତ ଦୁଇଦିନିଆ ଫ୍ଲଡ ଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ଓ ଜିଲ୍ଲା ବାହାରୁ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ବୁଢ଼ୀଜାଗୁଳଇ ଭଦ୍ରକ ଓ ଏସିସି ଟିମ୍ ସୁଜାନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ସୁଜନପୁର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୯ ୱିକେଟ ହରାଇ ୩୭ ରନ ସଂଗ୍ରହ କରିଥିଲା। ଜବାବରେ ଭଦ୍ରକ ଟିମ ବ୍ୟାଟିଂ କରି ୬.୩ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ସ୍ମୃତିରଂଜନ ବେହେରା, ବବୁଲ ଦାସ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ୱର୍ଗତ ସରପଞ୍ଚଙ୍କ ପିତା ନାରାୟଣ ମହାନ୍ତି, ରବୀନ୍ଦ୍ର କୁମାର ମହାନ୍ତି, ପ୍ରବୋଧ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ସିରିଜର ଶ୍ରେଷ୍ଠ ଖେଳାଳି ଭାବେ ସୁଜନପୁର ଟିମର ବବଲୁ ଓ ଫାଇନାଲ ମ୍ୟଚର ଶ୍ରେଷ୍ଠ ଖେଳାଳୀ ଭାବେ ଭଦ୍ରକ ଟିମର ଚଗଲୁକୁ ଟ୍ରଫି ପ୍ରଦାନ କରିବା ସହ ଚଳିତ ବର୍ଷର ଚମ୍ପିଅନ ବୁଢିଜାଗୁଳାଇ ଟିମ ଭଦ୍ରକକୁ ଚମ୍ପିଅନ ଟ୍ରଫି ସହ ନଗଦ ଅର୍ଥରାଶି ଓ ରନର୍ସଅପ ଏସିସି ସୁଜନପୁର ଟିମକୁ ରନର୍ସଅପ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ।

## ଓଡ଼ିଶା ଡିଜିଟାଲ ମିଡ଼ିଆ ମହାସଂଘ ଶାଖାର ବାର୍ଷିକ ବୈଠକ



ବାରିପଦା, ୬ ।୪(ସମିସ): ସ୍ଥାନୀୟ ଜୁବୁଲି ଲାଇବ୍ରେରୀ ସମ୍ମିଳନୀ କକ୍ଷରେ ଓଡ଼ିଶା ଡିଜିଟାଲ ମିଡ଼ିଆ ମହାସଂଘ, ମୟୂରଭଞ୍ଜ ଶାଖାର ପ୍ରଥମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ସୁଭାଶିଷ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଜୟ କୁମାର ନାୟକ ଏକ ବର୍ଷ ମଧ୍ୟରେ ସଂଘର କାର୍ଯ୍ୟକଳାପ ଉପରେ ବିବରଣୀ ପ୍ରଦାନ କରିଥିଲେ ଓ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜସେବୀ ସୋମନାଥ ସିଂହ ରାଷ୍ଟ୍ର ଗଠନରେ ମିଡ଼ିଆର ଭୂମିକା ଉପରେ ଆଲୋକପାତ କରିବା ସହ ଜଣେ ନିର୍ଭିକ ଓ ସଚ୍ଚୋଟ ସାମ୍ବାଦିକ ଭାବେ ଗରିବ ନିଃସହାୟଙ୍କ ସ୍ୱରକୁ ସରକାରଙ୍କ ଆଗରେ ଉତ୍ଥାପନ କରି ସେମାନଙ୍କର ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ଆହ୍ୱାନ ଦେଇଥିଲେ ଓ ରାଜ୍ୟ ଉପାଧ୍ୟକ୍ଷ ଦେବାଶିଷ ଶତପଥି ସାମ୍ବାଦିକ ମାନଙ୍କର ସୁରକ୍ଷା ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇବାପାଇଁ ରାଜ୍ୟ ସଙ୍ଘ ସଂଗ୍ରାମ ଜାରି ରଖିଛି ବୋଲି ପ୍ରକାଶ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ହେଲପିଂ ହେଣ୍ଡ ସେବା ସଂସ୍ଥାର ପ୍ରତିଷ୍ଠାତା ଅଶୋକ କୁମାର ବେହେରା ତଥା ରାଜ୍ୟ କାଉନସିଲ ସଭ୍ୟ ଜିତେନ୍ଦ୍ର ରାଜ ଓ ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦିନେଶ ସାହୁ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକ ମାନେ ସଂଘବଦ୍ଧ ହୋଇ କାର୍ଯ୍ୟକଲେ ନିର୍ଭିକ ଭାବରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସହାୟକ ହୋଇପାରିବେ ବୋଲି ମତପୋଷଣ କରିଥିଲେ ଓ ମୋନାଲିସା ସାହୁ, ଶିବାନନ୍ଦ ବାଗ, ଅଜିତ କୁମାର ମହାରଣା ଓ ଶଶୀକାନ୍ତ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ଉକ୍ତ ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୦ଜଣରୁ ଅଧିକ ସାମ୍ବାଦିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଜେପିର ପ୍ରତିଷ୍ଠା ଦିବସ



କୁଆଁମରା, ୬ ।୪(ସମିସ): ଖୁଣ୍ଟା ବ୍ଲକ କନ୍ହେଇବନ୍ଧ ମଣ୍ଡଳ ବଡାମ ମଣ୍ଡପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ୪୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ଦୁଷ୍ମନ୍ତ ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୟୂରଭଞ୍ଜ ଜିଲ୍ଲା ଉପସଭାପତି ରଞ୍ଜନ କୁମାର ମହୁଆଳ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଦଳ ପାଇଁ ଏକାଠି ହୋଇ କାର୍ଯ୍ୟ କରିବା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଙ୍କ ନିତି ଓ ଆଦର୍ଶକୁ ଅନୁସରଣ କରିବା କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମଣ୍ଡଳ ସାଧାରଣ ସମ୍ପାଦକ ପଦ୍ମଲୋଚନ ନାୟକ, ଏସ୍ ସି ମୋର୍ଚ୍ଚା ସଭାପତି ମଦନମୋହନ ପାତ୍ର, ବାହାନଡା ପଞ୍ଚାୟତ ସରପଞ୍ଚ ସାବିତ୍ରୀ ଟୁଡୁ, ଏସ୍ ଟି ମୋର୍ଚ୍ଚା ସଭାପତି ସୁମନ୍ତ ମଢେଇ, ବରିଷ୍ଠ ନେତା ମଧୁସୂଦନ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏଥିରେ ୬ ଟି ପଞ୍ଚାୟତର ଶତାଧିକ କର୍ମୀ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଦଳୀୟ ପତାକା ଉତ୍ତୋଳନ କରାଯିବା ପରେ ଜାତୀୟ ସଙ୍ଗୀତ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଭାରତ ମାତା, ପଣ୍ଡିତ ଦିନଦୟାଲ ଉପାଧ୍ୟାୟ, ଶ୍ୟାମା ପ୍ରସାଦ ମୁଖାର୍ଜୀ, ଅଟଳ ବିହାରୀ ବାଜପେୟୀ ଙ୍କ ଫୋଟ ଚିତ୍ରରେ କର୍ମୀ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ କୁ ଉପେନ୍ଦ୍ର ନାୟକ, ସଂପାଦକ ଅଞ୍ଜି କିଶୋର ଜେନା, ଲକ୍ଷ୍ମୀ ତରେଇ, ସୁଶାନ୍ତ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଯୁବବର୍ଗଙ୍କୁ ପହଁରା ଓ ପାଣିରୁ ରକ୍ଷା ପାଇବା କୌଶଳ ପ୍ରଶିକ୍ଷଣ



ବାରିପଦା, ୬ ।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଜରୁରିକାଳୀନ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀଙ୍କ ପାଇଁ ଏକ ସ୍ୱତନ୍ତ୍ର 'ପହଁରା ଓ ଜଳମଗ୍ନ ଅବସ୍ଥାରେ ଜୀବନ ରକ୍ଷା କୌଶଳ' ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଜିଲ୍ଲା ଜରୁରୀକାଳୀନ ବିଭାଗର ସୂଚନା ଅନୁସାରେ, ଏହି ପ୍ରଶିକ୍ଷଣ ମୋଟ ତିନୋଟି ବ୍ୟାଚ୍‌ରେ ପ୍ରଦାନ କରାଯିବ। ପ୍ରଥମ ବ୍ୟାଚ୍ ଏପ୍ରିଲ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ, ଦ୍ୱିତୀୟ ବ୍ୟାଚ୍ ଏପ୍ରିଲ ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ଏବଂ ତୃତୀୟ ବ୍ୟାଚ୍ ଏପ୍ରିଲ ୨୦ରୁ ୨୬ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତି ବ୍ୟାଚ୍‌ରେ ୩୦ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରୁଛନ୍ତି। ମୁର୍ଗାବାଡ଼ିସ୍ଥିତ ଡିପିଆରସି ଟ୍ରେନିଂ ହଲ୍‌ରେ ପ୍ରଶିକ୍ଷାର୍ଥୀମାନଙ୍କୁ ତାତ୍ତ୍ୱିକ (ଥିଓରୀ) ଶିକ୍ଷା ଦିଆଯାଉଥିବା ବେଳେ ତକତପୁରସ୍ଥିତ ବିଜୁ ପଟ୍ଟନାୟକ ସ୍ୱିମିଂ ପୁଲ୍‌ରେ ପ୍ରାୟୋଗିକ (ପ୍ରାକ୍ଟିକାଲ) ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ଏହି ପ୍ରଶିକ୍ଷଣ ଶିବିରରେ ଓଡ୍ରାଫର ୧୦ ଜଣ ପ୍ରଶିକ୍ଷିତ କର୍ମଚାରୀ ଓ ୧୦ ଜଣ ସହଯୋଗୀଙ୍କ ସମେତ କ୍ରୀଡ଼ା ବିଭାଗର ମହିଳା ପ୍ରଶିକ୍ଷକମାନେ ସାମିଲ ହୋଇଛନ୍ତି। ପାଣିରେ ବୁଡ଼ିବା ଭଳି ଦୁର୍ଘଟଣାରୁ ନିଜକୁ ଏବଂ ଅନ୍ୟକୁ କିଭଳି ରକ୍ଷା କରାଯାଇପାରିବ, ସେ ନେଇ ଯୁବପିଢ଼ିଙ୍କୁ ଦକ୍ଷ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ ଶିକ୍ଷା ମିଳୁଛି, ଏହା ଆଗାମୀ ଜୀବନରେ ଅନେକ କାମରେ ଆସିବ ବୋଲି ପ୍ରଶିକ୍ଷାର୍ଥି ପ୍ରକାଶ କରିଛନ୍ତି।

### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୨୭୬ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ବାରିପଦା, ୬ ।୪(ସମିସ):



ମୟୂରଭଞ୍ଜ ଜିଲ୍ଲା ସଦର ମହକୁମାରେ ବାରିପଦା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ଆଜି ଆୟୋଜିତ ଶୁଣାଣି ଶିବିରରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୭୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରେ ୨୨୯ଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୪୭ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା। ତନ୍ମଧ୍ୟରୁ ୧୩ଟି ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଛି। ଏଥିସହ ୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୫ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଜନଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

### ଜାତି ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଆଦିବାସୀ ବିନ୍ଧାଣୀ ଓ ଲୋହରା ସମ୍ପ୍ରଦାୟ



ବାରିପଦା, ୬ ।୪(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀ ବିନ୍ଧାଣୀ ଓ ଲୋହରା ସମ୍ପ୍ରଦାୟର ଲୋକଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ 'ଅଲ୍ ଓଡ଼ିଶା ଆଦିବାସୀ ବିନ୍ଧାଣୀ/ଲୋହରା କମ୍ୟୁନିଟି ୱେଲଫେୟାର ଆସୋସିଏସନ' ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆସୋସିଏସନର ଜିଲ୍ଲା ସଭାପତି ସଚିନ୍ଦ୍ର ନାଥ ମୁଦାଲୁହାରୀଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ଜାତି ପ୍ରମାଣ ତଦନ୍ତ ପାଇଁ ସରକାର ଓ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ଏଡିଏମ) ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ ସୁଦ୍ଧା ତହସିଲ ସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ବିଶେଷ କରି ରାଜସ୍ୱ ନିରୀକ୍ଷକ (ଆରଆଇ) ଓ କ୍ଷେତ୍ର ଅଧିକାରୀମାନେ ସଠିକ୍ ଭାବେ 'ଫିଲ୍ଡ ଏନକ୍ୱାରୀ' ବା କ୍ଷେତ୍ର ପରିଦର୍ଶନ କରୁନାହାନ୍ତି। ୨୦୨୩ର ନୂତନ ଗାଇଡଲାଇନ ଅନୁଯାୟୀ ଯେଉଁ ଚେକଲିଷ୍ଟ୍ ଆଧାରରେ ତଦନ୍ତ ହେବା କଥା, ତାହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ପାରିବାରିକ ପୃଷ୍ଠଭୂମି, ପାରମ୍ପରିକ ପେଶା, ଭାଷା ଓ ରୀତିନୀତିକୁ ଆଧାର କରି ଜାତି ପ୍ରମାଣ ପତ୍ର ପ୍ରଦାନ କରାଯାଉ। ସମସ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତଦନ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଉ। ଯେଉଁ ଅଧିକାରୀମାନେ ସରକାରୀ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସଂଘ ଦାବି କରିଛି।" ସରକାରୀ ସ୍ତରରେ ସଠିକ୍ ତଦନ୍ତ ହେଉନଥିବାରୁ ପ୍ରକୃତ ଆଦିବାସୀ ଶ୍ରେଣୀର ଲୋକମାନେ ନିଜର ସାମ୍ବିଧାନିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନହୁଏ, ତେବେ ସମ୍ପ୍ରଦାୟ ପକ୍ଷରୁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବ ବୋଲି ଅଲ୍ ଓଡ଼ିଶା ଆଦିବାସୀ ବିନ୍ଧାଣୀ/ଲୋହରା କମ୍ୟୁନିଟି ୱେଲଫେୟାର ଆସୋସିଏସନର ସଭାପତି ସଚିନ୍ଦ୍ର ନାଥ ମୁଦାଲୁହାରୀ କହିଛନ୍ତି।

### ● ଯାଞ୍ଚ ବେଳେ ପୁଲିସକୁ ଧକ୍କା ଉଦ୍ୟମ

## ଅଳ୍ପକେ ବର୍ତ୍ତିଲେ ପୁଲିସ କର୍ମଚାରୀ

ରାଇରଙ୍ଗପୁର,୬।୪(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ପକ୍ଷରୁ ନାକା ଯାଞ୍ଚ ବେଳେ ପୁଲିସକୁ ଧକ୍କା ଦେବାକୁ ଉଦ୍ୟମ ହୋଇଛି। ଫଳରେ ପୁଲିସ କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ପକ୍ଷରୁ ହାଟବାଦଡା ଛକରେ ରାତ୍ରକାଳୀନ ନାକା ଯାଞ୍ଚ ହେଉଥିଲା। ଉକ୍ତ ଗାଡ଼ି ମୋଟର ଯାଞ୍ଚ ସମୟରେ ଏକ କାର୍ ଯଶିପୁର ପଟୁ ରାଇରଙ୍ଗପୁର ଅଭିମୁଖେ ଦ୍ରୁତ ବେଗରେ ଯାଉଥିଲା। ପୁଲିସ ତାହାକୁ ଅଟକାଇ ଡ୍ରିଙ୍କ ଏଣ୍ଡ ଡ୍ରାଇଭ ଯାଞ୍ଚ କରିବାକୁ କହିଥିଲେ। ଏ ସମୟରେ କାର୍ ଚାଳକ ସମ୍ମୁଖରେ ଥିବା ପୁଲିସ କର୍ମଚାରୀଙ୍କ ଆଡ଼କୁ ଦ୍ରୁତ ବେଗରେ ମାଡି ଯାଇଥିଲେ। ପୁଲିସକୁ ଧକ୍କା ଦେଇ ଜୀବନରୁ ମାରିବାକୁ ପ୍ରୟାସ କରିଥିଲେ। କିନ୍ତୁ ପୁଲିସ କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଉକ୍ତ ସ୍ଥାନରୁ କାର୍‌ଟି ଚମ୍ପଟ ମାରିଥିବାବେଳେ ପୁଲିସ ତାହାର ପିଛା କରିଥିଲା। କିନ୍ତୁ ଅନେକ ବାଟ ପିଛା କରିବା ମଧ୍ୟ କୌଣସି ଖୋଜ ଖବର ମିଳିପାରିନଥିଲା। ନିଶାସକ୍ତ ଅବସ୍ଥାରେ ଥିବାବେଳେ ବେପରୁଆ ଗାଡି ଚାଳନା କରି ଦୁର୍ଘଟଣା ଘଟାଇବା ଉଦ୍ୟମ କରିଛନ୍ତି। ଏ ନେଇ ପୋଲିସ ପକ୍ଷରୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ପୁଣି ବିଦ୍ୟୁତ ଟ୍ରାନ୍ସଫର୍ମରରୁ ସାମଗ୍ରୀ ଚୋରି

ରାଇରଙ୍ଗପୁର,୬।୪(ସମିସ): ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରୁ ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି ହୋଇଛି। ଏନେଇ ଟିପିଏନଓଡିଏଲ ରାଇରଙ୍ଗପୁର ବିଦ୍ୟୁତ ସେକ୍ସନ ସହକାରୀ ନିର୍ବାହୀ ଯନ୍ତ୍ରୀ ଦାସମତ ମୁର୍ମୁ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁରୁଣାପାଣି ଗ୍ରାମ ଅଞ୍ଚଳକୁ ଲାଇନମ୍ୟାନ ଓ ଅନ୍ୟ ବିଦ୍ୟୁତ କର୍ମଚାରୀ କାର୍ଯ୍ୟ କରିବାକୁ ଯାଇଥିଲେ। ୧୬ କେଭିର ଟ୍ରାନ୍ସଫର୍ମର ଓ ଯନ୍ତ୍ରାଂଶ ଚୋରି ନେଇ ଜାଣି ତାଙ୍କୁ ଜଣାଇଥିଲେ। ଫଳରେ ଉକ୍ତ ଅଞ୍ଚଳର ଅନେକ ଶହ ଶହ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ବାମନଘାଟି ଉପଖଣ୍ଡରେ ବିଦ୍ୟୁତ ଯନ୍ତ୍ରାଂଶ ଚୋରି ମାମଲା ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ବିଦ୍ୟୁତ ଯନ୍ତ୍ରାଂଶ ବାରମ୍ବାର ଚୋରି ହେଉଥିବାବେଳେ ଦୁର୍ବୃତ୍ତମାନେ ବର୍ତ୍ତମାନ ଗ୍ରାମରୁ ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି କରୁଛନ୍ତି। ନିୟମିତ ବ୍ୟବଧାନରେ ଚୋରି ହେଉଥିବାବେଳେ ଉକ୍ତ ଗ୍ୟାଙ୍ଗକୁ ଧରିବାର ଆବଶ୍ୟକତା ରହିଛି।

### ● ଆଦିବାସୀଙ୍କ ରୋଜଗାରର ମାଧ୍ୟମ ମହୁଲ

## ଉଚିତ ମୂଲ୍ୟ ପାଉ ନ ଥିବା ଅଭିଯୋଗ



କୁଆଁମରା,୬ ।୪(ସମିସ): ଗୋପବନ୍ଧୁନଗର ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଅଶୀ ପ୍ରତିଶତ ଆଦିବାସୀ ସଂପ୍ରଦାୟର ଲୋକେ ଏଠାରେ ବସବାସ କରନ୍ତି। ଏକମାତ୍ର ଜୀବିକା କୃଷି ସହ ସାମାଜିକ ଜୀବନଯାପନ ଓ ଅର୍ଥନୈତିକ ଅବସ୍ଥା ଜଙ୍ଗଲ ସହ ଜଡିତ। ଜଙ୍ଗଲରେ ଲାଖ, ଝୁଣା, ଶାଳମଞ୍ଜି, ପତ୍ର, ମହୁଲ, ଚାରୁକୋଳି ପ୍ରଭୃତି ଗଛ ପରିପୂର୍ଣ୍ଣ। ଆଦିବାସୀ ସମ୍ପ୍ରଦାୟ ଲୋକେ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରି ବର୍ଷ ସାରା ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ବିଶେଷ କରି ମାର୍ଚ୍ଚରୁ ଜୁନ୍ ପର୍ଯ୍ୟନ୍ତ ଜଙ୍ଗଲରେ ମିଳୁଥିବା ଲଘୁଜାତ ପଦାର୍ଥ ମଧ୍ୟରେ ମହୁଲ ଆଦିବାସୀଙ୍କ ରୋଜଗାରର ମାଧ୍ୟମ ସାଜିଛି। ପ୍ରତି ପରିବାରର ଲୋକେ ସବୁ କାମ ଧନ୍ଦା ଛାଡି ଜଙ୍ଗଲରେ ଥିବା ମହୁଲ ଗଛରୁ ମହୁଲ ସଂଗ୍ରହ କରିଥା'ନ୍ତି। ତେବେ ମହୁଲରୁ ଯେତିକି ଅର୍ଥ ଆୟ ହେବା କଥା ତାହାର ଉଚିତ ମୂଲ୍ୟ ତାଙ୍କୁ ମିଳିପାରୁନାହିଁ। ଫଳରେ ସେମାନଙ୍କର ଆର୍ଥିକ ଅବସ୍ଥା ବଦଳୁନାହିଁ। ଉକ୍ତ ବ୍ଲକ୍‌ରେ ମଣ୍ଡି ବ୍ୟବସ୍ଥା ନଥିବା ଯୋଗୁଁ ଗାଁ ଗହଳିର ବେପାରୀ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ କମ୍ ମୂଲ୍ୟରେ ଏହି ଦ୍ରବ୍ୟକୁ କିଣି ବେଶ ଅଧିକ ଦରରେ ବାହାରକୁ ଚାଲାଣ କରି ମାଲେ ମାଲ ହେଉଛନ୍ତି। ଏଥିଯୋଗୁଁ ଗରିବ ଆଦିବାସୀ ଦଲାଲଙ୍କ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପଟେ ମଣ୍ଡି ବ୍ୟବସ୍ଥା ନ ଥିବାରୁ କେଉଁଠି ବିକ୍ରି କରିବେ ଓ ଉଚିତ ମୂଲ୍ୟ ପାଇବେ ତାହା ତାଙ୍କୁ ଜଣାନାହିଁ। ତେଣୁ ଘରେ ରହି ଖତଖାଇବା ଅପେକ୍ଷା ଯାହା ବି ମୂଲ୍ୟ ମିଳୁ ତାହା ଦଲାଲ ଙ୍କ ହାତକୁ ଠେକି ଦେବାକୁ ବାଧ ହେଉଛନ୍ତି। ତେବେ ଝାଡ଼ଖଣ୍ଡ ଏବଂ ବାଲେଶ୍ୱର ଅଞ୍ଚଳରୁ ବେପାରି ମାନେ ଆସି ଓଜନରେ ନ ନେଇ କାଣ୍ଡି ବା ଠେକେଇ ମାପରେ ନେଇ ଠକୁଥିବାର ଦେଖିବାକୁ ମିଳୁଛି। ତେବେ ବ୍ଲକର ସରକାର ଙ୍କ ପକ୍ଷରୁ ବନ୍ୟଜାତ ଦ୍ରବ୍ୟ କିଣାବାକା ପାଇଁ ଯଦି ମଣ୍ଡି ବ୍ୟବସ୍ଥା ଥାଆନ୍ତା ତେବେ ଆର୍ଥିକ ଅବସ୍ଥା ରେ ପରିବର୍ତ୍ତନ ଘଟି ପାରନ୍ତି ବୋଲି ଅକ୍ଷୟ ସିଂ, ଗଣେଶ୍ୱର ସିଂ, ପଦ୍ମଲୋଚନ ସିଂ, ସ୍ୱପ୍ନେଶ୍ୱର ସିଂ, ଲାଲମୋହନ ସିଂ ପ୍ରମୁଖ କହିଛନ୍ତି।

## ଓଡ଼ିଆ ପକ୍ଷ ଅବସରରେ ସ୍ୱଚ୍ଛତା ଅଭିଯାନ



ରାଇରଙ୍ଗପୁର/କରଞ୍ଜିଆ,୬।୪(ସମିସ): ମୟୂରଭଞ୍ଜ ଜିଲ୍ଲା ପରିଷଦ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ ଦେବାଳୟ, ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟ ସ୍ଥଳୀ ଗୁଡିକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡରେ ସାମୁହିକ ଭାବେ ଏକ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟକୁ ସଦା ବଜାୟ ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଦିବସରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଉତ୍ସାହ ଓ ଉଦ୍ଦୀପନା ସହ ସାରା ରାଜ୍ୟରେ ଏହା ପାଳନ ହେଉଥିବା ବେଳେ ପୂର୍ବ ନିଷ୍ପତ୍ତି ମତେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଆ ପକ୍ଷର ଷଷ୍ଠ ଦିବସରେ ଶୁକ୍ରୁଲୀ ପଞ୍ଚାୟତ ସମିତି ପକ୍ଷରୁ ଖିଚିଂ ସ୍ଥିତ ମା କୀଚକେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ରାଇରଙ୍ଗପୁର କୁଳେଇଶିଳା ଆଦର୍ଶ ହାଟ ପରିସର ସମେତ ମନ୍ଦିର ଓ ପର୍ଯ୍ୟଟନ ସ୍ଥଳୀ ଆଦିରେ ସଫେଇ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜନ କରାଯାଇଛି। ସକାଳ ସମୟରୁ ସମସ୍ତଙ୍କ ସହଯୋଗରେ ପରିଷ୍କାର ପରିଚ୍ଛନ୍ନ କରାଯାଇଛି। ଦେବାଳୟ ଓ ଐତିହ୍ୟ ଗୁଡିକୁ ସୁରକ୍ଷା ପାଇଁ ଲୋକ ମାନଙ୍କ ଭିତରେ ଅନେକ ଉତ୍ସାହ ଦେଖିବାକୁ ମିଳିଥିଲା। ସଫେଇ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ପ୍ରକୃତିର ପୂଜାରୀ 'ଧରଣୀ'ଙ୍କ ନିଆରା ପ୍ରୟାସ

# ଛାତ ଉପରେ ଫୁଲଫଳ ଓ ପନିପରିବାରେ ଭର୍ତ୍ତି ସୁନ୍ଦର ବଗିଚା

ବାରିପଦା, ୬ ।୪(ସମିସ):



ଛାତ ଉପରେ ଫୁଲଫଳ ଓ ସବୁଜ ପନିପରିବାରେ ଭର୍ତ୍ତି ସୁନ୍ଦର ବଗିଚା। ବଗିଚା ପ୍ରତି ଆକର୍ଷିତ ହୋଇ ଉଡ଼ି ଆସୁଛନ୍ତି ପ୍ରଜାପତି ଓ ମହୁମାଛି। ସ୍ଥାନୀୟ ଅମ୍ବିକା ମନ୍ଦିର ପଛପଟେ ଥିବା ସ୍ୱରୁପନଗରରେ ଧରଣୀ କୁମାର ଦେ ତାଙ୍କ ଘର ଛାତ ଉପରେ ସୃଷ୍ଟି କରିପାରିଛନ୍ତି ଏକ ସୁନ୍ଦର ସବୁଜ ବଳୟ। ଛାତ ଉପରେ ଭଳିକି ଭଳି କୁଣ୍ଡରେ ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗର ଫୁଲ ସହିତ ଫଳ ଗଛ। ପୁଣି ଛନଛନିଆ ପନିପରିବାର ସମ୍ଭାରକୁ ଦେଖି ଯେକେହି ଆଶ୍ଚର୍ଯ୍ୟ ହେବ। କାରଣ ଛାତ ଉପରେ ପ୍ରକୃତିକୁ ସଜାଡିବାରେ ଏଭଳି ପ୍ରୟାସ ନିଆରା। ଧରଣୀଙ୍କ ଛାତ ଉପରେ ସପେଟା ଗଛରେ ଝାଙ୍କିପଡିଛି ସପେଟା, ଆମ୍ବ ଗଛରେ ଧରିଛି ପେଣ୍ଡା ପେଣ୍ଡା କଷି ଆମ୍ବ। ଲେମ୍ବୁ ଗଛରେ ଲେମ୍ବୁ, ଜାମୁରୋଳ, ଗୟା ବରକୋଳି, ପିଜୁଳି, ଡାଳିମ୍ବ ଭଳି ଫଳଗଛ ସବୁ ଭରପୁର ଥିବାବେଳେ ସପୁରୀ, କଦଳୀ ଓ ନଡ଼ିଆ ଗଛ ମଧ୍ୟ ରହିଛି। ବିଭିନ୍ନ ପ୍ରକାର ଫୁଲ ମଧ୍ୟରେ ଗୋଲାପ ସାଙ୍ଗକୁ ଗେଣ୍ଡୁ, ଡାଲିଆ, ଜିନିଆ, ସେବତୀ, ସାଇକାସ୍, ରଜନୀଗନ୍ଧା, ଟଗର, ଗନ୍ଧରାଜ, ଯୁଇ, ହେନା ଓ ବିଭିନ୍ନ ସିଜିନାଲ ଫୁଲ ସହିତ ନାନାକିସମର ସୋ ଗଛ (କ୍ରୁଟନ ପ୍ଲାଣ୍ଟ)। ବିଭିନ୍ନ ପ୍ରକାର ଔଷଧୀୟ ଗଛ ମଧ୍ୟରେ ସତାବରୀ, ତୁଳସୀ, ଘିକୁଆଁରୀ ଓ ପୁଦିନା ଏମିତି ଅନେକ ଔଷଧିୟ ଦରକାରୀ ଗଛ।

କେବଳ ସେତିକି ନୁହେଁ। ପନିପରିବା ମଧ୍ୟରେ ବିଭିନ୍ନ ପ୍ରକାର ଶାଗଠୁ ଆରମ୍ଭ କରି ଧଣିଆପତ୍ର, ମେଥି, ଫୁଲକୋବି, ବନ୍ଧାକୋବି, ବ୍ରୋକଲି, ଉଲକୋବି, ବିଟ୍, ଗାଜର, ମୂଳା, ଲଙ୍କା, ବାଇଗଣ, ବିଲାତି, କଲରା, କାକୁଡ଼ି, ବୋଇତାଳୁ, ଲାଉ, ପୋଟଳ, କୁନ୍ଦୁରୀ ଇତ୍ୟାଦି। ଏପରି ବିଭିନ୍ନ ପ୍ରକାର ଗଛଭରା ଛାତରେ ସବୁଜିମାର ଲହଡ଼ି ଭାଙ୍ଗୁଛି। ସହରରେ ବାଡ଼ି ବଗିଚା ପାଇଁ ସ୍ଥାନର ଅଭାବ ଥିବାରୁ ଧରଣୀ ବାବୁ ଛାତ ଉପରେ ସୃଷ୍ଟି କରିଛନ୍ତି ତାଙ୍କ ମନପସନ୍ଦର ବଗିଚା। ଦୀର୍ଘ ବର୍ଷ ଧରି ଛାତ ଉପରେ ଜୈବିକ ଉପାୟରେ (ଅର୍ଗାନିକ ଫାର୍ମ) କରି ୨୦୨୧ରେ ୧୬ କିଲୋଗ୍ରାମର ଅଧିକ ଓଜନର ଏକ ବୋଇତାଳୁ ଫଳାଇଥିଲେ। ଚଳିତ ବର୍ଷ ଦେଖିବାକୁ ମିଳିଛି ବାଇଗଣି ଓ ହଳଦିଆ ରଙ୍ଗର ଫୁଲ କୋବି। କୌଣସି କେମିକାଲ ସାର କିମ୍ବା ଔଷଧ ବ୍ୟବହାର ନ କରି ସୁନ୍ଦର ବଗିଚା ସୃଷ୍ଟି କରି ଫଳ ଓ ପନିପରିବା ଅମଳ କରିବାରେ ସଫଳତା ପାଇବା ସଂପର୍କରେ ଧରଣୀ ବାବୁ କହିଛନ୍ତି, ସେ ବୁଢାବଳଙ୍ଗ ନଦୀ ପଠାରୁ ମାଟି ଆଣି ଗୋବର ଖତ ସହ ମିଶାଇ ତାକୁ ଗୁଣ୍ଡ କରି ପ୍ରଥମେ ଶୁଖାଇ ଦିଅନ୍ତି। ମାଟି ପାଗ ହେଲା ପରେ ତାକୁ କୁଣ୍ଡରେ ଦେଇ ଗଛ ଲଗାନ୍ତି। ଦେଶୀ ଗାଈର ଗୋବର ଖତ ମାଟିର ସ୍ୱାସ୍ଥ୍ୟ ପାଇଁ ଓ ଗଛ ପାଇଁ ଅଧିକ ଫଳପ୍ରଦ ବୋଲି ସେ କୁହନ୍ତି। ଗଛ ଟିକିଏ ବଢିଗଲେ ପିଡ଼ିଆ ଦିଅନ୍ତି। ଛାତ ଉପରେ ଗଛର ଯତ୍ନ ନେବା ପାଇଁ ପ୍ରତ୍ୟେକ ଦିନ ସକାଳ ୬ରୁ ୮ଟା ୨ ଘଣ୍ଟା ତାଙ୍କର ସମୟ ଯାଏ। ସବୁଜ ବଳୟ ସୃଷ୍ଟି କରି ପରିବେଶର ଯତ୍ନ ନେବା ସହିତ ସେ ଅପାର ଆନନ୍ଦ ପାଆନ୍ତି ବୋଲି କୁହନ୍ତି।

୨୦୧୦ରୁ ଛାତ ଉପରେ ଧରଣୀ କିଚେନ ଗାର୍ଡେନ କରିଥିବାବେଳେ ୨୦୧୫ରେ ପରୀକ୍ଷାମୂଳକ ଭାବେ ଫାଇବର କୁଣ୍ଡରେ ବଡ ବଡ ଗଛ ଆମ, ସପେଟ, ଜାମୁରୋଳ ଓ ନଡିଆ ଆଦି ଲଗାଇ ସଫଳ ହୋଇଛନ୍ତି। ଛାତ ଉପରେ ପ୍ରକୃତିକୁ ସଜାଡି ଅନ୍ୟ ପାଇଁ ଉଦାହରଣ ପାଲଟିବା ଧରଣୀଙ୍କ ପୈତୃକ ଗାଁ ପଶ୍ଚିମବଙ୍ଗର ମେଦିନାପୁର ଜିଲ୍ଲା ଦାନ୍ତୁନ ସବଡିଭିଜନର ଉତ୍ତର ଆଡବଣା ଗ୍ରାମରେ। ୧୨ ବର୍ଷ ବୟସରୁ ୧୯୮୮ରୁ ଗାଁ ଛାଡି ସେ ବାରିପଦାରେ ରହି ବ୍ୟବସାୟ କରିଆସୁଛନ୍ତି। ଗାନ୍ଧୀ ମାର୍କେଟରେ ତାଙ୍କର ଆସବାବପତ୍ର ଦୋକାନ ରହିଛି। ପେସାରେ ସେ ଜଣେ ବ୍ୟବସାୟୀ ହୋଇଥିଲେ ସୁଦ୍ଧା ନିଶାରେ ଜଣେ ପରିବେଶପ୍ରେମୀ। ଅବସ୍ଥା ଚକ୍ରରେ ପଡି ବ୍ୟବସାୟ କରୁଥିଲେ ବି ଚାଷୀ ପରିବାରର ହୋଇଥିବାରୁ ଚାଷବାସ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା। ତେଣୁ ତାଙ୍କ ଘରକୁ ଯେକେହି ଗଲେ ସେ ତାଙ୍କୁ ସଙ୍ଗେ ସଙ୍ଗେ ଛାତ ଉପରକୁ ପାଛୋଟି ନିଅନ୍ତି। ନିଜ ହାତଗଢ଼ା ବଗିଚାକୁ ଦେଖାଇବା ସହ ପ୍ରତିଟି ଗଛର କାହାଣୀ ପେଡ଼ି ଖୋଲି ବସନ୍ତି।

## ରଜାବନ୍ଧର ନିଲାମ ରଦ୍ଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ସାରସକଣା,୬।୪(ସମିସ): ସାରସକଣା ବ୍ଲକ ଅନ୍ତର୍ଗତ ପୋଖରୀଆ ପଞ୍ଚାୟତ ଅଧୀନସ୍ଥ ରଜାବନ୍ଧର ନିଲାମ ରଦ୍ଦ ପାଇଁ ଚାରିଗୋଟି ଗ୍ରାମ ଜଟିଆଶୋଳ, ନାରାନଡିହି, ଖୋଡିପାହାଡି, ଡାଳଙ୍ଗସାହି ଆଦି ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ପକ୍ଷରୁ



ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାରସକଣା ପଞ୍ଚାୟତ ସମିତି କାର୍ଯ୍ୟାଳୟର ବିଜ୍ଞପ୍ତି ସଂଖ୍ୟା ୧୦୦୯, ୧୦ ମାର୍ଚ୍ଚ ଅନୁସାରେ ପୋଖରୀଆ ପଞ୍ଚାୟତ କାର୍ଯ୍ୟାଳୟରେ ଗତ ୪ ଏପ୍ରିଲରେ କରାଯାଉଥିବା ସାଧାରଣ ସମ୍ପତ୍ତିର ନିଲାମ ଡାକର ନିୟମକୁ ଉଲ୍ଲଂଘନ କରାଯାଇ ଦୁର୍ନୀତି ହୋଇଛି ବୋଲି ଅଭିଯୋଗ କରାଯାଇଛି। ଅର୍ଥାତ୍ ପୋଖରୀଆ ପଞ୍ଚାୟତ ଅଧୀନସ୍ଥ ରଜାବନ୍ଧର ନିଲାମ ଡାକ ସମୟରେ ଅନ୍ୟ ପଞ୍ଚାୟତର ପୁଞ୍ଜି ନିବେଶକାରୀଙ୍କ ଇଶାରାରେ ପୋଖରୀଆ ଗ୍ରାମ ପଞ୍ଚାୟତର ଜଣଙ୍କ ନାମରେ ଅଂଶଗ୍ରହଣ କରି ପାଞ୍ଚଲକ୍ଷ ସତୁରି ହଜାର ଟଙ୍କା ପର୍ଯ୍ୟନ୍ତ ଡାକି ପଞ୍ଚାୟତବାସୀଙ୍କ ସମ୍ପତ୍ତିରେ ହେରଫେର କରାଯାଇଛି। ବାର୍ଷିକ ନିଲାମ ଡାକର ପ୍ରଥମ କିସ୍ତିରେ ଶତକଡା ୭୫ ଭାଗ ସେହି ଦିନ ଦାଖଲ କରାଯାଇନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ତେଣୁ ରଜାବନ୍ଧର ନିଲାମ ରଦ୍ଦ କରାଯାଇ ନିୟମ ଅନୁସାରେ ପୁଣିଥରେ ନିଲାମ କରାଯିବା ତାରିଖ ଘୋଷଣା କରାଯାଉ ବୋଲି ଦାବି ହୋଇଛି ଏବଂ କେବଳ ପଞ୍ଚାୟତର ଏସଏଚଜି ସମେତ ରଜାବନ୍ଧର ଚାରିପାଖରେ ଥିବା ପାଞ୍ଚଟି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନିଲାମରେ ସୁଯୋଗ ଦେଲେ ପଞ୍ଚାୟତବାସୀଙ୍କ ଉପକାର ସହିତ ଉନ୍ନତି ହେବ ବୋଲି ପ୍ରକାଶ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ମାୟା ହେମ୍ବ୍ରମ, ମାଳତୀ ସୋରେନ, ପାର୍ବତୀ ଟୁଡୁ, ସାଉଁରୀ ହେମ୍ବ୍ରମ ସହ ଚାରିଗୋଟି ଏସଏଚଜିର ସଦସ୍ୟା ଉପସ୍ଥିତ ଥିଲେ।

ସକାଳ
THE SAKALA



# ଜିଲ୍ଲାସ୍ତରରେ କୃତୀ ଛାତ୍ରୀ ସମ୍ବର୍ଦ୍ଧିତ

ବଡମ୍ବା,୬।୪(ସମିସ): ବଡ଼ମ୍ବା ଶିକ୍ଷା ମଣ୍ଡଳ ଅଧୀନ ଗୋପପୁର ସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅବନ୍ତିକା ସାମନ୍ତରାୟ କଟକ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ ହୋଇଛନ୍ତି। ନେତାଜୀ ସ୍ମୃତିପୀଠ, କଟକ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେଙ୍କ ଉପସ୍ଥିତିରେ କୃତୀ ଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ସୂଚନାଯୋଗ୍ୟ ଯେ ଓଡିଶା ଦିବସ ପାଳନର ଅବ୍ୟବହିତ ପୂର୍ବରୁ କଟକ ଖାନନଗର ହାଇସ୍କୁଲରେ ଅନୁଷ୍ଠିତ ପ୍ରତିଯୋଗିତାରେ ଗାଇଡ୍ ଶିକ୍ଷକ ଅଶୋକ ଧଳଙ୍କ ମାର୍ଗଦର୍ଶନରେ ଅବନ୍ତିକା ଏହି ସଫଳତା ଅର୍ଜନ କରିଥିଲେ। ଏଥିନେଇ ବଡମ୍ବା ବ୍ଲକର ବୁଦ୍ଧିଜୀବି ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅବନ୍ତିକାଙ୍କୁ ସାଧୁବାଦ ପ୍ରଦାନ କରାଯାଇଛି।



# ମହେନ୍ଦ୍ରଗିରି ପାହାଡ଼ରେ ବଜ୍ରପାତ; ଓଲଟପୁରର ଯୁବକଙ୍କ ମୃତ୍ୟୁ

କଣ୍ଟାପଡ଼ା,୬।୪(ସମିସ): ଗଜପତି ଜିଲ୍ଲା ମହେନ୍ଦ୍ରଗିରି ପାହାଡ଼ରେ ବଜ୍ରପାତ ଘଟି କଟକ ଜିଲ୍ଲା ଓଲଟପୁର ଗ୍ରାମର ବିନୋଦ ଜେନା (୪୮)ଙ୍କର ଅକାଳ ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣାରେ ତାଙ୍କ ସହ ଥିବା ଅନ୍ୟ ଦୁଇ ଯୁବକ ପ୍ରକାଶ ନନ୍ଦ ଓ ଚିନ୍ମୟ ଦାସ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨ ତାରିଖରେ ଏହି ତିନି ବନ୍ଧୁ କୌଣସି କାର୍ଯ୍ୟରେ ଆନ୍ଧ୍ରପ୍ରଦେଶ ଯାଇଥିଲେ। ଫେରିବା ବାଟରେ ସେମାନେ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଚନ୍ଦ୍ରଗିରି ପାହାଡ଼ ବୁଲିବାକୁ ଯାଇଥିବା ବେଳେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ହଠାତ୍ କାଳବୈଶାଖୀ ସହ ପ୍ରଚଣ୍ଡ ବିଜୁଳି ମାରିଥିଲା। ଭୟଭୀତ ହୋଇ ପ୍ରକାଶ ଓ ଚିନ୍ମୟ ନିକଟସ୍ଥ ଭୀମ ମନ୍ଦିର ଭିତରକୁ ପଶି ଯାଇଥିଲେ ମଧ୍ୟ ବିନୋଦ ସେମାନଙ୍କ ପାଖକୁ ଫେରିପାରି ନ ଥିଲେ। ବନ ବିଭାଗ ସହାୟତାରେ ସାରା ରାତି ଖୋଜାଖୋଜି କରିବା ପରେ ସୋମବାର ଭୋର ସମୟରେ ପାହାଡ଼ର ଅନ୍ୟ ଏକ ସ୍ଥାନରୁ ବିନୋଦଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବଜ୍ରପାତ ସିଧାସଳଖ ତାଙ୍କ ଉପରେ ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ସୂଚନା ମିଳିଛି। ସ୍ଥାନୀୟ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଡାକ୍ତରଖାନା ପଠାଇଛି। ବିନୋଦ ଜଣେ ଅଟୋ ଚାଳକ ଭାବେ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଏକ ୧୯ ବର୍ଷର ପୁଅ ଓ ୧୮ ବର୍ଷର ଝିଅ ଥିବା ବେଳେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କଣ୍ଟାପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସପନପୁରରେ ଘୋଡ଼ାନାଚ ମେଲଣ ଉତ୍ସବ

ଟାଙ୍ଗୀ,୬।୪(ସମିସ): ଚୈତ୍ର ପୂର୍ଣ୍ଣିମା ପାଳନ ଅବସରରେ କୈବର୍ତ୍ତ ସମାଜ ପକ୍ଷରୁ ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ଗ୍ରାମରେ ଘୋଡ଼ାନାଚ ମେଲଣ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଲଣରେ ସପନପୁର, ଆଗ୍ରାହାଟ, ଶଙ୍କରପୁର, ଜେମାଦେଇପୁର, ବ୍ରହ୍ମପୁର, ପଦାଗାଁ, ବଜ୍ରକଟ, ପଳାସିଆ, କୁଜିବର, ଶାଳଗାଁ, ମାଧପୁର, ଭଗତପୁର, ସଫା ଓ ଗରୁଡ଼ଗାଁ ଗ୍ରାମର କୈବର୍ତ୍ତ ସମାଜ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଘୋଡ଼ା ମେଲଣ କରାଯାଇ ପୂଜାର୍ଚ୍ଚନା କରାଯିବା ସହ ଘୋଡ଼ାନାଚ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଗ୍ରାମର ଦୁଃଶାସନ ବେହେରା, ଶ୍ୟାମସୁନ୍ଦର ବେହେରା, ଜ୍ଞାନ ନାୟକ, ପିତାମ୍ବର ବେହେରା ଓ ରାମଚନ୍ଦ୍ର ବେହେରାଙ୍କ ସମେତ କୈବର୍ତ୍ତ ସମାଜର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

କନ୍ଦରପୁର,୬।୪(ସମିସ): ଆଜି କଟକ ସଦର ବ୍ଲକ ନିମେଇସାପୁର ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓଙ୍କ ପଞ୍ଚାୟତସ୍ତରୀୟ ଜନଶୁଣାଣୀ ଶିବିର ଆୟୋଜିତ ହୋଇଥିଲା। ସରପଞ୍ଚ ଜ୍ୟୋସ୍ନାରାଣୀ ରାଉତରାୟଙ୍କ ତତ୍ତ୍ୱାବଧାନରେ ବିଡିଓ ପ୍ରତିକ ସାହୁ ୫୦ଟି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ଗତିରାଉତ ପାଟଣା ସରପଞ୍ଚ ସୋନାଲି ପ୍ରଧାନ, ସମିତିସଭ୍ୟା ଉର୍ମିଳା ସାହୁ, ଶୁକଦେବ ବେହେରା, ଚନ୍ଦ୍ରକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

ସାଲେପୁର,୬।୪(ସମିସ): ଏକ ସଡ଼କ ଦୁର୍ଘଟଣାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଭୋର ସମୟରେ କଟକ-କେନ୍ଦ୍ରାପଡ଼ା ରାସ୍ତାର ଥାନା ଛକ ନିକଟରେ ଚାଲି ଚାଲି ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ଜଣାଯାଇଛି। ସାଲେପୁର ପୁଲିସ ଶବ ଜବତ କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଥିବାବେଳେ ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଚମ୍ପଟ ମାରିଥିଲା। ସଂପୃକ୍ତ ମୃତ ବ୍ୟକ୍ତିଙ୍କ ବୟସ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

# ଚୌଦ୍ୱାର କଲେଜରେ ସଫେଇ କାର୍ଯ୍ୟକ୍ରମ

ଚୌଦ୍ୱାର,୬।୪(ସମିସ): ଓଡିଆ ପକ୍ଷ ପାଳନ ଅବସରରେ ଚୌଦ୍ୱାର କଲେଜରେ ସୋମବାର ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମୀ ରାଉତରାୟ, ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ପ୍ରଶାସନିକ ଅଧିକାରିଣୀ ଡ. ହରପ୍ରିୟା ମହାପାତ୍ର, ଅଧ୍ୟାପକ ସ୍ୱାଭିମାନ ସାମନ୍ତରାୟ, ଲିଜା ରଥ, ସୁଚିତ୍ରା ସାହୁ, ଶୁଭସ୍ମିତା ଭୂୟାଁ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ କ୍ୟାମ୍ପସ୍, ସୁନ୍ଦର ପରିବେଶ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ କଲେଜର ଛାତ୍ରଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ ଜାତୀୟ ସେବାସଂସ୍ଥାର ଛାତ୍ରୀଛାତ୍ରଙ୍କ ଦ୍ୱାରା କଲେଜ କ୍ୟାମ୍ପସକୁ ସଫେଇ କରାଯାଇଥିଲା।



## ଆଠଗଡ଼ରେ କାଳବୈଶାଖୀର ତାଣ୍ଡବ

# ବର୍ଷା ଓ କୁଆପଥର ମାଡ଼ରେ ଜନଜୀବନ ଅସ୍ତବ୍ୟସ୍ତ

ଆଠଗଡ଼,୬।୪(ସମିସ):

- ଭୁଶୁଡ଼ିଲା ଏନଏସି ପ୍ରବେଶ ପଥ ତୋରଣ; ଅଳ୍ପକେ ବର୍ତ୍ତିଲେ କାର୍ ଯାତ୍ରୀ
- ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା
- ଘଣ୍ଟା ଘଣ୍ଟା ଧରି ଯୋଗାଯୋଗ ଓ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ

ଆଠଗଡ଼ ଅଞ୍ଚଳରେ କ୍ରମାଗତ ଦୁଇ ଦିନ ଧରି କାଳବୈଶାଖୀ ନିଜର କରାଳ ରୂପ ଦେଖାଇଛି। ସୋମବାର ଅପରାହ୍ନରେ ହଠାତ୍ ପବନର ବେଗ ବଢ଼ିବା ସହ ପ୍ରବଳ ବର୍ଷା, ବଜ୍ରପାତ ଓ କୁଆପଥର ମାଡ଼ ଯୋଗୁଁ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବହୁ ସ୍ଥାନରେ ଗଛ ଭାଙ୍ଗିବା ସହ ବୈଦ୍ୟୁତିକ ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି।



କାଳବୈଶାଖୀର ପ୍ରକୋପ ଏତେ ଅଧିକ ଥିଲା ଯେ, ଆଠଗଡ଼ ଏନଏସି କଣ୍ଟ୍ରୋଲ ସୀମାରେ ଥିବା ପ୍ରବେଶ ପଥ ତୋରଣଟି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଏହି ବିଶାଳ ତୋରଣଟି କଟକ-ସମ୍ବଲପୁର ୬୫ ନମ୍ବର ରାଜ୍ୟ ରାଜପଥ ଉପରେ ପଡ଼ିଯିବା ସହ ସେହି ସମୟରେ ଆଠଗଡ଼ରୁ କଟକ ଅଭିମୁଖେ ଯାଉଥିବା ଏକ କାର୍ ଉପରେ ଚାପି ହୋଇଯାଇଥିଲା। ସୌଭାଗ୍ୟବଶତଃ, କାର୍ ଚାଳକ ଓ ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଏହି ଦୁର୍ଘଟଣା ଯୋଗୁଁ ଦୀର୍ଘ ସମୟ ଧରି ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ପରେ ଏନଏସି କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଅବରୋଧ ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ପ୍ରବଳ ବର୍ଷା ଯୋଗୁଁ ଆଠଗଡ଼ ସହରର ବିଭିନ୍ନ ରାସ୍ତାଘାଟ ଜଳମଗ୍ନ ହୋଇଯାଇଛି। ଅନେକ ସ୍ଥାନରେ ବିରାଟକାୟ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ବିଦ୍ୟୁତ୍ ତାର ଓ ଖୁଣ୍ଟ ଉପରେ ଗଛ ପଡ଼ିବାରୁ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବିଭିନ୍ନ ଗ୍ରାମାଞ୍ଚଳରେ ମଧ୍ୟ କାଳବୈଶାଖୀ ବହୁ କ୍ଷୟକ୍ଷତି ଘଟାଇଛି। ପ୍ରବଳ ବଜ୍ରପାତ ଭୟରେ ଲୋକେ ଘରୁ ବାହାରିବାକୁ ସାହସ କରୁନାହାନ୍ତି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଥିବା ବେଳେ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ ଉଦ୍ୟମ ଜାରି ରହିଛି।

# ବିଜେଡି ପକ୍ଷରୁ ବାଳକୃଷ୍ଣ କରଙ୍କ ଜୟନ୍ତୀ



ନିଶ୍ଚିନ୍ତକୋଇଲି,୬।୪(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆଦର୍ଶ ଶିକ୍ଷକ, ଦକ୍ଷ ସାମ୍ବାଦିକ, ବିଶିଷ୍ଟ ସମାଜ ସଂସ୍କାରକ ତଥା ସାରସ୍ୱତ ସାଧକ ଓ ମାତୃଭାଷା ସମ୍ବାଦପତ୍ରର ପ୍ରତିଷ୍ଠାତା ସଂପାଦକ ସ୍ୱର୍ଗତ ବାଳକୃଷ୍ଣ କରଙ୍କ ୧୩୯ ତମ ଜୟନ୍ତୀ ଉତ୍ସବ ତାଙ୍କର ଜନ୍ମଭୂମି ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଠାରେ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପାଳନ କରାଯାଇଛି। ବ୍ଲକ ବିଜେଡି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ବାଳକୃଷ୍ଣ ବିଦ୍ୟାନିକେତନ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପ୍ରାକ୍ତନ ମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳର ଉପସଭାପତି ପ୍ରତାପ ଜେନା, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ବ୍ଲକ ସରପଞ୍ଚ ଜୟଦେବ ରାଉତ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ ସାମଲ, ବିଜେଡି ନେତା ଅନୀଲ ଭୂୟାଁ, ସମିତିସଭ୍ୟ ପ୍ରଦୋଷ ସାହୁ, ଯୁବ ସମାଜସେବୀ ମନୋଜ ସେଠୀ, ବ୍ଲକ ଯୁବ ବିଜେଡି ସଭାପତି ପ୍ରିୟବ୍ରତ ସାହୁ, ରୁଦ୍ରନାରାୟଣ ମହାନ୍ତି, ସେକ ନୁରଉଦ୍ଦିନ, ନିତ୍ୟାନନ୍ଦ ସ୍ୱାଇଁ, ସନ୍ତୋଷ ପ୍ରଧାନ, ଅଭୟ ସାହୁ, ରାଜେଶ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କର ଓଡିଆ ଭାଷା, ସାହିତ୍ୟ, ସଂସ୍କୃତିପ୍ରତି ରହିଥିବା ବିଭିନ୍ନ ଉଲ୍ଲେଖନୀୟ ଅବଦାନ ସଂପର୍କରେ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ଅବଗତ କରିଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ପଦାଗାଁ ଚାମ୍ପିଅନ



ଟାଙ୍ଗୀ,୬।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କାଞ୍ଚିଆ ଗ୍ରାମରେ ହେଉଥିବା ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ଯୁବ ସଂଗଠକ ରୁଦ୍ରନାରାୟଣ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ସମାଜସେବୀ ପିଙ୍କନ ସାହୁ ଓ ଯୁବ ସମାଜସେବୀ ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିଅନ ପଦାଗାଁ ଟିମ୍ ଓ ରନର୍ସଅପ ସପନପୁର ଟିମକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଭାଗନେଇଥିଲେ। ଟୁର୍ଣ୍ଣାମେଣ୍ଟରେ ସୁକାନ୍ତ ଜଟ, ପୂର୍ଣ୍ଣଚନ୍ଦ୍ର ବେହେରା, ଚନ୍ଦନ ଧଳ, ପ୍ରକାଶ ରାଉତ, ତାରାପ୍ରସାଦ ରାଉତ ଓ ଲକ୍ଷ୍ମୀଧର ବେହେରାଙ୍କ ସମେତ ଟିମର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ରାସ୍ତା କାମ ପାଇଁ ବଳି ପଡୁଛି ବଡ଼ ବଡ଼ ଗଛ

ନରସିଂହପୁର,୬।୪(ସମିସ): ନରସିଂହପୁର ବ୍ଲକ ରେଗେଡ଼ା ପଞ୍ଚାୟତ ଠାରୁ ରାସ୍ତା ନିର୍ମାଣ ପାଇଁ ଗଛ କଟା ଯାଉଥିବାରୁ ଏଥିନେଇ ପରିବେଶବିତଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ରେଗେଡା ଗ୍ରାମରୁ ବାଟପଲ୍ଲେଇ ଯାଏ ନିରବଚ୍ଛିନ୍ନ ଭାବେ ଗଛ କଟା ଚାଲିଥିବାରୁ ଯାନବାହାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ କଟା ଯାଉଥିବା ଗଛ ଗୁଡିକୁ ଠିକାଦାର କାଟି ଏହାର ଡାଳ ଗୁଡିକୁ ଠିକାଦାର ନେଇଯାଉଥିବା ବେଳେ ମୂଳ ପଡ଼ି ରହୁଥିବାରୁ ରାତିରେ ଯିବାଆସିବା କରୁଥିବା ଜନସାଧାରଣଙ୍କୁ ଦୁର୍ଘଟଣା ଭୟ ଲାଗିରହୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ବ୍ଲୁଜୁମ କନଭେଣ୍ଟ ସ୍କୁଲର ବାର୍ଷିକ ଉତ୍ସବ

ବଡମ୍ବା,୬।୪(ସମିସ): ବଡମ୍ବା ବ୍ଲୁଜୁମ କନଭେଣ୍ଟ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷା ରଞ୍ଜିତା ଭଟ୍ଟାଚାର୍ଯ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାଣଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି, ବିଶିଷ୍ଟ ଅତିଥିଭାବେ ବଡମ୍ବା ଅଗ୍ନିଶମ ଅଧିକାରୀ ବିସିକେଶନ ଦାସ, ମୁଖ୍ୟବକ୍ତା ଭାବେ ବଡମ୍ବା ଶିକ୍ଷାମଣ୍ଡଳ ପ୍ରଭାରୀ ମହିଳା ପତଞ୍ଜଳି ଯୋଗ ସମିତି ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ନିର୍ଦ୍ଦେଶକ ମୀର ଅବଦୁଲ ସାହାଜାହାନ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସବିତା ହାଁସଦା ଧନ୍ୟବାଦ ଦେଇଥିଲେ।

# ଜେଏସ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଚୌଦ୍ୱାର,୬।୪(ସମିସ): କଖଡ଼ିସ୍ଥିତ ଜେଏସ୍ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରୁକ୍ମିଣୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କଳ୍ପନା ଛତାର, ଡ଼ିଡିଆଇପିଏସ୍ ବିଦ୍ୟଳୟ ସମୂହର ମୁଖ୍ୟ ପରିଚାଳକ ସୁକାନ୍ତ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଶିକ୍ଷାଦାନ ଓ ଶିଶୁଯତ୍ନ କ୍ଷେତ୍ରରେ ବିଦ୍ୟାଳୟର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ମୁଖ୍ୟ ପରିଚାଳକ ସୁପ୍ରିୟା ଦାସ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ସ୍ୱର୍ଣ୍ଣପ୍ରଭା ନାୟକ, ସମ୍ବିତ ସାହୁ, ପ୍ରକାଶ ପ୍ରଧାନ, ଓମପ୍ରକାଶ ମୁଦୁଲି, ଆଶିଷ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଯୋଗଦେଲେ ନୂତନ ଥାନାଧିକାରୀ



ଟିଗିରିଆ,୬।୪(ସମିସ): ଟିଗିରିଆ ଥାନାରେ ନୂତନ ଆଇଆଇସି ଭାବେ ସୋମବାର ରମାକାନ୍ତ ନାୟକ ଯୋଗଦେଇଛନ୍ତି। ଶ୍ରୀ ନାୟକ ଆଜି ଅପରାହ୍ନରେ ଟିଗିରିଆ ଥାନାରେ ପହଞ୍ଚି ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି। ଥାନାରେ ପହଞ୍ଚିବା ପରେ ସମସ୍ତ ଥାନା ଅଧିକାରୀ ଓ କର୍ମଚାରୀ ନୂତନ ଥାନା ଆଇଆଇସିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିପୂର୍ବରୁ ଯାଜପୁର ଜିଲ୍ଲା ଧର୍ମଶାଳା ଥାନାର ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିବା ଶ୍ରୀ ନାୟକ କିଛିଦିନ ତଳେ କଟକ ପୁଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଥିଲେ। ଟିଗିରିଆ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ସହ ସ୍ଥାନୀୟ ଜନସାଧାରଣଙ୍କୁ ଦ୍ରୁତ ନ୍ୟାୟପ୍ରଦାନ ଦିଗରେ କାର୍ଯ୍ୟ କରିବେ ବୋଲି ମତ ଦେଇଛନ୍ତି।

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର



ଆଠଗଡ଼,୬।୪(ସମିସ): ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଶୁଣାଣି କରାଯାଇ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିବିରରେ ମୋଟ ୯୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୮୬ଟି ବ୍ୟକ୍ତିଗତ ଏବଂ ୮ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ଭତ୍ତା ପାଇଁ ୮ଟି ଆବେଦନ ଗ୍ରହଣ କରାଯାଇଥିବା ବେଳେ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ ଓ ଜମିଜମା ସମ୍ପର୍କିତ ବହୁ ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ସଚେତନତା ଓ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ବିନୀତ ଭରଦ୍ୱାଜ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ ପଣ୍ଡା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି ଏବଂ ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ଶିକ୍ଷୟିତ୍ରୀଙ୍କ ବଦଳିକୁ ବିରୋଧ

# ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା

ନିଆଳି,୬।୪(ସମିସ):

ନିଆଳି ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ସ୍ଥିତ ଶ୍ରୀ ରାଧାକାନ୍ତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ସଙ୍କଟକୁ ନେଇ

- ନୂଆଗାଁ ଶ୍ରୀ ରାଧାକାନ୍ତ ଉଚ୍ଚ ବିଦ୍ୟାଳୟ ଶିକ୍ଷକଶୂନ୍ୟ ହେବା ଆଶଙ୍କା
- ତାଲା ପକାଇଲେ ଶତାଧିକ ଛାତ୍ରଛାତ୍ରୀ

ଉତ୍ତେଜନା ପ୍ରକାଶ ପାଇଛି। ବିଦ୍ୟାଳୟର ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବା ପ୍ରତିବାଦରେ ସୋମବାର ସକାଳୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଏକତ୍ରିତ ହୋଇ ବିଦ୍ୟାଳୟ ଫାଟକ ସମ୍ମୁଖରେ ପ୍ରାୟ ଏକ ଘଣ୍ଟା ଧରି ଧାରଣା ଦେଇଥିବା ଜଣାଯାଇଛି। ଶିକ୍ଷା ବିଭାଗର ଏହି ଅଯୌକ୍ତିକ ନିଷ୍ପତ୍ତି ଫଳରେ ବିଦ୍ୟାଳୟର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବା ଆଶଙ୍କା କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



ସୂଚନା ଅନୁଯାୟୀ, ଶ୍ରୀ ରାଧାକାନ୍ତ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏଠାରେ ମାତ୍ର ଦୁଇ ଜଣ ନିୟମିତ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ତେବେ ଗତ ୩୧ ତାରିଖରେ ଶିକ୍ଷା ବିଭାଗ ପକ୍ଷରୁ ଏହି ବିଦ୍ୟାଳୟର ଏକମାତ୍ର ଶିକ୍ଷୟିତ୍ରୀ ନିର୍ମଳା ନାୟକଙ୍କ ବଦଳି ନିର୍ଦ୍ଦେଶ ଆସିବା ସହ ଗତ ୩ ତାରିଖରେ ତାଙ୍କୁ ରିଲିଜ୍ କରାଯାଇଛି। ବର୍ତ୍ତମାନ ବିଦ୍ୟାଳୟରେ କେବଳ ପ୍ରଧାନଶିକ୍ଷକ ଅଜୟ କୁମାର ମୁଖୀ ରହିଥିବା ବେଳେ ଆଉ ମାତ୍ର ୮ ମାସ ପରେ ସେ ମଧ୍ୟ ଅବସର ଗ୍ରହଣ କରିବେ। ଏଭଳି ସ୍ଥିତିରେ ବିଦ୍ୟାଳୟଟି ଶିକ୍ଷକ ଶୂନ୍ୟ ହୋଇ ପଡ଼ିବା ନିଶ୍ଚିତ ହୋଇପଡ଼ିଛି। ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହେବାକୁ ଯାଉଥିବାରୁ ଅଭିଭାବକମାନେ ଉକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ୍ କରିବା ସହ ତୁରନ୍ତ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଯାଏ, ତେବେ ଆଗାମୀ ଦିନରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଆହୁରି ତୀବ୍ର କରିବେ ବୋଲି ଚେତାବନୀ ଦେଇଛନ୍ତି। ଶିକ୍ଷା ବିଭାଗର ଏଭଳି ଉଦାସୀନତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବଡ଼ମ୍ବା ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ



ବଡ଼ମ୍ବା,୬।୪(ସମିସ): ବଡ଼ମ୍ବା ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ ସଂଘ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଆଇନଜୀବୀ ଦୁର୍ଗା ପ୍ରସାଦ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନୀତ ଅତିଥି ଭାବେ ଆଇନଜୀବୀ ସନ୍ତୋଷ ପଟ୍ଟନାୟକ, କୃଷ୍ଣାନନ୍ଦ ମିଶ୍ର, ନରସିଂହପୁର ଓକିଲ ସଂଘ ସମ୍ପାଦକ ଗୋଲଖ ବିହାରୀ ସାହୁ, ଉପସଭାପତି ନରନାରାୟଣ ବାରିକ ପ୍ରମୁଖ ଯୋଗଦେଇଥିଲେ। ନିର୍ବାଚନ ଅଧିକାରୀ ଶ୍ରୀ ସାହୁ ସମସ୍ତ ନିର୍ବାଚିତ ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରାଇବା ସହ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ବିଧୁଭୂଷଣ ମହାନ୍ତି, ଉପସଭାପତି ପ୍ରମୋଦ ପୁହାଣ, ସମ୍ପାଦକ ପ୍ରଭାତ ନାୟକ, ସହସମ୍ପାଦକ ଗିରିଜା ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷା ସଞ୍ଜୁଲତା ଦେଇ, ଗ୍ରନ୍ଥାଗାରିକ ଶିଶିର ପଲେଇ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଭୁବନେଶ୍ୱର ମହାପାତ୍ର, ସୁଦାମ ଚରଣ ନାୟକ, ଲକ୍ଷ୍ମୀପ୍ରିୟା ପାଳ, ସନ୍ତୋଷ ସାହୁ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ଆଇନଜୀବୀ ସାରଦା ପ୍ରସାଦ ପଟ୍ଟନାୟକ ମଞ୍ଚ ସଂଯୋଜନା କରୁଥିବା ବେଳେ ଅମୀୟ ପାଣିଗ୍ରାହୀ, ଶୈଳେନ୍ଦ୍ର ଭୂଷଣ ମଲ୍ଲିକ ସହଯୋଗ କରିଥିଲେ।

# ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

**ସମ୍ବଲପୁର, ୬।୪ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ କ୍ରୀଡ଼ା, ଉତ୍ସାହ ଓ ଯୁବଶକ୍ତିର ଏକ ସମନ୍ୱୟ ରୂପେ 'ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ୨୦୨୫-୨୬' ଆଜି ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଭିସୁଟ୍ ବୁର୍ଲାର କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଛାତ୍ର ଜୀବନରେ ଶାରୀରିକ ଓ ମାନସିକସ୍ତରରେ ବିକାଶ ପାଇଁ ଅତ୍ୟାବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଲିମ୍ପିଆନ ଦୁତି ଚାନ୍ଦଙ୍କ ଉପସ୍ଥିତି ଏବଂ ତାଙ୍କର ବାଲ୍ୟକାଳ ସ୍ମୃତି ସମଗ୍ର ପରିବେଶକୁ ଅଧିକ ଜୀବନ୍ତ କରିଦେଇଥିଲା। ପ୍ରତିକୂଳ ପରିସ୍ଥିତିରେ ଆଗକୁ ଯାଇ କିଭଳି ସଫଳତା ପାଇହେବ ସେନେଇ ତାଙ୍କ ବକ୍ତବ୍ୟ ଖେଳାଳି ମାନଙ୍କୁ ପ୍ରେରଣା ଦେଇଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ନମିତା ଷଡ଼ଙ୍ଗୀ ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିଲେ। ଜିଏମ୍‌ୟୁ ସ୍ନାତକୋତ୍ତର ଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଏହି ଆୟୋଜନ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଏହା ଏକ ସ୍ୱପ୍ନ, ଏକ ଆଶା ଓ ଏକ ପ୍ରେରଣାର ଉତ୍ସବ। ଏହା ଯୁବପିଢ଼ୀଙ୍କ ମନରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଓ ଲକ୍ଷ୍ୟପ୍ରାପ୍ତିର ଇଚ୍ଛାକୁ ଦ୍ୱିଗୁଣିତ କରିଦେଇଛି ବୋଲି ସେ ବକ୍ତବ୍ୟ ରଖିଥିଲେ। ମଞ୍ଚ ପରିଚାଳନା କରିଥିଲେ ଡକ୍ଟର ମୁରଲୀଧର ଶର୍ମା ଏବଂ ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା।






ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଓ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ହେବାକୁ ଥିବା ଏହି ଚାରିଦିନିଆ ଦୌଡ଼କୁଦ ପ୍ରତିଯୋଗିତାର ପ୍ରାରମ୍ଭିକ ପର୍ଯ୍ୟାୟ ଉତ୍ସାହ, ଉଲ୍ଲାସ ଓ ଜିତିବାର ଅଦମ୍ୟ ଆକାଂକ୍ଷାରେ ମୁଖରିତ ହୋଇଥିଲା। ଦୁତି ଚାନ୍ଦଙ୍କ କ୍ରୀଡ଼ାଗୁରୁ ଶିବ ଦାସ ଉପସ୍ଥିତ ଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଓଡ଼ିଶାର ୧୪ଟି ବିଶ୍ୱବିଦ୍ୟାଳୟରୁ ୩୪୬ ଜଣ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଚାମ୍ପିଅନସିପରେ ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ୧୮ ଟି ଆଥଲେଟିକ୍ସ ଇଭେଣ୍ଟ ସାମିଲ ହେବ। ଏଥିରେ ପୁରୁଷ କ୍ରୀଡ଼ାବିତ୍ ୧୯୦ ଜଣ, ମହିଳା କ୍ରୀଡ଼ାବିତ୍ ୧୫୬ ଜଣ, ପରିଚାଳକ ୧୫ ଜଣ, ପ୍ରଶିକ୍ଷକ ୧୫ ଜଣ ଏବଂ ରାଜ୍ୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ବୈଷୟିକ ଅଧିକାରୀ ଓ ସ୍ୱେଚ୍ଛାସେବୀ ୧୫୦ ଜଣ ରହିଛନ୍ତି। ଥ୍ରୋଇଂ ଇଭେଣ୍ଟ ଗୁଡ଼ିକ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ହେବାକୁ ଥିବାବେଳେ ଅନ୍ୟ ସମସ୍ତ ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆୟୋଜିତ ହେବ। ଗ୍ରୀଷ୍ମ ପରିସ୍ଥିତିକୁ ଦେଖି ସକାଳ ଅଧିବେଶନ ୬ଟାରୁ ସାଢ଼େ ୯ଟା ଏବଂ ସନ୍ଧ୍ୟା ଅଧିବେଶନ ଅପରାହ୍ନ ୩ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ହେବ।

## ଜିଏମ୍‌ୟୁ ସହ ଚୁକ୍ତି କରିବ ଦୁତି ଚାନ୍ଦ ଫାଉଣ୍ଡେସନ



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଆଜି ଅପରାହ୍ନରେ 'ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ୨୦୨୫-୨୬' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ଅଲିମ୍ପିଆନ ଦୁତି ଚାନ୍ଦ ଯୋଗ ଦେଇଥିଲେ। ଅଲିମ୍ପିଆନ୍ ଦୁତି ଚାନ୍ଦ କହିଛନ୍ତି, ୨୦୨୩ ମସିହାରେ ପ୍ରଥମକରି ଦୁତି ଚାନ୍ଦ ସ୍ପୋର୍ଟସ୍ ଫାଉଣ୍ଡେସନ ଆରମ୍ଭ କରି ମୁଁ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୋଇଛି, ଆଜିର ପିଢ଼ି ଯେଭଳି ସେସବୁ ସମସ୍ୟାର ସମ୍ମୁଖୀନ ନହୁଅନ୍ତୁ ଏବଂ ତାଙ୍କୁ ଯେପରି ସବୁ ସୁବିଧା ଦେଇହେବ ସେଥିପାଇଁ କ୍ରୀଡ଼ା ଫାଉଣ୍ଡେସନ ଆରମ୍ଭ କରିଛନ୍ତି। ଏବେ ୨୦୦ରୁ ଉର୍ଦ୍ଧ୍ୱ ପିଲା ଅଭ୍ୟାସ କରୁଥିବାବେଳେ ପ୍ରାୟ ୧୦ ଜଣ ପିଲା ଜାତୀୟ ଆନ୍ତର୍ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରୁଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ଫାଉଣ୍ଡେସନ ସହ ଚୁକ୍ତି ସ୍ୱାକ୍ଷର ପାଇଁ ଅନୁରୋଧ କରାଯାଇଛି। ଏନେଇ ସବିଶେଷ ଆଲୋଚନା ମଧ୍ୟ ହୋଇଛି। ଏହାଦ୍ୱାରା ଏଠାରେ ପଢ଼ୁଥିବା ଭଲ କ୍ରୀଡ଼ାବିତ୍‌ମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଦିଆଯାଇ ସେମାନେ ଜାତୀୟ ଓ ଆର୍ନ୍ତଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିପାରିବେ ବୋଲି ଦୂତି ଚାନ୍ଦ କହିଛନ୍ତି।

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ହେଲେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀ

**ସମ୍ବଲପୁର, ୬।୪ (ସମିସ):** ବହୁ ଦିନର ପ୍ରତୀକ୍ଷା ପରେ ରାଜ୍ୟପାଳ ତଥା କୁଳାଧିପତି ଡକ୍ଟର ହରିବାବୁ କମ୍ଭମପାଟି ୧୪ଟି ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନାମ ଘୋଷଣା କରିଛନ୍ତି। ତନ୍ମଧ୍ୟରେ ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ରହିଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ନାମ ଘୋଷଣା କରାଯାଇଛି। ଗତ ୨୦୨୫ ମସିହା ମାର୍ଚ୍ଚ ୮ ତାରିଖରେ କୁଳପତି ପ୍ରଫେସର ଏନ୍ ନାଗରାଜୁଙ୍କ କାର୍ଯ୍ୟକାଳ ସମାପ୍ତି ପରେ ଭାରପ୍ରାପ୍ତ କୁଳପତି ଭାବେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସୁଶାନ୍ତ କୁମାର ଦାସ ଦାୟିତ୍ୱ ନିର୍ବାହ କରୁଥିଲେ। ସେ ଆଇଜିଏନ୍‌ଟିୟୁ ଅମରକଣ୍ଟକରେ ଦାୟିତ୍ୱ ହସ୍ତାନ୍ତର ପରେ ଚଳିତମାସ ତୃତୀୟ ସପ୍ତାହରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ସମ୍ପ୍ରତି ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ଜନଜାତୀୟ ବିଶ୍ୱବିଦ୍ୟାଳୟ (ଆଇଜିଏନ୍‌ଟିୟୁ), ଅମରକଣ୍ଟକ୍, ମଧ୍ୟପ୍ରଦେଶର ଇତିହାସ ବିଭାଗ ପ୍ରଫେସର ତଥା ଭାରପ୍ରାପ୍ତ କୁଳପତି ଭାବେ ୨୦୨୪ କାର୍ଯ୍ୟରତ ଅଛନ୍ତି। ସେ ସେଠାରେ ଡିସେମ୍ବର ୨୦୨୪ରେ ଯୋଗ ଦେଇଥିଲେ। ଏହାପୂର୍ବରୁ ସେ ଜାନୁଆରୀ ୨୦୨୦ରୁ ଜାନୁଆରୀ ୨୦୨୩ ପର୍ଯ୍ୟନ୍ତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର କୁଳପତି ଭାବେ କାର୍ଯ୍ୟ କରିଛନ୍ତି।



ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଯୋଗଦେବା ପୂର୍ବରୁ ସେ ଆଇଜିଏନ୍‌ଟିୟୁ ଅମରକଣ୍ଟକ ଏବଂ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟ, ଇଟାନଗରରେ ବିଭିନ୍ନ ପ୍ରଶାସନିକ ପଦପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କର ୩୨ବର୍ଷରୁ ଉର୍ଦ୍ଧ୍ୱ ଶିକ୍ଷାଦାନ ଅଭିଜ୍ଞତା ରହିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ଏବଂ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ତାଙ୍କର ୯୧ରୁ ଅଧିକ ଗବେଷଣାପତ୍ର ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ତାଙ୍କ ଅଧିନରେ ୧୪ ଜଣ ପିଏଚ୍‌ଡି ସ୍କୋଲାର ଡିଗ୍ରୀ ପାଇଥିବାବେଳେ ୬ରୁ ଅଧିକ ଗବେଷଣାମୂଳକ ପ୍ରକଳ୍ପ ସମ୍ପୂର୍ଣ୍ଣ କରିଛନ୍ତି।

ପ୍ରଫେସର ତ୍ରିପାଠୀ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ମାନବୃଦ୍ଧି ସହ ଅତ୍ୟାଧୁନିକ ବୈଷୟିକ କୌଶଳ ବ୍ୟବହାର କରି ବିଭିନ୍ନ କ୍ଷେତ୍ରରେ ଛାତ୍ର-କୈନ୍ଦ୍ରିକ ବିକାଶ ପ୍ରତି ଧ୍ୟାନ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

## ବାଇକ୍ ଚୋରିକୁ କେନ୍ଦ୍ରକରି ମାର୍‌ପିଟ୍
## ଜଣେ ମୃତ ; ଜଣେ ଗୁରୁତର

**ରେଙ୍ଗାଲି, ୬।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଲାରିପାଲି ଛକ ନିକଟରେ ବାଇକ୍ ଚୋରିକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଅତି ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବାର ଜଣାପଡ଼ିଛି। ସୂଚନାଯୋଗ୍ୟ ରବିବାର ରାତିରେ ରେଙ୍ଗାଲି ଥାନା ଅନ୍ତର୍ଗତ ଲାରିପାଲି ଛକ ନିକଟରେ ବାଇକ୍ ଚୋରିକୁ ନେଇ ରେଙ୍ଗାଲି ପୁରୁଣା ବସ୍ତିର ସୌମ୍ୟରଞ୍ଜନ ବିଶ୍ୱାଳ, ଟିଙ୍କୁନ ପଧାନଙ୍କ ଅନ୍ୟ ତିନି ଜଣ ଯୁବକ ରିଙ୍କୁ ମିର୍ଦ୍ଧା, ସୁନିଲ ବାଗ, ରୋହନ ଦୀପଙ୍କ ସହ ଝଗଡ଼ା ହୋଇ ମାର୍‌ପିଟ ହୋଇଥିଲା।ଏଥିରେ ସୌମ୍ୟରଞ୍ଜନ ଓ ଟିଙ୍କୁନ ଗୁରୁତର ଆହତ ହୋଇଥିଲେ।ଦୁଇ ଜଣଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିବା ବେଳେ ଟିଙ୍କୁନ ଗୁରୁତର ଅବସ୍ଥାରେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ଏହି ଘଟଣାରେ ପୁଲିସ ରିଙ୍କୁ, ସୁନିଲ ଓ ରୋହନଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ହାତୀ ଆକ୍ରମଣରେ ଜଣେ ଗୁରୁତର

**ରେଢ଼ାଖୋଲ, ୬।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡବାହାଳ ରେଞ୍ଜ ଅଧୀନ ଆମ୍ବଝରୀଗ୍ରାମର ନିକଟ ଜଙ୍ଗଲରେ ସୋମବାର ଦିନ ମହୁଲ ଫୁଲ ଗୋଟାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ଆକ୍ରମଣ ଶିକାର ହୋଇଥିବା ବ୍ୟକ୍ତି ଚିତ ଆଙ୍ଗରିଆ। ସୂଚନା ଯୋଗ୍ୟ ଯେ ଉକ୍ତ ବ୍ୟକ୍ତି ଜଣଙ୍କ ସକାଳୁ ଗାଁ ନିକଟରେ ଥିବା ଜଙ୍ଗଲକୁ ମହୁଲଫୁଲ ସଂଗ୍ରହ କରିବା ପାଇଁ ଯାଇଥିଲେ। ହଠାତ୍ ଏକ ଦନ୍ତାହାତୀ ଆସି ଆକ୍ରମଣ କରିଥିଲା। ତାଙ୍କ ଚିତ୍କାର ଶୁଣି ପାଖରେ ଥିବା ଲୋକେ ଆସି ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ବନ ବିଭାଗ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସୁଷମା ମୁଣ୍ଡା ଜିଲ୍ଲା ଉନ୍ନୟନ ପରିଷଦର ଉପାଧ୍ୟକ୍ଷ

**ରେଢ଼ାଖୋଲ, ୬।୪ (ସମିସ):** ରାଜ୍ୟର ୨୩ ଟି ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କ ନାମ ଘୋଷଣା କରାଯାଇଛି। ସମ୍ବଲପୁର ଜିଲ୍ଲାର ଅଧ୍ୟକ୍ଷ ଭାବରେ ଭଗିନ୍ଦ୍ର କିସାନଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେଉପାଧ୍ୟକ୍ଷ ଭାବେ ରେଢ଼ାଖୋଲ ଏନ୍‌ଏସିର



ମଣ୍ଡଳ ସଭାପତି ବିଜେପି ନେତ୍ରୀ ସୁଷମା ମୁଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେପି ନଗର ଉପ ସଭାପତି ଅନିଲ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସୁଷମା ମୁଣ୍ଡଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ବୁର୍ଡା ସରପଞ୍ଚ ରାଜା ପାଲ, ବରିଷ୍ଠ ବିଜେପି ନେତା ଦିଲ୍ଲୀପ ପ୍ରଧାନ, ସୁରେଶ ଭିତିରିଆ, ଯୁବ ମୋର୍ଚ୍ଚା ସଭାପତି ସୂର୍ଯ୍ୟ ପ୍ରକାଶ ମହାପାତ୍ର, ରବିନାରାୟଣ ସାହୁ, ରବୀନ୍ଦ୍ର ରଥ, ଦିଲ୍ଲୀପ ପ୍ରଧାନ, ପ୍ରକାଶ ମୁଖୀ, ବିଭୁତି ଭୁଷଣ ସାହୁ, ଦିବାକର ମିରି, ଗୋବିନ୍ଦ ଭିତିରିଆ, ଲବ ଷଣ୍ଢ, କମଲ ଅଦାବରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସରକାର ମୋତେ ଗୁରୁତ୍ୱପୂର୍ଣ୍ଣ ଦାୟତ୍ୱ ଦେଇଥିବାରୁ ଆମ ଜିଲ୍ଲା ତଥା ଅଞ୍ଚଳର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଚେଷ୍ଟା କରିବି ବୋଲି ସୁଷମା ମୁଣ୍ଡା କହିଛନ୍ତି।

## ଜିଏମ୍‌ୟୁରେ 'ଇଣ୍ଡଷ୍ଟ୍ରି-ଏକାଡେମିଆ ଇଣ୍ଟର୍‌ଲିଙ୍କେଜ୍' କର୍ମଶାଳା

**ସମ୍ବଲପୁର, ୬।୪ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଆଇକ୍ୟୁଏସି ସେଲ୍‌ଫ ପକ୍ଷରୁ ପିଏମ୍-ଉଷା ଅଧିନରେ 'ଉଦ୍ୟୋଗ-ଶିକ୍ଷାକ୍ଷେତ୍ର ଅନ୍ତଃସଂଯୋଗ (ଇଣ୍ଡଷ୍ଟ୍ରି-ଏକାଡେମିଆ ଇଣ୍ଟର୍‌ଲିଙ୍କେଜ୍) ଉପରେ ଏକ ଦିନିକିଆ କର୍ମଶାଳା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡକ୍ଟର ରଘୁନାଥ ଶତପଥୀ ଆବାହକ ଓ ସମନ୍ୱୟକାରୀ ଥିଲେ। କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଳ୍ପ ଏବଂ ଶିକ୍ଷାକ୍ଷେତ୍ର ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା, ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ବୃଦ୍ଧି କରିବା ଏବଂ ନିଯୁକ୍ତି-ମୁଖୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା। କାର୍ଯ୍ୟକ୍ରମରେ ଶିଳ୍ପ ଏବଂ



ବିତ୍ତୀୟ କ୍ଷେତ୍ରର ବିଶେଷଜ୍ଞମାନେ ଶିଳ୍ପ ଆବଶ୍ୟକତା, ଉଦୀୟମାନ କ୍ୟାରିଅର ସୁଯୋଗ, ଷ୍ଟାର୍ଟ-ଅପ୍ ସମ୍ଭାବନା ଏବଂ ଇଣ୍ଟର୍ଣ୍ଣସିପ୍ ସୁଯୋଗ ଉପରେ ମୂଲ୍ୟବାନ ମତାମତ ପ୍ରକାଶ କରିଥିଲେ। ଅଧ୍ୟାପକ ଅଧ୍ୟାପିକା, ଗବେଷକ ଏବଂ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳା ଭବିଷ୍ୟତରେ ଦୃଢ଼ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗ ପାଇଁ ନୂତନ ପଥ ଖୋଲିବ ବୋଲି ଆଶାପ୍ରକାଶ କରାଯାଇଛି।

## 'ରାଜନୀତି ପଶାପାଲିରେ ଫସିଲା ଶ୍ୟାମ ମେଟାଲିକ୍ସ'

**ସମ୍ବଲପୁର, ୬।୪ (ସମିସ):** ସମ୍ବଲପୁର ରେଙ୍ଗାଲି ଶ୍ୟାମ ମେଟାଲିକ୍ସ ପ୍ରଦୂଷଣ କାରଣରୁ ଆଜି ବନ୍ଦ କରିଦିଆଗଲା ଯାହା ସ୍ୱାଗତ ଯୋଗ୍ୟ। ହେଲେ ରେଙ୍ଗାଲି ଅଞ୍ଚଳରେ ଅନେକ ଶିଳ୍ପକଳ କାରଖାନା ପ୍ରଦୂଷିତ କରି ଆସୁଛନ୍ତି। ସେମାନଙ୍କୁ ମାଫ କରି ଦେଉଛି ବିଜେପି ସରକାର ବୋଲି କଂଗ୍ରେସ ରାଜ୍ୟ ସମ୍ପାଦକ ଦିଲିପ ଦୁରିଆ କହିଛନ୍ତି। ସେ କହିଛନ୍ତି, ପ୍ରଦୂଷଣ ପାଇଁ ଅନେକ କମ୍ପାନୀକୁ ବାରମ୍ବାର ନୋଟିସ ମଧ୍ୟ ହୋଇଛି। ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହା ରାଜନୀତି ଉଦ୍ଦେଶ୍ୟ ବୋଲି ଜଣାପଡୁଛି। କାରଣ ଶ୍ୟାମ ମେଟାଲିକ୍ସ ପଶ୍ଚିମବଙ୍ଗ ମାଲିକ। ଏବେ ପଶ୍ଚିମବଙ୍ଗରେ ନିର୍ବାଚନ ହେବାକୁ ଯାଉଛି। ବିଜେପି ତାର ଅସଲି ଚିତ୍ର ପଦାକୁ ଆଣିଛି। କମ୍ପାନୀ ମାଲିକଙ୍କୁ ନିର୍ବାଚନ ସହଯୋଗ ନ କରିବାରୁ ବନ୍ଦ କରି ଭୟଭୀତ କରାଯାଇଛି। କମ୍ପାନୀ ଯଦି ବନ୍ଦ ହେବ ତାହା ହେଲେ ଅନେକ ରୋଜଗାର ହରାଇ ବସିବେ। କିଛି ଦିନ ପାଇଁ କମ୍ପାନୀ ବନ୍ଦ କରାଯିବ ଓ ପରେ ପୁଣି ଖୋଲାଯିବ। ଅନ୍ୟ କମ୍ପାନୀକୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ସରକାର ପାରିବା ପଣିଆ ଜଣା ପଡ଼ିବ। ପ୍ରାୟ ସମସ୍ତ କମ୍ପାନୀ ରେଙ୍ଗାଲି ଅଞ୍ଚଳରେ ପ୍ରଦୂଷଣ କରି ଆସୁଛନ୍ତି। ଏକ ସ୍ପଞ୍ଜ ଆଇରନ କମ୍ପାନୀ ରହିଛି ସିଧା ସଲଖ ନଦୀ ପାଣିରେ ବର୍ଜ୍ୟବସ୍ତୁ ଛାଡୁଛି। ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଶ୍ରୀ ଦୁରିଆ କହିଛନ୍ତି।

■ ସମ୍ବଲପୁରରେ ବଢୁଛି ଅବାଧ ନିଶାଦ୍ରବ୍ୟ କାରବାର

## ଏସ୍‌ଆଇଟି ଗଠନ କରି ମୂଳ କିଙ୍ଗପିନ୍‌କୁ ଧରାଯାଉ: ସଞ୍ଜିତ

**ସମ୍ବଲପୁର, ୬।୪(ସମିସ):** ସମ୍ବଲପୁର ଜିଲ୍ଲାରେ ଦିନକୁ ଦିନ ବଢୁଥିବା ନିଶାଦ୍ରବ୍ୟ ବ୍ୟବହାର ଓ ଅବୈଧ ବ୍ୟବସାୟ ବିରୋଧରେ ଦୃଢ଼ ସ୍ୱର ଉଠାଇଛନ୍ତି ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି। ଏହି ଗୁରୁତର ସମସ୍ୟାକୁ ପୋଲିସର ଉଚ୍ଚସ୍ତରୀୟ କର୍ତ୍ତୃପକ୍ଷଙ୍କ ଗ୍ରହଣୀୟତାକୁ ସହ ପାଇଁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରି ସମ୍ବଲପୁର ଜିଲ୍ଲାରେ ବ୍ରାଉନସୁଗର, ଗଞ୍ଜେଇ ଓ କଫ ସିରପ୍‌ର ଅବୈଧ ବ୍ୟବସାୟ ଏବଂ ବ୍ୟବହାର ଭୟଙ୍କର ଭାବରେ ବୃଦ୍ଧି ପାଉଛି ଓ ଏହାର ଖରାପ ପ୍ରଭାବ ବିଶେଷକରି ଯୁବ ପିଢ଼ି ଉପରେ ପଡୁଥିବାରୁ ଏକ ସୁସ୍ଥ ସମାଜର ଭବିଷ୍ୟତ ପ୍ରତି ଗଭୀର ଆଶଙ୍କା ସୃଷ୍ଟି ହେଉଛି ବୋଲି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ପୋଲିସ ପକ୍ଷରୁ ପ୍ରାୟ ପ୍ରତିଦିନ ନିଶାଦ୍ରବ୍ୟ ଜବତ ଓ ଛୋଟ ପ୍ୟାଡଲରଙ୍କୁ ଗିରଫ କରାଯାଉଥିଲେ ମଧ୍ୟ, ଏହାର ମୂଳଚକ୍ର ଓ କିଙ୍ଗପିନ ଏପର୍ଯ୍ୟନ୍ତ ଧରାପଡୁନାହାନ୍ତି। ଏହା ଫଳରେ ଅବୈଧ ନେଟୱର୍କ ସକ୍ରିୟ ରହି ଦିନକୁ ଦିନ ଏହି ସମସ୍ୟାକୁ



ଅଧିକ ଗଭୀର କରୁଛି। ଏହା ସହିତ ନିଶା ବ୍ୟବସାୟ ସହ ଜଡିତ ଭାବେ ବେଆଇନ ଅସ୍ତ୍ର ବ୍ୟବହାର, ହିଂସା ଓ ଅନ୍ୟାନ୍ୟ ଅପରାଧ ବୃଦ୍ଧି ପାଉଥିବାକୁ ଏ ବିଷୟରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ସମଗ୍ର ଜିଲ୍ଲାର ଆଇନ ଶୃଙ୍ଖଳା ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ସେ ମତ ପ୍ରକାଶ କରିଛନ୍ତି।

ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସଞ୍ଜିତ ମହାନ୍ତି ଡିଜିପିଙ୍କୁ ସମ୍ବଲପୁର ଜିଲ୍ଲାରେ ସକ୍ରିୟଥିବା ସମସ୍ତ ନିଶା ଚକ୍ରକୁ ଭାଙ୍ଗିବା ପାଇଁ ଏକ ବିଶେଷ ତଦନ୍ତ ଦଳ (ଏସଆଇଟି) ଗଠନ କରିବା ପାଇଁ ନିବେଦନ କରିଛନ୍ତି। ଏହା ମାଧ୍ୟମରେ ମୂଳ ଡିଲର, ମୁଖ୍ୟ ଅଭିଯୁକ୍ତ ଓ ସଂଗଠିତ ଅପରାଧ ଚକ୍ରକୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ପୋଲିସର ଉଚ୍ଚସ୍ତରୀୟ କର୍ତ୍ତୃପକ୍ଷ ଏହି ଗୁରୁତର ବିଷୟକୁ ଗଭୀରତାର ସହ ନେଇ ଶୀଘ୍ର ଏବଂ କଠୋର ପଦକ୍ଷେପ ଗ୍ରହଣ କରିବେ, ଯାହା ଦ୍ୱାରା ସମ୍ବଲପୁରକୁ ନିଶାମୁକ୍ତ କରି ଯୁବ ସମାଜକୁ ସୁରକ୍ଷିତ ରଖାଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ବିଜୁ ଜନତା ଦଳର ରାଜ୍ୟ ପରିଷଦ ସଦସ୍ୟ ଗୋକୁଳ ମେହେର, ପରିଷଦ ସଦସ୍ୟ ରାଜ କିଶୋରେ ଦାସ, ଖଦି ବୋର୍ଡ ନିର୍ଦ୍ଦେଶକ ପୃଥ୍ୱୀରାଜ ସାହୁ, ଯୁବ ନେତା ଶିବାନନ୍ଦ ପରିଛା, ଯୁବ ନେତା ଦିପନ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ହୀରାକୁଦ ଡାକ୍ତରଖାନାକୁ ନେଇ ଆଲୋଚନା

**ସମ୍ବଲପୁର, ୬।୪ (ସମିସ) :** ହୀରାକୁଦରୁ ଏକ ପ୍ରତିନିଧି ଦଳ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ହୀରାକୁଦ ଡାକ୍ତରଖାନାରେ ଡାକ୍ତର ଅଭାବ ଏବଂ ଅନ୍ୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହାସହ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶୀଘ୍ର ଡାକ୍ତର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ପ୍ରକାଶ। ଆଲୋଚନା ସମୟରେ ସମାଜସେବୀ କାର୍ତ୍ତିକ କଲେତ, ସୁନିତା ନାଗ, ଦିପିକା ସୁନା, କୁନ୍ତୀ ଝାଳ, ହବମନ୍ତ, କବିତା ଦୀପ, ଦୀପା ସୁନା, ସମେନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଭିସୁଟ୍‌ରେ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ସମ୍ବଲପୁର, ୬।୪ (ସମିସ) :** ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ରେ ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତା ତଥା ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆଜି ତ୍ରିଦିବସୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମନ୍ୱୟକାରୀ କାର୍ଯ୍ୟକ୍ରମ ଅଧିକାରୀ ଡ. ନିବେଦିତା ପଟେଲଙ୍କ ନିର୍ଦ୍ଦେଶନାରେ ସୁଭଦ୍ରା ସାହୁ, ଡ. ପ୍ରିୟଦର୍ଶୀ ତପସ ରଞ୍ଜନ ସ୍ୱାଇଁ, ଅଭୟା ନାୟକ କାର୍ଯ୍ୟକ୍ରମ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ। ଶିବିରର ଉଦ୍‌ଘାଟନୀ ଉତ୍ସବରେ ଭିସୁଟ୍‌ର କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ, କୁଳସଚିବ ପ୍ରଦୀପ ଡାଙ୍ଗ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ନିବେଦିତା ପଟେଲ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ପରିବେଶ ଉପଯୋଗୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଫେସର ରାକେଶ ପରିବେଶ ପ୍ରଦୂଷଣ ଓ ପରିବେଶ ସୁରକ୍ଷା ଉପରେ ସୁନ୍ଦର ଉପସ୍ଥାପନ କରିଥିଲେ। ଏହାପରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର କର୍ମକର୍ତ୍ତା ଚୟନ

**ସମ୍ବଲପୁର, ୬।୪(ସମିସ):** ବୁର୍ଲାସ୍ଥିତ ଡ଼ିଏଫସି ଅତିଥି ଭବନରେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉପଦେଷ୍ଟା ଭାବେ ସମାଜସେବୀ ତରଣୀସେନ ଚାନ୍ଦ ଓ ଦେବାଶିଷ ନନ୍ଦ ଏବଂ ଆଇନ ପରାମର୍ଶ ଦାତା ଭାବେ ଆଇନଜୀବୀ ପ୍ରସନ୍ନ କୁମାର ସାହୁ, ସଭାପତି ରମାକାନ୍ତ ସାହୁ, ଉପ ସଭାପତି ଯଶବୀର ସିଂ କୌର, ସମ୍ପାଦକ ବସନ୍ତ ମେହେର, ସହ ସମ୍ପାଦକ ରୋହନ ମିଶ୍ର, କୋଷାଧକ୍ଷ ଜିତୁ ଲାମା ସର୍ବ ସମ୍ମତି କ୍ରମେ ଚୟନ ହୋଇଥିଲେ। ମୁଖ୍ୟ ବିଶେଷ କମିଟିରେ ତ୍ରିଲୋଚନ ସିଂ କୌର, କୁନମୁନ ମହାନ୍ତି, ଲଳିତ ଲୁହା, ସୁବଳକାନ୍ତି ସିଂ ବାବୁ ପ୍ରମୁଖ ସର୍ବ ସମ୍ମତି କ୍ରମେ ଚୟନ ହୋଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ବୁର୍ଲା ସହରର ବିଭିନ୍ନ ଛକରେ ପ୍ରତ୍ୟେକ ରବିବାର ଥଣ୍ଡାପାନୀୟ ଜଳ ବିତରଣ, ରକ୍ତଦାନ ଶିବିର, ପଡ଼ାରାସ୍ତାଘାଟ ସଫା କରିବା ଉପରେ ଆଲୋଚନା ହୋଇଥିଲେ। ବସନ୍ତ ମେହେର ଧନ୍ୟବାଦ ଦେଇଥିଲେ।



## ଗଡ଼ିଲା ଡିଜିଟାଲ୍ ଜନଗଣନା ସଚେତନତା ରଥ

**ସମ୍ବଲପୁର, ୬।୪ (ସମିସ) :** ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ପ୍ରଥମ ଡିଜିଟାଲ୍ ଜନଗଣନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ଆଜି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ



ଏକ ସ୍ୱତନ୍ତ୍ର ସଚେତନତା ରଥକୁ ଜିଲ୍ଲାପାଳ କାର୍ଯ୍ୟାଳୟରୁ ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ସମସ୍ତ ୯ଟି ତହସିଲ, ୪ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସେମାନଙ୍କ ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି କରିବାକୁ ଦାୟିତ୍ୱ ଦିଆଯାଇଛି। ସଚେତନତା ରଥ ଗୁଡ଼ିକ ଜିଲ୍ଲାର ବିଭିନ୍ନ ବ୍ଲକ, ପୌରାଞ୍ଚଳ ଏବଂ ଗ୍ରାମାଞ୍ଚଳ ପରିକ୍ରମା କରି ଡିଜିଟାଲ୍ ଜନଗଣନାର ସୁଫଳ ଓ ପ୍ରକ୍ରିୟା ବିଷୟରେ ଲୋକଙ୍କୁ ସଚେତନ କରାଇବ। ଆସନ୍ତା ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ନିଜେ ନିଜର ତଥ୍ୟ 'ସ୍ୱ-ଗଣନା' (ସେଲ୍‌ଫ ଏନୁମରେସନ୍) ପୋର୍ଟାଲ ମାଧ୍ୟମରେ ଦାଖଲ କରିପାରିବେ। ଏହାପରେ ଘରକୁ ଘର ଯାଇ ଡିଜିଟାଲ ମାଧ୍ୟମରେ ବିବରଣୀ ସଂଗ୍ରହ କରାଯିବ। ସଠିକ୍ ଜନଗଣନା ଦ୍ୱାରା ହିଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସମ୍ଭବ ହୋଇପାରିବ। ଏଣୁ ଲୋକମାନେ କୌଣସି ପ୍ରକାର ଭୟ ବା ଦ୍ୱନ୍ଦ୍ୱରେ ନ ରହି ନିଜର ସଠିକ୍ ତଥ୍ୟ ପ୍ରଦାନ କରି ଦେଶର ବିକାଶରେ ସହଯୋଗ କରିବାକୁ ଏଡିଏମ୍ ଶ୍ରୀ ଭୋଇ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ଜନଗଣନା ବିଭାଗ ଅଧିକାରୀଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଉତ୍ତରାଞ୍ଚଳ ଆର୍‌ଡିସିସ୍ତରୀୟ 'ପ୍ରଶାସନିକ ଓ ଶାସନ ସଂସ୍କାର' ବୈଠକ

**ସମ୍ବଲପୁର, ୬।୪ (ସମିସ)**

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆଜି ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ 'ପ୍ରଶାସନିକ ଓ ଶାସନ ସଂସ୍କାର' ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦୈନନ୍ଦିନ ଜୀବନରେ ଜନସାଧାରଣ ସମ୍ମୁଖୀନ ହେଉଥିବା ରାଜସ୍ୱ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ନୂତନ ସଂସ୍କାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜସ୍ୱ କର ଆଦାୟ, ଜମି ଅଧିଗ୍ରହଣ, ଥଇଥାନ, ଜଙ୍ଗଲ ଜମି ଅଧିକାର, ବସୁନ୍ଧରା ଯୋଜନା, ଅନଧିକାର ପ୍ରବେଶ ବା ଜବରଦଖଲ, କଲମ୍- ୨, ଜମି ଜମା ସଂସ୍କାର: ଦାଖଲ ଖାରଜ, କିସମ ପରିବର୍ତ୍ତନ, ଜମି ବିଭାଜନ, ଜମି ଚିହ୍ନଟ ଆଦି ପ୍ରକ୍ରିୟାକୁ



କିଭଳି ଅଧିକ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରାଯାଇପାରିବ ଏବଂ ଓଡ଼ିଶା ଭୂ-ସଂସ୍କାର ଆଇନ (ଓଏଲ୍‌ଆର୍ ଆକ୍ଟ)ର କଡ଼ାକଡ଼ି ଅନୁପାଳନ ଏବଂ ଏଥିରେ ଥିବା ଜଟିଳତାକୁ ଦୂର କରିବା ପାଇଁ ପଦକ୍ଷେପ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉତ୍ତରାଧିକାରୀ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆବାସିକ ପ୍ରମାଣପତ୍ର ଆଦି ପ୍ରମାଣପତ୍ର ଗୁଡ଼ିକ ହାସଲ କରିବାରେ ସାଧାରଣ ଲୋକ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତାର ନିରାକରଣ ଉପରେ ଆୟୁକ୍ତ ଶ୍ରୀ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ବୈଠକରେ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଉପଜିଲ୍ଲାପାଳ ଦେବଗଡ଼ ତଥା ଉତ୍ତରାଞ୍ଚଳ ରାଜସ୍ୱ ବିଭାଗ ଅଧୀନରେ ଆସୁଥିବା ସମସ୍ତ ୧୨ଟି ଜିଲ୍ଲାର ତହସିଲଦାର ଯୋଗ ଦେଇଥିଲେ।

ସମ୍ବଲପୁର ସମେତ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଦେବଗଡ଼, ବୌଦ୍ଧ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ସୋନପୁର ଏବଂ ନୂଆପଡ଼ା ଜିଲ୍ଲାର ପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ସର୍ବୋତ୍ତମ ସଫଳତା, ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ବିଷୟରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସରକାରୀସ୍ତରରେ ଏହି ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଆର୍‌ଡିସିଙ୍କ ସଚିବ ଉପମା କାଲୋ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଆର୍‌ଡିସିଙ୍କ ଅତିରିକ୍ତ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳ ଉପଭୋକ୍ତା ସଂଘର ଆନ୍ଦୋଳନ ଚେତାବନୀ

ବରଗଡ଼, ୬।୪(ସମିସ)

ବରଗଡ଼ ଯୁବକ ସଂଘ ସଭା କକ୍ଷରେ ରେଳ ଉପଭୋକ୍ତା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ଏ ଅଞ୍ଚଳରୁ ଭୁବନେଶ୍ୱରକୁ ଏକ ସକାଳୁଆ ଇଣ୍ଟରସିଟି ଏବଂ ଦିଲ୍ଲୀ ଓ ପ୍ରୟାଗରାଜ ପାଇଁ ରେଳ ସଂଯୋଗ ପାଇଁ ବିଭିନ୍ନ ଫୋରମ୍ ରେ ଦାବି କରାଯାଉଥିଲେ ମଧ୍ୟ ବିଭିନ୍ନ ବାହାନା ଦେଖାଇ ରେଳବିଭାଗ ଦ୍ୱାରା ଅଗ୍ରାହ୍ୟ କରାଯାଉଛି। ଏହା କୌଣସି ଅଯୌକ୍ତିକ କିମ୍ବା ଅସମ୍ଭବ ଦାବି ହୋଇ ନ ଥିଲେ ସୁଦ୍ଧା ରେଳବିଭାଗ ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାକୁ ମଧ୍ୟ କୁଣ୍ଠାପ୍ରକାଶ କରୁଛି। ସବୁଠାରୁ ବେଶୀ ପୀଡ଼ାଦାୟକ କଥା ହେଉଛି, ବରଗଡ଼ ଓ ବଲାଙ୍ଗିରର ନିର୍ବାଚିତ ଜନପ୍ରତିନିଧିମାନେ ମଧ୍ୟ ଏପରି ଏକ ସମ୍ବେଦନ ପ୍ରସଙ୍ଗକୁ ଆଶାନୁରୂପ ମହତ୍ତ୍ୱ ଦେଇ ଦୃଢ଼ ପ୍ରୟାସ କରୁନାହାନ୍ତି। ଶେଷରେ ନିରାଶ ହୋଇ ଉଭୟ ରେଳ ଉପଭୋକ୍ତା ସଂଘର ସଦସ୍ୟମାନେ ସର୍ବସମ୍ମତି କ୍ରମେ ଏଥିପାଇଁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ସମସ୍ତ ସ୍ଥାନୀୟ ସଂଘ, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ନେଇ ପ୍ରଥମେ ଆଲୋଚନା କରାଯିବ ଏବଂ ଉଭୟ ଷ୍ଟେସନରେ ଏକ ସମୟରେ ରେଳ-ରୋକୋ ଆନ୍ଦୋଳନ କରାଯିବାକୁ ସ୍ଥିର କରାଯାଇଛି। 'କର ବା ମର' ନୀତିରେ ହିଁ ଏହି ଅବହେଳିତ ଅଞ୍ଚଳର ଦୀର୍ଘଦିନର ଦାବିକୁ ପୂରଣ କରାଯାଇପାରିବ ବୋଲି ବୈଠକରେ ଆଶା ପ୍ରକାଶ କରାଯାଇଛି। ଏଥିରେ ବରଗଡ଼ ବିଧାୟକ ଅଶ୍ୱନୀ ଷଡ଼ଙ୍ଗୀ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିବାରୁ ସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରେଳବାଇ କ୍ଷେତ୍ରରେ ବରଗଡ଼ ଷ୍ଟେସନପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ବୋଲି ଲୋକଙ୍କ ଅଭିଯୋଗକୁ ସେ ସ୍ୱୀକାର କରି ଏଥିପାଇଁ ଚିନ୍ତା ପ୍ରକଟ କରିଥିଲେ। ବୈଠକରେ ବରଗଡ଼ ସଂଘ ତରଫରୁ ସଭାପତି ପ୍ରଦୀପ ଦେବତା, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପସଭାପତି ପ୍ରିତମ ସିଂହ, ନିର୍ମଳ କର ଓ ଇନ୍ଦିରା ମହାନ୍ତି, ସମ୍ପାଦକ କମଳ ଯୋଶୀ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାଶ ତଥା ଅନ୍ୟାନ୍ୟ ସଦସ୍ୟ ଭାରତ ଦାଶ, କିଶୋର କୁମାର ରଥ, ଅଚ୍ୟୁତାନନ୍ଦ ବାରିକ, ମଳୟ ମହାନ୍ତି, ଅଭୟ ଭୋଇ, ଗୋବିନ୍ଦ ଦାଶ, ସାମ୍ବାଦିକ ତୁଳସୀ ଚରଣ ଦାଶ, ସତ୍ୟନାରାୟଣ ପଣ୍ଡା, ଦେବୀ ପଟ୍ଟନାୟକ, ଲକି ମିରୱାନି, ଉଦ୍ଧବ ବେହେରା, ହରଦୀପ ସିଂହ, ରାମକୃଷ୍ଣ ମେହେର, ବୟନିକା ଡାଇରେକ୍ଟର ତଥା ସମାଜସେବୀ ସଞ୍ଜୟ ମେହେର, ହରେକୃଷ୍ଣ ସାହୁ, ପ୍ରଫୁଲ୍ଲ ନନ୍ଦ, ବିଷ୍ଣୁ ଧାନୁକା, ଅମିତ ସାହୁ, ଅନୀଲ ଅଗ୍ରୱାଲ, ପ୍ରତାପ ନାୟକ, ବିନୟ ଲାଠ, ହରିହର ପ୍ରଧାନ ଓ ଦୟାନିଧି ପ୍ରଧାନ ଏବଂ ବଲାଙ୍ଗିର ସଂଘ ତରଫରୁ ସଭାପତି ତରୁଣ କୁମାର ମିଶ୍ର, ସମ୍ପାଦକ ବିମଳ ଚକ୍ରବର୍ତ୍ତୀ ଓ ଅନ୍ୟାନ୍ୟ ସଦସ୍ୟ ପ୍ରଭାକର ମିଶ୍ର, ଦିବାକର ହୋତା ଓ ଗୋପବନ୍ଧୁ ପୁରୋହିତ ଅଂଶଗ୍ରହଣ କରିଥିଲେ।




# ମାରୱାଡି ଯୁବା ମଞ୍ଚ ପକ୍ଷରୁ ଶପଥଗ୍ରହଣ



**ପଦ୍ମପୁର, ୬।୪(ସମିସ):** ମାରୱାଡି ଯୁବା ମଞ୍ଚ ପକ୍ଷରୁ ମାରୱାଡି ଧର୍ମଶାଳାରେ ଶପଥଗ୍ରହଣ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ନବନିର୍ବାଚିତ ପଦାଧିକାରୀମାନେ ନିଜପଦ ଓ କର୍ତ୍ତବ୍ୟ ପାଇଁ ଶପଥ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବପ୍ରାନ୍ତୀୟ ଅଧ୍ୟକ୍ଷ ନରେଶ ଅଗ୍ରୱାଲ ସମାଜ ସେବା ଓ ସଂଗଠନକୁ ସୁଦୃଢ଼ କରିବା ପାଇଁ ଯୁବକମାନଙ୍କୁ ପ୍ରେରିତ କରିଥିଲେ। ବିଶିଷ୍ଟ ଅତିଥିଭାବେ ଅମରଦୀପ ଅଗ୍ରୱାଲ ଓ ବଜରଙ୍ଗଗଡ଼ ଉପସ୍ଥିତ ଥିଲେ। ନବନିର୍ବାଚିତ ଅଧ୍ୟକ୍ଷ ଆଶିଷ ବଂସଲ ଓ ସଚିବ ସିଏ ଗୋବିନ୍ଦ ଅଗ୍ରୱାଲ ନିଷ୍ଠା ଓ ସମର୍ପଣ ସହ କାମ କରିବାର ସଙ୍କଳ୍ପ ନେଇଥିଲେ। ବୀର ଶର୍ମା ସଞ୍ଚାଳନ କରିଥିବା ବେଳେ ଦିନେଶ ଜୈନ ଧନ୍ୟବାଦ ପ୍ରଦାନ କରିଥିଲେ। ମିଡିଆ ସଂଯୋଜକ ଆଦେଶ ଶର୍ମାଙ୍କ ଦ୍ୱାରା ପ୍ରଚାର-ପ୍ରସାର କରାଯାଇଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୩୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ

**ବରଗଡ଼, ୬।୪ (ସମିସ):** ବରଗଡ଼ ବ୍ଲକ ଏନ୍ ଜାମପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ମହାକୁଡଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବରଗଡ଼ ବିଇଓ ଡ ସୁରେନ୍ଦ୍ର କୁମାର ସାହୁ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ସୁଗ୍ରୀବର ବିଶି, ସରୋଜ କୁମାର ସାହୁ, ଶିଶୁ ମନ୍ଦିର ସଭାପତି ଅକ୍ଷୟ କୁମାର ରାୟ, ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷା ବିକାଶ ସମିତି ପୂର୍ବ କ୍ଷେତ୍ର ସେବା ପ୍ରମୁଖ ରାମ ଚନ୍ଦ୍ର ଡନସେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ବିଦ୍ୟାମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଇଁ ୧ ଏକର ୯ ଡି ଭୂମିଦାନ କରିଥିବା ସରୋଜ କୁମାର ସାହୁ ଓ ସ୍ୱାସ୍ଥ୍ୟ ସେବକ ତଥା ଚିକିତ୍ସକ ପ୍ରଭାତ ପ୍ରଧାନ ୨୦୧୪ ମସିହାରୁ ଅଦ୍ୟାବଧି ନିଜ ବାସଭବନରେ ଶିଶୁ ବିଦ୍ୟା ମନ୍ଦିରର ପାଠ୍ୟ ଦାନ କାର୍ଯ୍ୟ ପାଇଁ ବିନା ମୂଲ୍ୟରେ ଅନୁମତି ପ୍ରଦାନ କରିଆସୁଥିବାରୁ ଉଭୟଙ୍କ ନିଃସ୍ୱାର୍ଥ ସେବା ପାଇଁ ସମ୍ବର୍ଦ୍ଧିତ କରାଯିବା ସହ ଭୂୟସୀ ପ୍ରଶଂସା କରାଯାଇଥିଲା।



# ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପିତ

**ବରଗଡ଼, ୬।୪(ସମିସ):** ପୌର ପରିଷଦ ୱାର୍ଡ ନମ୍ବର ୧ ନିଗମାନନ୍ଦ ବିହାର ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ରବିବାର ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ସ୍ଥାପିତ ହୋଇଯାଇଛି। ଏହି ଅବସରରେ ଖୋଳ ଓ କରତାଳ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୧ ଓ ୧୨ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଅଷ୍ଟପ୍ରହର ନାମଯଜ୍ଞରେ ପଡ଼ାବାସୀଙ୍କ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ଭୋଇ ସପତ୍ନିକ କର୍ତ୍ତା ଦାୟିତ୍ୱ ବହନ କରିଥିବା ବେଳେ ସମସ୍ତ ପଡ଼ାବାସୀ ଉପସ୍ଥିତ ରହିଥିଲେ। ତେବେ ନାମଯଜ୍ଞରେ ଆଖପାଖ ଅଞ୍ଚଳର ବିଭିନ୍ନ ସଙ୍କୀର୍ତ୍ତନ ମଣ୍ଡଳୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଥିବା ବେଳେ ୧୨ ତାରିଖରେ ବରପାଲି ବ୍ଲକ ତୁଲଣ୍ଡି ଓ ଅଇଁଲାପାଲି ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ବୈଠକୀ ସଙ୍କୀର୍ତ୍ତନ ପରିବେଷଣ କରାଯିବ ବୋଲି ସଭାପତି ବାଙ୍କା ବିହାରୀ ସାହୁ ସୂଚନା ଦେଇଛନ୍ତି।

# 'ଆମର ସାହିତ୍ୟ ସେବା' ପକ୍ଷରୁ ମାସିକ ବୈଠକ



**ପଦ୍ମପୁର, ୬।୪(ସମିସ):** ଆମର ସାହିତ୍ୟ ସେବା ସାଂସ୍କୃତିକ ଅନୁଷ୍ଠାନର ମାସିକ ବୈଠକ ବୁବୁଡା ଗ୍ରାମର 'ଆମ ଗାଁ ଆମ ବିକାଶ' ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଆବାହକ ପ୍ରଶାନ୍ତ କୁମାର ମେହେର ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ଏହି ବୈଠକରେ ରୋଜପ୍ରଧାନ ସଭାପତିତ୍ୱ କରିଥିବାବେଳେ ଜଗନ୍ନାଥ ମେହେର, ବେଦବ୍ୟାସ ମେହେର, ଜୟକୃଷ୍ଣ ମେହେର ଓ ଉପେନ୍ଦ୍ର ମେହେର ପ୍ରମୁଖ କଳା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ନିଜ ମତାମତ ପ୍ରକାଶ କରିଥିଲେ। ଏହି ଅବସରରେ ବୁବୁଡ଼ା ଗ୍ରାମର ଝାଙ୍କର କ୍ଷୀରନ୍ଦର ବରିହା ଓ ସଂକୀର୍ତ୍ତନ ବାୟକ କେଶବ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

# ସୋହେଲା ବ୍ଲକ୍‌ସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ



**ସୋହେଲା, ୬।୪(ସମିସ):** ସୋହେଲା ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଶନିବାର ସ୍ଥାନୀୟ ବାଳକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୋହେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ କୁମାର ସେଟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୋହେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କରିସ୍ମା ବେସ୍ରା, ସମ୍ମାନୀତ ଅତିଥି ଭାବରେ ତହସିଲଦାର ଶୁଭରଞ୍ଜନ ନାୟକ, ଭଟଲୀ ବିଧାୟକ ପ୍ରତିନିଧି ଭାବେ ଅଶ୍ୱିନୀ ପାତ୍ର ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଉପସ୍ଥିତ ନୂତନ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଶିକ୍ଷା ବିଭାଗ ତରଫରୁ ଆସିଥିବା ସ୍କୁଲ ବ୍ୟାଗ, ସ୍ଲେଟ, ଚକଖଡ଼ି ପ୍ରଦାନ କରିଥିଲେ। ଏହାପରେ ଖଡ଼ି ଛୁଆଁ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଦ୍ୟାଳୟର ଶିକ୍ଷକ କୃପାସିନ୍ଧୁ ପାଣ୍ଡେ ସ୍ୱାଗତ ଭାଷଣ, ଏବିଇଓ ତଥା ବିଆରସିସି ମନୋହର ଉଟୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଏବିଇଓ ମୋତିଲାଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି କେଦାରନାଥ ସାହୁ ମଞ୍ଚ ସଂଯୋଜନା କରିଥିଲେ। ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକ୍ରମ ପ୍ରଧାନ, ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋତିଲାଲ ବେହେରା, ସୋହେଲା ସିଆରସିସି ଉମାକାନ୍ତ ଭୋଇ ମଞ୍ଚାସୀନ ଥିଲେ। ଶିକ୍ଷା ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସିଆରସିସି ଆଦିତ୍ୟ ଗଡ଼ତିଆ, ନରେଶ ଚନ୍ଦ୍ର ସାହୁ, ଟିକେଶ୍ୱର ପଧାନ, ରଞ୍ଜିତ ସା, ଗୋକୁଳାନନ୍ଦ ପଧାନ, ନରେଶ ନାଏକ, ଗୁଣନିଧି ଭୋଇ, ସଞ୍ଜୀବ ବେହେରା, ଦୁର୍ଗାଚରଣ ପଧାନ, ବୁଦ୍ଧଦେବ ବିଶି, ରବୀନ୍ଦ୍ର ବିଶି, ବିଭାସ ପରିଡ଼ା, ଗଣେଶ ବରିହା, ଗିରିଧାରୀ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଉଦ୍ଧବ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ




**ବରଗଡ଼, ୬।୪(ସମିସ):** ବରଗଡ଼ ଉପକଣ୍ଠ ସ୍ଥାନୀୟ ବୀରମାଲ ଚାରିଛକ ସ୍ଥିତ ଉଦ୍ଧବ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ଡ. ତପସ୍ୱିନୀ ଗୁରୁ, ମୁଖ୍ୟବକ୍ତା ଭାବେ ଟ୍ରଷ୍ଟ ଫଣ୍ଡ କଲେଜର ଅଧ୍ୟକ୍ଷ ଡ. ସରୋଜ ଦେବତା, ସମ୍ମାନିତ ଅତିଥି ଭାବେ ବୀରମାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଷମା ଆଚାର୍ଯ୍ୟ, ପରିଚାଳନା କମିଟି ସଦସ୍ୟ କ୍ଷୀରୋଦ୍ର ସାହୁ, କିଶୋର ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ଗୁରୁଦାୟିତ୍ୱ ଥିବା କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ରବିନାରାୟଣ ସାହୁ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ଗାୟତ୍ରୀ ସାହୁ, ବିଷୟା ବେହେରା, ଡିଲେଶ୍ୱରୀ ଭୁଏ, ରସ୍ମିତା ମାଝୀ, ଦୀପ୍ତି ଶିଖା ଦେବତା, ରସ୍ମିତା ବଗର୍ତ୍ତୀ ଓ ଡୋଳାମଣୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ଅନିତା ସାହା, ପ୍ରତିଭା ସାହୁ ଓ ଦୀପ୍ତି ତାଣ୍ଡି। ଶେଷରେ ପରିଚାଳନା କମିଟିର ସଦସ୍ୟ ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ



**ପଦ୍ମପୁର, ୬।୪(ସମିସ):** ସ୍ଥାନୀୟଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍ ଏବଂ ଇକୋ-କ୍ଲବର ସ୍ୱେଚ୍ଛାସେବୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ମିଳିତ ଭାବେ ଅଂଶଗ୍ରହଣ କରିଥିଲେ। ଏହି ଶ୍ରମଦାନ କାର୍ଯ୍ୟକ୍ରମରେ ଅଧାପିକା ବୁନି ସାହୁ, ମୋନାଲିସା ସ୍ୱାଇଁ, ମମତାମୟୀ ଗୁରୁ, ପ୍ରାଧାପକ ପ୍ରମୋଦ କୁମାର ତ୍ରିପାଠୀ, ପ୍ରମୋଦ କୁମାର ପାଣିଗ୍ରାହୀ, ଭୁବନେଶ୍ୱର ବରିହା, ନିର୍ମଳ କୁମ୍ଭାର, ଦୟାନିଧି ବଗର୍ତ୍ତୀ, ପ୍ରଶାନ୍ତ ଶିଦାର, ରବୀନ୍ଦ୍ର ନାଏକ ଏବଂ ପ୍ରଦର୍ଶକ ଘନଶ୍ୟାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏନ୍‌ଆଇ ଚର୍ଚ୍ଚରେ ଇଷ୍ଟର ମହୋତ୍ସବ

**ବରଗଡ଼, ୬।୪(ସମିସ):** ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ସ୍ମୃତିରେ ବରଗଡ଼ ସହରର ଗାନ୍ଧୀନଗର ସ୍ଥିତ ସିଏନ୍‌ଆଇ ଚର୍ଚ୍ଚ ପରିସରରେ ପବିତ୍ର 'ଇଷ୍ଟର ସଣ୍ଡେ' ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରିଥିଲେ। ପୂଜ୍ୟ ଆଚାର୍ଯ୍ୟ ନକୁଳ ବାଗ ପ୍ରଭୁ ଯୀଶୁଙ୍କ ମାନବିକତା ଓ ତ୍ୟାଗ ଉପରେ ଆଧାରିତ ପବିତ୍ର ବାଣୀ ପାଠ କରିବା ସହ ସମୂହ ପ୍ରାର୍ଥନା ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ତଥା ସାମ୍ବାଦିକ ସୁବ୍ରତ କୁମାର ବିର୍ତ୍ତିଆ ଯୋଗଦେଇଥିଲେ। ଚର୍ଚ୍ଚ ସମ୍ପାଦକ ଚନ୍ଦ୍ର ଶେଖର ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ମହୋତ୍ସବରେ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ମହିମା ଗାନ କରିଥିଲେ।



# ଶିଶିର ସାହୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ସୋହେଲା, ୬।୪(ସମିସ):** ଡାକ୍ତର ଶିଶିର ସାହୁଙ୍କ ବିୟୋଗରେ ଗର୍ଭଣା ଗ୍ରାମବାସୀଙ୍କ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜଣେ ଦରଦି ଜନପ୍ରିୟ ଡାକ୍ତର ଭାବେ ତାଙ୍କର ଶୂନ୍ୟସ୍ଥାନ ସହଜେ ପୂରଣ ହୋଇପାରିବ ନାହିଁ ବୋଲି ଉପସ୍ଥିତ ଗ୍ରାମବାସୀ ମତ ପ୍ରକାଶ କରିଥିଲେ। ଗିରିଜାଶଙ୍କର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଭାବଗ୍ରାହୀ ସାହୁ, ସୁଦାମ ପଧାନ, ସୁରେଶ ପଧାନ, ପ୍ରହଲ୍ଲାଦ ସାହୁ, ଡବଲ ସାହୁ, ଶ୍ରୀମୁଖ ନାଏକ, ଯଦୁମଣି ସାହୁ, ଯୁଧିଷ୍ଠିର ସାହୁ, ମୁକେଶ ଆଚାର୍ଯ୍ୟ, କୈଳାଶ ସାହୁ, ବସୁ ନାଏକ, ସୁରେଶ୍ୱର ଭୋଇ, ତପୋଧନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନୀତିଶ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ସମର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

# ଡିଏସ୍ ଚ୍ୟାଲେଞ୍ଜର୍ସ ବିଜୟୀ



**ପାଇକମାଳ, ୬।୪(ସମିସ):** ପାଇକମାଳ ବ୍ଲକ ଢୁଢୁକିଝରିଆ ଡିଲ୍‌ଫଲ ଖେଳପଡ଼ିଆରେ ସିଜନ- ୬ ସମର ପ୍ରିମିୟର କ୍ରିକେଟ ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଶିକ୍ଷକ ପତିତପାବନ ସାହୁ ଓ ସମ୍ମାନିତ ଅତିଥି ଭାବେ ଯୋଗେନ୍ଦ୍ର ହଂସ, ଦେବବ୍ରତ ଦାସ ଯୋଗ ଦେଇ ଖେଳ ଉଦଘାଟନ କରିଥିଲେ। ରୟଲ ଚେଲେଞ୍ଜରସକୁ ହରାଇ ଅନବିଟ ଏବୁଲ ଇଲେଭେନ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଡେମନ କିଙ୍ଗସକୁ ହରାଇ ଡିସି ଚାଲେଞ୍ଜରସ ବିଜୟୀ ହୋଇଥିଲା। ଟୁନା ପୃଷ୍ଟି ଓ ତୁଳସୀ ହଂସ ଖେଳ ପରିଚାଳନା କରିଥିଲେ। ମଣ୍ଟୁ ଷଡଙ୍ଗୀ ସ୍କୋରରେ ଥିବା ବେଳେ ଆଶୁତୋଷ ତ୍ରିପାଠୀ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟି ସଭାପତି ଆଶୁତୋଷ ତ୍ରିପାଠୀ, ସମ୍ପାଦକ ସୋମେଶ ମାଝୀ, ଦୁଲପ ମାଝୀ, ରମେଶ ତାଣ୍ଡି, ଅବିନାଶ ତ୍ରିପାଠୀ, ଶିବ ପଟ୍ଟନାୟକ, ସୁଦାମ ଚରଣ ଦାସ ସମେତ କମିଟିର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଅଜଣା ବୃଦ୍ଧଙ୍କ ଶବ ସତ୍କାର କଲା ବରଗଡ଼ର ସଂକଳ୍ପ ପରିବାର

ବରଗଡ଼, ୬।୪(ସମିସ)

ସମାଜସେବା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବରଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସଂକଳ୍ପ ପରିବାର'। ଜଣେ ଅଚିହ୍ନା ବୃଦ୍ଧଙ୍କ ଶବକୁ ପୂର୍ଣ୍ଣ ମର୍ଯ୍ୟାଦାର ସହ ସତ୍କାର କରି ସଂଗଠନ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛି। ଗତ ୩୧.୩.୨୦୨୬ ତାରିଖରେ ସିନ୍ଦୁରବାହାଲ-ଗୋଡଭଗା କେନାଲରୁ ଜଣେ ପ୍ରାୟ ୫୫ରୁ ୬୦ବର୍ଷୀୟ ବୃଦ୍ଧଙ୍କ ଶବ ଭାସମାନ ଅବସ୍ଥାରେ ଅତାବିରା ପୁଲିସ ଦ୍ୱାରା ଉଦ୍ଧାର କରାଯାଇଥିଲା। ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିଚୟ ଖୋଜିବା ପାଇଁ ଦୀର୍ଘ ୯୬ ଘଣ୍ଟା ଅପେକ୍ଷା କରାଯାଇଥିଲେ ସୁଦ୍ଧା କୌଣସି ସମ୍ପର୍କୀୟଙ୍କ ପତ୍ତା ମିଳିନଥିଲା। ଶେଷରେ ଅତାବିରା ପୋଲିସ ପ୍ରଶାସନ ପକ୍ଷରୁ ସଂକଳ୍ପ ପରିବାରକୁ ଶବ ସତ୍କାର କରିବା ପାଇଁ ଅନୁରୋଧ କରାଯାଇଥିଲା। ପ୍ରଶାସନର ଅନୁରୋଧକୁ ରକ୍ଷା କରି ଆଜି ସଂକଳ୍ପ ପରିବାରର ସଦସ୍ୟମାନେ ଗୋଡଭଗା ଫାଣ୍ଡି କନଷ୍ଟେବଲ ସରସ୍ୱତୀ ଡନସନାଙ୍କ ଉପସ୍ଥିତିରେ ଶବସତ୍କାର ସମ୍ପନ୍ନ କରିଛନ୍ତି। ଏହି ପୂଣ୍ୟ କାର୍ଯ୍ୟରେ ସଂଗଠନର ଶେଷଦେବ ପଧାନ, ନିଳେଶ ପ୍ରଧାନ, ଚିନ୍ମୟ ପାଣ୍ଡେ, ତରୁଣ ପଟେଲ ଏବଂ ତପନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ସଂକଳ୍ପ ପରିବାର କୌଣସି ପ୍ରକାର ଶବ ସତ୍କାର ପାଇଁ କାହାଠାରୁ ଅର୍ଥ ଗ୍ରହଣ କରେ ନାହିଁ। କେବଳ ମାନବ ସେବାକୁ ଲକ୍ଷ୍ୟ ରଖି ସଂଗଠନ ବର୍ଷ ବର୍ଷ ଧରି ଏଭଳି ମହତ କାର୍ଯ୍ୟ ଜାରି ରଖିଛି। ସଂକଳ୍ପ ପରିବାରର ଏହି ନିସ୍ୱାର୍ଥପର କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

